
# ବନାନୀ

୨୦୧୭






ବନାନୀର ୧ମ ସଂସ୍କରଣ ମାନ୍ୟବର ଉଚ୍ଚଶିକ୍ଷା ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଦ୍ୱାରା ଧରିତ୍ରୀ ଦିବସ, ୨୦୧୨ରେ ଉନ୍ମୋଚିତ



ଶ୍ରେଷ୍ଠ ବନ ସୁରକ୍ଷା ସମିତି ବାରମାଣିଆର ଅଧ୍ୟକ୍ଷଙ୍କ ସହ ସାକ୍ଷାତକାର

# ବନାନୀ

ଦ୍ୱିତୀୟ ସଂସ୍କରଣ

(ବନ ମହୋତ୍ସବ ସପ୍ତାହ ୨୦୧୩)

ବନବିଭାଗ, ଓଡ଼ିଶା

ଟେଲିଫୋନ 0674 - 2531100 (Off.)
0674 - 2591099 (Res.)
ଫାକ୍ସ 0674 - 2535100 (Off.)
0674 - 2590833 (Res.)
ଇମେଲ : cmo@ori.nic.in
ନଂ.: 298

ଭୁବନେଶ୍ୱର
ତା. 26/06/2013



ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ୬୪ ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବୃକ୍ଷରୋପଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ୧୯୫୦ ମସିହା ଠାରୁ ଜୁଲାଇ ମାସର ପ୍ରଥମ ସପ୍ତାହଟିକୁ ବନମହୋତ୍ସବ ସପ୍ତାହ ଭାବରେ ପାଳନ କରାଯାଉଛି। ଚଳିତ ବର୍ଷ ୬୪ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଁ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି।

ପରିବେଶର ସନ୍ତୁଳନ ରକ୍ଷା କରିବାରେ ବୃକ୍ଷର ଭୂମିକା ସର୍ବଜନବିଦିତ। ବୃକ୍ଷ ଆମକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଇବା ସଙ୍ଗେ ଜୀବିକା ଅର୍ଜନରେ ସାହାଯ୍ୟ କରିଥାଏ। ବିଗତ ଦିନମାନଙ୍କରେ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଦ୍ୱାରା ପ୍ରାକୃତିକ ସନ୍ତୁଳନ ପ୍ରଭାବିତ ହେଉଅଛି। ଏହାର କୁପରିଣାମ ଯୋଗୁଁ ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକ, ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟା ଦେଖାଦେଉଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଅଧିକ ବୃକ୍ଷରୋପଣର ଆବଶ୍ୟକତା ରହିଛି।

ଚଳିତ ବର୍ଷ ରାଜ୍ୟ ସରକାର ବୃକ୍ଷରୋପଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ୭ କୋଟି ୫୦ ଲକ୍ଷ ଚାରା ରୋପଣ ପାଇଁ ଜଙ୍ଗଲ ବିଭାଗ ତରଫରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରୁ ବିଭିନ୍ନ କିସମର ୩ କୋଟି ଚାରା ରାଜ୍ୟର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଭାଇ, ଭଉଣୀମାନଙ୍କୁ ତଥା ବିଭିନ୍ନ ଅନୁଷ୍ଠାନମାନଙ୍କୁ ବିନା ମୂଲ୍ୟରେ ବିତରଣ କରାଯାଉଛି।

ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କରିବା ସହିତ ତାର ସୁରକ୍ଷା କରି ଏକ ସବୁଜ, ସୁନ୍ଦର ଓଡ଼ିଶା ଗଢ଼ିବା ପାଇଁ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ଆହ୍ୱାନ କରୁଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)



ବିଜୟଶ୍ରୀ ରାଉତରାୟ
ମନ୍ତ୍ରୀ
ଜଙ୍ଗଲ, ପରିବେଶ, ଶ୍ରମ ଓ
କର୍ମଚାରୀ ରାଜ୍ୟ ବୀମା

## ୬୪ ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ
## ମାନ୍ୟବର ଜଙ୍ଗଲ, ପରିବେଶ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୬୪ ତମ ବନମହୋତ୍ସବ ପାଳନ ଅବସରରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟା ଏବଂ ତତ୍ ସଂଶ୍ଳିଷ୍ଟ ସାମାଜିକ ଆବଶ୍ୟକତା, ଜଙ୍ଗଲ ସମ୍ପଦ ଉପରେ ଅହେତୁକ ଚାପ ସୃଷ୍ଟି କରିଛି। ଏହାର ଫଳ ସ୍ୱରୂପ ଜଙ୍ଗଲ ସମ୍ପଦର ଅବକ୍ଷୟ ଘଟିଛି, ବାୟୁମଣ୍ଡଳରେ ପ୍ରଦୂଷଣ ବଢ଼ିଛି ଏବଂ ପାରିପାର୍ଶ୍ୱିକ ଭାରସାମ୍ୟ ବ୍ୟାହତ ହୋଇଛି। ଏହା ଆଜି ସମଗ୍ର ବିଶ୍ୱରେ ଆଲୋଡନ ସୃଷ୍ଟି କରିଛି।

ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ବ୍ୟାପକ ବନୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୨୦୦୦ ଚାରା ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି। ରାଜ୍ୟରେ ପଥପାର୍ଶ୍ୱ ବନୀକରଣ, ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ସହରାଞ୍ଚଳ ବୃକ୍ଷରୋପଣ, ଔଷଧୀୟ ବୃକ୍ଷରୋପଣ, ବାଉଁଶ ଚାରା ରୋପଣ, ହେନ୍ତାଳ ବଣ ସୃଷ୍ଟି ଓ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଆଦି ବନୀକରଣ ଯୋଜନା ମାଧ୍ୟମରେ ୪ କୋଟି ୫୦ ଲକ୍ଷ ଚାରା ରୋପଣ କରାଯାଇ ରାଜ୍ୟର ପୁରପଲ୍ଲୀ ଏବଂ ବିଭିନ୍ନ ଅନୁଷ୍ଠାନମାନଙ୍କରେ ତିନିକୋଟି ଚାରା ବିନା ମୂଲ୍ୟରେ ବଣ୍ଟନ କରାଯାଇଛି।

ଏହି ଅବସରରେ ରାଜ୍ୟର ସମସ୍ତ ଭାଇ ଭଉଣୀ, ଛାତ୍ରଛାତ୍ରୀ ଏବଂ ଯୁବ ସମ୍ପ୍ରଦାୟ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରି ବୃକ୍ଷରୋପଣ ଓ ଏହାର ଅଭିବୃଦ୍ଧିରେ ସହାୟତା କରିବା ପାଇଁ ମୁଁ ନିବେଦନ କରୁଅଛି।

ବିଜୟଶ୍ରୀ ରାଉତରାୟ

(ବିଜୟଶ୍ରୀ ରାଉତରାୟ)



ରାଜ କୁମାର ଶର୍ମା
ପ୍ରମୁଖ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ

## ବାର୍ତ୍ତା

ପ୍ରତି ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଏ। ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବରୁ ଧରଣୀକୁ ରକ୍ଷା କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବାର ଆବଶ୍ୟକତା ଅନୁଭୂତ ହେଉଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ଆମ ରାଜ୍ୟରେ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଉଛି। ଜୁଲାଇ ୭ ତାରିଖ ଦିନ ରାଜ୍ୟ ବ୍ୟାପୀ ସମୂହ ବୃକ୍ଷରୋପଣର କାର୍ଯ୍ୟକ୍ରମ ରହିଛି। ଏହି ଦିନ ଓଡ଼ିଶାର ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ୩୫ ଲକ୍ଷ ବୃକ୍ଷ ଚାରା ରୋପଣ ପାଇଁ ପ୍ରତ୍ୟେକ ବନାଞ୍ଚଳରେ ବ୍ୟବସ୍ଥା ହୋଇଅଛି।

ବନ ମହୋତ୍ସବ ଅବସରରେ ରାଜ୍ୟ ବନବିଭାଗ ଦ୍ୱାରା "ବନାନୀ" ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହେଉଛି। ଜଙ୍ଗଲ ସମ୍ପଦର ଚିରନ୍ତନ ଅଭିବୃଦ୍ଧି ଓ ସୁରକ୍ଷା ପାଇଁ ମୁଁ ବନ ବିଭାଗ ସହ ରାଜ୍ୟବାସୀଙ୍କ ସହଯୋଗ କାମନା କରୁଛି।

(ରାଜ କୁମାର ଶର୍ମା)




**ପ୍ରିୟନାଥ ପାଢ଼ୀ**
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ,
ଓଡ଼ିଶା

# ଭୂମିକା

ରାଜ୍ୟ ଅର୍ଥନୀତିରେ ଜଙ୍ଗଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜନସଂଖ୍ୟାର ଆଶାତୀତ ବୃଦ୍ଧି ଯୋଗୁଁ ଜଙ୍ଗଲ ସମ୍ପଦର ଅବକ୍ଷୟ ଘଟିଛି । ଏହାର ଫଳସ୍ୱରୂପ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଜି ସାରା ବିଶ୍ୱରେ ଚିନ୍ତାର କାରଣ ହୋଇଛି । ଏହି ସମସ୍ୟାକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରଙ୍କ ବନବିଭାଗ ଦ୍ୱାରା ବ୍ୟାପକ ବନୀକରଣ ଏବଂ ବିଭିନ୍ନ ଜଙ୍ଗଲ ସଂରକ୍ଷଣ ଭିତ୍ତିକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଜନ ସହଯୋଗ ନିତାନ୍ତ ଆବଶ୍ୟକ । ତେଣୁ ଜନସାଧାରଣଙ୍କର ଅବଗତି ନିମନ୍ତେ ବନ ସଂରକ୍ଷଣ ଓ ଅଭିବୃଦ୍ଧି ସମ୍ବନ୍ଧୀୟ ବିଭିନ୍ନ ଯୋଜନାଗୁଡ଼ିକୁ "ବନାନୀ" କାର୍ଯ୍ୟକ୍ରମ ମାଧ୍ୟମରେ ଆକାଶବାଣୀ, କଟକ ଦ୍ୱାରା ସାରା ଓଡ଼ିଶାରେ ପ୍ରସାରିତ କରାଯାଉଛି ।

୨୦୧୨-୧୩ ବର୍ଷରେ ବନାନୀ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଥିବା ବିଷୟବସ୍ତୁଗୁଡ଼ିକୁ ସଙ୍କଳନ କରି "ବନାନୀ"ର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରାଯାଉଛି । ଏହି ସଙ୍କଳନ ପାଠକମାନଙ୍କ ମନରେ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ଆଗ୍ରହ ସୃଷ୍ଟି କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ପ୍ରିୟନାଥ ପାଢ଼ୀ
(ପ୍ରିୟନାଥ ପାଢ଼ୀ)



## ସପ୍ତମ ବର୍ଷରେ ବନାନୀ ....

ବନ ଓ ବନବାସୀ ଭିତ୍ତିକ ବେତାର କାର୍ଯ୍ୟକ୍ରମ "ବନାନୀ" ଜଙ୍ଗଲ ବିଭାଗ ଦ୍ୱାରା ପ୍ରଯୋଜିତ ହୋଇ ଓଡ଼ିଶାରେ ଆକାଶବାଣୀର ସମସ୍ତ କେନ୍ଦ୍ରରେ ପ୍ରସାରିତ ହୋଇଥାଏ। "ବନାନୀ" ଓଡ଼ିଶାର ପୁରପଲ୍ଲୀରେ ବହୁଳ ଭାବରେ ଆଦୃତ ହୋଇଛି, ଯାହାର ନିଦର୍ଶନ ସ୍ୱରୂପ ପ୍ରତି ସପ୍ତାହରେ ଆମେ ୮୦୦ରୁ ଊର୍ଦ୍ଧ୍ୱ ଶ୍ରୋତା ବନ୍ଧୁମାନଙ୍କର ଚିଠି ଓ ମତାମତ ପତ୍ର ପାଇଥାଉ ଏବଂ ଫୋନ୍ – ଇନ୍ ପ୍ରସାରଣରେ ଓଡ଼ିଶାର ସମସ୍ତ ପ୍ରାନ୍ତରର ଲୋକମାନେ ଫୋନ୍ ମାଧ୍ୟମରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ ଦେଇଥାଆନ୍ତି। ବନବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ଓ କାର୍ଯ୍ୟକ୍ରମକୁ ନାଟକ, ବିତର୍କ, ଆଲୋଚନା, ଦୂରଭାଷ ଦ୍ୱାରା ପ୍ରଶ୍ନ-ଉତ୍ତର ଓ ଉପକୃତ ହେଉଥିବା ବ୍ୟକ୍ତିବିଶେଷଙ୍କର ସାକ୍ଷାତକାରର ରୂପ ଦିଆଯାଏ ଏବଂ ପ୍ରତି ଶନିବାର ସନ୍ଧ୍ୟା ୭.୩୦ ମିନିଟ୍‌ରେ ପ୍ରସାର କରାଯାଇଥାଏ।

ଜଙ୍ଗଲ ବିଭାଗର ସମସ୍ତ କାର୍ଯ୍ୟକାରିତା ଓ ଯୋଜନାର ସୁଫଳକୁ ଖୁବ୍ ସରଳ ଭାବରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ୨୦୦୭ ମସିହାରେ "ବନାନୀ" ପ୍ରସାରଣ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ସପ୍ତମ ବର୍ଷରେ ପଦାର୍ପଣ କରିଅଛି। ୨୦୧୨ -୧୩ ରେ ପ୍ରସାର କରାଯାଇଥିବା ବନାନୀର ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦, ଜାତୀୟ ସବୁଜ ବାହିନୀ, ଚାହିଦା ସଂରକ୍ଷଣ, ଚିଆଖତର ବ୍ୟବହାର, ସମୂହ ବୃକ୍ଷରୋପଣ, ବନ ସୁରକ୍ଷା ସମିତିର କାର୍ଯ୍ୟକାରିତା, ଅଣକାଷ୍ଠ ବନଜାତ ଦ୍ରବ୍ୟର ସର୍ବେକ୍ଷଣ, ଔଷଧୀୟ ବୃକ୍ଷର ସଂରକ୍ଷଣ ଆଦି ଅନ୍ୟତମ। ଏହି ବର୍ଷର ବିଷୟବସ୍ତୁଗୁଡ଼ିକୁ ପ୍ରସାରଣ କ୍ରମ ଅନୁସାରେ ସଜିତ କରି ବନାନୀର ଦ୍ୱିତୀୟ ସଂସ୍କରଣର କଳେବର ପ୍ରସ୍ତୁତ କରାଯାଇଛି। ଏହାଛଡ଼ା ଆମର ପ୍ରିୟ ଶ୍ରୋତାମାନଙ୍କ ଠାରୁ ଚିଠିପତ୍ର ମାଧ୍ୟମରେ ଉପଗତ ହୋଇଥିବା ଲେଖାଗୁଡ଼ିକ ମଧ୍ୟ ଏଥିରେ ସ୍ଥାନିତ ହୋଇଅଛି।

ଯେଉଁମାନଙ୍କ ଉଦ୍ୟମରେ ଆଜି ବନାନୀ କାର୍ଯ୍ୟକ୍ରମ ସୁନ୍ଦର ସାବଲୀଳ ରୂପ ନେଇ ଜନମାନସରେ ଆଦୃତ ହୋଇପାରିଛି ସେମାନେ ହେଲେ ଆକାଶବାଣୀର ନିର୍ଦ୍ଦେଶିକା ଡ଼. ସୁଧା ମିଶ୍ର, ସହକାରୀ ନିର୍ଦ୍ଦେଶକ ଡ଼. ଶାନ୍ତନୁ ରଥ, କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ଦୁର୍ଗା ମାଝି, ବନ ସଂରକ୍ଷକ ଶ୍ରୀ ଅଭିମନ୍ୟୁ ବେହେରା ଏବଂ ସଂଯୋଜିକା ଶ୍ରୀମତୀ ସୁନୀତା ଜୀ। ବନାନୀ କାର୍ଯ୍ୟକ୍ରମର ପ୍ରସାରଣ ଏବଂ ଏହାର ସଙ୍କଳନ ପାଇଁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀଯୁକ୍ତ ପ୍ରିୟନାଥ ପାଢ଼ୀଙ୍କ ଅନବଦ୍ୟ ପ୍ରେରଣା ଓ ଅବଦାନ ଉଲ୍ଲେଖନୀୟ। ଯେଉଁ ବିଶେଷଜ୍ଞମାନଙ୍କ ଅବଦାନରେ ବନାନୀ ପରିପୁଷ୍ଟ ସେମାନେ ମଧ୍ୟ ଧନ୍ୟବାଦର ପାତ୍ର, ସେମାନଙ୍କ ବିନା ବନାନୀ ବାକ୍ଶୂନ୍ୟ। ଜଙ୍ଗଲ ଭିତ୍ତିକ ବିଷୟବସ୍ତୁଗୁଡ଼ିକୁ ନେଇ ନାଟକୀୟ ଚେତନାରେ ଉଦ୍ଭାସିତ କରିଥିବା ଶ୍ରୀ ବନଜ ବିହାରୀ ମହାପାତ୍ରଙ୍କୁ ମଧ୍ୟ ମୋର ହାର୍ଦ୍ଦିକ ଶୁଭେଚ୍ଛା।

ଦେବବ୍ରତ ସ୍ୱାଇଁ

ଡ଼. ଦେବବ୍ରତ ସ୍ୱାଇଁ
ମୁଖ୍ୟ ବନ ସଂରକ୍ଷକ
ଯୋଜନା, କାର୍ଯ୍ୟକ୍ରମ ଓ ବନୀକରଣ

## ବନାନୀ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଧିକାରୀ ଓ ବ୍ୟକ୍ତି ବିଶେଷ

















# ଶ୍ରୋତା ବନ୍ଧୁମାନଙ୍କର ମତାମତ ପତ୍ର

ମୁଁ ବନାନୀ କାର୍ଯ୍ୟକ୍ରମର ଜଣେ ନିୟମିତ ଶ୍ରୋତା । ବାସ୍ତବିକ ଏହି ବନାନୀ କାର୍ଯ୍ୟକ୍ରମ ପ୍ରକୃତିପ୍ରେମୀମାନଙ୍କୁ ଏକ ନୂଆ ଦିଗ ଦେବାରେ ଅପୂର୍ବ ସଫଳତା ହାସଲ କରିଛି । କାରଣ ଆଜିକାଲି ଦୁନିଆରେ ଯେଉଁ ଅବାଧ ଜଙ୍ଗଲ କଟା ଚାଲିଛି ତାହାକୁ ରୋକିବାରେ ଏହି କାର୍ଯ୍ୟକ୍ରମର ଅଶେଷ ଭୂମିକା ରହିଛି । ଏଥିରେ ପ୍ରସାର ହୋଇଥିବା କାର୍ଯ୍ୟକ୍ରମ "ରଥପାଇଁ କାଠ" ବେଶ୍ ଶିକ୍ଷଣୀୟ ହୋଇଥିଲା ।

କବିତା ବାରିକ, ଗଣିପୁର, କଟକ

ମୁଁ ବନାନୀ କାର୍ଯ୍ୟକ୍ରମର ନିୟମିତ ଶ୍ରୋତା ଏବଂ ୨୦୧୨ ମସିହାରେ ବନାନୀର ଜଣେ ଭାଗ୍ୟଶାଳୀ ବିଜେତା । ଆପଣ ପଠାଇଥିବା ୧୦୦୦/- (ଏକ ହଜାର ଟଙ୍କା) ର Cheque କୁ ପେଇଁବା ସିଧିବାରେ ଲାଗଇ ଆନନ୍ଦ ପାଇଲି । ଆପଣ ଯଦି ବନାନୀ ପୁରସ୍କାର ବିଜେତାଙ୍କୁ ସେ ଟଙ୍କାରେ ଭଲ ରେଡ଼ିଓ ପଠାନ୍ତେ ତେବେ ଅଧିକରୁ ଅଧିକ ଶ୍ରୋତା ସୃଷ୍ଟି ହୋଇପାରନ୍ତେ । ମୋ କଥାକୁ ବିଚାରକୁ ନେବେ ବୋଲି ଆଶା ।

ଦୀପାଳୀ ସିଂ, ଆମର୍ଦ୍ଦା, ମୟୂରଭଞ୍ଜ

ମୁଁ ବନାନୀର ଜଣେ ନିୟମିତ ଶ୍ରୋତା । ଆପଣଙ୍କ ପଠାଇଥିବା ବନାନୀ ପ୍ରଥମ ସଂସ୍କରଣ ୨୦୧୨ ହସ୍ତଗତ ହେଲା । ବହିଟି ପାଇ ବହୁତ ଆନନ୍ଦ ଅନୁଭବ କଲି । ବନାନୀରେ ଆପଣ ଯେଉଁ ଫଟୋମାନ ଛାପିଛନ୍ତି ତାହା ତଳେ ବ୍ୟକ୍ତିମାନଙ୍କ ନାଁ ଥିଲେ ଆମେ ସେହି ବ୍ୟକ୍ତିଙ୍କୁ ଚିହ୍ନି ପାରିଥାନ୍ତୁ । ଆପଣଙ୍କ ଏହି ମହାନ ଯୋଜନା ଓ ପ୍ରକାଶନ ଦ୍ୱାରା ଜନ ସାଧାରଣ ସୁଫଳ ନିଶ୍ଚୟ ପାଇବେ ।

ଶେଖ୍ ଆଫଜଲ ହୁସେନ୍, ଭାଲ ବଡ଼ାରି, ବାରିପଦା

୧୬.୩.୨୦୧୩ ଅଧ୍ୟାୟରେ ପ୍ରସାରିତ ନାଟକ "ଆସ ନିଆଁ ଲିଭାଇବା" ବହୁତ ହୃଦୟସ୍ପର୍ଶୀ ହୋଇଥିଲା । ଜଙ୍ଗଲକୁ କିପରି ନିଆଁ ହାତରୁ ରକ୍ଷା କରିବା ଆପଣ ସଂକ୍ଷିପ୍ତରେ ବୁଝାଇ ପାରିଥିଲେ, ତେଣୁ ଧନ୍ୟବାଦ । ବର୍ତ୍ତମାନ ତ ଜଙ୍ଗଲରେ ନିଆଁ ଲାଗିଲାଣି ତେଣୁ କାର୍ଯ୍ୟକ୍ରମଟି ଠିକ୍ ସମୟରେ ପ୍ରସାରିତ ହୋଇଛି ।

ରୁଦ୍ରାମଣି ସିଂ, କୁହୁଲା, ବଲାଙ୍ଗୀର

ସାଦର ନମସ୍କାର ତଥା ସବୁଜ ସ୍ୱାଗତ । ଆକାଶବାଣୀ ଓ ବନବିଭାଗର କର୍ମଚାରୀ ତଥା ସମସ୍ତ ଶ୍ରୋତାବନ୍ଧୁମାନଙ୍କୁ ମୋର ଶୁଭେଚ୍ଛା ଓ ହୋଲି ପାଇଁ ଶୁଭ ଅଭିନନ୍ଦନ । ରାଜ୍ୟବନବିଭାଗ ସୌଜନ୍ୟରୁ ପ୍ରାୟୋଜିତ ସାପ୍ତାହିକ ରେଡ଼ିଓ କାର୍ଯ୍ୟକ୍ରମ "ବନାନୀ"ର ମୁଁ ଏକ ନିୟମିତ ଶ୍ରୋତା ଓ ପତ୍ରଦାତା । ଉକ୍ତ କାର୍ଯ୍ୟକ୍ରମଟି ଖୁବ୍ ମନଛୁଆଁ ଓ ସଂସ୍କାରମୂଳକ ହୋଇପାରିଛି ।

ଅଶୋକ କୁମାର ଭକ୍ତ, ଦେକୁଡ଼ା, ଯାଜପୁର

ଗତ ୨୩.୩.୨୦୧୩ ଶନିବାର ସନ୍ଧ୍ୟା ୭:୩୦ ମିନିଟ୍‌ରେ ପ୍ରସାରିତ କାର୍ଯ୍ୟକ୍ରମ "ଓଡ଼ିଶାର ଜୈବ ବିବିଧତା ଓ ପର୍ଯ୍ୟଟନ" ଖୁବ୍ ଶିକ୍ଷଣୀୟ ହୋଇପାରିଥିଲା ଏବଂ ଜୈବ ବିବିଧତା ବିଷୟରେ ଆମେ ଅନେକ କିଛି ଜାଣିବାକୁ ପାଇଲୁ ।

ମଧୁମୟ ବିଶ୍ୱାଳ, ପୁରୁଣାକଟକ, ବଉଦ

ବନାନୀର ମୁଁ ଜଣେ ନିୟମିତ ଶ୍ରୋତା । ମତେ ଏହି କାର୍ଯ୍ୟକ୍ରମ ବହୁତ ଭଲ ଲାଗେ । ତେଣୁ ବନାନୀ ପାଇଁ ମୋର ଏଇ ଛୋଟ କବିତା ।

(୧)

ଜାଗରେ ଜାଗରେ ଜାଗରେ ଜାଗ
ମୋ ଓଡ଼ିଶା ମାଟିର ପୁଅ ଝିଅ
ଦେଖୁପାରୁଛ ତ ବିକଳରେ ଝୁରେ
ପ୍ରକୃତି ରାଣୀର ଆଖି ଲୁହ ।

(୨)

ଅଦିନରେ ଆସେ ଅଦିନିଆ ଝଡ
ଦୁର୍ବିପାକ ପୁଣି ଅଂଶୁଘାତ
VSS ଗଢ଼ିବା, ଗଛ ଲଗେଇବା
ସଜାଡ଼ି ଦେବା ଆମ ଭବିଷ୍ୟତ ।

(୩)

ଲୋପ ପାଇବନି ବେଣ୍ଟୁଲୀର ଗୀତ
ହଜିବନି ମେଘ ମହ୍ଲାର
ପ୍ରକୃତିର କୋଳେ ମୟୂରର ନାଚ
ସାଜିବ ସବୁଜ ସୁନ୍ଦର ।

ଭରଦ୍ୱାଜ ବିଶ୍ୱାଳ, ଅର୍ଣ୍ଣଳାଶାହୀ, କଳାହାଣ୍ଡି

## ବନାନୀ ସଙ୍ଗୀତ

ବନାନୀ ବନାନୀ ବନାନୀ
ବନ ଓ ବନବାସୀର ଜୀବନ ରାଗିଣୀ,
ସବୁଜ ସଂପଦର ଅନନ୍ୟ କାହାଣୀ,
ବନାନୀ ବନାନୀ ବନାନୀ ।

ଜଙ୍ଗଲ ଜାତ ପଦାର୍ଥ,
ସବୁଜିମା ପରିବେଶ
କରେ ଜୀବନକୁ ସୁନ୍ଦର ସରଶ,
ଫୁଟାଏ ମୁହଁରେ ହସ
ସେଇ ଜଙ୍ଗଲର ରକ୍ଷା
ହେଉ ଜୀବନର ଦୀକ୍ଷା
ପେଟ ପାଟଣାର ମିଳୁ ନୂଆ ରାହା
ବନାନୀର ଏ ସନ୍ଦେଶ
ବନାନୀ....ବନାନୀ.....ବନାନୀ......।
ଜଙ୍ଗଲ ବିନା ରହି ନପାରେ ଧରଣୀ,
ବନାନୀ....ବନାନୀ.....ବନାନୀ......।

## ବନାନୀର କର୍ମକର୍ତ୍ତା

**ବନ ବିଭାଗ:**
ଡ. ଦେବବ୍ରତ ସ୍ୱାଇଁ
ଶ୍ରୀଯୁକ୍ତ ଅଭିମନ୍ୟୁ ବେହେରା
ଶ୍ରୀମତୀ ସୁନୀତା ଜୀ, ସଂଯୋଜିକା

**ଆକାଶବାଣୀ କଟକ:**
ଡ. ଶାନ୍ତନୁ ରଥ
ଶ୍ରୀ ଦୁର୍ଗା ମାଝୀ

ପ୍ରଚ୍ଛଦପଟ ଡିଜାଇନ୍ - ପ୍ରଭଞ୍ଜନ
ଫଟୋଗ୍ରାଫି - ସୁନୀତା ଜୀ

# ସୂଚୀପତ୍ର


| | | |
|---|---|---|
| ୧. ଅକ୍ଷୟ ଶକ୍ତି | ଅଶ୍ୱିନୀ କୁମାର କର | ୧୩ |
| ୨. ଧରିତ୍ରୀ ଦିବସ କାଲି ଓ ଆଜି | ସୁନୀତା ଝା | ୧୫ |
| ୩. ଅଣକାଷ୍ଠ ବନଜାତ ଦ୍ରବ୍ୟର ସର୍ବେକ୍ଷଣ | ମିହିର ଜେନା | ୧୭ |
| ୪. ଜଗନ୍ନାଥ ବନ ପ୍ରକଳ୍ପ ଏବଂ ରଥ ପାଇଁ କାଠ | ମହାଦେବ ବଡ଼ାଇକ୍ | ୧୯ |
| ୫. ନନ୍ଦନକାନନର ଆଧୁନିକୀକରଣ | ଚିତ୍ତରଞ୍ଜନ ମିଶ୍ର, କମଳଲୋଚନ ପୁରୋହିତ | ୨୦ |
| ୬. ଜଙ୍ଗଲ ସଂରକ୍ଷଣ ଆଇନ୍, ୧୯୮୦ | ଶରତ ଚନ୍ଦ୍ର ପାତ୍ର, ପାଣ୍ଡବ ବେହେରା | ୨୨ |
| ୭. ଏକ ଦିବସୀୟ ସମୂହ ବୃକ୍ଷରୋପଣ | ଅଭିମନ୍ୟୁ ବେହେରା | ୨୪ |
| ୮. ବନ ସୁରକ୍ଷା ସମିତି ଦ୍ୱାରା ବନୀକରଣ କାର୍ଯ୍ୟକ୍ରମ | ସୁଜାତା ରାଣୀ ସାହୁ | ୨୭ |
| ୯. ବନ୍ୟପ୍ରାଣୀ ସପ୍ତାହ ପାଳନ | ଦିଲିପ୍ କୁମାର ସ୍ୱାଇଁ, ବିମଳ ପ୍ରସନ୍ନ ଆଚାର୍ଯ୍ୟ | ୩୧ |
| ୧୦. କିଆଖଡ଼ର ବ୍ୟବହାର | ଲକ୍ଷ୍ମୀକାନ୍ତ ଦାଶ | ୩୩ |
| ୧୧. ଔଷଧୀୟ ଉଦ୍ଭିଦର ସଂରକ୍ଷଣ | ବିଜୟ କୁମାର ସ୍ୱାଇଁ | ୩୬ |
| ୧୨. ବନ ସୁରକ୍ଷା ସମିତିର କାର୍ଯ୍ୟକାରିତା | ହର୍ଷବର୍ଦ୍ଧନ ଉଦ୍‌ଗାତା | ୪୧ |
| ୧୩. ଓଡ଼ିଶାରେ ପରିବେଶ ପର୍ଯ୍ୟଟନ କାହିଁକି ଓ କିପରି | ମନୋଜ ମହାପାତ୍ର | ୪୪ |
| ୧୪. ଜଙ୍ଗଲ ହ୍ରାସ ଓ ଉତ୍ତପ୍ତ ପୃଥିବୀ | ଡ଼.ଦେବବ୍ରତ ସ୍ୱାଇଁ | ୪୬ |
| ୧୫. ଜାତୀୟ ସବୁଜ ବାହିନୀ | ଡ଼.ଶୈଳବାଳା ପାଢ଼ୀ | ୪୮ |
| ୧୬. ଜାହିରା ସଂରକ୍ଷଣ | କେଦାର କୁମାର ସ୍ୱାଇଁ | ୪୯ |
| ୧୭. ଗୋଟିଏ ହାତୀର ଅପମୃତ୍ୟୁ ସମ୍ପର୍କରେ | ଡ଼.ଶାନ୍ତନୁ କୁମାର ରଥ | ୫୧ |
| ୧୮. ବୃକ୍ଷ ରୋପଣ କାର୍ଯ୍ୟକ୍ରମ | ଅନ୍ତର୍ଯ୍ୟାମୀ ସାହୁ | ୫୪ |
| ୧୯. ସ୍ୱଚ୍ଛ ପରିବେଶ | ଗିରୀଶ ଚନ୍ଦ୍ର ତ୍ରିପାଠୀ | ୫୫ |
| ୨୦. ଜଙ୍ଗଲ, ବନ୍ୟଜନ୍ତୁ ଓ ପରିବେଶ ସୁରକ୍ଷା | ସ୍ୱରାଜ କୁମାର କହଁର | ୫୬ |


ବନାନୀରେ ପ୍ରସାରିତ ନାଟକ (ନାଟ୍ୟକାର କନକ ବିହାରୀ ମହାପାତ୍ର)


| | |
|---|---|
| ୧. ଧରିତ୍ରୀ ଦିବସ | ୫୭ |
| ୨. ଆସ ଗଛ ଲଗାଇବା | ୬୧ |
| ୩. ଗଛରୁ ଔଷଧ | ୬୭ |
| ୪. ଅଣକାଷ୍ଠ ବନଜାତ ଦ୍ରବ୍ୟ | ୭୪ |
| ୫. ପରିବେଶ ପ୍ରଦୂଷଣ | ୮୦ |
| ୬. ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେଇ ଆମେ ହେବା ସୁରକ୍ଷିତ | ୮୬ |
| ୭. ବାଉଁଶ | ୯୨ |
| ୮. ଜୀବନ ଜୀବିକାରେ କେନ୍ଦୁପତ୍ର | ୯୯ |
| ୯. ଆସ ନିଆଁ ଲିଭାଇବା | ୧୦୬ |

# ବନାନୀ ପ୍ରତିଯୋଗିତାର ଭାଗ୍ୟଶାଳୀ ବିଜେତାମାନେ

ଜାନୁଆରୀ ୨୦୧୨ :
୧. ଦୀନବନ୍ଧୁ ସ୍ୱାଇଁ, ରଘୁନାଥପୁର, ଜଗତସିଂହପୁର
୨. ପୂର୍ଣ୍ଣଚନ୍ଦ୍ର ସାହୁ, ମହାରଣା, ବାଲେଶ୍ୱର
୩. ଦେବପ୍ରକାଶ ସାହୁ, ଖଣ୍ଡେଇବେଲା, ବରଗଡ଼
୪. ଭଗବତି ସାହୁ, ରାଉଳପଡ଼ା, ଯାଜପୁର
୫. ଅନନ୍ତ ସାମନ୍ତରାୟ, ମହିଶା, କେନ୍ଦ୍ରାପଡ଼ା
୬. ଦୟାନିଧି ଗୋପାଳ, ଲକ୍ଷ୍ମୀପୁର, କଳାହାଣ୍ଡି
୭. ସୁଶାନ୍ତ କୁମାର ବେହେରା, ବଡ଼କୁଦ୍ରୀ, ମୟୂରଭଞ୍ଜ
୮. କୋଶଲ୍ୟାମଣି ଦାସ, ବଡ଼ବିଲ, ଢେଙ୍କାନାଳ
୯. ବିକ୍ରମ କେଶରୀ ମୁଦୁଲି, ଦାଲଜୋଡ଼ି, କୋରାପୁଟ
୧୦. ସ୍ୱର୍ଣ୍ଣଲତା ପଣ୍ଡା, ବ୍ରହ୍ମଣପଡ଼ା, ଗଞ୍ଜାମ
୧୧. ମୁରଲୀଧର ସିଂହ, କୁର୍ଲୁଙ୍ଗା, ବଲାଙ୍ଗୀର
୧୨. କୁନୁ ପଟ୍ଟନାୟକ, ପଣିପୁରା, କେନ୍ଦୁଝର

ଫେବୃଆରୀ ୨୦୧୨ :
୧. ଅମିତ କୁମାର ସାହୁ, ମଞ୍ଜାସିଙ୍ଗ, କଳାହାଣ୍ଡି
୨. ଲକ୍ଷ୍ମୀ ପାତ୍ର, ବଉଳଡିହି, କେନ୍ଦୁଝର
୩. ଏସ୍.କେ.ନାସିର ହୁସେନ, ଲାଲ ବଜାର, ବାରିପଦା
୪. ଦେବରାଜ ହରିଜନ, ଭାଲିଗାଁ, କୋରାପୁଟ
୫. ଗୋପାପ୍ରିୟା ସାହୁ, ଚନ୍ଦନାପୁର, ଯାଜପୁର
୬. ଭିକାରେଶ୍ୱର ସ୍ୱାଇଁ, ଢେଙ୍କା, ସୁବର୍ଣ୍ଣପୁର
୭. ସୁକାନ୍ତି ମହାନ୍ତି, ଚକଳିତପଡ଼ା, ଭଦ୍ରକ
୮. ରମେଶ ଚନ୍ଦ୍ର ପାଣିଗ୍ରାହୀ, ଜଳଙ୍ଗା, ବାଲେଶ୍ୱର
୯. ପ୍ରେମାନନ୍ଦ ଖୁଣ୍ଟିଆ, ଅମ୍ବପଡ଼ା, କଟକ
୧୦. ଲୁଗୁଦିତ ଦାସ, ଅନୁଗୁଳ
୧୧. ପ୍ରଶାନ୍ତି ମଞ୍ଜରୀ ବେହେରା, ଗୋପାଳପୁର, କଟକ
୧୨. ମନୋଜ କୁମାର ମହାନ୍ତି, ବେଲପୁର, ପୁରୀ

ମାର୍ଚ୍ଚ ୨୦୧୨ :
୧. ସୁଜାତା ମିଶ୍ର, ଭଣ୍ଡାରଖୋଳ, ଦେବଗଡ଼
୨. ଶେଷଦେବ ବେହେରା, ଶୌରାଙ୍ଗପାଟଣା, ଗଞ୍ଜାମ
୩. ଭରତ ଧରୁଆ, ପେଡ଼ାପାଡ଼ା, ବଲାଙ୍ଗୀର
୪. ବିଶ୍ୱନାଥ ମହାପାତ୍ର, ଚନ୍ଦନପୁର, ପୁରୀ
୫. ଗଣେଶ୍ୱର ମହାନ୍ତ, ତ୍ରିମିଲିଗୁଣ୍ଡା, କେନ୍ଦୁଝର
୬. ଅସ୍ମିତା ସିନ୍ହା, ପଞ୍ଚୁଆ, ଯାଜପୁର
୭. ନିତ୍ୟାନନ୍ଦ ନାୟକ, କାଲଞ୍ଜ, ଢେଙ୍କାନାଳ
୮. ରାଜେଶ କୁମାର ଦାସ, ପୁରାବାଣି, କେନ୍ଦୁଝର
୯. ଅନୀତା ଦାସ, ହାତବାଳପୁର, କେନ୍ଦ୍ରାପଡ଼ା
୧୦. ଟି. କୃଷ୍ଣବେଣୀ, ଦେଉଳି, ନୂଆଗଡ଼
୧୧. ଦୀପକ କୁମାର ଗିରି, ପାଳବାଲସିଂହ, ବାଲେଶ୍ୱର
୧୨. ମାଳି ମରାଣ୍ଡି, କାଶିପଡ଼ିଆ, ମୟୂରଭଞ୍ଜ
୧୩. ଦମୟନ୍ତୀ ସାହୁ, କୁସୁମପଦର, କଳାହାଣ୍ଡି
୧୪. ତ୍ରିଲୋଚନ ମହାନ୍ତି, କୁସୁପୁରିଆ, କଟକ
୧୫. ଧରଣୀ ମେହେର, ଭିକାମପୁର, ସମ୍ବଲପୁର

ଏପ୍ରିଲ ୨୦୧୨ :
୧. ବିରଞ୍ଚି ନାରାୟଣ ସାହୁ, ବୋଲକଣା, ପୁରୀ
୨. ଦେବୀ ପ୍ରସନ୍ନ ସାମଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
୩. ଲାବଣ୍ୟଲତା ମୁଦୁଲି, ରେମୁଣା, ବାଲେଶ୍ୱର
୪. ବିଭୁରଞ୍ଜନ ରାଉତ, ମହୁପୁର, କଟକ
୫. ଦୀପ୍ତିମୟୀ ସାହୁ, ଉଦୟପୁର, ଢେଙ୍କାନାଳ
୬. ମହେନ୍ଦ୍ରଚନ୍ଦ୍ର ସାହୁ, ଏରଣ୍ଡ, କଟକ
୭. ଶଶିକାନ୍ତ ବେହେରା, ପୋଡ଼ାଗଡ଼ା, ମୟୂରଭଞ୍ଜ
୮. ଲକ୍ଷ୍ମୀନାଥ ନାୟକ, ସାଲେଭାଟା, କଳାହାଣ୍ଡି
୯. ସୌମ୍ୟା ସୁପ୍ରତିଜ୍ଞା ମହାନ୍ତି, ଭୁବନେଶ୍ୱର
୧୦. ସିଦ୍ଧେଶ୍ୱର ଭୋଇ, ଢେଙ୍କା, ସୁବର୍ଣ୍ଣପୁର
୧୧. ମଞ୍ଜୁଲତା ସ୍ୱାଇଁ, ନାମପୁର, ଯାଜପୁର
୧୨. ସରୋଜ କୁମାର ରାଉତରାୟ, ବସଲାଇ, ଦେବଗଡ଼

ମେ ୨୦୧୨ :
୧. ପ୍ରଦୀପ କୁମାର ପାତ୍ର, ବରଗଡ଼
୨. ଲକ୍ଷ୍ମୀଚନ୍ଦ୍ର ମଲ୍ଲିକ, ଅନ୍ଧୁଆ, କେନ୍ଦୁଝର
୩. ଲୋକନାଥ ବେହେରା, ଚଣ୍ଡିଆ, ମୟୂରଭଞ୍ଜ
୪. ଜାନକୀ ମହାନ୍ତି, ମିରିପୁର, କଟକ
୫. ପ୍ରଶାନ୍ତ କୁମାର ନାୟକ, କେନ୍ଦ୍ରାପଡ଼ା
୬. ସୁଚିତ୍ରା ସାହୁ, ଚମ୍ପାପଦା, କେନ୍ଦୁଝର
୭. ଅନିତା ସାହୁ, ବଡ଼ବାମପୁର
୮. ନିରଞ୍ଜନ ନାୟକ, ଅଶେଶ୍ୱରପୁର, କଟକ
୯. ବୈକୁଣ୍ଠନାଥ ତ୍ରିପାଠୀ, ଦେଉଳି, ନୂଆଗଡ଼
୧୦. ଶିବ ଥାପା, ତୁଷ୍ଟାଗାମ, ବଲାଙ୍ଗୀର
୧୧. କୃଷ୍ଣ ଚନ୍ଦ୍ର ଦାସ, ଶଙ୍କରପୁର, କଟକ
୧୨. ପ୍ରକାଶ ରାଉତ, ନଇପଡ଼ା, କଟକ

ଜୁନ୍ ୨୦୧୨ :
୧. ଶକୁନ୍ତଳା ବେହେରା, ନୁଆପଡ଼ା, ପୁରୀ
୨. ମୃତ୍ୟୁଞ୍ଜୟ ମହାନ୍ତି, ଚକଳିତପଡ଼ା, ଭଦ୍ରକ
୩. ସୁରେଶ କୁମାର ପାତ୍ର, ଅଭିମାନ ସାହି, ମହୀଶାସନ
୪. ଲକ୍ଷ୍ମୀଧର ନାୟକ, ମାନଦାର, ଯାଜପୁର
୫. ଓମ୍ ପ୍ରକାଶ ସାହୁ, କେଶପାଲି, ସମ୍ବଲପୁର
୬. ଅନୁପୂର୍ଣ୍ଣା ସାହୁ, ଭରଡ଼ା, ସୁନ୍ଦରଗଡ଼
୭. ଶିବାଶିଷ କୁମାର ସିଂ, ଦେଓଗାଁ, ମୟୂରଭଞ୍ଜ
୮. ସର୍ବାଣୀରାଣୀ ମିଶ୍ର, ଟୋଲା, ବରଗଡ଼
୯. ନଟବର ମହାନ୍ତ, ଶଙ୍କରାଳୀ, ଢେଙ୍କାନାଳ
୧୦. କୁମୁଦିନୀ ମିଶ୍ର, ଅଧଣ୍ଡାଲ, ଢେଙ୍କାନାଳ
୧୧. ବିହାରୀ ରଞ୍ଜନ ନାୟକ, ପଟାପୁର, କଟକ
୧୨. ବନ୍ଦନା ରାଣୀ ମିଶ୍ର, ପଞ୍ଚୁଅରେଡ଼ା, ଦେବଗଡ଼
୧୩. କୋକିଳାରାଣୀ ମୁଦୁଲି, ଏରିଆ, ଜଗତସିଂହପୁର
୧୪. ଦେବଦାସ ପ୍ରଧାନ, ବିରଞ୍ଚି, ନବରଙ୍ଗପୁର
୧୫. ଚନ୍ଦ୍ରମଣି ମରାଣ୍ଡି, ଲୁଲୁଙ୍ଗା, ମୟୂରଭଞ୍ଜ

ଜୁଲାଇ ୨୦୧୨ :
୧. ଶିବାଶିଷ ଚନ୍ଦ୍ର ତ୍ରିପାଠୀ, ଲଦଂଗିର, ଝାରସୁଗୁଡ଼ା
୨. ନିବେଦିତା ପ୍ରଧାନ, କାଳିଆପାଟଣା, ଜଗତସିଂହପୁର
୩. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବାଲିକାପୁର, ଖୋର୍ଦ୍ଧା
୪. ବିନୟବାଳା ଜାମ୍ବୁଟେଲା, କୁଦୁକାଞ୍ଚ, କଟକ
୫. ଶକ୍ତିଲତା ପତି, ପଟକୋଟ, କେନ୍ଦ୍ରାପଡ଼ା
୬. ମନୋଜ ରାଣା, ହୁମା, ସୁବର୍ଣ୍ଣପୁର
୭. ରାମଚନ୍ଦ୍ର ନାୟକ, ଗୋରାଡ଼ିହି, ମୟୂରଭଞ୍ଜ
୮. ଜାହ୍ନବୀ ପ୍ରସାଦ ବରିହା, ମୁନିଗଡ଼ା, ସମ୍ବଲପୁର
୯. ପୂର୍ଣ୍ଣଚନ୍ଦ୍ର ବେହେରା, ଲକ୍ଷ୍ମୀସାହି, କଟକ

ଅଗଷ୍ଟ ୨୦୧୨ :
୧. ଶରତ କୁମାର ସାହୁ, ଲୁହାବକ, କେନ୍ଦ୍ରାପଡ଼ା
୨. ଅନୁପୂର୍ଣ୍ଣା ପଟ୍ଟନାୟକ, ରଘିପୁରା, କେନ୍ଦୁଝର
୩. ଗୌରାଙ୍ଗ ଘୋଷ, ଗୋଲାବାଲଶଙ୍କର, ଖୋର୍ଦ୍ଧା
୪. ତାରକେଶ ସିଂହ, କୁର୍ଲୁଙ୍ଗା, ବଲାଙ୍ଗୀର
୫. ମାନସୀ ଜେନା, ଦେଉଳା, ଭଦ୍ରକ
୬. ଦିବାକର ମହାରଣା, ବଣିଆ, ଅନୁଗୁଳ

ସେପ୍ଟେମ୍ବର ୨୦୧୨ :
୧. ଇନ୍ଦିରା ମଲ୍ଲିକ, ଗଣ୍ଡିପୁର, କଟକ
୨. ଦେବକିଶୋର ଉଦ୍ଗାତା, ଅଙ୍ଗନାବେଳା, କଳାହାଣ୍ଡି
୩. ବିନୁ ମହାନନ୍ଦ, ବଡ଼ମାଲ, ବରଗଡ଼
୪. ବିଷ୍ଣୁପ୍ରିୟା ବେହେରା, ପାଣିଗ୍ରାମ, ଖୋର୍ଦ୍ଧା
୫. ସରୋଜ କୁମାର ମିଶ୍ର, ବସୁନ୍ଧରା ନଗର, ସମ୍ବଲପୁର
୬. ଅନୁଶ୍ରୀ ପ୍ରାଚୀତା ନାୟକ, ଗୋପବନ୍ଧୁପୁର, କଟକ
୭. ରାଜା ରାମମୋହନ ଜାଗୁଲିଆ, କୁଳକୁଣ୍ଡା, କଟକ
୮. ସୁଜିତ କୁମାର ସାହୁ, ରାଉଳପଡ଼ା, ଯାଜପୁର
୯. ମୋତିଲାଲ ମାଝି, ଖରଗାଁ, ନୂଆପଡ଼ା
୧୦. କେଶବ ଚନ୍ଦ୍ର ସାହୁ, ଧରପୁର, କଟକ
୧୧. ଦୟାନିଧି ବାରିକ, ଦେବେନଗୁଡ଼ା, କଳାହାଣ୍ଡି
୧୨. କୁମାରୀ ଜାନକୀ, କେନ୍ଦ୍ରାଗାଁ, ଗଞ୍ଜାମ
୧୩. ଇନ୍ଦିରା ମଲ୍ଲିକ, ଅନୁସ୍ତି, କଟକ
୧୪. ସଞ୍ଜୀବ କୁମାର ସ୍ୱାଇଁ, ଦେଓଗା, କେନ୍ଦୁଝର
୧୫. ପ୍ରଶାନ୍ତ କୁମାର ସାହୁ, ରେଙ୍ଗାଲି, ଦେବଗଡ଼

ଅକ୍ଟୋବର ୨୦୧୨ :
୧. ଲିଙ୍ଗରାଜ କୁମାର ବେହେରା, ନରସିଂହପ୍ରସାଦପୁର, କଟକ
୨. ଅନୁସୂୟା ବିଶ୍ୱାଳ, ଉଦୟଗିରି, କଟକ
୩. ମନୋରଞ୍ଜନ ବେହୁରା, ରାଉତପୁର, ଢେଙ୍କାନାଳ
୪. ସୌମ୍ୟଶ୍ରୀ ମହାରଣା, ଜଂସାଲିପାଟଣା, କେନ୍ଦ୍ରାପଡ଼ା
୫. ପ୍ରକାଶ ଭୋଇ, ପାଟଳ ବଗଡ଼, ନବରଙ୍ଗପୁର
୬. ରାଜକିଶୋର ଜେନା, ପାଲୁଣିଆ, ବାଲେଶ୍ୱର
୭. ପ୍ରତାପ କୁମାର ନାୟକ, ଜାଟଗଡ଼, ବଲାଙ୍ଗୀର
୮. ଶ୍ରୀକାନ୍ତ କୁମାର ସାହୁ, ଟିଏ ଏ.ଜି. କଲୋନୀ, ଭୁବନେଶ୍ୱର
୯. କୁମୁଦ ମଞ୍ଜରୀ ତ୍ରିପାଠୀ, ମହିଶା, କେନ୍ଦ୍ରାପଡ଼ା
୧୦. ଦାଶରଥି ମହାପାତ୍ର, ପିପିଲିଆ, କେନ୍ଦୁଝର
୧୧. ଶିଶିର ଚନ୍ଦ୍ର ମାଝି, ଉଦୟ, ବରଗଡ଼
୧୨. ଅବନୀକାନ୍ତ ବେହେରା, ଖାଲଡ଼ିହି, ଦେବଗଡ଼

ନଭେମ୍ବର ୨୦୧୨ :
୧. କାର୍ତ୍ତିକ ନାଗ, ପାଟଣାଗଡ଼, ବୌଦ୍ଧ
୨. ଉପେନ୍ଦ୍ର କୁମାର ମଲ୍ଲିକ, ରାମକୃଷ୍ଣପୁର, କଟକ
୩. ଅର୍ଚ୍ଚନା ହରିଜନ, ନଟ ଗିରାଡ଼ି, ମୟୂରଭଞ୍ଜ
୪. ଯୋଗାନନ୍ଦ ତ୍ରିପାଠୀ, ଦାଣ୍ଡମୁକୁନ୍ଦପୁର, ପୁରୀ
୫. ଭରତ ବିଶ୍ୱାଳ, ଏଲେକୋଡ଼ା, ବଲାଙ୍ଗୀର
୬. ରଶ୍ମିଲତା ସାହୁ, ଧର୍ମଦାସପୁର, କଟକ
୭. ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଗୋପାଳପୁର, ମୟୂରଭଞ୍ଜ
୮. ବିଶ୍ୱନାଥ ବେହେରା, ବଳଦେବପୁର, କେନ୍ଦ୍ରାପଡ଼ା
୯. ମନସାର ମାଝି, ବଡ଼ଭାଟି, ନୂଆପଡ଼ା
୧୦. କୃଷ୍ଣାରାମ ସିଂ, ଜାମଡିହ, ମୟୂରଭଞ୍ଜ
୧୧. ଦୀପକ କୁମାର ରାଣା, କଇଁଆ, ବଲାଙ୍ଗୀର
୧୨. ଗୌରକିଶୋର ପ୍ରଷ୍ଟି, ରାଜସୁନାଖଳା, କଟକ

ଡିସେମ୍ବର ୨୦୧୨ :
୧. ଗୀତାରାଣୀ ଦାସଗୁପ୍ତା, ଦର୍ଗା, କଟକ
୨. ବୃନ୍ଦାବନ ରାଉତ, ମହୁଆସାହି, ବାଲେଶ୍ୱର
୩. ସୁବାସିନୀ ଖେଟି, ମହଦା, ବରଗଡ଼

# ଅକ୍ଷୟ ଶକ୍ତି

ଅଶ୍ୱିନୀ କୁମାର କର

ପ୍ର: ନବୀକରଣ ଶକ୍ତି ବା ଅକ୍ଷୟ ଶକ୍ତି କହିଲେ କଣ ବୁଝାଯାଏ ?

ଉ: ସୂର୍ଯ୍ୟାଲୋକ, ପବନ, ବର୍ଷା, ଜୁଆର ଓ ମାଟିତଳର ଉତ୍ତାପ ପରି ଅକ୍ଷୟ ପ୍ରାକୃତିକ ଭଣ୍ଡାରରୁ ମିଳୁଥିବା ଶକ୍ତିକୁ ନବୀକରଣ ବା ଅକ୍ଷୟ ଶକ୍ତି ବୋଲି କୁହାଯାଇଥାଏ। ଅକ୍ଷୟ ଏଥିପାଇଁ କୁହାଯାଏ ଯେ ଏହିସବୁ ପ୍ରାକୃତିକ କ୍ରିୟାର ଅନ୍ତ ନ ଥାଏ। ଯାହାପାଇଁ ଏହାକୁ ବାରମ୍ବାର ବ୍ୟବହାରରେ ଲଗାଯାଇପାରେ। ସାରା ପୃଥିବୀରେ ବ୍ୟବହାର କରାଯାଉଥିବା ଶକ୍ତିର ପ୍ରାୟ ୧୬% ଏହିପରି ପ୍ରାକୃତିକ ଭଣ୍ଡାରରୁ ଆସିଥାଏ। ଆମର ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବିଭିନ୍ନ ଶକ୍ତି ମଧ୍ୟରେ ମୁଖ୍ୟ ହେଲା ବୈଦ୍ୟୁତିକ ଶକ୍ତି, ଗାଡ଼ି, ମଟର, ଟ୍ରେନ୍, ଏରୋପ୍ଲେନ୍ ଚଳାଇବା ନିମନ୍ତେ ଇନ୍ଧନ ଶକ୍ତି ଏବଂ ରୋଷେଇବାସ, ଘରଗରମ କରିବା ନିମନ୍ତେ ଆବଶ୍ୟକ ଜାଳେଣୀ। ବିଶ୍ବରେ ସମୁଦାୟ ଉତ୍ପାଦନ କରାଯାଉଥିବା ବିଦ୍ୟୁତ୍ ଶକ୍ତିର ୧୯ ଭାଗ ପ୍ରାକୃତିକ ଶକ୍ତି ଭଣ୍ଡାରରୁ ସଂଗୃହିତ ହୋଇଥାଏ, ଯାହାମଧ୍ୟରୁ ପ୍ରାୟ ୧୬ ଭାଗ ଜଳବିଦ୍ୟୁତ୍ ପ୍ରକଳ୍ପରୁ ମିଳିଥାଏ ଓ ପ୍ରାୟ ୩ ଭାଗ ଅନ୍ୟାନ୍ୟ ପ୍ରାକୃତିକ ପ୍ରକ୍ରିୟାରୁ ମିଳିଥାଏ ଯାହାକି ମୁଖ୍ୟତଃ ପବନ ଶକ୍ତି ଓ ସୂର୍ଯ୍ୟ ଶକ୍ତି, ଏକ ଆକଳନ ଅନୁସାରେ ପ୍ରତିବର୍ଷ ପୃଥିବୀରେ ପବନ ଶକ୍ତିର ଉତ୍ପାଦନ ୩୦% ହିସାବରେ ବଢୁଛି। ୨୦୧୧ ମସିହା ସୁଦ୍ଧା ବାର୍ଷିକ ପବନ ଶକ୍ତି ଦ୍ୱାରା ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ପରିମାଣ ପ୍ରାୟ ୨,୩୮,୦୦୦ ମେଗାୱାଟ୍ ଯାହାକି ମୁଖ୍ୟତଃ ଇଉରୋପ୍, ଏସିଆ ଓ ଆମେରିକା ମହାଦେଶରେ ଉତ୍ପାଦିତ ହେଉଛି। ଯଦିଓ ଏପରି ଶକ୍ତିର ଉତ୍ପାଦନ ଖୁବ୍ ବଡ଼ ଆକାରରେ କରାଯାଇଥାଏ, ତଥାପି ଏହି ଅକ୍ଷୟ ଶକ୍ତି ଉତ୍ପାଦନର ପ୍ରଣାଳୀକୁ କ୍ଷୁଦ୍ର ଆକାରରେ ଗାଁ ଗହଳିରେ, ଛୋଟ ଛୋଟ ଦୂର ଜାଗାମାନଙ୍କରେ ମଧ୍ୟ କାର୍ଯ୍ୟକାରୀ କରିବା ସମ୍ଭବ ହେଲାଣି ଏବଂ ଏହା ଆବଶ୍ୟକ ମଧ୍ୟ। କାରଣ ଗାଁ ଗହଳିରେ ଲୋକମାନଙ୍କର ବିକାଶ ନିମନ୍ତେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ଶକ୍ତି ଯୋଗାଇବା ଜରୁରୀ।

ପ୍ର: ଆମେ ସାଧାରଣ ଭାବରେ ଦେଖୁଥାଉ ଯେ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ନିମନ୍ତେ ସାରା ପୃଥିବୀରେ ବିଶେଷ ଭାବରେ ପରମାଣୁ ବିଘଟନ କରିପାରୁଥିବା ମୌଳିକ ବସ୍ତୁ ବ୍ୟବହୃତ ହୋଇଥାଏ ଯାହାକୁ nuclear power ବୋଲି ଆମେ କହୁ। ସେମିତି ଗାଡ଼ିମଟର ଚାଲିବା ପାଇଁ ଆବଶ୍ୟକ ଶକ୍ତି Petrol ବା Gasolin ରୁ ମିଳିଥାଏ ଯାହାକି ଏକ ନିର୍ଦ୍ଦିଷ୍ଟ ପରିମାଣରେ ଉପଲବ୍ଧ ଏବଂ ଦିନ ଆସିବ ଯେତେବେଳେ ଏହା ଶେଷ ମଧ୍ୟ ହୋଇଯିବ। ଅକ୍ଷୟ ଶକ୍ତି କଣ ଏହାର ବିକଳ୍ପ ହୋଇପାରିବ ?

ଉ: ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏହାର ଉତ୍ତରରେ କହିବାକୁ ଚାହେଁ ଯେ ସ୍ଥୂଳ ଭାବରେ ବ୍ୟବହାର କରାଯାଉଥିବା ବିଭିନ୍ନ କ୍ରିୟାଶୀଳ ଇନ୍ଧନକୁ ଅକ୍ଷୟ ଶକ୍ତି ଦ୍ୱାରା ସାଧାରଣତଃ ୪ଟି ମୁଖ୍ୟ ବିଭାଗରେ ବିକଳ୍ପ ହିସାବରେ ବ୍ୟବହାର କରାଯାଉଛି। ଚାରିଟି ବିଭାଗ ହେଲା (୧) ବିଦ୍ୟୁତ୍ ଶକ୍ତି ଉତ୍ପାଦନ (୨) କୃତ୍ରିମ ଉତ୍ତାପ ସୃଷ୍ଟି (୩) ଗାଡ଼ିମଟର ଇନ୍ଧନ ଏବଂ (୪) ଗାଁଆ ଗହଳି ମାନଙ୍କରେ ଛୋଟ ଛୋଟ ଶକ୍ତି ପ୍ରକଳ୍ପର ବିକାଶ। ସେମିତି ଆଗରୁ ଆମେ ଆଲୋଚନା କଲେ ସାରା ବିଶ୍ୱରେ ଉତ୍ପାଦିତ ହେଉଥିବା ବିଦ୍ୟୁତ୍ ଶକ୍ତିର ପ୍ରାୟ ୧୯ ଭାଗ ଅକ୍ଷୟ ଶକ୍ତିର ବିକାଶ କରାଯାଉଛି। ଏଥିରେ ମୁଖ୍ୟ ଭୂମିକା ରହିଛି ପବନ ଶକ୍ତିର। ଆଇସ୍‌ଲ୍ୟାଣ୍ଡ ଏବଂ ପାରାଗୁଏ ଭଳି ଦେଶମାନଙ୍କରେ ପ୍ରାୟ ଶତ ପ୍ରତିଶତ ବିଦ୍ୟୁତ୍ ଶକ୍ତି, ଅକ୍ଷୟ ଶକ୍ତି ବା Renewable sourceରୁ ମିଳୁଛି। ନରୱେ ଓ ବ୍ରାଜିଲରେ ପାଖାପାଖି ୯୦ ଭାଗ ବିଦ୍ୟୁତ୍ ଶକ୍ତି ଅକ୍ଷୟ ଶକ୍ତିରୁ ଉତ୍ପାଦିତ। ସେହିପରି ଉତ୍ତାପ ସୃଷ୍ଟି ନିମନ୍ତେ ସୂର୍ଯ୍ୟରଶ୍ମିର ବ୍ୟବହାର ବ୍ୟାପକ ହେଲାଣି। ଚାଇନାରେ ଏହାର ବ୍ୟବହାର ସବୁଠୁ ବେଶୀ ଯାହାକି ସାରା ପୃଥିବୀର ପ୍ରାୟ ୭୦ ପ୍ରତିଶତ। ସୂର୍ଯ୍ୟରଶ୍ମୀ ଦ୍ୱାରା ଚାଳିତ ପାଣିଗରମ ଯନ୍ତ୍ର, ବଡ଼ ବଡ଼ apartment ରେ ଲଗାଯାଇ ପ୍ରାୟ ୬ କୋଟି ଘରେ ଏହା ବ୍ୟବହାର କରାଯାଉଛି। ଗାଡ଼ିମଟର ଚଳାଇବା ନିମନ୍ତେ Bio-fuel ର ବ୍ୟବହାର ମଧ୍ୟ ବଢୁଛି,

ଯାହା ଦ୍ୱାରା Petrol /Gasoline ଭଳି fossil-fuel ର ବ୍ୟବହାର କମୁଛି। ୨୦୦୯ ମସିହାରେ ସାରା ପୃଥିବୀରେ ପ୍ରାୟ ୯୩୦ କୋଟି ଲିଟର ଜୈବିକ ଇନ୍ଧନ ଉତ୍ପାଦନ କରାଯାଇଥିଲା ଯଦ୍ୱାରା ପ୍ରାୟ ୬୮୦ କୋଟି ଲିଟର ଗ୍ୟାସୋଲିନ୍ ବ୍ୟବହାର କମିଯାଇଥିଲା। ଚତୁର୍ଥ ବିଭାଗଟି ହେଲା ଗାଆଁଗହଳିମାନଙ୍କରେ ଆବଶ୍ୟକ ଶକ୍ତି ଯାହାକି ବିଭିନ୍ନ ଅକ୍ଷୟ ଶକ୍ତି ମିଳିପାରୁଥିବା ପ୍ରାକୃତିକ ପ୍ରକ୍ରିୟାରୁ ଉତ୍ପାଦନ କରିବା ସମ୍ଭବ।

ପ୍ର: ସାଧାରଣତଃ ଦେଖାଯାଏ ଯେ ଆଜିକାଲି ଯେଉଁସବୁ ପ୍ରକ୍ରିୟାରେ ଶକ୍ତିର ଉତ୍ପାଦନ କରାଯାଉଛି, ଅକ୍ଷୟ ଶକ୍ତି ଦ୍ୱାରା ବିକଳ୍ପ ହିସାବରେ ସେହି ପରିମାଣର ଶକ୍ତିର ଉତ୍ପାଦନ ଅଧିକ ବ୍ୟୟସାପେକ୍ଷ। ତେଣୁ ଏ ଦିଗରେ ନିଶ୍ଚିତ ଭାବେ, ନିୟମିତ ଭାବେ ଗବେଷଣା ଚାଲିଥିବ ଏବଂ ଏହାକୁ କମ୍ ବ୍ୟୟସାପେକ୍ଷ, ସହଜ ଓ ଲୋକପ୍ରିୟ କରିବାର ପ୍ରୟାସ ଚାଲିଥିବ ଏ ବାବଦରେ କଣ ସବୁ ନୂଆ ଆବିଷ୍କାର ବା ଉଦ୍ଭାବନ ହୋଇଛି ?

ଉ: Thermal Power ବା Nuclear Power କୁହନ୍ତୁ କିମ୍ବା Petroleum /Gasolin କୁହନ୍ତୁ । ଏହାର ବ୍ୟବହାର ଶସ୍ତା ଓ ଲୋକପ୍ରିୟ ହୋଇଛି କେବଳ ପୃଥିବୀ ପୃଷ୍ଠରେ ଏହାର ସହଜ ଓ ସୁଲଭ ଉପଲବ୍ଧି ପାଇଁ କାରଣ ଏହି ସବୁ ମୌଳିକ ବସ୍ତୁ ବ୍ୟାପକ ଭାବରେ କମିଯାଉଛି। ଏ ଉପଲବ୍ଧି ପାଇଁ କାରଣ ଏହିସବୁ ମୌଳିକ ବସ୍ତୁ ବ୍ୟାପକ ଭାବରେ ବିଭିନ୍ନ ଜାଗାରେ ଗଚ୍ଛିତ ହୋଇ ରହିଛି। କିନ୍ତୁ ଏହାର ପରିମାଣ ଯେ ଦ୍ରୁତ ଭାବରେ କମିଯାଉଛି ଏ ଉପଲବ୍ଧି ଆମେ ଜାଣି ମଧ୍ୟ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହେଁ। ସୌରଶକ୍ତି ବା ପବନଶକ୍ତି ଉତ୍ପାଦନ ବ୍ୟୟସାପେକ୍ଷ ନିଶ୍ଚିତ ଭାବେ କାରଣ ଏହାର ସମ୍ପୂର୍ଣ୍ଣ ବିକାଶ ଏ ପର୍ଯ୍ୟନ୍ତ ହୋଇନାହିଁ। କିନ୍ତୁ ବିଶ୍ୱସାରା ବିଭିନ୍ନ ଦେଶରେ ଏବାବଦରେ ନିୟମିତ ଗବେଷଣା ଚାଲୁ ରହିଛି। ଅତି ବିରାଟ ସୂର୍ଯ୍ୟାଲୋକ ଚାଳିତ Thermal Power station ଆମେରିକା, ସ୍ପେନ ଭଳି ଦେଶମାନଙ୍କରେ କାର୍ଯ୍ୟକ୍ଷମ ହେଲାଣି। ସୂର୍ଯ୍ୟାଲୋକକୁ ସିଧା ବିଦ୍ୟୁତ୍ ଶକ୍ତିରେ ପରିଣତ କରିପାରୁଥିବା Solar Photovoltaic Cell ର ବିକାଶ ଘଟିଲାଣି। ଯାହାକି China, Canada, Spain ଆଦି ଦେଶମାନଙ୍କରେ କାର୍ଯ୍ୟକ୍ଷମ ହେଲାଣି। ଏହି ସବୁ ବଡ଼ ବଡ଼ unit କୁ ଛୋଟ ଆକାରରେ ଘରେ, ଘରେ କିପରି ବ୍ୟବହାର କରାଯାଇପାରିବ ସେ ନେଇ ମଧ୍ୟ ଗବେଷଣା ଜାରି ରହିଛି। ଆଉ ଏକ ନୂତନ ଉଦ୍ୟୋଗ ହେଲା ଜୈବିକ ଇନ୍ଧନ ବା Bio-fuel। କରଞ୍ଜ, ଜାଇଟରା ପରି ଗଛରୁ ଜୈବିକ ଇନ୍ଧନ ଉତ୍ପାଦନ କରି Gasoline ସହ ମିଶ୍ରଣ କରି ଯାନବାହନରେ ବ୍ୟବହାର କରି Gasoline ର ବ୍ୟବହାରକୁ କମ୍ କରାଯାଇପାରୁଛି। ଆଖୁ ଖଦାରୁ ethanol ଉତ୍ପାଦନ କରି ତାହାକୁ ଯାନବାହନରେ ଇନ୍ଧନ ରୂପେ ବ୍ୟବହାର କରାଗଲାଣି। ଜୈବିକ ଇନ୍ଧନ ରୂପେ ବ୍ୟବହାର କରାଗଲାଣି। ଜୈବିକ କାର୍ଯ୍ୟବସ୍ତୁରୁ cellulose ethanol ଉତ୍ପାଦନ କରି ତାହାକୁ ଇନ୍ଧନ ଭାବେ ବ୍ୟବହାର କରିବାର ସଫଳ ପ୍ରୟାସ ଆରମ୍ଭ ହୋଇଗଲାଣି। Scotland ଏବଂ Ireland ରେ ସମୁଦ୍ର ଜୁଆରରୁ ସଫଳ ଭାବରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଉଛି।

ପ୍ର: ଅକ୍ଷୟ ଶକ୍ତି ଓ ଜଙ୍ଗଲ ମଧ୍ୟରେ କଣ ସମ୍ପର୍କ ରହିଛି ?

ଉ: ଜଙ୍ଗଲ କହିଲେ ଆମେ ସାଧାରଣତଃ ଗଛଲତା ବୋଲି ଧରିନେଉ। ଗଛଲତା ହେଲେ ଜୈବିକ ବସ୍ତୁ ବା biomass। ଏହି ଜୈବିକ ବସ୍ତୁ ଅକ୍ଷୟ ଶକ୍ତିର ଭଣ୍ଡାର କାରଣ ଏହା ସୂର୍ଯ୍ୟରଶ୍ମିରୁ ଶକ୍ତି ସଂଗ୍ରହ କରି ନିଜ ମଧ୍ୟରେ ସଞ୍ଚୟ କରି ରଖିଥାଏ। ଆମେ ଜାଣୁ ଯେ ଗଛଟିଏ Photosynthesis ପ୍ରକ୍ରିୟାରେ ସୂର୍ଯ୍ୟରଶ୍ମି ସଂଗ୍ରହ କରି ସେଥିରେ ନିଜେ ନିଜର ଖାଦ୍ୟ ତିଆରି କରିଥାଏ। ଯେତେବେଳେ ଏହି ଜୈବିକ ବସ୍ତୁ ଜଳେ ଏହା ଧାରଣ କରିଥିବା ସୌରଶକ୍ତି ଛାଡ଼ିଦିଏ। ତେଣୁ ଦେଖିବାକୁ ଗଲେ ଗଛ ବା ଜୈବିକ ବସ୍ତୁ ଏକ ପ୍ରାକୃତିକ ବ୍ୟାଟେରୀ ଯାହାକି ସୌରଶକ୍ତି ଧାରଣ କରିଥାଏ। ତେଣୁ ଅଧିକ ଗଛ ଲଗାଇବା ଦ୍ୱାରା ଅଧିକରୁ ଅଧିକ ସୌରଶକ୍ତି ଗଚ୍ଛିତ କରାଯାଇପାରିବ। ପୁଣି ଗଛରୁ ସଂଗ୍ରହ କରାଯାଉଥିବା ଡାଳ, କାଠି, ପତ୍ରକୁ ମଧ୍ୟ ଇନ୍ଧନ ରୂପେ ବ୍ୟବହାର କରାଯାଇପାରିବ। Biomass Gassfier ଯନ୍ତ୍ରରେ ଏହି ଜୈବିକ ବସ୍ତୁର ଦହନ ଦ୍ୱାରା ବିଦ୍ୟୁତ୍ ଶକ୍ତିର ଉତ୍ପାଦନ କରାଯାଇପାରୁଛି ଯାହାଦ୍ୱାରା ଅପହଞ୍ଚ ସ୍ଥାନମାନଙ୍କରେ ଲୋକମାନଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଇବା ସମ୍ଭବ ହେଉଛି।

(ତା. ୭.୪.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଧରିତ୍ରୀ ଦିବସ କାଲି ଓ ଆଜି

ସୁନୀତା ଜୀ

**ଧରିତ୍ରୀ ଦିବସ :**

ସେ ଦିନ ଥିଲା ଏପ୍ରିଲ ମାସ ୨୨ ତାରିଖ ୧୯୭୦ ମସିହା। ଯୁକ୍ତରାଷ୍ଟ୍ର ଆମେରିକାର ପରିବେଶବିତ୍ 'ସେନେଟର ଗେର୍ଲୋଡ୍ ନେଲସନ' ତାଙ୍କ ଦିବ୍ୟଦୃଷ୍ଟିରେ ଦେଖୁଥିଲେ ପୃଥିବୀର ପରିବର୍ତ୍ତନ ଧ୍ୱଂସାତ୍ମକ ପଥରେ ଗତି କରୁଛି। ସେ ଚୁପ୍ ହୋଇ ରହି ପାରି ନ ଥିଲେ। ପୃଥିବୀର ସମସ୍ତ ଅଧିବାସୀଙ୍କୁ ଚେତେଇ ଦେବାକୁ ଚାହିଁଥିଲେ ଏହାର କୁପରିଣତି ବିଷୟରେ। ଯେଉଁଥିରୁ ଜନ୍ମ ନେଲା ପୃଥିବୀ ଦିବସ ବା ଧରିତ୍ରୀ ଦିବସ ବା Earth Day।

ଧରଣୀ ପୃଷ୍ଠର ପ୍ରାକୃତିକ ପରିବେଶ ଯଥା : ଜଳ, ମୃତ୍ତିକା, ବାୟୁ, ଜଙ୍ଗଲର ରକ୍ଷଣାବେକ୍ଷଣ ଓ ପୁନଃଉଦ୍ଧାରୀକରଣ ସହିତ ଉପକାରିତା ଓ ଅବକ୍ଷୟଜନିତ ଅପକାରିତା ବିଷୟରେ ଧରାଧାମୀଙ୍କୁ ଜଣାଇଦେବା ଏହାର ମୂଳ ଲକ୍ଷ୍ୟ। ଅବକ୍ଷୟଜନିତ ଅପକାରିତା ଯଥା ବର୍ଦ୍ଧିଷ୍ଣୁ ଉତ୍ତାପର ଅସହ୍ୟ ପ୍ରକୋପ, ଜଳର ନିମ୍ନଗାମୀ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିବର୍ଦ୍ଧିତ ପରିମାଣ ଓଜୋନସ୍ତରକୁ କ୍ଷତି ପହଞ୍ଚାଇବା, ମେରୁ ଅଞ୍ଚଳର ବରଫ ତରଳିବା ଦିନେ ଏହି ଧରାଧାମକୁ ସମଗ୍ର ଜଳମୟ ନ କରିବ କିଏ କହିବ।

ଜାଣି ଖୁସି ଲାଗେ ଆଜି ୧୭୫ ଟି ଦେଶର ସରକାର ମଧ୍ୟ ଏହି କଥାରେ ଏକମତ ହୋଇ ପୃଥିବୀର ରକ୍ଷା ପାଇଁ ଏହି ଦିବସଟିକୁ ପାଳନ କରିବା ସହିତ ପୃଥିବୀର ରକ୍ଷଣା ବେକ୍ଷଣ ପାଇଁ ବ୍ୟସ୍ତ ଓ ବିବ୍ରତ। ହେଲେ ଯେ ପର୍ଯ୍ୟନ୍ତ ସାଧାରଣ ଜନତା ସରକାରଙ୍କ ସହିତ ହାତରେ ହାତ ମିଳାଇ ଆଗେଇ ନ ଯାଉଛନ୍ତି ସେ ପର୍ଯ୍ୟନ୍ତ ପୃଥିବୀ ବା ଆମର ଧରଣୀ ମା ସଙ୍କଟରୁ ରକ୍ଷା ପାଇବ ନାହିଁ। ସେନେଟଙ୍କ ସହିତ ସେ ଦିନ ୨୦ ନିୟୁତ ଲୋକ ସାମିଲ ହୋଇଥିଲେ ହେଲେ ଆଜି ୫୦୦ ନିୟୁତ ଲୋକ ଏହା ହୃଦୟଙ୍ଗମ କରିଛନ୍ତି ଯେ ପୃଥିବୀକୁ ବଞ୍ଚାଇବା ନିହାତି ଜରୁରୀ। ତା ନ ହେଲେ ପୃଥିବୀର ସଙ୍କଟ ସହିତ ଆମେ ଜନସାଧାରଣ ମଧ୍ୟ ଦିନେ ଏହି ସଙ୍କଟ ମଧ୍ୟକୁ ଟାଣି ହୋଇଯିବା।

**ସାଧାରଣ ନାଗରିକଙ୍କ କର୍ତ୍ତବ୍ୟ :**

ପୃଥିବୀକୁ ଏହି ଅବସ୍ଥାରୁ ବଞ୍ଚାଇବା ପାଇଁ ଏକ ମାତ୍ର ପଥ ହେଲା ବୃକ୍ଷରୋପଣ। ଆଜି ଖୁସି ଲାଗେ ସମସ୍ତ ଜନତା ବୁଝିଛନ୍ତି ଜନସଂଖ୍ୟାର ନିୟନ୍ତ୍ରଣ ହିଁ ଏହା କରିପାରିବ। ଏବେ ପ୍ରାୟ ସମସ୍ତ ଲୋକ ଏକ କିମ୍ବା ଦୁଇ ସନ୍ତାନରେ ଆବଦ୍ଧ।

କଳକାରଖାନାର ବୃଦ୍ଧି ମଧ୍ୟ ଜଙ୍ଗଲ ନଷ୍ଟ କରିବାରେ ପ୍ରମୁଖ ଭୂମିକା ନେଇଥାନ୍ତି। ହେଲେ ସେମାନେ ମଧ୍ୟ ପରିବେଶର ଉନ୍ନତିକୁ ଆଖିରେ ରଖି କାରଖାନା ପରିସର ମଧ୍ୟରେ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇବା ସହିତ ନିର୍ମଳ ଅଙ୍ଗାରକାମ୍ଳ ବାଷ୍ପକୁ ପ୍ରକ୍ରିୟାକରଣ କରି ଶୁଦ୍ଧ କରାଇବା ପାଇଁ ସଦା ଚେଷ୍ଟିତ।

ଜଙ୍ଗଲ ତଳି ଲୋକମାନେ ଆଜି ଅତ୍ୟନ୍ତ ସତର୍କ ଯେ କିପରି ଜଙ୍ଗଲ ନଷ୍ଟ ନ ହେଉ। କାରଣ ସେମାନେ ଆଜି ବୁଝିପାରିଛନ୍ତି ଯେଉଁ ଜଙ୍ଗଲ ତାଙ୍କୁ ଖାଦ୍ୟ, ପାନୀୟ, ବାସସ୍ଥାନ ଦେଇଛି ସେ ସବୁକୁ ସେମାନେ କିପରି ସୁରକ୍ଷିତ ରଖିବେ ? ଯାହା ଫଳରେ ଜଙ୍ଗଲ ସୁରକ୍ଷା ସହିତ ଜଙ୍ଗଲ ଜନ୍ତୁଙ୍କୁ ସୁରକ୍ଷା ମିଳିବ। ପରୋକ୍ଷରେ ସେମାନଙ୍କର ଜୀବନ ପ୍ରତି ହେଉଥିବା ବିପଦ ମଧ୍ୟ ଦୂରେଇ ଯିବ।

ଜଙ୍ଗଲ ଚୋର ଓ ମାଫିଆମାନେ ମଧ୍ୟ ଚିନ୍ତା କରିବା ଦରକାର ନିଜର ସ୍ୱାର୍ଥ ପାଇଁ ସେମାନେ କିପରି ଭବିଷ୍ୟତ ନାଗରିକମାନଙ୍କ ପାଇଁ ବିଷ ବୁଣି ଚାଲିଛନ୍ତି। ଯେଉଁଥିରେ ତାଙ୍କର ଉତ୍ତରାଧିକାରୀ ମାନେ ତାଙ୍କ ନିଜର ସନ୍ତାନ ମଧ୍ୟ ଜଡ଼ିତ ହେବେ।

ବ୍ୟବହୃତ ରାସାୟନିକ ସାର ମାଟିର ଉର୍ବରତାକୁ ମଧ୍ୟ କ୍ଷତି ପହଞ୍ଚାଇ ଚାଲିଛି। ତେଣୁ ଦିନ ଆସିବ ଯେଉଁଦିନ ଧରିତ୍ରୀ ମା ଆମକୁ ଆଉ କୌଣସି ଖାଦ୍ୟ ଦେଇପାରିବ ନାହିଁ। ତେଣୁ ଜୈବିକ ଖତ ସାରର ବ୍ୟବହାର ନିହାତି ଅପରିହାର୍ଯ୍ୟ। ଯାହା ଆଜି ସମସ୍ତେ ହୃଦୟଙ୍ଗମ କରି ସାରିଛନ୍ତି।

**ସରକାର କଣ କରୁଛନ୍ତି ?**

ଏଥିପାଇଁ ଆମ ସରକାର ମଧ୍ୟ ଅନେକ ଫଳପ୍ରଦ ଉପାୟମାନ ପ୍ରୟୋଗ କରୁଛନ୍ତି। ଯାହାର ସକରାତ୍ମକ ଭାବଧାରା ଆମ ସାଧାରଣ ଜନତାଙ୍କ ଉପରେ ପଡ଼ୁଛି। ଯଥା ରେଡ଼ିଓ ମାଧ୍ୟମରେ ପ୍ରଚାର ହେଉଥିବା ବନାନୀ କାର୍ଯ୍ୟକ୍ରମରେ ଆମ ରାଜ୍ୟର କୋଣ ଅନୁକୋଣର ଲୋକମାନଙ୍କ ପାଖରେ ଖବର ପହଞ୍ଚାଇ ଦିଆଯାଏ। ଏହା ପ୍ରତ୍ୟେକ

ଶନିବାର ସନ୍ଧ୍ୟା ୭:୩୦ ମିନିଟ୍‌ରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହୁଏ। ସେଥିରେ ପ୍ରସାରିତ ସମସ୍ତ କାର୍ଯ୍ୟକ୍ରମ ନିଶ୍ଚିତ ଶିକ୍ଷଣୀୟ ଏବଂ ଜ୍ଞାନପୋଯୋଗୀ।

ସମୟ ସମୟରେ ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା ଦୂରଦର୍ଶନ ମାଧ୍ୟମରେ ମଧ୍ୟ ଅନେକ ତଥ୍ୟ ଜନହିତରେ ପ୍ରଚାର, ପ୍ରସାର କରାଯାଏ। ବିଭିନ୍ନ ତାରକାମାନେ ମଧ୍ୟ ବିଜ୍ଞାପନ ମାଧ୍ୟମରେ ଜଙ୍ଗଲ ସୁରକ୍ଷା, ଧରଣୀ ସୁରକ୍ଷା ବିଷୟରେ ବିଭିନ୍ନ ବାର୍ତ୍ତା ଦେଇଥାନ୍ତି।

ଅନେକ ସମୟରେ ଖବର କାଗଜ ମାଧ୍ୟମରେ ମଧ୍ୟ ଏହି ବାର୍ତ୍ତା ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାର ପ୍ରୟାସ ସରକାରଙ୍କ ଦ୍ୱାରା କରାଯାଇଥାଏ।

ବିଭିନ୍ନ ପ୍ରତିଯୋଗିତା ଯେପରିକି ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ପଥପାର୍ଶ୍ୱ ନାଟକ ମାଧ୍ୟମରେ ମଧ୍ୟ ଏହି ବାର୍ତ୍ତା ଜନ ସାଧାରଣଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରାଯାଏ।

ଏହାଛଡ଼ା ମଧ୍ୟ ବନବିଭାଗ ଦ୍ୱାରା ଯେଉଁ ପରିବେଶ, ପର୍ଯ୍ୟଟନ ସ୍ଥଳୀମାନ କରାଯାଇଛି ତାହା ଜଙ୍ଗଲ ତଳି ଲୋକମାନଙ୍କୁ ଜୀବିକା ନିର୍ବାହ କରିବାର ଅନ୍ୟ ପନ୍ଥା ଯୋଗାଇ ଦେଇଛି। ଯେଉଁଥି ପାଇଁ ଆଜିକାଲି ସେମାନେ ପ୍ରକୃତିପ୍ରେମୀ ବା ବନ୍ଧୁ ହେବାରେ ଲାଗିଛନ୍ତି। ଆହାର ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଲାଣି।

କେନ୍ଦୁପତ୍ର ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ବନବିଭାଗ ତରଫରୁ ମିଳୁଥିବା ପ୍ରୋତ୍ସାହନ ପାଇଁ ସେମାନେ ମଧ୍ୟ ଜଙ୍ଗଲ ଉପରେ ନିର୍ଭର କରି ଆଉ ନ ରହି ଜଙ୍ଗଲକୁ ବଢ଼ାଇବାରେ ମନ ଦେଲେଣି।

ସରକାରଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟ ମଧ୍ୟ ପ୍ରତ୍ୟେକ ବର୍ଷ ଚାଲିଛି। ଉଜୁଡ଼ା ଜଙ୍ଗଲକୁ ସଜଡ଼ା ଯାଉଛି। କ୍ଷୟପ୍ରାପ୍ତ ଜଙ୍ଗଲର ପୁନଃରୁଦ୍ଧାର କରାଯାଉଛି। ରାସ୍ତାକଡ଼ ଜଙ୍ଗଲ ସୃଷ୍ଟି କରାଯାଉଛି। ସହରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଚାଲିଛି।

**ବେସରକାରୀ ଅନୁଷ୍ଠାନ :**

ସରକାରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କିଛି ବେସରକାରୀ ସଂସ୍ଥା ମଧ୍ୟ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ସ୍କୁଲ, କଲେଜ, ରାସ୍ତାକଡ଼, ପଡ଼ିଆ ଇତ୍ୟାଦିରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ବ୍ରତୀ ହେଲେଣି।

ବିଭିନ୍ନ ସ୍କୁଲ, କଲେଜ ବା ଅନୁଷ୍ଠାନରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରି ଜନ ସାଧାରଣଙ୍କୁ ପ୍ରେରଣା ଯୋଗାଇଛନ୍ତି। ଜଙ୍ଗଲ ସୃଷ୍ଟି କରିବା ପାଇଁ ବା ଜଙ୍ଗଲର ଉପକାରିତା ଉପରେ ଜ୍ଞାନ ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି।

**ଫଳାଫଳ:**

୧୯୭୦ ରୁ ୨୦୧୩ ପର୍ଯ୍ୟନ୍ତ ହୋଇଥିବା ଯାତ୍ରାର ପରିଣତି ଆଜି ସୁଖଦ ଫଳାଫଳ ଦେଇଛି ଆମ ରାଜ୍ୟ ଓଡ଼ିଶା ପାଇଁ। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଡେରାଡୁନ ଦ୍ୱାରା ହୋଇଥିବା ସର୍ବେକ୍ଷଣରୁ ଜଣାଯାଏ State of Forest Report 2011 ଅନୁଯାୟୀ ଓଡ଼ିଶାରେ ୪୮ ବର୍ଗ କି.ମି. ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ଘଟିଛି। ଏହା ନିଶ୍ଚିତ ଏକ ଖୁସିର ଖବର। ଏଥିରୁ ପ୍ରତୀୟମାନ ହୁଏ ଆମ ଓଡ଼ିଶାର ଅଧିବାସୀ ଆଜି ବୁଝିଛନ୍ତି ଜଙ୍ଗଲ ବୃଦ୍ଧିରେ ତାଙ୍କର ସମୃଦ୍ଧି ଲୁଚି ରହିଛି ବୋଲି। ଯେଉଁଥି ପାଇଁ ଆମ ରାଜ୍ୟରେ ଗଢ଼ି ଉଠିଛି ୧୨୧୬୬ ଟି ବନ ସୁରକ୍ଷା ସମିତି ଓ ୪୬୩ ଟି ପରିବେଶ ଉନ୍ନୟନ କମିଟି।

ତେଣୁ ଏଥିରୁ ପ୍ରତ୍ୟୟମାନ ସରକାର ଏବଂ ଗ୍ରାମୀଣ ଲୋକଙ୍କ ସୁସ୍ଥ ସହବନ୍ଧିତାରେ ଗଢ଼ି ଉଠିଥିବା ଯୋଜନା ଆଜି ଫଳପ୍ରଦ ହୋଇଛି। ଯାହାର ଫଳ ସ୍ୱରୂପ ୨୦୧୨-୧୩ ରେ ମୋଟ ୮୫୩୩୪ ହେକ୍ଟର ବନୀକରଣ ଏବଂ ୩୦୬୮ କି.ମି. ପଥପାର୍ଶ୍ୱ ବନୀକରଣ କରାଯାଇଛି । ୨୦୧୩-୧୪ ପାଇଁ ୧,୮୦,୦୦୦ ହେକ୍ଟର ବନୀକରଣ ଏବଂ ୪୦୦୦ କି.ମି ପଥପାର୍ଶ୍ୱ ବନୀକରଣ ଲକ୍ଷ ଧାର୍ଯ୍ୟ କରାଯାଇଛି। ପ୍ରତିବର୍ଷ ଏହି ପରି ବନୀକରଣ ବଢ଼ିଲେ ଆମ ଓଡ଼ିଶା ରାଜ୍ୟ ନିଶ୍ଚିତ ଏକ ଉଦାହରଣ ହେବ ସାରା ବିଶ୍ୱ ପାଇଁ। ଆଉ ଏହାର ଶ୍ରେୟ ଯିବ ଆମ ଓଡ଼ିଶାର ସମସ୍ତ ନାଗରିକମାନଙ୍କୁ ଯେଉଁମାନେ ତାଙ୍କ ସହଯୋଗର ହାତ ବଢ଼ାଇଛନ୍ତି ଆମର ଏହି ଜଙ୍ଗଲ ବୃଦ୍ଧି ପାଇଁ। ଏହାକୁ ଆହୁରି ଉତ୍ସାହରେ ଭରି ଦେବା ପାଇଁ ଆମ ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ପୁରସ୍କାରର ବ୍ୟବସ୍ଥା କରିଛନ୍ତି। ସାଧାରଣ ଜନତା ବିଭିନ୍ନ ଅନୁଷ୍ଠାନ, ବନାଞ୍ଚଳ ଅଧିକାରୀ, ବନପାଳ ଏବଂ ବନରକ୍ଷୀଙ୍କ ପାଇଁ।

ଏହି ପୁରସ୍କାର ନିଶ୍ଚିତ ପ୍ରେରଣା ଯୋଗାଇବ ଜଙ୍ଗଲକୁ ଅଧିକରୁ ଅଧିକ ବଢ଼ାଇବାରେ, ଯାହା ଦ୍ୱାରା ପରିବେଶର ସୁରକ୍ଷା ସହିତ ଜଙ୍ଗଲ ଜନ୍ତୁଙ୍କୁ ମଧ୍ୟ ସୁରକ୍ଷା ଦେବ। ଫଳ ସ୍ୱରୂପ ମଣିଷ ସମାଜ ନିଜର ସୁରକ୍ଷା ନିଜ ହାତରେ ଗଢ଼ିବା ପାଇଁ ଆଜି ସକ୍ଷମ ହେବ।

(ତା. ୨୧.୪.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଅଣକାଷ୍ଠ ବନଜାତ ଦ୍ରବ୍ୟର ସର୍ବେକ୍ଷଣ

ମିହିର ଜେନା

ପ୍ରାକ୍ ଐତିହାସିକ କାଳରେ ଆଦିମ ମଣିଷ ବଣ ଜଙ୍ଗଲ ତଥା ପର୍ବତାଞ୍ଚଳରେ ବସବାସ କରୁଥିଲା। ଜଙ୍ଗଲରୁ ଫଳମୂଳ ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହ କରି ଆହାର ମେଣ୍ଟାଉଥିଲା ଏବଂ ରୋଗବ୍ୟାଧିରୁ ଉପଶମ ପାଇଁ ବନୌଷଧୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା। କାଳକ୍ରମେ ସଭ୍ୟତାର ସୋପାନ ଅତିକ୍ରମ କରି କେତେକାଂଶରେ ଆଦିମ ମଣିଷ ଜଙ୍ଗଲ ଅଞ୍ଚଳ ଛାଡ଼ି ନଦୀ ଅବବାହିକାରେ ବସତି ସ୍ଥାପନ କରି କୃଷି ଓ ପଶୁପାଳନକୁ ନିଜର ଜୀବିକା ଭାବେ ଗ୍ରହଣ କଲେ। ଏବେ ବି ଅଧିକାଂଶ ବନଜାତି ଯାହାଙ୍କୁ ଆମେ ଆଦିବାସୀ ବୋଲି କହୁଛେ, ସେହି ଜଙ୍ଗଲ ମଧ୍ୟରେ ରହି ଜଙ୍ଗଲଜାତ ଦ୍ରବ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଆଧୁନିକତା ଠାରୁ ବହୁତ ଦୂରରେ ରହିଯାଇଛନ୍ତି। ଏତଦ୍‌ବ୍ୟତୀତ ସମତଳ ଅଞ୍ଚଳରେ ବାସକରୁଥିବା ସଭ୍ୟ ମାନବଜାତି ଯଦିଓ ନିଜର ପ୍ରାଚୁର୍ଯ୍ୟ ପାଇଁ ଜଙ୍ଗଲ ସମ୍ପଦ ଧ୍ୱଂସ କରିବାରେ ଟିକେ ମାତ୍ର ଦ୍ୱିଧାବୋଧ କରୁନାହାନ୍ତି, ତଥାପି ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ଯଥା - ଫୁଲଝାଡୁ, ଅଁଳା, ହରିଡ଼ା, ବାହାଡା ଇତ୍ୟାଦି ଔଷଧୀୟ ବୃକ୍ଷ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ଅଟନ୍ତି, ଫଳରେ ନିରୀହ ବନବାସୀମାନେ ନିଜର ଅତ୍ୟାବଶ୍ୟକୀୟ ଚାହିଦା ଯାହାକି ସେମାନେ ଜଙ୍ଗଲରୁ ପାଉଥିଲେ। ତାହା ନ ପାଇବା ଫଳରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ଏହିସବୁ ବ୍ୟତିକ୍ରମକୁ ଦୃଷ୍ଟିରେ ରଖି ସରକାର ୨୦୦୦ ମସିହାରେ ଲଘୁ ବନଜାତ ଦ୍ରବ୍ୟ ଅମଳ ଉପରେ ଥିବା ସରକାରୀ କଟକଣାକୁ କୋହଳ କରି ୬୮ଟି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଏବଂ ବିକ୍ରୟ ପାଇଁ ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନେ ସହଜରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଚାହିଦା ପୂରଣ କରିବା ସହିତ ନିଜର ଆର୍ଥିକ ମାନଦଣ୍ଡକୁ ବଢ଼ାଇପାରିବେ। ଯଦିଓ ସରକାରଙ୍କର ଉକ୍ତ ପଦକ୍ଷେପ ଅନେକାଂଶରେ ବନବାସୀମାନଙ୍କର ସ୍ୱାର୍ଥ ପୂରଣ ହୋଇପାରିଛି। ତଥାପି , ପଞ୍ଚାୟତ ସ୍ତରରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ସମ୍ପର୍କରେ ଜ୍ଞାନ ଇତ୍ୟାଦିର ଅଭାବ ଯଥା - ସଂଗ୍ରହ କରିବାର ପ୍ରଣାଳୀ, ତାର ଉପଯୁକ୍ତ ସଂରକ୍ଷଣ, ତାର ପରବର୍ତ୍ତୀ ବ୍ୟବସାୟିକ ଚାହିଦା ଏବଂ ସର୍ବୋପରି ସଠିକ୍ ଜନସଚେତନତା ଅଭାବରୁ ବନବାସୀମାନେ ଠିକ୍ ଭାବରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରୁନାହାନ୍ତି ଯାହା ଫଳରେ ଅଧିକାଂଶ ଲଘୁ ବନଜାତ ଦ୍ରବ୍ୟଜନିତ ଗଛ ଜଙ୍ଗଲରୁ ପ୍ରାୟ ବିଲୁପ୍ତ ହେବାକୁ ବସିଲାଣି ଏବଂ ବହୁତ ମୂଲ୍ୟବାନ ଦ୍ରବ୍ୟ ସଂଗୃହୀତ ନ ହୋଇ ଜଙ୍ଗଲରେ ପଡ଼ି ରହି ନଷ୍ଟ ହୋଇଯାଉଛି।

ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ବନବାସୀମାନଙ୍କର ସ୍ୱାର୍ଥ ତଥା ଲଘୁ ବନଜାତ ଦ୍ରବ୍ୟର ଉପଯୁକ୍ତ ଅମଳ, ଏହାର ସଂରକ୍ଷଣ, ପ୍ରକ୍ରିୟାକରଣ (Processing) ଏବଂ ମାତ୍ରାଧିକ ଅମଳରୁ ରକ୍ଷା କରିବାକୁ ୨୦୧୧ ମସିହାରୁ ଏକ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରିଛନ୍ତି।

ଏହି ଦୀର୍ଘସୂତ୍ରୀ ଯୋଜନାର ଅଂଶବିଶେଷ ଭାବରେ ଜଙ୍ଗଲ ବିଭାଗ ଜରିଆରେ ଓଡ଼ିଶାରେ ବିଭିନ୍ନ ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ଉପରେ ଏକ ବିସ୍ତୃତ ଅଧ୍ୟୟନ ଆରମ୍ଭ କରାଯାଇଛି।

ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ - ତେନ୍ତୁଳି, ମହୁଆଫୁଲ, ଫୁଲଝାଡୁ, ହରିଡ଼ା, ଅଁଳା, ବାହାଡ଼ା, ଶିଠା, ଭାଲିଆ, କୋଚିଲା ଫଳ, ଶିଆଳି ପତ୍ର, ସବାଇ ଘାସ, ଗିଲ, ବଣ ହଳଦୀ, କରଞ୍ଜ ଫଳ ଇତ୍ୟାଦି ୬୮ ପ୍ରକାରର ଲଘୁବନଜାତ ଦ୍ରବ୍ୟ ଯୋଗାଉଥିବା ଗଛଗୁଡ଼ିକର ଉପସ୍ଥିତି survey କରାଯାଉଛି।

ଆମେ ପ୍ରତ୍ୟେକ ବନାଞ୍ଚଳ ଏରିଆରେ ୧୦୦ଟି Plot ନେଉଛୁ। ବିଭିନ୍ନ କିସମର ଜଙ୍ଗଲକୁ ଦୃଷ୍ଟିରେ ରଖି ଏହି ୧୦୦ଟି Plot ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟେକ ଜଙ୍ଗଲ ଏରିଆରେ ସମାନ ଅନୁପାତରେ କରାଯାଉଛି। ପ୍ରଥମେ ନକ୍ସାରୁ ଆମେ ଗୋଟିଏ Plot ର ଅକ୍ଷାଂଶ ଓ ଦ୍ରାଘିମାକୁ ବାହାର କରି ଏହି ଅକ୍ଷାଂଶ ଓ ଦ୍ରାଘିମାକୁ GPSରେ Feed କରିବାକୁ ପଡ଼ିବ ଯାହାକି ଆମର ମୋବାଇଲ ଭଳି। ଏହା ପରେ ଆମେ GPS ସାହାଯ୍ୟରେ ଆମର ନିର୍ଦ୍ଦିଷ୍ଟ Plot କୁ ପହଞ୍ଚିପାରିବା। ଯେଉଁଠାରେ ଆମେ ପହଞ୍ଚିବା ଏହା ହେଉଛି ଆମର ପ୍ଲଟର ମଝିସ୍ଥାନ। ସେଠାରୁ ଆମେ ଉପର ଆଡ଼କୁ ୫୦ମିଟର ଏବଂ ତଳ ଆଡ଼କୁ ୫୦ମିଟର ନେଉଛୁ। ସାଧାରଣତଃ ଏହି Plot

ପାହାଡ଼ର ତଳୁ ଉପର ଆଡ଼କୁ ମପାଯାଉଛି ଯାହାଦ୍ୱାରାକି ସବୁଜାତୀୟ ଗଛ ଏହି Plot ମଧ୍ୟରେ ରହିବ।

ତା ପରେ ଆମେ ଏହି ୧୦୦ ମିଟର ଲମ୍ବ ଏବଂ ୧୦ ମିଟର ଚଉଡ଼ାର ଏକ Plot ଆମେ ଚିହ୍ନାଟି କରୁଛୁ। ଏହାର ଚାରିକଡ଼ରେ ଆମେ Paint ଦ୍ୱାରା ରଙ୍ଗ ଲଗାଉଛୁ। ତେଣୁ ଏହି ୧୦୦ ମିଟର x ୧୦ ମିଟର Plot ହେଲା ଆମର ଅଧ୍ୟୟନ। ତା ପରେ ଆମେ ଏହି Plot କୁ ସମାନ ୧୦ ଭାଗରେ ଭାଗ କରୁଛୁ ଏବଂ ପ୍ରତ୍ୟେକ ଭାଗର ଲମ୍ବ ୧୦ ମିଟର ଓ ପ୍ରସ୍ଥ ୧୦ ମିଟର। ଏହାପରେ ଆମେ ୩ ନମ୍ବର ଓ ୭ ନମ୍ବର subplot କୁ ଛାଡ଼ି ସମସ୍ତ subplot ରେ ପ୍ରତ୍ୟେକ species wise ଗଛର ତାଲିକା ପ୍ରସ୍ତୁତ କରୁଛୁ। ତା ପରେ ୩ ନମ୍ବର ଓ ୭ ନମ୍ବର subplot ରେ ସମସ୍ତ ଗଛର ତାଲିକା ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଏହି subplot ରେ ଆମେ କେତେ Herb, Shurb, Climber, Grasses, coppice, regeneration of small plants ଅଛି ତାର ଗଣନା ମଧ୍ୟ କରୁଛୁ। ଏହା କରିବା ଦ୍ୱାରା ଆମର ଜଙ୍ଗଲରେ କେତେ ପରିମାଣରେ ଲଘୁ ବନଜାତ ଦ୍ରବ୍ୟଜନିତ ଗଛ, ଔଷଧୀୟ ବୃକ୍ଷ, ଘାସଜାତୀୟ ଗଛ, ଲତାଜାତୀୟ ଗଛ, ଗୁଳ୍ମଜାତୀୟ ଗଛ ଏବଂ ସର୍ବୋପରି ଉପରୋକ୍ତ ବୃକ୍ଷମାନଙ୍କର regeneration status ର ମଧ୍ୟ ତାଲିକା କରୁଛୁ।

ଏହି ସବୁ ତାଲିକା ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ହେଉଛି ଯେ, ଲଘୁ ବନଜାତ ଦ୍ରବ୍ୟଜନିତ ଗଛ ଇତ୍ୟାଦି କେତେ ପରିମାଣରେ ଆମର ଜଙ୍ଗଲରେ ଅଛି ଏବଂ କେଉଁ କେଉଁ ଜଙ୍ଗଲ ଜାଗାରେ ଅଛି ଏବଂ ଏହାର ଭବିଷ୍ୟତ regeneration status କେତେ ?

ଏହାପରେ Plot ନିକଟସ୍ଥ ଗ୍ରାମକୁ ଯାଇ, ଗ୍ରାମବାସୀମାନଙ୍କ ସାଥିରେ ମିଶି, କେତେ ବନଜାତ ଦ୍ରବ୍ୟ ପରିବାର ପିଛା ବାର୍ଷିକ ସେମାନେ ସଂଗ୍ରହ କରୁଛନ୍ତି, ତନ୍ମଧ୍ୟରୁ କେତେ ପରିମାଣରେ ସେମାନେ ନିଜ ପାଇଁ ବ୍ୟବହାର କରୁଛନ୍ତି ଓ ବଳକା କେତେ କିନିଷକୁ ନିକଟସ୍ଥ ହାଟ, ବଜାରରେ ବିକୁଛନ୍ତି ଏବଂ ସେଥିରୁ କେତେ ଅର୍ଥ ଉପାର୍ଜନ କରୁଛନ୍ତିଏହାର ଏକ ତାଲିକା ପ୍ରସ୍ତୁତ କରୁଛୁ।

ଏହି village survey କରିବାର ଉଦ୍ଦେଶ୍ୟ ଯେ, କେଉଁ କେଉଁ ଲଘୁ ବନଜାତ ଦ୍ରବ୍ୟର ଚାହିଦା କେତେ ପରିମାଣରେ ବଜାରରେ ରହୁଛି ଏବଂ ଲୋକମାନେ କେତେ ପରିମାଣରେ ନିଜ ପାଇଁ ବ୍ୟବହାର କରୁଛନ୍ତି ଆମେ ଜାଣିପାରିବା। ଏତଦ୍ ବ୍ୟତୀତ ବନବାସୀମାନଙ୍କର ଆର୍ଥିକ ସ୍ଥିତି ବିଷୟରେ ମଧ୍ୟ ଜଣାପଡ଼ିବ।

ମୋଟ ଏହି survey କରିବାର ଉଦ୍ଦେଶ୍ୟ ଯେ,

୧) ଭବିଷ୍ୟତରେ ଲଘୁବନଜାତ ଦ୍ରବ୍ୟ ଉତ୍ପାଦନ ସ୍ଥଳରେ ଆଧୁନିକ ପ୍ରଣାଳୀରେ କୁଟୀର ଶିଳ୍ପ ପ୍ରତିଷ୍ଠା କରି ଗରିବ ଲୋକମାନଙ୍କର ଆର୍ଥିକ ମାନଦଣ୍ଡକୁ ବୃଦ୍ଧି କରିବା।

୨) ଯେଉଁ ଜଙ୍ଗଲ ଜାଗାରେ ମୂଲ୍ୟବାନ୍ ଲଘୁବନଜାତ ଦ୍ରବ୍ୟଜନିତ ଗଛ (ଯଥା - ଅଶୋକ, ବଚ [endangered]) ବିଲୁପ୍ତ ପ୍ରାୟ, ସେହି ଜାଗାମାନଙ୍କରେ ଉପରୋକ୍ତ ଗଛର କିଭଳି ସଂରକ୍ଷଣ କରାଯାଇପାରିବ, ତାହା ପାଇଁ ସବିଶେଷ ପଦକ୍ଷେପ ନିଆଯାଇପାରିବ।

୩) ଲଘୁବନଜାତ ଦ୍ରବ୍ୟର ଉପଯୁକ୍ତ ଅମଳ ପ୍ରଣାଳୀ (Collection Procedure) ଏହାର ପ୍ରକ୍ରିୟାକରଣ ତଥା ସଂରକ୍ଷଣ ଉପରେ ଜନସଚେତନତା ସୃଷ୍ଟି କରାଇବା।

୪) ଲୋକମାନଙ୍କର ଭବିଷ୍ୟତ ଚାହିଦାକୁ ପୂରଣ କରିବା ପାଇଁ ଏକ ଦୀର୍ଘସୂଚୀ Plan ପ୍ରସ୍ତୁତ କରିବା।

୫) ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ, ଜଙ୍ଗଲରେ ମିଳୁଥିବା ମୂଲ୍ୟବାନ ଲଘୁବନଜାତ ଉତ୍ପାଦୀୟ ବୃକ୍ଷରାଜିକୁ ସୁରକ୍ଷା ଦେବା।

(ତା. ୫.୫.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# "ଜଗନ୍ନାଥ ବନ ପ୍ରକଳ୍ପ ଏବଂ ରଥ ପାଇଁ କାଠ

**ମହାଦେବ ବଡ଼ାଇକ୍**

ସାଧାରଣତଃ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପ୍ରତ୍ୟେକ ବର୍ଷ ଆଷାଢ଼ ମାସରେ ଅନୁଷ୍ଠିତ ହୋଇଥାଏ। ଏହି ଘୋଷଯାତ୍ରା ପାଇଁ ସରସ୍ୱତୀ ପୂଜା ଦିନଠାରୁ ପୂଜା ଆରମ୍ଭ କରି ଅକ୍ଷୟତୃତୀୟା ଦିନଠାରୁ ରିତିମତ ଭିତ୍ତିରେ ରଥତିଆରି କାମ ଆରମ୍ଭ କରାଯାଏ। ଏହି ରଥ ପାଇଁ ଚିରାଚରିତ ଅନୁସାରେ ଦଶପଲ୍ଲା ରାଜା କାଠ ଯୋଗାଉଥିଲେ ଏବଂ ପରବର୍ତ୍ତୀ ସମୟରେ ସରକାରଙ୍କ ତରଫରୁ ବନଖଣ୍ଡ ଅଧିକାରୀ, ମାନେ କାଠ ଯୋଗାଇ ଦେଇ ଆସୁଛନ୍ତି। ପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ରଥ ନିର୍ମାଣ ନିମିତ୍ତ ସର୍ବମୋଟ ୮୬୫ ଖଣ୍ଡ ବିଭିନ୍ନ କିସମର କାଠ ସହିତ କିଛି ବଳହା ଶ୍ରେଣୀର କାଠ ଦରକାର ହୋଇଥାଏ। ଏଥିରେ

| | | | | | |
|---|---|---|---|---|---|
| ଫାଶିକାଠ | କୁମ୍ଭ | ୯' X ୬' | ର | ୨୨ | ଖଣ୍ଡ |
| | ପହି | ୧୨' X ୬' | ର | ୫୦ | ଖଣ୍ଡ |
| ଧଉରା | ଅରମୁଣ୍ଡି | ୧୨' X ୩'୬'ର | | ୪୨୮ | ଖଣ୍ଡ |
| | ଦଣ୍ଡା ଓ ଅଖ | ୪୦'X ୩' | ର | ୫୦ | ଖଣ୍ଡ |
| ଅସନ | ଗୟଳ | ୪୦' X ୩' | ର | ୩୧୨ | ଖଣ୍ଡ |
| ଶିମିଳି | - | - | - | ୩ | ଖଣ୍ଡ |

ଏହା ବ୍ୟତୀତ ମହାପ୍ରଭୁ ଲିଙ୍ଗରାଜଙ୍କର ରୁକୁଣା ରଥ ସକାଶେ ବିଭିନ୍ନ ପ୍ରଜାତିର ୨୮ ଖଣ୍ଡ କାଠ ମଧ୍ୟ ଏହି ବନଖଣ୍ଡରୁ ଯୋଗାଇ ଦିଆଯାଇଥାଏ।

| | | | | |
|---|---|---|---|---|
| ସେଥିରେ | ମଇ | ୧୫' X ୫' | ୫ | ଖଣ୍ଡ |
| | ଶିମିଳି | ୧୫' X ୫' | ୫ | ଖଣ୍ଡ |
| | ଶାଳ (pole) | ୧୮'X୨'୬'' | ୩ | ଖଣ୍ଡ |
| | ଶାଳ | ୧୦' X ୫' | ୨ | ଖଣ୍ଡ |
| | ଶାଳ | ୧୫' X ୧୪'' | ୮ | ଖଣ୍ଡ |
| | କୁମ୍ଭି | ୧୫' X ୫' | ୫ | ଖଣ୍ଡ |
| | | | ୨୮ | ଖଣ୍ଡ |

ଏ ବର୍ଷ ମଧ୍ୟ ନୟାଗଡ଼ ବନଖଣ୍ଡ ତରଫରୁ ଦରକାର ମୁତାବକ ୬୨୮ ଖଣ୍ଡ କାଠ ଯୋଗାଇ ଦିଆଯାଇଛି। Ex – state ସମୟରେ ଅଣ ବୈଜ୍ଞାନିକ ପଦ୍ଧତିରେ ଗଛକଟା ଏବଂ ଦୀର୍ଘ ସମୟ କାଠ ଯୋଗାଣ ଦ୍ୱାରା ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ସ୍ୱତନ୍ତ୍ର କାର୍ଯ୍ୟକାରୀ ଯୋଜନା (Working Plan) ତିଆରି କରି ୧୯୯୭-୯୮ ମସିହାରୁ ଦରକାରୀ ମୁତାବକ ଗଛ କଟାଯାଇ ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକାରୀ ଯୋଜନା (Working Plan) ରେ ଦଶପଲ୍ଲା ଏବଂ ଗଣିଆ ରେଞ୍ଜର ୧୫ ଗୋଟି Forest Block ରେ ୧୯୯୦୯.୩୪ହେକ୍ଟର ଜଙ୍ଗଲ ଜମି ଅର୍ନ୍ତଭୁକ୍ତ। ଫାଶି କାଠ ସାଧାରଣତଃ ଜଙ୍ଗଲ ଜମି ବ୍ୟତୀତ ସାଧାରଣ ଲୋକଙ୍କ ଠାରୁ ଦାନ ସୂତ୍ରରେ ଯୋଗାଇ ଦିଆଯାଇଥାଏ। ସରକାର ବର୍ତ୍ତମାନ ଜଙ୍ଗଲରେ କାଠର ଅଭାବ ଏବଂ ଭବିଷ୍ୟତର ଚାହିଦାକୁ ଆଖି ଆଗରେ ରଖି ୨୦୦୦ ମସିହାରୁ ଜଗନ୍ନାଥ ବନ ପ୍ରକଳ୍ପ ନାମରେ ବିଭିନ୍ନ ସଂରକ୍ଷିତ ଏବଂ ଅନ୍ୟାନ୍ୟ ସରକାରୀ ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ୨୦୦୦-୦୧ ରୁ ୨୦୦୪-୦୫ ବର୍ଷ ମଧ୍ୟରେ ସାରା ରାଜ୍ୟରେ ଜଗନ୍ନାଥ ବନ ପ୍ରକଳ୍ପ ଅଧିନରେ ଜମିରେ ଧଉରା, ଅସନ, ଫାଶି ଇତ୍ୟାଦି କିସମର ବୃକ୍ଷରୋପଣ କରାଯାଇଅଛି। ନୟାଗଡ଼ ବନଖଣ୍ଡରେ ଏହି ପ୍ରକଳ୍ପ ମାଧ୍ୟମରେ ୪୦୦ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଅଛି। ଏହା ବ୍ୟତୀତ ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଫାଶି ବୃକ୍ଷ ଲଗାଇବା ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଉଛି। ଧାର୍ମିକ ଚେତନା ପାଇଁ ଲୋକମାନଙ୍କର ଏହି ବନୀକରଣ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ ରହୁଛି।

(ତା. ୧୨.୫.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ନନ୍ଦନକାନନର ଆଧୁନିକୀକରଣ

ଚିତ୍ତରଞ୍ଜନ ମିଶ୍ର
କମଳ ଲୋଚନ ପୁରୋହିତ

ଡିସେମ୍ବର ୨୯, ୧୯୬୦ ମସିହାରେ ସ୍ଥାପିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅବିରତ ଭାବରେ ଉତ୍ତୋରତ୍ତର ଉନ୍ନତି କରି ଚାଲିଛି। ତତ୍କାଳିନ ଚନ୍ଦକା ବନାଞ୍ଚଳର କୁଞ୍ଜଗଡ଼ ଓ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲ, କାଞ୍ଜିଆ ହ୍ରଦ ସମେତ ୪.୩୭ ବର୍ଗ କି.ମି. ପରିଧିରେ ନନ୍ଦନକାନନ ଅଭୟାରଣ୍ୟ ୧୯୭୯ ମସିହାରେ ଘୋଷିତ ହେଲା।

୧୯୭୩ ମସିହାରେ 'ଖ' ଶ୍ରେଣୀ ମାନ୍ୟତା ପାଇଥିବା ଏହି ଚିଡ଼ିଆଖାନା ବର୍ତ୍ତମାନ ଏକ ବୃହତ୍ ଚିଡ଼ିଆଖାନାର ମାନ୍ୟତା ପାଇଛି। ୩ଟି ସମ୍ବର, ୩ଟି ବାରହା, ଗୋଟିଏ ଗୁରାଣ୍ଡି, ଗୋଟିଏ ଠେକୁଆ, ୫ଟି ମୟୂର, ୨ଟି ଅଜଗରକୁ ନେଇ ଆରମ୍ଭ ହୋଇଥିବା ନନ୍ଦନକାନନରେ ଆଜି ୧୨୧ ପ୍ରଜାତିର ୧୯୬୨ ଜନ୍ତୁ ରହିଛନ୍ତି।

- ୧୯୬୪ ମସିହାରେ ବୃହତ୍ ମାର୍ଜାର ଶ୍ରେଣୀର ମହାବଳ ବାଘ, କଲରାପତରିଆ ବାଘ ଏବଂ ଆଫ୍ରିକୀୟ ସିଂହ ନନ୍ଦନକାନନରେ ରଖାଗଲା।
- ୧୯୭୬ ମସିହାରେ ଘଡ଼ିଆଳ କୁମ୍ଭୀର ଜଳାଶୟ ତିଆରି ପରେ ପ୍ରଜନନ ପାଇଁ ଅଣ୍ଡିରା କୁମ୍ଭୀର ଖୋଜାଖୋଜି ପରେ ଜର୍ମାନୀର ଫ୍ରାଙ୍କଫଟ୍ ଚିଡ଼ିଆଖାନାରୁ ଆଣି ୧୯୮୦ ମସିହାରେ ପ୍ରଥମ ଅଣ୍ଡାଦାନ ଆରମ୍ଭ ହେଲା। ବର୍ତ୍ତମାନ ସୁଦ୍ଧା ଘଡ଼ିଆଳ ସମେତ ଅନ୍ୟ ଦୁଇ ପ୍ରଜାତିର ଭାରତୀୟ କୁମ୍ଭୀର ଯଥା ବଉଳା ଓ ଗୋହିଁ କୁମ୍ଭୀରଙ୍କର ଏଠାରେ ସୁଚାରୁରୂପେ ବଂଶ ବିସ୍ତାର କରାଯାଇ ଓଡ଼ିଶାରେ ଥିବା ଉକ୍ତ କୁମ୍ଭୀରଙ୍କ ପ୍ରାକୃତିକ ବାସସ୍ଥଳୀରେ ଛଡ଼ାଯାଇଅଛି।
- ୧୯୭୬ ମସିହାରେ ମଧ୍ୟ ଭାଲୁ ଓ ଗଣ୍ଡା ପାଇଁ ଦୁଇ ଗୋଟି ବିଭିନ୍ନ ମୁକ୍ତାକାଶ ଖୁଆଡ଼ ତିଆରି କରାଗଲା।
- ସେହି ୧୯୮୦ ମସିହାରେ ପ୍ରଥମଥର ପାଇଁ ସାଧାରଣ ବାଘର ଔରସରୁ ତିନି ଗୋଟି ଧଳାବାଘ ଶାବକର ଜନ୍ମ ହୋଇଥିଲା। ଏଥି ସହିତ ଆରମ୍ଭ ହେଲା ଭାରତରେ ଏକ ନୂଆ ବାଘର ବଂଶାବଳୀ। ପ୍ରଥମ ମୁକ୍ତାକାଶ ବ୍ୟାଘ୍ର ଖୁଆଡ଼ ୨୯, ଡିସେମ୍ବର, ୧୯୭୬ ମସିହାରେ ଦର୍ଶକଙ୍କ ପାଇଁ ଉନ୍ମୁକ୍ତ ହେବାର ସପ୍ତାହକ ମଧ୍ୟରେ ନିକଟବର୍ତ୍ତୀ ଜଙ୍ଗଲର ଏକମାତ୍ର ମୁକ୍ତ ବାଘୁଣୀ ଚିଡ଼ିଆଖାନାର ବାଘ "ପ୍ରଦୀପ" ଦ୍ୱାରା ଆକୃଷ୍ଟ ହୋଇ ଖୁଆଡ଼ ମଧ୍ୟକୁ ଲମ୍ଫ ପ୍ରଦାନ କରିଥିଲା। ଚିଡ଼ିଆଖାନା ଇତିହାସରେ ଏହା ଏକ ବିରଳତମ ଘଟଣା।
- ୧୯୮୪ ମସିହାରେ ପାଣି ଚଢ଼େଇଙ୍କ ପାଇଁ ଏକ ବୃହଦାକାର ପକ୍ଷୀବିହାର ତିଆରି କରାଗଲା।
- ୧୯୯୧ ମସିହାରେ ଗୌହାଟି ଚିଡ଼ିଆଖାନାରୁ ଅଣା ହୋଇଥିବା ମାଈ ଜଳହସ୍ତୀକୁ ୧୯୯୩ ମସିହାରେ ଚେନ୍ନାଇ ଚିଡ଼ିଆଖାନାରୁ ଗୋଟିଏ ଅଣ୍ଡିରା ଜଳହସ୍ତୀ ଆଣି ଏକତ୍ର ରଖି ଜଳହସ୍ତୀର ବଂଶ ବିସ୍ତାର ଘଟି ବର୍ତ୍ତମାନ ୧୪ ରେ ପହଞ୍ଚିଛି।
- ମ୍ୟୁଜିୟମ ଭାବରେ ଆରମ୍ଭ ହୋଇଥିବା ଏକ ଗୃହରେ ଛଅଗୋଟି ବଡ଼ ବଡ଼ କାଚ ବାକ୍ସ ରଖି ୧୯୭୬ ମସିହାରେ ପ୍ରଥମେ ମତ୍ସ୍ୟାଗାରର ଶୁଭାରମ୍ଭ କରାଗଲା। ପର୍ଯ୍ୟାୟକ୍ରମେ ଏହାର ଉତ୍ତୋରତ୍ତର ଉନ୍ନତି ହୋଇ ବର୍ତ୍ତମାନ ପରିସ୍ଥିତିରେ ୪ ଗୋଟି ଲୁଣାପାଣି କାଚ ବାକ୍ସ ସହିତ ମୋଟ ୧୪ ଗୋଟି ବାକ୍ସକୁ ନେଇ ଏକ ଅତ୍ୟାଧୁନିକ ମତ୍ସ୍ୟାଗାର ତିଆରି ହୋଇଛି।
- ୧୯୮୪ ମସିହାରେ ୨୦ ହେକ୍ଟର ପରିମିତ ଜଙ୍ଗଲକୁ ନେଇ ସିଂହ ସଫାରୀ ଆରମ୍ଭ କରାଯାଇଥିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୯୧ ମସିହାରେ ୧୬ ହେକ୍ଟର ପରିମିତ ଜଙ୍ଗଲରେ ଧଳାବାଘ ସଫାରୀ ପ୍ରତିଷ୍ଠା କରାଗଲା।
- ନିକଟରେ ୨୧ ହେକ୍ଟର ପରିମିତ ଏକ ତୃଣଭୋଜୀ ସଫାରୀ ଓ ୫ ହେକ୍ଟର ପରିମିତ ଭାଲୁ ସଫାରୀ ଦର୍ଶକମାନଙ୍କ ପାଇଁ ଉନ୍ମୁକ୍ତ ହେବାର ଅଛି।
- ସରୀସୃପ ଉଦ୍ୟାନ ଏବଂ ରାତ୍ରୀଚର ଜୀବ ଘର ନନ୍ଦନକାନନରେ ଏକ ବିଶେଷ ଆକର୍ଷଣ ହୋଇଥିବା ବେଳେ ବିସ୍ତୃତ ଅଞ୍ଚଳ ପରିମିତ ଖାଇଯୁକ୍ତ ବ୍ୟାଘ୍ର ଖୁଆଡ଼ ନନ୍ଦନକାନନର ଜନ୍ତୁଙ୍କୁ ଏକ ସୁସ୍ଥ ପରିବେଶରେ ରଖି ଦର୍ଶକଙ୍କୁ ଏକ ଉନ୍ନତମାନର ପରିଦର୍ଶନର ସୁବିଧା ଯୋଗାଇଥାଏ।

- ନିଜସ୍ୱ ଘାସ ଉତ୍ପାଦନ କେନ୍ଦ୍ର ଏବଂ ନିଜର କଂସେଇଖାନା ଥିବା ଏହା ଭାରତର ପ୍ରଥମ ଚିଡ଼ିଆଖାନା । ଘାସ ପଡ଼ିଆରେ ଉତ୍ପନ୍ନ ଘାସରୁ ନନ୍ଦନକାନନର ସମସ୍ତ ତୃଣଭୋଜୀ ପ୍ରାଣୀଙ୍କର ଘାସର ଚାହିଦା ମେଣ୍ଟାଉଥିବା ବେଳେ କଂସେଇଖାନାରେ ମାଂସାଶୀ ପ୍ରାଣୀଙ୍କ ମାଂସ ପାଇଁ ମେଣ୍ଢାମାନଙ୍କୁ ମାରିବା ପୂର୍ବରୁ ଓ ମାରିବା ପରେ ପରୀକ୍ଷା ନିରୀକ୍ଷା କରାଯାଇ ଜନ୍ତୁମାନଙ୍କର ମାଂସ ପରିବେଷଣ କରାଯାଉଛି ।

**ବିଲୁପ୍ତ ପ୍ରାଣୀମାନଙ୍କର ସଂରକ୍ଷଣ ଓ ଗବେଷଣା**

ଅନେକ ବିଲୁପ୍ତପ୍ରାୟ ପ୍ରାଣୀଙ୍କର ବଂଶ ବିସ୍ତାରରେ ପ୍ରସିଦ୍ଧି ଲାଭ କରିଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବହୁକାପ୍ଷା ଏବଂ ଅନେକ ଏହି ପ୍ରାଣୀମାନଙ୍କର ସଂରକ୍ଷଣ ତଥା ପ୍ରଜନନ କ୍ଷେତ୍ରରେ ଗବେଷଣା ପାଇଁ ଏକ ଅନୁମତି ମିଳିଛି ଓ ବାଘ, ପାଣିଗୋଧି, କୁମ୍ଭୀର ଆଦି ଅନ୍ୟାନ୍ୟ ଜୀବଙ୍କ ସଂରକ୍ଷଣ ଏବଂ ବଂଶ ବିସ୍ତାର ପାଇଁ ଏକ ଉଚିତନି ଚିଡ଼ିଆଖାନା ଭାବରେ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ନିକଟରୁ ସ୍ୱୀକୃତି ମିଳିଛି ।

ଇତି ମଧ୍ୟରେ ବିଶ୍ୱ ଚିଡ଼ିଆଖାନା ଓ ମତ୍ସ୍ୟାଗାର ସଂଗଠନର ପ୍ରଥମ ଭାରତୀୟ ସଭ୍ୟ ଭାବରେ ପରିଗଣିତ ହୋଇପାରିଛି ଯାହାକି ଆମ ପାଇଁ ଗୌରବର ବିଷୟ ।

**ଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ସେବା**

- ୧୯୬୦ ମସିହାରେ ନନ୍ଦନକାନନ ଆରମ୍ଭ ହେବା ଦିନଠାରୁ ୧୯୬୬ ମସିହା ପର୍ଯ୍ୟନ୍ତ ଚଳକା ପଶୁ ଚିକିତ୍ସକ ନନ୍ଦନକାନନରେ ଜୀବଜନ୍ତୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରୁଥିଲେ । ୧୯୬୭ ମସିହା ଜୁଲାଇ ମାସ ୧୨ ତାରିଖରୁ ନନ୍ଦନକାନନରେ ପଶୁ ଚିକିତ୍ସାଳୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟକ୍ଷମ ହୋଇ ଆଜି ସମସ୍ତ ପ୍ରକାର ସୁବିଧା ଥାଇ ଏକ ଅତ୍ୟାଧୁନିକ ପଶୁଚିକିତ୍ସାଳୟରେ ପରିଣତ ହୋଇଛି ।
- ନିକଟବର୍ତ୍ତୀ ଓଡ଼ିଶା ପଶୁ ଚିକିତ୍ସା ମହାବିଦ୍ୟାଳୟ ଏବଂ ତତ୍ ଅଧିନସ୍ଥ ପୂର୍ବପ୍ରାନ୍ତୀୟ ବନ୍ୟପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଯୋଗାଯୋଗ ରଖି ବର୍ତ୍ତମାନ ନନ୍ଦନକାନନର ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟ ନିରୀକ୍ଷଣ ଓ ରକ୍ଷଣାବେକ୍ଷଣ କରୁଛି ।

**ପର୍ଯ୍ୟଟକଙ୍କ ପାଇଁ ସୁବିଧା ସୁଯୋଗ**

- ଦର୍ଶକଙ୍କର ସୁବିଧା ଓ ଆମୋଦପ୍ରମୋଦ ପାଇଁ ଏଠାରେ ଅନେକ ବ୍ୟବସ୍ଥା କରାଯାଇଛି । ୧୯୭୧-୭୨ ମସିହାରେ ଆରମ୍ଭ ହୋଇଥିବା ଡ୍ରଙ୍ଗୀ ଚାଳନା, ପିଲାଙ୍କ ଶିଶୁ ରେଳଗାଡ଼ି, ୧୯୯୪ରେ ଆରମ୍ଭ ହୋଇଥିବା ରଜ୍ଜୁପଥ ସହିତ ପ୍ରମୋଦ ଉଦ୍ୟାନ, ଦର୍ଶକଙ୍କ ପାଇଁ ଭୋଜନାଳୟ, ବିଶ୍ରାମ ଗୃହ ଏବଂ ଏକ ଗ୍ରନ୍ଥାଗାର ଅନ୍ୟତମ ।
- ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଚିଡ଼ିଆଖାନାରେ ବୁଲିବା ପାଇଁ ବ୍ୟାଟେରୀ ଚାଳିତ ଯାନର ସୁବିଧା କରାଯାଇଛି । ଭିନ୍ନକ୍ଷମମାନଙ୍କ ପାଇଁ ହ୍ୱିଲ୍ ଚେୟାରର ମଧ୍ୟ ବ୍ୟବସ୍ଥା ରହିଛି ।
- ଚିଡ଼ିଆଖାନାର ବିଭିନ୍ନ ଅଞ୍ଚଳରେ ପୁରୁଷ ଓ ମହିଳାମାନଙ୍କ ପାଇଁ ପୃଥକ ଭାବରେ ପ୍ରସାଧାନ କେନ୍ଦ୍ରମାନ କରାଯାଇଛି ।
- ଏତେ ବଡ଼ ଚିଡ଼ିଆଖାନାରେ ବୁଲି କ୍ଳାନ୍ତ ଅନୁଭବ କଲେ, ସ୍ଥାନେ ସ୍ଥାନେ ପର୍ଯ୍ୟଟକମାନେ ଶାନ୍ତ ସିଗ୍ଧ ବାତାବରଣରେ ବସିବା ପାଇଁ ବସିବା ସ୍ଥାନମାନ ତିଆରି କରାଯାଇଛି ।
- ଚିଡ଼ିଆଖାନାକୁ ଠିକରେ ବୁଝିବା ପାଇଁ ସ୍ୱଳ୍ପ ଖର୍ଚ୍ଚରେ ତାଲିମ୍ ପ୍ରାପ୍ତ ଗାଇଡ୍ ସେବାର ବ୍ୟବସ୍ଥା କରାଯାଇଛି ।
- ଲୋକମାନଙ୍କ ପାଇଁ ସ୍ଥାନେ ସ୍ଥାନେ ଶୀତଳ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି ।
- ଦେୟମୁକ୍ତ ଭାବେ ୧୯୬୦ ମସିହାରୁ ପ୍ରବେଶରୁ ଆରମ୍ଭ ହୋଇ ୧୦ ପଇସା, ୧୫ ପଇସା ଏହିଭଳି ଭାବେ ବଢ଼ି ବଢ଼ି ବର୍ତ୍ତମାନ ୨୦ ଟଙ୍କାରେ ପହଞ୍ଚିଥିବା ପ୍ରବେଶ ଶୁଳ୍କ ପାଇଁ ଅତ୍ୟାଧୁନିକ ବିଦ୍ୟୁତ୍ ଚାଳିତ ଗେଟ୍ ସ୍ଥାପନା କରାଯାଇଛି । ୧୯୬୫ ମସିହାରେ ୧୯,୭୮୩ ଜଣ ଦର୍ଶକ ଆସିଥିବା ବେଳେ ୧୯୮୫-୮୬ରେ ହୀରକଜୟନ୍ତୀ ବର୍ଷ ଏହା ୮,୬୧,୪୦୦କୁ ପହଞ୍ଚିଥିଲା ଏବଂ ବିଗତ ୨୦୧୧-୧୨ବର୍ଷରେ ଏହା ୨୪,୬୯,୦୦୦କୁ ପହଞ୍ଚିଛି । ଗତ ଜାନୁୟାରୀ ୨୦୧୨ ଦିନ ସର୍ବକାଳୀନ ସର୍ବାଧିକ ୪୯,୬୮୨ ଦର୍ଶକ ନନ୍ଦନକାନନ ପରିଦର୍ଶନ କରି ଏକ ରେକର୍ଡ଼ ସ୍ଥାପନ କଲେ ।
- ଏକ ଅତ୍ୟାଧୁନିକ ଉଭୟଚର ଜନ୍ତୁ ଘର ନିର୍ମାଣ ଚାଲିଥିବା ବେଳେ ଭବିଷ୍ୟତରେ ଏକ ପ୍ରଜାପତି ଉଦ୍ୟାନ, ବିଦେଶୀ ପକ୍ଷୀଙ୍କ ପାଇଁ ଏକ ପକ୍ଷୀବିହାର ନିର୍ମାଣ କରିବାର ଯୋଜନା ରହିଛି ।

(ତା. ୨୬.୫.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# ଜଙ୍ଗଲ ସଂରକ୍ଷଣ ଆଇନ୍, ୧୯୮୦

ଶରତ ଚନ୍ଦ୍ର ପାତ୍ର
ପାଣ୍ଡବ ବେହେରା

୧. ପ୍ରଶ୍ନ: ଜଙ୍ଗଲ ସଂରକ୍ଷଣ ଆଇନ୍ କେବେ ଠାରୁ କାର୍ଯ୍ୟକାରୀ ହୋଇଅଛି ?

ଉତ୍ତର: ଭାରତ ସରକାରଙ୍କ ଦ୍ୱାରା ଜଙ୍ଗଲ ସଂରକ୍ଷଣ ଆଇନ, ୧୯୮୦, ତା .୨୫.୧୦.୧୯୮୦ ରିଖ ଠାରୁ ଆଇନ୍‌ରେ ପରିଣତ କରାଯାଇଅଛି ।

୨. ପ୍ରଶ୍ନ: କେଉଁ ବୃହତ୍ତର ଜାତୀୟ ସ୍ୱାର୍ଥକୁ ଆଖି ଆଗରେ ରଖି ଭାରତ ସରକାର ଏହି ଆଇନ ପ୍ରଣୟନ କଲେ ?

ଉତ୍ତର: ଜଙ୍ଗଲ ଏବଂ ବନ୍ୟଜନ୍ତୁ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଭାରତ ସରକାର ଏହି ଆଇନ ପ୍ରଣୟନ କରିଥିଲେ । ଜଙ୍ଗଲ ବିଷୟ ପ୍ରଥମେ ରାଜ୍ୟ ସରକାରଙ୍କ ଅଧୀନରେ ଥିଲା । ଭାରତ ସରକାର ଏହାକୁ ରାଜ୍ୟ ତାଲିକା (State List) ରୁ ଯୁଗ୍ମ ତାଲିକା (Concurred List) କୁ ଆଣିଲେ । ପ୍ରଗତି ନାମରେ ଜଙ୍ଗଲ ଜମିର ଅପବ୍ୟବହାର ରୋକିବା ହେଉଛି, ଏହି ଆଇନର ମୂଳ ଲକ୍ଷ୍ୟ । ଏହି ଆଇନ୍ ବଳରେ ପ୍ରଗତି ପାଇଁ ଜଙ୍ଗଲ ଜମିର ସୀମିତ ବ୍ୟବହାର କରି ପ୍ରକୃତିର ଭାରସାମ୍ୟ ରକ୍ଷା କରାଯାଇପାରିଛି ।

୩. ପ୍ରଶ୍ନ: ଜଙ୍ଗଲ ସୁରକ୍ଷାର ପ୍ରମୁଖ ଧାରାକୁ ବର୍ଣ୍ଣନା କରି ଏହାର ମୂଳ ଲକ୍ଷ୍ୟକୁ ବର୍ଣ୍ଣନା କରନ୍ତୁ ।

ଉତ୍ତର: ଏହି ଆଇନ ଧାରା-୨ ଅନୁସାରେ କୌଣସି ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଯେ କୌଣସି ସଂରକ୍ଷିତ ଜଙ୍ଗଲକୁ ଅଣସଂରକ୍ଷିତ କରିପାରିବେ ନାହିଁ । ଏହା ବ୍ୟତୀତ କୌଣସି ଜଙ୍ଗଲକୁ ଲିଜ୍ ସୂତ୍ରରେ ବେସରକାରୀ ଲୋକ କିମ୍ବା ସଂସ୍ଥାକୁ, ଯାହାକି ସରକାରଙ୍କ ଅଧୀନରେ ନାହିଁ ଦିଆଯାଇପାରିବ ନାହିଁ । ଯେ କୌଣସି ଜଙ୍ଗଲ ଜମିରେ ପ୍ରାକୃତିକ ଉପାୟରେ ଉଠିଥିବା ଗଛକୁ ବନୀକରଣ ଉଦ୍ଦେଶ୍ୟରେ କାଟିପାରିବେ ନାହିଁ ।

୪. ପ୍ରଶ୍ନ: ଅଣଜଙ୍ଗଲର କାର୍ଯ୍ୟର ଅର୍ଥ କଣ ଅଟେ ?

ଉତ୍ତର: ଯେ କୌଣସି ପ୍ରାକୃତିକ ଜଙ୍ଗଲକୁ କାଟି ସଫା କରି ସେଠାରେ ଚାହା, କଫି, ରବର, କଳମି ଫଳ ଗଛ, ଔଷଧୀୟ ବୃକ୍ଷ ଇତ୍ୟାଦି ଲଗାଇବା କିମ୍ବା ବନୀକରଣ ବ୍ୟତୀତ ଯେ କୌଣସି କାର୍ଯ୍ୟକୁ ଅଣଜଙ୍ଗଲ କାର୍ଯ୍ୟ କୁହାଯାଏ ।

୫. ପ୍ରଶ୍ନ: ଜଙ୍ଗଲ ଜମିରେ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ପାଇଁ କିଛି ଜଳାଶୟ, trench fencing, ପୋଲ, watch tower, ତିଆରି ହୋଇପାରିବ କି ?

ଉତ୍ତର: ଉପରୋକ୍ତ କାର୍ଯ୍ୟ ଯେହେତୁ ଜଙ୍ଗଲର ଅଭିବୃଦ୍ଧି, ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ପାଇଁ ଅପରିହାର୍ଯ୍ୟ, ଏହାକୁ ଅଣଜଙ୍ଗଲ କାର୍ଯ୍ୟ କୁହାଯାଇପାରିବ ନାହିଁ ।

୬. ପ୍ରଶ୍ନ: ଜଙ୍ଗଲ ସଂରକ୍ଷଣ ଆଇନ୍‌ରେ ଥିବା ବିଭିନ୍ନ ଧାରାକୁ ଯେଉଁମାନେ ଅମାନ୍ୟ କରିବେ ତେବେ ସେଥିପାଇଁ ଆଇନ୍‌ରେ କଣ ବ୍ୟବସ୍ଥା ରହିଛି ?

ଉତ୍ତର: (କ) ଯଦି କୌଣସି ସରକାରୀ ଅଧିକାରୀ ବା କର୍ତ୍ତୃପକ୍ଷ ଏହି ଧାରାକୁ ଅମାନ୍ୟ କରି ବେଆଇନ୍ କାର୍ଯ୍ୟ କରନ୍ତି, ତେବେ ଉକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯାଇପାରିବ ।

(ଖ) ଯଦି କୌଣସି ବ୍ୟକ୍ତି ବିଶେଷ ଉପରୋକ୍ତ ଆଇନର ଧାରା-୨ କୁ ଉଲ୍ଲଙ୍ଘନ କରିବାରେ ସାହାଯ୍ୟ କରନ୍ତି, ତେବେ ଆଇନର ବ୍ୟବସ୍ଥା ଅନୁସାରେ ୧୫ ଦିନ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ।

୭. ପ୍ରଶ୍ନ: ଜଙ୍ଗଲ ଜମିର ବ୍ୟବହାର ପାଇଁ ଜଙ୍ଗଲ ସଂରକ୍ଷଣ ବିଧି ଅନୁସାରେ ଦରଖାସ୍ତକାରୀଙ୍କୁ କଣ କରିବାକୁ ପଡ଼ିବ ?

ଉତ୍ତର: ଆବେଦନକାରୀ ଜଙ୍ଗଲ ସଂରକ୍ଷଣ ବିଧି ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ମୁଖ୍ୟ ବନ ସଂରକ୍ଷକ (Forest conservation and Nodal Officer, Forest Diversion) ଙ୍କୁ ଦରଖାସ୍ତ କରିପାରିବେ ।

୮. ପ୍ରଶ୍ନ: ଦରଖାସ୍ତକାରୀଙ୍କୁ ଜଙ୍ଗଲ ଜମି ପାଇବା ପାଇଁ ଜଙ୍ଗଲ ସଂରକ୍ଷଣ ବିଧି ଅନୁସାରେ କଣ କରିବାକୁ ପଡ଼ିବ ?

ଉତ୍ତର: ନିର୍ଦ୍ଦିଷ୍ଟ ଜଙ୍ଗଲ ଜମିର Digital GPS map ଏବଂ ଯେଉଁ ଜିଲ୍ଲାରେ ଜଙ୍ଗଲ ଜମି ଆବଶ୍ୟକ, ସେହି ଜିଲ୍ଲାର ଜିଲ୍ଲାପାଳଙ୍କ ଠାରୁ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁସାରେ ଆବଶ୍ୟକୀୟ ପ୍ରମାଣପତ୍ର ଦରଖାସ୍ତ ସହ ସଂଲଗ୍ନ କରିବାକୁ ପଡ଼ିବ । ଏହା ବ୍ୟତୀତ କ୍ଷତିପୂରଣ ବନୀକରଣ ପାଇଁ ଆବଶ୍ୟକ ହେଉଥିବା ଅଣଜଙ୍ଗଲ ଜମି ଉପରୋକ୍ତ ଜିଲ୍ଲାରେ ଚିହ୍ନଟ କରିବାକୁ ପଡ଼ିବ । ଚିହ୍ନିତ ଜଙ୍ଗଲ ଜମିର ଚାରିପଟେ User Agency ଙ୍କୁ ଆବଶ୍ୟକୀୟ Pillar posting କରିବାକୁ ପଡ଼ିବ ।

୯. ପ୍ରଶ୍ନ: ୧୯୮୦ ମସିହା ଠାରୁ ୦୧ . ୦୧ . ୨୦୧୨ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ପାଇଁ କେତେଗୋଟି ପ୍ରସ୍ତାବ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି ଏବଂ ଏଥିପାଇଁ କେତେ ପରିମାଣର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟ ପାଇଁ divert ହୋଇଅଛି ?

ଉତ୍ତର: ୩୮୪ ଗୋଟି ପ୍ରସ୍ତାବ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି, ଯେଉଁଥିପାଇଁ ୩୯୭୨୦ ହେକ୍ଟର ପରିମିତ ଜଙ୍ଗଲ ଜମି, ଅଣଜଙ୍ଗଲ କାର୍ଯ୍ୟ ପାଇଁ divert ହୋଇଅଛି ।

୧୦. ପ୍ରଶ୍ନ: ୩୯୭୨୦ ହେକ୍ଟର ଜଙ୍ଗଲ ଜମିରେ ଅଣଜଙ୍ଗଲ କାର୍ଯ୍ୟ ପାଇଁ କେତେ ପରିମିତ ଅଣଜଙ୍ଗଲ ଜମି କ୍ଷତିପୂରଣ ବନୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଏବଂ କେତେ ହେକ୍ଟର ଜମିରେ ବନୀକରଣ କରାଯାଇଅଛି ?

ଉତ୍ତର: ସର୍ବମୋଟ ୪୬,୭୯୨ ହେକ୍ଟର କ୍ଷତିପୂରଣ ବନୀକରଣ କରିବା ଆବଶ୍ୟକ ଥିବାବେଳେ, ୦୧.୦୧. ୨୦୧୨ ସୁଦ୍ଧା ୩୯,୪୩୬ ହେକ୍ଟର କ୍ଷତିପୂରଣ ବନୀକରଣ କରାଯାଇଅଛି ।

୧୧. ପ୍ରଶ୍ନ: ଆମ ରାଜ୍ୟରେ N.P.V. ବାବଦକୁ ଅଦ୍ୟାବଧି User Agency ମାନଙ୍କ ଠାରୁ କେତେ ଟଙ୍କା ଆଦାୟ କରାଯାଇଅଛି ?

ଉତ୍ତର: ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ଆଦେଶ ଅନୁସାରେ User Agency ଙ୍କ ଠାରୁ ହେକ୍ଟର ପିଛା ୬.୩୦ ଲକ୍ଷ ଟଙ୍କା ଠାରୁ ଆରମ୍ଭ କରି ୯.୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଅଛି । ଅଦ୍ୟାବଧି ସର୍ବମୋଟ ୩୬୪୧ କୋଟି ଟଙ୍କା ଆଦାୟ କରାଯାଇଅଛି ।

(ତା. ୯.୬.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଏକ ଦିବସୀୟ ସମୂହ ବୃକ୍ଷରୋପଣ

ଅଭିମନ୍ୟୁ ବେହେରା

ପ୍ରଶ୍ନ : ଏକ ଦିବସୀୟ ସମୂହ ବୃକ୍ଷରୋପଣ କରିବାର ତାତ୍ପର୍ଯ୍ୟ କଣ ?

ଉତ୍ତର : ଏକ ଦିବସୀୟ ସମୂହ ବୃକ୍ଷରୋପଣ ବନ ମହୋତ୍ସବର ଏକ ଅଂଶ । ବୃକ୍ଷ ଓ ଜଙ୍ଗଲ ପ୍ରତି ମମତା ଓ ଆଦର ସୃଷ୍ଟିକରିବା ଓ ଏହି ଉତ୍ସବରେ ସମସ୍ତଙ୍କୁ ସାମିଲ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତିବର୍ଷ ଜୁଲାଇମାସ ପ୍ରଥମ ସପ୍ତାହଟି ବନ ମହୋତ୍ସବ ଭାବେ ପାଳନ କରାଯାଏ । ଜଳବାୟୁର ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ଜଙ୍ଗଲର ସୁରକ୍ଷା, ଅଭିବୃଦ୍ଧି, ସୁପରିଚାଳନା ଏବଂ ବ୍ୟାପକ ବୃକ୍ଷରୋପଣ ଓ ବନୀକରଣ ଅପରିହାର୍ଯ୍ୟ ହୋଇପଡ଼ିଛି । ତେଣୁ ଏହି ବନ ମହୋତ୍ସବ ଅବସରରେ ଆଜି ସମସ୍ତଙ୍କୁ ସାମିଲ କରି ଜନଚେତନା ସୃଷ୍ଟି କରାଯାଇ ବୃକ୍ଷରୋପଣ କରାଯାଉଛି । ଏହି ଏକ ଦିବସୀୟ ବୃକ୍ଷରୋପଣରେ ସ୍କୁଲ, କଲେଜ ପିଲାମାନଙ୍କୁ, ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର, Ecoclub, ବେସରକାରୀ ଅନୁଷ୍ଠାନ, ବନ ସଂରକ୍ଷଣ ସମିତିମାନଙ୍କୁ ସାମିଲ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମାନ୍ୟବର ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ପଞ୍ଚାୟତ ସମିତିର ଅଧ୍ୟକ୍ଷ ବୃନ୍ଦ, ସରପଞ୍ଚ, ୱାର୍ଡର ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ, ଓ Press ଓ Electronic media ର ଭାଇ ଓ ଭଉଣୀମାନଙ୍କୁ ନେଇ ସମୂହ ବୃକ୍ଷରୋପଣ କରାଯାଉଛି । ବନବିଭାଗ ତରଫରୁ ବୃକ୍ଷରୋପଣ ପାଇଁ ସବୁ ପଦକ୍ଷେପ ନିଆଯାଉଛି ଓ ତାହାର ଅଗ୍ରଗତି କରାଯାଉଛି ।

ପ୍ରଶ୍ନ : ଏ ବର୍ଷ ଏହି ସମୂହ ଏକ ଦିବସୀୟ ବୃକ୍ଷରୋପଣରେ କେତେ ବୃକ୍ଷରୋପଣ କରାଯାଉଛି ?

ଉତ୍ତର : ଏ ବର୍ଷ ୩୫ ଲକ୍ଷ ଚାରା ଜୁଲାଇ ସାତ ତାରିଖ ଦିନ ଲଗାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଓଡ଼ିଶାର ୮ଟି ମଣ୍ଡଳ ଅନ୍ତର୍ଭୁକ୍ତ, ୪୮ଟି ବନଖଣ୍ଡରେ ମୋଟ ୩୫ ଲକ୍ଷ ଚାରା ୨୨୨୫ ହେକ୍ଟର ଜମିରେ ରୋପଣ କରାଯାଇଛି । ଅନୁଗୁଳ ମଣ୍ଡଳରେ ୩୧୫ ହେକ୍ଟର ଜମିରେ ୪,୯୮,୦୦୦ ବୃକ୍ଷରୋପଣ କରାଯାଇଛି । ଭୁବନେଶ୍ୱର ମଣ୍ଡଳରେ ୨୩୫ ହେକ୍ଟର ଜମିରେ ୩,୮୫,୦୦୦, ବ୍ରହ୍ମପୁର ମଣ୍ଡଳରେ ୪୨୦ ହେକ୍ଟର ଜମିରେ ୬,୭୨,୦୦୦, ସମ୍ବଲପୁର ମଣ୍ଡଳରେ ୨୫୦ ହେକ୍ଟର ଜମିରେ ୩,୯୪,୦୦୦, ରାଉରକେଲା ମଣ୍ଡଳରେ ୨୭୫ ହେକ୍ଟର ଜମିରେ ୪,୨୪,୦୦୦ ବାରିପଦା ମଣ୍ଡଳରେ ୧୯୫ ହେକ୍ଟର ଜମିରେ ୨,୫୬,୦୦୦, ଭବାନିପାଟଣା ମଣ୍ଡଳରେ ୨୮୫ ହେକ୍ଟର ଜମିରେ ୪,୫୬,୦୦୦ ଓ କୋରାପୁଟ ମଣ୍ଡଳରେ ୨୫୦ ହେକ୍ଟର ଜମିରେ ୪,୦୦,୦୦୦ ବୃକ୍ଷରୋପଣ କରାଯାଇଛି ।

ସେଥିମଧ୍ୟରୁ କଟକ ବନଖଣ୍ଡ ଜଗିଆରେ ୫୦ ହେକ୍ଟର ଜମିରେ ୮୦,୦୦୦ ଟି ବୃକ୍ଷରୋପଣ କରାଯାଇଛି । ସେହିପରି City Forest Division ରେ ୧୦ ହେକ୍ଟର ଜମିରେ ୧୬,୦୦୦, ଖୋର୍ଦ୍ଧା ବନଖଣ୍ଡରେ ୫୦ ହେକ୍ଟର ଜମିରେ ୮୦,୦୦୦, ଆଠଗଡ଼ ବନଖଣ୍ଡ ଦ୍ୱାରା ୫୦ ହେକ୍ଟର ଜମିରେ ୮୦,୦୦୦, ବ୍ରହ୍ମପୁର ୫୦ ହେକ୍ଟର ଜମିରେ ୮୦,୦୦୦ ବୃକ୍ଷଚାରା ରୋପଣ କରାଯାଇଛି ।

ଏହି ଏକ ଦିବସୀୟ ସମୂହ ବୃକ୍ଷରୋପଣ ୨୦୦୮ ମସିହା ଠାରୁ ଆରମ୍ଭ ହୋଇଥିଲା । ୨୦୦୮ ମସିହାରେ ୨୦ ଲକ୍ଷ, ୨୦୦୯ ମସିହାରେ ୨୫ ଲକ୍ଷ, ୨୦୧୦ ମସିହାରେ ୩୦ ଲକ୍ଷ ଓ ୨୦୧୧ ମସିହାରେ ୩୩ ଲକ୍ଷ ଚାରା ରୋପଣ କରାଯାଇଥିଲା । ଏ ବର୍ଷ ୩୫ ଲକ୍ଷ ଚାରା ଗୋଟିଏ ଦିନରେ ଲଗାଯାଇପାରିଛି ଓ ଗୋଟିଏ ବଡ଼ ଧରଣର ଜନଜାଗରଣ ଏ ଦିଗରେ ସୃଷ୍ଟି କରାଯାଉଛି ।

ପ୍ରଶ୍ନ : ଚଳିତବର୍ଷ ବନୀକରଣ ଦିଗରେ ସରକାରଙ୍କର କେଉଁ ସବୁ ଯୋଜନା ରହିଛି ?

ଉତ୍ତର : ଏ ବର୍ଷ ବିଭିନ୍ନ ଯୋଜନାରେ ବନୀକରଣ କରିବା ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ କରାଯାଇଛି । ସେଗୁଡ଼ିକ ହେଲା ଅର୍ଥକାରୀ ବୃକ୍ଷରୋପଣ, ଭାରତ ସରକାରଙ୍କର ତ୍ରୟୋଦଶ ଅର୍ଥ କମିଶନ ଗ୍ରାଣ୍ଟ, ଲଣ୍ଡାପାହାଡ଼ ବୃକ୍ଷରୋପଣ, ସହରାଞ୍ଚଳ ବୃକ୍ଷରୋପଣ, ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ଯୋଜନା, ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା, ଜାତୀୟ ବାଉଁଶ ମିଶନ, କାମ୍ପା (CAMPA), କ୍ଷତିପୂରକ ବନୀକରଣ, ଜାତୀୟ ବନୀକରଣ ଯୋଜନା । ଏ ବର୍ଷ ୨ଟି ନୂଆ scheme ହାତକୁ ନିଆଯାଇ ବନୀକରଣକୁ ବର୍ଦ୍ଧିତ କରାଯାଇଛି । ତାହା ହେଲା ପଥପାର୍ଶ୍ୱ ବନୀକରଣ ଓ ସ୍ଥାୟୀ ନର୍ସରୀର ରକ୍ଷଣା ବେକ୍ଷଣ ତଥା ପରିଚାଳନା । ଚଳିତବର୍ଷ ୧,୦୭,୨୮୭ ହେକ୍ଟର ଜମିରେ ପ୍ରାୟ ୩ ଲକ୍ଷ ୫୦ ହଜାର ବୃକ୍ଷରୋପଣ କରାଯାଇଛି ଓ ୩୧୦୭ କି.ମି. ପଥପାର୍ଶ୍ୱ ଓ କେନାଲ ବନ୍ଧ ବୃକ୍ଷରୋପଣ କରାଯାଇଛି ଓ ୨୧୧.୯୨ ଲକ୍ଷ ଚାରା ବିନା ମୂଲ୍ୟରେ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି ।

ପ୍ରଶ୍ନ : କେଉଁ କେଉଁ ବିଭାଗ ଏହି ବୃକ୍ଷରୋପଣରେ ଭାଗ ନିଅନ୍ତି ?

ଉତ୍ତର : ବନବିଭାଗ ଛଡ଼ା, ଓଡ଼ିଶା ବନ ଉନ୍ନୟନ ନିଗମ, ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ, ବିଭିନ୍ନ ସ୍ତରର ଉନ୍ନୟନ ସଂସ୍ଥା, Municipality, ଖଣି ନିଗମ, ଶିଳ୍ପ ସଂସ୍ଥା ତଥା ଖଣି ସଂସ୍ଥାମାନେ ବନୀକରଣ ପାଇଁ ଆଗେଇ ଆସିଛନ୍ତି । ଯାହା ଦ୍ୱାରା ବନୀକରଣକୁ ତ୍ୱରାନ୍ୱିତ କରାଯାଇପାରିଛି ।

ପ୍ରଶ୍ନ : ବନୀକରଣ ତଥା ଜଙ୍ଗଲ ସୁରକ୍ଷାରେ ବନ ସଂରକ୍ଷଣ ସମିତିମାନଙ୍କର ଭୂମିକା କଣ ରହିଛି ?

ଉତ୍ତର : ବନ ସଂରକ୍ଷଣ ସମିତିର କର୍ତ୍ତବ୍ୟ ଓ ଦାୟିତ୍ୱ ହେଲା ଜଙ୍ଗଲ ସୁରକ୍ଷା କରିବା । ତାହାଛଡ଼ା ନିକଟରେ ଥିବା ନଦୀ ଅବବାହିକା ଅଞ୍ଚଳ, ଜଳସମ୍ପଦ ଓ ଅନ୍ୟାନ୍ୟ ପରିବେଶୀୟ ସମ୍ବେଦନଶୀଳ ଅଞ୍ଚଳକୁ ସୁରକ୍ଷା ଦେବା ସ୍ଥାନୀୟ ଔଷଧୀୟ ବୃକ୍ଷଲତା ଓ ଲଘୁ ବନଜାତ ଦ୍ରବ୍ୟର ବିଭିନ୍ନ ପ୍ରଜାତିର ଚାରା ଗଛ ରୋପଣ କରିବା । ବନ୍ୟଜନ୍ତୁ ଓ ଜଙ୍ଗଲ ଉପରେ ପ୍ରଭାବ ପକାଉଥିବା କାର୍ଯ୍ୟକୁ ବନ୍ଦ କରିବା ।

ପ୍ରଶ୍ନ : ବିଶେଷ କରି ଔଷଧୀୟ ବୃକ୍ଷର ରକ୍ଷଣା ବେକ୍ଷଣ ପାଇଁ କି କି ପଦକ୍ଷେପ ନିଆଯାଇଛି ?

ଉତ୍ତର : ଔଷଧୀୟ ବୃକ୍ଷର ରକ୍ଷଣା ବେକ୍ଷଣ ଯୋଜନାରେ ୯ଟି ଔଷଧୀୟ ବୃକ୍ଷ ଉଦ୍ୟାନ ବନୀକରଣ ଦ୍ୱାରା ଗଠନ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ୯ଟି ଔଷଧୀୟ ବୃକ୍ଷ ଉଦ୍ୟାନ ମଧ୍ୟ ସୃଷ୍ଟି କରାଯାଇଛି, ୩୧ଟି ସ୍କୁଲରେ ଔଷଧୀୟ ବୃକ୍ଷ ଉଦ୍ୟାନ ସୃଷ୍ଟି କରାଯାଇଛି । ଓଡ଼ିଶା ବନସ୍ପତି ବନ ସୋସାଇଟି ଦ୍ୱାରା insitu conservation, preservation plot କରାଯାଇଛି ଓ Exsitu conservation ୩୨ ହେକ୍ଟର ଜମି ଉପରେ କରାଯାଇଛି । ଛଅଗୋଟି ଔଷଧୀୟ ବୃକ୍ଷର ରକ୍ଷଣା ବେକ୍ଷଣ ସ୍ଥାନ କପିଳାସ, ପ୍ରଧାନପ୍ରାଟ, ଗୁରୁଡ଼ଙ୍ଗର, ଟମକା, କଂସାରୀଡ଼ିହା ଓ ସାତକୋଶିଆ ଠାରେ ହାତକୁ ନିଆଯାଇଛି । ଅଶୋକ ବୃକ୍ଷରୋପଣ ୪୮୫ ହେକ୍ଟର ସ୍ଥାନରେ କରାଯାଇଛି । ଦଶ ମୂଳ species ୩୬୧ ହେକ୍ଟର ଜମିରେ କରାଯାଇଛି ।

ପ୍ରଶ୍ନ : ବର୍ତ୍ତମାନ ପରିପ୍ରେକ୍ଷୀରେ ଜଙ୍ଗଲ ଉପରେ ନିର୍ଭର ନ କରିବା ପାଇଁ କଣ କଣ ବ୍ୟବସ୍ଥା କରିବା ଦରକାର ?

ଉତ୍ତର : ଆଦିମକାଳରୁ ମନୁଷ୍ୟ ସମାଜ ଜଙ୍ଗଲ ଉପରେ ପ୍ରଭାବ ବିସ୍ତାର କରିଚାଲିଛି । ମାନବ ସଭ୍ୟତାର କ୍ରମବିକାଶ ପାଇଁ ସେ ଜଙ୍ଗଲକୁ ଧ୍ୱଂସ କରିଚାଲିଛି । ତାହାର ପରିଣାମ ହେଉଛି : ପରିବେଶ ପ୍ରଦୂଷଣ ଓ ପୃଥିବୀର ଉତ୍ତପ୍ତିକରଣ (Global warming) ଏହି ସବୁକୁ ଯଦି ରୋକା ନ ଯାଏ ତେବେ ପୃଥିବୀରେ ଜନସମାଜ ତଥା ବନ୍ୟଜନ୍ତୁ ବଞ୍ଚିବା ଅସମ୍ଭବ ହୋଇପଡ଼ିବ । ତେଣୁ ଏହାର ବିକଳ୍ପ ହେଲା ଜଙ୍ଗଲ ଉପରେ ନିର୍ଭର ନ କରି ଅକ୍ଷୟ ଶକ୍ତିର ବ୍ୟବହାର କରିବା । Biogas ର ବ୍ୟବହାର ବହୁଳ ପରିମାଣରେ କରିବା । ନୂତନ ଶକ୍ତିକୁ ଅକ୍ଷୟ ଶକ୍ତିଠାରୁ ଆଣି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଇବା । ବର୍ତ୍ତମାନ ଯେତିକି ଜଙ୍ଗଲ ଅଛି ତାହାକୁ ରକ୍ଷାକରିବା, ବଢ଼ାଇବା ଓ ବହୁପରିମାଣରେ ନିଜ ବାଡ଼ି ବଗିଚାରେ ବୃକ୍ଷରୋପଣ କରିବା । ତା ହେଲେ ଆମ ପରିବେଶ ସୁସ୍ଥ ରହିବ ଓ ଆମେ ସୁସ୍ଥ ରହିପାରିବା ।

ପ୍ରଶ୍ନ : ସହରାଞ୍ଚଳରେ ବନୀକରଣ କରିଥିରେ କେଉଁ କେଉଁ ସ୍ଥାନରେ କେତେ ବୃକ୍ଷରୋପଣ କରାଯାଇଛି ?

ଉତ୍ତର : ଚଳିତ ବର୍ଷ ଓଡ଼ିଶାର ୨୭ ଟି ସହରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବନବିଭାଗ ହାତକୁ ନେଇଛନ୍ତି। ସହରାଞ୍ଚଳକୁ ସରସ ସୁନ୍ଦର ତଥା ସବୁଜିମା କରିବା ସହ ପ୍ରଦୂଷଣ ରକ୍ଷାକରିବା ପାଇଁ ଏହି ଯୋଜନାର ସୃଷ୍ଟି । ଏ ବର୍ଷ ବର୍ଷା ଋତୁରେ ଭୁବନେଶ୍ୱରରେ ୩ଲକ୍ଷ ବୃକ୍ଷ ଚାରା ରୋପଣ କରାଯିବ। ଝାରସୁଗୁଡ଼ାରେ ୧,୦୦,୦୦୦, ରାଉରକେଲା ରେ ୫୦,୦୦୦, ରାଜଗାଙ୍ଗପୁରରେ ୫୦୦୦, ବଲାଙ୍ଗୀର ଓ ଟିଟିଲାଗଡ଼ ରେ ୫୧,୦୦୦, ଭବାନୀପାଟଣାରେ ୫୦,୦୦୦, ଅନୁଗୁଳ, ତାଳଚେର ଓ କଣିହା Belt ରେ ୧୦,୦୦୦, ଜଗତସିଂହପୁରରେ ୫୦୦୦, କେନ୍ଦ୍ରାପଡ଼ାରେ ୧୦,୦୦୦, ଯାଜପୁରରେ ୧୦,୦୦୦, କଟକରେ ୮୦,୦୦୦, ବ୍ରହ୍ମପୁରରେ ୨୦,୦୦୦, ରାଇରଙ୍ଗପୁରରେ ୧୦,୦୦୦, ସୁନ୍ଦରଗଡ଼ରେ ୫୦୦୦, ମାଲକାନଗିରିରେ ୨୦,୦୦୦, ସୁବର୍ଣ୍ଣପୁରରେ ୧୦,୦୦୦, ନବରଙ୍ଗପୁରରେ ୨୦,୦୦୦, ଢେଙ୍କାନାଳ ୧୦,୦୦୦, ଭଦ୍ରକରେ ୨୦୦୦, ବାସୁଦେବପୁର ଠାରେ ୨୦୦୦, ଯୋଡ଼ା ଠାରେ ୧୫୦୦୦, ବରଗଡ଼ରେ ୧୦,୦୦୦, ଆସ୍କାରେ ୧୦,୦୦୦ ଓ ବୌଦ୍ଧରେ ୨୦,୦୦୦ ବୃକ୍ଷଚାରା ରୋପଣ କରାଯାଉଛି। ସର୍ବମୋଟ ୮,୪୦,୦୦୦ ବୃକ୍ଷଚାରା ରୋପଣ କରାଯାଉଛି।

(ତା. ୭.୭.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ବନସୁରକ୍ଷା ସମିତି ଦ୍ୱାରା ବନୀକରଣ କାର୍ଯ୍ୟକ୍ରମ

ସୁଜାତା ରାଣୀ ସାହୁ

ଆମ ରାଜ୍ୟରେ ୧୯୮୮ ମସିହାରେ ପ୍ରଥମ କରି ପ୍ରଣୟନ କରାଯାଇଥିବା ଯୁଗ୍ମ ଜଙ୍ଗଲ ପରିଚାଳନା ନୀତିର ଅଧିନିୟମ ଅନୁସାରେ ଗ୍ରାମ ସନ୍ନିକଟ ଜଙ୍ଗଲର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦାୟିତ୍ୱ ସେହିଠାର ଗ୍ରାମବାସୀମାନଙ୍କ ଉପରେ ବିଧିବଦ୍ଧ ଭାବରେ ନ୍ୟସ୍ତ କରାଯାଇଥିଲା । ଏହା ପରେ ଜଙ୍ଗଲ ସନ୍ନିକଟ ଗ୍ରାମମାନଙ୍କରେ ବନ ସଂରକ୍ଷଣ ସମିତିମାନ ଗଢ଼ିଉଠିଲା । ସରକାର ବିଭିନ୍ନ ସମୟରେ ଏହି ଯୁଗ୍ମ ଜଙ୍ଗଲ ପରିଚାଳନା ନିୟମକୁ ଅଧିକରୁ ଅଧିକ ଲୋକାଭିମୁଖୀ କରିବା ପାଇଁ କ୍ରମାଗତ ଆଲୋଚନା କରିଅଛନ୍ତି । ଏହି ଆଲୋଚନାମାନଙ୍କରେ ପରିସରଭୁକ୍ତ କରାଯାଇଥିବା ବିଭିନ୍ନ ଅନୁଭୂତି ଯଥା : ଫିଲ୍ଡରେ କାର୍ଯ୍ୟରତ ବନବିଭାଗ କର୍ମଚାରୀ ଓ ଅଧିକାରୀଙ୍କ ଅନୁଭୂତି, ଜଙ୍ଗଲ ଓ ଜଙ୍ଗଲ ସନ୍ନିକଟ ଗ୍ରାମମାନଙ୍କର ପରିବର୍ତ୍ତିତ ସ୍ଥିତି, ଗ୍ରାମବାସୀଙ୍କୁ ନ୍ୟସ୍ତ କରାଯାଇଥିବା ଜଙ୍ଗଲ ସୁରକ୍ଷା ଦାୟିତ୍ୱକୁ ବିଚାର କରିବା ଆଦି ମଧ୍ୟରୁ ଉପନୀତ ଅଂଶବିଶେଷକୁ ଆଧାର କରି ସରକାର ବିଭିନ୍ନ ସମୟରେ ଏହି ଅଧିନିୟମର ସଂଶୋଧନମାନ ଜାରି କରି ପରିବର୍ତ୍ତିତ କରିଅଛନ୍ତି । ଆମର ୨୦୧୧ ମସିହାରେ ପ୍ରଣୟନ କରାଯାଇଥିବା ସଂକଳ୍ପନାମା ଅନୁସାରେ 'ବନ ସଂରକ୍ଷଣ ସମିତି' କୁ ବର୍ତ୍ତମାନ 'ବନସୁରକ୍ଷା ସମିତି' ନାମରେ ନାମିତ କରାଯାଇଅଛି । ଏଠାରେ ବନସୁରକ୍ଷା ସମିତିର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଅଛି ।

## ୧) ବନ ସୁରକ୍ଷା ସମିତିର ଗଠନ

(୧) ସାଧାରଣତଃ, କୋଡ଼ିଏ ଘରେ / ପ୍ରତ୍ୟେକ ଗ୍ରାମରେ ବନ ସୁରକ୍ଷା ସମିତି ଗଠନ କରାଯାଇଥାଏ । କିନ୍ତୁ ଏକାଧିକ ଗ୍ରାମକୁ ନେଇ ମଧ୍ୟ ବନ ସୁରକ୍ଷା ସମିତି ଗଠନ କରାଯାଇପାରିବ ଏବଂ ଏକାଧିକ ବନ ସୁରକ୍ଷା ସମିତି କୋଡ଼ିଏ ଗ୍ରାମରେ ମଧ୍ୟ ଗଠନ କରାଯାଇପାରିବ, ଯଦି ଗ୍ରାମଟି ବହୁତ ବଡ଼ ଥିବ ।

(୨) ଗ୍ରାମର ସମସ୍ତ ସାବାଳକ General body ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା enrollment fee ଦେଇ ସଭ୍ୟ ହୋଇଥାନ୍ତି ।

(୩) ପଲ୍ଲୀସଭା ସ୍ଥାନୀୟ ରେଞ୍ଜ ଅଫିସରଙ୍କୁ ବନ ସୁରକ୍ଷା ସମିତି ଗଠନ ସମ୍ପର୍କରେ ରାଜିନାମା ଦେଇଥାନ୍ତି ଏବଂ ରେଞ୍ଜ ଅଫିସର ଏହାକୁ ରେକର୍ଡ଼ଭୁକ୍ତ କରି Division level ରେ Regestration ପାଇଁ ଡ଼ିଭିଜନ୍ ଅଧିକାରୀଙ୍କୁ ଜଣାଇଥାନ୍ତି ।

## ୨) ପଲ୍ଲୀସଭାର ଭୂମିକା

(୧) ଆମ ସମ୍ବିଧାନର ୭୩ ସଂଶୋଧନ ଧାରା ଅନୁଯାୟୀ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କିଛି ଅଧିକାର ବା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେଥିପାଇଁ ଗ୍ରାମଭିତ୍ତିକ ଅନୁଷ୍ଠାନକୁ ଯଥା ବନ ସୁରକ୍ଷା ସମିତିକୁ ପଞ୍ଚାୟତ ଅନୁଷ୍ଠାନ ପଲ୍ଲୀସଭା ସହିତ ସମ୍ବନ୍ଧ ରଖାଯାଇଥାଏ ।

(୨) ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ବନ ସୁରକ୍ଷା ସମିତିର ଏକ କାର୍ଯ୍ୟକାରୀ କମିଟି (EC) ଗଠନ କରାଯାଇଥାଏ, ଯାହାକି ପଲ୍ଲୀସଭାର ଉପକମିଟି ଭାବରେ କାର୍ଯ୍ୟ ତୁଲାଇଥାଏ ।

(୩) ଯଦି କାର୍ଯ୍ୟକାରୀ କମିଟି (EC) ର ଜଙ୍ଗଲ ସଂରକ୍ଷଣ କାର୍ଯ୍ୟରେ ତ୍ରୁଟି ଦେଖାଯାଏ କିମ୍ବା ଲୋକଙ୍କ ଇଚ୍ଛା ବିରୁଦ୍ଧରେ କିଛି କାର୍ଯ୍ୟ କରିଥାଏ, ତେବେ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ଦିଆଯାଇ ନୂତନ କମିଟି ଗଠନ କରାଯିବା ପାଇଁ ବନ ସୁରକ୍ଷା ସମିତି/ପରିବେଶ ଉନ୍ନୟନ କମିଟି ପଲ୍ଲୀସଭାକୁ ଅନୁମୋଦନ କରିଥାନ୍ତି । ପଲ୍ଲୀସଭା ଏହାକୁ ବିଚାର ବିମର୍ଶ କରି ଡ଼ିଭିଜନ୍ ଅଧିକାରୀଙ୍କ ପାଖକୁ ପରବର୍ତ୍ତୀ ପଦକ୍ଷେପ ନିମନ୍ତେ ପରାମର୍ଶ ଦେଇଥାଏ । ତା ପରେ ଡ଼ିଭିଜନ୍ ଅଧିକାରୀ ପରୀକ୍ଷା ନିରୀକ୍ଷା କରି କାର୍ଯ୍ୟକାରୀ କମିଟିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନେଇଥାନ୍ତି ଏବଂ ନୂତନ କାର୍ଯ୍ୟକମିଟି ଗଠନ କରିବା ପାଇଁ General body କୁ ସୁପାରିଶ କରିଥାନ୍ତି ।

## ୩) କାର୍ଯ୍ୟକାରୀ କମିଟିର ଗଠନ (EC)

(୧) ପଲ୍ଲୀସଭା କାର୍ଯ୍ୟକାରୀ କମିଟିର ଗଠନ ପାଇଁ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମ୍ପାଦକ, କୋଷାଧ୍ୟକ୍ଷ ତଥା ଅନ୍ୟୁନ ୧୧ ଜଣ ସଭ୍ୟଙ୍କୁ ନିର୍ବାଚିତ କରିଥାଏ, ଯେଉଁଥିରେ ଅନ୍ୟୁନ ୫୦ ପ୍ରତିଶତ ମହିଳା ସଭ୍ୟା ନିର୍ବାଚିତ ହୋଇଥାନ୍ତି। ଜନଜାତି ଓ ଉପଜାତି ସଭ୍ୟଙ୍କ ମଧ୍ୟରୁ ଆନୁପାତିକ ଭାବରେ ପ୍ରତିନିଧି ସ୍ୱରୂପ କିଛି ସଭ୍ୟଙ୍କୁ ନିର୍ବାଚିତ କରାଯାଇଥାଏ। ତାହା ସହିତ ଜୀବିକା ନର୍ବାହ ପାଇଁ କୌଣସି ପନ୍ଥା ନ ଥିବା ଏବଂ ସମ୍ପୂର୍ଣ୍ଣ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଗୋଷ୍ଠୀମାନଙ୍କମଧ୍ୟରୁ କିଛି ସଭ୍ୟଙ୍କୁ ମଧ ନିର୍ବାଚିତ କରାଯାଇଥାଏ।

- ➢ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ମଧ୍ୟରୁ ଜଣେ ମହିଳା ସଭ୍ୟା ରହିଥାନ୍ତି।
- ➢ Ex-officio ସଭ୍ୟ ହିସାବରେ ସ୍ଥାନୀୟ ୱାର୍ଡ଼ ମେମ୍ବର ଏବଂ ସ୍ଥାନୀୟ ଫରେଷ୍ଟ ଗାର୍ଡ଼ ରହିଥାନ୍ତି।
- ➢ ରେଞ୍ଜ ଅଫିସର Returning officer ଭାବରେ କାର୍ଯ୍ୟ ତୁଲାଇଥାନ୍ତି। ଯଥା : କାର୍ଯ୍ୟକାରୀ କମିଟି ପାଇଁ ସମସ୍ତ ସଂରକ୍ଷିତ ସଭ୍ୟପଦ ଠିକ୍ ଅନୁପାତରେ ପୂରଣ ହୋଇଛି କି ନାହିଁ, ତାହା ନିରୀକ୍ଷଣ କରିଥାନ୍ତି।
- ➢ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ୩ ବର୍ଷ ରହିଥାଏ।

## ୪) (A) ସଭା ବୈଠକ (Meeting)

- ➢ General body meeting (ସଭା) ଅନ୍ୟୁନ ୬ ମାସକୁ ଥରେ ହୋଇଥାଏ। ଏହା ବ୍ୟତୀତ ଆବଶ୍ୟକତାକୁ ନେଇ ଯେ କୌଣସି ସମୟରେ ସଭା ଡକାଯାଇଥାଏ।
- ➢ ସମ୍ପାଦକ ଅଧ୍ୟକ୍ଷ କିମ୍ବା ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ୧୫ ଦିନ ପୂର୍ବରୁ ନୋଟିସ ଜାରି କରି GB meeting ହେବା ପାଇଁ ସଭ୍ୟଙ୍କୁ ଡାକିଥାନ୍ତି। ଏହି ନୋଟିସ୍‌ର ଗୋଟିଏ ନକଲ ଗ୍ରାମ ପଞ୍ଚାୟତକୁ ପଠାଇଥାନ୍ତି।
- ➢ ଅଧ୍ୟକ୍ଷ ଓ ତାଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ସଭାରେ ଅଧ୍ୟକ୍ଷତା କରିଥାନ୍ତି।
- ➢ ସଭା quorum ପାଇଁ ୫୦ ପ୍ରତିଶତ ସଭ୍ୟଙ୍କ ଉପସ୍ଥିତି ଦରକାର ପଡ଼ିଥାଏ ଏବଂ ସେଥିମଧ୍ୟରୁ ଅନ୍ୟୁନ ଏକ-ତୃତୀୟାଂଶ ମହିଳା ସଭ୍ୟାଙ୍କ ଉପସ୍ଥିତି ଦରକାର ହୋଇଥାଏ।
- ➢ କୌଣସି ବିଶେଷ ପରିପ୍ରେକ୍ଷୀରେ, ଏକ-ତୃତୀୟାଂଶ ସଭ୍ୟ ଲିଖିତ ଭାବରେ ବିଶେଷ ସଭା ଡ଼ାକିବା ପାଇଁ ଅଧ୍ୟକ୍ଷଙ୍କୁ ଅନୁରୋଧ ପଠାଇଥାନ୍ତି। ତା' ପରେ ସମ୍ପାଦକ (ଯଦି ଅଧ୍ୟକ୍ଷ ନ ଡାକିଥାନ୍ତି) ଉପାଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ୩ ଦିନ ପୂର୍ବରୁ ନୋଟିସ ଜାରି କରି ଡାକିଥାନ୍ତି। ଏହି ସଭାର ବିହିତ ଉଦ୍ଦେଶ୍ୟକୁ ବିଚାର କରିବା ପାଇଁ ଅନ୍ୟୁନ ଦୁଇ-ତୃତୀୟାଂଶ ସଭ୍ୟଙ୍କ ଅନୁମୋଦନ ଦରକାର ହୋଇଥାଏ।
- ➢ ସମ୍ପାଦକ ସଭାରେ ହୋଇଥିବା ସମସ୍ତ ଆଲୋଚନାକୁ ଲିଖିତ ଭାବରେ ରେକର୍ଡ଼ଭୁକ୍ତ କରି ଅଧ୍ୟକ୍ଷଙ୍କ ଅନୁମୋଦନ ଆଣିଥାନ୍ତି ଏବଂ ଫାଇଲରେ ରଖିଥାନ୍ତି। ଏହାର ଏକ ନକଲ ନିଜର ହସ୍ତାକ୍ଷର ସହ ସ୍ଥାନୀୟ ରେଞ୍ଜ ଅଫିସରଙ୍କ କାର୍ଯ୍ୟାଳୟ ଏବଂ ଗ୍ରାମପଞ୍ଚାୟତକୁ ପଠାଇଥାନ୍ତି।
- ➢ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ସରିବାର ୧ ମାସ ପୂର୍ବରୁ ପୁନଃ କମିଟିର ନିର୍ବାଚନ କରାଯାଇଥାଏ।

## ୫) (B) କାର୍ଯ୍ୟକାରୀ କମିଟିର ସଭା ବୈଠକ (Meeting)

- ➢ ସମ୍ଭବତଃ କାର୍ଯ୍ୟକାରୀ କମିଟିର ମିଟିଙ୍ଗ ଯେତେ ଶୀଘ୍ର ବା ଆବଶ୍ୟକତାକୁ ନେଇ କରାଯାଇଥାଏ। କିନ୍ତୁ ଅତି କମ୍‌ରେ ୨ ମାସକୁ ଥରେ ହେବା ଦରକାର।
- ➢ ଅଧ୍ୟକ୍ଷ ଓ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷତା କରିଥାନ୍ତି।

- କମିଟିର ଯେ କୌଣସି ମିଟିଂ ପାଇଁ ୫୦ ପ୍ରତିଶତ ସଭ୍ୟଙ୍କ ଆନୁପାତିକ ଉପସ୍ଥିତି ଦରକାର।
- ସେଥିମଧ୍ୟରୁ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳା ସଭ୍ୟଙ୍କ ଉପସ୍ଥିତି ଦରକାର।

## ବନ ସୁରକ୍ଷା ସମିତିର କର୍ତ୍ତବ୍ୟ ଓ ଦାୟିତ୍ୱ

- ଜଙ୍ଗଲ, ବନ୍ୟପ୍ରାଣୀ ତଥା ଜୈବମଣ୍ଡଳକୁ ସୁରକ୍ଷା ଦେବା (ଏକାକୀ ବା ମିଳିତ ଭାବରେ) ପ୍ରତ୍ୟେକ ସଭ୍ୟଙ୍କ କର୍ତ୍ତବ୍ୟ ଅଟେ।
- ସେହିପରି ଗ୍ରାମ ଜଙ୍ଗଲ ସନ୍ନିକଟ ଜଳଉତ୍ସ ତଥା ଜଳ ନିଷ୍କାସନ ଏବଂ ଅନ୍ୟ ସମ୍ବେଦନଶୀଳ ପରିବେଷ୍ଟିତ ଅଞ୍ଚଳକୁ ସୁରକ୍ଷା ଦେବା।
- ଜଙ୍ଗଲରେ ବା ଅନ୍ୟ ଜାଗାରେ ବୃକ୍ଷରୋପଣ ପାଇଁ ନିଷ୍ପତ୍ତି ହୋଇ ଯାଇଥିବା ଶିକ୍ଷଧାୟ ଏବଂ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ଆଦି ବୃକ୍ଷ ଉପରେ ପ୍ରାଧାନ୍ୟ ଦେବା।
- ପ୍ରସ୍ତାବରେ ନିଆଯାଇଥିବା ନିଷ୍ପତ୍ତି ଯଥା ଜଙ୍ଗଲ ସମ୍ପଦର ସଂଗ୍ରହ ଉପରେ ନିୟନ୍ତ୍ରଣ ଏବଂ କୌଣସି ଅବୈଧିକ କାର୍ଯ୍ୟ (ଯାହାର କୁପ୍ରଭାବ ଜଙ୍ଗଲ, ବନ୍ୟପ୍ରାଣୀ ତଥା ଜୈବମଣ୍ଡଳ ଉପରେ ପଡ଼ିଥାଏ) କୁ ବନ୍ଦ କରାଯିବା ଆଦି ଉପରେ ବନ ସୁରକ୍ଷା ସମିତି / ପରିବେଶ ଉନ୍ନୟନ କମିଟି ମାନିବା ପାଇଁ ବାଧ୍ୟ ହୋଇ ପ୍ରତିଶ୍ରୁତି ଦେବା।
- ସାଧାରଣ ସଭା (General body)ର କ୍ଷମତା :

  କାର୍ଯ୍ୟକାରୀ କମିଟିର କୌଣସି ନିର୍ବାଚିତ ସଭ୍ୟଙ୍କ କର୍ତ୍ତବ୍ୟ ବା ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କଲେ, General body ର ଦୁଇ-ତୃତୀୟାଂଶ ସଭ୍ୟଙ୍କ ଅନୁମୋଦନ ସହିତ ସେମାନଙ୍କୁ କାର୍ଯ୍ୟକାରୀ କମିଟିର ସଭ୍ୟ ପଦରୁ ବାହାର କରିଦିଆ ଯାଇଥାଏ ଏବଂ ନୂତନ ସଭ୍ୟଙ୍କୁ ତାଙ୍କ ଜାଗାରେ ନିର୍ବାଚିତ କରାଯାଇଥାଏ।

## କାର୍ଯ୍ୟକାରୀ କମିଟିର କର୍ତ୍ତବ୍ୟ ଓ ଦାୟିତ୍ୱ

- ବନ ସୁରକ୍ଷା ସମିତିର ନିତିଦିନିଆ ସମସ୍ତ କାର୍ଯ୍ୟକୁ ପରିଚାଳନା କରିବା (as per provisions of the resolution)।
- ସୁରକ୍ଷା – ଦାୟିତ୍ୱ ଦିଆଯାଇଥିବା ଜଙ୍ଗଲ ଅଞ୍ଚଳ ର ବାର୍ଷିକ ଯୋଜନା /କାର୍ଯ୍ୟକ୍ରମ ତଥା ଏହା ସହିତ ଜଙ୍ଗଲ ବାହାର ଅଞ୍ଚଳ ପାଇଁ ବା ଗ୍ରାମର ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ଏବଂ ଜଙ୍ଗଲଭିତ୍ତିକ ଜୀବିକା ନିର୍ବାହର ପନ୍ଥା ନିରୂପଣ ଆଦି ବନ ସୁରକ୍ଷା ସମିତିର ଅନୁମୋଦନ ଏବଂ ରେଞ୍ଜ ଅଫିସରଙ୍କ ବୈଷୟିକ ନିରୀକ୍ଷଣ ସହିତ ଅଣୁଯୋଜନା ପ୍ରସ୍ତୁତ କରିବା।
- ଜଙ୍ଗଲକୁ ସୁରକ୍ଷା ଦେବା ସହିତ ଜଙ୍ଗଲର କ୍ଷତି ତଥା ଅବୈଧିକ କାର୍ଯ୍ୟ କରିଥିବା ଅପରାଧୀଙ୍କୁ ଧରିବା ସହ ଜଙ୍ଗଲ ଦ୍ରବ୍ୟସବୁକୁ ନିଜ ଗ୍ରାମ ଭିତରେ ଅବରୋଧ କରି ଜଙ୍ଗଲ ବିଭାଗକୁ ଖବର ଦେବା। (ଯଦି ଏହା କରନ୍ତି, ତେବେ ବିଧିବଦ୍ଧ ଭାବରେ ଧରାଯାଇଥିବା ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟର କିଛି ଅଂଶ ବା Trophies (ବନ୍ୟଜନ୍ତୁଙ୍କ କ୍ଷେତ୍ରରେ) ସେମାନଙ୍କୁ ପ୍ରଦାନ କରାଯାଇଥାଏ।
- ସଭ୍ୟ ପଦ, ଜବରଦଖଲର ଉଚ୍ଛେଦ, ବିଧିବଦ୍ଧ ଅଧିକାର, ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ବାଣ୍ଟଣ ଆଦି ଜଙ୍ଗଲ ସମ୍ପଦର ବ୍ୟବହାର, ଦ୍ୱନ୍ଦାତ୍ମକ ପରିବେଶ ଆଦି ବିଷୟ ଉପରେ General body ର ପରାମର୍ଶ ସହିତ ସମାଧାନର ପନ୍ଥା ନିରୂପଣ କରିବା।
- ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ତଥା ତାର ବଜାର ସଂଯୋଗୀକରଣ ଏବଂ ଲୋକଙ୍କ ଆର୍ଥିକ ସ୍ତର ଉନ୍ନତି ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଉପରେ କ୍ଷୁଦ୍ର ବ୍ୟବସାୟ କରିବାରେ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିବା (ସେଥିପାଇଁ ବିଭାଗୀୟ ଅଧିକାରୀ ବୈଷୟିକ ଜ୍ଞାନ କୌଶଳ ଉପରେ ତାଲିମ୍ ପ୍ରଦାନ କରିଥାନ୍ତି।)
- କାର୍ଯ୍ୟକାରୀ କମିଟିର ଅନ୍ୟ ଏକ ପ୍ରଧାନ ଦାୟିତ୍ୱ ହେଉଛି – ସରକାରଙ୍କ ଠାରୁ ବା ଅନ୍ୟ ସଂସ୍ଥାରୁ ପ୍ରାପ୍ତ ହୋଇଥିବା ଅର୍ଥରାଶି ଅନ୍ୟାନ୍ୟ ସମ୍ବଳ ଏବଂ ସୃଷ୍ଟି କରାଯାଇଥିବା ନିଜସ୍ୱ ପାଣ୍ଠିର ଠିକ୍ ଭାବେ ଏକାଉଣ୍ଟ (account) ରଖିବା ଏବଂ ବିଧିବଦ୍ଧ ଭାବେ (resolution ଉଲ୍ଲେଖ କରାଯାଇଥିବା ନିୟମାନୁସାରେ) ତାହାର ସଠିକ୍ ଭାବେ ଉପଯୋଗ କରିବା।
- ବିଭିନ୍ନ ଯୋଜନା /କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରାଯାଇଥିବା ବାର୍ଷିକ ଏକାଉଣ୍ଟ (account)କୁ

ଅନୁମୋଦନ ପାଇଁ General body ସଭାରେ ଉପସ୍ଥାପିତ କରାଯିବ। (ଏଥିପାଇଁ ବନ ସୁରକ୍ଷା ସମିତିର / ପରିବେଶ ଉନ୍ନୟନ କମିଟି ର ଏକ ଯୁଗ୍ମ ଏକାଉଣ୍ଟ (account) ଖାତା କୌଣସି ଜାତୀୟ ବ୍ୟାଙ୍କ ବା ଡାକ ଘରେ ଖୋଲାଯାଇଥାଏ ଯେଉଁଟି ସମ୍ପାଦକ ଏବଂ କୋଷାଧ୍ୟକ୍ଷଙ୍କ ଯୁଗ୍ମ ହସ୍ତାକ୍ଷର ଦ୍ୱାରା ପରିଚାଳିତ ହୋଇଥାଏ।

- ବିନିଯୋଗ ପ୍ରମାଣପତ୍ର (UC) ଯୁଗ୍ମ ହସ୍ତାକ୍ଷର ସହିତ ରେଞ୍ଜ ଅଫିସରଙ୍କ କାର୍ଯ୍ୟାଳୟକୁ ପଠାଯାଇଥାଏ।

## ୮) ଅଣୁଯୋଜନା

- କାର୍ଯ୍ୟକାରୀ କମିଟି ଗଠନ ହେବା ପରେ ପରେ ବନ ସୁରକ୍ଷା ସମିତିର ସଭ୍ୟମାନଙ୍କ ସହାୟତା ତଥା ଜଙ୍ଗଲ ବିଭାଗୀୟ କର୍ମଚାରୀ /ଅଧିକାରୀଙ୍କ ବୈଷୟିକ ଜ୍ଞାନ ସହିତ ଅଣୁଯୋଜନା ପ୍ରସ୍ତୁତ କରାଯାଇଥାଏ।
- ଏହା ଏକ ନିର୍ଦ୍ଧାରିତ format ରେ ଲିପିବଦ୍ଧ କରାଯାଏ। ଯେଉଁଥିରେ ଜଙ୍ଗଲ ସଂରକ୍ଷଣ, ଏହାର ଚିରନ୍ତନ ପରିଚାଳନା, ଗ୍ରାମରେ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟକ୍ରମ, ଜଙ୍ଗଲ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହର ପନ୍ଥା, ଅନ୍ୟ ବିଭାଗଗୁଡ଼ିକର ମିଳିତ ସହଯୋଗ ଆଦି ସମସ୍ତ ବିବରଣୀ ପ୍ରକାଶ କରାଯାଇଥାଏ।
- ଔଷଧୀୟ ଏବଂ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ଆଦିର ବୃକ୍ଷରୋପଣ ଉପରେ ପ୍ରାଧାନ୍ୟ ଦିଆଯାଇଥାଏ। ଏହା ବ୍ୟତୀତ, ମୃତ୍ତିକା ସଂରକ୍ଷଣ, ଜୀବିକା ନିର୍ବାହ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଗୋଷ୍ଠୀ ସୃଷ୍ଟି କରିବା ଏବଂ ସ୍ଥାନୀୟ ସମ୍ବଳକୁ ନେଇ କ୍ଷୁଦ୍ର ବ୍ୟବସାୟ ସୃଷ୍ଟି କରିବା ଯଥା ପରିବେଶ - ପର୍ଯ୍ୟଟନ, କ୍ଷେତରେ ଜଙ୍ଗଲ, କୃଷିଭିତ୍ତିକ ଜଙ୍ଗଲ, ଗୋ – ଚାରଣ ପାଇଁ ଜଙ୍ଗଲ, ଅଣକାଷ୍ଠ ଜାଳେଣୀର ବ୍ୟବହାର, ପଶୁପାଳନ, ମତ୍ସ୍ୟଚାଷ, ମହୁସଂଗ୍ରହ, ଛତୁଚାଷ, ଟସର, ଲାକ୍ଷଚାଷ ଇତ୍ୟାଦି ଉପରେ ଗୁରୁତ୍ୱାରୋପ ଦିଆଯାଇ ଅଣୁଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଥାଏ।
- ଏହାଛଡ଼ା working plan area ଏବଂ wildlife management plan of the protected area ରେ ବିଭିନ୍ନ ଯୋଜନା ମାଧ୍ୟମରେ, ବିଭିନ୍ନ ବୃକ୍ଷରୋପଣ ମଡ଼େଲ (plantation model) ଅନୁସାରେ ଏବଂ କେଉଁ କେଉଁ ବୃକ୍ଷଚାରାର ଆବଶ୍ୟକତା ତଥା silvicultural operation plan ସହିତ ବିଧିବଦ୍ଧ ଭାବେ ଅଣୁଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଥାଏ।
- କେଉଁ କେଉଁ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ କରାଯିବ ତାହା ମଧ୍ୟ ଅର୍ନ୍ତଭୁକ୍ତ କରାଯାଇଥାଏ। କିନ୍ତୁ ଏହା ଜଙ୍ଗଲର carrying capacity, ଉତ୍ପାଦନ ତଥା ସ୍ଥାନୀୟ ପରିବେଶର ଜୈବ ବିଭିନ୍ନତାକୁ ପର୍ଯ୍ୟବେକ୍ଷିତ କରି ସମ୍ପାଦନ କରାଯାଉଥାଏ।
- ଏହି ଅଣୁଯୋଜନାଟି ରେଞ୍ଜ ଅଫିସରଙ୍କ ଦ୍ୱାରା ବୈଷୟିକ, ଆର୍ଥିକ ଏବଂ ଆଇନସମ୍ମତ ଦୃଷ୍ଟିକୋଣରୁ ବିଚାର ଓ ନିରୀକ୍ଷଣ କରାଯାଇ General body ସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥାଏ।

ସୁସ୍ଥ ଜଙ୍ଗଲ ପରିଚାଳନା ମାଧ୍ୟମରେ ଅନେକ ବନସୁରକ୍ଷା ସମିତିଗୁଡ଼ିକ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇ ପାରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ପ୍ରତ୍ୟେକ ବର୍ଷ ରାଜ୍ୟସ୍ତରୀୟ ବିଶ୍ୱବନ ଦିବସ (March – 21) ଉତ୍ସବରେ ପୁରସ୍କାର ପ୍ରାପ୍ତ ବନସୁରକ୍ଷା ସମିତିଗୁଡ଼ିକ ହେଲା :

ଅନୁଗୁଳ ଡିଭିଜନର ମଦନ ମୋହନ ପାଟନା ବନସୁରକ୍ଷା ସମିତି (୨୦୦୮)

ଖୋର୍ଦ୍ଧା ଡିଭିଜନର ସାଉଥ ପଞ୍ଚ ମୌଜା ବନସୁରକ୍ଷା ସମିତି(୨୦୦୯)

ଅନୁଗୁଳ ଡିଭିଜନର ତାଳପଡ଼ା ବନସୁରକ୍ଷା ସମିତି (୨୦୧୦)

ବାଲେଶ୍ୱର ଡିଭିଜନର ନାରଣପୁର ବନସୁରକ୍ଷା ସମିତି (୨୦୧୧)

ଘୁମୁସର ସାଉଥ ଡିଭିଜନର ଚାରମରିଆ ବନସୁରକ୍ଷା ସମିତି (୨୦୧୨)

ଜୟପୁର ଡିଭିଜନର ଖମତାରାଇ ବନସୁରକ୍ଷା ସମିତି (୨୦୧୨)

(ତା. ୧୪.୭.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ବନ୍ୟପ୍ରାଣୀ ସପ୍ତାହ ପାଳନ

ଦିଲିପ୍ କୁମାର ସ୍ୱାଇଁ
ବିମଳ ପ୍ରସନ୍ନ ଆଚାର୍ଯ୍ୟ

୧) ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ କଣ ?

ଆମ ଘରେ ପିଲାମାନଙ୍କର ଜନ୍ମଦିନ ପାଳନ କରୁ, କାରଣ ସେଦିନର ସ୍ମୃତିକୁ ମାନସପଟରେ ପୁନର୍ଜୀବିତ କରିବା ପାଇଁ। ଠିକ୍ ସେହିପରି ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କ ମନରେ ବନ୍ୟପ୍ରାଣୀଙ୍କ ପ୍ରତି ଦୟା, ସହାନୁଭୂତିଶୀଳତା ଇତ୍ୟାଦି ଅଙ୍ଗୀକାର ବଦ୍ଧତାକୁ ଦୃଢ଼ିଭୂତ କରିବା ଓ ଜୀବେଦୟା ଆମର ପରମ୍ପରାକୁ ଦୋହରାଇବା।

୨) ଏହା କେବେ ପାଳନ କରାଯାଏ ? କାହିଁକି ପାଳନ କରାଯାଏ ?

ଏହା ପ୍ରତିବର୍ଷ ଅକ୍ଟୋବର ୨ ତାରିଖରୁ ଅର୍ଥାତ ମହାତ୍ମା ଗାନ୍ଧୀଙ୍କ ଜନ୍ମତିଥିରୁ ଏକ ସପ୍ତାହ ପାଇଁ ପାଳନ କରାଯାଏ।

୩) ବନ୍ୟପ୍ରାଣୀମାନଙ୍କୁ କାହିଁକି ସଂରକ୍ଷଣ କରିବା ଦରକାର ?

ପ୍ରକୃତିରେ ଦେଖାଯାଉଥିବା ତୃଣଠାରୁ ଆରମ୍ଭ କରି ବିଶାଳକାୟ ହାତୀ ପର୍ଯ୍ୟନ୍ତ ସମସ୍ତେ ପ୍ରକୃତି ସହିତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଗୋଟିଏ ଜାତିର ବିଲୁପ୍ତିରେ ସାରା ପ୍ରକୃତିର ଭାରସାମ୍ୟରେ ବିପର୍ଯ୍ୟୟ ଦେଖାଯାଏ। ତେଣୁ ବନ୍ୟପ୍ରାଣୀ ଓ ପ୍ରକୃତିକୁ ସଂରକ୍ଷଣ କରିବା ନିହାତି ଜରୁରୀ, ନଚେତ ଏ ପୃଥିବୀ ମରୁଭୂମିରେ ପରିଣତ ହୋଇଯିବ।

୪) ଏମାନଙ୍କ ସଂରକ୍ଷଣ ପାଇଁ କି କି ଯୋଜନା ପ୍ରସ୍ତୁତ କରାଯାଇଛି ?

ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ ପାଇଁ ରାଜ୍ୟ ଓ କେନ୍ଦ୍ରୀୟ ଅନୁଦାନରେ ପରିଚାଳିତ ହେଉଥିବା ଯୋଜନାଗୁଡ଼ିକ ହେଲା: ହସ୍ତୀ ପରିଚାଳନା ପ୍ରକଳ୍ପ, ଅଲିଭ ରିଡ୍ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ଯୋଜନା, ବନ୍ୟପ୍ରାଣୀ ସୁରକ୍ଷା ମାଧ୍ୟମରେ କୃଷ୍ଣସାର ମୃଗ ଓ ମଧୁରଜଳ କଇଁଛମାନଙ୍କର ସଂରକ୍ଷଣ ବ୍ୟବସ୍ଥା, ବନ୍ୟଜନ୍ତୁ ଅଭୟାରଣ୍ୟ ମଧ୍ୟରେ ପରିବେଶଭିତ୍ତିକ ପର୍ଯ୍ୟଟନ କେନ୍ଦ୍ର ଓ ଆଶ୍ରୟସ୍ଥଳ, ବନ୍ୟପ୍ରାଣୀମାନଙ୍କର ସମନ୍ୱିତ ଉନ୍ନୟନ, ଜଙ୍ଗଲ ସମ୍ପଦର ସଂରକ୍ଷଣ ପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନ, ହାତୀ ଯାତାୟତ ପଥ ଉନ୍ନୟନ ଓ ପରିଚାଳନା, ସାତକୋଶିଆ ସଂରକ୍ଷିତ ବ୍ୟାଘ୍ର ସଂରକ୍ଷଣ, ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା।

୫) ଏମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ କି କି କାର୍ଯ୍ୟକ୍ରମମାନ କରାଯାଉଛି ?

ଏମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଆବାସସ୍ଥଳୀର ଉନ୍ନତି, ଜଳତୃଷ୍ଣା ନିବାରଣ ନିମନ୍ତେ ପୋଖରୀ, ଗାଡ଼ିଆ, କୁଆ ଇତ୍ୟାଦିର ଖନନ ଓ ରକ୍ଷଣାବେକ୍ଷଣ, ଲୁଣଭୋଳ, ଜଙ୍ଗଲ ମଧ୍ୟରେ ଦେଖାଯାଉଥିବା ଅନାବନା ଗଛଲତାକୁ ସଫା କରି ଜନ୍ତୁମାନଙ୍କ ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଅଭୟାରଣ୍ୟ ମଧ୍ୟକୁ ସାଧାରଣ ଲୋକଙ୍କ ଆତଯାତକୁ ପ୍ରତିହତ କରିବା ପାଇଁ ଚେକ୍‌ଗେଟ୍‌ମାନ ସ୍ଥାପନ, ଶୀକାର ଓ ଆଗୁଆ ସତର୍କତାମୂଳକ ପଦକ୍ଷେପ ନେବା ନିମନ୍ତେ ବେତାର ଯନ୍ତ୍ର ମାଧ୍ୟମରେ ବାର୍ତ୍ତା ପ୍ରେରଣ ଓ ନିରୀକ୍ଷଣ ଟାୱାରମାନ ସ୍ଥାପନ, ବିଭିନ୍ନ ପ୍ରକାର squad ଗଠନ, ପ୍ରତିଶୋଧ ପରାୟଣ ହୋଇ ହତ୍ୟାକୁ ରୋକିବା ନିମନ୍ତେ ଅନୁକମ୍ପାମୂଳକ ରାଶି ପ୍ରଦାନ ଇତ୍ୟାଦି ବିଭିନ୍ନ ପଦକ୍ଷେପମାନ ଗଠନ କରାଯାଉଛି।

୬) ବନ୍ୟଜନ୍ତୁ ସଂରକ୍ଷଣରେ ବାର୍ଷିକ କେତେ ଟଙ୍କା ଖର୍ଚ୍ଚ କରାଯାଉଛି ?

ବନ୍ୟଜନ୍ତୁ ସଂରକ୍ଷଣ ନିମିତ୍ତ ହାରାହାରି ୩୫ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି।

୭) In situ & Ex situ conservation କହିଲେ କଣ ବୁଝାଯାଏ ?

ପ୍ରାକୃତିକ ପରିବେଶରେ ଲୋପ ପାଇ ଆସୁଥିବା କୌଣସି ପ୍ରାଣୀକୁ ଉକ୍ତ ପରିବେଶରେ ରଖି ସେମାନଙ୍କ ବଂଶବୃଦ୍ଧି କରିବାକୁ In situ ଓ ପ୍ରକୃତିରେ ଲୋପ ପାଇ ଆସୁଥିବା କୌଣସି ଜୀବଜନ୍ତୁଙ୍କୁ ଆବଦ୍ଧ ପରିବେଶରେ ରଖି ସେମାନଙ୍କର ବଂଶବୃଦ୍ଧି କରିବାକୁ Ex situ conservation କୁହାଯାଏ।

୮) ଏମାନଙ୍କ ସୁରକ୍ଷା ଦିଗରେ କି କି ସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି ?

ଏମାନଙ୍କ ସୁରକ୍ଷା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଭାସମିତି, ପଥପ୍ରାନ୍ତ ସଭା, ପ୍ରଚାରପତ୍ର, ପ୍ରାଚୀରପତ୍ର, ସ୍କୁଲକଲେଜ ପିଲାମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ସମୁଦ୍ରକୂଳ ଅଞ୍ଚଳରେ ଥିବା ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି ।

୯) ବନ୍ୟପ୍ରାଣୀ ସପ୍ତାହ ପାଳନରେ କି କି ପୁରସ୍କାର ପ୍ରଦାନ କରାଯାଉଛି ?

ଜିଲ୍ଲା ସ୍ତରରେ ସ୍କୁଲମାନଙ୍କରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରି ପୁରସ୍କାର ପ୍ରଦାନ, ରାଜ୍ୟ ସ୍ତରରେ ବନ୍ୟପ୍ରାଣୀ ସଂରକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଂସ୍ଥା, ବ୍ୟକ୍ତିବିଶେଷଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ, ଦୁର୍ଲଭ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଫଟୋଗ୍ରାଫି ନିମନ୍ତେ ପୁରସ୍କାର ପ୍ରଦାନ, ରାଜ୍ୟର ଶ୍ରେଷ୍ଠ ବିବେଚିତ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ବନ୍ଧୀୟ ଡ୍ରଇଁ ପୁରସ୍କାର ପ୍ରଦାନ କରାଯାଉଅଛି । ଆସନ୍ତା ବର୍ଷ ଡିଭିଜନ ସ୍ତରରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ବନ୍ଧୀୟ ଡ୍ରଇଁ ପୁରସ୍କାର ପ୍ରଦାନ କରାଯାଉଅଛି । ଆସନ୍ତା ବର୍ଷ ସବ୍ ଡିଭିଜନ୍ ସ୍ତରରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଡ୍ରଇଁ ପୁରସ୍କାର ପ୍ରଦାନ କରାଯାଉଅଛି । ଆସନ୍ତା ବର୍ଷ ସବ୍ ଡିଭିଜନ୍ ସ୍ତରରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କୁ ପୁରସ୍କୃତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଅଛନ୍ତି ।

୧୦) ଚିଲିକା ଡିଭିଜନରେ ବନ୍ୟପ୍ରାଣୀ ସପ୍ତାହ କିପରି ପାଳନ କରାଯାଏ ?

ଡିଭିଜନ ଅଞ୍ଚଳର ବିଭିନ୍ନ ବନ୍ୟପ୍ରାଣୀ ସମ୍ବନ୍ଧୀୟ ପ୍ରତିଯୋଗିତାର ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ, ସେ ଅଞ୍ଚଳର ମୁଖ୍ୟ ବ୍ୟକ୍ତି ବିଶେଷ ଓ ଜନ ସାଧାରଣଙ୍କୁ ନେଇ ବନ୍ୟପ୍ରାଣୀ ସମ୍ବନ୍ଧରେ ସଭାସମିତିମାନ କରି ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଏ ।

୧୧) ପକ୍ଷୀଶିକାର ରୋକିବା ଦିଗରେ ଏହିସପ୍ତାହ ପାଳନର କିଛି ଗୁରୁତ୍ୱ ରହେ କି ?

ହଁ ପକ୍ଷୀ ଶିକାର ରୋକିବା ପାଇଁ ଏହି ସପ୍ତାହ ପାଳନ ସମୟରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ନେଇ ସଭାସମିତିର ଆୟୋଜନ ଓ ସ୍ଥାନୀୟ ଅଧିବାସୀମାନଙ୍କ ମନରେ ପକ୍ଷୀ ଶିକାର ନ କରିବାକୁ ସଚେତନ କରାଯାଏ ।

୧୨) ଡଲଫିନ ଓ ସାମୁଦ୍ରିକ କଇଁଛସୁରକ୍ଷା ପାଇଁ ଲୋକମାନଙ୍କର କି ଭୂମିକା ରହିଛି ?

ଡଲଫିନ ଓ ସାମୁଦ୍ରିକ କଇଁଛ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ ର ଅନୁଚ୍ଛେଦ ୧ ର ଅନ୍ତର୍ଭୁକ୍ତ ।

ପରିବେଶ ସୁରକ୍ଷା ପାଇଁ ଏମାନଙ୍କ ସୁରକ୍ଷା ଅପରିହାର୍ଯ୍ୟ । ସମୁଦ୍ର ମଧ୍ୟରେ ମାଛ ମାରିବା ବେଳେ ଡଙ୍ଗାରେ ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ (TED) ଲଗାଇବା, ଡଲଫିନଙ୍କୁ ଆଖପାଖରେ ଦେଖିବା ବେଳେ ଇଂଜିନ ଚାଳିତ ଡଙ୍ଗାକୁ ସାମୟିକ ପାଇଁ ବନ୍ଦ କରି ଇଂଜିନକୁ ଉପରକୁ ଟେକିବା ଇତ୍ୟାଦି ଲୋକମାନଙ୍କର ପ୍ରମୁଖ ଭୂମିକା ଅଟେ ।

୧୩) ଚିଲିକା ପର୍ଯ୍ୟଟକମାନଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଆପଣ କି ସନ୍ଦେଶ ଦେଉଛନ୍ତି ?

ପ୍ରକୃତି ଓ ପ୍ରାକୃତିକ ପରିବେଶରେ ଦେଖାଯାଉଥିବା ବୃକ୍ଷଲତା, ଜୀବଜନ୍ତୁଙ୍କୁ ଦେଖିବାର ମଜା ଆପଣମାନେ ନେଇ ପାରୁଛନ୍ତି । ଯଦି ଆମେ ଏହାକୁ ସଂରକ୍ଷିତ କରି ରଖିବା ତେବେ ଏହା ଆମମାନଙ୍କ ପାଇଁ ଓ ଭବିଷ୍ୟତ ବଂଶଧରଙ୍କ ପାଇଁ ମଙ୍ଗଳମୟ ହେବ, ନତୁବା ଆଜି ଆମକୁ ଆନନ୍ଦ ଦେଉଥିବା ପ୍ରକୃତି ଦତ୍ତ ସମ୍ପଦକୁ ଯଦି ଆମେ ନଷ୍ଟଭ୍ରଷ୍ଟ କରିଦେବା, ଭବିଷ୍ୟତ ଦାୟାଦ କେବଳ ମିଉଜିୟମରେ ଦେଖି ଆତ୍ମସନ୍ତୋଷ ଲାଭକରିବେ । ତେଣୁ ଏବେଠାରୁ ଆସନ୍ତୁ ହାତକୁ ହାତ ମିଳାଇ ବନ୍ୟପ୍ରାଣୀ ଓ ଏହାର ଆବାସସ୍ଥଳୀର ସୁରକ୍ଷା କରିବାରେ ସହଯୋଗ କରିବା ।

୧୪) ଅନୁକମ୍ପା ମୂଳକ ରାଶି ବୃଦ୍ଧିକଲେ ବନ୍ୟଜନ୍ତୁଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି ହେବ କି ? କି ପ୍ରକାର କାର୍ଯ୍ୟକ୍ରମ କଲେ ଲୋକମାନେ ବନ୍ୟଜୀବ ଜନ୍ତୁଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବେ ?

ନାଁ ବନ୍ୟପ୍ରାଣୀ ଓ ପ୍ରକୃତି ସହିତ ମନୁଷ୍ୟର ସମ୍ପର୍କ ବିଭିନ୍ନ ପ୍ରକାର ଗଣ ମାଧ୍ୟମ, ପଥପ୍ରାନ୍ତ ନାଟକ, ଚଳଚ୍ଚିତ୍ର ଇତ୍ୟାଦି ମାଧ୍ୟମରେ ଲୋକମାନଙ୍କୁ ଦର୍ଶାଇ ପାରିଲେ ଲୋକଙ୍କର ବନ୍ୟପ୍ରାଣୀଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ ସୃଷ୍ଟି ହେବ ।

(ତା. ୬.୧୦.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଜିଆଖତ (Vermicompost) ର ବ୍ୟବହାର

ଲକ୍ଷ୍ମୀକାନ୍ତ ଦାଶ

କ. ଆଲୋଚନା ଆରମ୍ଭ କରିବା ପୂର୍ବରୁ ଜିଆଖତ କଣ ସେ ବିଷୟରେ ଆମର ଧାରଣା ହେବା ଉଚିତ୍। ବିଭିନ୍ନ ଜୈବିକ ପଦାର୍ଥର ଉପଯୋଗରେ ଜିଆ ଦ୍ୱାରା ସୃଷ୍ଟ ଜୈବିକ ସାରକୁ ଜିଆଖତ Vermicompost କୁହାଯାଏ। ସରଳ ଭାଷାରେ ଜିଆର ମଳକୁ ଜିଆଖତ କହନ୍ତି। ବିଭିନ୍ନ ଜୈବିକ ପଦାର୍ଥ ଓ ମାଟିକୁ ଜିଆ ଖାଦ୍ୟ ଭାବରେ ଗ୍ରହଣ କରି ତାର ଅନ୍ତଃନଳୀରେ decompose କରାଇ ଯେଉଁ ମଳତ୍ୟାଗ କରେ ତାହାକୁ ଆମେ ଜିଆଖତ କହିଥାଉ।

## ଖ. ଜିଆଖତର ଆବଶ୍ୟକତା :

ବୃକ୍ଷଲତା ପାଇଁ ଆବଶ୍ୟକ ଖାଦ୍ୟର ପ୍ରାୟ ସମସ୍ତ ଉପାଦାନ ଜିଆଖତରେ ନିହିତ ଥାଏ, ଆକଳନରୁ ଜଣାଯାଏ, ଜିଆଖତରେ

Nitogen 1.5 to 2.5%

Phosphorus 0.9 to 1.7 %

Potash 1.5 to 2.4 %

Calcium 0.5 to 1.0 %

Magnesium 0.2 to o.3%

Sulphur 0.4 to 0.5 %

ଅଣୁସାର ଗଚ୍ଛିତ ଥାଏ। ଏହାଛଡ଼ା ବିଭିନ୍ନ Micronutrients, vitamins, enzymes ଓ hormones ଜିଆଖତରେ ଥିବା ପରୀକ୍ଷାରୁ ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା, ମୃତ୍ତିକାର ବିଭିନ୍ନ ଉପାଦାନ ତଥା ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏହା ଅନେକ ପରିମାଣରେ ସହାୟକ ହୋଇଥାଏ।

ଜିଆଖତର ଉପଯୋଗିତା ଅନେକ କାରଣ ପାଇଁ ଆଦୃତ ହୋଇଅଛି ଯଥା :

- ଏଥିରେ ପ୍ରଚୁର ପରିମାଣରେ Humus (ଖଡିର) ଓ ଅନ୍ୟାନ୍ୟ ଖାଦ୍ୟ ଉପାଦାନ ଥାଏ।
- ଏହା ସହଜରେ ପ୍ରୟୋଗ କରି ହୁଏ।
- ଏହାର ପ୍ରୟୋଗ ଦ୍ୱାରା ମାଟିର ଜଳଧାରଣ କ୍ଷମତା ବୃଦ୍ଧିପାଏ ଫଳରେ ମୃତ୍ତିକା କ୍ଷୟରୁ ରକ୍ଷା ମିଳେ।
- ରାସାୟନିକ ସାରର ଉପଯୋଗିତା ଏହାର ପ୍ରୟୋଗ ଦ୍ୱାରା ବୃଦ୍ଧି ପାଏ।
- ବିଷକ୍ରିୟା ସୃଷ୍ଟି କଲାଭଳି ଉପାଦାନ ବା ଜୀବାଣୁ ଏଥିରେ ଦେଖିବାକୁ ମିଳେ ନାହିଁ।
- ବିଭିନ୍ନ ପ୍ରକାର ସଂକ୍ରମଣ ଏହାର ଉପଯୋଗରେ କମ୍ ହେବାର ସମ୍ଭାବନା ଥାଏ।
- Soil-aeration (ମୃତ୍ତିକାରେ ବାୟୁ ଚଳାଚଳ) ରେ ଏହାର ପ୍ରୟୋଗ, ଉନ୍ନତି ଆଣିବା ସହ ଗଛଲତାର ବୃଦ୍ଧିରେ ବିଶେଷ ଭାବରେ ସହାୟକ ହୋଇଥାଏ।
- ଏହାର ପ୍ରସ୍ତୁତି ପାଇଁ ଅତ୍ୟଧିକ ବୈଜ୍ଞାନିକ ଜ୍ଞାନର ଆବଶ୍ୟକତା ନ ଥାଏ।

## ଗ. ଜିଆଖତ ପ୍ରସ୍ତୁତି ପାଇଁ ଆବଶ୍ୟକ ଉପକରଣ :

ସାଧାରଣ ଭାବେ ଜିଆଖତ ବା Vermicompost ପ୍ରସ୍ତୁତି ପାଇଁ କୃଷିଜାତ ନଡ଼ାକୁଟା, ପଚାସଢ଼ା ପତ୍ର, ପନିପରିବାର ଅବଶିଷ୍ଟାଂଶ, ଗୋବର ଫାର୍ମରୁ ନିର୍ଗତ residue ଇତ୍ୟାଦି ବ୍ୟବହୃତ ହୁଏ।

## ପ୍ରସ୍ତୁତି ପ୍ରଣାଳୀ

ଜିଆଖତର ପ୍ରସ୍ତୁତି ପାଇଁ କେତେକ ନିର୍ଦ୍ଦିଷ୍ଟ ପଦ୍ଧତି ଅବଲମ୍ବନ କରାଯାଏ।

୧ମ ଟି ହେଲା Bed method

୨ୟ ଟି ହେଲା Pit method

୩ୟ ଟି ହେଲା Ring method

୪ର୍ଥ ଟି ହେଲା Open method

ହେପ୍ ପଦ୍ଧତିରେ ପକ୍କା ବା କଚ୍ଚା ଚଟାଣ ଉପରେ ୬'x ୨'x ୧' ଆକାରର ଢିବିରେ ଜୈବ mixture ରେ compost ରଖାଯାଏ।

ପିଟ୍ ପଦ୍ଧତିରେ ୫'x ୨.୫'x ୨.୫' ଆକୃତିର ଏକ ଗାତ ଖନନ କରାଯାଇ ତା ମଧ୍ୟରେ compost ରଖାଯାଏ ଓ ତାହାକୁ ନଡ଼ା ବା gunny bag ଦ୍ୱାରା ଆଚ୍ଛାଦିତ କରାଯାଏ।

ତୃତୀୟଟି ହେଲା Ring method ଯେଉଁଥିରେ ୨' ରୁ ୩' ବ୍ୟାସ ଓ ୧' ଉଚ୍ଚତା ବିଶିଷ୍ଟ ୨ଟି ସିମେଣ୍ଟ ନିର୍ମିତ ରିଙ୍ଗ ଗୋଟିକ ଉପରେ ଅନ୍ୟଟି ରଖାଯାଇ ତା ମଧ୍ୟରେ compost ଭର୍ତ୍ତି କରାଯାଏ।

ଶେଷ ପଦ୍ଧତିଟିକୁ ଆମେ Open ବା ଖୋଲା ପଦ୍ଧତି କହିଥାଉ। ଏଥିରେ ଏକ Sunken bed ତିଆରି କରାଯାଏ। ଯାହାର ଆକାର ୫'x ୨.୫'x ୧' ହେବା ଆବଶ୍ୟକ।

Compost ରଖିବା ପରେ ନଡ଼ାକୁଟା ବା polythene sheet ଦ୍ୱାରା ଏହାକୁ ଆଚ୍ଛାଦିତ କରାଯାଏ।

ଆଲୋଚିତ ପଦ୍ଧତିଗୁଡ଼ିକ ବ୍ୟତୀତ ଆମେ ଅନ୍ୟ ଏକ ପଦ୍ଧତି ବହୁଳ ଭାବରେ ବ୍ୟବହାର କରିଥାଉ। ୧୦ ଫୁଟ ଲମ୍ବ, ୩ ରୁ ୪ ଫୁଟ ଓସାର ଓ ୩ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଆୟତ ଘନାକୃତି ସିମେଣ୍ଟ କୁଣ୍ଡ ପ୍ରସ୍ତୁତ କରାଯାଏ। ସ୍ଥାନ ବିଶେଷରେ ଏହାର ଲମ୍ବ କମ୍ ବା ବେଶୀ କରାଯାଇପାରେ।

Vermicompost ତିଆରି କରିବା ପୂର୍ବରୁ ଆମକୁ କେତେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସେଗୁଡ଼ିକ ହେଲା ଉପଯୁକ୍ତ ସ୍ଥାନ ନିରୂପଣ, ଆବଶ୍ୟକ ଉପକରଣ, ଜିଆ ଚୟନ, ପ୍ରତିଷେଧକ ବ୍ୟବସ୍ଥା ଓ ସର୍ବୋପରି ଜିଆଖତର ପ୍ରସ୍ତୁତି ପରେ ଆମଦାନୀ। ବିଶଦ ଭାବରେ କହିବାକୁ ଗଲେ ଜିଆଖତ ତିଆରି ହେବା ସ୍ଥାନଟି ଥଣ୍ଡା, ଓଦାଳିଆ ଓ ଛାଇ ଜାଗାରେ ହେବା ଉଚିତ।

- ପ୍ରଥମେ ଶୁଖିଲା ଜୈବିକ mass କୁ ଟିକିଟିକି କରି ୫ ସେ.ମି. ରୁ କମ୍ ହେଲା ଭଳି କାଟି ଦିଆଯାଏ।
- ଗୋବର ଓ ପଚାସଢ଼ା ପତ୍ର /ନଡ଼ାକୁଟା କୁ ଯଥାକ୍ରମେ ୩ ଓ ୧୦ ଅନୁପାତରେ ସ୍ତୂପୀକୃତ ସ୍ଥାନରେ ୧୫ ରୁ ୨୦ ଦିନ ରଖାଯାଇ ସେଥିରେ ପାଣି ଦିଆଯାଇ ଅଧା ପଚା କରାଯାଏ। ସିମେଣ୍ଟ ସ୍ତରରେ ଛୋଟ ଛୋଟ ପଥର ଖଣ୍ଡ, ଇଟା ଖଣ୍ଡ ଓ ସରୁ ବାଲି ୩ ରୁ ୪ ଇଞ୍ଚ ଉଚ୍ଚତାରେ ଦିଆଯାଏ।
- ପ୍ରାୟ ୨ ରୁ ୩ ଇଞ୍ଚ ବହଳର ଅଧା ସଢ଼ା ଗୋବରର ଆସ୍ତରଣ ତା ଉପରେ ପକାଯାଏ।
- ଅଧା decompose ହୋଇଥିବା Biomass ଓ ଅଧା ସଢ଼ା ଗୋବରକୁ ତା ଉପରେ ସ୍ତର ସ୍ତର କରି ଦିଆଯାଏ। Biomass ଓ ଅଧା ସଢ଼ା ଗୋବରର ଅନୁପାତ ୭୦% ଓ ୩୦% ହେବା ଉଚିତ। ପ୍ରତି ସ୍ତରର ଉଚ୍ଚତା ୧୦ ରୁ ୨୦ ସେ.ମି. ହେବା ଦରକାର। Biomass ଓ ଅଧା ସଢ଼ା ଗୋବରର ସମୁଦାୟ ସ୍ତର ମିଶି ୨.୫ ଫୁଟ ମଧ୍ୟରେ ସୀମିତ ହେବା ଉଚିତ। ପ୍ରାୟ ୩ ରୁ ୪ ସ୍ତରରେ ଆବଶ୍ୟକ ଉଚ୍ଚତା ମିଳିଯାଇପାରେ।
- ତା ପରେ ସଂଗୃହୀତ ଉପଯୁକ୍ତ ପରିମାଣର ଜିଆ ଉପର ସ୍ତରରେ ଛଡ଼ାଯାଏ। ୧ ଟନ୍ Biomass ୨ ରୁ ୩ କେ.ଜି. ଜିଆ per sq ft ପରିମିତ ଜାଗାରେ ୧୦୦ଟି ଜିଆ ଛାଡ଼ିବାକୁ ପଡ଼େ।
- ଜିଆ ଛାଡ଼ିବା ପରେ ପରେ କୁଣ୍ଡକୁ ଘୋଡ଼ାଇ ଦିଆଯାଏ ଓ ପ୍ରତିଦିନ କୁଣ୍ଡରେ ପାଣି ଛିଞ୍ଚାଯାଏ।

ଜିଆଖତ ଉପର ସ୍ତରରୁ ଆରମ୍ଭ ହୋଇ ପ୍ରାୟ ୪୫ ରୁ ୫୦ ଦିନ ମଧ୍ୟରେ ଶେଷ ହୁଏ।

ଜିଆଖତ ଅମଳ ହେବା ପରେ ତାର ଜାଲିରେ ଛଣାଯାଇ undecomposed material ଓ ଜିଆକୁ ଅଲଗା କରାଯାଏ। ଅମଳ ଶେଷରେ ଜିଆଖତକୁ ଖରାରେ ୨/୩ ଘଣ୍ଟା ଶୁଖାଯାଇ ବ୍ୟବହାର ଉପଯୋଗୀ କରାଯାଏ।

କିଛି କିଛି ସାବଧାନତା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।

- ଜୈବିକ Waste ଯାହା ଜିଆଖତ ପ୍ରସ୍ତୁତିରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସେଥିରେ Plastic, Chemical, କୀଟନାଶକ ଓ ଧାତବ ଦ୍ରବ୍ୟ ମିଶ୍ରିତ ହୋଇ ନ ଥିବା ଉଚିତ। ଉଦ୍ଦିଷ୍ଟ ଗାତ, ବେଡ୍ ବା କୁଣ୍ଡଗୁଡ଼ିକରେ ସିଧାସଳଖ ସୂର୍ଯ୍ୟକିରଣ ବା ବର୍ଷାଜଳ ନ ପଡ଼ିବା ଦରକାର।
- ଠିକ୍ ଭାବରେ decompose ହୋଇଥିବା ଗୋବର ବ୍ୟବହାର ହେବାଉଚିତ।
- ଜିଆମାନଙ୍କ ବଂଶବୃଦ୍ଧି ପାଇଁ ଠିକ୍ ଭାବରେ ବାୟୁ ଚଳାଚଳ ହେବା ଦରକାର।
- Compost Pit ର ତାପମାତ୍ରା ୨୫° ରୁ ୩୦° ସେ. ମଧ୍ୟରେ ସୀମିତ ରହିବା ଦରକାର।

- ମଝିରେ ମଝିରେ ନିମପତ୍ରର ଏକ ପତଳା ଆସ୍ତରଣ ଉପର ସ୍ତରରେ ଦେବା ଉଚିତ। କାରଣ, ଏହା କୀଟନାଶକ ଭାବେ କାର୍ଯ୍ୟ କରିଥାଏ।

ଜିଆଖତର ଆମଦାନୀ ପରେ ଏହାର ପ୍ରୟୋଗର ସଠିକ୍ ଅନୁପାନ (Dose) ଜାଣିବା ଉଚିତ। ଶସ୍ୟକ୍ଷେତ୍ରରେ ଏହାକୁ ହେକ୍ଟର ପ୍ରତି ୨ରୁ ୨.୫ ମେଟ୍ରିକ୍ ଟନ ବ୍ୟବହାର କରାଯିବା ସହ ଫଳବାଗ ପାଇଁ ୩ ରୁ ୫ କେ.ଜି. ପ୍ରତି ଗଛ ପିଛା ପ୍ରୟୋଗ କରିବା ଉଚିତ୍। ଫୁଲ କିମ୍ବା ଫଳ କୁଣ୍ଡରେ ମଧ୍ୟ ୧୦୦ ରୁ ୨୦୦ ଗ୍ରାମ୍ ହିସାବରେ ଏହାକୁ ବ୍ୟବହାର କରାଯାଇପାରେ।

ପ୍ରଶ୍ନ ଉଠେ କେଉଁ ଜିଆ ଏଥିପାଇଁ ବ୍ୟବହାର କରାଯିବ ଓ ଏହା କେଉଁଠାରୁ ମିଳିବ ?

ଓଡ଼ିଶାରେ ପ୍ରାୟ ୩୧ ପ୍ରକାରର ଜିଆ ମିଳନ୍ତି ଓ ତା ଭିତରୁ ୪ ପ୍ରକାରର ଜିଆ Vermicompost ପାଇଁ ବ୍ୟବହାର କରାଯାଏ। ସେଗୁଡ଼ିକ ହେଲା

1. Red Wiggler
2. Red tiger
3. Blue worms
4. Red worms

ଏଗୁଡ଼ିକ OUAT ଓ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରେ ଉପଲବ୍ଧ। ଆବଶ୍ୟକ ଜ୍ଞାନ କୌଶଳ ମଧ୍ୟ OUAT ଓ State Silviculturist ଙ୍କ ଠାରୁ ପ୍ରାପ୍ତ କରାଯାଇପାରେ।

## ପ୍ରଶ୍ନ ଉତ୍ତର

୧. ସାଧାରଣ ଭାବେ ଶସ୍ୟକ୍ଷେତ୍ରରେ ଓ ଅନେକ ବାଡ଼ିବଗିଚାରେ ମିଳୁଥିବା ଜିଆକୁ ଆମେ Vermicompost ଭାବେ ବ୍ୟବହାର କରିପାରିବା କି ? ଯଦି ନା ତାର କାରଣ କଣ ?

ଉ. ସାଧାରଣରେ ମିଳୁଥିବା ଜିଆର ଆକାର ଛୋଟ ଓ ତାର ବଂଶବୃଦ୍ଧି କ୍ଷମତା କମ୍ ହୋଇଥିବାରୁ ଏହାର ଖାଦ୍ୟ କମ୍ ହେବା ସଙ୍ଗେ ସଙ୍ଗେ ମଳତ୍ୟାଗ କ୍ଷମତା ମଧ୍ୟ କମ୍। ତେଣୁ ଏହାକୁ ବ୍ୟବହାର କଲେ ଆମକୁ ଉପଯୁକ୍ତ ସୁଫଳ ମିଳିବ ନାହିଁ।

୨. ଜିଆଖତ ପ୍ରୟୋଗ ଦ୍ୱାରା ମୃତ୍ତିକାର ଜଳଧାରଣ କ୍ଷମତା ବଢ଼ିବା ସହ ବାୟୁ ଚଳାଚଳ ଠିକ୍ ଭାବରେ ହୁଏ କାହିଁକି ?

ଉ. ଏହା ପ୍ରଚୁର ପରିମାଣରେ ଛିଦ୍ରଯୁକ୍ତ। ଏହାଛଡ଼ା ଜିଆଖତରେ ଜିଆର ଡିମ୍ବ (Cocoon) ବହୁ ପରିମାଣରେ ଥିବା ହେତୁ ଜିଆର ବଂଶବୃଦ୍ଧି ଘଟାଇଥାଏ। ଜିଆମାନଙ୍କ ଯାତାୟତ ହେତୁ ବାୟୁ ଚଳାଚଳ ସୁଗମ ହୁଏ ଓ ଜଳଧାରଣ କ୍ଷମତା ବୃଦ୍ଧି ପାଏ।

୩. ଜିଆଖତର ପ୍ରୟୋଗ ପରେ Insecticide chemical ଓ fertilizer ବ୍ୟବହାର କରିପାରିବା କି ?

ଉ. ନାଁ, କାରଣ ସଞ୍ଚିତ ଥିବା ଡିମ୍ବଗୁଡ଼ିକର ନଷ୍ଟ ହେବାର ଆଶଙ୍କା ଥାଏ, ଫଳରେ ଠିକ୍ ଭାବରେ ଜିଆର ବଂଶବୃଦ୍ଧି ହୋଇପାରେ ନାହିଁ।

(ତା. ୧୦.୧୧.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଔଷଧୀୟ ଉଦ୍ଭିଦର ସଂରକ୍ଷଣ

ବିଜୟ କୁମାର ସ୍ୱାଇଁ

ଭାରତୀୟ ସଭ୍ୟତାରେ ଆୟୁର୍ବେଦର ଭୂମିକା ବହୁ ପୁରାତନ । କୁହାଯାଏ ଯେ ଚରକ ସଂହିତା ଲେଖା ହେବାର ପ୍ରାୟ ୨୦୦୦ ବର୍ଷ ପୂର୍ବରୁ ଆମ ଦେଶରେ ଆୟୁର୍ବେଦର ପ୍ରଚଳନ ଥିଲା ଓ ମୁନିଋଷିମାନେ ଜଙ୍ଗଲରେ ଏ ବିଷୟରେ ଗବେଷଣା ଜାରି ରଖିଥିଲେ । ଇତିହାସ କହେ ଯେ ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅନେକ ଚିକିତ୍ସାଳୟ ଖୋଲି ପ୍ରଜାମାନଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥା କରିଥିଲେ । ଏଗୁଡ଼ିକ ନିଶ୍ଚିତ ଭାବରେ ଆୟୁର୍ବେଦୀୟ ଚିକିତ୍ସାଳୟ ଥିଲା । ଅତୀତରେ ଆମ ଦେଶରୁ ଅନେକ ଔଷଧୀୟ ଦ୍ରବ୍ୟ, ମସଲା ଆଦି ବିଦେଶକୁ ରପ୍ତାନୀ କରାଯାଉଥିଲା । ବିଶେଷ କରି ଆରବ ଦେଶର ବଣିକମାନେ ଏହି ସବୁ ଦ୍ରବ୍ୟ ଭାରତରୁ ନେଇ ଇଉରୋପ ଦେଶଗୁଡ଼ିକରେ ବିକ୍ରୟ କରୁଥିଲେ । କିନ୍ତୁ ପଞ୍ଚଦଶ ଶତାବ୍ଦୀ ବେଳକୁ ଇଂରେଜ, ଫରାସୀ, ପର୍ତ୍ତୁଗୀଜ, ଓଲନ୍ଦାଜ ଆଦି ବଣିକମାନେ ପ୍ରଭାବ ବିସ୍ତାର କଲେ ଓ ଆରବ ବଣିକମାନଙ୍କର ପ୍ରାଧାନ୍ୟ ଲୋପ ପାଇଲା । ଏହି ଇଉରୋପୀୟ ବଣିକମାନଙ୍କ ଦ୍ୱାରା ଭାରତରେ ବ୍ୟବସାୟ ବଣିଜ ସଙ୍ଗେ ସଙ୍ଗେ ଆମ ଦେଶର ସଂସ୍କୃତି ଓ ସଭ୍ୟତାର ଅବକ୍ଷୟ ଘଟୁଥିଲା । ସେହି ସମୟରୁ ଧୀରେ ଧୀରେ ଭାରତୀୟ ଜ୍ଞାନ ଗରିମାକୁ ଆଦିମ ସଭ୍ୟତାର ଆଖ୍ୟା ଦିଆଯାଇ (folk knowledge) ଶିକ୍ଷିତ ସମାଜରୁ ଦୂରେଇ ଦିଆଗଲା । କେବଳ ଗାଁ ଗଣ୍ଡା ଓ ବଣ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହି ଜ୍ଞାନ କିଛି ମାତ୍ରାରେ ପରମ୍ପରା କ୍ରମେ ବଞ୍ଚାଯାଇ ରହିଲା । ସମାଜର ମୁଖ୍ୟ ସ୍ରୋତରେ ଏଲୋପାଥି ପ୍ରବେଶ କଲା ଓ ଧୀରେ ଧୀରେ ସମଗ୍ର ଦେଶରେ ଏହା ଅଦ୍ଭୁତ ହୋଇ ଆୟୁର୍ବେଦକୁ ପଛକୁ ଠେଲି ଦିଆଗଲା ଓ ଏହି ହଜାର ବର୍ଷର ଜ୍ଞାନ ଧୀରେ ଧୀରେ ଲୋପ ପାଇବାକୁ ବସିଲା ।

ଉଦ୍ଭିଦରୁ ହିଁ ଆୟୁର୍ବେଦର ଅଧିକାଂଶ ଔଷଧ ପ୍ରସ୍ତୁତି କରାଯାଇଥାଏ । ଅତୀତରେ ବୈଦ୍ୟମାନେ ନିଜେ ନିଜେ ଔଷଧୀୟ ଦ୍ରବ୍ୟ ନିକଟସ୍ଥ ବଣ ଜଙ୍ଗଲରୁ ସଂଗ୍ରହ କରି ଔଷଧ ପ୍ରସ୍ତୁତ କରୁଥିଲେ । ଅନେକ ମଧ୍ୟ ନିଜର ବଗିଚାରେ ଔଷଧୀୟ ଉଦ୍ଭିଦ ରୋପଣ କରୁଥିଲେ ଓ ଆବଶ୍ୟକତା ଅନୁଯାୟୀ ସଂଗ୍ରହ କରୁଥିଲେ । ସାଧାରଣ ଲୋକମାନେ ମଧ୍ୟ ଔଷଧୀୟ ଉଦ୍ଭିଦଗୁଡ଼ିକୁ ଚିହ୍ନିଥିଲେ, ବ୍ୟବହାର କରୁଥିଲେ ଏବଂ ନଷ୍ଟ ହେବାକୁ ଦେଉ ନ ଥିଲେ ।

କିନ୍ତୁ ଆୟୁର୍ବେଦର ବ୍ୟବହାର ତଥା ନିର୍ଭରଶୀଳତା ଶିଥିଳ ହୋଇଯିବାରୁ ଔଷଧୀୟ ଉଦ୍ଭିଦର ପ୍ରାଧାନ୍ୟତାକୁ ଆମେମାନେ ଭୁଲିଗଲୁ । ଏପରି ହେଲା ଯେ ଅନେକ ଔଷଧୀୟ ଉଦ୍ଭିଦକୁ ଚିହ୍ନିବା ସମ୍ଭବପର ହେଲା ନାହିଁ । ଅନେକ ଗବେଷଣା ପରେ ମଧ୍ୟ ଅଦ୍ୟାପି ଅନେକ ଦ୍ରବ୍ୟ ଆମର ବୈଦ୍ୟ ଓ ଉଦ୍ଭିଦ ବିଜ୍ଞାନୀଙ୍କର ଅଜଣା ହୋଇ ରହିଛି । ଏଗୁଡ଼ିକୁ ଆୟୁର୍ବେଦରେ ସଂଦିଗ୍ଧ ଦ୍ରବ୍ୟ ବୋଲି କୁହାଯାଇଥାଏ । ଅତୀତରେ ଆମ ଦେଶରେ ଉପକାରୀ ଉଦ୍ଭିଦମାନଙ୍କୁ ପୂଜା କରାଯାଉଥିଲା । ଆଦିବାସୀ ଅଞ୍ଚଳରେ ଏ ପରମ୍ପରା ଏବେ ବି ବିଦ୍ୟମାନ । ଆମ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ କାଠରେ ତିଆରି ଓ ତାଙ୍କର ଅସୁସ୍ଥତା ନିରାକରଣ ପାଇଁ ଆୟୁର୍ବେଦୀୟ ଉପଚାର (ଦଶମୂଳ) ର ବିଧି ବ୍ୟବସ୍ଥା ରହି ଆସିଛି ।

ତୁଳସୀ ମୂଳରେ ପ୍ରତ୍ୟେହ ସଞ୍ଜ ଦେବା, ଅଁଳାନବମୀରେ ଅଁଳା ବୃକ୍ଷକୁ ପୂଜା କରିବା, ବେଲପତ୍ର, ଅରଖ, ଦୁଦୁରା ଫୁଲ ଦେଇ ଶିବଙ୍କୁ ଆରାଧନା କରିବା ଆଦି ପ୍ରଥା ଆମ ସଂସ୍କୃତିର ସ୍ମୃତିକୁ ଏବେ ବି ଉଜ୍ଜୀବିତ କରିଥାଏ ।

ମନୁଷ୍ୟ ସୃଷ୍ଟିର ବହୁ ପୂର୍ବରୁ ପୃଥିବୀ ବକ୍ଷରେ ଉଦ୍ଭିଦ ଜଗତ ସୃଷ୍ଟି ହୋଇ ସାରିଥିଲା । ତା ନ ହୋଇଥିଲେ ମନୁଷ୍ୟର ଜୀବନଧାରଣ ପାଇଁ ନିହାତି ଆବଶ୍ୟକ ଅମ୍ଳଜାନ ଓ ଖାଦ୍ୟ ମିଳି ନ ଥାନ୍ତା । କାଶ୍ୟପ ସଂହିତାରେ ଲେଖାଅଛି ଯେ -

"ଆୟୁର୍ବେଦ ମେବ ଅଗ୍ରେଽସୃଜତ୍ ତତୋ ବିଶ୍ୱାନି"

ଅର୍ଥାତ୍ ପ୍ରଥମେ ଆୟୁର୍ବେଦର ଆବଶ୍ୟକ ଦ୍ରବ୍ୟ ସୃଷ୍ଟି ହେଲା ପରେ ମନୁଷ୍ୟାଦି ପ୍ରାଣୀମାନେ ସୃଷ୍ଟି ହେଲେ ।

ସେହିପରି ପୃଥିବୀର ବିଭିନ୍ନ ଭାଗରେ ଜଳ, ବାୟୁ, ମୃତ୍ତିକା ଭେଦରେ ଭିନ୍ନ ଭିନ୍ନ ପ୍ରକାରର ଉଦ୍ଭିଦ ଦେଖିବାକୁ ମିଳିଥାନ୍ତି । ଯଥା ହିମାଳୟ ପାଦଦେଶରେ ମିଳୁଥିବା ଗଛଲତା ଆମ ଓଡ଼ିଶାରେ ମିଳିବା ସମ୍ଭବପର ନୁହେଁ । ଏହି ଜଳବାୟୁର ଭିନ୍ନତା ମଧ୍ୟ ମନୁଷ୍ୟ ଶରୀରକୁ ପ୍ରଭାବିତ କରିଥାଏ । ଏଣୁ ଯେଉଁ ଜଳବାୟୁରେ ମନୁଷ୍ୟ ବଢ଼ିଥାଏ ସେହି ଅଞ୍ଚଳରେ ଥିବା ବୃକ୍ଷଲତା ହିଁ ତାର ରୋଗ ନିରାକରଣ ପାଇଁ ବ୍ୟବହୃତ ହୋଇଥାଏ । ଚରକ କହିଥିଲେ -

"ଯସ୍ୟ ଦେଶସ୍ୟ ଯୋ ଜନ୍ତୁ ସ୍ତଜ୍ଜଂତ ସୌଷଧଂ ହିତମ୍"

ଅର୍ଥାତ୍ ଯେଉଁ ଦେଶରେ ଯିଏ ଜନ୍ମଗ୍ରହଣ କରିଥାଏ, ସେହି ଦେଶର ଔଷଧ ତା ପକ୍ଷରେ ହିତକର। ଏଠି ଔଷଧର ଅର୍ଥ ବଟିକା ବା ଇଂଜେକ୍ସନ ନୁହେଁ। ସଂସ୍କୃତରେ ଉଦ୍ଭିଦ ଜଗତକୁ "ଔଷଧୀୟଃ" ବୋଲି କୁହାଯାଇଥାଏ।

ଏଣୁ ଚରକଙ୍କ ଏହି ଶ୍ଳୋକର ମହତ୍ତ୍ୱ ଏହି ଯେ ଆମ ଅଞ୍ଚଳରେ ବୃକ୍ଷଲତାମାନେ ଆମମାନଙ୍କର ସମସ୍ତ ରୋଗ ନିରାକରଣ ପାଇଁ ଉଦ୍ଦିଷ୍ଟ। କିନ୍ତୁ ଦୁଃଖର ବିଷୟ ଯେ ଆମେ ବିଦେଶୀ ଔଷଧୀୟ ଜ୍ଞାନ ବ୍ୟବହାର କରିବା ପର ଠାରୁ ଆମ ନିଜ ଦେଶର ବୃକ୍ଷଲତାଗୁଡ଼ିକର ଔଷଧୀୟ ଗୁଣକୁ ଭୁଲିଗଲେ। ଏବେ ଚେଷ୍ଟା କରି ମଧ୍ୟ ଖୋଜିଲା ବେଳକୁ ଅନେକ ଦରକାରୀ ବୃକ୍ଷଲତା ଆଉ ମିଳୁନାହାନ୍ତି। ମିଳୁଥିବା ଦ୍ରବ୍ୟ ବି ଆମେ ଚିହ୍ନିବାକୁ ଅଯୋଗ୍ୟ। ଅନେକ ଶାସ୍ତ୍ରରେ ବୃକ୍ଷଲତାମାନଙ୍କର ଏପରି ସବୁ ଗୁଣ ଲେଖାଯାଇଛି ଯାହାକି ଆଜି ଆମେ ବିଶ୍ୱାସ କରିବା ସମ୍ଭବପର ହୁଏ ନାହିଁ। ଯଥା ଏପରି କିଛି ଦ୍ରବ୍ୟ ଅଛି ଯାହାକୁ ଗଳାରେ କିମ୍ବା ବାହୁରେ ଧାରଣ କଲେ ଜ୍ୱର ଛାଡ଼ିଯାଏ। ଏ ପରି ଏକ ଗଛ ଅଛି ଯାହାର ଛାଇରେ ଠିଆ ହୋଇଗଲେ କୋଷ୍ଠକାଠିନ୍ୟ ଦୂର ହୋଇ ମଳ ପରିଷ୍କାର ହୁଏ। ଏକ ଉଦ୍ଭିଦର ଚେରକୁ ଆଣି କଟିରେ ଧାରଣ କଲେ ଗର୍ଭସଂଚାର ହୁଏ ନାହିଁ ଇତ୍ୟାଦି ଇତ୍ୟାଦି। କିନ୍ତୁ ଆମେ ସେ ଉଦ୍ଭିଦକୁ ନା ଚିହ୍ନିପାରିଛୁ ନା ଚିହ୍ନିବାକୁ ଚେଷ୍ଟା କରୁଛୁ। ଖାଲି ମଣିଷଙ୍କ ପାଇଁ ନୁହେଁ, ଆମ ଗୃହପାଳିତ ପଶୁମାନଙ୍କର ରୋଗ ନିରାକରଣ ପାଇଁ ମଧ୍ୟ ଅନେକ ବୃକ୍ଷଲତା ବ୍ୟବହାର କରାଯାଏ। ଅନୁଗୁଳ ଜିଲ୍ଲାରେ ଏପରି ଏକ ପାହାଡ଼ ଅଛି ଯେଉଁଥିରୁ ବର୍ଷକୁ ଥରେ ନିକଟସ୍ଥ ଗ୍ରାମବାସୀମାନେ ବୁଦାଗୁଡ଼ିକୁ କାଟି ନେଇ ପରସ୍ପର ମଧ୍ୟରେ ବାଣ୍ଟି ନେଇଥାନ୍ତି। ଏହି ବୁଦାଗୁଡ଼ିକୁ ଗୁହାଳ ଗୁହାଳରେ ଧୂଆଁ ଦେଲେ ବର୍ଷସାରା ଗୋରୁଗାଈମାନେ ସୁସ୍ଥ ରୁହନ୍ତି। ଯେହେତୁ କେଉଁ ଉଦ୍ଭିଦ ଗୁଣରୁ ଏହା ସମ୍ଭବ ତାହା ସେମାନଙ୍କୁ ଜଣା ନାହିଁ ସେହି ହେତୁ ପାହାଡ଼ରେ ଉଠି ଥିବା ସବୁ ପ୍ରକାର ବୁଦାକୁ କାଟି କରି ମିଶାଇ ପରିବାର ପିଛା ବାଣ୍ଟି ଦିଆଯାଇଥାଏ।

ବିଗତ କେତେ ବର୍ଷ ଧରି ଆମ ଚିନ୍ତାଧାରାରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଏଲୋପାଥି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା, ଅତ୍ୟଧିକ ମୂଲ୍ୟ ବୃଦ୍ଧି ଆଦି କାରଣରୁ ଆୟୁର୍ବେଦ ଚିକିତ୍ସା ପାଇଁ ପୁଣି ଥରେ ଆଗ୍ରହ ସୃଷ୍ଟି ହୋଇଛି। ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ସଚେତନତା ସୃଷ୍ଟି କରାଯାଉଛି। କିନ୍ତୁ ଔଷଧର ପ୍ରସ୍ତୁତି ପାଇଁ ଆବଶ୍ୟକ ବୃକ୍ଷଲତାର ଅଂଶବିଶେଷ ସଂଗ୍ରହ ମୁଖ୍ୟତଃ ବଣଜଙ୍ଗଲରୁ ହିଁ କରାଯାଉଛି।

ବ୍ୟବସାୟିକ ଉଦ୍ଦେଶ୍ୟରେ ଜଙ୍ଗଲରୁ ଦ୍ରବ୍ୟଗୁଡ଼ିକ ସଂଗ୍ରହ କଲାବେଳେ ଅନେକ ସମୟରେ ବୃକ୍ଷଲତାଗୁଡ଼ିକୁ ନଷ୍ଟ କରି ଦିଆଯାଉଛି। ଛାଲି ପାଇଁ ଗଛ କାଟି ଦିଆଯାଉଛି ଇତ୍ୟାଦି। ଯାହା ଫଳରେ ଉକ୍ତ ଔଷଧୀୟ ଉଦ୍ଭିଦଟି ଆଉ ତାର ବଂଶବିସ୍ତାର କରୁନାହିଁ ଏବଂ ଧୀରେ ଧୀରେ ଲୋପ ପାଇବାକୁ ବସୁଛି। ଏ ପରି ହେଲେ ଭବିଷ୍ୟତରେ ଆମର ପରବର୍ତ୍ତୀ ପୀଢ଼ି ଆଉ ସେ ଗଛକୁ ଖୋଜିଲେ ମିଳିବ ନାହିଁ।

ଏତଦ୍ ବ୍ୟତୀତ ବିଭିନ୍ନ କାରଣ ପାଇଁ ଜଙ୍ଗଲର ଅବକ୍ଷୟ ଘଟି ଚାଲିଛି। ଜନସଂଖ୍ୟା ବୃଦ୍ଧି, ନୂତନ କଳକାରଖାନା, ସହରାଞ୍ଚଳ ସୃଷ୍ଟି, ନଦୀବନ୍ଧ ଯୋଜନା, ଖଣିଖନନ ଆଦି କାରଣରୁ ଜଙ୍ଗଲ ଅଞ୍ଚଳ କମିବା ସଙ୍ଗେ ସଙ୍ଗେ ପରିବେଶ ପ୍ରଦୂଷଣ ଯୋଗୁଁ ଜୈବ ସମ୍ପଦର ମଧ୍ୟ କ୍ଷୟ ହୋଇ ଚାଲିଛି। ଧୀରେ ଧୀରେ କେତେକ ପ୍ରଜାତିର ଉଦ୍ଭିଦ ଲୋପ ପାଇଲେଣି ଓ ଆଉ କିଛି ନିକଟ ଭବିଷ୍ୟତରେ ଲୋପ ପାଇବେ।

ଆମ ଓଡ଼ିଶାରେ ମଧ୍ୟ ଅନେକ ଔଷଧୀୟ ଉଦ୍ଭିଦ ଲୋପ ପାଇବାକୁ ବସିଲେଣି। ଏହି ବିଷୟରେ ୨୦୦୭ ମସିହାରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ଏକ ଅଧ୍ୟୟନ ଓ ସର୍ବେକ୍ଷଣ କରାଯାଇଥିଲା। ସେଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା, ସଂସ୍ଥାର ବିଶେଷଜ୍ଞ ଓ ବନବିଭାଗର ଅଭିଜ୍ଞ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅନୁସନ୍ଧାନରୁ ଜଣାଗଲା ଯେ ଓଡ଼ିଶାରେ ୪୧ ଗୋଟି ଔଷଧୀୟ ଉଦ୍ଭିଦ ବର୍ତ୍ତମାନ ବିରଳ ଓ ବିପନ୍ନ ଅବସ୍ଥାକୁ ଆସିଗଲେଣି। ଏ ଗୁଡ଼ିକର ତାଲିକା ନିମ୍ନରେ ପ୍ରଦତ୍ତ ହେଲା :

ଆଉ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆମ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୦ ପ୍ରକାର ଔଷଧୀୟ ଉଦ୍ଭିଦ ସଂଗ୍ରହ

## ବିରଳ ଓ ବିପନ୍ନ ଉଦ୍ଭିଦ

| ବୈଜ୍ଞାନିକ ନାମ | ଓଡ଼ିଆ ନାମ | ବ୍ୟବସାୟିକ ନାମ | ଔଷଧରେ ବ୍ୟବହୃତ ଅଂଶ |
|---|---|---|---|
| Aphanamixis polystachya | ଚିଲା କୁସୁମ | ପାଣି କୁସୁମ | ମଞ୍ଜି, ଛାଲି |
| Blepharispermum subsessile | ରାସ୍ନା ଜଡ଼ି | ରାସ୍ନା | ଚେର |

| ବୈଜ୍ଞାନିକ ନାମ | ଓଡ଼ିଆ ନାମ | ବ୍ୟବସାୟିକ ନାମ | ଔଷଧରେ ବ୍ୟବହୃତ ଅଂଶ |
|---|---|---|---|
| Caesalpinia digyna | ଗାନଟିଲି | — | ମଞ୍ଜି |
| Celastrus paniculata | ପେଙ୍ଗୁଲିଆ | ପେଙ୍ଗୁ | ମଞ୍ଜି |
| Cerbera manghas | ପାଣି ଆମ୍ବ | ପାଣି ଆମ୍ବ | ଫଳ |
| Cordia macleodii | ସମର ଶିଙ୍ଗା | ସମର ଶିଙ୍ଗା | ପତ୍ର, କାଠ |
| Crateva nurvala | ବରୁଣ | ବରୁଣ | ଚେର, କାଠ |
| Cycas circinalis | ଅରଗୁଣା | ଓଡ଼ଶମାରି | ପତ୍ର, ଫଳ |
| Embelia ribes | ଲତା ବିଡ଼ଙ୍ଗ | ବାଇ ବିଡ଼ଙ୍ଗ | ଫଳ |
| Embelia tsjeriam-cottam | ବିଡ଼ଙ୍ଗ | ବାଇ ବିଡ଼ଙ୍ଗ | ଫଳ |
| Eulophia spectabilis | ବୁଢ଼ିଆ କନ୍ଦ | ଅମର କନ୍ଦ | କନ୍ଦା |
| Garcinia xanthochymus | ସାତା ଆମ୍ବ | ତମାଳ | ଫଳ |
| Gardenia gummifera | ଗୁରୁଡ଼ୁ | ନାଡ଼ିହିଙ୍ଗୁ | ଅଠା, ଫଳ |
| Gloriosa superba | ଲଙ୍ଗଳଙ୍ଗିଆ | କାଳିହାରି | କନ୍ଦା, ମଞ୍ଜି |
| Gnetum Ula | ଲୁଟି ଲାଙ୍ଗ | କଲୋରି | ଡାଳ, ଚେର |
| Hedychium coronarium | ଭୀମ କେତାର | | ଗଛ |
| Litsea glutinosa | ମଶାଣିଆ | ମେଦା | ଛାଲି |
| Mesua ferrea | ନାଗେଶ୍ବର | ନାଗକେଶର | ଫୁଲ |
| Mucuna gigantea | ଘୋଡ଼ା ବାଇଡ଼ଙ୍କ | | ମଞ୍ଜି |
| Operculina turpethum | ତିହୁଡ଼ି | ତିହୁଡ଼ି | ଚେର |
| Oroxylum indicum | ଫଣଫଣା | ଶ୍ୟୋନାକ୍ | ଛାଲି, ଚେର |
| Paederia Foetida | ପସାରୁଣି | ପସାରନ୍ | ପତ୍ର |
| Piper longum | ପିପଳି | ପିପଳ୍ । ପିପଲ୍ ମୁଳା | ଫଳ, ଚେର |
| Polyalthia simiarum | ଓଷୋର | | ଛାଲି |
| Pterocarpus marsupium | ପିଆଶାଳ | ବିଜାଶାଳ | କାଠ, ଅଠା |
| Pueraria tuberosa | ବିଦାରି କନ୍ଦ | ଭୂଇଁକଖାରୁ | କନ୍ଦ |
| Rauvolfia surpentina | ସର୍ପଗନ୍ଧା | ସର୍ପଗନ୍ଧା | ଚେର |
| Salvadora persica | ମିରିଗା | ମେସ୍ୱାକ୍ | ଡାଳ |
| Saraca asoca | ଅଶୋକ | ଅଶୋକ | ଛାଲି |
| Schrebera swietenioides | ଏକ୍ସିରା | | ଫଳ |
| Scindapsus officinalis | ଗଜ ପିପଳି | ଗଜ ପିପଳି | ଫଳ |
| Stemona tuberosa | କୋଂଖଲା କନ୍ଦ | | କନ୍ଦ |

| ବୈଜ୍ଞାନିକ ନାମ | ଓଡ଼ିଆ ନାମ | ବ୍ୟବସାୟିକ ନାମ | ଔଷଧରେ ବ୍ୟବହୃତ ଅଂଶ |
|---|---|---|---|
| Stereospermum chelonoides | ପାରୁଳି | ପାଟଳା | ଛାଲି, ଚେର |
| Strychnus Potatorum | ନିର୍ମଳି | କତକ | ଫଳ |
| Swertia angustifolia | ଚିରେତା | ଚିରେତାଗଡ଼ା | ସର୍ବାଙ୍ଗ |
| Symplocos racemosa | ଲୋଧ୍ରା | ଲୋଧ୍ର | ଛାଲି |
| Thalictrum foliolosum | ଭଡ଼ଦା | ମାମିରା | ଚେର |
| Uraria picta | ପୃଶ୍ନି ପର୍ଣ୍ଣି | ପୃଶ୍ନି ପର୍ଣ୍ଣି | ସର୍ବାଙ୍ଗ |
| Xylocarpus granatum | ଶିଶୁମାର୍ | | ଛାଲି, ଫଳ |
| Zanthoxylum armatum | ରାନ୍‌ବେଲ୍ | ରାନ୍‌ବେଲ୍ | ଛାଲି, ମଞ୍ଜି |
| Zanthoxylum rhetsa | ମୋରେଲ୍ | ତେଜ୍‌ବଳ | କାଠ, ଫୁଲ |

କରାଯାଉଛି । ବ୍ୟବସାୟିକ ଭିତ୍ତିରେ ଅବାଧ ସଂଗ୍ରହ ଚାଲୁ ରହିଲେ ନିକଟ ଭବିଷ୍ୟତରେ ଆହୁରି ଅନେକ ବୃକ୍ଷଲତା ବିପନ୍ନ ଓ ବିରଳ ଅବସ୍ଥାକୁ ଆସିଯିବେ । ଏଣୁ ଏହେତୁ ସଜାଗ ରହିବା ଆବଶ୍ୟକ । ଏଣୁ ଏହି ଦୃଷ୍ଟିରୁ ଆମେ ସଜାଗ ରହିବା ଆବଶ୍ୟକ । ଯେଉଁ ଜଙ୍ଗଲ ଅଞ୍ଚଳରେ ଅଧିକ ପ୍ରକାରର ଔଷଧୀୟ ଉଦ୍ଭିଦ ମିଳିଥାଏ ସେ ଗୁଡ଼ିକର ସଂରକ୍ଷଣ କରିବା ପାଇଁ ଆମ ରାଜ୍ୟ ସରକାର ଅନେକ ଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ହରିଶଙ୍କର ଓ ନୃସିଂହନାଥ ନିକଟସ୍ଥ ଅଞ୍ଚଳ, ବାଣପୁର ମାଳର ଟାମଣା ଜଙ୍ଗଲ, କୋରାପୁଟର କପିଳାସ, ନୂଆପଡ଼ାର ଗୁରୁଡ଼ଙ୍ଗର, ମୟୂରଭଞ୍ଜର ଖଇରକୋଶିଆ, ଦେବଗଡ଼ର ପ୍ରଧାନପାଟ ଓ କେନ୍ଦ୍ରାପଡ଼ାର ଭିତରକନିକା ଅଞ୍ଚଳରେ ଔଷଧୀୟ ଉଦ୍ଭିଦଗୁଡ଼ିକୁ ସଂରକ୍ଷଣ କରାଯାଉଛି । ଏତଦ୍ ବ୍ୟତୀତ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଔଷଧୀୟ ଉଦ୍ଭିଦର ଉଦ୍ୟାନ ସୃଷ୍ଟି କରାଯାଇ ବିରଳ ଓ ବିପନ୍ନ ଉଦ୍ଭିଦଗୁଡ଼ିକୁ ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ସଂବୃଦ୍ଧି କରିବା ପାଇଁ କୃଷକମାନଙ୍କୁ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସରକାରୀ ସ୍ତରରେ ଏ ସବୁ ଉଦ୍ୟମ ସହିତ, ଔଷଧୀୟ ଉଦ୍ଭିଦର ସଂରକ୍ଷଣ ପାଇଁ ଜନସାଧାରଣଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଜନସାଧାରଣଙ୍କର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଉଦ୍ୟମ ଦ୍ୱାରା ଏହି ବିରଳ ଓ ବିପନ୍ନ ଉଦ୍ଭିଦଗୁଡ଼ିକ ସଂରକ୍ଷଣ କରାଯାଇପାରିବ । ଏଥିପାଇଁ ଆମ୍ଭେମାନେ ସଚେତନ ହେବା ସଙ୍ଗେ ସଙ୍ଗେ ଆମ ପରମ୍ପରା ଓ ସଂସ୍କୃତିରେ ଯେଉଁ ବିଧିବିଧାନ ଉଲ୍ଲେଖ କରାଯାଇଛି ଓ ଯେଉଁଗୁଡ଼ିକୁ ଆମର ପୂର୍ବପୁରୁଷମାନେ ପାଳନ କରୁଥିଲେ ଆମ୍ଭେ ସେଗୁଡ଼ିକୁ ଅବଲମ୍ବନ କରିବା ଦରକାର । ଔଷଧୀୟ ଦ୍ରବ୍ୟ ସଂଗ୍ରହ ବିଷୟରେ କିଛି ନୀତି ନିୟମ ନିମ୍ନରେ ପ୍ରଦାନ କରାଗଲା ।

କ . ଔଷଧ ପ୍ରସ୍ତୁତି ପାଇଁ ଉଦ୍ଭିଦଜାତ ଦ୍ରବ୍ୟଗୁଡ଼ିକ ସଦ୍ୟ ସଂଗ୍ରହ କରିବା ଆବଶ୍ୟକ । କେବଳ ବିଡ଼ଙ୍ଗ, ପିପ୍ପଳୀ, ଧନିଆ, ମହୁ, ଗୁଡ଼, ଘିଅ ସଦ୍ୟ ବ୍ୟବହାର କରିବା ଉଚିତ ନୁହେଁ । ଏଗୁଡ଼ିକ ପୁରୁଣା ହେଲେ ବେଶି ଉପକାର କରିଥାଏ ।

ଖ . ଉଦ୍ଭିଦର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ଋତୁରେ ସଂଗ୍ରହ କରିବାର ବିଧି ରହିଛି । ଯଥା ମୂଳ ଓ ଚେର ଗ୍ରୀଷ୍ମ ଋତୁରେ, ପତ୍ର ବସନ୍ତ ଋତୁରେ, ଛାଲି, କନ୍ଦ ଓ କ୍ଷୀର ଶରତ ଋତୁରେ, ଫୁଲ ଓ ଫଳ ପକ୍ୱ ହେଲା ପରେ ସଂଗ୍ରହ କରିବା ଉଚିତ ।

ଗ. ପାହାଡ଼ ଓ ଘଞ୍ଚ ଜଙ୍ଗଲରେ ପୂର୍ବ ବା ଉତ୍ତର ଦିଗରେ ଉତ୍ପନ୍ନ ବନୌଷଧି ସଂଗ୍ରହ କରିବା ଆବଶ୍ୟକ । ଉଦ୍ଭିଦଟି ସୁସ୍ଥ ହୋଇଥିବ, ପୋକଯୋକ ଲାଗି ନ ଥିବ । ମନ୍ଦିର, କୂଅ, ତଳାବାଟ, ଶ୍ମଶାନ, ଅଳାଜନାଡ, ଦୂଷିତ ଜଳ ନିକଟସ୍ଥ, କୀଟ ଦଂଶିତ, ଅଗ୍ନିଦଗ୍ଧ, ଅପରିଷ୍କାର ସ୍ଥାନ ଆଦିରୁ ସଂଗୃହୀତ ଦ୍ରବ୍ୟଗୁଡ଼ିକ ବିଶେଷ ଫଳପ୍ରଦ ହୁଏ ନାହିଁ ।

**ସଂଗ୍ରହ ପଦ୍ଧତି :**

କେତେଗୁଡ଼ିଏ ଉଦ୍ଭିଦର ସର୍ବାଙ୍ଗ ତଥା ଚେର ଠାରୁ ପତ୍ର ପର୍ଯ୍ୟନ୍ତ ଔଷଧ ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ । ଯଥା ବ୍ରାହ୍ମି, ଭୂଇଁନିମ, ଅପମାରଙ୍ଗ, ଶାଳପର୍ଣ୍ଣି, ପୃଶ୍ନି ପର୍ଣ୍ଣି ଇତ୍ୟାଦି । ଏହି ସବୁ ଉଦ୍ଭିଦଗୁଡ଼ିକୁ ଫଳ ପାଚି ମଞ୍ଜି ଝଡ଼ିଗଲା ପରେ ଉପାଡ଼ି ଆଣିବା ଉଚିତ । ସଂଗ୍ରହ ସମୟରେ କିଛି ଗଛ ମଧ୍ୟ ଛାଡ଼ି ଦେବା ଦରକାର ।

ଏହା ଦ୍ୱାରା ସେମାନଙ୍କର ବଂଶ ବିସ୍ତାର ହୋଇପାରିବ ଓ ତାର ପରବର୍ତ୍ତୀ ବର୍ଷମାନଙ୍କରେ ମିଳିପାରିବ।

ଦଶମୂଳ, ଅନନ୍ତ ମୂଳ, କେଉ, ଚିତାମୂଳ, ତାଳମୂଳି, ମୁଥା, ପାତାଳଗରୁଡ଼, ପାଲୁଅ, ବଡ଼ାହଳଦି, ବଚ, ଭୁଇଁ କଖାରୁ, ଇଚ୍ଛାଗଜିଆ, ଶତାବରୀ ଆଦି ଅନେକ ଉଦ୍ଭିଦର ମୂଳ ବା କନ୍ଦ ସଂଗ୍ରହ ପାଳନ କରିବା ଆବଶ୍ୟକ। ବଡ଼ ଗଛ ଯଥା ବେଲ, ଗମ୍ଭାରୀ, ପାଟେଲି, ଫଣଫଣା ଆଦିର ଚେର ସଂଗ୍ରହ କଲାବେଳେ ଗଛର ମାତ୍ର ଏକ-ତୃତୀୟାଂଶ ଚେର କାଢ଼ିବା। ତାଳମୂଳୀ, ଚିତା, ପାତାଳଗରୁଡ଼ ଆଦି ଛୋଟ ଛୋଟ ଉଦ୍ଭିଦର ମୂଳ ସଂଗ୍ରହ ବେଳେ କେତେଗୁଡ଼ିଏ ଗଛକୁ ବଂଶବୃଦ୍ଧି ପାଇଁ ଛାଡ଼ିଦେବା ଆବଶ୍ୟକ। ପାଲୁଅ, ବଡ଼ାହଳଦୀ, ଶତାବରୀ ଆଦିର କନ୍ଦ ସଂଗ୍ରହ ସମୟରେ ମୁଖ୍ୟକନ୍ଦକୁ ମାଟିରେ ପୋତିଦେବା ଉଚିତ୍। ଫଳରେ ପୁନର୍ବାର ସେଥିରୁ ବାହାରି ନୂଆ ଗଛ ହେବ।

ଶିମିଳିପାଳ ଜଙ୍ଗଲରେ ରହୁଥିବା ଖଡ଼ିଆ ଜାତିର ଆଦିବାସୀମାନେ ପାଲୁଅ ସଂଗ୍ରହ କଲାବେଳେ ମୂଳକନ୍ଦକୁ ମାଟିରେ ପୋତି ଦେଇଥାନ୍ତି। ଫଳରେ ବର୍ଷ ବର୍ଷ ଧରି ସଂଗ୍ରହ କରି ପାରିଥାନ୍ତି।

କେତେଗୁଡ଼ିଏ ବହୁଳ ବ୍ୟବହୃତ ଆୟୁର୍ବେଦ ଔଷଧ ପ୍ରସ୍ତୁତି ପାଇଁ ବିଭିନ୍ନ ଗଛର ଛାଲି ସଂଗ୍ରହ କରାଯାଏ। ଅବାଧ ଛାଲି ସଂଗ୍ରହ ଯୋଗୁଁ ଗଛଗୁଡ଼ିକ ମରିଯାଏ ଓ ଧିରେ ଧିରେ ସେମାନଙ୍କ ବଂଶ ଲୋପ ପାଏ। ଆମ ରାଜ୍ୟରେ ମୁଖ୍ୟତଃ ଅଶୋକ, ଅର୍ଜୁନ, ବରୁଣ, ସୁନାରୀ, ଫଣଫଣା, ଶିମିଳୀ, କୁରେଇ, ଗମ୍ଭାରୀ, ଲୋଧା, କୋଚିଲା, ପାଟେଲି ଆଦି ବୃକ୍ଷର ଛାଲି ସଂଗ୍ରହ କରାଯାଏ। ଏମାନଙ୍କ ମଧ୍ୟରୁ ଅନେକ ଗଛ ଏବେ ବିରଳ। ଏଣୁ ଛାଲି ସଂଗ୍ରହ ସମୟରେ କେତେଗୁଡ଼ିଏ ନିୟମ ପାଳନ କରିବା ଆବଶ୍ୟକ। ଚେଉର ଏକ ତୃତୀୟାଂଶରୁ କମ ଛାଲି ସଂଗ୍ରହ କରିବା। ଗଣ୍ଡିର ଗୋଟିଏ ପାଖରେ ୧ ଇଞ୍ଚରୁ ୧$^{1}/_{2}$ ଇଞ୍ଚ ଓସାର ଓ ଏକ ଫୁଟ ଲମ୍ବ ପଟି କରି ଛାଲି ଉପରୁ ତଳକୁ ଛଡ଼ାଇବା। ଦୁଇଟି ପଟି ମଧ୍ୟରେ ୩ ଇଞ୍ଚର ବ୍ୟବଧାନ ରହିବ। ଗଣ୍ଡିକୁ ଘିରିବ ନାହିଁ। ବଡ଼ ଗଛର ଗଣ୍ଡିରୁ ଛାଲି ନ ଛଡ଼ାଇ କିଛି ଡାଳ କାଟି ଛାଲି ସଂଗ୍ରହ କରିବା ଉଚିତ୍। ଛୋଟ ଗଛଗୁଡ଼ିକରୁ ଛାଲି ସଂଗ୍ରହ କରିବା ଅନୁଚିତ୍।

ଚେଣ୍ଡୁଲି, ସାଲାଇ ଆଦି ଗଛରୁ ଅଠା ସଂଗ୍ରହ କରାଯାଇଥାଏ। ଏହି ଅଠା କେବଳ ଶୀତଋତୁରେ ସଂଗ୍ରହ କରିବା ଉଚିତ୍। ଗଛର ପୂର୍ବପାଖରେ ତ୍ରିଭୁଜାକାର ୧ ରୁ ୧$^{1}/_{2}$ ଇଞ୍ଚ ଗଭୀର କ୍ଷତ କରାଯିବ। ଗୋଟିଏ କ୍ଷତର ୨$^{1}/_{2}$ ଫୁଟ ଉପରେ ଗଣ୍ଡିର ଅପର ପାର୍ଶ୍ୱରେ ଦ୍ୱିତୀୟ କ୍ଷତ କରାଯିବ। ଏକ ସମୟରେ ଗୋଟିଏ ବୃକ୍ଷରୁ କେବଳ ଦୁଇଟି କ୍ଷତରୁ ଅଠା ସଂଗ୍ରହ କରାଯିବ। ଏକ ସମୟରେ ଗୋଟିଏ ବୃକ୍ଷରୁ କେବଳ ଦୁଇଟି କ୍ଷତରୁ ଅଠା ସଂଗ୍ରହ କରାଯିବ। ଅଧିକ କ୍ଷତ କଲେ ଗଛକୁ ବାଧା ହେବ ଓ ଏହାର ବୃଦ୍ଧି ହେବ ନାହିଁ। ଅଠା ମଧ୍ୟ କମ ଅମଳ ହେବ।

ପତ୍ର ତୋଳିଲା ବେଳେ ଅଗିଲା ଡାଳ ବା ବଢ଼ନ୍ତା ଡାଳରୁ ପତ୍ର ତୋଳିବ ନାହିଁ। ଗୋଟିଏ ଗଛର ଏକ ତୃତୀୟାଂଶ ଡାଳରୁ ପତ୍ର ସଂଗ୍ରହ କରାଯିବ। ଫୁଲ ସମ୍ପୂର୍ଣ୍ଣ ପ୍ରସ୍ଫୁଟିତ ହେଲା ପରେ ଓ ଫଳ ପରିପକ୍ୱ ହେଲା ପରେ ସଂଗ୍ରହ କରିବ ନାହିଁ। ଗଛରେ ଅତି କମ୍‌ରେ ଏକ ତୃତୀୟାଂଶ ଫୁଲ, ଫଳ, ଛାଡ଼ି ଦେବ ଯାହାକି ସେମାନଙ୍କ ବଂଶବୃଦ୍ଧିରେ ସହାୟକ ହେବ।

ଉପରୋକ୍ତ ବିଧି ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଔଷଧୀୟ ଉଦ୍ଭିଦଗୁଡ଼ିକର ସଂରକ୍ଷଣ କରାଯାଇପାରିବ। ଏତଦ୍ ବ୍ୟତୀତ ଜନ ସାଧାରଣଙ୍କ ସହଯୋଗ ଓ ସଚେତନତା ଅତ୍ୟନ୍ତ ଜରୁରୀ। ସଂଗ୍ରହରେ ସତର୍କତା ଓ ଜନ ସହଯୋଗ ଦ୍ୱାରା ଆମେ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏହି ଅମୂଲ୍ୟ ସମ୍ପଦକୁ ସୁରକ୍ଷିତ କରିପାରିବା।

(ତା. ୨୪.୧୧.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# ବନସୁରକ୍ଷା ସମିତିର କାର୍ଯ୍ୟକାରିତା

ହର୍ଷବର୍ଦ୍ଧନ ଉଦ୍‌ଗାତା

ପ୍ରଶ୍ନ – ଗ୍ରାମବାସୀଙ୍କ ସହାୟତାରେ ଜଙ୍ଗଲ ସୁରକ୍ଷା ଓ ପରିଚାଳନା ପାଇଁ ସରକାର କେବେ ଠାରୁ ଚିନ୍ତା କଲେ ?

ଉତ୍ତର – ଭାରତରେ ପ୍ରଥମଥର ପାଇଁ ୧୯୮୮ ମସିହାରେ "ଜାତୀୟ ଜଙ୍ଗଲ ନିତୀ" ଘୋଷଣା କରିବା ସମୟରେ ଗ୍ରାମବାସୀଙ୍କ ସହାୟତାରେ ଜଙ୍ଗଲର ସୁରକ୍ଷା ଓ ଉନ୍ନତି କରିବା ପାଇଁ ବ୍ୟବସ୍ଥା କରାଗଲା । ସେହି ଦିନ ଠାରୁ ଓଡ଼ିଶା ରାଜ୍ୟରେ ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟ ଚାଲି ଆସୁଛି । ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲର ସୁରକ୍ଷା, ଉନ୍ନତି ଓ ପରିଚାଳନା କରାଯାଉଛି, ଏହା ଦ୍ୱାରା ଜଙ୍ଗଲର ପ୍ରାକୃତିକ ପୁନର୍ଜନନ ହେବା ସହିତ ଗ୍ରାମବାସୀଙ୍କର ଜୀବିକାରେ ଉନ୍ନତି ତଥା ସାମାଜିକ ସଶକ୍ତିକରଣ ହୋଇପାରୁଛି, ଲୋକଙ୍କର ଦକ୍ଷତା ବୃଦ୍ଧି ଘଟୁଛି ।

ପ୍ରଥମ ପର୍ଯ୍ୟାୟରେ କେବଳ ରିଜର୍ଭ ଜଙ୍ଗଲର ସୀମାନ୍ତ ଅଞ୍ଚଳକୁ ଗ୍ରାମବାସୀମାନଙ୍କୁ ହସ୍ତାନ୍ତର କରାଯାଉଛି ।

ପ୍ରଶ୍ନ – ସରକାରଙ୍କ ସର୍ବଶେଷ ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା କେବେ ଜାରି କରାଯାଇଛି ଓ ଏଥିରେ କେଉଁ ଜଙ୍ଗଲ ସବୁ ଜଗାରଖା ପାଇଁ ଗ୍ରାମବାସୀଙ୍କୁ ହସ୍ତାନ୍ତର ହେଉଛି ?

ଉତ୍ତର – ଯୁଗ୍ମ ଜଙ୍ଗଲ ପରିଚାଳନା, ୨୦୧୧ ହେଉଛି ସର୍ବଶେଷ ଓ ବର୍ତ୍ତମାନ ପ୍ରଚଳିତ ସରକାରୀ ସଂକଳ୍ପନାମା, ଏହା ପୂର୍ବରୁ ଜାରି ସମସ୍ତ ସଂକଳ୍ପନାମାକୁ ନିରସ୍ତ କରିଛି । ୨୦୧୧ ସଂକଳ୍ପନାମା ଅନୁସାରେ ଗଠିତ ଗ୍ରାମ୍ୟ ଅନୁଷ୍ଠାନଗୁଡ଼ିକ ୨ ପ୍ରକାରର – ବନ ସୁରକ୍ଷା ସମିତି (VSS) ଓ Eco Development Committee (EDC), ୨୦୧୧ ପୂର୍ବରୁ ଗଠିତ ବନ ସଂରକ୍ଷଣ ସମିତି ସବୁ ଏବେ ବନ ସୁରକ୍ଷା ସମିତି ଭାବେ ପରିଗଣିତ ହେବେ । ରିଜର୍ଭ ଜଙ୍ଗଲ, ରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ ରାଜସ୍ୱ ଜଙ୍ଗଲ ଆଦିକୁ ସୁରକ୍ଷା ଦେବା ପାଇଁ ବନ ସୁରକ୍ଷା ସମିତି ଗଠନ କରାଯାଇପାରିବ । ସେହିପରି ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ଆଭ୍ୟନ୍ତରୀଣ ଅଞ୍ଚଳ, ଭୂଣ ଜଙ୍ଗଲର ଆର୍ଦ୍ରଭୂମିକୁ ବାଦ୍ ଦେଇ ଅନ୍ୟ ଅଞ୍ଚଳକୁ ସୁରକ୍ଷା ଦେଉଥିବା ଅନୁଷ୍ଠାନକୁ EDC ବୋଲି କୁହାଯାଉଛି ।

ପ୍ରଶ୍ନ – କେଉଁ VSS ବା EDC କୁ କେତେ ପରିମାଣର ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦିଆଯାଇଥାଏ ?

ଉତ୍ତର – ପୂର୍ବରୁ କୌଣସି ଏକ VSS କୁ ପ୍ରାୟ ୨୦୦ ହେକ୍ଟର ଜଙ୍ଗଲ ଦେବାର ବ୍ୟବସ୍ଥା ଥିଲା । EDC କୁ କିଛି ବି ଜଙ୍ଗଲ ଚିହ୍ନଟ କରି ଦିଆଯାଉ ନ ଥିଲା । ଏବେ କିନ୍ତୁ EDC ମାନଙ୍କୁ ମଧ୍ୟ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ବାହାରିଆ ଅଞ୍ଚଳ ଦିଆଯାଇପାରିବ । VSS / EDC ରାଜସ୍ୱ ଗ୍ରାମକୁ ନେଇ ସାଧାରଣତଃ ଗଠନ କରାଯାଇଥାଏ, କିନ୍ତୁ ସ୍ଥଳ ବିଶେଷରେ କେତେଗୁଡ଼ିଏ ସମଭାବାପନ୍ନ ଗ୍ରାମ ଏକାଠି ମିଶି ଗୋଟିଏ VSS / EDC ଗଠନ କରିପାରିବେ । ସେହିପରି ବଡ଼ ଗାଁ ଥିଲେ, ତାର ପ୍ରତି ପଡ଼ା /ସାହି କୁ ନେଇ ଗୋଟିଏ ଗୋଟିଏ VSS / EDC ଗଠନ କରାଯାଇପାରିବ ।

ଗୋଟିଏ VSS / EDC କୁ କେତେ ପରିମାଣର ଜଙ୍ଗଲ ଦିଆଯିବ ନିର୍ଦ୍ଦିଷ୍ଟ କରି ଲେଖା ଯାଇନାହିଁ । କେଉଁ VSS / EDC କୁ କେତେ ଜଙ୍ଗଲ ଦିଆଯିବ ତାହା ପଲ୍ଲୀସଭା ରେଞ୍ଜ ଅଫିସରଙ୍କ ପରାମର୍ଶ କ୍ରମେ ଧାର୍ଯ୍ୟ କରିଥାନ୍ତି । ଏ ସମୟରେ ସେ ଅନେକ ବିଷୟଗୁଡ଼ିକୁ ଧ୍ୟାନ ଦେଇଥାନ୍ତି । ସେହି ଗ୍ରାମର ଲୋକମାନେ ଜଙ୍ଗଲର କେଉଁ ଅଞ୍ଚଳକୁ ମୁଖ୍ୟତଃ, ଜଗାରଖା ଓ ବ୍ୟବହାର କରିଥାନ୍ତି, ଆଖପାଖର କେଉଁ ଗ୍ରାମର ଲୋକମାନେ ସେ ଜଙ୍ଗଲକୁ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ବ୍ୟବହାର କରୁଛନ୍ତି ବା ସେମାନଙ୍କର ଅଧିକାରକୁ ଜାହିର କରୁଛନ୍ତି । ଆବଶ୍ୟକ ହେଲେ ପୂର୍ବରୁ VSS କୁ ଦିଆଯାଇଥିବା ଅଞ୍ଚଳର ସୀମାକୁ ପୁନଃ ନିର୍ଦ୍ଧାରଣ କରାଯାଇପାରିବ ।

ପ୍ରଶ୍ନ – ବନ ସୁରକ୍ଷା ସମିତି ଗଠନ ଓ କାର୍ଯ୍ୟକାରିତାରେ ପଲ୍ଲୀସଭାର ଭୂମିକା କଣ?

ଉତ୍ତର – PESA ଆଇନ, ୧୯୯୬ ଅନୁସାରେ ଗ୍ରାମର ସାମାଜିକ ତଥା ଅର୍ଥନୈତିକ ଉନ୍ନତି ପାଇଁ ହେବାକୁ ଥିବା ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରଥମେ ଗ୍ରାମସଭା ବା ପଲ୍ଲୀସଭା ଅନୁମୋଦନ କରିବା ଆବଶ୍ୟକ । ପଲ୍ଲୀସଭା ହିଁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ଯୋଜନା ଓ ସବୁରେ ହିତାଧିକାରୀ ଚୟନ କରିଥାଏ । ଜଙ୍ଗଲ ଅଧିକାର ଆଇନ, ୨୦୦୬ ପ୍ରକାରେ ମଧ୍ୟ ଜଙ୍ଗଲ ଉପରେ ଥିବା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ପ୍ରଥମେ ପଲ୍ଲୀସଭା ଚିହ୍ନଟ କରିଥାଏ । ସେଥିପାଇଁ କେଉଁ VSS / EDC କୁ କେଉଁ ଜଙ୍ଗଲରୁ କେତେ ପରିମିତ

ଜଙ୍ଗଲ ଜଗାରଖା ପାଇଁ ହସ୍ତାନ୍ତର କରିବା ଆବଶ୍ୟକ । ଏହା ପଲ୍ଲୀସଭା ହିଁ ନିର୍ଦ୍ଧାରଣ କରିଥାଏ ।

- ➢ ପଲ୍ଲୀସଭା ଦ୍ୱାରା କୌଣସି ଏକ VSS / EDC ଗଠନ ହୋଇଥାଏ । ଯାହାର Resolution (ସଂକଳ୍ପନାମା) କୁ ପଲ୍ଲୀସଭା ରେଞ୍ଜରଙ୍କ ପାଖକୁ ପଠେଇଥାଏ ।
- ➢ ପଲ୍ଲୀସଭା VSS / EDC ର କାର୍ଯ୍ୟକାରିତା କମିଟି (Executive committee) ଗଠନ କରିଥାଏ । ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଚିବ, କୋଷାଧ୍ୟକ୍ଷ ସହିତ ଅନ୍ୟ ଏଗାର ଜଣ କାର୍ଯ୍ୟକାରୀ ସଭ୍ୟଙ୍କୁ ମଧ୍ୟ ଚୟନ / ନିର୍ବାଚିତ କରିଥାଏ ।
- ➢ ଜଙ୍ଗଲ ସୁରକ୍ଷାକୁ ନେଇ ଗ୍ରାମ ଅଭ୍ୟନ୍ତରରେ ଉପୁନ୍ନ ବିବାଦର ସମାଧାନ EC ନ କରି ପାରିଲେ ଏହା ପଲ୍ଲୀସଭାରେ ନିଷ୍ପତ୍ତି ହୁଏ ।
- ➢ VSS / EDC କୁ ଦାୟିତ୍ୱ ଦିଆଯାଇଥିବା ଜଙ୍ଗଲ ଗ୍ରାମର ପରିବେଶ ଓ ସର୍ବେରେ ବାସକରୁଥିବା ବନ୍ୟପ୍ରାଣୀଙ୍କର ସୁରକ୍ଷା, ସଂରକ୍ଷଣ ଓ ଉନ୍ନତି ପାଇଁ ପଲ୍ଲୀସଭା ନଜର ରଖିଥାଏ, EC କୁ ନିଜର sub committee ଭାବେ ବ୍ୟବହାର କରିଥାଏ ।

କୌଣସି EC ସନ୍ତୋଷଜନକ ଭାବେ କାର୍ଯ୍ୟ ନ କଲେ VSS / EDC ର ଅଭିଯୋଗ ପାଇଲେ ପଲ୍ଲୀସଭା ତଦନ୍ତ କରି ତାର Report DFO କୁ ଦେଇଥାନ୍ତି ଓ DFO EC କୁ ଭାଙ୍ଗି ନୂତନ EC ଗଠନ ପାଇଁ VSS / EDC କୁ ପରାମର୍ଶ ଦେଇଥାନ୍ତି ।

ପ୍ରଶ୍ନ – ବନଜାତ ଦ୍ରବ୍ୟଗୁଡ଼ିକ ସଭ୍ୟମାନଙ୍କ ମଧ୍ୟରେ କିପରି ଭାବେ ବଣ୍ଟନ କରାଯାଏ ?

ଉତ୍ତର - VSS / EDC ଯେଉଁ ଜଙ୍ଗଲକୁ ଜଗାରଖା କରନ୍ତି ସେଠାରୁ ଯାହାସବୁ ବନଜାତ ଦ୍ରବ୍ୟ ମିଳେ EC ଠିକ୍ କରିବା ପରେ ନିଜ ନିଜ ଭିତରେ ବାଣ୍ଟିକୁଣ୍ଟି ନିଅନ୍ତି । ଜଙ୍ଗଲ ଭିତରୁ ଶୁଖିଲା ପତ୍ର, ଗୋଖାଦ୍ୟ ପାଇଁ ଘାସ, ଫୁଲଝାଡୁ, ବାଡ଼ଦେବା ପାଇଁ କଣି, କଣ୍ଟା, ଝାଟି ଜାଳେଣି ପାଇଁ ଶୁଖିଲା ଝଡ଼ା ଡାଳପତ୍ର ସବୁ ମାଗଣାରେ VSS / EDC ସଭ୍ୟମାନେ ପାଇଥାନ୍ତି ।

- ➢ ଜଙ୍ଗଲ ସଫେଇ ବା silvicultural operation ବେଳେ ବାହାରୁଥିବା ସମସ୍ତ ଜାଳକାଠ, ବଳ୍ଲୀ, ଛୋଟ ଉପକରଣ କାଠ ଓ କଟାଯାଇଥିବା ବାଉଁଶ ସଭ୍ୟମାନେ ମାଗଣାରେ ପାଇଥାନ୍ତି । ଏ ସବୁ ଯଦି ବିକ୍ରି କରାଯାଏ ତେବେ ବିକ୍ରିମୂଲ୍ୟ VSS / EDCର pass book ରେ ଜମା କରାଯାଏ ।
- ➢ ଜଗୁଥିବା ଜଙ୍ଗଲରୁ ଗ୍ରାମବାସୀମାନେ କେନ୍ଦୁପତ୍ର, ମହୁଲ, ତୋଳ ଶାଳମଞ୍ଜି, ଝୁଣା ଆଦି ସଂଗ୍ରହ କରି ସରକାରୀ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଙ୍କୁ ବିକ୍ରୟ କରିଥାନ୍ତି ।
- ➢ Working plan ଅନୁମୋଦନ କ୍ରମେ ଯଦି ଜଗୁଥିବା ଜଙ୍ଗଲରୁ marking କରି ଗଛ କଟାଯାଏ କିମ୍ବା ପବନରେ ପଡ଼ିଯାଇଥିବା ଗଛକୁ ସଂଗ୍ରହ କରାଯାଏ ତେବେ ତାହାକୁ Final harvest ବୋଲି ଧରାଯାଇ ବନବିଭାଗ ଓ VSS / EDC ୫୦:୫୦ ଭାଗରେ ବିକ୍ରିମୂଲ୍ୟକୁ ବାଣ୍ଟିଥାନ୍ତି । ଗଛକାଟି, ଗଡ଼କରି ବିକ୍ରି କରିବା ଖର୍ଚ୍ଚକୁ ବାଦ୍ ଦେଲା ପରେ ଅବଶିଷ୍ଟ ଟଙ୍କାକୁ VSS / EDC ର pass ବହିରେ ଜମା କରାଯାଏ । ଗ୍ରାମବାସୀମାନେ ଚାହିଁଲେ ନିଜ ଭାଗକୁ ବିକ୍ରି ନ କରି ନିଜେ ବ୍ୟବହାର କରିପାରିବେ ।
- ➢ ଗ୍ରାମ ଭିତରେ ଥିବା ଅଣ ଜଙ୍ଗଲ ଜମିରେ ଯଦି କୌଣସି ବୃକ୍ଷରୋପଣ କରାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥାଏ, ତେବେ ସେଥିରୁ ଉତ୍ପନ୍ନ ସମସ୍ତ ବନଜାତ ଦ୍ରବ୍ୟ, କାଠ, ବାଉଁଶ, ଗ୍ରାମବାସୀମାନେ ୧୦୦% ପାଇଥାନ୍ତି ।
- ➢ କୌଣସି ପ୍ରାକୃତିକ ଦୁର୍ବିପାକରେ ଗ୍ରାମ କ୍ଷତିଗ୍ରସ୍ତ ହେଲେ ଘର ମରାମତି ପାଇଁ ଆବଶ୍ୟକୀୟ କାଠ, ବାଉଁଶ, ବଳ୍ଲୀ, ଛଣ, ଲଇ ଇତ୍ୟାଦି ଗ୍ରାମବାସୀମାନେ ଜଗାରଖା କରୁଥିବା ଜଙ୍ଗଲରୁ DFO ଙ୍କ ଅନୁମତି କ୍ରମେ ନେଇଥାନ୍ତି ।
- ➢ କାର୍ଯ୍ୟକାରୀ କମିଟି ବନଜାତ ଦ୍ରବ୍ୟର ସୁଷମ ବଣ୍ଟନ କରିଥାଏ, President ଓ Secretaryଙ୍କମିଳିତ ଦସ୍ତଖତରେ Form -4 କରାଯାଏ ଜଙ୍ଗଲରୁ ଗାଁ କୁ ନେବା ପାଇଁ ।
- ➢ VSS / EDC କୌଣସି କାଠ ଚୋରି ଧରିଲେ ବା ଧରାଇଲେ, ଜବତ ମାଲ ବିକ୍ରିର ୨୫% ଭାଗ DFO ଙ୍କ ଠାରୁ ପାଇଥାନ୍ତି ।

ପ୍ରଶ୍ନ - VSS / EDC ପାଉଥିବା ସରକାରୀ ଅର୍ଥର ଖର୍ଚ୍ଚ ହିସାବ କିପରି କରେ ଓ କାହାକୁ ହିସାବ ବୁଝାଏ ?

ଉତ୍ତର - ପୂର୍ବ Resolution ପ୍ରକାରେ forester ସେ VSS ର Secretary ହେଉଥିଲେ କିନ୍ତୁ ୨୦୧୧ Resolution ପ୍ରକାରେ ଜଣେ ଗ୍ରାମବାସୀ Secretary ଭାବେ ନିର୍ବାଚିତ ହୋଇଥାନ୍ତି । ସେମିତି କୋଷାଧ୍ୟକ୍ଷ ଭାବେ ମଧ୍ୟ ଆଉ ଜଣେ ଗ୍ରାମବାସୀ ନିର୍ବାଚିତ ହୋଇଥାନ୍ତି । ଦୁଇଜଣଙ୍କ ନାଁରେ ଏକ joint pass book account ଯେ କୌଣସି bank ବା post- office ରେ ଖୋଲାଯାଏ । ଯାହା ଟଙ୍କା VSS / EDC କୁ ଆସେ ତାହା ପ୍ରଥମେ

ଏହି pass ବହିରେ ଜମା ହୁଏ। କିନ୍ତୁ ଟଙ୍କା ଉଠାଇବା ପୂର୍ବରୁ, କେଉଁଠି ଓ କେଉଁ କାମ ପାଇଁ ଟଙ୍କା ଉଠାଯିବ ତାର ନିଷ୍ପତ୍ତି କାର୍ଯ୍ୟକାରୀ କମିଟି (EC) କାର୍ଯ୍ୟ କରିଥାନ୍ତି। ପାଣ୍ଠି ପରିଚାଳନା ସମ୍ପୂର୍ଣ୍ଣ କମିଟିର।

- ପାଣ୍ଠି ନିଜ ଭିତରୁ ସଂଗ୍ରହ କରାଯାଏ, (ସଭ୍ୟ ଚାନ୍ଦା, ବନଜାତ ଦ୍ରବ୍ୟର ବିକ୍ରି ଅର୍ଥ) ବା ବାହାରୁ ସରକାରୀ ବା ବେସରକାରୀ ସଂସ୍ଥାରୁ ପ୍ରାପ୍ତ ହୋଇଥାଏ। ସମସ୍ତ ରାଶି ପ୍ରଥମେ pass ବହିରେ ଜମା ହେଲା ପରେ EC ର ନିଷ୍ପତ୍ତି ପ୍ରକାରେ ଜଙ୍ଗଲ ଓ ବନ୍ୟପ୍ରାଣୀର ସୁରକ୍ଷା, ଉନ୍ନତି ଓ ପରିଚାଳନା, ଗାଁର ଉନ୍ନତି ଓ ଅଣୁଯୋଜନାର କାର୍ଯ୍ୟକାରୀ ପାଇଁ ପଠେଇ ଦିଏ। ଏହା ବ୍ୟତୀତ ଅନ୍ୟ କେଉଁ ଉଦ୍ଦେଶ୍ୟରେ ବିନିଯୋଗ କରିବାକୁ ହେଲେ ପ୍ରଥମେ VSS / EDC ର general body ଠାରୁ ଅନୁମୋଦନ ନେବା ଦରକାର।
- ଟଙ୍କା ଭୁଲ୍ ବାଟରେ ଖର୍ଚ୍ଚ ହେଉଥିଲେ, general body, pass book କୁ ଅଚଳ କରିଦେଇ ପଲ୍ଲୀସଭାକୁ ବିହିତ ତଦନ୍ତ ଓ ପଦକ୍ଷେପ ପାଇଁ ପଠେଇ ଦିଏ।
- ପ୍ରତିମାସରେ ଖର୍ଚ୍ଚର ହିସାବ cash book ରେ ଲେଖାଯାଏ, voucher ସଜେଇକି ରଖାଯାଏ। ଏ ସବୁ ହିସାବପତ୍ର, ଲେଖାଲେଖି କାମ Secretary କରିଥାନ୍ତି। ବନବିଭାଗର ଅଧିକାରୀ କେବଳ guide କରିଥାନ୍ତି।
- ସବୁ voucher ରେ Secretary ଓ କୋଷାଧ୍ୟକ୍ଷ ମିଳିତ ଦସ୍ତଖତ କରିବେ। EC vocher pass କରିବେ। Account VSS / EDC ପାଖରେ ରହିବ।
- ବର୍ଷକୁ ଥରେ Account audit କରାଯିବ। Auditor ବାହାରୁ ଆସିବେ।
- GB meeting ରେ ବାର୍ଷିକ ହିସାବ ପତ୍ର ଉପରେ ଆଲୋଚନା ହୋଇ ଅନୁମୋଦନ ହେବ।
- Audit report, ଏଇ ଅନୁମୋଦନ Statement RO ଓ DFO ଙ୍କୁ ପ୍ରଦାନ କରାଯିବ।
- ଅର୍ଥଯୋଗାଣକାରୀ ସଂସ୍ଥାକୁ ବିନିଯୋଗ ପ୍ରମାଣପତ୍ର (UC) ଦିଆଯାଏ।

ପ୍ରଶ୍ନ - VSS / EDC ଭିତରେ ବିବାଦର ସମାଧାନ କିପରି କରାଯାଏ ?

ଉତ୍ତର - ଯଦି କୌଣସି VSS / EDC ଭିତରେ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୁଏ ତେବେ ତାର ସମାଧାନ କାର୍ଯ୍ୟକାରୀ କମିଟି କରିଥାଏ। ଉଭୟ ବୁଝାମଣା ମଧ୍ୟରେ ସମାଧାନ ଯଦି ନ ହୋଇପାରିଲା ତେବେ ଏ କଥା ପଲ୍ଲୀସଭା ଦ୍ୱାରା ସମାଧାନ କରାଯାଏ। ତଥାପି ବି ଯଦି ସମାଧାନ ନ ହୋଇପାରିଲା ତେବେ ଏହା sub-division ସ୍ତରୀୟ steering committe ଦ୍ୱାରା ସମାଧାନ କରାଯାଏ। SDSC ଯାହା ନିଷ୍ପତ୍ତି ନେବେ ତାହା ସମସ୍ତେ ମାନିବାକୁ ବାଧ୍ୟ।

- ଯଦି ଦୁଇଟି VSS / EDC ମଧ୍ୟରେ ସୀମା ନିର୍ଦ୍ଧାରଣ ବା ଅନ୍ୟ କୌଣସି କାରଣ ପାଇଁ ବିବାଦ ସୃଷ୍ଟି ହୁଏ ତେବେ ଏହା sub-division level steering committe ଦ୍ୱାରା ସମାଧାନ କରାଯାଏ। SDSC ର ନିଷ୍ପତ୍ତି ଚୂଡ଼ାନ୍ତ ନିଷ୍ପତ୍ତି ଅଟେ।

ପ୍ରଶ୍ନ - ଯୁଗ୍ମ ଜଙ୍ଗଲ ପରିଚାଳନାରେ ବନବିଭାଗର ଭୂମିକା କଣ ?

ଉତ୍ତର - VSS / EDC କୁ ହସ୍ତାନ୍ତର କରାଯାଇଥିବା ଜଙ୍ଗଲ ଅଞ୍ଚଳ, ତାର ବନ୍ୟପ୍ରାଣୀ ଜୈବ ବିବିଧତାକୁ ସୁରକ୍ଷା ଦେବାର ଦାୟିତ୍ୱ ସେହି VSS / EDC ର ହୋଇଥିଲେ ବି ବନବିଭାଗ ନିଜର କର୍ତ୍ତବ୍ୟ କରିଥାଏ, VSS / EDC ଧରିଥିବା ଚୋରକୁ court forward କରେ, ଚୋରା କାଠ ବା ବନଜାତ ଦ୍ରବ୍ୟକୁ ଜବତ କରି case କରେ।

- VSS / EDC କୁ DFO ଙ୍କ ପାଖରେ register କରେ ଓ ସେମାନଙ୍କ ସହିତ ସୁସମ୍ପର୍କ ରକ୍ଷା କରେ।
- ଜଙ୍ଗଲ ପରିଚାଳନା, ଅଣୁଯୋଜନା ପ୍ରସ୍ତୁତ, ଚାରା ଉତ୍ପାଦନ, ବୃକ୍ଷରୋପଣ ଓ ପ୍ରାକୃତିକ ଜଙ୍ଗଲରେ ପୁନର୍ଜନନ ପାଇଁ ବିଭିନ୍ନ କର୍ମର ବୈଷୟିକ କୌଶଳ, ଜଙ୍ଗଲ ଆଇନ, ହିସାବକିତାବ, ଲଘୁବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଆଦି ବିଷୟରେ ଗ୍ରାମବାସୀଙ୍କର ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟକ୍ରମ ବନବିଭାଗ ପଦକ୍ଷେପ ନେଇଥାଏ, ବୈଷୟିକ ଜ୍ଞାନ ଦେଇଥାଏ।
- Working plan / management plan ପ୍ରସ୍ତୁତି ସମୟରେ VSS / EDC କୁ ପରାମର୍ଶ କରିଥାଏ।
- MoU sign କରି, ବନଜାତ ଦ୍ରବ୍ୟର କିପରି ସୁଷମ ବଣ୍ଟନ ହେବ ତାର ବ୍ୟବସ୍ଥା କରେ, ବିବାଦ ସମାଧାନ ପାଇଁ ଚେଷ୍ଟା କରେ।
- ଅଣୁଯୋଜନାର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକ୍ରମ ରୂପାୟନରେ ଅନ୍ୟ ସରକାରୀ ସଂସ୍ଥାମାନଙ୍କ ସହିତ ଯୋଗାଯୋଗ କରେ।

(ତା. ୧.୧୨.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# ଓଡ଼ିଶାରେ ପରିବେଶ ପର୍ଯ୍ୟଟନ କାହିଁକି ଓ କିପରି ?

ମନୋଜ ମହାପାତ୍ର

ଓଡ଼ିଶା ରାଜ୍ୟ ପ୍ରାକୃତିକ ସମ୍ପଦରେ ଭରପୁର । ସମୁଦ୍ରତଟର ବେଳାଭୂମି, ପର୍ବତମାଳା, ଘଞ୍ଚ ଜଙ୍ଗଲ, ପାହାଡ଼ିଆ ଅଞ୍ଚଳ, ଜଳପ୍ରପାତ, ଚିରସ୍ରୋତା ନଦୀ, ବନ୍ୟପ୍ରାଣୀ ଇତ୍ୟାଦିରେ ଆମ ରାଜ୍ୟ ସାରା ଭାରତ କାହିଁକି ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି । ଜଙ୍ଗଲ ଅଞ୍ଚଳରେ ଥିବା ବିଭିନ୍ନ ଜନଜାତି ଅନେକ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାନ୍ତି । ସେମାନଙ୍କ ପ୍ରକୃତି ସହିତ ସମତାଳ ରକ୍ଷା କରିବା ପ୍ରଣାଳୀରେ ।

ପୁରୀ, ଚାନ୍ଦିପୁର ଓ ଗହିରମଥାର ବେଳାଭୂମି ଆକୃଷ୍ଟ କରିଥାଏ ପରିବ୍ରାଜକମାନଙ୍କୁ । ସେହିପରି ଭିତରକନିକାର ଲୁଣାଜଙ୍ଗଲ, ଶିମିଳିପାଳର ମେଘାସନୀ ପର୍ବତ, ଦେଓମାଳି ପର୍ବତ କୋରାପୁଟର, ଗନ୍ଧମାର୍ଦ୍ଦନ ପର୍ବତସ୍ଥିତ ହରିଶଙ୍କର ଏବଂ ନୃସିଂହନାଥ, ପ୍ରତିବର୍ଷ ସହସ୍ରାଧିକ ଲୋକଙ୍କୁ ଆକୃଷ୍ଟ କରିଥାଏ । ପ୍ରକୃତିର ମନୋରମ ଦୃଶ୍ୟ, ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ।

ଶୀତଦିନେ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀଙ୍କ ସମାଗମ ଲାଗି ଚିଲିକା ବିଶ୍ୱବିଖ୍ୟାତ । ଶୀତଋତୁରେ ପରିଦର୍ଶକ ଚିଲିକାର ପକ୍ଷୀ, ଭିତରକନିକାର ବଉଳା କୁମ୍ଭୀର, ଶିମିଳିପାଳରେ ବାଘ ଓ ବନ୍ୟପ୍ରାଣୀ, ଗହିରମଥାରେ ସାମୁଦ୍ରିକ କଇଁଛ ଦେଖିବା ପାଇଁ ବହୁଳ ସଂଖ୍ୟାରେ ସମବେତ ହୋଇଥାଆନ୍ତି ।

ରାଜ୍ୟରେ ଥିବା ଅନେକ ଅଭୟାରଣ୍ୟ ମଧ୍ୟରୁ ଦେବ୍ରୀଗଡ଼, ସୁନାବେଡ଼ା, କୁଲଡ଼ିହା, ବାଲୁଖଣ୍ଡ, ଚନ୍ଦକା, ହଦଗଡ଼ ଇତ୍ୟାଦି ଅଭୟାରଣ୍ୟ ବିଶେଷ ଆଦୃତ ହୋଇ ନ ଥିଲେ ମଧ୍ୟ ସ୍ଥାନୀୟ ଲୋକେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ବନ୍ୟପ୍ରାଣୀଙ୍କୁ ଉପଭୋଗ କରିଥାନ୍ତି ।

ପର୍ଯ୍ୟଟନ ଏକ ଶିଳ୍ପ କାରଣ ଏହା ରାସ୍ତାଘାଟ, ଯାନବାହାନ, ଖାଦ୍ୟପ୍ରସ୍ତୁତି, କିଣାବିକା ଇତ୍ୟାଦି ଉପରେ ପ୍ରଭାବ ପକାଇଥାଏ । ଭୁବନେଶ୍ୱର ଠାରୁ କୋଣାର୍କ ରାସ୍ତା, ପଟାମୁଣ୍ଡାଇରୁ ଗୁପ୍ତି ପର୍ଯ୍ୟନ୍ତ ପିଚୁ ରାସ୍ତା କେବଳ ପର୍ଯ୍ୟଟନ ଶିଳ୍ପ ଲାଗି ସମ୍ପର୍କ ହୋଇପାରିଛି । ଏହା ସ୍ଥାନୀୟ ଲୋକମାନଙ୍କୁ ରୋଜଗାରର ପନ୍ଥା ବତାଇଥାଏ । ପର୍ଯ୍ୟଟନର ପ୍ରଭାବ ପୁରୀ ବେଳାଭୂମିରେ ଜଣେ ସହଜରେ ଆକଳନ କରିପାରିବ । ପର୍ଯ୍ୟଟନର ସ୍ଥାନକୁ ନେଇ ଏହାକୁ ମନ୍ଦିର ପର୍ଯ୍ୟଟନ, ଜନଜାତି ପର୍ଯ୍ୟଟନ, ସାମୁଦ୍ରିକ ପର୍ଯ୍ୟଟନ, Adventurous tourism (ପର୍ବତ ଆରୋହଣ ଇତ୍ୟାଦି) ଏବଂ ପରିବେଶ ପର୍ଯ୍ୟଟନ ଆଦିରେ ବିଭକ୍ତ କରାଯାଇପାରେ ।

ପର୍ଯ୍ୟଟନର ପ୍ରଭାବ ସବୁବେଳେ ଭଲ କିମ୍ବା ଖରାପ ହୋଇ ନ ଥାଏ । ପର୍ଯ୍ୟଟକଙ୍କ ସଂଖ୍ୟାରେ ସୀମିତ ଏବଂ ପର୍ଯ୍ୟଟନ ସ୍ଥଳୀର ସମ୍ବେଦନଶୀଳତା (Sensitivity) କୁ ନେଇ ପର୍ଯ୍ୟଟନ ଭଲ କିମ୍ବା ଖରାପ ବୋଲି ଆମେ କହିପାରିବା । ପର୍ଯ୍ୟଟକ ଯଦି ସ୍ଥାନୀୟ ସଂସ୍କୃତିକୁ ନଷ୍ଟ କରି ଅପସଂସ୍କୃତି କାର୍ଯ୍ୟକୁ ପ୍ରୋତ୍ସାହିତ କରେ ତେବେ ସାମୟିକ ଭାବେ ଏଠାକୁ ପର୍ଯ୍ୟଟନ ସ୍ଥଳୀ ଭାବେ ବନ୍ଦ କରାଯିବା ଉଚିତ୍ ।

ପରିବେଶ ପର୍ଯ୍ୟଟନ ସନ୍ତୁଳିତ, ଚିରନ୍ତନ ପର୍ଯ୍ୟଟନକୁ ଦୃଷ୍ଟିରେ ରଖି କରାଯାଇଥାଏ । ପର୍ଯ୍ୟଟନ ଯେପରି ସ୍ଥାନୀୟ କଳାକୃତି, ହସ୍ତଶିଳ୍ପ, ଚାରୁକଳା ଇତ୍ୟାଦିର ସଦୁପଯୋଗ କରିପାରିବ ତାହା ପ୍ରତି ଦୃଷ୍ଟି ଦିଆଯାଏ । ପ୍ରତ୍ୟେକ ପର୍ଯ୍ୟଟନ ସ୍ଥଳୀକୁ ନିର୍ଦ୍ଦିଷ୍ଟ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଯିବା ପାଇଁ ଅନୁମତି ମିଳିବା ଆବଶ୍ୟକ । ଏହାକୁ carrying capacity କୁହାଯାଇଥାଏ । ଏହି ସଂଖ୍ୟା ପର୍ଯ୍ୟଟନ ସ୍ଥଳୀର ସ୍ପର୍ଶକାତରତା ଏବଂ ପର୍ଯ୍ୟଟକର ବ୍ୟବହାର ଉପରେ ନିର୍ଭର କରେ । ଯଦି ଏହି ପର୍ଯ୍ୟଟନ ସ୍ଥଳୀ ବନ୍ୟପ୍ରାଣୀର ଆବାସସ୍ଥଳୀ ତଥା ଅଭୟାରଣ୍ୟ ହୋଇଥାଏ । ତେବେ ସାମୟିକ ଭାବେ ଏହାକୁ ବନ୍ଦ କରାଯିବାର ଆବଶ୍ୟକତା ଥାଏ । ଯେପରି ବଉଳା କୁମ୍ଭୀର ପ୍ରଜନନ ସମୟରେ ବର୍ଷାଋତୁରେ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥାଏ । ପର୍ଯ୍ୟଟକଙ୍କ ରହିବା ସ୍ଥଳୀ ପରିବେଶ ସନ୍ତୁଳନ ରକ୍ଷିବା ପାଇଁ ବାହାରେ ରହିବା ଉଚିତ । ଏହା ଦ୍ୱାରା ପଲିଥିନ ଇତ୍ୟାଦି ବର୍ଜ୍ୟବସ୍ତୁର ପରିମାଣରେ କଣ୍ଟ୍ରୋଲ କରାଯାଇପାରିବ ।

ପରିବେଶ ପର୍ଯ୍ୟଟନ ଚିରନ୍ତନ ହେବା ପାଇଁ ହେଲେ ଏହାକୁ ନିୟନ୍ତ୍ରିତ କରିବା ଉଚିତ । ଉପଯୁକ୍ତ ପରିବେଶ ନ ରହିଲେ ସ୍ଥାନଟି ଆଦୃତ ହୋଇପାରିବ ନାହିଁ ଏବଂ ପରିଦର୍ଶକ ଏହାକୁ ବର୍ଜନ କରିବେ । ପରିବେଶ, ବନ୍ୟପ୍ରାଣୀ, ପ୍ରାକୃତିକ ସମ୍ପଦ ଆଦିର ଜନ ସଚେତନତା

ପରିବେଶ ପର୍ଯ୍ୟଟନର ସମ୍ଭାବନାକୁ ବଢ଼ାଇ ଦେଇଛି। ଏଣୁ [illegible] ହୋଇ ଏହାର ବିକାଶ କରିବା ଉଚିତ।

**ଭିତରକନିକା – ବଉଳା କୁମ୍ଭୀର ବିକାଶ**

ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ମନମୁଗ୍ଧକର। ଅନେକ ନଦୀନାଳ ଭରା ଏହି ଅଞ୍ଚଳରେ ଲୁଣା ଜଙ୍ଗଲ ପ୍ରକୃତିର [illegible] ଦେଇ ପରିଦର୍ଶକର ମନ କିଣି ନିଏ। କିନ୍ତୁ ଏହାଠୁ ବଡ଼ ଆକର୍ଷଣ ହେଉଛି ନଦୀପଠାରେ ଶୋଇଥିବା ବିଶାଳକାୟ ବଉଳା କୁମ୍ଭୀର। ଡଙ୍ଗାରେ ଜଙ୍ଗଲ ଯାଉଥିବା ସମୟରେ ଗୋଟିଏ ବିଶାଳକାୟ ୨୦ ଫୁଟରୁ ଊର୍ଦ୍ଧ୍ୱ ବଉଳା କୁମ୍ଭୀର ଦେଖିବା ମାତ୍ରେ ଦେହରେ ଶିହରଣ ଖେଳିଯାଏ ଏବଂ ଏହା ସ୍ମୃତିରେ ଚିରଦିନ ରହିଯାଏ। ପରିଦର୍ଶକ ପୁଣି ଥରେ ପ୍ରତିଜ୍ଞା କରିପକାଏ, ଆଉଥରେ ଭିତରକନିକାକୁ ନୂଆ ପରିବାର ସାଙ୍ଗସାଥି ଏବଂ ବନ୍ଧୁମାନଙ୍କୁ ନେଇ।

ଆମ ଦେଶରେ ତିନି ଜାତିର କୁମ୍ଭୀର ଦେଖାଯାଆନ୍ତି। ଏହି ଲୁପ୍ତପ୍ରାୟ ଜାତୀୟ ପ୍ରାଣୀ ଡାଇନୋସରର ବଂଶରୁ ଆସିଥିବା ଅନେକ ପ୍ରାଣୀବିଜ୍ଞାନୀଙ୍କ ମତ। ଆମ ରାଜ୍ୟରେ ଏହି ତିନି ଜାତୀୟ କୁମ୍ଭୀର ଦେଖାଯାଆନ୍ତି। ଯଥା ମଗର, ଘଡ଼ିଆଳ ଓ ବଉଳା କୁମ୍ଭୀର। ବଉଳା କୁମ୍ଭୀର ବ୍ରାହ୍ମଣୀ, ବୈତରଣୀ ତଥା ମହାନଦୀ ମୁହାଣରେ ଥିବା ଲୁଣି ଜଙ୍ଗଲର ପରିବେଶରେ ନଦୀନାଳମାନଙ୍କରେ ରହିଥାଆନ୍ତି।

ଏକ ଅନୁଷ୍ଠାନରୁ ୧୯୭୨ ମସିହାରେ ଜଣାପଡ଼ିଲା ଯେ ଏମାନଙ୍କ ସଂଖ୍ୟା ପ୍ରାକୃତିକ ଭାବେ ୧୦୦ରୁ କମ୍ ଅଛି ଏବଂ ଏମାନେ ବିଲୁପ୍ତପ୍ରାୟ ହୋଇଯାଉଛନ୍ତି। ଏମାନଙ୍କର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଏଣୁ ୧୯୭୫ ମସିହାରେ ରାଜ୍ୟର ପ୍ରଥମ ଅଭୟାରଣ୍ୟ ଭିତରକନିକା ଅଞ୍ଚଳରେ ୬୭୨ ବର୍ଗ କି.ମି. ବ୍ୟାପି ଅଞ୍ଚଳକୁ ନେଇ [illegible] ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ ଏହି ଅଭୟାରଣ୍ୟ ଗଠନ ହୋଇଥିଲା।

ବଉଳା କୁମ୍ଭୀର ସଂରକ୍ଷଣ ପାଇଁ ଡକ୍ଟର ରବର୍ଟ ବସ୍ଟାର୍ଡ଼ଙ୍କ ବୈଷୟିକ ସହାୟତାରେ ପ୍ରାକୃତିକ ଭାବରେ ବସାରେ ଥିବା କୁମ୍ଭୀର ଅଣ୍ଡାଗୁଡ଼ିକୁ ସଂଗ୍ରହ କରାଯାଇ ତାକୁ ଫୁଟାଇ ଛୁଆମାନଙ୍କୁ ୨ ରୁ ୫ ବର୍ଷ ପର୍ଯ୍ୟନ୍ତ ଲାଳନପାଳନ କରାଯାଉଥିଲା। ପ୍ରାୟ ୧ ମିଟରରୁ ଊର୍ଦ୍ଧ୍ୱ ହେଲେ ଏହି ଛୁଆମାନଙ୍କୁ ଛୋଟ ନାଳରେ ଛାଡ଼ି ଦିଆଯାଉଥିଲା। ଏହି ପୁନଃବାସନ କାର୍ଯ୍ୟ ଭିତରକନିକାର ଡାଙ୍ଗମାଳ ଅଞ୍ଚଳରେ କରାଯାଉଥିଲା। ପ୍ରାୟ ୧୦ ବର୍ଷର ଏହି ସଂରକ୍ଷଣ ପ୍ରୋଜେକ୍ଟ ପରେ ରାଜ୍ୟ ସରକାର ଏହାର ମିଆଦ ବଢ଼ାଇ ଦେଇଥିଲେ। ଅଧୁନା ଏହି ଅଞ୍ଚଳରେ ୧୬୦୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଦେଖାଯାଉଛନ୍ତି। ପୃଥିବୀର ସର୍ବବୃହତ କୁମ୍ଭୀର ଯାହାର ଲମ୍ବ ପ୍ରାୟ ୨୨ ଫୁଟ, ଏହି ଭିତରକନିକାରେ ଦେଖାଯାଉଛି। ସବୁଠାରୁ ଅଧିକ କୁମ୍ଭୀର ଡାଙ୍ଗମାଳ ପାଖରେ ଥିବା ଭିତରକନିକା ଖୁଆଯୋର, ବାଲିଯୋର, ମହିଷମରା ଇତ୍ୟାଦିରେ ଦେଖାଯାଆନ୍ତି। ମା କୁମ୍ଭୀର ଯେଉଁ ଜାଗାରେ ଜନ୍ମ ନେଇଥାଏ ସେହି ଜାଗାରେ ନିଜ ଅଣ୍ଡା ଦେଇ ବସା କରିଥାଏ ଏବଂ ଏହି ସମୟରେ ସେ ହିଂସ୍ର ହୋଇ ନିଜ ଅଣ୍ଡା ତଥା ଛୁଆକୁ ଜଗି ରହିଥାଏ। ଏହି କାରଣରୁ ବର୍ଷା ଦିନେ ଭିତରକନିକା, ପରିଦର୍ଶକମାନଙ୍କ ପାଇଁ ବନ୍ଦ ରଖାଯାଇଥାଏ।

ଯଦିଓ କୁମ୍ଭୀର ଆତଙ୍କ, କୁମ୍ଭୀର ରକ୍ତମୁଖା ଇତ୍ୟାଦି ଉପସର୍ଗ ବଉଳା କୁମ୍ଭୀର ପାଇଁ ଲଗାଯାଇଥାଏ। ବାସ୍ତବରେ ଏହା ମିଥ୍ୟା। କାରଣ କୁମ୍ଭୀର ଏକ ଶିକାରୀ ନୁହେଁ। ଏହାର ଖାଦ୍ୟ ବିଶେଷତଃ ମାଛ, କଙ୍କଡ଼ା ଇତ୍ୟାଦି ପାଣିରେ ରହୁଥିବା ଜୀବ। ବେଳେ ବେଳେ ଏହା ହରିଣ, ଗୋଧି, ମାଙ୍କଡ଼, କୁକୁର, ଛେଳି ଇତ୍ୟାଦିକୁ ଧରିଥାଏ ଯେତେବେଳେ ଏମାନେ ପାଣିରେ ପ୍ରବେଶ କରିଥାନ୍ତି। ବେଳେ ବେଳେ ଆକସ୍ମିକ ଦୁର୍ଘଟଣାରେ ମଣିଷମାନେ ମୃତାହତ ହୋଇଥାଆନ୍ତି। ଅନୁଶୀଳନ କଲେ ଦେଖାଯାଏ ନିଜର ନିର୍ବୋଧତା, ଅନ୍ୟମନସ୍କତା ତଥା ହେୟଜ୍ଞାନ ଯୋଗୁଁ ମଣିଷ କୁମ୍ଭୀର ଦ୍ୱାରା ଆଘାତ ପ୍ରାପ୍ତ ହୋଇଥାଏ।

ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ବଉଳା କୁମ୍ଭୀର ଯୋଜନା ଏକ ସଫଳ ଯୋଜନା ହୋଇପାରିଛି। ସାଧାରଣ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ପରିବେଶ ପର୍ଯ୍ୟଟନ ସ୍ଥଳୀ ଭାବେ ଡାଙ୍ଗମାଳ କେବଳ ଆମ ରାଜ୍ୟ ବା ଦେଶରେ ନୁହେଁ ସାରା ବିଶ୍ୱରେ ବିଦିତ।

(ତା. ୨୯.୧୨.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# ଜଙ୍ଗଲ ହ୍ରାସ ଓ ଉତ୍ତପ୍ତ ପୃଥିବୀ

ଡ଼. ଦେବବ୍ରତ ସ୍ୱାଇଁ

ଅନ୍ତର୍ଜାତୀୟ ଖାଦ୍ୟ ଏବଂ କୃଷି ସଂସ୍ଥାର ସର୍ବଶେଷ ଆକଳନ ଅନୁସାରେ ପୃଥିବୀର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ୪,୦୦୦ ନିୟୁତ ହେକ୍ଟର ଯାହାକି ଭୂଭାଗର ୩୧ ଶତାଂଶ ଅଟେ। ପୃଥିବୀର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ବିଶେଷ କରି ବିଷୁବ ମଣ୍ଡଳୀୟ ଜଙ୍ଗଲର ଦ୍ରୁତ ହ୍ରାସ ଏବଂ କଳକାରଖାନା ଆଦିରୁ ନିର୍ଗତ ସବୁଜଗୃହର ବାଷ୍ପ ଯୋଗୁଁ ପୃଥିବୀର ହାରାହାରି ଉତାପର ବୃଦ୍ଧି ଘଟୁଛି। ବିଗତ ଶତାବ୍ଦୀରେ ପୃଥିବୀର ଉତାପ ୦.୫୬ ଡ଼ିଗ୍ରୀ ସେଲସିୟସ ରୁ ୦.୯୨ ଡ଼ିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ବିଗତ ୧୦/୧୨ ବର୍ଷରେ ପୃଥିବୀର ଉତାପ ଅଧିକ ବୃଦ୍ଧି ପାଇଅଛି। ବାୟୁମଣ୍ଡଳରେ ସବୁଜଗୃହ ବାଷ୍ପ ଯଥା ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ୍ ଅକସାଇଡ୍ ଆଦି ଦିନକୁ ଦିନ ବୃଦ୍ଧି ଘଟୁଥିବା ଯୋଗୁଁ ପୃଥିବୀ ଉତ୍ତପ୍ତ ହେବାରେ ଲାଗିଛି। ଶିଳ୍ପାୟନ ପୂର୍ବବର୍ତ୍ତୀ ସମୟରେ ପୃଥିବୀର ଅଙ୍ଗାରକାମ୍ଳ ବାଷ୍ପ ୨୮୦ ନିୟୁତାଂଶ ଥିବାବେଳେ ବର୍ତ୍ତମାନ ତାହା ୩୭୯ ନିୟୁତାଂଶକୁ ବୃଦ୍ଧି ଘଟିଛି। ଶକ୍ତି ଉତ୍ପାଦନ କ୍ଷେତ୍ରରେ ସର୍ବାଧିକ (୨୫.୯ %) ସବୁଜଗୃହ ବାଷ୍ପ ନିର୍ଗମନ ହେଉଅଛି। ଏହାପଛକୁ ରହିଛି କଳକାରଖାନା, ଯାହାକି ୧୯.୪ % ସବୁଜଗୃହ ବାଷ୍ପ ନିର୍ଗମନ କରୁଛି।

ଅବିଶ୍ୱାସନୀୟ ହେଲେ ମଧ୍ୟ ଏହା ସତ୍ୟ ଯେ ଅଙ୍ଗାରକାମ୍ଳକୁ ଅମ୍ଳଜାନରେ ପରିଣତ କରୁଥିବା ଜଙ୍ଗଲ ବୃକ୍ଷଛେଦନ ଏବଂ ଜଙ୍ଗଲରେ ନିଆଁ ଯୋଗୁଁ ବଧ ସବୁଜଗୃହ ବାଷ୍ପ ନିର୍ଗମନ କରୁଛି ଏବଂ ଏଥିପାଇଁ ଏହା ତୃତୀୟ ସ୍ଥାନରେ ରହିଛି (୧୭.୪%)। କୃଷିକ୍ଷେତ୍ରରେ ୧୩.୫%, ପରିବହନ କ୍ଷେତ୍ରରେ ୧୩.୧%, ନିର୍ମାଣ ଯୋଗୁଁ ୭.୯% ଏବଂ ବର୍ଜ୍ୟବସ୍ତୁରୁ ୨.୮% ସବୁଜଗୃହ ବାଷ୍ପ ନିର୍ଗତ ହେଉଛି। ସବୁଜଗୃହ ବାଷ୍ପର ବୃଦ୍ଧି ଏହିଭଳି ଜାରି ରହିଲେ ୨୦୨୯ ସୁଦ୍ଧା ପୃଥିବୀର ହାରାହାରି ଉତାପ ୧.୫ ଡ଼ିଗ୍ରୀ ସେଲସିୟସ ଏବଂ ୨୦୯୯ ସୁଦ୍ଧା ଏହା ୫ ଡ଼ିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ କରିଛନ୍ତି। ବୈଜ୍ଞାନିକମାନେ ଆହୁରି କହିଛନ୍ତି ଯେ ଉତାପ ବୃଦ୍ଧି ସଙ୍ଗେ ସଙ୍ଗେ ପୃଥିବୀରେ ଖାଦ୍ୟ ଓ ପାନୀୟ ଜଳର ଅଭାବ ଅଧିକରୁ ଅଧିକ ଅନୁଭବ ହେବ। ସମୁଦ୍ରର ଜଳପତନ ବୃଦ୍ଧି ଘଟିବ। ବହୁ ସମ୍ବେଦନଶୀଳ ପ୍ରଜାତିର ଜୀବ ଓ ଉଦ୍ଭିଦର ବିଲୋପ ଘଟିବ। ଝଡ଼, ଘୂର୍ଣ୍ଣିଝଡ଼, ଜଙ୍ଗଲ ନିଆଁ, ମରୁଡ଼ି, ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହ ପ୍ରବଳରୁ ପ୍ରବଳତର ହେବ। ମ୍ୟାଲେରିଆ, ଡେଙ୍ଗୁ, ସ୍ୱାଇନ୍ ଫ୍ଲୁର ପ୍ରାଦୁର୍ଭାବ ବୃଦ୍ଧି ହେବ। ପୃଥିବୀର ଉତାପ ବୃଦ୍ଧି ଏବଂ ଉତାପ ବୃଦ୍ଧିଜନିତ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ବାୟୁମଣ୍ଡଳରେ ଯେତିକି ଅଙ୍ଗାରକାମ୍ଳ ରହିଛି ତାର ଦୁଇଗୁଣରୁ ଅଧିକ ଅଙ୍ଗାରକାମ୍ଳ, ଅଙ୍ଗାର ହିସାବରେ ପୃଥିବୀର ଜଙ୍ଗଲମାନଙ୍କରେ ଗଚ୍ଛିତ ରହିଛି। ଜଙ୍ଗଲରେ ନିଆଁ ଲାଗିଲେ କିମ୍ବା ଜଙ୍ଗଲର କୌଣସି ପ୍ରକାର କ୍ଷୟ ହେଲେ ଗଚ୍ଛିତ ଥିବା ଅଙ୍ଗାର, ଅଙ୍ଗାରକାମ୍ଳରେ ପରିବର୍ତ୍ତିତ ହୋଇ ବାୟୁମଣ୍ଡଳରେ ମିଶିଥାଏ। ଜଙ୍ଗଲକୁ କେବଳ ସଂରକ୍ଷଣ କଲେ, ଜଙ୍ଗଲରୁ ଗଛକଟା ଏବଂ ନିଆଁକୁ ରୋକା ଯାଇପାରିଲେ ଜଙ୍ଗଲ କ୍ଷୟଜନିତ ନିର୍ଗମନ ହେଉଥିବା ୧୭.୪% ଅଙ୍ଗାରକାମ୍ଳ ବାଷ୍ପ ହ୍ରାସ ହେବା ସହିତ ବାୟୁମଣ୍ଡଳରେ ଥିବା ୧୫-୨୦% ଅଙ୍ଗାରକାମ୍ଳ ବାଷ୍ପ ଜଙ୍ଗଲ ଦ୍ୱାରା ଅମ୍ଳଜାନରେ ପରିବର୍ତ୍ତିତ ହୋଇପାରିବ।

ପୃଥିବୀରେ ଯେତିକି ସବୁଜଗୃହ ବାଷ୍ପ ନିର୍ଗତ ହେଉଛି ଭାରତରେ ତାହା ୪% ହେଉଥିବା ବେଳେ, ଚୀନ୍ ଏବଂ ଯୁକ୍ତରାଷ୍ଟ୍ର ଭଳି ଦେଶରେ ୨୫% ନିର୍ଗତ ହେଉଛି, ପ୍ରତି ବ୍ୟକ୍ତି ପିଛା ସବୁଜଗୃହ ବାଷ୍ପ ନିର୍ଗମନ ଭାରତରେ ବର୍ଷକୁ ୧.୫ ଟନ୍ କାର୍ବନ ହୋଇଥିବା ବେଳେ ଆମେରିକା, ୟୁରୋପ ଏବଂ ଚୀନରେ ତାହା ଯଥାକ୍ରମେ ୨୦ ଟନ୍, ୧୦ ଟନ୍ ଏବଂ ୪ ଟନ୍। ଏହା ବ୍ୟତୀତ ଭାରତର ଶକ୍ତିର ବ୍ୟବହାର ବର୍ତ୍ତମାନ ବିଶ୍ୱ ହାରାହାରିର ୨୦ ପ୍ରତିଶତ ତଳେ ରହିଛି। ବର୍ତ୍ତମାନ ମଧ୍ୟ ଭାରତର ୪୦ କୋଟି ଲୋକ ବିଜୁଳି ଆଲୁଅଠାରୁ ଅପହଞ୍ଚରେ ଅଛନ୍ତି। ଏଭଳି ଏକ କଠିନ ପରିସ୍ଥିତିରେ ଭାରତ ସରକାର ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା ପାଇଁ ଜାତୀୟ କାର୍ଯ୍ୟଯୋଜନାର ଅଂଶବିଶେଷ ଆଠଟି ମିଶନ ପ୍ରଚଳନ କରିଛନ୍ତି। ତାହା ହେଲା :

(1) National Solar Mission

(2) National Mission for Enhanced Energy Efficiency

(3) National Mission on Sustainable Habitat

(4) National Water Mission

(5) National Mission for Sustaining Himalayan Ecosystem

(6) National Mission for a Green India

(7) National Mission for Sustaininable Agriculture

(8) National Mission on Strategic Knowledge for climate change

ପୂର୍ବ ଭାରତରେ ବଙ୍ଗୋପସାଗର ତଟସ୍ଥ ଓଡ଼ିଶା ଜଙ୍ଗଲ ସମ୍ପଦରେ ଭରପୂର। ଏହାର ୩୨.୪% ଭୂଭାଗ ଜଙ୍ଗଲରେ ଆଚ୍ଛାଦିତ। ଏହାର ବର୍ଷା ମୌସୁମୀ ଉପରେ ନିର୍ଭରଶୀଳ। ଉତ୍ତାପ ବୃଦ୍ଧିଜନିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଓଡ଼ିଶା ଏହି କିଛି ବର୍ଷ ମଧ୍ୟରେ ୧୬ ଥର ମରୁଡ଼ି, ୨୦ରୁ ଅଧିକ ଥର ବନ୍ୟା, ୮ଟି ବାତ୍ୟା ଏବଂ ଗୋଟିଏ ମହାବାତ୍ୟାର ଶୀକାର ହୋଇଅଛି। ମ୍ୟାଲେରିଆର ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଡେଙ୍ଗୁ ଯାହାକି ଏଡିସ୍ ମଶା ଦ୍ୱାରା ବ୍ୟାପେ, ତାହା ଓଡ଼ିଶାରେ ପୂର୍ବରୁ କେବେ ଦେଖା ନ ଥିଲା, ଏହା ବର୍ତ୍ତମାନ ମହାମାରୀର ରୂପ ନେବାକୁ ଯାଉଛି।

ଓଡ଼ିଶାରେ ୫୮,୧୪୦ ବର୍ଗ କି.ମି. ରେକର୍ଡ଼ଭୁକ୍ତ ଜଙ୍ଗଲ ରହିଛି; ଯାହା କି ଭୂଭାଗର ୩୭.୩୪%, ମାତ୍ର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହେଉଛି ୪୮,୯୦୩ ବର୍ଗ କି.ମି. ଅର୍ଥାତ ୯,୨୩୭ ବର୍ଗ କି.ମି. ଅଞ୍ଚଳରେ କୌଣସି ଜଙ୍ଗଲ ନାହିଁ। ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ମଧ୍ୟରୁ ୭,୦୬୦ ବର୍ଗ କି.ମି. ଅଞ୍ଚଳ ଅତି ଘଞ୍ଚ, ୨୧,୩୬୬ ବର୍ଗ କି.ମି. ଅଞ୍ଚଳ ମଧ୍ୟମ ଘଞ୍ଚ, ୨୦,୪୭୭ ବର୍ଗ କି.ମି. ଖୋଲା ଜଙ୍ଗଲ ଅଞ୍ଚଳ ଅଟେ। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁଁ ଏହି ଜଙ୍ଗଲ ସମ୍ପଦ ଉପରେ ଚାପ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଜଙ୍ଗଲ ଜମିର ବ୍ୟବହାର, ଜଙ୍ଗଲରେ ଜନବସତି, ଜଙ୍ଗଲରୁ କାଠ ଏବଂ ଜାଳେଣୀ ସଂଗ୍ରହ, ଗୋଚାରଣ, ଅନିୟନ୍ତ୍ରିତ ପର୍ଯ୍ୟଟନ, ଜଙ୍ଗଲ ନିଆଁ ଏବଂ ପୋଡୁଚାଷ ଯୋଗୁଁ ଜଙ୍ଗଲକ୍ଷୟ ହେବାରେ ଲାଗିଛି। ମାତ୍ର ରାଜ୍ୟ ସରକାରଙ୍କ ଅବିରତ ପ୍ରଚେଷ୍ଟା, ବୃକ୍ଷରୋପଣ ଏବଂ ବିଭିନ୍ନ ଜଙ୍ଗଲ ସଂରକ୍ଷଣ ଯୋଜନାର ସଫଳ ରୂପାୟନ ଯୋଗୁଁ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଡେରାଡୁନର ୨୦୧୧ର ଆକଳନ ଅନୁସାରେ ଯେତେବେଳେ ଓଡ଼ିଶାର ନିକଟବର୍ତ୍ତୀ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ଭଳି ରାଜ୍ୟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହ୍ରାସ ଘଟିଅଛି, ସେତିକି ବେଳେ ୨୦୦୯ ଓ ୨୦୧୧ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୪୮ ବର୍ଗ କି.ମି. ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ପାଇଛି। ଉଲ୍ଲେଖନୀୟ ଏହି କି, ବିଗତ ୧୦ ବର୍ଷରେ ଓଡ଼ିଶାରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ପ୍ରାୟ ଦୁଇ ଲକ୍ଷ ହେକ୍ଟର ବଢ଼ିଛି। ବର୍ତ୍ତମାନ ସମୟ ଆସିଛି, ଓଡ଼ିଶାର ଏହି ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧିକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଘଞ୍ଚ ଜଙ୍ଗଲ (ଯାହାକି ସମୁଦାୟ ଜଙ୍ଗଲର ୫୮% ) ର ବୃଦ୍ଧି ହେବା ଦରକାର। ଏହା ସହିତ ପ୍ରତିବର୍ଷ ଓଡ଼ିଶାର ୪.୨ କୋଟି ଲୋକ, ପ୍ରତ୍ୟେକ ଗୋଟିଏ ବୃକ୍ଷ ତାରା ତାଙ୍କର ବାଡ଼ିବଗିଚାରେ ରୋପଣ କରି ତାର ଲାଳନ ପାଳନ କରିବା ଦରକାର। ଜଳବାୟୁରୁ ସବୁଜଗୃହ ବାଷ୍ପ ହ୍ରାସ ନ ହେଲେ, ପୃଥିବୀ ଉତ୍ତପ୍ତ ହୋଇ ଜୀବଜଗତ ଲୋପ ପାଇଯିବ। ଏଥି ପାଇଁ ସମସ୍ତ ରାଷ୍ଟ୍ର ସମ୍ମିଳିତ ହୋଇ ସବୁଜଗୃହ ବାଷ୍ପର ହ୍ରାସ ପାଇଁ ପଦକ୍ଷେପ ନେବା ବର୍ତ୍ତମାନ ସମୟର ଆହ୍ୱାନ ଅଟେ।

(ତା. ୨୬.୧.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଜାତୀୟ ସବୁଜ ବାହିନୀ

ଶୈଳବାଳା ପାଢ଼ୀ

ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ସବୁଜ ବାହିନୀ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସେଣ୍ଟର ଫର୍ ଏନଭାଇରନମେଣ୍ଟାଲ ଷ୍ଟଡ଼ିଜ୍ (ସି.ଇ.ଏସ୍) ଦ୍ୱାରା ପରିଚାଳିତ ହେଉଅଛି। ଏହାଦ୍ୱାରା ସ୍କୁଲ୍ ପିଲାମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟିକରା ହେଉଅଛି। ଓଡ଼ିଶା ପାଇଁ ସେଣ୍ଟର ଫର୍ ଏନଭାଇରନମେଣ୍ଟାଲ ଷ୍ଟଡ଼ିଜ୍ ଏହାର ଦାୟିତ୍ୱ ଭାର ନେଇଛନ୍ତି।

ଏହି କାର୍ଯ୍ୟକ୍ରମ ଅଧିନରେ ବର୍ତ୍ତମାନ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଆର୍ଥିକ ସହାୟତାରେ ୭୫୦୦ଟି ଇକୋକ୍ଲବ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଆର୍ଥିକ ସହାୟତାରେ ୨୦୦୦ଟି ଇକୋକ୍ଲବ, ସମୁଦାୟ ୯୫୦୦ ଟି ଇକୋକ୍ଲବ ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବା ଓ ଏହାର ତଦାରଖ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଅଛି। ୨୬ଟି ଜିଲ୍ଲାରେ ମଣ୍ଡଳ ଜଙ୍ଗଲ ଅଧିକାରୀ ଏହାର Member Convenor ଥିବା ବେଳେ ଅନ୍ୟ ୪ଟି ଜିଲ୍ଲାରେ ଅନ୍ୟାନ୍ୟ ଅଫିସର୍ ଏହାର ଦାୟିତ୍ୱରେ ଅଛନ୍ତି। ଏହି କାର୍ଯ୍ୟକ୍ରମକୁ ସାହାଯ୍ୟ କରିବା ପାଇଁ ପ୍ରତି ଜିଲ୍ଲାରେ ୬ଟି ଲେଖାଏଁ Master – Trainer ଓ ପ୍ରତି ସ୍କୁଲରେ ଜଣେ ଲେଖାଏଁ Teacher -in-charge ବଛାଯାଇଛନ୍ତି। ଏ କାର୍ଯ୍ୟକ୍ରମରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରତି ସ୍କୁଲରୁ ପ୍ରାୟ ୩୦ ରୁ ୫୦ ଟି ପିଲାଙ୍କୁ ନେଇ ଇକୋକ୍ଲବ ଗଠନ କରାଯାଇଛି। ଏହାର ମୂଳ ଲକ୍ଷ୍ୟ ହେଲା-

- ପିଲାମାନେ ପରିବେଶ ଓ ତାର ସମସ୍ୟା ବିଷୟରେ ବୁଝିବା।
- ସ୍କୁଲ୍ ପିଲାମାନଙ୍କୁ ପରିବେଶ ଶିକ୍ଷାର ସୁଯୋଗ ଦେବା।
- ସ୍କୁଲ୍ ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ସମାଜକୁ ପରିବର୍ତ୍ତନ ଆଣିବା।
- ପରିବେଶ ଓ ବିକାଶ ସହିତ ଜଡ଼ିତ ବିଷୟବସ୍ତୁ ଉପରେ ଚିନ୍ତା କରିବା ପାଇଁ ସ୍କୁଲ ପିଲାମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ସୁବିଧା ଦେବା।
- ଯେଉଁ ସମାଜରେ ସେମାନେ ରହୁଛନ୍ତି ସେ ସଂସ୍ଥାନ ହେଉଥିବା ବିଭିନ୍ନ ପ୍ରକାର ପରିବେଶ ସମସ୍ୟା ସହିତ ସିଧାସଳଖ ଯୋଗାଯୋଗ ସ୍ଥାପନ କରିବା ଓ ତାର ସମାଧାନ ଖୋଜି ବାହାର କରିବା।

ମୂଳ ଲକ୍ଷ୍ୟକୁ ଆଧାର କରି ଇକୋକ୍ଲବର ସଦସ୍ୟମାନେ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡ଼ିକ କରିଥାଆନ୍ତି –

୧. ପରିବେଶ ବିଷୟବସ୍ତୁ ଉପରେ କର୍ମଶାଳା, ତର୍କ, ଭାଷଣ ଓ ଆଲୋଚନା ଆୟୋଜନ କରିବା।

୨. ପରିବେଶ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିଭ୍ରମଣ କରିବା। ଏଥିରେ ପ୍ରଦୂଷିତ ଅଞ୍ଚଳ, ଜଳାକର୍ଷି ହୋଇପଡୁଥିବା ସ୍ଥାନ, ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଇତ୍ୟାଦି ଅନ୍ତର୍ଭୁକ୍ତ।

୩. ପରିବେଶଭିତ୍ତିକ ସଚେତନତା ବୃଦ୍ଧି କରିବାକୁ ବିଭିନ୍ନ ପ୍ରକାର ପଦଯାତ୍ରା, ଲୋକଦଳ, ପଥପ୍ରାନ୍ତ ନାଟକ ଇତ୍ୟାଦି ସର୍ବସାଧାରଣ ସ୍ଥାନରେ ଆୟୋଜନ କରିବା।

୪. ଜନସାଧାରଣଙ୍କ କାର୍ଯ୍ୟରେ ଲାଗିଲା ଭଳି କାର୍ଯ୍ୟକ୍ରମ ମଧ୍ୟରେ ରହିଛି ବୃକ୍ଷରୋପଣ, ସ୍କୁଲରେ ଓ ବାହାରେ ସଫେଇ କାମ, ରୋଷେଇ ଉଦ୍ୟାନ, କିଆରୀ, ଖାଦ୍ୟର ରକ୍ଷଣାବେକ୍ଷଣ, ସ୍କୁଲ୍‌ରେ ଜଳ ସଂରକ୍ଷଣ ପାଇଁ ପଦକ୍ଷେପ, କାଗଜ ପୁନର୍ବ୍ୟବହାରର ଅଭ୍ୟାସ ଇତ୍ୟାଦି।

୫. ପ୍ରଦୂଷଣ ସୃଷ୍ଟିକାରୀଙ୍କ ଚିଠା ତିଆରି କରି ଏହାକୁ ନିୟନ୍ତ୍ରଣ ଓ ତଦାରଖ କରୁଥିବା ବିଭିନ୍ନ ସଂସ୍ଥାକୁ ପଠାଇବା।

୬. ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଯଥା ସର୍ବସାଧାରଣ ସ୍ଥାନରେ ପୋଷ୍ଟର ମାରିବା ଓ ବ୍ୟକ୍ତିଗତ ସ୍ତରରେ ନିଜର ସ୍ୱାସ୍ଥ୍ୟରେ ଯତ୍ନ ନେବା; ଉଦାହରଣ ସ୍ୱରୂପ ଖାଇବା ପୂର୍ବରୁ ଭଲଭାବରେ ହାତ ଧୋଇବା ଇତ୍ୟାଦି।

୭. ସର୍ବସାଧାରଣ ସ୍ଥାନରେ ଥିବା ପାର୍କ, ଉଦ୍ୟାନ (ସ୍କୁଲ ପରିସର ହେଉ ବା ବାହାରେ ହେଉ) ର ଯତ୍ନ ନେବା।

୮. ଅନାଧିକାର ସ୍ଥାନରେ ବର୍ଜ୍ୟବସ୍ତୁ ପକାଇବା, ଅସୁରକ୍ଷିତ ଭାବରେ ଡ୍ରାକ୍ତରଖାନା ମଇଳା ପକାଇବା ବନ୍ଦ କରିବାକୁ ବିଭିନ୍ନ ପ୍ରକାର ଦଳଗତ କାର୍ଯ୍ୟକ୍ରମ କରିବା।

(ତା. ୨.୨.୨୦୧୩ରେ ଆକାଶବାଣୀରେ ପ୍ରସାରିତ)

# ଜାହିରା ସଂରକ୍ଷଣ

କେଦାର କୁମାର ସ୍ୱାଇଁ

ପୃଥିବୀ ପୃଷ୍ଠରେ ମାନବ ସଭ୍ୟତାର ସୃଷ୍ଟି ବହୁ ପୁରାତନ। ଆଦିମ ମଣିଷ ତାର ଖାଦ୍ୟ ପାଇଁ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରୁଥିଲା, ପଶୁପକ୍ଷୀ ଶୀକାର କରି କଞ୍ଚାମାଂସ ଖାଉଥିଲା। କାଳକ୍ରମେ ବିବର୍ତ୍ତନ ଧାରାରେ ଲୁହା, ନିଆଁ ଓ ଚକ ଇତ୍ୟାଦିର ବ୍ୟବହାର କରିବା ପରେ ମଣିଷମାନେ ପରିବାର ପ୍ରତିପୋଷଣ ପାଇଁ ଜଙ୍ଗଲରୁ ଗଛ କାଟି ପୋଡୁଚାଷ ଆରମ୍ଭ କରିଦେଲେ। ନଦୀ ଅବବାହିକାର ଉର୍ବର ସମତଳ ଜଙ୍ଗଲ ମଧ୍ୟ ବାଦ ପଡ଼ିଲା ନାହିଁ। ଜଙ୍ଗଲ ନଷ୍ଟ କରିବା ପରେ ପ୍ରକୃତି ପ୍ରେମୀ ମଣିଷ ସେମାନଙ୍କର ବସତି ନିକଟରେ ଛୋଟ ଛୋଟ ଜାଗାରେ କିଛି ଗଛ ରଖି ପୂଜା ଅର୍ଚ୍ଚନା ଆରମ୍ଭ କରିଥିଲେ। ସେମାନଙ୍କର ବିଶ୍ୱାସ ଥିଲା ଏହି ବୃକ୍ଷ ଦେବତା ତାଙ୍କୁ ସବୁପ୍ରକାର ବିପଦ, ବାଧାବିଘ୍ନ ଓ ରୋଗ ଇତ୍ୟାଦିରୁ ରକ୍ଷା କରିବ, ଠିକ ସମୟରେ ବର୍ଷା କରାଇବ ଓ ତାଙ୍କର ଫସଲ ଅମଳ ଖୁବ୍ ଭଲ ହେବ। ଏହି ପ୍ରକାରର ଛୋଟ ଛୋଟ ବୃକ୍ଷ ରାଜିର ସମାବେଶକୁ 'ଜାହିରା' ବୋଲି ସମ୍ବୋଧନ କରାଗଲା। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ କୋରାପୁଟ ଇତ୍ୟାଦି ଗଡ଼ଜାତ ଅଞ୍ଚଳର ଅଧିବାସୀମାନେ ଜାହିରା ସୃଷ୍ଟି କରି ଏ ଗୁଡ଼ିକର ସୁରକ୍ଷା କରିଆସୁଅଛନ୍ତି। ଜାହିରାର ପୃଥକ୍ ନାମକରଣ ସଂପ୍ରଦାୟ ତଥା ଅଞ୍ଚଳ ଅନୁଯାୟୀ ପ୍ରଚଳିତ ହୋଇଆସୁଅଛି। ଓଡ଼ିଶାରେ ସାନ୍ତାଳମାନେ 'ଜାହିରା', ଗୋଣ୍ଡମାନେ 'ପେଙ୍ଗଡ଼ୀ', ରାଜସ୍ଥାନରେ 'ଜୋଗମାୟା', ମହାରାଷ୍ଟ୍ରରେ 'ଦେଉରି', କର୍ଣ୍ଣାଟକରେ 'ଦେବବନ' କେରଳରେ 'କାବୁ' ଓ ମଣିପୁରରେ 'ନାଗବନ' ନାମରେ ଏହାକୁ ସମ୍ବୋଧିତ କରନ୍ତି। ଜାହିରା ପୃଥିବୀର ସବୁ ପ୍ରାନ୍ତରେ ଦେଖାଯାଏ। ଆଫ୍ରିକା, ଏସିଆ, ଇଉରୋପ, ଅଷ୍ଟ୍ରେଲିଆ ଓ ଆମେରିକାର ବିଭିନ୍ନ ଅଞ୍ଚଳରେ ଏହାର ସର୍ଭେ କରାଯାଇ ରେକର୍ଡ କରାଯାଇଅଛି। ଆମ ଦେଶରେ ପ୍ରଥମେ ବ୍ରାଣ୍ଡିସ୍ ୧୮୯୭ ମସିହାରେ ଜାହିରା ଗୁଡ଼ିକର ସର୍ଭେକରି ରେକର୍ଡ ଭୁକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ଏଗୁଡ଼ିକ ଅନୁଧ୍ୟାନ କରାଯାଇଅଛି ଓ ଭାରତ ବର୍ଷରେ ଅନ୍ୟୁନ ୧୩୭୨୦ ଗୋଟି ଜାହିରା ହିସାବରେ ନଥିଭୁକ୍ତ ରହିଅଛି। କିନ୍ତୁ ପ୍ରକୃତ ପକ୍ଷେ ଏହା ବହୁ ଅଧିକ, ଆନୁମାନିକ ଏକ ଲକ୍ଷରୁ ଦେଢ଼ ଲକ୍ଷ ହେବ। ଜାହିରା ହେଉଛି ସ୍ଥାନୀୟ ଜୈବ ବିବିଧତାର ପ୍ରତୀକ। ବାଲେଶ୍ୱର ଜିଲ୍ଲାର କୁଲଡିହା ଅଭୟାରଣ୍ୟ ଅନ୍ତର୍ଭୁକ୍ତ ଦେବଗିରି ପାହାଡ଼ର ପାଦ ଦେଶରେ ଓ ଉହାର ପାର୍ଶ୍ୱରେ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ସ୍ଥାନୀୟ ଆଦିବାସୀ ଜନଜାତି ସଂପ୍ରଦାୟର ଲୋକମାନେ ଜାହିରାର ସଂରକ୍ଷଣ କରିବାର ସୂଚନା ୨୦୧୧ ମସିହାର ସର୍ଭେରୁ ଜଣାପଡ଼ିଅଛି।

ଜାହିରା ଦ୍ୱାରା ସଂରକ୍ଷିତ ପ୍ରାକୃତିକ ବୃକ୍ଷ ରାଜି ଯଥା ଶାଳ, ମହୁଲ, ନିମ୍ବ, ସୁନାରୀ, କେନ୍ଦୁ, ହରିଡ଼ା, ବାହାଡ଼ା, ଜାମୁ, ବର ଏବଂ ଅଶ୍ୱତଥ ଗଛ ଗୁଡ଼ିକ ବିଭିନ୍ନ ପ୍ରଜାତିର ପକ୍ଷୀ ଓ ସରିସୃପ ମାନଙ୍କର ବାସସ୍ଥାନ। ଜଳ ଓ ମୃତ୍ତିକା ସଂରକ୍ଷଣ, ପ୍ରଦୂଷଣ ରୋକିବାରେ ଜାହିରା ଗୁଡ଼ିକର ପ୍ରମୁଖ ଭୂମିକା ରହିଅଛି।

ଆଦିବାସୀ ଜନଜାତି ସଂପ୍ରଦାୟର ଲୋକମାନେ ଜାହିରା ମଧ୍ୟରେ ବିଭିନ୍ନ ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା କରିଥାଆନ୍ତି। ଏପରି ପାରମ୍ପରିକ କାର୍ଯ୍ୟରେ ସେମାନେ ପୁରାତନ ଶାଳ ଓ ବରଗଛ; ବନ୍ୟପ୍ରାଣୀ ଯଥା ଦୁର୍ଗାମାଆ (ବାଘ), ଲକ୍ଷ୍ମୀମାଆ (ହାତୀ), ନାଗ ଦେବତା (ସାପ) ଓ ପୂର୍ବପୁରୁଷ ମାନଙ୍କର ଆତ୍ମା (ଠାକୁରାଣୀ) ଙ୍କୁ ବୃକ୍ଷ ଓ ପଥର ର ପ୍ରତିମୂର୍ତ୍ତି ଆକାରରେ ଫୁଲ, ସିନ୍ଦୁର ଓ ଘୋଡ଼ା ରଖି ପୂଜା କରିଥାନ୍ତି। ସ୍ଥାନେ ସ୍ଥାନେ କୁକୁଡ଼ା, ଛେଳି, ମେଣ୍ଢା ଓ ଘୁଷୁରି ବଳି ଦିଆଯାଇଥାଏ। କଦଳୀ, ନଡ଼ିଆ, କମଳା, ପିଜୁଳି, ଆମ୍ବ, ପଣସ ଇତ୍ୟାଦି ଫଳ ମଧ୍ୟ ପୂଜା ସମୟରେ ଦେବା ଦେବୀଙ୍କୁ ଅର୍ପଣ କରାଯିବାର ଦୃଷ୍ଟାନ୍ତ ରହିଅଛି। ଉଭୟ ପୁରୁଷ ଓ ସ୍ତ୍ରୀ ପିଲାମାନଙ୍କ ସମେତ ବିଭିନ୍ନ ପର୍ବପର୍ବାଣୀ ଯଥା ସଲାଇ, କରମା, ମାଘାଇ, ଅସଲି, ବୋଡାମ ଏବଂ ବିବାହର ସମୟରେ ଜାହିରା ନିକଟରେ ଏକତ୍ରିତ ହୁଅନ୍ତି। ପୂଜା ଅର୍ଚ୍ଚନା ଓ ନାଚ ଗୀତରେ ଉତ୍ସବ ପାଳନ କରନ୍ତି। ପ୍ରତି ଗାଁରେ 'ଦେହୁରି' କିମ୍ବା 'ନାୟକି' ଜାହିରା ପୂଜା ଦାୟିତ୍ୱରେ ଥାଆନ୍ତି। ସ୍ଥାନୀୟ ଅଧିବାସୀ ମାନେ ଗ୍ରହ ନକ୍ଷତ୍ରର ଐଶ୍ୱରିକ ଶକ୍ତି ଉପରେ ଗଭୀର ବିଶ୍ୱାସ କରନ୍ତି। ଆତ୍ମାକୁ ଶାନ୍ତି କରିବା ନିମନ୍ତେ ସେମାନେ ବଳି ପ୍ରଥା ଉପରେ ପ୍ରଗାଢ଼ ଭରସା ରଖିଛନ୍ତି। ଏପରି ପୂଜା ଅର୍ଚ୍ଚନା ଦ୍ୱାରା ସେମାନଙ୍କର ମଙ୍ଗଳ, ଫସଲ ଅମଳ ବୃଦ୍ଧି, ଦୈବ ଦୁର୍ବିପାକ ଓ ମହାମାରୀ ରୋଗରୁ ତାଙ୍କର ସଂପ୍ରଦାୟ ରକ୍ଷା ପାଇବାର ଅଖଣ୍ଡ ଆତ୍ମବିଶ୍ୱାସ ଉଲ୍ଲେଖନୀୟ।

କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ ଗୃହପାଳିତ ପଶୁ ଜାହିରା ସଂରକ୍ଷଣ ନିମନ୍ତେ ବାଧକ ସାଜିଅଛି। କେତେକ ସ୍ଥାନରେ ଜାହିରାରୁ

ଗଛ କାଟି ଦିଆଯାଉଅଛି । ପଶୁ ପକ୍ଷୀମାନଙ୍କୁ ମାଂସ ପାଇଁ ଶିକାର କରାଯାଉଅଛି । ଗୋଚରା ଚଢ଼େଇ, ହଳଦି ବସନ୍ତ, ଶାରୀ ଓ ଶୁଆ ମାନଙ୍କୁ ବିଭିନ୍ନ ଉପାୟରେ ଧରି ପୋଷା ମନାଇ ବ୍ୟବସାୟ କରାଯାଉଅଛି । ଜାହିରା ଗୁଡ଼ିକୁ ଗୃହପାଳିତ ପଶୁ ମାନଙ୍କର ଚାରଣ ଭୂଇଁ ପାଇଁ ବ୍ୟବହାର କରାଯାଉଅଛି । ସ୍ପନଷ୍ଟ ସହରୀକରଣ, ଚାଷ ଜମିର ସଂପ୍ରସାରଣ ଓ ଜନସଚେତନତାର ଅଭାବ ଯୋଗୁଁ ଜାହିରାର ଜୈବ ବିବିଧତା କ୍ଷୟ ହେଉଅଛି ।

ଗାଁର ମୁଖିଆ ବହୁ ପ୍ରଭାବଶାଳୀ ଓ ମାନ୍ୟଗଣ୍ୟ ଅଟେ । ସାଧାରଣତଃ ମୁଖିଆ ବୟୋଜ୍ୟେଷ୍ଠ ଏବଂ ଗ୍ରାମର ଭଲମନ୍ଦ ବିଚାର ପାଇଁ ଗ୍ରାମବାସୀ ମାନେ ତାଙ୍କର ରାୟକୁ ପାଳନ କରିଥାଆନ୍ତି । ମୁଖିଆମାନେ ବିରାଚରିତ ଭାବେ ଜାହିରା ର ସୁରକ୍ଷା ଓ ପୂଜା ଅର୍ଚ୍ଚନା ସ୍ଥାନୀୟ ବାସିନ୍ଦାମାନଙ୍କୁ ନେଇ କରିଥାଆନ୍ତି ।

ମାନବ ସମାଜ ତଥା ଜୀବଜଗତର ହିତପାଇଁ ପ୍ରାକୃତିକ ସମ୍ପଦ ଓ ଜୈବ ବିବିଧତାର ସୁରକ୍ଷା ନିତ୍ୟାନ୍ତ ଅପରିହାର୍ଯ୍ୟ । ଜାହିରା ଗୁଡ଼ିକ ଜୈବ ବିବିଧତାର ଅଂଶବିଶେଷ । ସାଂପ୍ରତିକ ପରିସ୍ଥିତିରେ ଜାହିରାର ସୁରକ୍ଷା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ସମୟପୋଯୋଗୀ ପଦକ୍ଷେପ ନେଇଅଛନ୍ତି । ଜାହିରା ଗୁଡ଼ିକୁ ଠାବ କରାଯାଇ ସ୍ଥାନୀୟ ବାସିନ୍ଦା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଅଛି । ସେମାନଙ୍କର ସହଯୋଗ ଓ ଅବଦାନ କୁ ସ୍ୱୀକୃତି ପ୍ରଦାନ କରାଯାଉଅଛି । ଜୈବ ବିବିଧତା ଖସଡ଼ା ପ୍ରସ୍ତୁତ କରି ବୃକ୍ଷଲତା ଓ ବନ୍ୟପ୍ରାଣୀ ମାନଙ୍କର ତାଲିକା ପ୍ରତ୍ୟେକ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ପାଖରେ ସୁରକ୍ଷିତ ଭାବେ ରଖି ସେଗୁଡ଼ିକର ରକ୍ଷଣା ବେକ୍ଷଣ କରିବାର କାର୍ଯ୍ୟକ୍ରମରେ ଲୋକମାନଙ୍କୁ ସାମିଲ କରାଯାଉଅଛି । ଜାହିରା ସଂରକ୍ଷଣ ପାଇଁ ସ୍ଥଳ ବିଶେଷରେ ଉପୁଜୁଥିବା ସମସ୍ୟାର ପୁଙ୍ଖାନୁପୁଙ୍ଖ ତର୍ଜମା କରି ସମାଧାନର ସୂତ୍ର ବାହାର କରିବା ଆବଶ୍ୟକ । ବନ ବିଭାଗର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କର ଜାହିରା ସଂରକ୍ଷଣ ପାଇଁ ଦକ୍ଷତା ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ସୁପରିଚାଳିତ ଜାହିରା ପରିଦର୍ଶନର ବ୍ୟବସ୍ଥା ଜରୁରୀ ଅଟେ ।

(ତା. ୨.୩.୨୦୧୩ରେ ଆକାଶବାଣୀରେ ପ୍ରସାରିତ)

# ଗୋଟିଏ ହାତୀର ଅପମୃତ୍ୟୁ ସମ୍ପର୍କରେ

ଡ଼ଃ. ଶାନ୍ତନୁ କୁମାର ରଥ

ହଠାତ୍ ଦିନେ ଦେଖାଗଲା ଗାଁଟି ଖୁବ୍ ଗହଳି ଲାଗୁଛି । ପନ୍ଦର କୋଡ଼ିଏ ଖଣ୍ଡ ଟ୍ରକ୍ ଆସି ଠିଆ ହୋଇଛି । ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା କିଛି ଲୋକ ବି ଆସିଛନ୍ତି । ଗୋଟିଏ ଘର ଆଗରେ ସାଇନ୍ ବୋର୍ଡ଼ଟିଏ ଲାଗିଛି ସିଂ ବେମ୍ବୋ ଟ୍ରାନ୍ସପୋର୍ଟ । ଶୁଣାଗଲା ଦଶପଲ୍ଲା ଜଙ୍ଗଲରେ ବାଉଁଶ କଟାଯାଇ ଏଇ ଟ୍ରକ୍ ସବୁ ଦ୍ୱାରା ଏଠାକୁ ବୁହାହୋଇ ଅଣାଯିବ । ଆଗକୁ ବର୍ଷା ଆସିଲେ ଗାଡ଼ି ଜଙ୍ଗଲକୁ ଯାଇପାରିବ ନାହିଁ । ବର୍ଷାଦିନେ ସବୁ ବାଉଁଶ ଏଠୁ ବୁହାହୋଇ ଯିବ କାଗଜ କଳକୁ ।

ଦଶପଲ୍ଲାର ଘୋର ଜଙ୍ଗଲ ନିରଚ୍ଛ ବାଉଁଶ ବୁଦାରେ ପରିପୂର୍ଣ୍ଣ । ମାଇଲ ମାଇଲ ବ୍ୟାପୀ ବାଉଁଶ ଜଙ୍ଗଲ । ପୁରୀ ଜିଲ୍ଲାର ଦକ୍ଷିଣ ସୀମାନ୍ତ ଏବଂ ଗଞ୍ଜାମ ଜିଲ୍ଲାର ଉତ୍ତର ସୀମାନ୍ତରେ ଦଶପଲ୍ଲା । ଜଙ୍ଗଲ ପରେ ପରେ ଗଞ୍ଜାମ ଆଡ଼କୁ ବିଶେଷ ଜନବସତି ନାହିଁ । ଗାଁ ଗାଁ କେତେକ ଆଦିବାସୀ ଗାଁ । ଗୋଟିଏ ପଟେ ଦଶପଲ୍ଲା ଅନ୍ୟ ପଟେ ଭଞ୍ଜନଗର ଦୁଇଟି ମୁଖ୍ୟ ସହର । ଉଭୟ ଦିଗରେ ଦୂରତା ବେଶୀ । ବୋଧହୁଏ ଜଙ୍ଗଲ ବଞ୍ଚିଯାଇଛି ଏଠି ।

ଏବେ କିନ୍ତୁ ସର୍ବଗ୍ରାସୀ ଲେଲିହାନ ଶିଖା ଲମ୍ବି ଆସୁଛି ତା ଆଡ଼କୁ । ଶହ ଶହ ବାଉଁଶ କଟାଳୀ ପଶୁଛନ୍ତି ଜଙ୍ଗଲ ଭିତରକୁ । ପର୍ବତ ପରି ଜମା ହେଇଯାଉଛି ବାଉଁଶ । ଗୋଟାଏ ପଟରୁ କଟାଳୀମାନେ ତଡ଼ି ନେଉଛନ୍ତି ଜଙ୍ଗଲକୁ । ଅସହାୟ ଭାବରେ ହାଣ ମୁହଁରେ ନିଜକୁ ସମର୍ପି ଦେଉଛି ଦଶପଲ୍ଲା ଜଙ୍ଗଲ । କେଉଁ କାଳରୁ ଦଶପଲ୍ଲା ଜଙ୍ଗଲକୁ ନିଜର ଘର କରି ନେଇଥିବା ପଲ ପଲ ହାତୀ ତଡ଼ି ହୋଇ ଯାଉଛନ୍ତି ଦୂରକୁ ଦୂରକୁ । ସେମାନଙ୍କୁ ଘଉଡ଼େଇବା ପାଇଁ ଫୁଟାଯାଉଛି ବାରୁଦ, ବମ୍ । ଭୟ ପାଇ ସେମାନେ ପେଲି ହୋଇ ଯାଉଛନ୍ତି ଭିତରକୁ ଭିତରକୁ । ଲଗାତାର ଭାବେ ଚାଲିଛି ଏ ପ୍ରକ୍ରିୟା ।

ଖରା ଦିନ । ସେତେବେଳକୁ ରାତି ଦଶଟା ଖଣ୍ଡେ ହେବ । ଗାଁର ସବୁ ଲୋକ ଶୋଇ ନାହାନ୍ତି । ଆଖୁକିଆରୀ ଜଗି ଯାଇଥିବା ତିନିଜଣ ଆସି ଖବର ଦେଲେ ତିନିପଟ ହାତୀ ଆଖୁକିଆରୀରେ ପଶିଛନ୍ତି । କିଛି ଉପାୟ ନ କଲେ ସବୁ ଉଜାଡ଼ି ଦେବେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଆଖ ପାଖରେ ତ ହାତୀ ନାହାନ୍ତି । ଆସିଲେ କୁଆଡ଼ୁ ? ଏଠି ପୁଣି ବଣୁଆ ହାତୀ । କେତେବେଳେ କେମିତି ଉତ୍ତର ଭାରତ ଆଡୁ ମାହୁନ୍ତମାନେ ହାତୀ ଧରି ଆସନ୍ତି । ଘର ଘର ବୁଲି ମାଗନ୍ତି । ଲୋକେ ହାତୀକୁ ଠାକୁର ଜ୍ଞାନରେ ଶ୍ରଦ୍ଧାରେ ଖାଇବାକୁ ଦିଅନ୍ତି । ଏଇ ହଉଚି ଗାଁକୁ ହାତୀ ଆସିବା କଥା । ବଣୁଆ ହାତୀ ଗାଁରେ ପଶିବା କଥା ତ ଶୁଣା ନ ଥିଲା କେଉଁ କାଳେ । ଆଖୁକିଆରୀ ଦଶପଲ୍ଲା ଜଙ୍ଗଲ ତ ଏଠୁ ଚାଳିଶ ମାଇଲ ବାଟ ।

ହାତୀକୁ ଘଉଡ଼େଇବା ପାଇଁ ଆୟୋଜନ ହେଲା । ଘଣ୍ଟ, କାହାଳୀ, ମୃଦଙ୍ଗ, ନିଆଁହୁଳା ଧରି ଗାଁ ଯାକ ଲୋକ ଆଖୁକିଆରୀ ଆଡ଼କୁ ଧାଇଁଲେ । ଦୂରରୁ ଭୁସ୍‌ଭାସ୍, ମଟମାଟ୍ ଶବ୍ଦ ଶୁଭୁଥାଏ । ଲୋକମାନେ ଆଖୁବାଡ଼ି ପାଖରେ ନଈ ହିଡ଼ ଉପରେ ଛିଡ଼ା ହୋଇ ଢୁରି ଛାଡ଼ିଲେ । ମୃଦଙ୍ଗ, ଘଣ୍ଟ, କାହାଳୀ, ବାଜିଲା । ଏକାଥରକେ ଦଶଟି ନିଆଁ ହୁଳା ଦେଖାଗଲା । ହାତୀମାନେ ଭୟ ପାଇ ପଦାକୁ ବାହାରିଲେ । ଏତେ ଶବ୍ଦ, ନିଆଁହୁଳା ଦେଖି ଭୟରେ ଧାଇଁଲେ । ଲୋକେ ଗାଈକୁ ତଡ଼ିବା ପରି ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ସୀମା ପାରି କରିଦେଲେ । ହାତୀମାନେ ମୁହାଁଇଥିଲେ ପର୍ବତ ଆଡ଼କୁ । ଅଣ୍ଡିରା ହାତୀ ଓ ମାଈ ହାତୀ ଦୌଡ଼ି ଗଲାବେଳେ ପିଲା ହାତୀଟି ଧାଇଁପାରିଲା ନାହିଁ । ଗୋଟିଏ ଖାଲ ଭିତରେ ଗଳି ପଡ଼ିଲା । ମାଆ ହାତୀ ପଛକୁ ଫେରିଲା ବେଳକୁ ଲୋକେ ଖୁବ୍ ଜୋରରେ ଘଣ୍ଟ, କାହାଳୀ ବଜାଇଲେ । ନିଆଁହୁଳାକୁ ଖୁବ୍ ଜୋରରେ ଟେକି ତା ଆଡ଼କୁ ଦେଖାଇଲେ । ତାର ଆଉ ସାହସ ପାଇଲା ନାହିଁ । ପିଲା ହାତୀଟି ସେଇମିତି ସେ ଖାଲରେ ପଡ଼ି ରହିଲା ।

ପରଦିନ ସକାଳୁ ଖବର ଗଲା ଜଙ୍ଗଲ ବିଭାଗକୁ । ସେମାନେ ଆସି ପିଲା ହାତୀଟିର ଦେହରେ, ଗୋଡ଼ରେ ଲୁହା ଶିକୁଳି ବାନ୍ଧି ସେଇ ଖାଲ ମୁହଁକୁ ଟ୍ରାକ୍ଟର ଲଗାଇ ତାକୁ ଉଠାଇ ନେଲେ । ହଜାର ହଜାର ଲୋକ ଠିଆ ହୋଇ ଦେଖୁଥିଲେ ଏ ଦୃଶ୍ୟ ।

ସେଦିନ ରାତି ହୋଇ ସାରିଥାଏ । ଗାଁ ବି ବେଶ୍ ଗହଳ ଚହଳ ଥାଏ । ଗାଁକୁ ଥରେଇ ଆଖୁବାଡ଼ି ପଟୁ ହାତୀର ଗର୍ଜନ ଶୁଭିଲା । ଥରେ ନୁହେଁ ଅନେକ ଥର । ସତେ ଯେମିତି କିଏ ରଣହୁଙ୍କାର ଦେଉଛି । ଲୋକେ ପୁଣି ଘଣ୍ଟ, କାହାଳୀ, ମୃଦଙ୍ଗ, ନିଆଁହୁଳା ଧରି ଧାଇଁଲେ । ଆକାଶରେ ଅଳ୍ପ ମେଘ । ଝାପ୍‌ସା ଆଲୁଅରେ ଦେଖାଗଲା

# ଗୋଟିଏ ହାତୀର ଅପମୃତ୍ୟୁ ସମ୍ପର୍କରେ

ଡ଼ଃ. ଶାନ୍ତନୁ କୁମାର ରଥ

ହଠାତ୍ ଦିନେ ଦେଖାଗଲା ଗାଁଟି ଖୁବ୍ ଗହଳି ଲାଗୁଛି । ପନ୍ଦର କୋଡ଼ିଏ ଖଣ୍ଡ ଟ୍ରକ୍ ଆସି ଠିଆ ହୋଇଛି । ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିବା କିଛି ଲୋକ ବି ଆସିଛନ୍ତି । ଗୋଟିଏ ଘର ଆଗରେ ସାଇନ୍ ବୋର୍ଡ଼ଟିଏ ଲାଗିଛି ସିଂ କେମ୍ପୋ ଟ୍ରାନ୍ସପୋର୍ଟ । ଶୁଣାଗଲା ଦଣପଲ୍ଲା ଜଙ୍ଗଲରେ ବାଉଁଶ କଟାଯାଇ ଏଇ ଟ୍ରକ୍ ସବୁ ଦ୍ୱାରା ଏଠାକୁ ବୁହାହୋଇ ଆଣାଯିବ । ଆଗକୁ ବର୍ଷା ଆସିଲେ ଗାଡ଼ି ଜଙ୍ଗଲକୁ ଯାଇପାରିବ ନାହିଁ । ବର୍ଷାଦିନେ ସବୁ ବାଉଁଶ ଏଠୁ ବୁହାହୋଇ ଯିବ କାଗଜ କଳକୁ ।

ଦଣପଲ୍ଲାର ଘୋର ଜଙ୍ଗଲ ନିଘଞ୍ଚ ବାଉଁଶ ବୁଦାରେ ପରିପୂର୍ଣ୍ଣ । ଶହେ ମାଇଲ ବ୍ୟାପୀ ବାଉଁଶ ଜଙ୍ଗଲ । ପୁରୀ ଜିଲ୍ଲାର ଦକ୍ଷିଣ ସୀମାନ୍ତ ଏବଂ ଗଞ୍ଜାମ ଜିଲ୍ଲାର ଉତ୍ତର ସୀମାନ୍ତରେ ଦଣପଲ୍ଲା । ଜଙ୍ଗଲ ପରେ ପରେ ଗଞ୍ଜାମ ଆଡ଼କୁ ବିଶେଷ ଜନବସତି ନାହିଁ । ଖାଁ ଖାଁ କେତେକ ଆଦିବାସୀ ଗାଁ । ଗୋଟିଏ ପଟେ ଦଣପଲ୍ଲା ଅନ୍ୟ ପଟେ ଭଞ୍ଜନଗର ଦୁଇଟି ମୁଖ୍ୟ ସହର । ଉଭୟ ଦିଗରେ ଦୂରତା ବେଶୀ । ତେଣୁହିଁ ଏ ଜଙ୍ଗଲ ବଞ୍ଚିଯାଇଛି ଏଠି ।

ଏବେ କିନ୍ତୁ ସର୍ବଗ୍ରାସୀ ଲେଲିହାନ ଶିଖା ଜଳି ଆସୁଛି ତା ଆଡ଼କୁ । ଶହ ଶହ ବାଉଁଶ କଟାଳୀ ପଶୁଛନ୍ତି ଜଙ୍ଗଲ ଭିତରକୁ । ପର୍ବତ ପରି ଜମା ହେଇଯାଉଛି ବାଉଁଶ । ଗୋଟାଏ ପଟରୁ କଟାଳୀମାନେ ଚଢ଼ି ନେଉଛନ୍ତି ଜଙ୍ଗଲକୁ । ଅସହାୟ ଭାବରେ ହାଣ ମୁହଁରେ ନିଜକୁ ସମର୍ପି ଦେଉଛି ଦଣପଲ୍ଲା ଜଙ୍ଗଲ । କୋଉ କାଳରୁ ଦଣପଲ୍ଲା ଜଙ୍ଗଲକୁ ନିଜର ଘର କରି ନେଇଥିବା ପଲ ପଲ ହାତୀ ଚଢ଼ି ହେଇ ଯାଉଛନ୍ତି ଦୂରକୁ ଦୂରକୁ । ସେମାନଙ୍କୁ ଘଉଡ଼େଇବା ପାଇଁ ଫୁଟାଯାଉଛି ବାରୁଦ, ବମ୍ । ଭୟ ପାଇ ସେମାନେ ପେଲି ହେଇ ଯାଉଛନ୍ତି ଭିତରକୁ ଭିତରକୁ । ଲଗାତାର ଭାବେ ଚାଲିଛି ଏ ପ୍ରକ୍ରିୟା ।

ଖରା ଦିନ । ସେତେବେଳକୁ ରାତି ଦଶଟା ଖଣ୍ଡେ ହେବ । ଗାଁର ସବୁ ଲୋକ ଶୋଇ ନାହାନ୍ତି । ଆଖୁକିଆରୀ ଜଗି ଯାଇଥିବା ତ୍ରିନାଥ ଆସି ଖବର ଦେଲା ତିନିପଟ ହାତୀ ଆଖୁକିଆରୀରେ ପଶିଛନ୍ତି । କିଛି ଉପାୟ ନ କଲେ ସବୁ ଉଜାଡ଼ି ଦେବେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଆଖ ପାଖରେ ତ ହାତୀ ନାହାନ୍ତି । ଆସିଲେ କୁଆଡ଼ୁ ? ଏଠି ପୁଣି ବଣୁଆ ହାତୀ । କେତେବେଳେ କେମିତି ଉତ୍ତର ଭାରତ ଆଡ଼ୁ ମାହୁନ୍ତମାନେ ହାତୀ ଧରି ଆସନ୍ତି । ଘର ଘର ବୁଲି ମାଗନ୍ତି । ଲୋକେ ହାତୀକୁ ଠାକୁର ଜ୍ଞାନରେ ଶ୍ରଦ୍ଧାରେ ଖାଇବାକୁ ଦିଅନ୍ତି । ଏଇ ହଉଚି ଗାଁକୁ ହାତୀ ଆସିବା କଥା । ବଣୁଆ ହାତୀ ଗାଁରେ ପଶିବା କଥା ତ ଶୁଣା ନ ଥିଲା କୋଉ କାଳେ । ଆଖୁକିଆରୀ ଦଣପଲ୍ଲା ଜଙ୍ଗଲ ତ ଏଠୁ ଚାଳିଶ ମାଇଲ ବାଟ ।

ହାତୀଙ୍କୁ ଘଉଡ଼େଇବା ପାଇଁ ଆୟୋଜନ ହେଲା । ଘଣ୍ଟ, କାହାଳୀ, ମୃଦଙ୍ଗ, ନିଆଁହୁଳା ଧରି ଗାଁ ଯାକ ଲୋକ ଆଖୁକିଆରୀ ଆଡ଼କୁ ଧାଇଁଲେ । ଦୂରରୁ କ୍ରସ୍‌ଭାସ୍, ମଟମାଟ୍ ଶବ୍ଦ ଶୁଭୁଥାଏ । ଲୋକମାନେ ଆଖୁବାଡ଼ି ପାଖରେ ନଈ ହିଡ଼ ଉପରେ ଛିଡ଼ା ହୋଇ ହୁରି ଛାଡ଼ିଲେ । ମୃଦଙ୍ଗ, ଘଣ୍ଟ, କାହାଳୀ, ବାଜିଲା । ଏକାଥରକେ ଦଶଟି ନିଆଁ ହୁଳା ଦେଖାଗଲା । ହାତୀମାନେ ଭୟ ପାଇ ପଦାକୁ ବାହାରିଲେ । ଏତେ ଶବ୍ଦ, ନିଆଁହୁଳା ଦେଖି ଭୟରେ ଧାଇଁଲେ । ଲୋକେ ଗାଈଙ୍କୁ ତଡ଼ିଲା ପରି ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ସୀମା ପାରି କରିଦେଲେ । ହାତୀମାନେ ମୁହାଁଇଥିଲେ ପର୍ବତ ଆଡ଼କୁ । ଅଣ୍ଡିରା ହାତୀ ଓ ମାଈ ହାତୀ ଦୌଡ଼ି ଗଲାବେଳେ ପିଲା ହାତୀଟି ଧାଇଁପାରିଲା ନାହିଁ । ଗୋଟିଏ ଖାଇ ଭିତରେ ଗଳି ପଡ଼ିଲା । ମାଆ ହାତୀ ପଛକୁ ଫେରିଲା ବେଳକୁ ଲୋକେ ଖୁବ୍ ଜୋରରେ ଘଣ୍ଟ, କାହାଳୀ ବଜାଇଲେ । ନିଆଁହୁଳାକୁ ଖୁବ୍ ଜୋରରେ ଟେକି ତା ଆଡ଼କୁ ଦେଖାଇଲେ । ତାର ଆଉ ସାହସ ପାଇଲା ନାହିଁ । ପିଲା ହାତୀଟି ସେଇମିତି ସେ ଖାଇରେ ପଡ଼ି ରହିଲା ।

ପରଦିନ ସକାଳୁ ଖବର ଗଲା ଜଙ୍ଗଲ ବିଭାଗକୁ । ସେମାନେ ଆସି ପିଲା ହାତୀଟିର ଦେହରେ, ଗୋଡ଼ରେ ଲୁହା ଶିକୁଳି ବାନ୍ଧି ସେଇ ଖାଇ ମୁହଁକୁ ଟ୍ରାକ୍ଟର ଲଗାଇ ତାକୁ ଉଠାଇ ନେଲେ । ହଜାର ହଜାର ଲୋକ ଠିଆ ହୋଇ ଦେଖୁଥିଲେ ଏ ଦୃଶ୍ୟ ।

ସେଦିନ ରାତି ହେଇ ସାରିଥାଏ । ଗାଁ ବି ବେଶ୍ ଗହଳ ଚହଳ ଥାଏ । ଗାଁକୁ ଅଡେଇ ଆଖୁବାଡ଼ି ପଟୁ ହାତୀର ଗର୍ଜନ ଶୁଭିଲା । ଥରେ ନୁହେଁ ଅନେକ ଥର । ଲାଗେ ଯେମିତି କିଏ କାନ୍ଦୁଛି ଭଳି ହେଉଚି । ଲୋକେ ପୁଣି ଘଣ୍ଟ, କାହାଳୀ, ମୃଦଙ୍ଗ, ନିଆଁହୁଳା ଧରି ଧାଇଁଲେ । ଆକାଶରେ ଅନ୍ଧ ମେଘ । ଉପରକୁ ଅନ୍ଧାରରେ ଦେଖାଗଲା

ଦନ୍ତା ହାତୀଟି ନାହିଁ। ଏକୁଟିଆ ମାଈ ହାତୀଟି ଦଳିଦେଇ ଯାଉଛି ଆଖୁକିଆରୀକୁ। ନିଆଁହୁଳା ଦେଖି ରାଗି ଉଠିଲା ପୁଣି ହାତୀ। ତା ପର ରାଗିଛି ମଣିଷ। ପୁଣି ତାର ସନ୍ତାନଙ୍କୁ ତା ଠାରୁ ଛଡ଼ାଇ ନେଇଛି। ଆଜି ସେ ଆଉ କାହାକୁ ମାନିବ ନାହିଁ। ଧ୍ୱଂସି ଦେଇଯିବ ଯାହା ଆସିବ ତା ଆଗକୁ। ଡରିଗଲେ ଲୋକମାନେ। ହାତୀଟି ଆଜି ଜଣାପଡୁଛି ଭୟଙ୍କର। ଗଲା ରାତିରେ ସେମାନେ ଗାଈକୁ ତଡ଼ିଲା ପରି ତାକୁ ଘଉଡ଼େଇଦେଇଛନ୍ତି। କିନ୍ତୁ ଆଖି ଆଗରେ ଉଜାଡ଼ି ଦେଇଯାଉଛି ବର୍ଷକର ପରିଶ୍ରମ।

ଘଣ୍ଟ, କାହାଳୀସବୁ ଏକାଥରେ ଜୋରରେ ବଜେଇବାକୁ ଆରମ୍ଭ କରି ନିଆଁହୁଳା ଧରି ସାହସ ବାନ୍ଧି ଲୋକେ ଆସିଲେ ଆଖୁବାଡ଼ି ଆଡ଼କୁ। ଲୋକଙ୍କୁ ତା ଆଡ଼କୁ ଆସୁଥିବାର ଦେଖି ମାଡ଼ି ଆସିଲା ହାତୀ କ୍ଷିପ୍ର ଗତିରେ। ଘଣ୍ଟ, ମୃଦଙ୍ଗ, ଟିଙ୍କି ଯେ ଯୁଆଡ଼େ ଧାଇଁଲେ ପ୍ରାଣ ବିକଳରେ। କିଏ କୁଆଡ଼େ ଗଲେ ଜଣାପଡ଼ିଲା ନାହିଁ। ଯେଉଁମାନେ ନଈ ହୁଡ଼ା ଉପରକୁ ଉଠିଗଲେ ସେମାନେ ନିରାପଦ ହୋଇଗଲେ। ଗାଁର ଯୁବକ ସନାତନ ସିଏ ନିଆଁହୁଳା ଧରି ଆଗକୁ ମାଡ଼ି ଯାଇଥିଲା ସିଏ ନଈ ହିଡ଼ ଆଡ଼କୁ ଆସିପାରିଲା ନାହିଁ। ଗଲା ରାତିରେ ହାତୀମାନେ ଯୋଉ ପଟକୁ ଧାଇଁଥିଲେ ସେଇ ପଟକୁ ଧାଇଁଗଲା। ତାକୁ ଗୋଡ଼େଇ ନେଲା ହାତୀ। ଦୁର୍ଯୋଗକୁ ଯେଉଁ ଖାଲରେ ପଡ଼ିଥିଲା ହାତୀ ଛୁଆଟି ସେଇ ଖାଲରେ ଗଳିପଡ଼ିଲା ସନାତନ। ସେଇ ଖାଲ ଭିତରୁ ସନାତନକୁ ଶୁଣ୍ଢରେ ଟେକି ଆଣିଲା ହାତୀ ଆଉ ଗୋଟିଏ ମୁହୂର୍ତ୍ତରେ ପାଦରେ ଦଳି ଦେଇଗଲା। ଶୁଣ୍ଢରେ ଉଠେଇଲା ବେଳେ ସେ ବିକଳରେ ମାଁ ଲୋ 'ମରିଗଲି' ବୋଲି ଯେଉଁ ଚିତ୍କାର କରିଥିଲା ତାକୁ ଶୁଣିଥିଲେ କେତେକ। କିନ୍ତୁ ତାକୁ କାନେଇ ସେ ସ୍ୱର କାହାର ଚିହ୍ନିବାର ବେଳ ନ ଥିଲା। ସମସ୍ତେ ଏକ ଆସନ୍ନ ମୃତ୍ୟୁ ମୁହଁରୁ ମୁକୁଳି ଆସିଥିଲେ।

ସ୍ତବ୍ଧ ହେଇ ଯାଇଥିଲା ଗାଁ। ସବୁ ଘରେ କାନ୍ଦ ବୋବାଳି ପଡ଼ିଥିଲା। ସମସ୍ତେ ଗାଁକୁ ଆସିବା ପରେ ଯେତେବେଳେ ସନାତନର ଦେଖା ମିଳିଲା ନାହିଁ ସେତେବେଳେ ସମସ୍ତେ ଧରିନେଲେ ଯେ ସେଇ ଚିତ୍କାରଟି ଥିଲା ସନାତନର ସ୍ୱର। ଗଳା ଚୋବାଟାଏ ବାଜିଗଲା ହାତୀ ମୁହଁରେ। କେତେ ଦୂରରେ ଦଶପଲ୍ଲା ଜଙ୍ଗଲ। ସେଠି ହାତୀମାନେ ରହନ୍ତି। କି ଦୁର୍ଯୋଗ ଆମ ଗାଁର। ଆମ ଗାଁରୁ ହିଁ ଆରମ୍ଭ କଲା ତାର ଧ୍ୱଂସ ଲୀଳା। ଧନ ଗଲା, ଜୀବନ ଗଲା। ଏ ଅଚାନକ ବିପଦରେ ଥରି ଯାଇଥିଲେ ଗ୍ରାମବାସୀ।

ସକାଳୁ ଘଟଣା ସ୍ଥଳକୁ ସମସ୍ତେ ଗଲେ। ଯୁଦ୍ଧ ପରବର୍ତ୍ତୀ ଯୁଦ୍ଧଭୂମି ପରି ଦିଶୁଥିଲା ଅଞ୍ଚଳଟି। ସନାତନ ଆଉ ସନାତନ ହେଇ ନ ଥିଲା। ତା ଦେହର ମାଂସ ଖଣ୍ଡ ଏବଂ ଇତସ୍ତତଃ ପଡ଼ିଥିବା ଅବୟବକୁ ଏକତ୍ର କରି ଗାଁକୁ ଆଣି ଅନ୍ତିମ ସଂସ୍କାର କଲେ ଗ୍ରାମବାସୀ।

ମଶାଣିରୁ ଫେରି ସମସ୍ତେ ଏକାଠି ହେଲେ। କାହା ମୁହଁରେ ଆଉ ଭାଷା ନ ଥିଲା। ଆତଙ୍କିତ ହୋଇ ପଡ଼ିଥିଲେ ସମସ୍ତେ। କଣ କରାଯିବ। ଜୀବନ ଗଲା। ଧନ ବି ଯିବ। ଆଜି ବି ରାତିରେ ଆସିବ ହାତୀ। ପୁଣି ଆଖୁବାଡ଼ି ଧ୍ୱଂସ କରିବ। ଆଉ ଘଣ୍ଟ, କାହାଳୀ ନୁହେଁ। ସଜ କର ବନ୍ଧୁକ। ଏତିକିବେଳେ ପହଞ୍ଚିଗଲା ସନାତନର ବଡ଼ଭାଇ ଚିରଞ୍ଜନ। ଗ୍ରାଜୁଏଟ ପଢ଼ାପଢ଼ି କରିଛି। କୋଉ କୋଟେ ଭଲ ଚାକିରୀ କରୁଥିଲା। ପାଗଳ ହେଇଗଲା। ଗାଁକୁ ଫେରି ଆସିଛି। ଲୋକଙ୍କ ଭିତରକୁ ପଶି ଆସିଲା। କହିଲା – କଣ କରିବ ବନ୍ଧୁକ ? ହାତୀ ମାରିବ ? ଶହ ଶହ ହାତୀ ଆସି ତମ ଘରଦ୍ୱାର ଉଜାଡ଼ି ଦେବେ। ଏଇ ଦେଖ ସେମାନେ ଆସୁଛନ୍ତି। ଦେଖ ଦେଖ। ତାଙ୍କ ଘର ଭାଙ୍ଗୁଛ। ବାଉଁଶ ନେଇ କାଗଜ ତିଆରି କରିବ, ନାହିଁ। କଣ କରିବ କାଗଜ ? ଲେଖିବ ? ସବୁ ଆଗରୁ ଲେଖା ହେଇସାରିଛି। ତାକୁ ହିଁ ପଢ଼। କିଛିଦିନ ଲେଖାଲେଖି ବନ୍ଦ କର। ସବୁ ଲେଖା ହେଇଛି ଆଗରୁ। ହାତୀ ଛୁଆକୁ ଧରି ଚିଡ଼ିଆଖାନା ପଠେଇ ଦେଲ। ପୃଥିବୀରେ କଣ ଖାଲି ମଣିଷ ରହିବ। ଆଉ କେହି ରହିବେ ନାହିଁ ? ଆଜି ହାତୀ ଛୁଆକୁ ଧରି ଯେମିତି ଚିଡ଼ିଆଖାନାକୁ ପଠେଇଛ ସେମିତି ତମେ ବି ଦିନେ ଯିବ ଚିଡ଼ିଆଖାନାକୁ। ଅନ୍ୟ ପ୍ରାଣୀମାନେ ଦେଖିବେ, ନାଚିବେ, କହିବେ ଦେଖରେ ମଣିଷଟେ ଧରା ହୋଇ ଆସିଛି। ବାଃ ବାଃ ବଢ଼ିଆ ମଜା। ଭାଲୁ ନାଚ କରେ ବଜାଇ ବାଜା। ଏତକ କହି କହି ସେ ବୁଲେଇ ନାଚିଗଲା। ଦି ଚାରି ଜଣ ତାକୁ ଟାଣିନେଇ ଠେଲି ପେଲି ଘରକୁ ନେଇଗଲେ।

ସେଦିନ ସନ୍ଧ୍ୟାରେ ଆମ୍ବ ଗଛରେ ମଞ୍ଚା ବନ୍ଧା ହୋଇ ଦୁଇ ଦୁଇ ଜଣ ବନ୍ଧୁକ ଧରି ଜଗିଲେ। କିନ୍ତୁ ସେଦିନ ରାତିରେ ହାତୀ ଆସିଲା ନାହିଁ। ରାତି ପାହିଲା ବେଳକୁ ଖବର ଆସିଲା ବଣ ପାଖରେ ଗୋଠ ପକେଇ ରହୁଥିବା ଗାଈପଲ ଭିତରେ ପଶିଗଲା ରାତିରେ ହାତୀ। ଜଣେ ଗଉଡ଼କୁ ମାରି ଦେଇଛି। ତା ପରଦିନ ଜଙ୍ଗଲକୁ କାଠ ପାଇଁ ଯାଇଥିବା ଜଣେ କାଠୁରିଆ। ତା ପର ଦିନ ଖଳା ଜଗିଥିବା ଜଣେ ଚଉକି। ଏମିତି ପ୍ରତିଦିନ ସକାଳେ କିଛି ନା କିଛି ହାତୀ ଆକ୍ରମଣର ସମ୍ବାଦ। କୋଉଠି କୋଉଠି ଦେଶୀ ହାତୀ ଉପରେ ବି ଆକ୍ରମଣ ହେବାର ସମ୍ବାଦ।

ଦିନ ସାରା ହାତୀ ଥାଏ ଜଙ୍ଗଲ ଭିତରେ। ସନ୍ଧ୍ୟା ହେଲେ ବାହାରେ। ପାହାଡ଼ ଢାଲୁରେ ମେଞ୍ଚା ମେଞ୍ଚା ଧୂଳି ଶୁଣ୍ଢରେ ଧରି ନିଜ ଉପରକୁ ଫୋପାଡ଼େ। ଗଛ ଡାଳ ଭାଙ୍ଗି ଶୁଣ୍ଢରେ ଦେହ ସାରା ପିଟି ହୁଏ। ତା ପରେ ପାହାଡ଼ ତଳକୁ ଥିବା ନାଳକୁ ଖସି ଯାଉଥାଏ। ଶୁଣ୍ଢରେ

ପାଣି ଧରି ଫୁ କରି ଉପରକୁ ଫିଙ୍ଗେ। ବୁଡ଼ି ଯାଉଥିବା ସୂର୍ଯ୍ୟକିରଣ ତା ଉପରେ ପଡ଼ି ଖୁବ୍ ସୁନ୍ଦର ଦିଶେ। ଗାଈ ଆଣିବାକୁ ଗୋଠକୁ ଯାଇଥିବା ଗାଁ ପିଲାମାନେ ଗହୀର ମାଳ ହିଡ଼ ଉପରେ ଠିଆ ହୋଇ ଦୂରରୁ ଖୁବ୍ ଉପଭୋଗ କରନ୍ତି ଏ ଦୃଶ୍ୟ। ଅନ୍ଧାର ନହୁଁ ଆସିଲେ ହାତୀ ଆଉ ଦିଶେ ନାହିଁ। ଫେରି ଆସନ୍ତି ସେମାନେ। ତା ପରେ ହାତୀ ବାହାରି ପଡ଼େ ଲୁଆ ଖୋଜାରେ। ଲୁଆ ତ ମିଳେ ନାହିଁ। ପ୍ରତିଦିନ ରାତିରେ କିଛି ନା କିଛି ଗୋଟେ ତା ରାଗର ଶିକାର ହୋଇଯାଏ। ଯେଉଁଦିନ କାହାକୁ ପାଏ ନାହିଁ ଦଳି ଦେଇଯାଏ ବଗିଚା, କ୍ଷେତ।

ଲୋକଙ୍କର ଜଙ୍ଗଲ ଯିବା ବନ୍ଦ। ବିଲ ଜଗିବା ବନ୍ଦ। ଖଳା ଶୋଇବା ବନ୍ଦ। ଆଖୁକିଆରୀ ଜଗିବା ବନ୍ଦ। ସନ୍ଧ୍ୟା ହେଇଗଲେ ବାହାରକୁ ଯିବା ଆସିବା ବନ୍ଦ। ଭୟରେ ଅସ୍ଥିର ଅଞ୍ଚଳବାସୀ। ଖବରକାଗଜରୁ, ଲୋକଙ୍କ ଆବେଦନରୁ ଉପର ମହଲକୁ ଏ ଖବର ଗଲା। ହାତୀଟାକୁ ପାଗଳା ଘୋଷଣା କରାଯାଇ ଏବଂ ଅବିଳମ୍ବେ ତାକୁ ମାରିବାର ବନ୍ଦୋବସ୍ତ କରାଯାଇ।

ପଦକ୍ଷେପ ଆରମ୍ଭ ହେଲା। ଜଙ୍ଗଲ ବିଭାଗ କର୍ମଚାରୀମାନେ ଆସିଲେ। ଶିକାରୀ ଆସିଲେ। ହାତୀର ଗତିବିଧି ଲକ୍ଷ୍ୟ କରାଗଲା। ସ୍ଥିର ହେଲା ସନ୍ଧ୍ୟାରେ ହାତୀ ଯେତେବେଳେ ପାହାଡ଼ ଡାଲୁକୁ ଖସିବ ସେତେବେଳେ ତାକୁ ମରାଯାଇ ପାରିବ ସହଜରେ। ଉପଯୁକ୍ତ ଦୂରତାରେ ଶାଳଗଛ ଉପରେ ମଞ୍ଚା ବନ୍ଧା ହେଲା। ଜଙ୍ଗଲ ବିଭାଗ କର୍ମଚାରୀ ଓ ଶିକାରୀ ତା ଉପରେ ଜଗି ରହିଲେ। ସବୁଦିନ ପରି ହାତୀ ତା ସମୟରେ ପାହାଡ଼ ଡାଲୁକୁ ଆସିଲା। ମାଟିରୁ ଧୂଳି ଉଠାଇ ଶୁଣ୍ଢ ଉତ୍ତୋଳିତ ମୁଦ୍ରାରେ ପିଠି ଉପରକୁ ଧୂଳି ଫିଙ୍ଗୁଥିବା ବେଳେ ତା ପାଟି ଭିତରକୁ ଲକ୍ଷ୍ୟ କରି ଶିକାରୀ ବନ୍ଧୁକ ଟିପିଲେ। ଲାଗ ଲାଗ ତିନୋଟି ଗୁଳି। ସେଇ ମୁଦ୍ରାରେ ହାତୀଟି ଟଳି ପଡ଼ିଲା ଏବଂ କିଛି ସମୟ ଛଟପଟ ହେଇ ସ୍ଥିର ହେଇଗଲା।

ରାତି କଟି ଆସିଥିଲା। ଦନ୍ତାହାତୀ ହେଇଥିଲେ ଦାନ୍ତକୁ କାଟି ରହିବାକୁ ପଡ଼ିଥାନ୍ତା। ମାଈ ହାତୀ ତ। ତାକୁ ସେମିତି ଛାଡ଼ିଦେଇ ଅବସ୍ଥା କାଲି ପୁଣି ଆସିବା ଉଦ୍ଦେଶ୍ୟରେ ଚାଲିଗଲେ ଶିକାରୀ ଏବଂ ଜଙ୍ଗଲ ବିଭାଗ କର୍ମଚାରୀମାନେ।

ହାତୀ ମରିଥିବା ଖବରଟି ସକାଳୁ ସବୁ ଆଡ଼େ ଜାଣ୍ଡୁ ହେଇଗଲା। ଗାଁ ଗାଁରୁ ଲୋକ ଛୁଟି ଆସିଲେ ଦେଖିବାକୁ। ଜଙ୍ଗଲ ବିଭାଗ କର୍ମକର୍ତ୍ତା ଆସିଲେ। ତାଙ୍କ ସହ ଆସିଥିଲେ ସବୁ ସ୍ଥାନୀୟ ସମ୍ବାଦିକ, ଫଟୋଗ୍ରାଫର। ଫଟୋ ନିଆଯିବାର ପୂର୍ବରୁ କର୍ମକର୍ତ୍ତା ସାମ୍ବାଦିକମାନଙ୍କୁ ବୁଝାଉଥିଲେ – ଇଏ ପାଗଳ ହାତୀ। ଏ ଅଞ୍ଚଳରେ ବହୁ ଧନ ଜୀବନ ନଷ୍ଟ କରିଥିଲା। ଏହାକୁ ମାରିବା ଦିଗରେ ଆମ ବିଭାଗର କର୍ମଚାରୀମାନଙ୍କର ନିଷ୍ଠାପର ଉଦ୍ୟମ ଏବଂ ଶିକାରୀଙ୍କ ସହଯୋଗ ଦାୟୀ। ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ଏଇ ହାତୀଟିର ଗୋଟିଏ ଛୁଆକୁ ଏଇ ପାଖ ଗାଁ ଲୋକଙ୍କ ସହାୟତାରେ ଧରାଯାଇ ନନ୍ଦନକାନନରେ ରଖାଯାଇଛି।

ଫଟୋ ଉଠାଇବା ପାଇଁ ଶିକାରୀ, ଜଙ୍ଗଲ ବିଭାଗର କର୍ମଚାରୀମାନେ ହାତୀର ଦୁଇପଟେ ଠିଆ ହେଲେ। ଏକ ସଫଳତାର ମୁଦ୍ରାରେ ସେମାନେ କ୍ୟାମେରା ଆଡ଼କୁ ଚାହିଁଲେ। ଫଟୋ ଉଠାଗଲା। ଯାହାର ଲୋକଙ୍କୁ ହାତୀ ମାରିଥିଲା ଏବଂ ଯେଉଁମାନଙ୍କର ସମ୍ପତ୍ତି ନଷ୍ଟ କରିଥିଲା ସେମାନେ ହାତୀକୁ ନାଚ ଗୋଇଠା ମାରି ତା ଉପରେ କୁଦିପଡ଼ି ନାଚୁଥିଲେ ଆନନ୍ଦରେ।

କୁଆଡ଼େ ଥିଲା ପାଗଳା ଚିରଞ୍ଜନ। ସେ ଗହଳି ଭିତରୁ ବାହାରି ଆସି ପାଟିକରି କହିଲା –

"ନାଚ। ନାଚ। ବାହା ବାହା କେମିତି ମଜା
ଭାଲୁ ନାଚ କରେ ବଜାଇ ବାଜା।"

(ଡ. ଶାନ୍ତନୁ କୁମାର ରଥ ବନାନୀ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।)

# ବୃକ୍ଷରୋପଣ କାର୍ଯ୍ୟକ୍ରମ

ଅନ୍ତର୍ଯ୍ୟାମୀ ସାହୁ

ବିଗତ କୋଡ଼ିଏ ପଚିଶ ବର୍ଷ ତଳେ ଜଙ୍ଗଲ କ୍ଷୟର ଭୟାବହତା ଅନୁଭବ କରିବା ପରେ ଅନେକ ଗ୍ରାମ ଗୋଷ୍ଠି ଜଙ୍ଗଲ ସୁରକ୍ଷା ଦିଗରେ ଆପେ ଆପେ ପଦକ୍ଷେପ ନେବା ଦ୍ୱାରା ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ପରିଲକ୍ଷିତ ହୋଇଅଛି। ସରକାରଙ୍କର ସହାୟତାରେ V.S.S / ବନ ସୁରକ୍ଷା ସମିତି ଗୁଡ଼ିକର ମଧ୍ୟ ଜଙ୍ଗଲ ସଂରକ୍ଷଣରେ ସହଯୋଗ ପ୍ରଶଂସନୀୟ। ବ୍ୟକ୍ତି ବିଶେଷମାନଙ୍କ ଦ୍ୱାରା ସେମାନଙ୍କ ବାଡ଼ି ବଗିଚା ବା ଜମିରେ ବିଭିନ୍ନ ପ୍ରକାର ବୃକ୍ଷରୋପଣରେ ସଫଳତା ପରିଦୃଷ୍ଟ ହୁଏ। ବନବିଭାଗ ଦ୍ୱାରା ବିଗତ ବର୍ଷଗୁଡ଼ିକ ମଧ୍ୟରେ ରାଜ୍ୟରେ କୋଟି କୋଟି ସଂଖ୍ୟାରେ ବୃକ୍ଷରୋପଣ କରାଯାଇଛି। ସେ ସବୁରେ ସଫଳତା ଅନେକାଂଶରେ ଦେଖାଯାଏ। ଭଲୁଡ଼ା ଜଙ୍ଗଲରେ ପୁରୁଣା ପ୍ରାକୃତିକ ଗଛଲତାକୁ ସମୂଳେ କଟାଯାଇ ସେଠାରେ ମାତ୍ର ୮/୧୦ ପ୍ରକାର ବିଶେଷ କରି ଛାୟାପ୍ରଦ ଓ ଶୀଘ୍ର ବଢ଼ି ପାରୁଥିବା ଚାରା – ଚାକୁଣ୍ଡା, ପଟାସ, ଶିରିଷ, ଗମ୍ଭାରୀ, ଅର୍ଜ୍ଜୁନ, ଅଶନ, ନିମ୍ବ, କଦମ୍ବ, କାଜୁ ଆଦି ବହୁଳ ଭାବରେ ଓ ହରିଡ଼ା, ବାହାଡ଼ା, ଅଁଳା ଗଛ ଲଗାଯାଏ। ଏହା ଦ୍ୱାରା ଆମେ ହରାଉଛେ ଶହ ଶହ ପ୍ରଜାତିର ପ୍ରକୃତିଦତ୍ତ ଗଛଲତା ଆଉ ପାଉଛେ ଧାଡ଼ି ଧାଡ଼ି ହୋଇ ଲଗାଯାଇଥିବା ମାତ୍ର କେତେ ଶହ ଗଛ। (ବିଭିନ୍ନ ପ୍ରକାର ଔଷଧୀୟ ଗଛଲତା, ଗୁଳ୍ମ ଓ ମୂଳଜାତୀୟ ଖାଦ୍ୟ ଉପଯୋଗୀ ଗଛଲତା କେବେ ବି ମିଶ୍ରିତ ବୃକ୍ଷରୋପଣ ମଧ୍ୟରେ ଲଗାଯାଏ ନାହିଁ। କିମ୍ବା କେଉଁଠି ଔଷଧୀୟ ଗଛଲତାର ବଗିଚା କରାଯାଇଅଛି। ସେ ସବୁ ସମୁହକୁ ଶଙ୍ଖେ ସଦୃଶ। ଲଗାଯାଇଥିବା ଗଛ ସବୁ ଜଙ୍ଗଲର ଆର୍ଦ୍ରତା, ପାଣିପାଗ, ମୃତ୍ତିକାକୁ ସୁହାଇଲା ଭଳି ସବୁସ୍ଥଳରେ ଉପଯୋଗୀ ହୋଇ ନ ଥାଏ। ସେ ଗଛ ବଡ଼ ହେଲେ କେବଳ ମନୁଷ୍ୟର କାଠ, ବାଉଁଶ, ଜାଳ ବା ଘରକରଣାର ଆବଶ୍ୟକତା ପୂରଣ କରେ। ବଣର ପଶୁପକ୍ଷୀମାନଙ୍କୁ ଖାଦ୍ୟ ଆଶ୍ରୟ ଦେବାର ସମର୍ଥ ନୁହେଁ। ଏଠାରେ ପ୍ରଶ୍ନ ଆସେ ଜଙ୍ଗଲ କେବଳ କଣ ମଣିଷ ପାଇଁ ଉଦ୍ଦିଷ୍ଟ ? ତେବେ ବନ୍ୟ ପଶୁପକ୍ଷୀ କିପରି ବଞ୍ଚି ରହିବେ ?

ରାଜ୍ୟ ଆଉ ଦେଶ ସାରା ଏପରି ବୃକ୍ଷରୋପଣ ଦ୍ୱାରା ପ୍ରକୃତିଦତ୍ତ ଜଙ୍ଗଲର ଦ୍ରୁତ ହ୍ରାସ ପାଇ ସାରିଲାଣି ଯାହାକୁ ମଣିଷ ସମାଜ ପୂରଣ କରିବାକୁ ଅସମର୍ଥ। ସେହିପରି ରାସ୍ତା ପ୍ରଶସ୍ତୀକରଣରେ କଟା ଯାଇଥିବା ଆମ୍ବ, ଜାମୁ, ନିମ୍ବ, ବର, ଅଶ୍ୱତ୍ଥ ପରିବର୍ତ୍ତେ ପୁନଃରୋପଣ ବେଳେ ମଧ୍ୟ ପୂର୍ବୋକ୍ତ ୮/୧୦ ପ୍ରକାର ଗଛ ଲଗାଯାଏ। ରାଜ୍ୟର ହଜାର ହଜାର କି.ମି ରାସ୍ତାପାର୍ଶ୍ୱ ବନୀକରଣ ବେଳେ ମଧ୍ୟ ସେ ଏକା ସମସ୍ୟା ଦେଖାଯାଏ। ଆମର ପୂର୍ବସୂରୀମାନେ ଆମ ପାଇଁ ରାସ୍ତା ପାର୍ଶ୍ୱରେ ଲଗାଇ ଯାଇଥିଲେ ଫଳଛାୟା ପ୍ରଦାନକାରୀ ଗଛ ସବୁ, ଯାହାକୁ ଆମେ ଉପଭୋଗ କରୁଛେ। ବର୍ତ୍ତମାନ ଆମେ ସଭ୍ୟ, ଶିକ୍ଷିତ, ସମର୍ଥ ଆଉ ନିଜକୁ ଦୂରଦର୍ଶୀ ବୋଲି କହିଥାଉ, ଆମେ ଆତ୍ମସମୀକ୍ଷା କରିବା ଉଚିତ୍ ଯେ, ଆଗାମୀ ପିଢ଼ି ପାଇଁ ଆମେ କଣ ସବୁ ଉପହାର ଦେବାକୁ ଯାଉଅଛେ। ସହରାଞ୍ଚଳରେ ମଧ୍ୟ ରାସ୍ତା କଡ଼ରେ ସୁନ୍ଦର ତଥା ଛୋଟ ଛୋଟ ଗୁଳ୍ମ ଜାତୀୟ ଫୁଲଗଛ ଯଥା: କନିଅର, କାଗଜ ଫୁଲ ଗଛ ଲଗାଉଛେ। ଯାହା ଗ୍ରୀଷ୍ମତାପକୁ ଲାଘବ କରିବାକୁ ଅସମର୍ଥ। ମନୁଷ୍ୟ, ପଶୁପକ୍ଷୀଙ୍କୁ ଖାଦ୍ୟପଦାର୍ଥ ଦେବାର ପ୍ରଶ୍ନ ଉଠୁ ନାହିଁ। ପ୍ରଥମେ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ଆଉ ଆଶ୍ରୟର ବ୍ୟବସ୍ଥା କରି ପରେ ସେମାନଙ୍କ ସୁରକ୍ଷା ଚିନ୍ତା କରାଯିବା ଉଚିତ୍।

ବର୍ତ୍ତମାନ ବିଶ୍ୱତାପନ ଆଗାମୀ ଦିନରେ ଜୀବଜଗତ ପାଇଁ ଏକ ପ୍ରଳୟର ବିଭୀଷିକା ସୃଷ୍ଟି କରିବାକୁ ଯାଉଅଛି। ବିଶ୍ୱତାପନ ଅର୍ଥାତ୍ ସବୁଜ ଗୃହବାଷ୍ପର ପରିମାଣ କମାଇବା ପାଇଁ ବିଶ୍ୱସ୍ତରରେ ୧୯୯୭ ମସିହାରେ ଜାପାନର କ୍ୟୋଟୋ ରାଜିନାମାରେ ବିକଶିତ ଦେଶଗୁଡ଼ିକ ଦ୍ୱାରା ବିକାଶଶୀଳ ଦେଶସମୂହ ଚୁକ୍ତିବଦ୍ଧ ହୋଇ କାର୍ବନ ଟ୍ରେଡ଼ିଂ (କାର୍ବନ ବ୍ୟବସାୟ)କୁ ଗ୍ରହଣ କରି ବୃକ୍ଷରୋପଣ କରି ଅଙ୍ଗାରକାମ୍ଳ ବାଷ୍ପର ଭୟାବହତାକୁ କମାଇବା ପାଇଁ ଆଗେଇଥିବା ଦେଶଗୁଡ଼ିକ ମଧ୍ୟରେ ଆମ ଦେଶ ଭାରତ ଓ ତନ୍ମଧ୍ୟରେ ଓଡ଼ିଶା ସାମିଲ ହୋଇଅଛି। କାର୍ବନ ଟ୍ରେଡ଼ିଂର କାର୍ବନ କ୍ରେଡ଼ିଟ୍ ନିୟମାବଳୀ ମଧ୍ୟରେ ସାର୍ଟିଫାଏଡ଼ ଏମିସନ ରିଡ଼କସନ୍ (CER) ର ଏକକ ଭିତ୍ତିରେ ପ୍ରଚୁର ଅର୍ଥ ମିଳୁଅଛି।

ଏଥିପାଇଁ ଭାରତ ସରକାର ୨୦୨୦ ମସିହା ମଧ୍ୟରେ ଗ୍ରୀନ ଇଣ୍ଡିଆ ମିଶନ ଯୋଜନାରେ ଦେଶରେ ୨୦ ମିଲିଅନ ହେକ୍ଟର ଜମିରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେଥିମଧ୍ୟରେ ଆମ

କିଣା ମଧ୍ୟ ଅଛି । ଏହା ଦ୍ୱାରା ପ୍ରତିବର୍ଷ ନଷ୍ଟ ହୋଇଥିବା ପ୍ରାକୃତିକ ଜଙ୍ଗଲରେ ବୃକ୍ଷରୋପଣ କରାଯାଉଅଛି । ଏହା ଦ୍ୱାରା ବନ୍ୟ ପଶୁପକ୍ଷୀ ଅନାହାର ସହିତ ଦରିଦ୍ର ବନବାସୀମାନଙ୍କର ଜୀବନ ଜୀବିକାର ଉପାୟର ଦ୍ରୁତ କ୍ଷୟ ହୋଇ ଚାଲିଛି ।

ବୃକ୍ଷରୋପଣ ବେଳେ ବନ୍ୟ ଗଛଲତାର ଚାରା ଆଉ ମଞ୍ଜିରୋପଣକୁ ଅଗ୍ରାଧିକାର ଦିଆଯିବା ଉଚିତ୍ । ପ୍ରକୃତିମାତାଙ୍କ ସୃଷ୍ଟ ପ୍ରାକୃତିକତା (ପ୍ରାଣୀ ଉଦ୍ଭିଦର ସମତୁଲତା) ରକ୍ଷା ହିଁ ଜୈବ ବିବିଧତାର ସୁରକ୍ଷା । ଜଙ୍ଗଲ ହିଁ ଜୀବନ । ପ୍ରକୃତି ଯେଉଁଠି ଜୀବନ ସେଇଠି । ଏହା ହିଁ ସୃଷ୍ଟିର ନିୟମ । ଅର୍ଥକାରୀ ଗଛ ସହ ପଚାଶ ଶତାଂଶ ଛୋଟ ବଡ଼ ଆମ, ଜାମୁ, ନିମ, ବଡ଼ ଦେବଦାରୁ, କେନ୍ଦୁ, ଭାଲିଆ, କୋଚିଲା, କଇଁଥ, ତେନ୍ତୁଳି, ଆଙ୍କୁଳ, ବଡ଼ ଶିମିଳି, ଡ଼ିମିରି, ବର, ଅଶ୍ୱସ୍ଥ, ଖଜୁରୀ, ତାଳ, ବଢ଼ିଆଳ, ବରକୋଳି, କଣ୍ଟେଇ କୋଳି ଆଦିର ଚାରା ରୋପଣ ବା ବର୍ଷାଦିନେ ଏ ସବୁର ମଞ୍ଜିରୋପଣ ପ୍ରାକୃତିକତା ରକ୍ଷା ସହିତ ପଶୁପକ୍ଷୀଙ୍କ ପେଟକୁ ଦାନା ଯୋଗାଇବ । ଏହା ହିଁ ବାସ୍ତବତା । ଶିଳ୍ପାୟନ ଅଞ୍ଚଳରେ ଏହା ହିଁ କରାଯିବା ଉଚିତ୍ । ଏଥିପାଇଁ ରାଜ୍ୟର ଜଙ୍ଗଲ ସୁରକ୍ଷା ସମିତି, ଜଙ୍ଗଲ ସଂରକ୍ଷଣ ସମିତି (V.S.S) ଗୁଡ଼ିକୁ ସହାୟତା ଓ ଜ୍ଞାନକୌଶଳ ସହିତ ବନବିଭାଗ ମଧ୍ୟ ଏହାକୁ ଗ୍ରହଣ କରିବା ଆଶା କରାଯାଏ । ନତୁବା ଆମେ ବନୀକରଣ ନ କରି ବନ ହନନ ହିଁ ସାର ହେବ ।

(ଶ୍ରୀ ଅନ୍ତର୍ଯ୍ୟାମୀ ସାହୁ, ନୟାଗଡ଼ ଜିଲ୍ଲାର ବନାନୀ କାର୍ଯ୍ୟକ୍ରମର ଜଣେ ଅଗ୍ରଣୀ ଶ୍ରୋତା)

# ସୁସ୍ଥ ପରିବେଶ

ଗିରୀଶ ଚନ୍ଦ୍ର ତ୍ରିପାଠୀ
କ୍ୱାଟର ନଂ-୪୮୩, ଇବଥର୍ମାଲ, ପୋ : ଇବଥର୍ମାଲ ବନହର ପାଲି, ଜି-ଝାରସୁଗୁଡ଼ା-୭୬୮୨୩୪, ଓଡ଼ିଶା
(ବନାନୀ କାର୍ଯ୍ୟକ୍ରମର ଜଣେ ଅଗ୍ରଣୀ ଶ୍ରୋତା)

ପିଲାଟିଏ ଗଛଟିଏ
ହେଉ ଆମ ଲକ୍ଷ୍ୟ
ଗଛ ଥିଲେ ପରିବେଶ
ହୁଏ ସୁରକ୍ଷିତ ।

ଗଛ ଦିଏ ଫଳଫୁଲ
ଅମୂଲ ତା ମୂଲ
ଗଛଲାଗି ମୃତ୍ତିକାର
ହୁଏ ସଂରକ୍ଷଣ ।

ଖାଦ୍ୟ ପାଇଁ ଗଛ କରେ
ଅଙ୍ଗାରକାମ୍ଳ ବ୍ୟବହାର
ଯାହାର ଅଧିକ ହେତୁ
ପୃଥିବୀରେ ହୁଏ ଅଂଶୁଘାତ ।

ଗଛ ଦିଏ ଅମ୍ଳଜାନ
ଯାହାଲାଗି ଜୀବନ
ଅମ୍ଳଜାନ ବିନା ପ୍ରାଣୀ
ବଞ୍ଚିବା ଅସମ୍ଭବ ।

ଖାଦ୍ୟ ବସ୍ତ୍ର ବାସଗୃହ ପାଇଁ
ଗଛ ଆମ ସାହାରେ
ତା ଦାନର ପ୍ରତିଦାନ
କିଏ ଦେଇ ପାରେ ।

ଗଛ ପାଇଁ ଆକାଶରୁ
ବାରିଧାରା ଝରଇ
ଫଳଫୁଲେ ହସେ ଧରା
ଜନମନ ପୁଲକିତ କରଇ ।

ଗଛର ବୃଦ୍ଧିରେ ଜଙ୍ଗଲର ବୃଦ୍ଧି
ଜଙ୍ଗଲ ହିଁ ପ୍ରାଣୀ ଉଦ୍ଭିଦର ସୁରକ୍ଷା ସ୍ଥଳ
ଆଦିମ ଆଦିବାସୀର ଜଙ୍ଗଲ ହିଁ ଘର
ଜଙ୍ଗଲ ହିଁ ଜୀବନ ଜୀବିକା ତାର ।

ଗଛ ଲାଗି ବାୟୁ ପ୍ରଦୂଷଣ ମୁକ୍ତ ହୁଏ
ପରିବେଶ ହୁଏ ସନ୍ତୁଳିତ
ଗଛର ସୁରକ୍ଷାରେ ପୃଥିବୀର ସୁରକ୍ଷା
ସୁସ୍ଥ ହେବ ଆମ ପରିବେଶ ।

❖

# ଜଙ୍ଗଲ, ବନ୍ୟଜନ୍ତୁ ଏବଂ ପରିବେଶ ସୁରକ୍ଷା

“ପ୍ରକୃତି ବନ୍ଧୁ” ସ୍ୱରାଜ କୁମାର କହଁର

ମନୁଷ୍ୟ ସମାଜ ପୃଥିବୀ ବକ୍ଷରେ ତିଷ୍ଠି ରହିବା ନିମନ୍ତେ ଗଛଲତା, ମୃତ୍ତିକା, ଜଳବାୟୁ, ପଶୁପକ୍ଷୀ ଓ କୀଟପତଙ୍ଗ ଆଦି ପ୍ରାକୃତିକ ଉପାଦାନ ଗୁଡ଼ିକରେ ଭାରସାମ୍ୟ ରକ୍ଷା କରାଇ ଆମେ ଆଗେଇ ଯିବା ଉଚିତ, ଯେହେତୁ ବୃକ୍ଷରୋପଣ ଏକ ପବିତ୍ର ସାମାଜିକ ତଥା ପରୋପକାରୀ କାର୍ଯ୍ୟ ଅଟେ । ପ୍ରତ୍ୟେକ ଉଦ୍ଭିଦରେ ଔଷଧୀୟ ଗୁଣ ଭରି ରହିଅଛି । ସତେ ଯେପରି ମନୁଷ୍ୟ ଓ ପଶୁପକ୍ଷୀଙ୍କ ରୋଗ ଭଲ କରି ସେମାନଙ୍କୁ ସୁସ୍ଥ ସବଳ ରଖିବା ପାଇଁ ସେମାନେ ଜନ୍ମ ନେଇଅଛନ୍ତି । ବୃକ୍ଷଲତା ବର୍ଷା ହେବାରେ ସାହାଯ୍ୟ କରିଥାଆନ୍ତି ମାତ୍ର ବର୍ତ୍ତମାନ ଅରଣ୍ୟ ସମ୍ପଦ ହ୍ରାସ ପାଉଥିବା ଯୋଗୁଁ ବୃଷ୍ଟିପାତରେ ଅନେକ ଅନିୟମିତତା ଦେଖାଦେଇଅଛି । ଏହି ଅନିୟମିତ ବର୍ଷା ପୃଥିବୀର ବହୁ ଦେଶରେ ବହୁ ଦୁର୍ଗତିର କାରଣ ବୋଲି ବିବେଚିତ ହେଉଅଛି । ଉଦ୍ଭିଦଜଗତ ଅମ୍ଳଜାନ ଯୋଗାଇ ଦୂଷିତ ବାୟୁମଣ୍ଡଳକୁ ବିଶୁଦ୍ଧ କରିଥାଆନ୍ତି । ଆମେ ଯେଉଁ ଗଛ ଡାଳରେ ବସିଛୁ, ସେହି ଗଛର ମୂଳକୁ କାଟି ଦେଉଅଛୁ, ଏହି ଦୁଷ୍କର୍ମର ଅବସାନ ନ ଘଟିଲେ ଆମ ଦୁର୍ଦ୍ଦଶାର ସୀମା ରହିବ ନାହିଁ । ଛୁଆଟିକୁ ଆମେ ଯେପରି ଲାଳନ ପାଳନ କରିଥାଉ, ସେହିପରି ଗଛଟିକୁ ମଧ୍ୟ ଯତ୍ନ ନେବା ସହିତ ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ । ବୃକ୍ଷ ଯୋଗୁଁ ବର୍ଷା ହୋଇଥାଏ, ବୃକ୍ଷମାନଙ୍କ ଯୋଗୁଁ ଆମର ପରିବେଶ ନିର୍ମଳ ସୁମଧୁର ହୋଇଥାଏ । ଗୋଟିଏ ସନ୍ତାନର ଉନ୍ନତିରେ ଦେଶର ଉନ୍ନତି । ସେହିପରି ବୃକ୍ଷର ଉନ୍ନତିରେ ପରିବେଶର ଉନ୍ନତି ହୋଇଥାଏ । ପୂର୍ବେ ଯେଉଁ ଅଞ୍ଚଳ ସୁନ୍ଦର ଓ ଶ୍ୟାମଳ ଶୋଭା ସମ୍ପଦରେ ପରିପୂର୍ଣ୍ଣ ଥିଲା, ଅରଣ୍ୟ ନଷ୍ଟ ହେବା ଫଳରେ ଆଜି ତାହା ନୀରସ, କଂକରିଳ ଓ ଊଷର ମରୁଭୂମିରେ ପରିଣତ ହେଉଅଛି । ଘନ ଜଙ୍ଗଲ ଅଭାବରୁ ଅନେକ ପଶୁପକ୍ଷୀ ଓ ବନ୍ୟଜନ୍ତୁ ଲୋପ ପାଇ ଯାଉଥିବା ସହ ଜଙ୍ଗଲ ମଧ୍ୟରୁ ବାହାରକୁ ବାହାରି ଆସୁଅଛନ୍ତି ଏବଂ ଅବାଧରେ ସେମାନଙ୍କୁ ବଧ କରାଯାଉଅଛି । ବର୍ତ୍ତମାନ ବଞ୍ଚିରହିଥିବା ଦୁର୍ଲ୍ଲଭ ଜୀବଜନ୍ତୁ ଗୁଡ଼ିକର ସ୍ୱର ହୁଏତ ଆଉ କେତେ ଦିନ ପରେ ଶୁଣାଯିବ ନାହିଁ । ଏହି ହେତୁ, ପ୍ରତ୍ୟେକ ବ୍ୟକ୍ତି ସଚେତନ ହୋଇ, ପ୍ରଚୁର ଭାବରେ ବୃକ୍ଷରୋପଣ କାର୍ଯ୍ୟ କରିବା ସହିତ ଆମେ ସମସ୍ତେ ଜଙ୍ଗଲ ବିଭାଗ ସହିତ ସାମିଲ ହୋଇ ଜଙ୍ଗଲ, ବନ୍ୟଜନ୍ତୁ ଏବଂ ପରିବେଶ ସୁରକ୍ଷା ନିମନ୍ତେ ସଂକଳ୍ପ ବଦ୍ଧ ଭାବେ କାର୍ଯ୍ୟ କରିବା ।

“ଗଛ ବଞ୍ଚିଲେ ଆମେ ବଞ୍ଚିବା, ଜଙ୍ଗଲ ସୁରକ୍ଷା ଆମର କର୍ତ୍ତବ୍ୟ ।”

(ବନାନୀ କାର୍ଯ୍ୟକ୍ରମକୁ ଲୋକମାନଙ୍କ ମଧ୍ୟରେ ଆଦୃତ କରି ପରିବେଶ ସଚେତନତା ସୃଷ୍ଟି କରିଛନ୍ତି)

# ଧରିତ୍ରୀ ଦିବସ

ବନଜ ବିହାରୀ ମହାପାତ୍ର

ଦୂଷିତ ପରିବେଶର ଅବକ୍ଷୟ ପୃଥିବୀ ଉପରେ ଅନେକ ପ୍ରକାର ଚାପ ପକାଉଅଛି। ଯାହା ଆଜି ଋତୁଚକ୍ରର ଅନିୟମିତତାର ପ୍ରମୁଖ କାରଣ। ସୂର୍ଯ୍ୟଙ୍କର ବର୍ଦ୍ଧିଷ୍ଣୁ ଉତ୍ତାପ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସର ମାତ୍ରାଧିକତା ଆଜି ଜୀବନ ପାଇଁ ବିପଦର କାରଣ ହେଲାଣି। ଜଳ, ଖାଦ୍ୟ ଓ ବାସସ୍ଥାନର ଅଭାବରୁ ଧିରେ ଧିରେ ଅନେକ ପ୍ରଜାତିର ଜୀବଜନ୍ତୁ ଆଜି ପ୍ରାୟ ବିଲୁପ୍ତ। ଯାହା ଆଜି ପରିବେଶବିତ୍, ବୁଦ୍ଧିଜୀବୀ ଓ ବିଜ୍ଞ ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରୁଛି। ଯେଉଁଥି ପାଇଁ ଆଜି Earth Day ବା ଧରିତ୍ରୀ ଦିବସ ପାଳନ କରିବା ପାଇଁ ବାଧ୍ୟ କରିଛି। ଜନ ସଚେତନତାର ଏକ ମାଧ୍ୟମ ଆଜି ଧରିତ୍ରୀ ଦିବସ ପରିବେଶ ସୁରକ୍ଷା ପାଇଁ। ଯାହା ଏଇ କ୍ଷୁଦ୍ର ନାଟକ ମାଧ୍ୟମରେ ଚେଷ୍ଟା କରାଯାଇଛି।

୧ମ ଦୃଶ୍ୟ

ଗାଁ ମୁଣ୍ଡ କୂଅମୂଳ। ଲମ୍ବା ହୋଇ ରହିଥାଏ ଗରା, ବାଲ୍ଟି, ହାଣ୍ଡି, ଡେକଚି। ଲୋକମାନେ ପାଟିତୁଣ୍ଡ କରୁଥାନ୍ତି। ମତେ ଆଗେ ମତେ ଆଗେ, ତୁ ଅଛୁ କେ। ଆମେ ସମସ୍ତେ ଧାଡ଼ିରେ ଅଛୁ। ଏମିତି କେତେ କଣ ?)

ସାରିଆ : ଦେଖୁଛ ତ ଅବସ୍ଥା କଣ ହେଲାଣି। କୂଅରେ ପାଣି ନାହିଁ। ତମେମାନେ ଏମିତି ମନଇଚ୍ଛା ପାଣି ନେଲେ ଗାଁଟା ଯାକର ଲୋକ ଚଳିବେ କେମିତି ? ସମସ୍ତେ ଗୋଟାଏ ଗୋଟାଏ ଗରାରେ ପାଣି ନିଅ। ଖାଲି ପିଇବା ପାଇଁ। ଆଉ ସବୁ କାମ ସେ ପୋଖରୀ ପାଣିରେ କର।

ଭଗିଆ : କହିବା କଥା କହିଦେଲୁ। ତୁ କଣ ଏ ଗାଁରେ ନୂଆ ନା କଣ ? ସେ ପୋଖରୀରେ କେତେ ପାଣି ଅଛି ତୁ କଣ ଜାଣିନୁ ? ଏଇ ଛୋଟିଆ ପୋଖରୀ। ତାରି ଉପରେ ତ ଭରସା। ଏପଟେ ମାଇପେ, ସେପଟେ ମିଣିପେ। ଆଉ ପାଖରେ ଗାଁଟା ଯାକ ପଶୁପକ୍ଷୀଙ୍କର ପିଇବା, ଗାଧୋଇବା ହେଉଛି।

ମାଧିଆ : ଖାଲି କଣ ସେତିକି। ଏ ବାବୁଙ୍କ ଝିଅଙ୍କ କଥା କଣ ତମେ ଜାଣିନ ? ଉଡୁଉଡିଆ ଖରାଟାରେ ପାଣିରେ ବୁଡ଼ି ପରା ପାଣିକୁ ଦି ଭାଗ କରି ଦେଉଛନ୍ତି। ତଳ ପଙ୍କ ଉପରକୁ ଉଠେଇ ଦଉଛନ୍ତି। ସେଠି କଣ ଆଉ ଗାଧୋଇ ହଉଛି ?

ସାରିଆ : କଣ କରିବା କୁହ ? ଏଠି କୂଅରେ ବି ସେଇ ଅବସ୍ଥା। ଦେଖୁନ ପାଣି ସାଙ୍ଗରେ କେତେ ବାଲି-ମାଟି ଆସୁଛି। ଛାଣିକି ନ ରଖିଲେ ଏ ପାଣି ବି ପିଇ ହେଉନି।

ଭଗିଆ : ହଁ ସେ କଥା ସତ ଯେ ହେଲେ କଣ କରିବା କହୁନୁ ? ଆମକୁ ତ ପୁଣି ଚଳିବାକୁ ପଡ଼ିବ।

ମାଧିଆ : ଆଲୋ ସାରିଆ, ଏମିତି ଅଧା ଅଧା ପାଣି କଣ ଆଣୁଛୁ ? ବାଲଟିଟା ପୂରା କରି ପାଣି କାଢ଼ୁନୁ।

ସାରିଆ : ସାତ ଖଣ୍ଡ ରାମାୟଣ ସରିଲାଣି କହୁଛି ସୀତା .......

ମାଧିଆ : କାହିଁ ମୁଁ ଏମିତି କଣ ଖରାପ କଥା କହିଲି କି ? ଏତେ ଲମ୍ବା ଧାଡ଼ି, ଏମିତି ଅଧା ଅଧା ବାଲଟି ପାଣି କାଢ଼ିଲେ କେତେବେଳେ ଆମେ ପାଣି ନେଇ ଘରକୁ ଯିବା ? ସେଇଥି ପାଇଁ କହୁଛି।

ଭଗିଆ : ଆରେ ତୁ କଣ ବୁଝୁନୁ। କୂଅରେ ସିନା ବାଲ୍ଟି ବୁଡ଼ିଲେ ସେ ପୂରା ବାଲ୍ଟି ପାଣି କାଢ଼ିବ।

ମାଧିଆ : ତା ମାନେ କୂଅରୁ ବି ପାଣି ସରିଲାଣି। ଯା ...ଆରେ ଭାଇ ଓ ଭଉଣୀମାନେ ଧାଡ଼ିରେ ବାଲ୍ଟି, ଡେକଚି, ଗରା ରଖି ଦେଇ ଯାଅ। କୂଅରୁ ପାଣି ସରିଗଲାଣି। ପୁଣି ପାଣି ଝରିଲେ କିଛି ସମୟ ଛାଡ଼ିକି ଆସିବ।

(ପୁଣି ସମସ୍ତିଙ୍କର ପାଟିତୁଣ୍ଡ। କି ଯୁଗ ହେଲା। କୂଅରେ ପାଣି ନାହିଁ। ନଦୀଆରେ ପାଣି ନାହିଁ। ମଣିଷ ବଞ୍ଚିବ କେମିତି।

ସହରୀବାବୁ : (ପ୍ରବେଶ) କଣ ହେଲା ? ଏମିତି ପାଟିତୁଣ୍ଡ କଣ ପାଇଁ ଚାଲିଛି ? କିଛି ଅସୁବିଧା ହେଲା କି ?

ସାରିଆ : ନାହିଁ ସହରୀରବାବୁ ଅସୁବିଧା କଣ କି ? କୂଅରେ ପାଣି ନାହିଁ। ଏ ମୁଣ୍ଡଫଟା ଖରାକୁ ପାଣିର ଅଭାବ, ବୋଝ ଉପରେ ନଳିତା ବିଡ଼ା ପରି ଲାଗୁଛି।

ଭଗିଆ : ପାଣି ମୁନ୍ଦେ ପିଇବାକୁ ବ୍ୟାକୁଳ ବିକଳ ହେବାକୁ ପଡ଼ିଲାଣି।

ମାଧିଆ : ଆପଣଙ୍କର କଣ ଅଛି ? ଆପଣ ତ ବୋତଲ ପାଣି ସହରରୁ ମଗେଇ ପିଉଛନ୍ତି। ଜରି ପୁଡ଼ିଆରେ କେତେ କଣ ଖାଦ୍ୟ ଆଣି ଖାଉଛନ୍ତି। ଆମେ ମଲିମୁଣ୍ଡିଆ ଯା, ପାଣି, ଖାଇବା ସବୁରି ପାଇଁ ମରୁଛୁ।

ସହରୀବାବୁ : ନାହିଁ ମାଧିଆ ତମେ ଯାହା କହୁଛ ଠିକ୍ ନୁହେଁ। ମଣିଷ ଗାଁରେ ରହୁ ବା ସହରରେ ପାଣି ସମସ୍ତିଙ୍କ

ପାଇଁ ଦରକାର। ମୁକ୍ତବାୟୁ, ସୁନ୍ଦର ସବୁଜ ପରିବେଶ ବା ସ୍ୱାସ୍ଥ୍ୟକର ପରିବେଶ ସମସ୍ତଙ୍କର ଦରକାର। ତା ନ ହେଉଥିଲେ ରୋଗ ବଳରାଗ ସହରୀ ବାବୁଙ୍କୁ ଛୁଅନ୍ତା ନାହିଁ। ଭାଗବତରେ ପରା ଅଛି – ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ।

ସାରିଆ : ନୁହେଁ ଆଉ କଣ? ଏ ରୋଗ ବଳରାଗର କଣ ସହରୀ ଲୋକ ଆଉ ଗାଁ ଲୋକ ବାଛବିଚାର ଅଛି।

ଭଗିଆ : ହଁ ..ହଁ .. ତୁ ଠିକ୍ କହିଛୁ।

ସହରୀବାବୁ : ଆଜି ପୃଥିବୀର ଅବସ୍ଥା ଯାହା ହେଲାଣି ସେଥିପାଇଁ ଆମେ ମଣିଷ ମାନେ ହିଁ ଦାୟୀ। ଆମେ ଆଜି ପାଠ ଶାଠ ପଢ଼ି ଯେତିକି ଉନ୍ନତି କରିଛୁ ସଭ୍ୟତା, ସଂସ୍କୃତି, ଚିରାଚରିତ ରୀତିନୀତିକୁ ଭୁଲି ପାଶ୍ଚାତ୍ୟତାକୁ ଆପଣେଇ ମିଛ କୁହୁଡ଼ିରେ ପଶିଗଲେ।

ମାଧିଆ : ଆପଣ କଣ କହିଲେ କିଛି ବୁଝି ହେଉନି ଆଜ୍ଞା।

ସହରୀବାବୁ : ଦେଖ ଆଗରୁ ଥିଲା ଆମର ପଖାଳ ଭାତ, ବାଡ଼ି ବାଇଗଣ ପୋଡ଼ା, ଶାଗ ଭଜା, ତାହା ପୁଣି ତାଜା ଆଉ ଟଟକା।

ସାରିଆ : ଆଜ୍ଞା କାହିଁ କହୁଛନ୍ତି ସେ କଥା। ମୁଁ ଯଦି ଆମ ବାଡ଼ି ଶାଗ ଭାଜି ଦେବିନା ଆପଣ ପରା ତା ବାସନାରେ ବେଲାଏ ପଖାଳ ନେଇ ଦେବେ ଯେ ଜାଣିପାରିବେ ନାହିଁ।

ସହରୀବାବୁ : ତମେ ଠିକ୍ କହିଛ। ତା ଭିତରେ ଗାଁର ନିଆରା ବାସନା ଥାଏ। ହେଲେ ଆମେ ତଥାକଥିତ ସହରୀବାବୁ ମାନେ ଯେ ଦିନେ ଏଇ ଗାଁରେ ବଢ଼ି ମଣିଷ ହେଇଛୁ ସେ କଥା ଭୁଲିଗଲୁଣି। ଆମ ପଖାଳ ଭାତ, ଶାଗ ଭଜା, ବଡ଼ି ଚୁରା, ଚୂନା ମାଛ ଚଡ଼ଚଡ଼ି ସେ କଥା ଭୁଲି ଚାଉମିନ୍, ରୋଲ, ପକୋଡ଼ା ଏମିତି କେତେ କଣ ପାଟି ସୁଆଦିଆ ଚଟପଟିଆ ଖାଦ୍ୟ ଖାଉଛୁ।

ଭଗିଆ : ହଁ ରେ ସେ ଖାଦ୍ୟ ଖାଇଲେ କୁଆଡ଼େ ଅମ୍ଳରୋଗ, କାମଳ ରୋଗ, ଏମିତିକି ଚର୍ବି ବଢ଼ି ମୋଟାପା ରୋଗ ବି ହେଉଛି।

ସହରୀବାବୁ : ତମେ ଠିକ୍ କଥା କହିଛ, ଯେମିତି ନୂଆ ଢାଞ୍ଚାରେ ଗଢ଼ିବାକୁ ଯାଇ ଆମେ ନୂଆ ନୂଆ ରୋଗ କିଣୁଛେ ସେମିତି ଆମ ପୃଥିବୀକୁ ନୂଆ ଢାଞ୍ଚାରେ ଗଢ଼ିବାକୁ ଯାଇ ଆମେ ପୃଥିବୀର ଦେହ ଖରାପ କରୁଛେ।

ମାଧିଆ : ହେଇ ଦେଖନ୍ତୁ ସହରୀ ବାବୁ ଆପଣ ମଝିରେ ମଝିରେ ଏମିତି କଣ କହି ଦେଉଛନ୍ତି / ଯାହା ଆମ ବୁଝିବା ଠାରୁ ଉପରେ ଚାଲିଯାଉଛି।

ସାରିଆ : ମାଧିଆ ଠିକ୍ କହୁଛି। ମୁଁ ବି ବୁଝିପାରିଲି ନାହିଁ। ପୃଥିବୀର ଦେହ ଖରାପ ହେଉଛି। ସେଇଟା ପୁଣି କେମିତି?

ସହରୀବାବୁ : ବୁଝିପାରିଲ ନାହିଁଟି, ଯଦି ପୃଥିବୀର ଦେହ ଖରାପ ନୁହେଁ ତା ହେଲେ ପୃଥିବୀ ଗର୍ଭରୁ ପାଣି ଗଲା କୁଆଡ଼େ? କୂଅରେ କାହିଁକି ପାଣି ନାହିଁ?

ଭଗିଆ : ଠିକ୍ କଥା ତ।

ମାଧିଆ : ଆରେ ସତେତ

ସାରିଆ : ହଁ ହଁ ଠିକ୍ ଠିକ୍

ସାରିଆ : ଆଜ୍ଞା ସହରୀ ବାବୁ ପୃଥିବୀ ଗର୍ଭରୁ ପାଣି ତା ହେଲେ ଗଲା କୁଆଡ଼େ?

ସହରୀବାବୁ : ପାଣି ତ ଗୋଟାଏ କାରଣ ମାତ୍ର ଏମିତି ଅନେକ କିଛି ବ୍ୟତିକ୍ରମ ହେଲାଣି। ବର୍ଷା ଦିନେ ବର୍ଷା ନାହିଁ। ଶୀତ ଦିନେ ଶୀତ ନାହିଁ। ଖରାର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ପବନ ବିଷମୟ ହେଇଯାଉଛି। ପୃଥିବୀ ପୃଷ୍ଠର ଉର୍ବରତା କମି କମି ଯାଉଛି।

ଭଗିଆ : ଆପଣ ଠିକ୍ କଥା କହୁଛନ୍ତି। ଆଗରୁ ଯେମିତି ଫସଲ ହେଉଥିଲା ଏବେ ଆଉ ସେମିତି ହେଉନି। ଫସଲ ହାନୀ ହେଉଛି।

ମାଧିଆ : କାହିଁକି? ତୁ ସାର ପକଉନି କି?

ସହରୀବାବୁ : କଥାଟା ତ ସେଇଠି। ଆଗରୁ ଲୋକ ଗୋବର ଖତ ବ୍ୟବହାର କରୁଥିଲେ ହେଲେ ଆଜି ଆମେ ରାସାୟନିକ ସାର ପ୍ରୟୋଗ କରୁଛେ। ଯାହା ସାମୟିକ କିଛି ଦିନ ଆମକୁ ଭଲ ଫସଲ ଦେଲା। ହେଲେ ଏବେ ମାଟିର ଉର୍ବରତା ବଢ଼ାଉଥିବା ଜିଆ, ବିଭିନ୍ନ ପ୍ରକାର କୀଟଙ୍କୁ ସେ ମାରିଦେଲା। ଏଣୁ ମାଟିର ଉର୍ବରତା ଆଉ ଆସିବ କେଉଁଠୁ?

ସାରିଆ : ତା ହେଲେ ଏବେ କଣ ହେବ ?

ସହରୀବାବୁ : ସେଇଥି ପାଇଁ ଏବେ ଉନ୍ନତ ପ୍ରଣାଳୀରେ ଜିଆଖତ, ଜୈବିକ ଖତ ପ୍ରସ୍ତୁତ ହେଲାଣି।

ଭଗିଆ : ଆଗେ ସିନା ନଈବଢ଼ି ଆସୁଥିଲା ସେ ଜମିରେ ପଟୁ ପକେଇ ଉର୍ବର କରୁଥିଲା। ଏବେ ତ ଆଉ ନଈବଢ଼ି ଆସୁନି।

ସହରୀବାବୁ : କେମିତି ଆସିବ କୁହ। ନଈରେ ତ ଆଉ ପାଣି ନାହିଁ। ବର୍ଷାମାସିଆରେ ତ ଜମି ଫାଟି ଆଁ କରୁଛି। ବଢ଼ି ହେବ କେମିତି?

ମାଧିଆ : ଆଚ୍ଛା ବାବୁ ଏ ମଣିଷ କଣ ଚନ୍ଦ୍ରଦେବତାଙ୍କୁ କହିଲା ବର୍ଷା ନ କରିବା ପାଇଁ। ଆପଣ ଖାଲି ମିଛଟାରେ ମଣିଷକୁ ସବୁ ପାଇଁ ଦୋଷ ଦେଉଛନ୍ତି।

ସହରୀବାବୁ: ନା ଏଥିପାଇଁ ମଧ୍ୟ ମଣିଷ ଦାୟୀ। ଆଚ୍ଛା ତମେ କହିଲ ଆଗରୁ ଯେମିତି ଘଞ୍ଚ ଜଙ୍ଗଲ ଥିଲା ଏବେ କଣ ସେମିତି ଅଛି ?

ସାରିଆ : ଆଜ୍ଞା ଆମର ଏଇ ଗାଁ ପାଖ ଯେଉଁ ଜଙ୍ଗଲ ଆପଣ ଦେଖୁଛନ୍ତି ମୋ ପିଲାବେଳେ ଗୋସେଇଁ ବାପ ଖରାବେଳେ ସେଇ ରାସ୍ତା ଦେଇ ଯିବାକୁ ଡରୁଥିଲା। ହେଲେ ଏବେ ରାତି ଅଧରେ ଗଲେ ବି ଆଉ ଡର ନା ଭୟ।

ସହରୀବାବୁ: ବାସ କଥା ରହିଲା ସେଇଠି। ସେତେବେଳେ ଯେଉଁ ଘଞ୍ଚ ଜଙ୍ଗଲ ଥିଲା ଆଜି ପଦା। ଗଛର ଚେର ମାଟି ତଳର ପାଣିକୁ ଧରି ରଖେ। ଚେର ବାଟେ ପାଣି ଯାଇ ପତ୍ରରେ ଗଛ ପାଇଁ ଖାଦ୍ୟ ପ୍ରସ୍ତୁତ ହୁଏ। ଆଉ ଅଧିକ ପାଣି ବାଷ୍ପ ହେଇ ଆକାଶରେ ମେଘ ହୁଏ। ସେଥି ପାଇଁ ବର୍ଷା ଦିନେ ବର୍ଷା, ଖରା ଦିନେ ଖରା, ଶୀତ ଦିନେ ଶୀତ ହେଉଥିଲା।

ସାରିଆ : ହଁ ହଁ ପିଲା ଦିନେ ଯେଉଁ ହାଡ଼ ଭଙ୍ଗା ଶୀତ ଥିଲା ସିଏ କଣ ଆଉ ଅଛି।

ମାଧିଆ : ହଁ ଏ କଥା ଠିକ୍ ଯେ ମଣିଷ ଗଛ ନଷ୍ଟ କରିଛି।

ଭଗିଆ : ତେଣୁ ଏ ବର୍ଷା ପାଇଁ ମଣିଷ ଦାୟୀ।

ମାଧିଆ : ଆଚ୍ଛା ସହରୀବାବୁ ତମେ ପାଠଶାଠ ପଢ଼ିଲ ବୋଲି ଏତେ କଥା ଜାଣିଲ। ହେଲେ ପୁଣି ନୂଆ ସଭ୍ୟତାକୁ ଗାଳି ଦେଉଛ ?

ସହରୀବାବୁ: ନା ମୁଁ ନୂଆ ସଭ୍ୟତାକୁ ଗାଳି ଦେଉନି। ଆମର ମାନସିକତାକୁ ନିନ୍ଦୁଛି। ଆମେ ଆଜି ସବୁ ଜାଣିଛେ। ତା ପରେ ବି ଆମ ଜଙ୍ଗଲ ଆମ ପରିବେଶକୁ ରକ୍ଷା କରିବାକୁ ଆନ୍ତରିକତା ଦେଖାଉନେ। ଯଦି ଏମିତି ହାରରେ ଜଙ୍ଗଲ, ପରିବେଶ ନଷ୍ଟ ହେବ, ତେବେ ଦିନ ଆସିବ ଏ ପୃଥିବୀ ଧ୍ୱଂସ ପାଇଯିବ।

ସାରିଆ : ତା ମାନେ କଣ ମାଳିକା କଥା ସତ ହେବ ନା କଣ ?

ସହରୀବାବୁ: ଆମେ ଯଦି ସଚେତନ ନ ହେବା ତା ହେଲେ ଏହା ମଧ୍ୟ ଅସମ୍ଭବ ନୁହେଁ।

ଭଗିଆ : ସବୁ ଅସୁବିଧାର କିଛି ନା କିଛି ସମାଧାନ ଅଛି। ଏହାର କଣ କିଛି ନାହିଁ ?

ସହରୀବାବୁ: ଅଛି।

ସାରିଆ : ଅଛି ଯଦି ହେଉନି କାହିଁକି ?

ଭଗିଆ : ଆଲୋ ହବ ଯେ କରିବ କିଏ ?

ମାଧିଆ : କିଏ କଣ କହୁଛ ମ। ଏଇ ମଣିଷ ଯଦି ଏ ଅବସ୍ଥା କରିଛି ତା ହେଲେ ସେଇ ମଣିଷ ହିଁ ତାର ପ୍ରତିକାର କରିବ।

ସହରୀବାବୁ: ତମେ ବିଲକୁଲ ଠିକ୍ କଥାଟିଏ କହିଛ। ଏଇ ମଣିଷ ହିଁ କରିବ।

ସାରିଆ : ଯଦି ଏଇ ମଣିଶ କରିବ ତା ହେଲେ କରୁନି କାହିଁକି ?

ସହରୀବାବୁ: ତମକୁ ଗୋଟାଏ କଥା କହୁଛି ଶୁଣ। ଆଜି ତମେ ଯେମିତି ମୋ ଠାରୁ ଶୁଣିବା ପରେ ଚିନ୍ତାରେ ପଡ଼ିଗଲ, ସେମିତି ଆମେରିକାର ଜଣେ ବ୍ୟକ୍ତି ଯିଏକି ଜଣେ ପରିବେଶବିତ୍, ତାଙ୍କର ନାଁ ହେଲା ସେନେଟର ଗେଲର୍ଡ଼ ନେଲସନ। ସେ ଦିନେ ଏ ପୃଥିବୀର ଅବସ୍ଥା ଦେଖି ବ୍ୟତିବ୍ୟସ୍ତ ହେଇ ଯାଇଥିଲେ।

ସାରିଆ : ଆମେରିକା ସେଇଟା ଆଜ୍ଞା କୋଉଠି ?

ଭଗିଆ : ଆଲୋ ସାତ ଦରିଆ ତେର ନଈ ପାରି ହେଲେ ଯାଇ ଆମେରିକା ପଡ଼ିବ।

ସାରିଆ : ସେଠି କଣ ଆମର ଏଠିକା ପରିକା କୂଅରେ ପାଣି ନାହିଁ।

ସହରୀବାବୁ: ଦେଖ। ପୃଥିବୀ ଆମର ଯେମିତି ମା ତାଙ୍କର ବି ସେମିତି ମା। ଆମକୁ ପୃଥିବୀ ଯେମିତି ପାଣି, ପବନ, ଖାଦ୍ୟ ଯୋଗାଉଛି ତାଙ୍କୁ ବି ସେମିତି ଯୋଗାଉଛି। ତେଣୁ ଆମେମାନେ ଯେମିତି ପରିବେଶ ପାଇଁ ଚିନ୍ତିତ ସେମାନେ ବି ସେମିତି ଚିନ୍ତିତ।

ମାଧିଆ : ହଁ ଠିକ୍ କଥା। ସମସ୍ତେ ମିଶି ଚିନ୍ତା କଲେ ସିନା ଏ ପୃଥିବୀ ବଞ୍ଚିବ।

ସହରୀବାବୁ: ଏଇ କଥା ସେନେଟଙ୍କ ମୁଣ୍ଡରେ ପଶିଥିଲା। ସେଥିପାଇଁ ସେ ୨୦ମିଲିଅନ ଲୋକଙ୍କୁ ଏଥିରେ ସାମିଲ କରିଥିଲେ। ସମସ୍ତିଙ୍କୁ ସଭା ସମିତି ସଙ୍ଘ ମାଧ୍ୟମରେ ଏ ବିଷୟରେ କହିଥିଲେ। ଆଉ ସମସ୍ତେ ଏ ବିଷୟ ନେଇ ଚିନ୍ତିତ ହେଇ ଉଠିଥିଲେ। ଯେମିତି ଆମେ ଆଜି ଏଠି ଚିନ୍ତା କରୁଛେ।

ସାରିଆ : ଏ କଥା ସେ କଣ ଏବେ ଚିନ୍ତା କଲେ ?

ସହରୀବାବୁ: ନା। ଏ କଥା ୧୯୭୦ ମସିହା ଅପ୍ରେଲ ମାସ ୨୨ ତାରିଖରେ ପ୍ରଥମେ ସିନେଟ୍ ଚିନ୍ତା କରିଥିଲେ।

ଭଗିଆ : ୧୯୭୦ ମସିହା ଅପ୍ରେଲ ମାସ ୨୨ ତାରିଖରୁ ଚିନ୍ତା କଲେଣି ଯେତେବେଳେ କିଛି ତ କରିବେଣି।

ମାଧିଆ : ଏତେ ଦିନ ହେଲାଣି ଏ କଥା ଜଣାପଡ଼ିଲାଣି ତା ହେଲେ କିଛି ହେଉନି କାହିଁକି ?

ସହରୀବାବୁ: ଦେଖ ତମେ ଏ ବିଷୟରେ କିଛି ବି ଜାଣି ନଥିଲ। ସେମିତି ଅନେକ ଲୋକ ଅଛନ୍ତି ଯିଏ ଏ ବିଷୟରେ ଜାଣି ନାହାନ୍ତି। ସେ ବିଷୟ ଜାଣିବା ଏବଂ ଜଣେଇବା ପାଇଁ ଅପ୍ରେଲ ୨୨ ତାରିଖକୁ Earth Day /ଧରିତ୍ରୀ ଦିବସ ହିସାବରେ ପାଳନ କରାଯାଏ।

ସାରିଆ : କି ଦିବସ ଆଜ୍ଞା ?

ସହରୀବାବୁ: ଧରିତ୍ରୀ ଦିବସ। ଏହି ଦିବସ କରିବାର ମାନେ ହେଲା ପୃଥିବୀର ପରିବେଶ ବିପର୍ଯ୍ୟୟ ହେବା ଦ୍ୱାରା ଯେଉଁ କ୍ଷୟକ୍ଷତି ହେଉଛି ସେ ବିଷୟରେ ସାଧାରଣ ଲୋକଙ୍କୁ ଜଣାଇଦେବା ଏବଂ ସମସ୍ତେ ମିଶି ପରିବେଶର ପୁନରୁଦ୍ଧାର କରିବା।

ଭଗିଆ : ହେଲେ ଏହା କିପରି ସମ୍ଭବ ହେବ।

ମାଧିଆ : ବୁଝ ବୁଝ ମୋ ମୁଣ୍ଡରେ ଗୋଟାଏ କଥା ପଶିଲା। ଦେଖ ଏବେ ସବୁ ଜିନିଷ କାଗଜ ଠୁଙ୍ଗା ବଦଳରେ ଜରିରେ ମିଳୁଛି। ସେହି ଜରି ମାଟିରେ ତ ମିଶୁନି। ତେଣୁ ମାଟି ଖରାପ ହେଲା କି ନାହିଁ ?

ସହରୀବାବୁ: କଥା ପଦେ ତମେ କହିଲ ମାଧିଆ ମୋ ମନକୁ ପୂରା ପାଇଛି। ସାବାସ୍ ...। ଜାଣିଛ ଏହି ପଲିଥିନ୍ ବ୍ୟାଗ୍ ବା ଜରି ମାଟିରେ ଆଦୌ ମିଶେନି। ଅନେକ ବର୍ଷ ପର୍ଯ୍ୟନ୍ତ ମାଟିରେ ପଡ଼ି ରହିଥାଏ। ମାଟି ସହିତ ରାସାୟନିକ ପ୍ରତିକ୍ରିୟା କରି ବିଭିନ୍ନ ବିଷାକ୍ତ ଗ୍ୟାସ୍ ତିଆରି କରେ ଯାହା ଆମ ପାଇଁ କ୍ଷତିକାରକ।

ସାରିଆ : ସାର୍। ଛୋଟ ମୁହଁରେ ବଡ଼ କଥା। ହେଲେ ମୋ ମନକୁ ଗୋଟାଏ କଥା ଆସୁଛି। ଆମର ତ ଗ୍ରାମ ସମିତି ଅଛି। ଏହି କଥା ଆମେ ଆମ ଗ୍ରାମ ସଭାରେ ପକାଇବା। ଯାହାଫଳରେ ସମସ୍ତେ ଜାଣିବେ ଏବଂ ସଚେତନ ହୋଇ ପ୍ରତିକାର ପନ୍ଥା ଗ୍ରହଣ କରିବେ।

ସହରୀବାବୁ: ଏ କଥା ଏବେ ୧୭୫ ଟି ଦେଶର ସରକାର ଏକଜୁଟ ହୋଇ ଚିନ୍ତା କରିଛନ୍ତି। ଏହାର ପ୍ରସାର ଓ ପ୍ରଚାର ପାଇଁ ବିଭିନ୍ନ ପନ୍ଥାମାନ ଅବଲମ୍ବନ କରାଯାଉଛି। ଯେମିତିକି ସ୍କୁଲ କଲେଜରେ ବକ୍ତୃତା, ଚିତ୍ରାଙ୍କନ ଇତ୍ୟାଦି ମାଧ୍ୟମରେ ପ୍ରଚାର କରାଯାଉଛି। ବିଭିନ୍ନ ଅନୁଷ୍ଠାନମାନେ ଏହି ଧରିତ୍ରୀ ଦିବସରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେଇ ଧରିତ୍ରୀ ଦିବସ ପାଳନ କରି ପରିବେଶ ଓ ପୃଥିବୀକୁ ସୁନ୍ଦର, ସବୁଜ କରିବାର ସଂକଳ୍ପ ନିଅନ୍ତି। ବିଭିନ୍ନ NGO ବା ବେସରକାରୀ ସଂସ୍ଥାମାନେ ମଧ୍ୟ ସେମାନଙ୍କ ସ୍ତରରେ ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନର ଉପାୟମାନ ବାହାର କରୁଛନ୍ତି। ଆମର ବନବିଭାଗ ମଧ୍ୟ Eco Tourism ମାଧ୍ୟମରେ, ବନ ସୁରକ୍ଷା ସମିତି ମାଧ୍ୟମରେ ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା, ପୁନରୁଦ୍ଧାରରେ ବିଭିନ୍ନ ଉପାୟମାନ କରି ବାସ୍ତବତାର ରୂପ ଦେବା ପାଇଁ ଚେଷ୍ଟା କରି ଆସିଛନ୍ତି।

ସାରିଆ : ଏହି ସବୁ କଥାରୁ ଗୋଟାଏ କଥା ବୁଝା ପଡୁଛି ମୁଖ୍ୟତଃ ଜଙ୍ଗଲ ନଷ୍ଟରୁ ପୃଥିବୀର ପରିବେଶ ବିଗିଡ଼ିବାରେ ଲାଗିଛି। ତେଣୁ ଆମ ସମସ୍ତିଙ୍କର ଏହି ଲକ୍ଷ୍ୟ ହେବା ନିହାତି ଜରୁରୀ ଯେ ଆମ ନିଜ ଜୀବନକୁ ସରସ, ସୁନ୍ଦର, ନୀରୋଗ ରଖିବାକୁ ହେଲେ ଆମକୁ ଉଜୁଡ଼ା ଜଙ୍ଗଲକୁ ସଜାଡ଼ିବାକୁ ପଡ଼ିବ। ନୂଆ ଜଙ୍ଗଲ ସୃଷ୍ଟି କରିବାକୁ ପଡ଼ିବ। ପୃଥିବୀ ପୃଷ୍ଠକୁ ସବୁଜିମାରେ ଭରିଦେବାକୁ ପଡ଼ିବ।

ସହରୀବାବୁ: ଏଣୁ ଆସନ୍ତୁ ଏହୀ ଧରିତ୍ରୀ ଦିବସରେ ଆମେ ସମସ୍ତେ ମିଶି ସଂକଳ୍ପ କରିବା

ସହରୀବାବୁ: ଗଛ ଲଗେଇବା, ଜଳ ସଞ୍ଚୟ କରିବା।

ଭଗିଆ: ପଲିଥିନ୍ ଠାରୁ ଦୂରରେ ରହିବା
ଜୈବିକ ଖତ ପ୍ରୟୋଗ କରିବା

ସାରିଆ: ଜଙ୍ଗଲ ପରିଧି ବଢ଼ାଇବା, ସବୁଜ ପୃଥିବୀ ଗଢ଼ିଦେବା

ମାଧିଆ: ସୁସ୍ଥ ପରିବେଶ ବନେଇବା, ନିଜ ସୁରକ୍ଷାକୁ ବଢ଼ାଇବା

ସାରିଆ: ଜୀବଜନ୍ତୁଙ୍କର ସାହା ହେବା, ମଣିଷ ପଣିଆ ଦେଖେଇବା

ସମସ୍ତେ : ମଣିଷ ପଣିଆ ଦେଖେଇବା
ଭାଇ, ମଣିଷ ପଣିଆ ଦେଖେଇବା

(ତା. ୨୧.୪.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଆସ ଗଛ ଲଗାଇବା

ବନଜ ବିହାରୀ ମହାପାତ୍ର

୧ମ ଦୃଶ୍ୟ

(ସମୟ ସନ୍ଧ୍ୟା, ଘର ଭିତରେ ବସିଥାନ୍ତି ଲକ୍ଷ୍ମୀ ଆଉ ଧରମା। ହାଲକା ଯୁକ୍ତିତର୍କ ଲାଗିଥାଏ। ଲକ୍ଷ୍ମୀ ଅଳଟ କରି ଧରମାକୁ କହୁଥାଏ କିନ୍ତୁ ଧରମା ତା କାର୍ଯ୍ୟକଳାପରେ କେଉଁଠି କିଛି ଦୋଷ ପାଉ ନ ଥାଏ।)

ଲକ୍ଷ୍ମୀ : ଦେଖ। ରାତି ହେଲାଣି। ତମେ ଏବେ ଯାଅନି।

ଧରମା : ଆଲୋ, ମୋର ତ କାମ ଏମିତି। ରାତିରେ ଯିବିନି ତ ଆଉ କଣ ଦିନ ଦି ପହରେ ଯିବି।

ଲକ୍ଷ୍ମୀ : ଦେଖ। ଏ ଦୁନିଆରେ ଏବେ ବି ଧର୍ମ ଅଛି। ଧର୍ମର ଜୟ କାଳ କାଳରେ ଥିଲା। ଏବେ ବି ଅଛି ଭବିଷ୍ୟତରେ ମଧ୍ୟ ରହିବ।

ତମେ ମୋ କଥାକୁ ଆଡ଼େଇ ଦିଅନି।

ଧରମା : ବାଃ ... ବଢ଼ିଆ ପ୍ରବଚନ। ଆଲୋ ତୁ ଯା କେଉଁଠି ପ୍ରବଚନ ଦେବା ଆରମ୍ଭ କର।

ଲକ୍ଷ୍ମୀ : ତମକୁ ସିନା ଆଜି ମୋ କଥା ଖରାପ ଲାଗୁଛି ହେଲେ ଦେଖିବ ଦିନ ଆସିବ ତମେ ନିଜେ କହିବ ମୁଁ ଠିକ୍ ଆଉ ତମେ ଭୁଲ।

ଧରମା : ହଉ ସେ ଦିନ ଆସୁ। ହେଲେ ସେ ପର୍ଯ୍ୟନ୍ତ ବଞ୍ଚିବା ପାଇଁ ଖାଇ ପିଇ ରହିବାକୁ ପଡ଼ିବ। ପେଟରେ ଓଦା କନା ଦେଇ ନୁହଁ।

ଲକ୍ଷ୍ମୀ : ତା ବୋଲି ଆମେ କଣ ଅନୀତି, ଅଧର୍ମ କରିବା। ସତପଥରେ ଯାଇ କଣ ରୋଜଗାର କରି ବଞ୍ଚି ହେବନି।

ଧରମା : ତୋ ସତ ତୋ ପାଖରେ ରଖିଥା। ଘର ଚଳେଇବା ଯେ କେତେ କଷ୍ଟ ସେ କଥା ମୁଁ ଜାଣିଛି। ତତେ କଣ ଜଣାପଡୁଛି। ଯେତେବେଳେ ଯାହା କହୁଛୁ ମିଳିଯାଉଛି ତ ସେଥିପାଇଁ ଏ ବହପ ବାହାରୁଛି।

ଲକ୍ଷ୍ମୀ : ମତେ ସେମିତି କହିବନି କହିଦେଉଛି। କଣ ତମକୁ ମାଗିଛି କହିଲ। ମୋ ପଖାଳ, ଶାଗଭଜା ମତେ ଭଲ। ମୋର ନା ମାଉଁସ ଦରକାର ନା ଅଧର୍ମ କମାଇବା ଦରକାର।

ଧରମା : ହଉ ତୁ ଏଇ ପୁରୀବାରେ ଧର୍ମପରାୟଣା ମହିଳା ହିସାବରେ ପୁରସ୍କାର ପା। ମୋତେ ମୋ କାମ କରିବାକୁ ଦେ।

ଲକ୍ଷ୍ମୀ : ଶୁଣ, କଥାଟାକୁ ଆଉ ଥରେ ଚିନ୍ତା କର। ଏମିତି ଅବାଧ ହୁଅନି। ଭଗବାନ ଆମକୁ ଯାହା ଦେଇଛନ୍ତି ଆମ ପାଇଁ ଠିକ୍ ଅଛି ନା ଆମର ଅଧିକ ଲୋଭ ଅଛି ନା ଅଧିକ ବଡ଼ ଲୋକ ହେବାର ଅଭିଳାଷ ଅଛି।

ଧରମା : ଦେଖ ଆମେ ଦୁଇ ଥିଲେ। ଏବେ ପୁଅଟି ହେଲାଣି। ତାର ପୁଣି ଭବିଷ୍ୟତ ଅଛି। ଦି' ପଇସା ଅଧିକ ରୋଜଗାର ନ ହେଲେ କେମିତି ଚଳିବା କହିଲୁ।

ଲକ୍ଷ୍ମୀ : ତା ବୋଲି କଣ ଆମେ ଅବାଟକୁ ଯାଇ ରୋଜଗାର କରିବା।

ଧରମା : ଆଲୋ ଅବାଟ କଣ ବା? ହକ୍ ପରିଶ୍ରମ କରୁଛି ରୋଜଗାର କରୁଛି।

ଲକ୍ଷ୍ମୀ : ମୁଁ ତ ସେଇ କଥା କହୁଛି ଧର୍ମ ପଥରେ ରୋଜଗାର କର। ଆମର ଯେତିକି ହେଉଛି ହେଉ।

ଧରମା : ନିଇତି ସକାଳୁ ପରା ଖବର କାଗଜରେ ବାହାରୁଛି ଅମୁକ କିରାଣି, ଅମୁକ ଅଫିସର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି, କାହାର କେତେ ଆୟ ବହିର୍ଭୁତ ସମ୍ପତ୍ତି। ଆମେ ତ ସେମିତି କିଛି କରୁନେ। ଏଇ ପେଟ ଚାଖଣ୍ଡକ ପାଇଁ ରାତି ଦିନ ଖଟୁଛେ।

ଲକ୍ଷ୍ମୀ : କିଏ କଣ କରୁ ଆମର ସେଥିରେ କଣ ଅଛି କହିଲ? ଅଧିକ ଲାଭ କରି ଯେତେବେଳେ ହାଜତକୁ ଯାଉଛନ୍ତି କଣ ସୁନାମ ପାଉଛନ୍ତି?

ଧରମା : ଆଲୋ ଶୁଣ ହାଜତକୁ ଗଲାବେଳକୁ ତାଙ୍କ ପାଖରେ ଅକାତ କାତ ଟଙ୍କା ଅଛି। ସେଇ ଟଙ୍କା ଦେଇ ପୁଣି ଖସି ଆସୁଛନ୍ତି ନା?

ଲକ୍ଷ୍ମୀ : ଦେଖ ତମର ଯଦି ସେମିତି କିଛି ହେଇଯିବ ଆମେ ମା ଛୁଆ ଦି ଟା ସତରେ ଆତ୍ମହତ୍ୟା କରିଦେବୁ କହୁଛି।

ଧରମା : ଶୁଣ ମୁଁ କଣ ଏତେ ବୋକା। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତରେ ରଖିଛି ନା?

ଲକ୍ଷ୍ମୀ : ମୁଁ ତ ସରଳ ସୁନ୍ଦର ଭାବରେ ଜୀବନ ବଞ୍ଚିଯିବି କହୁଛି। ତମର ଏ ବଡ଼ ଲୋକ ହେବାର ଇଚ୍ଛା କାହିଁକି କହିଲ?

ଧରମା : ତୋ ସାଙ୍ଗରେ ଗପର ଗପର ହେବାର ମୋର ବେଳ କାହିଁ? ସାହେବ ଲୋକ କାମରେ ଲାଗିଛନ୍ତି। ମତେ ରାତି ଭିତରେ ସବୁ କାମ ସାରିବାକୁ ପଡ଼ିବ।

ଲକ୍ଷ୍ମୀ : ତମେ କାହିଁକି ଯେ ମୋ କଥା ଶୁଣୁନ ମୁଁ ଜାଣିପାରୁନି।

ଧରମା : ଏ ମାଇପି କଥାରେ ପରା ମହାପୁରୁ ଅଧା ଖଣ୍ଡିଆ ହୋଇ ରହିଗଲେ। ମୁଁ ପୁଣି ଶୁଣିବି। କେତେ ଲୋକ କେତେ କଣ ଖାଇ ଯାଉଛନ୍ତି, ମୁଁ ଏମିତି କଣ ଅପରାଧ କରୁଛି କି ? ହେଲେ କି ଜଙ୍ଗଲରୁ କିଛି ଗଛ କାଟୁଛି। ଜଙ୍ଗଲରୁ କଣ ଗଛ ସରିଯାଉଛି କି ?

ଲକ୍ଷ୍ମୀ : ସେଇଥି ପାଇଁ ତ କହୁଛି, ଏଇ ଜଙ୍ଗଲ, ଆଜି ତୁମରିମାନଙ୍କ ପରି କିଛି ଲୋକଙ୍କ ପାଇଁ ସରିବାକୁ ବସିଲାଣି।

ଧରମା : ଆଲୋ ତୁ ଏ କଥା ଭାବି ଲାଭ କଣ କହିଲୁ। ଏ ଯେଉଁ ଗଛ ମୁଁ କାଟୁଛି ସେ ଗଛରୁ ତିଆରି ପଟା କିଏ ନେଉଛି ? ସହରର ବଡ଼ବଡ଼ିଆ ବାବୁମାନେ, ସେମାନେ ଯେତେବେଳେ ଚିନ୍ତା କରୁନାହାନ୍ତି, ସେତେବେଳେ ତୁ ଏତେ ଭାବିଲେ କଣ ହେବ ?

ଲକ୍ଷ୍ମୀ : ମୁଁ ଆଜି ଭାବୁଛି କାଲି ଯେ ସମସ୍ତେ ଏ କଥା ନ ଭାବିବେ ତମେ କେମିତି ଜାଣିଲ ?

ଧରମା : ହଉ ସେ ଦିନ ଆସୁ। ଯେତେବେଳେ ସମସ୍ତେ ଭାବିବେ ସେତେବେଳେ ମୁଁ ଭାବିବି। ଆଜି ଠାରୁ ତୋ କଥା ଭାବି କାହିଁକି ପାଗଳ ହେବି କହିଲୁ।

ଲକ୍ଷ୍ମୀ : ସମସ୍ତେ ଭାବିଲେ ଆମେ ଭାବିବା ? କାହିଁକି ? ଆମେ ପ୍ରଥମେ ଭାବିଲେ କ୍ଷତି କଣ ? ସମସ୍ତେ ଯଦି ଏମିତି ଭାବିବେ ତେବେ ସେ ପ୍ରଥମ ଜଣଙ୍କ କିଏ ହେବ ?

ଧରମା : ଯା ... ଯା ... ଯା ...ତୋ କଥାରେ ପଡ଼ିଲେ ମୋ ସଂସାର ଅଧାବାଟରେ ରହିଯିବ। ମୁଁ ଯାଏ ସାହେବ ଲୋକମାନେ ମତେ ଅପେକ୍ଷା କରିଥିବେ। (ପ୍ରସ୍ଥାନ)

ଲକ୍ଷ୍ମୀ : ହେ ଭଗବାନ, ଏମାନଙ୍କୁ ଠିକ୍ ବାଟ ଦେଖାଅ। ମୋ ସଂସାରକୁ ରକ୍ଷା କର।

## ୨ୟ ଦୃଶ୍ୟ

(ଅସହ୍ୟ ଗରମ, ଘରେ ବସିଆଛି ବନା ଓ ଚଞ୍ଚଳି। ଦୁହିଁଙ୍କର ଚିନ୍ତା ବର୍ଷା ନାହିଁ ଫସଲ ହାନୀ। କରିବେ କଣ ?)

ବନା : ଆଲୋ ଚଞ୍ଚଳି, ଆଉ ବର୍ଷା ହେବନି। ଏ ତାତିରେ ଦିହ, ମୁଣ୍ଡ ଜଳିଗଲା ପରି ଲାଗୁଛି। ଝାଳ ଧାରା ତ ବନ୍ଦ ହେବାର ନାହିଁ।

ଚଞ୍ଚଳି : ଝିମିଝିଙ୍କର ହାଲ ତ ଏକା। ଦେଖୁନ ଏ ନିଆଁ ଲାଗା ଘିମିରିଗୁଡ଼ାକ ଦେହସାରା ଭର୍ତ୍ତି ହୋଇଗଲାଣି। କୁଣ୍ଡେଇ ହୋଇ ହୋଇ ମଣିଷ ମଲାଣି।

ବନା : ଭଲୋ ବୋପାଲୋ କି ପୋଡ଼ା। ଘିମିରି କୁଣ୍ଡାଇ ଦେଲେ ସିନା ମଜା। ହେଲେ ଛାଲ ବାଜିବା କ୍ଷଣି କି ଅସମ୍ଭବ ପୋଡ଼ା।

ଚଞ୍ଚଳି : ଦେଖେଇଲ ଦେଖେଇଲ ଟିକେ ପାଉଡ଼ର ବୋଳି ଦିଏ।

ବନା : ଆଲୋ କେତେ ପାଉଡ଼ର ଲଗେଇବୁ କହିଲୁ ? ଏ ଗଙ୍ଗା ଯମୁନା ଧାରା ପାଖରେ ଏ ପାଉଡ଼ର ବନ୍ଧ କଣ ମାନିବ ?

ଚଞ୍ଚଳି : ଏ ତାତି ଯଦି ଏମିତି ଦିନକୁ ଦିନ ବଢ଼ିବ ତା ହେଲେ ଏ ପୃଥିବୀ ଦିନେ ତରଳି ଯିବ।

ବନା : ନୁହେଁ ଆଉ କଣ ? କୂଅ, ପୋଖରୀରେ ତ ଆଉ ପାଣି ନାହିଁ। ଶୁଖିଲା ଠକ ଠକ। ନଈ ଧାରା ଦେଖୁନ ସୂତା ଖିଅ ପରି ହେଲାଣି।

ଚଞ୍ଚଳି : ଭଲ ନା ନଈପଠାରେ ଭଲ ଫସଲ ହେବ।

ବନା : କି ସୁନ୍ଦର ବୁଦ୍ଧି ଲୋ ତୋର। ନଈପଠାରେ କଣ ବିନା ପାଣିରେ ଫସଲ ହେବ ନା କଣ ?

ଚଞ୍ଚଳି : ନିଆଁଲଗା ମୁଣ୍ଡରେ କଣ ସେ କଥା ପଶିଥିଲା।

ବନା : ଚାଷବାସ ତ ଗଲାଣି। ଏସନ ଆଉ ଫସଲ ହେବାର ଆଶା ନାହିଁ। ମରୁଡ଼ି ଡକେ ଗଲା। ଇନ୍ଦ୍ର ଦେବତାଙ୍କ କୃପା ନାହିଁ। କୋପ ପଡ଼ିଗଲାଣି।

ଚଞ୍ଚଳି : ସହର ବଜାର ଲୋକଙ୍କ ପାଖରେ ବିଡ଼ା ବିଡ଼ା ଟଙ୍କା ଅଛି ଯେ ସେମାନେ କିଣି ଖାଇବେ। ହେଲେ ଆମ ପରିକା ଗରିବଗୁରୁବା ମଲେ। ଚାଷ ନ ଉତୁରିଲେ ଆମେ କରିବା କଣ ?

ବନା : ଖାଲି କଣ ଆମେ ଦେଖୁନୁ ନିଉଟି ଖବର ମିଳୁଛି ଆଜି ହାତୀ ପାଣି ଖୋଜି ଆସି ବିଦ୍ୟୁତ୍ ତାରରେ ଲାଗିଗଲାଣି। କାଲି ହରିଣ ପାଣି ନ ପାଇ ମଲାଣି। କୋଉଠି ବାଘ ଗାଁକୁ ପଶିଗଲାଣି। ଏମିତି କେତେ କଣ ?

ଚଞ୍ଚଳି : ମଲା ଆମେ ଯେମିତି ତାତିରେ ଡହଳ ବିକଳ ସେମାନେ ବି ସେମିତି ଡହଳ ବିକଳ। ଗାଁ ଠାରୁ ସହର ଭଲ।

ବନା : ସହର ଭଲ। ସେଠି ଖାଲି ନିଆଁ ଜଳୁଛି। ଆମର ତ ହେଲେ ଗଛ ବି ଚାରିଟା ଅଛି ହେଲେ ସେଠି ଖାଲି କୋଠା। କଣ ତାକୁ କହୁଛନ୍ତି ... କଂକ୍ରିଟ ଜଙ୍ଗଲ।

ଚଞ୍ଚଳି : ସେଇଟା କଣ ନୂଆ ଜଙ୍ଗଲ ? ସେଥିରେ ସବୁ କି କି ଗଛ ଥାଏ ?

ବନା : ହାଁ ... ଭୂତଟା ତୁ ...। ଆରେ ସେଠି ଖାଲି ବଡ଼ ବଡ଼ କୋଠା। କୋଠା କୋଉଥିରେ ତିଆରି ? ରଡ଼, ବାଲି, ସିମେଣ୍ଟ, କଂକ୍ରିଟ ରେ। ସେଇଥି ପାଇଁ ତାକୁ କଂକ୍ରିଟ ଜଙ୍ଗଲ କୁହନ୍ତି।

ଚଞ୍ଚଳି : ମଲା ମୋର ... ଏଇଟା କୋଉ ଜଙ୍ଗଲ କି ? ଗଛରେ ସିନା ଜଙ୍ଗଲ। ଏ କୋଠା ବାଡ଼ିରେ କି ଜଙ୍ଗଲ ?

ବନା : ସେଇଥି ପାଇଁ ତ କହୁଛି ସହର ଖାଲି ତାତିରେ ଜଳୁଛି। ଏ କୋଠା ସାଙ୍ଗକୁ ମାତ୍ରାଧିକ ଗାଡ଼ି, A/C, Refrigator, କଳକାରଖାନା। ସେଥିରୁ କଣ କମ୍ ଗରମ ପବନ ବାହାରୁଛି ? ସହର ଜଳିବ ନାହିଁ ତ ଆଉ କଣ ହେବ କହୁନୁ ?

ଚଞ୍ଚଳି : ଏବେ ମୋ ମୁଣ୍ଡରେ ଗୋଟାଏ କଥା ପଶିଲା।

ବନା : ତୋ ମୁଣ୍ଡରେ ପୁଣି ......କଥା ......? ହଉ କହ କଣ ତୋ ମୁଣ୍ଡରେ କି କଥା ପଶିଲା ?

ଚଞ୍ଚଳି : ମତେ ସେମିତି କହିବନି କହୁଛି ? ମୋର କଣ ମୋଟେରୁ ବୁଦ୍ଧିଶୁଦ୍ଧି ନାହିଁ ନା କଣ ? ମୁଁ ତ ପୁଣି ତମ ଘର ବଳଭଛି ନା ନାହିଁ ?

ବନା : ରାଗନା ... ବା କହ ...କଣ କହୁଛୁ କହ ?

ଚଞ୍ଚଳି : ପବନର ତ ହାତ ଗୋଡ଼ ନାହିଁ ? ସେ ଯୋଜନ ଯୋଜନ କୋଷ ବହିପାରେ। ତେଣୁ ସହରର ଗରମ ତାତି ହାୱା ଆମ ଗାଁ ଆଡ଼କୁ ବହିଆସୁଛି। ଯେଉଁଥି ପାଇଁ ଆମ ଗାଁ ଏମିତି ଗରମ ତାତିରେ ଜଳୁଛି।

ବନା : ତୋର ଟିକେ ବୁଦ୍ଧି ହେଲାଣି ଦେଖୁଛି। ହେଲେ ସବୁଠୁ ବଡ଼ କାରଣ କଣ ଜାଣିଛୁ ?

ଚଞ୍ଚଳି : କଣ ... ?

ବନା : ଜଙ୍ଗଲ ହାନୀ

ଚଞ୍ଚଳି : ମାନେ

ବନା : ତୁ କହିଲୁ ଆମ ପିଲାବେଳେ ଯେତେ ଘଞ୍ଚ ଜଙ୍ଗଲ ଥିଲା ସେ କଣ ଆଉ ଅଛି ?

ଚଞ୍ଚଳି : ମଲା ଏ କଥା କଣ ତମେ ଜାଣିନ ? ଏ ଧରମା ଭଳିଆ ଲୋକ ଯେ ପର୍ଯ୍ୟନ୍ତ ବଞ୍ଚିଥିବେ ଏ ଜଙ୍ଗଲ ହାନୀ ହେବନି ଆଉ କଣ ଘଞ୍ଚ ହେବ ?

ବନା : ଏମିତି କହନା। ତାର ସବୁ ଲୋକଙ୍କ ସହିତ ହାତ ଅଛି। ଆମେ ତା ବିରୁଦ୍ଧରେ କହୁଛେ ଜାଣିଲେ ସେ ଆମକୁ ହଇରାଣ କରିବ।

ଚଞ୍ଚଳି : ମଲା ଚୋରୀ ତା ଉପରେ ପୁଣି ସେନାଜୋରୀ। ସମସ୍ତେ ଯଦି ଏମିତି ଡରିବେ ତା ହେଲେ ଚଳିବ କେମିତି ? ତମେ ତାକୁ ଡରିଥା। ମୁଁ ଡରିନି। ଏ ଗରମର କାରଣ ଯେ ଜଙ୍ଗଲହାନୀ ସେ କଥା ମୁଁ ଜାଣି ନ ଥିଲି। ଏବେ ଜାଣିଲି ଯେତେବେଳେ ତାକୁ ଛାଡ଼ିବି ନାହିଁ।

ବନା : ଏଇ ତ ତୋର ବଦରାଗୀ ପଣକୁ ମୋର ଡର।

ଚଞ୍ଚଳି : ମଲା ମୁଁ କଣ ମୋ ପାଇଁ କହୁଛି ? ଦୁନିଆର ମଙ୍ଗଳ ପାଇଁ କହୁଛି। ଡରିବି କଣ ପାଇଁ ?

ବନା : କଥାଟା ଠିକ୍ ଯେ ... ହେଲେ ...

ଚଞ୍ଚଳି : ହେଲେ ପୁଣି କଣ ?

ବନା : ଧରମାଟା ଭଲ ଲୋକ ନୁହେଁ ତ ସେଇଥି ପାଇଁ କହୁଥିଲି।

ଚଞ୍ଚଳି : ତମର ଆଉ କିଛି କହିବା ଦରକାର ନାହିଁ। ଏଣିକି ଧରମା ଆଉ ମତେ ବଳେଇ ଯିବନି। କେତେ କ୍ଷତି କରୁଛି ସେ ଜାଣିନି। ତାକୁ ଏ କାମ ବନ୍ଦ କରିବାକୁ ପଡ଼ିବ।

ବନା : ହଉ ତୁ ଯାହା କରିବା କଥା କର। ହେଲେ ପରିସ୍ଥିତି ଯେପରି ଖରାପ ନ ହୁଏ।

### ୩ୟ ଦୃଶ୍ୟ

(ବସିଥାଏ ଲକ୍ଷ୍ମୀ। ଆସେ ଚଞ୍ଚଳି। ଧରମା କଥା ବିଷୟରେ ପଚାରେ। କଥୋପକଥନ।)

ଚଞ୍ଚଳି : ଲକ୍ଷ୍ମୀ ନାନୀ ଘରେ ଅଛୁ କି ?

ଲକ୍ଷ୍ମୀ : କିଏ ? ...ଚଞ୍ଚଳି କି ? ... ଆସ ...ଆସ ...

ଚଞ୍ଚଳି : ଲକ୍ଷ୍ମୀ ନାନୀ ବସି ବସି କଣ କରୁଛୁ କି ?

ଲକ୍ଷ୍ମୀ : ଏ ଗରମରେ କଣ ବସି ହଉଚି ନା ଶୋଇ ହଉଚି। ବିରକତିଆ ଲାଗିଲା ତ ଏଠି ଟିକେ ପବନରେ ଆସି ବସିଛି।

ଚଞ୍ଚଳି : ମୁଁ ତୋ ପାଖକୁ ଗୋଟାଏ କଥା କହିବା ପାଇଁ ଆସିଛି।

ଲକ୍ଷ୍ମୀ : କହୁନୁ ... କଣ କହିବୁ ?

ଚଞ୍ଚଳି : ସମସ୍ତେ ତ ଗରମ ଗରମ ହେଉଛେ। ହେଲେ ଗରମ କାହିଁକି ହେଉଛି ସେ କଥା ତ ଆମେ କେହି ଚିନ୍ତା କରୁନେ।

ଲକ୍ଷ୍ମୀ : ସୁରୁଯ ଦେବତା ତ ଏ ଗରମ କରୁଛନ୍ତି ଆମେ କଣ କରିବା ?

ଚଞ୍ଚଳି : ମଲା ...... ମୁଁ ସିନା ମୁରୁଖ। ହେଲେ ତମେ ତ ବି

ଅକ୍ଷର ପଢ଼ିଛ । ତମେ କଣ ଜାଣିନ ଏ ଗରମ କାହିଁକି ହେଉଛି ?

ଲକ୍ଷ୍ମୀ : ଆଲୋ ମୁଁ କେମିତି ଜାଣିବି ବା ?

ଚଞ୍ଚଳି : ପୃଥିବୀ ଥିବା ଦିନରୁ ତ ସୁରୁଜ ଦେବତା ଅଛନ୍ତି । ହେଲେ ଏବେ ଏ ମୁଣ୍ଡ ଫଟା ଖରା ଆଉ ଗରମ କାହିଁକି ହେଉଛି ?

ଲକ୍ଷ୍ମୀ : ସେ କାଳ ଆଉ ଏ କାଳ ଭିତରେ କେତେ ଫରକ ଆସିଲାଣି । ସେଇଥି ପାଇଁ ଆଜିର ଏ ପରିବର୍ତ୍ତନ ।

ଚଞ୍ଚଳି : ସେଥିପାଇଁ କଣ ଆମେ ଦାୟୀ ନୁହେଁ ?

ଲକ୍ଷ୍ମୀ : ସବୁ ତ ଏଇ ମଣିଷ କରୁଛି ।

ଚଞ୍ଚଳି : ମଲା ବୁଝେଇ ବଝେଇ କହିବା ମତେ ଆସେନି । ଆଗରୁ ଘଞ୍ଚ ଜଙ୍ଗଲ ଥିଲା । ନାନା ଜାତି ଗଛରେ ଜଙ୍ଗଲ ଭରପୂର ଥିଲା । କେଇଟା ବର୍ଷରେ ଏ ମଣିଷ ଗଛ ହାଣି ସବୁ ଫଡା କରିଦେଲାଣି । ଆଉ ସେଇଥି ପାଇଁ ଆଜି ବର୍ଷା ଦିନେ ବର୍ଷା ନାହିଁ । ଖରା ଯେ ଖରା ବର୍ଷ ପରେ ବର୍ଷ ବଢ଼ିବାରେ ଲାଗିଛି । ମୂଳ ମଞ୍ଜି ହେଲା ଏଇଟା ।

ଲକ୍ଷ୍ମୀ : ବାଃ ....... ତୁ ତ ଯା ଭିତରେ ଏତେ କଥା ଜାଣିଗଲୁଣି ।

ଚଞ୍ଚଳି : ମୋ ମୁଣ୍ଡରେ କଣ ଏ କଥା ପଶିଥିଲା । ସିଏ ପରା ମତେ ଏ ସବୁ ବୁଝେଇ ଦେଲେ । ନ ହେଲେ ମୋ ମୁଣ୍ଡରେ ଏ କଥା କୋଉଠୁ ଆସିଥାନ୍ତା ?

ଲକ୍ଷ୍ମୀ : ହେଲେ ହଠାତ୍ ଏ କଥା ତୁ ମତେ କହିବାର କାରଣ କଣ ?

ଚଞ୍ଚଳି : ନ ଜାଣିଲା ପରିକା କଣ ହେଉଛ ମ ? ଆମ ଧରମା ଭାଇ, କାଁଟା ସିନା ଧରମା ହେଲେ ସବୁ ଅଧରମିଆ କାମ ଯାକ କରୁଛନ୍ତି । ତାଙ୍କୁ କଣ ଆଉ କିଛି ବେପାର ଜୁଟିଲାନି । ପୁରୁଣା ଜମାନାର ଗଛଗୁଡ଼ାକ କାଟି ବେପାର କରୁଛନ୍ତି । ଖାଲି କେଇଟା ଟଙ୍କା ପାଇଁ । ହେଲେ ସେଥିରେ ଏ ପରିବେଶର ଯେ କି କ୍ଷତି ହେଉଛି ସେ କଥା କଣ ସେ ଜାଣୁନାହାନ୍ତି ।

ଲକ୍ଷ୍ମୀ : ତୁ ଠିକ୍ କଥା କହୁଛୁ ଲୋ ଚଞ୍ଚଳି । ମୁଁ ବି ତାଙ୍କୁ ଅନେକ ଥର ବୁଝେଇ ସାରିଲିଣି । ହେଲେ ସେ ମୋ କଥା ଜମା ବୁଝୁନାହାନ୍ତି । ପଇସା ମୋହରେ ସେ ପୂରା ଅନ୍ଧ ହୋଇ ଯାଇଛନ୍ତି ।

ଚଞ୍ଚଳି : ତୁ କଣ ଜାଣିନୁ ଅନ୍ୟାୟ ବିଲ ବଢ଼େ ବହୁତ ଗଲା ବେଳେ ଯାଏ ......।

ଲକ୍ଷ୍ମୀ : ତୁ ସେମିତି କହନା ଲୋ ଚଞ୍ଚଳି । ସେଇ ଦୁଃଖ ତ ମତେ ସବୁବେଳେ ଯାଉଛି ।

ଚଞ୍ଚଳି : ତୁ ତାଙ୍କୁ ବୁଝା । ଯଦି ସେ ନ ବୁଝନ୍ତି ଆଉ ଦରକାର ହୁଏ ଆମେ ଗାଁର ସବୁ ମାଇଲୋକ ମିଶି ତାଙ୍କୁ ବୁଝେଇବା । ସେ ବୁଝିବେନି ଯିବେ କୁଆଡେ଼ ?

ଲକ୍ଷ୍ମୀ : ହଁ ସେଇଆ କରିବ ।

### ୪ର୍ଥ ଦୃଶ୍ୟ

(ସମୟ ରାତ୍ରି । ଘରେ ବସିଥାନ୍ତି ଧରମା ଆଉ ଲକ୍ଷ୍ମୀ ।)

ଲକ୍ଷ୍ମୀ : ହେଇ ଶୁଣୁନ ଆଜି ନା ଚଞ୍ଚଳି ଆସିଥିଲା ।

ଧରମା : କୋଉ ଚଞ୍ଚଳି ?

ଲକ୍ଷ୍ମୀ : ମଲା ଆମ ଗାଁ ଚଞ୍ଚଳିକୁ ତମେ ଚିହ୍ନିନ ?

ଧରମା : ଓଃ ! ବନା ସ୍ତ୍ରୀ ...

ଲକ୍ଷ୍ମୀ : ହଁ ସେଇ ଚଞ୍ଚଳି । ଦେଖୁଛି ତମେ ପଇସା ନିଶାରେ ଗାଁଲୋକଙ୍କୁ ବି ଚିହ୍ନିପାରୁନ ।

ଧରମା : ନାଇଁ ମ । ମୁଁ କାଲିର କାମ ବିଷୟରେ ଭାବୁଥିଲି ତ । ସେଇଥିପାଇଁ ଟିକେ ଅନ୍ୟମନସ୍କ ହେଇ ଯାଇଥିଲି ।

ଲକ୍ଷ୍ମୀ : ଦେଖ ଭଗବାନ ଆମକୁ ସବୁ ଦେଇଛନ୍ତି ଆଉ ଅଧିକ କଣ ହେବ କହିଲ ?

ଧରମା : ପୁଣି ତମର ଆରମ୍ଭ ହେଇଗଲା ?

ଲକ୍ଷ୍ମୀ : ଜାଣିଛ ଚଞ୍ଚଳି କଣ କହୁଥିଲା ?

ଧରମା : କଣ କହୁଥିଲା ?

ଲକ୍ଷ୍ମୀ : କହିଲା ତମରି ପରିକା ଲୋକମାନେ ଗଛ କାଟିବାରୁ ଆଜି ପରିବେଶର ଏ ପରିବର୍ତ୍ତନ । ମତେ ଏ କଥା ଶୁଣି ଭାରି ଖରାପ ଲାଗିଲା ।

ଧରମା : ଆମେ ଭଲରେ ଚଳୁଛେ । ସେଇଥି ପାଇଁ ସେ ସହିପାରୁ ନାହାନ୍ତି । ତମେ ତାଙ୍କ କଥାରେ କାହିଁକି ଚିନ୍ତା କରୁଛ ?

ଲକ୍ଷ୍ମୀ : ତମକୁ ତ କିଛି ଲାଜ ଲାଗୁନି । ହେଲେ ଏ କଥା ଶୁଣିବା ବେଳକୁ ମତେ ଜମା ଭଲଲାଗୁନି ।

ଧରମା : କାହାରି କିଛି କହିବାରେ ମୋର କିଛି ଯାଏନି କି ଆସେନି ।

ଲକ୍ଷ୍ମୀ : ଭଗବାନଙ୍କ ଦୟାରୁ ଆମର ସବୁ ଅଛି । ଲୋକଙ୍କୁ

ଗୁଡ଼ାଏ ମଧ ଦେଇଛନ୍ତି । ତେଣୁ ସେ ଅଧରମ କାମ ଛାଡ଼ି ଆଉ କିଛି କର । ଯେଉଁଥିରେ ଆରେ ଆମ ଛୋଟ ପରିବାରରେ ଗୁଜୁରାଣ ମେଣ୍ଟାଇ ପାରିବା ।

ଧରମା : ଏ ସବୁ ତମ ମୁଣ୍ଡରେ ତା ହେଲେ ସେଇ ଚଞ୍ଚଳି ପୂରେଇଛି ।

ଲକ୍ଷ୍ମୀ : ମୁଁ କଣ ଛୋଟ ପିଲା ଯେ ମୋ ମୁଣ୍ଡରେ ପୂରେଇ ଦେଲା । ଆମେ ତ ଆମ ଜୀବନରେ ଗୋଟିଏ ବି ଗଛ ଲଗାଉନେ । ଏବେ ଗଛ କାଟିବାର ଅଧିକାର ଆମର କୋଉଁଠୁ ଆସିଲା ।

ଧରମା : କାଲି ସକାଳୁ ସେ ବନାକୁ ପଚାରିବି କେବେ ଠାରୁ ତା ସ୍ତ୍ରୀ ଚଞ୍ଚଳି ମାମଲତ କଲାଣି ?

ଲକ୍ଷ୍ମୀ : ସେ କୋଉ ଖରାପ କଥା କହିଲା ଯେ ତମେ ଏମିତି ତା ଉପରେ ରାଗରେ ଗରେ ହେଉଛ ?

ଧରମା : ଏ କାମ ମୁଁ ଏକା କରୁନି । ମୂଳରୁ ଚୂଳ ସମସ୍ତେ ମୋ ସାଙ୍ଗରେ ଅଛନ୍ତି । କାମ ଯଦି ଖରାପ ହେଉଥାନ୍ତା ତେବେ ମୋ ସାଙ୍ଗରେ ସେମାନେ ସମସ୍ତେ ହାତ ମିଶାଇ ନ ଥାନ୍ତେ । ମତେ ନିଦ ଲାଗିଲାଣି । ମୁଁ ଶୋଇବାକୁ ଗଲି ।

୫ମ ଦୃଶ୍ୟ

(ସକାଳ । ଧରମା ଯାଇ ବନାକୁ ଦେଖା କରେ ଆଉ ତା ସ୍ତ୍ରୀ ଚଞ୍ଚଳିକୁ ବୁଝିଆଉ ରହିବାକୁ କହିଯାଏ ।)

ଧରମା : ଆରେ ବନା । ତୋ ସ୍ତ୍ରୀ ଚଞ୍ଚଳି କଣ ଆଜିକାଲି ଗାଁର ମାମଲତକାର ହେଇଗଲାଣି ।

ବନା : କାହିଁ କିଛି ଅସୁବିଧା କରିଛି କି ?

ଧରମା : ଯାହା କରୁଛି କିଛି ଭଲ କରୁନି । ବହୁତ ଅସୁବିଧା ହେବ । ତୁ ତ ଜାଣିଛୁ ମୋର ବଡ଼ ବଡ଼ ଲୋକଙ୍କ ସହିତ ହାତ ଅଛି । ଦରକାର ପଡ଼ିଲେ କୁଆଡ଼େ ଉଡ଼ିଯିବ କିଛି ପତା ମିଳିବ ନାହିଁ ।

ବନା : ମୁଁ ତାକୁ ବୁଝେଇ ଦେବି । ଯଦି କିଛି କରିଛି ସେଥିପାଇଁ ମୁଁ ଭୁଲ ମାଗୁଛି ।

ଧରମା : ଖାଲି ତୋର ମୁହଁକୁ ଚାହିଁ ମୁଁ ଏଥର ଛାଡ଼ି ଦେଉଛି ।

ବନା : ତମେ ଖରାପ ଭାବିବ ନାହିଁ ମୁଁ ତାକୁ ବୁଝେଇ ଦେବି ।

ଚଞ୍ଚଳି : (ପ୍ରବେଶ) କାହାକୁ କଣ ବୁଝେଇ ଦେବ ବା ?

ଧରମା : ମୁଁ ଆସୁଛି ହେଲେ ମୋ କଥା ଯେମିତି ତୋର ମନେ ରହେ । (କହି ପ୍ରସ୍ଥାନ) (ମଟର ସାଇକେଲ ଶବ୍ଦ)

ଚଞ୍ଚଳି : ମଲା କଣ ଏମିତି କଥା ହେଉଥିଲ କି ମୁଁ ଆସିବା ଠାରୁ ଚୁପ୍ ହେଇଗଲ । ଆଉ ସେ ଧରମା ଚାଲିଗଲା ।

ବନା : ଦେଖ ଆମର ସେଥିରୁ କଣ ମିଳିବ କହିଲୁ ? ସେ ଧରମା ତାର ଯାହା କରିବା କଥା କରୁ ।

ଚଞ୍ଚଳି : ଓଃ ଏବେ କଥାଟା ଜଣା ପଡ଼ିଲା । ତମକୁ ଧମକ ଦେଇଗଲା ... ନା ... ତମେ ତା ସହିତ ମିଶିଗଲ ।

ବନା : ତୁ ପାଗଳ ନା କଣ ? ମୁଁ ତା ସହିତ ମିଶିବି ।

ଚଞ୍ଚଳି : କାହିଁକି ? ଏବେ ଜାଣିଲ ତ ସେ ଯାହା କରୁଛି ଖରାପ ବୋଲି । ତେବେ ତାକୁ ବୁଝେଇବା ବଦଳରେ ମତେ କଣ ବୁଝଉଛ ?

ବନା : ସେମାନେ ଭଲଲୋକ ନୁହନ୍ତି । ତାଙ୍କ ସ୍ୱାର୍ଥରେ ଆଞ୍ଚ ଆସିଲେ ସେମାନେ କିଛି ବି କରିଦେବେ ।

ଚଞ୍ଚଳି : କଣ ମାରିଦେବ ? ଆସୁ ତ ମୁଁ ଡରିନି ବା !

ବନା : ତୁ ତ କିଛି ବୁଝିବୁନି ।

ଚଞ୍ଚଳି : ମୋର କିଛି ବୁଝିବା ଦରକାର ନାହିଁ । ମୁଁ ଯେମିତି ହେଲେ ତାକୁ ବାଟକୁ ଆଣିବି ।

ବନା : ମତେ କାହିଁକି ଭାରି ଡର ଲାଗୁଛି ।

ଚଞ୍ଚଳି : ତମେ ଡରନି । ସେ ମୋର କିଛି କରିପାରିବ ନାହିଁ । ମୁଁ ଲକ୍ଷ୍ମୀ ଭାଉଜ ସହିତ କଥା ହେଇଛି ଆମ ଗାଁର ସବୁ ସ୍ତ୍ରୀ ଲୋକ ମିଶି ତାକୁ ବୁଝେଇବୁ । ଯଦି ନ ବୁଝନ୍ତି । ତେବେ ଆମେ ସମସ୍ତେ ମିଶି ବନବିଭାଗରେ ଅପିଲ୍ କରିବୁ । ମୁଁ ସିନା ଏକୁଟିଆ ବୋଲି ସେ ମତେ ମାରିଦେବ । ଦଳର ବଳ ଆଗରେ ସେ ମୁଣ୍ଡ ନୁଏଁଇବ ହିଁ ନୁଏଁଇବ । ଯିବ କୁଆଡ଼େ ?

ବନା : ମାନିଗଲି.......

ଚଞ୍ଚଳି : ମାନିଗଲି....... ମାନେ ......

ବନା : ତୋ ବୁଦ୍ଧିକୁ ମାନିଗଲି । ଯେମିତି ହେଲେ ମୁଁ ବି ତୋ ସାଙ୍ଗରେ ଅଛି ।

ଚଞ୍ଚଳି : ଜାଣିଛ ଲକ୍ଷ୍ମୀ ଭାଉଜ ବି ଭାରି ବ୍ୟସ୍ତ ଧରମାଭାଇର ଏ କାମ ପାଇଁ । ଚୋରା ପଇସା ପାଟିରେ ଲାଗିଛି ତ ସେ ମୋହ ସହଜରେ ଏତେଇ ପାରୁନାହାନ୍ତି ।

(ହଠାତ୍ ହୋ ହାଲ୍ଲା ଶବ୍ଦ । ସମସ୍ତେ କହୁଥାନ୍ତି ଏ ପିଲାଟି କିଏ ? ଏମିତି କଣ ପଡ଼ିଗଲା ? ଇତ୍ୟାଦି ।)

ଚଞ୍ଚଳି : ଆରେ ଆରେ ସେଠି କଣ ଏମିତି ଲୋକମାନେ ଜୁଣ୍ଡ ହେଇଗଲେଣି । କଣ ହେଇଗଲାକି ? କଣ ହେଲା କି ?

ବନା : କେଜାଣି କଣ ପାଟିତୁଣ୍ଡ କରୁଛନ୍ତି । କିଛି ଗୋଟାଏ ହେଲା ବୋଧେ ।

ଚଣ୍ଡିକି : ଆକ୍ସିଡେଣ୍ଟ ବୋଧେ ହେଲା । ଚାଲ ମ ଦେଖିବା ।

ବନା : ଚାଲ ... ଚାଲ ... ଦେଖିବା କଣ ହେଲା ସେଠି ?

ଚଣ୍ଡିକି : ଆରେ ଏ ତ ଧରମା ଭାଇ ପୁଅ । ତାର କଣ ହେଲା ?

ବନା : ପାଣି ଟିକେ ଆଣ, ତା ମୁଣ୍ଡରେ ଢାଳି ଦେ ।

ଚଣ୍ଡିକି : ବେହୋସ ହେଇଯାଇଛି । ରୁହ ମୁ ପାଣି ଆଣୁଛି । ତମେ ତାକୁ ସେ ଗଛମୂଳକୁ ନେଇ ଯାଅ । ତମ ଗାମୁଛାରେ ତାକୁ ବିଞ୍ଚିଥାଅ ।

ବନା : ହଁ.. ହଁ.. ମୁଁ ତାକୁ ସେ ଛାଇକୁ ନେଇ ଯାଉଛି । (ଗହଳିକୁ) ... କିଏ ଟିକେ ଯାଅ । ଲକ୍ଷ୍ମୀ ଭାଉଜଙ୍କୁ, ଧରମାଭାଇକୁ ଖବର ଦେଇଦିଅ । (ନଳକୂଅ ମାରିବାର ଶବ୍ଦ) ।

ଚଣ୍ଡିକି : ନିଅ...ନିଅ... ପାଣି ନିଅ । ତା ମୁଣ୍ଡରେ ଟିକେ ଢାଳିଦିଅ । ହୋସ ଆସିଲେ ତାକୁ ପାଣି ପିଏଇ ଦିଅ ।

ବନା : ମୁଁ ଧରିଛି ତୁ ପାଣି ଢାଳ ।

ଚଣ୍ଡିକି : (ପାଣି ଢାଳିବାର ଶବ୍ଦ ।) ହଁ.. ହଁ.., ମୋ ବାପାଟା ଉଠିଲାଣି । ଆଖି ଖୋଲ ଏବେ ଭଲ ଲାଗିବ ଆଉ କିଛି ଅସୁବିଧା ହେବନି ।

ବନା : ଏ ଉଦୁଉଦିଆ ଖରାଟାରେ ଏ ସାଇକେଲଟାରେ ଗଲେ ଅଁଶୁଘାତ ହବନି ତ ଆଉ କଣ ହେବ କହିଲୁ ?

ଚଣ୍ଡିକି : ଛୋଟ ଛୁଆଟାଏ ସେ କଣ ଏ ଖରା ସମ୍ଭାଳି ପାରିବ ?

ଲକ୍ଷ୍ମୀ : (କାନ୍ଦି କାନ୍ଦି ଦୌଡ଼ି ଆସି) କଣ ହେଲା ମୋ ଧନର ? ମୁଁ ମନା କରୁଛି ଏ ଅନ୍ୟାୟ କାମ କରନି ? ହେଲେ ମୋ କଥାକୁ ଏ କାନରେ ପୂରାଇ ସେ ଆର କାନରେ କାଢ଼ି ଦେଉଛନ୍ତି । ମୁଁ ଏକା କଣ କରିବି ?

ଚଣ୍ଡିକି : ଆଉ ବ୍ୟସ୍ତ ହୁଅନି ଭାଉଜ । ବାବୁନା ପୁରା ଠିକ୍ ହେଇଗଲାଣି । ଦେଖୁନ ସେ ନିଜେ ଉଠି କେମିତି ବସିଲାଣି ।

ଧରମା : (ହଠାତ୍ ପଶିଆସିଛି । କଣ୍ଠ ବାଷ୍ପାକୁଳ ।) ଆଲୋ ଲକ୍ଷ୍ମୀ କଣ ହେଲା ବାବୁନାର ?

ଲକ୍ଷ୍ମୀ : କଣ ଆଉ ହେବ ଅଁଶୁଘାତରେ ବେହୋସ ହେଇ ଯାଇଥିଲା । ମଝି ରାସ୍ତାରେ ଦୁମ୍ କିନା ପଡ଼ିଲା । ଯଦି ମୁଣ୍ଡ ପିଟି ହେଇ ଯାଇଥାନ୍ତା ତା ହେଲେ କଣ ମୁଁ ମୋ ପୁଅକୁ ଆଉ ପାଇଥାନ୍ତି ।

ଚଣ୍ଡିକି : ଯଦି ଗଛ ଛାଇ ଥାଆନ୍ତା ତା ହେଲେ ତ ପୁଅ ଛାଇ ଛାଇରେ ଯାଇଥାନ୍ତା । ଅଁଶୁଘାତ କାହିଁକି ହେଇଥାନ୍ତା ?

ଲକ୍ଷ୍ମୀ : କହୁଥିଲ ପରା ଚଣ୍ଡିକି ବାଜେ କଥା କହୁଛି । ଏବେ ଦେଖିଲ ତ କିଏ ଖରାପ, ଆଉ କିଏ ଖରାପ କାମ କରୁଛି ।

ବନା : ଦେଖ ଧରମା ଭାଇ, ତମର ଯେତେ ବଡ଼ଲୋକଙ୍କ ସାଙ୍ଗରେ ଭାବ ଥାଉ ସେ କଣ ସୁରୁଯ ଦେବତାଙ୍କ ଠାରୁ ଟାଣୁଆ ।

ଚଣ୍ଡିକି : ଟଙ୍କା ପଇସା ତ ସମସ୍ତେ କମଉଛନ୍ତି । ହେଲେ ଅଧର୍ମ ଧନ ଦିନେ ନା ଦିନେ କ୍ଷତି ପହଞ୍ଚାଏ ।

ଲକ୍ଷ୍ମୀ : ଏବେ ତ ବୁଝିଗଲ ... ।

ଧରମା : ମୋର ଭୁଲ ହେଇଛି । ଏବେ ମୁଁ ବୁଝିପାରିଛି ନିଜର ସ୍ୱାର୍ଥ ପାଖରେ ମୁଁ ମୋ ପୁଅର ସ୍ୱାର୍ଥକୁ ବି ଭୁଲିଯାଇଛି ।

ଲକ୍ଷ୍ମୀ : ତମେ ଯେ ପ୍ରକୃତରେ ଭୁଲ ବୁଝିପାରିଛ, ସେଥିପାଇଁ ମୁଁ ଆଜି ବହୁତ ଖୁସି ।

ଚଣ୍ଡିକି : ଖାଲି ବୁଝି ପାରିଲେ ହେବନି । ଭୁଲ ପାଇଁ ପ୍ରାୟଶ୍ଚିତ ନିଶ୍ଚିତ କରିବାକୁ ପଡ଼ିବ ।

ବନା : ହଁ ..ହଁ.. ଚଣ୍ଡିକି ଠିକ କହିଛି ।

ଧରମା : ତମେମାନେ ଯାହା କହିବ ମୁଁ ନିଶ୍ଚିତ କରିବି ।

ଲକ୍ଷ୍ମୀ : ଆଜି ସିନା ନିଜ ଉପରେ ପଡ଼ିଲା ବୋଲି ଭାବିଲ । ହେଲେ ଚିନ୍ତା କର ତ ତମର ଏହି ଗଛ କାଟିବା ଦ୍ୱାରା କେତେ ଲୋକର କ୍ଷତି ହେଉ ନ ଥିବ ।

ଧରମା : ମତେ ଆଉ ଲଜ୍ଜିତ କରନି ।

ଚଣ୍ଡିକି : ତେବେ ଆମକୁ କଥା ଦିଅ ଯେତିକି ଗଛ କାଟିଛ ତାର ଦି ଗୁଣ ଗଛ ଲଗାଇବା ପାଇଁ ଆମକୁ ସାହାଯ୍ୟ କରିବ ।

ଧରମା : ଦି ଗୁଣ କଣ ... ଆଜିଠାରୁ ମୁଁ ବଞ୍ଚିଥିବା ଯାଏ ଗୋଟାଏ ମନ୍ତ୍ର ଗାଇବି–

ଗଛ ଲଗେଇ ଯତ୍ନ ନେବି, ସବୁଜିମାରେ ଭରିଦେବି
ସୁସ୍ଥ ପରିବେଶ ଗଢ଼ି, ସ୍ୱାସ୍ଥ୍ୟର ସାଥୀ ହେବି ।

ସମସ୍ତେ :

ବୁଝିଗଲେ ଧରମା ଭାଇ ଖୁସି ହେଲୁ ଆମେ
ଗଛ କାଟି ଦୁଃଖୀ ଆମେ ହେବା ନାହିଁ ଦିନେ ।

(ତା. ୧୩.୬.୨୦୧୨ରେ ଆକାଶବାଣୀରେ ପ୍ରଚାରିତ)

# ଗଛରୁ ଔଷଧ

ବନଜ ବିହାରୀ ମହାପାତ୍ର

### ୧ମ ଦୃଶ୍ୟ

*(ବୈଦ୍ୟରାଜଙ୍କ ଘର। ଡାକି ଡାକି ଆସେ ଖାଁଡ଼ ମକରା।)*

ମକରା : ବୈଦ୍ୟରାଜ ଘରେ ଅଛନ୍ତି, ବୈଦ୍ୟରାଜ।

ବୈଦ୍ୟ : ହଁ ହଁ ଘରେ ଅଛି, କିଏ ?

ମକରା : ମୁଁ ଆଜ୍ଞା ମକରା

ବୈଦ୍ୟ : ମକରା...ଆସ ଭିତରକୁ ଆସ

ମକରା : ଜୁହାର ହଜୁର

ବୈଦ୍ୟ : ଜୁହାର ...ଜୁହ ...କଣ ହେଲା ?

ମକରା : ଆ ଜ୍ଞା ମୋ ପୁଅଟାର ଦିହ ବହୁତ ଖରାପ।

ବୈଦ୍ୟ : କଣ ହେଇଛି ?

ମକରା : ଜରରେ ଦିହ ଖଇ ଫୁଟୁଛି ? ଖାଲି ବାଉଳି ଚାଉଳି ହେଉଛି।

ବୈଦ୍ୟ : କାହିଁ କଣ ବର୍ଷାରେ ଭିଜିଥିଲା କି ?

ମକରା : କାଲି ଇସ୍କୁଲରୁ ଫେରିବା ବେଳେ ଭିଜିଯାଇଥିଲା। ବାବୁଙ୍କାଟା ଯେତେ କହିଲେ କଣ ଛତା ନେଇ ଯାଉଛି ?

ବୈଦ୍ୟ : ସେଇଥି ପାଇଁ ଜର ହେଇଗଲା। ଆଚ୍ଛା ନାକରୁ ପାଣି ବାହାରୁଛି ?

ମକରା : ପାଣି ଆଜ୍ଞା ବାହାରୁଛି ମାନେ ଗଙ୍ଗା ଯମୁନା ପରି ବାହାରି ଚାଲିଛି ଯେ ବନ୍ଦ ହେବାର ନାଁ ଧରୁନି।

ବୈଦ୍ୟ : ଶୀତ

ମକରା : କଣ ଆଜ୍ଞା କନ୍ଥା ପକାଇ ମାଡ଼ି ବସିଲେ ବି ସମ୍ଭାଳି ହେଉନି।

ବୈଦ୍ୟ : ମଶାରୀ ଟାଙ୍ଗି ଶୋଉଛଟି ?

ମକରା : ନାହିଁ ଆଜ୍ଞା, ଖଟି ଖଟି ଆସି ଥକାମାରି କୁଆଡ଼େ ଶୋଇଯାଉଛି ମଶା କାମୁଡୁ କି ଡାଆଁଶ କାମୁଡୁ କିଛି କଣ ଜଣା ପଡୁଛି ?

ବୈଦ୍ୟ : ମଶା ତ ନିହାତି କାମୁଡୁଥିବ ନା ?

ମକରା : ହଁ କାମୁଡୁଥିଲେ କାମୁଡୁଥିବ ଜଣା ପଡ଼ିଲେ ସିନା ହେବ।

ବୈଦ୍ୟ : ତା ମାନେ ମେଲେରିଆ ହବାର ଆଶଙ୍କା ଅଛି, ବାନ୍ତି ଦେଖଉଛି।

ମକରା : ଆଜ୍ଞା

ବୈଦ୍ୟ : ଘରେ ତ ଶୁଦ୍ଧ ସୋରିଷ ତେଲ ଥିବ।

ମକରା : ଶୁଦ୍ଧ କଣ ଆଜ୍ଞା, ଆମ ଏଇ ବନା ତେଲରାତି ଦୋକାନରେ ଯାହା ମିଳୁଛି ସେଇଆ ତ।

ବୈଦ୍ୟ : ଆଚ୍ଛା ହଉ, ଏଇ ମେଡ଼ିସିନ୍ ପୁଡ଼ୁଲାଟା ଧର, ଚାଲ ଯିବା।

ମକରା : ଆଜ୍ଞା ଚାଲନ୍ତୁ।

ବୈଦ୍ୟ : ଆରେ ତାପାଖରେ କିଏ ଅଛି ?

ମକରା : ତା ମା ଅଛି ଆଜ୍ଞା।ରାତି ସାରା ତାକୁ ଜଗି ବସିଛି।

ବୈଦ୍ୟ : ହଉ...ହଉ .. ଚାଲ ଯିବା...

ମକରା : ଚାଲନ୍ତୁ।

### ୨ୟ ଦୃଶ୍ୟ

*(ପୁଅ ଜରରେ ଶୋଇଥାଏ। ବ୍ୟସ୍ତ ହେଉଥାଏ। ମା ତା ପାଖରେ ବସି ମୁଣ୍ଡ ଆଉଁସି ଦେଉଥାଏ। ଦୁନିଆଯାକର ଦେବାଦେବୀଙ୍କୁ ଡାକୁଥାଏ ତା ପୁଅକୁ ଭଲ କରିଦେବା ପାଇଁ।)*

ଜନନୀ : (ପୁଅର ଅସ୍ତବ୍ୟସ୍ତ ଶୁଣି) ଆଉ ବ୍ୟସ୍ତ ହୋନାରେ ପୁଅ। ଏଇନେ ବାପା ବୈଦ୍ୟରାଜଙ୍କୁ ଧରି ଆସିବେ। ଦି ପାନେ ଔଷଧି ଦେବେ ସେ ତୋ ଜର ପୁରା ଭଲ ହେଇଯିବ। (ପୁଣି ଇଁ ଆଁ ହୋଇଲୋ ବାପାଲୋ ଶବ୍ଦ) ହେ ମା ତାରିଣୀ ମୋ ପୁଅକୁ ଘଣ୍ଟ ଘୋଡ଼େଇ ରକ୍ଷାକରଲୋ ମା। ତା ଦିହ ଭଲ କରିଦେ। ହେ ମା ଗ୍ରାମଦେବତୀ ଛେନା ନଡ଼ିଆ ପଣା ଦେଇ ତତେ ଗାଧୋଇ ଦେବିଲୋ ମା ମୋ ପୁଅକୁ ଭଲ କରିଦେ।

ହେ ବାବା ନେଏଇ ପାଣି ଟିକେ ପିଇ ଦେ । ଏ ତାତିଟା କଣ ତା ଦିହରୁ ଓହ୍ଲାଉଛି ? ନିଆଁଲାଗା ତାତି ଭଲା ଟିକେ କମିଯାଆନ୍ତୁ ।

ହେ ଶଙ୍କର ମହାପ୍ରଭୁ ଆଠଣାର ଗଞ୍ଜେଇ ଭୋଗ ଲଗେଇବି । ମୋ ପୁଅକୁ ଟିକେ ଭଲ କରିଦିଅ ।

(ଏତିକି ବେଳେ ବାହାର ପଟୁ ପାଟି ଶୁଭିଲା ।)

ମକରା : ଆଲୋ ହେ ସାରିଆ । ସପଟା ପକାଲୋ । ବୈଦ୍ୟରାଜ ଆସିଲେଣି । ଆଉ ବ୍ୟସ୍ତ ହୁଅନା । ଆସନ୍ତୁ... ଆସନ୍ତୁ ... ବୈଦ୍ୟରାଜ ଭିତରକୁ ଆସନ୍ତୁ ।

ବୈଦ୍ୟ : ଆଚ୍ଛା ପୁଅ କାହିଁ ?

ସାରିଆ : ଦଣ୍ଡବତ ବୈଦ୍ୟରାଜ ।ଏଇଠି ବସନ୍ତୁ ମୁଁ ସପ ପକେଇ ଦେଇଛି ।

ବୈଦ୍ୟ : ବସିବା ପରେ । ଆଗ ପୁଅକୁ ଦେଖେ ।

ହଁ ଜରର ମାତ୍ରାଟା ଅତ୍ୟଧିକ ହେଇଛି । ଗୋଟାଏ କାମ କର । ତାକୁ ଓଦା ଗାମୁଛାରେ ଟିକେ ପୋଛି ଦିଅ । ମୁଣ୍ଡ ଅଧାତାକୁରୁ ଧୋଇଦିଅ ।

ସାରିଆ : ଆଜ୍ଞା ଏତେ ଜର । ତା ଦିହରେ ତାକୁ ପୋଛିଦେଲେ ସନ୍ନିପାତ ହେଇଯିବ ଆଜ୍ଞା ।

ବୈଦ୍ୟ : ମୁଁ ଯାହା କହୁଛି ସେଇଆ କର । ଡରନି ମୁଁ ଅଛି ପରା ।

ମକରା : ଆଲୋ ଆଜ୍ଞା ଯାହା କହୁଛନ୍ତି କର । ଆଣିଲୁ ପାଣି ଟିକେ ଆଣିଲୁ । ଆଉ ମୋର ସେଇ ଗାମୁଛା ଟା ବି ଆଣ ।

ସାରିଆ : ହଉ ଆଣୁଛି ।

ବୈଦ୍ୟ : ତମେ ଟିକେ ସୋରିଷ ତେଲ, ଲୁଣ ଓ ପାଖୁଡ଼ାଏ ରସୁଣ ପକେଇ ଗରମ କରି ଆଣ ।

ସାରିଆ : ହେଇ ପାଣି ଆଉ ଗାମୁଛା ନିଅ ।

ମକରା : ଆଲୋ ଗଲୁ ରସୁଣ, ସୋରିଷ ତେଲ ଆଉ ଲୁଣ ଟିକେ ଗୋଟେ ବାମଚରେ ଗରମ କରି ଆଣ ।

ସାରିଆ : ଯାଉଛି ।

ବୈଦ୍ୟ : ମକରା ଯେମିତି କହିଲି ସେମିତି ପୁଅକୁ ପୋଛିଦିଅ । ଆଉ ଅଧା ମୁଣ୍ଡ ଧୋଇଦିଅ ।

ସାରିଆ : ଗରମ ତେଲ ନିଅନ୍ତୁ ।

ବୈଦ୍ୟ : ସେଇଠି ରଖ ।

ମକରା : ଆଲୋ ସାରିଆ ଟିକେ ଆସିଲୁ । ପୁଅକୁ ଧର ମୁଁ ପୋଛି ଦେଉଛି ।

ସାରିଆ : ହଉ ହଉ ...

ମକରା : ମୁଁ ଆଗପଟଟା ପୋଛି ଦେଉଛି । ତୁ ଟିକେ ତାକୁ ବୁଲେଇ କୋଳରେ ଶୁଆଇ ଦେ । ମୁଁ ପିଠିପଟଟା ପୋଛି ଦେବି ।

ସାରିଆ : ସେ କଥା କହୁନ, ହଉ ରୁହ ମୁଁ ଟିକେ ଠିକରେ ବସେ । ହଁ...ହେଲା ଦିଅ- ମୋ କୋଳକୁ ଦେଇ ।

ମକରା : ଧର..ବାସ୍ ... ବାସ୍ ...ସେତିକିରେ ହେଇଯିବ ।

ସାରିଆ : ବାସ୍ ହେଲା ତ ?

ମକରା : ହଁ ହଁ ...ହେଇଗଲା । ମୁଣ୍ଡ ତଳକୁ ଟିକେ ଦେଲାଟା ଦେଖ । ମୁଁ ତା ମୁଣ୍ଡକୁ ଅଧାରୁ ଧୋଇ ଦେଉଛି ।

ସାରିଆ : ହଉ ଦିଅ । ବାସ୍ ସେତିକି ଥାଉ ବା । ଏତେ କଣ ଧୋଉଛ ?

ମକରା : ମଲା ବୈଦ୍ୟ ପରା କହିଲେ ଭଲ କରି ଧୋଇଦେବାକୁ ।

ବୈଦ୍ୟ : କଣ ସରିଲା ? ତାକୁ ଭଲ କରି ପୋଛି ଦିଅ ।

ମକରା : ଆଜ୍ଞା ଶୁଖିଲା ଗାମୁଛାରେ ପୋଛି ଦଉଛି ।

ବୈଦ୍ୟ : ହଁ ହଁ ଭଲକରି ପୋଛି ଦିଅ ।

ସାରିଆ : ଏବେ ଶୋଇ ଦେବି ତ ।

ବୈଦ୍ୟ : ବେଡ୍‌ସିଟ୍ ପକାଇ ତା ଉପରେ ଶୁଆଇ ଦିଅ ।

ମକରା : ହଉ ରହ ରହ ମୁଁ ବିଛଣା କରିଦେଉଛି ।

ସାରିଆ : ହଉ

ମକରା : ଦେ ଆଣ ପୁଅକୁ ଆଉ ଶୁଆଇ ଦେ ।

ବୈଦ୍ୟ : ଏବେ ସେହି ଗରମ ସୋରିଷ ତେଲକୁ ତାର ପାଦ, ହାତ, ପାପୁଲି ଆଉ ପିଠିର ମଝି ଶିରାରେ ଭଲ କରି ମାଲିସ୍ କରିଦିଅ ।

ସାରିଆ : ମୁଁ ତା ପାଦରେ ମାଲିସ୍ କରୁଛି ତମେ ତା ହାତ, ପାପୁଲିରେ ମାଲିସ୍ କରିଦିଅ ।

ମକରା : ମୁଁ ମାଲିସ୍ କରିଦେଉଛି ତୁ ଯା ବୈଦ୍ୟଙ୍କ ପାଇଁ ଟିକେ ଚା-ପାଣିର ବ୍ୟବସ୍ଥା କର ।

ବୈଦ୍ୟ : ମୋ ପାଇଁ ଅଦୌ ବ୍ୟସ୍ତ ହୁଅନି । ଆଗେ ପିଲାର ଜର କମିଯାଉ ତା ପରେ ଯାଇ ଯାହା । ଏଇ ସିଙ୍ଗଡ଼ାହାର ପତ୍ର ନେଇ ଟିକେ ବାଟି ତାର ରସ ପିଆଇ ଦିଅ । ଦେଖିବ ବହୁ ଠିକ୍ ହେଇଯିବ ।

ସାରିଆ : କାଶ ବି ଟିକେ ଟିକେ ହେଉଛି ।

ବୈଦ୍ୟ : ତୁଳସୀପତ୍ର, ଅଦାକୁ ଛେଚି ଏକ ଚାମଚ ରସ ବାହାର କରି ସେଥିରେ ମହୁ ମିଶାଇ ପିଲାକୁ ୩ଥର ଦିନକୁ ଦିଅ । ଦେଖିବ ତାର କାଶ ଏକାଥରକେ କୁଆଡ଼େ ଚାଲିଯିବ ।

ସାରିଆ : ହେଇ ଦେଖୁଛନ୍ତି, କେଇଟା ମିନିଟରେ ତା ଦିହର ତାତି କୁଆଡ଼େ ଗଲାଣି । ଦେଖନ୍ତୁ କେମିତି ଆଖି ଖୋଲି ହସିଲାଣି । ମୋ ଧନଟା କାଲିଠୁ ତୋ ହସ କୁଆଡ଼େ ମିଳେଇ ଯାଇଥିଲା ।

ମକରା : କାଲିକୁ ଏଇ ତେଲ ଆଉ ଟିକେ ମାଲିସ୍ କରିଦେବ । ତୁଳସୀପତ୍ର ରସ ଦେବ । କାଲିକୁ ସବୁ ଠିକ୍ ହେଇଯିବ । ଥଣ୍ଡାଟା ଜୋରରେ ଧରି ପକେଇଛି ତ ସେଇଥି ପାଇଁ......।

ସାରିଆ : ବୈଦ୍ୟ ଆଜ୍ଞା ଟା ଟିକେ ପିଇବେନି ?

ବୈଦ୍ୟ : ଆଉ କେବେ ଭଲ ବେଳେ ଆସିଲେ ଟା ପିଇବି । ସାହେ ପୁଣି କେତେ ରୋଗୀ ଅପେକ୍ଷା କରିଥିବେ ।

ମକରା : ଚାଲନ୍ତୁ ମୁଁ ଆପଣଙ୍କ ବ୍ୟାଗଟା ଆପଣଙ୍କ ଘର ପର୍ଯ୍ୟନ୍ତ ନେଇଯିବି ।

ସାରିଆ : ମୁଁ ଏଇଠି ଦଣ୍ଡବତ କଲି ଆଜ୍ଞା ।

ବୈଦ୍ୟ : ହଉ ହଉ ହେଲା.......

## ୩ୟ ଦୃଶ୍ୟ

*(ବୈଦ୍ୟଙ୍କ ଘର । ରୋଗୀମାନେ ଅପେକ୍ଷା କରିଥାନ୍ତି । କମ୍ପାଉଣ୍ଡର ବାବୁ ସବୁ ବୁଝି ନମ୍ବର କରୁଥାନ୍ତି, କାହାର କଣ ହେଇଛି । ବୈଦ୍ୟରାଜ ଆସି ପହଞ୍ଚନ୍ତି ।)*

କମ୍ପାଉଣ୍ଡର : ଏକ ନମ୍ବର ପତଳାଝାଡ଼ା
ଦୁଇ ନମ୍ବର ସର୍ଦ୍ଦି, କାଶ
ତିନି ନମ୍ବର କାଛୁକୁଣ୍ଡିଆ
ଚାରି ନମ୍ବର ମାସିକ ରକ୍ତସ୍ରାବ ଗଣ୍ଡଗୋଳ
ପାଞ୍ଚ ନମ୍ବର ଛାତି ଜଳାପୋଡ଼ା
ଛଅ ନମ୍ବର.......

(ଏତିକି ବେଳେ ବୈଦ୍ୟରାଜ ପ୍ରବେଶ କରି କହିଲେ ।)

ବୈଦ୍ୟରାଜ: କଣ କମ୍ପାଉଣ୍ଡର ବାବୁ ? କିଛି ଔଷଧ ରୋଗୀମାନଙ୍କୁ ଦେଲଣି ନା ନାହିଁ ?

କମ୍ପାଉଣ୍ଡର : ଆଜ୍ଞା ସମସ୍ତଙ୍କ ଠାରୁ ବୁଝି ତାଲିକା ପ୍ରସ୍ତୁତ କରିଛି ।

ବୈଦ୍ୟରାଜ: ଏକ ନମ୍ବର ରୋଗୀଙ୍କର କଣ ହେଇଛି ?

କମ୍ପାଉଣ୍ଡର : ଆଜ୍ଞା ତାଙ୍କର ପତଳାଝାଡ଼ା ହେଇଛି ।

ବୈଦ୍ୟରାଜ: ତାଙ୍କୁ ପାଳୁଅ, ପାଚିଲା କଦଳୀ, ଚୁଡ଼ା ଖାଇବା ପାଇଁ କୁହ । ଗୋଟାଏ କଷି ଡାଳିମ୍ବକୁ ବାଟି ତାର ରସ ପିଇବା ପାଇଁ ଦିଅ । ପାଣି ଫୁଟାଇ ଥଣ୍ଡା କରି ସେଥିରେ ଲୁଣ ଚିନି ପକାଇ ଯେତେ ଇଚ୍ଛା ସେତେ ପିଇବା ପାଇଁ ଦିଅ । ଦେଖ ଯେମିତି ସେ ମସଲାଦାର ଖାଦ୍ୟ ନ ଖାଆନ୍ତି ।

କମ୍ପାଉଣ୍ଡର : ଦୁଇ ନମ୍ବର ରୋଗୀଙ୍କର କଣ ହେଇଛି ?

ମକରା : ଆଜ୍ଞା ବ୍ୟାଗଟା ଏଇଠି ରଖିଲି । ମୁଁ ଆସୁଛି, ନମସ୍କାର ।

ବୈଦ୍ୟ : ହଉ ... ହଉ ...ଠିକ୍ ଅଛି । ପୁଅ ଖବର କାଲି ଦେବ ।

ମକରା : ଆଜ୍ଞା ହଁ...

କମ୍ପାଉଣ୍ଡର : ତାଙ୍କର ସର୍ଦ୍ଦିକାଶ ହେଉଛି ।

ବୈଦ୍ୟରାଜ: ତାଙ୍କୁ ତୁଳସୀପତ୍ର ୧ ଚାମଚ, ଅଦା ରସ ୧ ଚାମଚ ସହିତ ୧ ଚାମଚ ମହୁ ମିଶାଇ ଦିନକୁ ୩ ଥର ଦିଅ । ସୋରିଷ ତେଲ, ଲୁଣ, ରସୁଣ ଗୋଟାଏ ପାତ୍ରରେ ଗରମ କରି ହାତ ପାପୁଲି, ପାଦ ଆଉ ମେରୁଦଣ୍ଡରେ ଭଲ କରି ମାଲିସ୍ କରିଦିଅ । ଥଣ୍ଡା ପବନକୁ ଯିବାକୁ ବାରଣ କର ।

କମ୍ପାଉଣ୍ଡର : ଖାଦ୍ୟପେୟ ?

ବୈଦ୍ୟରାଜ: ଖାଇବାରେ କିଛି ଅସୁବିଧା ନାହିଁ । ଯାହା ଖାଇବେ ସବୁ ଗରମ ଥିବା ଆବଶ୍ୟକ ।

କମ୍ପାଉଣ୍ଡର : ଆଜ୍ଞା ୩ ନମ୍ବର ରୋଗୀଙ୍କର ଦେହସାରା କାଛୁକୁଣ୍ଡିଆ ଭର୍ତ୍ତି ହେଇ ଯାଇଛି । ପ୍ରବଳ ମାତ୍ରାରେ କୁଣ୍ଡେଇ ହେଉଛି । କୁଣ୍ଡେଇ କୁଣ୍ଡେଇ ଡକ୍ଲାଣ୍ଡି କରିଦେଲାଣି ।

ବୈଦ୍ୟରାଜ: ପାଣିରେ ନିମ୍ବ ପତ୍ର ଛାଲି ଓ ପତ୍ର ପକେଇ ଫୁଟେଇ ଦେଇ ସେଇ ପାଣିରେ ଗାଧୋଇବା ପାଇଁ କୁହ । ଗାଧୋଇବା ବେଳେ ସେଇ ଘା ସବୁକୁ ଭଲ କରି ସଫା କରିବା ପାଇଁ କୁହ । ଏହିପରି କିଛି ଦିନ କଲେ ତାହା କମିଯିବ । ତାଙ୍କ ପାଇଁ ବାରଣ ହେଲା ଯେଉଁ ବସ୍ତ୍ର ପିନ୍ଧୁଛନ୍ତି, ତାକୁ ପ୍ରତ୍ୟେକ ଦିନ ଗରମ ପାଣିରେ ଧୋଇବା ଦରକାର ।

କମ୍ପାଉଣ୍ଡର : ଆଜ୍ଞା ଏହି ୪ ନମ୍ବର ରୋଗୀଙ୍କର ସମସ୍ୟା ଟିକେ ଅଧିକ ।

ବୈଦ୍ୟ : କଣ ହେଇଛି ତାଙ୍କର ?

କର୍ମୀଭଣ୍ଡର : ତାଙ୍କର ମାସିକ ରକ୍ତସ୍ରାବରେ ଗଡ଼ବଡ଼ ହେଉଛି। ଯେଉଁଥି ପାଇଁ ତାଙ୍କର ସନ୍ତାନ ସନ୍ତତି କିଛି ନାହିଁ।

ବୈଦ୍ୟରାଜ: ଆମର ଆୟୁର୍ବେଦରେ କେବଳ ଏହାର ଚିକିତ୍ସା ସମ୍ଭବ। କାରଣ ଏଥିପାଇଁ ଆଉ କୌଣସି ଔଷଧ ନାହିଁ। ତମେ କଣ ଜାଣିନ ଆମ ପୁରାଣରେ ପଢ଼ା ଅଛି, ମା ସୀତାଙ୍କୁ ରାବଣ ନେଇ ଅଶୋକ ବନରେ ରଖିବା ପରେ ଯାଇ ମା ସୀତାଙ୍କର ବନ୍ଧ୍ୟା ଦୋଷ କଟିଥିଲା। ଆଉ ସେଠାରୁ ଆସିବା ପରେ ଲବ କୁଶ ପରି ସୁନ୍ଦର ଯାଆଁଳା ପୁଅ ଜନ୍ମ ନେଇଥିଲେ।

କର୍ମୀଭଣ୍ଡର : ବୁଝିହେଲାନି ଆଜ୍ଞା।

ବୈଦ୍ୟ : ଶୁଣ ଅଶୋକ ଗଛର ଔଷଧୀୟ ଗୁଣ ଏମିତି ଯେ ମା ସୀତା ଠାକୁରାଣୀ ସେହି ବନ ମଧ୍ୟରେ ରହିବା ପରେ ଅଶୋକ ବନ ମଧ୍ୟ ଦେଇ ଆସୁଥିବା ପବନ ମା ସୀତା ଠାକୁରାଣୀଙ୍କ ଦେହରେ ବାଜି ବାଜି, ନିଃଶ୍ୱାସ ପ୍ରଶ୍ୱାସରେ ଯାଇ ତାଙ୍କ ବନ୍ଧ୍ୟା ଦୋଷକୁ ଦୂର କରି ଦେଇଥିଲା।

କର୍ମୀଭଣ୍ଡର : ତା ହେଲେ ଆମେ ବି ସେହି ଅଶୋକ ବନରେ ନେଇ ଏଇ ରୋଗୀଙ୍କୁ ରଖିବା ?

ବୈଦ୍ୟ : ନାଇଁ ବାବା ନାଇଁ .....
ଆମେ ସେଇ ଅଶୋକ ଛେଲି ଆଉ ପତ୍ରରୁ ଔଷଧ ତିଆରି କରି ତାଙ୍କୁ ଖାଇବା ପାଇଁ ଦେବା। ହଁ ଟିକେ ସମୟ ସାପେକ୍ଷ।

କର୍ମୀଭଣ୍ଡର : ଏମିତି କେତେ ଦିନ ଏ ଔଷଧ ଖାଇବା ପାଇଁ ପଡ଼ିବ।

ବୈଦ୍ୟ : ୩ ମାସରୁ ୬ ମାସ। ଦିନକୁ ୨ ଚାମଚ ୩ ଥର କରି ଖାଇବାକୁ ପଡ଼ିବ।

କର୍ମୀଭଣ୍ଡର : ମଲା ଏହି ୩ ମାସରୁ ୬ ମାସ ଏଇଟା କଣ ବେଶି ଦିନ ହେଉଛି ? ତାର ତ ବାହାଘର ୮ ବର୍ଷ ହେଲାଣି। ସେ କେତେ ଦିଅଁ ଦେବତା ଗୁହାରି ଗୁହାରି କରିସାରିଲାଣି। ତାର ତ କିଛି ହେଉନି।

ବୈଦ୍ୟ : ତାଙ୍କୁ ଏହି ଔଷଧ ଖାଇବା ପାଇଁ ଦିଅ ଆଉ ଧୈର୍ଯ୍ୟ ଓ ବିଶ୍ୱାସ ସହିତ ଅପେକ୍ଷା କରିବାକୁ କୁହ। ଦେଖିବ ନିଶ୍ଚିତ ଫଳ ମିଳିବ।

କର୍ମୀଭଣ୍ଡର : ଏଥିପାଇଁ ତା ସ୍ୱାମୀଙ୍କୁ କଣ କିଛି ଖାଇବା ଦରକାର ?

ବୈଦ୍ୟ : ତା ସ୍ୱାମୀଙ୍କୁ କୁହ ସେ ଅଶ୍ୱଗନ୍ଧା ଚେରର ରସ ଦିନକୁ ୨ ଚାମଚ କରି ପିଉ। ସେଥିରୁ ମଧ୍ୟ ନପୁଂସକତା ଦୂର ହୁଏ।

କର୍ମୀଭଣ୍ଡର : ସେ ବି କଣ କିଛି ଦିନ ପର୍ଯ୍ୟନ୍ତ ଖାଇବେ ?

ବୈଦ୍ୟ : ହଁ ସେ ବି ୩ ମାସରୁ ୬ ମାସ ପର୍ଯ୍ୟନ୍ତ ଖାଆନ୍ତୁ। ତାଙ୍କ ପରେ ଆଉ କିଏ ଅଛନ୍ତି ?

କର୍ମୀଭଣ୍ଡର : ତାଙ୍କ ପରେ ଆଉ ଯିଏ ଅଛନ୍ତି, ତାଙ୍କର ଛାତି ଜଳାପୋଡ଼ା ହଉଛି। ଝାଡ଼ା ପରିଷ୍କାର ହେଉନି, ଖାଇବା ପାଇଁ ଇଚ୍ଛା ହେଉନି, ମାଡା ମାଡା ଲାଗୁଛି।

ବୈଦ୍ୟ : ଜଣାପଡୁଛି ତାଙ୍କର ପ୍ରବଳ ଅମ୍ଳ ଦୋଷ ହେଉଛି। ତାଙ୍କୁ କୁହ ପ୍ରବଳ ମାତ୍ରାରେ ପାଣି ପିଇବେ। ତା ଛଡ଼ା ପ୍ରତ୍ୟେକ ଦିନ ସକାଳୁ ଖାଲି ପେଟରେ ୨ ଚାମଚ ବେଲପତ୍ର ରସ ପିଇବେ। ବେଲକୁ ପୋଡ଼ି କିମ୍ବା ସିଝେଇ ସେଥିରୁ ଜୁସ୍ ତିଆରି କରି ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଦିନକୁ ୧ ଗ୍ଲାସ୍ ପିଇବେ। ଏଥିରେ ଝାଡ଼ା ପରିଷ୍କାର ହେବ। ଅଣ୍ଟା ବ୍ୟଥା ଦୂର ହେବ, ଛାତି ଜଳାପୋଡ଼ା ମଧ୍ୟ କମିଯିବ।

କର୍ମୀଭଣ୍ଡର : ଏହାକୁ କେତେ ଦିନ ଧରି ଖାଇବେ ?

ବୈଦ୍ୟ : ଏହାକୁ ଅଭ୍ୟାସ କରି ଖାଇଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ । ଏବେ ତ ବଜାରରେ ବେଲ ମିଶ୍ରିତ ବିଭିନ୍ନ କମ୍ପାନୀମାନଙ୍କର ପାଉଡ଼ର ମିଳିଲାଣି। ଚାହିଁଲେ ତାଙ୍କୁ ମଧ୍ୟ ପାଣିରେ ଗୋଳେଇ ରାତିରେ ଏକ ଗ୍ଲାସ୍ ପିଇ ପାରିବେ। ମାତ୍ର ତା ସହିତ ଆଉ ୧ କିମ୍ବା ୨ ଗ୍ଲାସ ପାଣି ପିଇବେ।

କର୍ମୀଭଣ୍ଡର : ତାଙ୍କ ପରେ ଆଉ ଯିଏ ଅଛନ୍ତି, ତାଙ୍କର ଅବସ୍ଥା ଦିନକୁ ଦିନ ଅବନତି ଘଟି ଚାଲିଛି। ଜାଣିପାରୁନାହାନ୍ତି ତାଙ୍କର କଣ ହଉଛି ?

ବୈଦ୍ୟ : କଣ ଲକ୍ଷଣ ସବୁ କହୁଛନ୍ତି।

କର୍ମୀଭଣ୍ଡର : ତାଙ୍କର ଓଜନ କମି କମି ଯାଉଛି। ଅଧିକ ଥର ପରିସ୍ରା ହେଉଛି। ଖାଦ୍ୟ ପ୍ରତି ଲୋଭ ବଢ଼ି ଯାଉଛି।

ବୈଦ୍ୟ : ଆଚ୍ଛା ସେ ଯେଉଁ ଜାଗାରେ ପରିସ୍ରା କରୁଛନ୍ତି ସେଠି କଳା କିମ୍ବା ପିମ୍ପୁଡ଼ି ଲାଗୁଛନ୍ତି।

କର୍ମୀଭଣ୍ଡର : ଆପଣ କେମିତି ଜାଣିଲେ? ସେ କଥା ତ ମୁଁ ଆପଣଙ୍କୁ କହିନି।

ବୈଦ୍ୟ : କିଛି ରୋଗର ଲକ୍ଷଣ ଏମିତି। ଆପେ ଆପେ ମୁଣ୍ଡକୁ ଆସିଯାଏ ୨/୪ ଟା ଲକ୍ଷଣ ଶୁଣିବା ପରେ।

କର୍ମୀଭଣ୍ଡର : ତାଙ୍କର ତା ହେଲେ କଣ ହେଉଛି ?

ବୈଦ୍ୟ : ତାଙ୍କର ମଧୁମେହ ରୋଗ ହେଉଛି। ଏହା ଦ୍ୱାରା ତାଙ୍କର ରକ୍ତରେ ଶର୍କରା ପରିମାଣ ବୃଦ୍ଧି ପାଉଛି।

କମ୍ପାଉଣ୍ଡର : ଏଥିପାଇଁ କଣ କରିବା ?

ବୈଦ୍ୟ : ଆମ ଶରୀରରେ ଥିବା ଇନ୍‌ସୁଲିନ୍ ପରିମାଣ କମିଗଲେ ବା ତିଆରି ହେବା ବନ୍ଦ ହେଲେ ଏହିପରି ହୁଏ । ସେଥିପାଇଁ ଆମକୁ ସତର୍କ ହୋଇ ଚଳିବାକୁ ପଡ଼େ ।

କମ୍ପାଉଣ୍ଡର : କଣ ସତର୍କ ହେବାକୁ ପଡ଼ିବ ?

ବୈଦ୍ୟ : ଆମର ଖାଦ୍ୟପେୟ ନିୟନ୍ତ୍ରଣ ନିହାତି ଜରୁରୀ । ଶର୍କରା ଜାତୀୟ ଖାଦ୍ୟ, ମାଟିତଳେ ଫଳୁଥିବା ପନିପରିବା ଯେପରିକି ଆଳୁ, ମୂଳା, ମାଟିଆଳୁ ଇତ୍ୟାଦି ଖାଇବା ନିଷେଧ । ଭାତ ମଧ୍ୟ କମ୍ ଖାଇଲେ ଭଲ ।

କମ୍ପାଉଣ୍ଡର : ତା ହେଲେ ସେ ଖାଇବେ କଣ ?

ବୈଦ୍ୟ : ସବୁଜ ପନିପରିବା, ଅଟାରୁଟି, କମ୍ ତେଲ ମସଲା, ଛୋଟମାଛ । ଅଣ୍ଡା, ମାଂସ ଯେତେ କମ୍ ଖାଇବେ ସେତେ ମଙ୍ଗଳ । ଚିନି ଆଦୌ ଖାଇବେ ନାହିଁ । ଖାଲି ଚିନି ନୁହେଁ ସବୁ ମିଠା ଜିନିଷ ଖାଇବା ତାଙ୍କ ପାଇଁ ବାରଣ ।

କମ୍ପାଉଣ୍ଡର : ବିନା ମିଠାରେ କେମିତି ଚଳିବେ ? ଜୀବନଟା ତ ପୂରା ପିକା ହୋଇଯିବ ।

ବୈଦ୍ୟ : କାହିଁକି ? ସେଥିପାଇଁ ବି ଆମର ଆୟୁର୍ବେଦ ଅଛି ।

କମ୍ପାଉଣ୍ଡର : ମାନେ

ବୈଦ୍ୟ : ଷ୍ଟିଭିଆ ଗଛର ପତ୍ର ଚିନିଠାରୁ ବି ୨୫ ଗୁଣ ମିଠା । ହେଲେ ମଧୁମେହ ପାଇଁ ଆଦୌ କ୍ଷତିକାରକ ନୁହେଁ ।

କମ୍ପାଉଣ୍ଡର : ଓହୋ ମଣିଷ ବଞ୍ଚିଗଲା ।

ବୈଦ୍ୟ : ବଞ୍ଚିଗଲା ମାନେ ।

କମ୍ପାଉଣ୍ଡର : ଆଜ୍ଞା ଏ ଯେଉଁ ଲକ୍ଷଣ କଥା କହୁଥିଲେ ଏ ସବୁ ମୋ ଠାରେ ଦେଖାଯାଉଛି ।

ବୈଦ୍ୟ : ଦେଖ ତମକୁ ଏବେ ଠାରୁ ସଜାଗ ହେବାକୁ ପଡ଼ିବ । ଯେଉଁ ଖାଦ୍ୟ ବାରଣ କଥା କହିଲି ତାହା ତ କରିବ । ତା ସହିତ ପ୍ରତ୍ୟେକ ଦିନ କଲରା ପତ୍ର ରସ ଅଧ ଗ୍ଲାସ, ଲାଉ ଜୁସ୍ ୧ ଗ୍ଲାସ ପିଅ । ସକାଳୁ ଉଠି ୨ କି:ମି: ଚାଲିବା ଅଭ୍ୟାସ କର । ଗୁଡ଼ମାରୀ ପତ୍ର ୨ଟି ଚୋବେଇ ଖାଅ । ଏଥିରେ ଯଦି ତୁମକୁ ଭଲ ନ ଲାଗେ ତେବେ ଆମେ ଅନ୍ୟ ପନ୍ଥା ଦେଖିବା । ଆଚ୍ଛା ତମର ମୁଣ୍ଡ ବୁଲେଇ ଦେବା, ଅନ୍ଧାରୁଆ ଲାଗିବା ଏପରି କିଛି ହୁଏ କି ?

କମ୍ପାଉଣ୍ଡର : ଆଜ୍ଞା ବେଳେ ବେଳେ ଏମିତି ହୁଏ ।

ବୈଦ୍ୟ : ତା ହେଲେ ତୁମର ଉର୍ଦ୍ଧ୍ୱରକ୍ତଚାପ ମଧ୍ୟ ଅଛି । ତେଣୁ ତା ସହିତ ତୁମକୁ ପାତାଳଗରୁଡ଼ ଚେରର ରସ ଦିନକୁ ଥରେ ପିଇବାକୁ ହେବ ।

କମ୍ପାଉଣ୍ଡର : ଏହାର ପ୍ରତିକାର ନ କଲେ କଣ ହେବ ?

ବୈଦ୍ୟ : ଏହାର ପରିଣାମ ବହୁତ ଭୟାବହ । ଯଦି ଏହା ଅଧିକ ମାତ୍ରାରେ ରହେ ତେବେ ଶରୀରର ବିଭିନ୍ନ ଅଙ୍ଗ ନଷ୍ଟ କିମ୍ବା କାମ ନ କରିବାର ଦୃଷ୍ଟାନ୍ତମାନ ଅଛି । ଯେଉଁଥିରେ ତୁମକୁ ପକ୍ଷାଘାତ, ଯକୃତ ନଷ୍ଟଜନିତ ରୋଗ, ମଧୁମେହଜନିତ ପାଦରେ ଘା ହେବାର ସମ୍ଭାବନା ଅଛି, ଏ ସବୁ ହେଲେ ରକ୍ତରେ ସଂକ୍ରମଣ ହେବା ଦ୍ୱାରା ବେଳେ ବେଳେ ଆଣ୍ଠୁ ପାଖରୁ କାଟିବାକୁ ପଡ଼ିପାରେ ଶେଷରେ ରୋଗୀର ଯନ୍ତ୍ରଣାଦାୟକ ମୃତ୍ୟୁ ହୁଏ ।

କମ୍ପାଉଣ୍ଡର : ନାହିଁ ଆଜ୍ଞା ମୁଁ ଯନ୍ତ୍ରଣାଦାୟକ ମୃତ୍ୟୁ ବରଣ କରିବାକୁ ଚାହେଁ ନାହିଁ । ମୋ ପିଲାମାନଙ୍କୁ ମୋର ବାର୍ଦ୍ଧକ୍ୟରେ ହନ୍ତସନ୍ତ ହେବାକୁ ଦେବିନି । ମୁଁ ନିଶ୍ଚିତ ଆଜିଠାରୁ ସଜାଗ ହେବି ।

ବୈଦ୍ୟ : ସଜାଗ ସ୍ୱାସ୍ଥ୍ୟ ପ୍ରତି ନିଶ୍ଚିତ ହିତକର ।

### ୪ର୍ଥ ଦୃଶ୍ୟ

*(ଦାଣ୍ଡରେ ସାରିଆର ପୁଅ ଦୌଡୁଥାଏ । ସାରିଆ ତା ପଛରେ ପାଟିକରି ଗୋଡ଼ାଉ ଥାଏ । ହଠାତ୍ ବୈଦ୍ୟରାଜ ଆସନ୍ତି ।)*

ସାରିଆ : ଆରେ ହେ ...ହେ ... ମୋ ଧନଟା ପରା ତତେ ପରା କଉ । ତୁ ଏମିତି ଥଣ୍ଡାରେ ଦାଣ୍ଡଟାରେ ବୁଲିଲେ କେମିତି ହେବ କହିଲୁ ।
ଆ ... ପଳେଇ ଆ ... ଘର ଭିତରକୁ ଆ ... ଆଉ ଦିନେ ଯାଉ ଦିହଟା ଟିକେ ଠିକ୍ ହୋଇଯାଉ ତା ପରେ ଯାଇ ପୁଣି ଦାଣ୍ଡରେ ସାଙ୍ଗମାନଙ୍କ ସହିତ ଖେଳିବୁ ।

ବୈଦ୍ୟରାଜ: ଆଲୋ ସାରିଆ ଏ କଣ ? ତାକୁ ପରା କର, ସେ ଏମିତି ଦାଣ୍ଡରେ କଣ ଆସି ବୁଲିଲାଣି ।

ସାରିଆ : ଆଜ୍ଞା ସେ କଣ ମୋ କଥା ମାନୁଛି ? ତା ବାପା କାମରେ ଚାଲିଗଲେ । ଆପଣଙ୍କ ପଥ୍ୟ ପରେ ଟିକେ

ଭଲ ଲାଗିଲା ସେ ଅସି ବାଣରେ ହାକର। ସେତେ କହିଲେ ଶୁଣୁନି।

ବୈଦ୍ୟ : ଜର ନୋଇଟି ପଡ଼ିଲେ ଭାରି ଅସୁବିଧା। ଯା ତାକୁ ଘରକୁ ନେଇ ଯା।

ସାରିଆ : ଆଜ୍ଞା ମୁଁ ଆପଣଙ୍କ ପାଖକୁ ଯାଉଥିଲି।

ବୈଦ୍ୟ : କଣ ପାଇଁ ?

ସାରିଆ : ଏଇ ମିଠା ଆପଣଙ୍କ ପାଇଁ ତଞ୍ଚକି ପଠାଇଥିଲା ତ ସେଇଥି ପାଇଁ।

ବୈଦ୍ୟ : ମିଠା ମୋ ପାଇଁ କାହିଁକି ?

ସାରିଆ : ତାର ପରା ୨ ମାସ ହେଲାଣି ଗର୍ଭ। ଆପଣ ଯେଉଁ ବେଡମୂଳି ଔଷଧ ଦେଇଥିଲେ ସେଇଆକୁ ଖାଇ ତାର ଗର୍ଭ ହେଇଛି। ତା ଶାଶୁ ତାକୁ ବାହାରକୁ ବାହାରିବାକୁ ମନା କରିଛନ୍ତି। ସେଇଥି ପାଇଁ ମୋ ହାତରେ ପଠାଇଲା।

ବୈଦ୍ୟ : ଯା ହେଉ ଭଗବାନ ତା ଦୁଃଖ ଶୁଣିଲେ ଆରେ ସେ ଭରଡିଆର ଯେଉଁ ମୁଣ୍ଡ ବୁଲାଉଥିଲା, ଦୁର୍ବଳ ଲାଗୁଥିଲା ତାର ଟିକେ ଭଲ ହେଲାଣି।

ସାରିଆ : ସେ ତ କଲରା ରସ, ଗୁଡ଼ୁମାରି ପତ୍ର ଏମିତି କେତେ କଣ ଖାଇ ଖାଇ ତାର ଠିକ୍ ହେଇଗଲାଣି। ସେ ଏବେ ବେଶ୍ ସୁସ୍ଥ। ଆଜି ତ ଯାଙ୍କ ସାଙ୍ଗରେ କାମରେ ଯାଇଛି।

ବୈଦ୍ୟ : ଆରେ ତା ଝିଅର ମୁହଁରେ ଯେଉଁ କଳାଦାଗ ହେଇଥିଲା ସେ ଏବେ କେମିତି ଅଛି ? ଛାଡ଼ିଗଲାଣି ତ ?

ସାରିଆ : ସେ ତ ହଳଦୀ, ଚନ୍ଦନ ଲେପ ଲଗଉଥିଲା ଆଉ ଘିକୁଆଁରୀ ରସ ମଧ୍ୟ ଲଗଉଥିଲା। ଏବେ ତ ସିଏ ପୁରା ଗୋରା ତକ୍ ତକ୍ ହେଇଗଲାଣି। କାହିଁ ଆପଣଙ୍କୁ ଆଉ ଆସି ଦେଖା କରିନି କି ?

ବୈଦ୍ୟ : ମୋ ପାଖକୁ ଆସିନି ମାନେ ନିଶ୍ଚିତ ଭଲ ଥିବ। ନ ହମି ଥିଲେ ଆସି ନ ଥାନ୍ତା। ମୁଁ ଯାଉଛି ସେ ହରିଆ ବୁଢ଼ାକୁ ଟିକେ ଦେଖି ଆସେ। ବିଚରା କୋଷ୍ଠକାଠିନ୍ୟ ପାଇଁ ବହୁତ କଷ୍ଟ ପାଉଛି।

ସାରିଆ : ନାହିଁ ଆଜ୍ଞା ଏବେ ଆଉ ତାର କୋଷ୍ଠକାଠିନ୍ୟ ଦୋଷ ନାହିଁ। ଆପଣ ତା ତାକୁ ଇସବଗୋଲ ଭୁସି ରାତିକି ରାତି ପାଣିରେ ଗୋଳେଇ ପିଇବା ପାଇଁ କହିଥିଲେ। ଆଉ ଘିକୁଆଁରୀ ରସ ମଧ୍ୟ ପିଇବା ପାଇଁ କହିଥିଲେ। ତାକୁ ତ ଆଜ୍ଞା ୩/୪ ଦିନ ପିଇଛି କି ନାହିଁ ଏବେ ସେ ବଡ଼ ଆରାମ ଅନୁଭବ କରୁଛି।

ବୈଦ୍ୟ : ଆଜ୍ଞା ସାରିଆ ତୋ ପାଖରେ ଗାଁର ତ ସବୁ ଖବର ଅଛି। ତୁ କଣ ତୋ କାମଧନ୍ଦା ଛାଡ଼ି ଗାଁରେ ବୁଲୁଛୁ ନା କଣ ?

ସାରିଆ : ନାହିଁ ଆଜ୍ଞା ସାଧୁଆ ବେଳେ କାମ ସରିଲେ ଆମେ ଗାଁର ସ୍ତ୍ରୀ ଲୋକମାନେ ବସି ବିଭିନ୍ନ କଥାବାର୍ତ୍ତା ହେଉ। ସେଇଥିରୁ ଏ ସବୁ ଜାଣିବା କଥା।

ବୈଦ୍ୟ : ତମେ ତ କିଏ କେଉଁ ଔଷଧ ଖାଉଛି ତାହା ବି ଜାଣିଛ।

ସାରିଆ : ଏମିତି କଥା ହେଉ ହେଉ ମନେ ରହିଗଲାଣି।

ବୈଦ୍ୟ : ଭଲ। ଏମିତି ସମସ୍ତେ ଜାଣିଲେ ଆମ ଆୟୁର୍ବେଦିକ ଔଷଧର ପ୍ରଚାରଏବଂ ପ୍ରସାର ହେବ।

ସାରିଆ : ଖାଲି ସେତିକି ନୁହେଁ। ହାତ ପାହାନ୍ତରେ ମଧ୍ୟ ପାର୍ଶ୍ୱପ୍ରତିକ୍ରିୟା ବିହୀନ ଔଷଧ ସହଜରେ ଏବଂ ଶସ୍ତାରେ ମିଳିପାରିବ।

ବୈଦ୍ୟ : ମୁଁ ତ ଭାବୁଛି ତୁମକୁ ମୋର ଆସିଷ୍ଟାଣ୍ଟ କଲେ ବହୁତ ବଢ଼ିଆ ହେବ।

(କହି କହି ହସି ଉଠନ୍ତି ବୈଦ୍ୟ ଏବଂ ସାରିଆ)

୫ମ ଦୃଶ୍ୟ

*(ବସିଥାନ୍ତି ବୈଦ୍ୟରାଜ। ଆସି ପହଞ୍ଚିଲେ କମଳେଶ୍ୱର। ମନରେ ଅନେକ ଦ୍ୱନ୍ଦ।)*

କମଳେଶ୍ୱର : ବୈଦ୍ୟ ଆଜ୍ଞା ଆପଣଙ୍କ ଔଷଧ ମତେ କାହିଁ ଅଡୁଆରେ ପକେଇଲାଣି।

ବୈଦ୍ୟ : କାହିଁ କଣ ହେଲା ?

କମଳେଶ୍ୱର : ମତେ ତ ମଧୁମେହ ହେଇଛି ବୋଲି ଗୁଡ଼ୁମାରି ପତ୍ର ଦେଲେ, ହେଲେ ରାମବୁଢ଼ାକୁ ସେଇ ଗୁଡ଼ୁମାରି ପୁଣି ବହୁମୂତ୍ର ପାଇଁ ଦେଇଛନ୍ତି। ମତେ କଣ ବହୁମୂତ୍ର ହେଇଛି।

ବୈଦ୍ୟ : (ହସି) ବୁଝିଲ କମଳେଶ୍ୱର ବାବୁ, ଖାଲି ଔଷଧ ତିଆରି କରି ବୋତଲରେ ପୁରେଇ ରୋଗୀକୁ ଦେଲେ ବୈଦ୍ୟ ହେଇ ପାରିବନାହିଁ। ସେଥିପାଇଁ

ଅନେକ ଅଧ୍ୟବସାୟ ଦରକାର । ପଢ଼ାପଢ଼ି ଦରକାର । ଗୋଟାଏ ଚେର କି ପତ୍ର ଗୋଟାଏ କାମରେ ଲାଗିବ ସେ କଥା କିଏ କହିଲା । ମୁଁ ଖାଲି ଉଦାହରଣ ସ୍ୱରୂପ ତୁମକୁ ଗୋଟାଏ ଗୋଟାଏ ଚେର ପତ୍ର, ଡାଳ, ମୂଳ ଇତ୍ୟାଦିର ଗୋଟିଏ ଗୋଟିଏ ମୁଖ୍ୟ ଗୁଣ ବିଷୟରେ କହିଲି । ହେଲେ ତାର ଯେ ସେଇ ଗୋଟାଏ ଗୁଣ ଆଉ କିଛି ଗୁଣ ନାହିଁ –ଏ କଥା ତ ମୁଁ ତୁମକୁ କହିନି ।

କମଳେଶ୍ୱର : ତା ହେଲେ ଗୋଟାଏ ଫୁଲ, ଫଳ, ମଞ୍ଜି, ପତ୍ର, ଚେର ଇତ୍ୟାଦି ବିଭିନ୍ନ ରୋଗରେ ବିଭିନ୍ନ ରକମରେ କାମ କରେ ।

ବୈଦ୍ୟ : ନିଶ୍ଚିତ

କମଳେଶ୍ୱର : ମୋର ତା ହେଲେ ଭୁଲ୍ ହୋଇଗଲା । ଏବେଠୁ ମୁଁ ପ୍ରତିଜ୍ଞା କରୁଛି ସବୁଦିନେ ଆମ ସ୍ୱାସ୍ଥ୍ୟ ପାଇଁ ଆମ ଗଛ, ଲତା, ଫୁଲ, ଫଳ, ମଞ୍ଜି, ଚେର ଇତ୍ୟାଦିର କି ପ୍ରଭାବ ଅଛି ପଢ଼ିବି । ଆପଣଙ୍କ ପରି ବଡ଼ ବୈଦ୍ୟ ହେବି । ଏ ଦେଶ ଆଉ ଜନତାର ସ୍ୱାସ୍ଥ୍ୟ ରକ୍ଷା କରି ମୋ ଜୀବନକୁ ଉତ୍ସର୍ଗ କରିବି ।

ବୈଦ୍ୟ : ଆଜ୍ଞା ହଁ । ଆମ ପୃଥିବୀ ପୃଷ୍ଠରେ ଥିବା ସମସ୍ତ ଉପାଦାନ ଆମ ଜୀବନରେ ସହଜ, ସରଳ ଜୀବନଯାପନ ପାଇଁ କାର୍ଯ୍ୟରେ ଆସେ । ଏଣୁ ଆମେ ଏଥି ପ୍ରତି ସଜାଗ ହେଇ, ନିଷ୍ଠା, ଧୈର୍ଯ୍ୟ ସହକାରେ କାର୍ଯ୍ୟରେ ଲଗାଇଲେ ନିଶ୍ଚିତ ଏ ଜନ ସମାଜର କଲ୍ୟାଣରେ ଆସିବ ।

ତେଣୁ ଆସନ୍ତୁ ଏକ ସ୍ୱରରେ କହିବା,
ଔଷଧୀୟ ବୃକ୍ଷ ରୋପଣ କରିବା,
ତାର ଉପକାରିତା ଜାଣିବା,
ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସେବନ କରିବା ।

(ତା. ୨୧.୭.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଅଣକାଷ୍ଠ ବନଜାତ ଦ୍ରବ୍ୟ

ବନଜ ବିହାରୀ ମହାପାତ୍ର


## ସାରାଂଶ

"ଅଣକାଷ୍ଠ ବନଜାତ ଦ୍ରବ୍ୟ" ଯାହାକୁ ସରକାର ଶୁଳ୍କ ବିହୀନ କରିଛନ୍ତି ଜଂଗଲ ତଳି ଗ୍ରାମବାସୀଙ୍କ ପାଇଁ ଯାହା ସେମାନଙ୍କର ଜୀବନ ଜୀବିକାର ମୂଳ ଉତ୍ସ । ସେହି ଦ୍ରବ୍ୟକୁ ସେମାନେ କିପରି ଅମଳ କରିବେ, କିପରି ପ୍ରକ୍ରିୟା କରଣ କରିବେ, ପ୍ରକ୍ରିୟାକୃତ ଉପଯୋଗୀ ଜିନିଷର ବଜାର ଚାହିଦା ମେଣ୍ଟାଇ କିପରି ସେମାନେ ସୁଦ୍ଧରାଣ ମେଣ୍ଟାଇବେ – ଏହା ସରକାରଙ୍କର ଏକ ପ୍ରୟାସ । ଏହି ପ୍ରୟାସର ପ୍ରୟୋଗ କରି ଗ୍ରାମବାସୀ କିପରି ନିଜର ଆର୍ଥିକ ମାନଦଣ୍ଡକୁ ମଜଭୁତ କରିପାରୁଛନ୍ତି, ଏହି ନାଟକ ତାହାର ଏକ ଉଦାହରଣ ମାତ୍ର । ଏହି ବାର୍ତ୍ତା ସମସ୍ତ ଜନତାଙ୍କ ଗୋଚରାର୍ଥେ ଏକ ଉଦ୍ୟମ । ଆଶା ନିଶ୍ଚିନ୍ତ ଉପଯୋଗୀ ହେବ ।


୧ ମ ଦୃଶ୍ୟ

*( ଦୁଇଜଣ ଲୋକ ଜଂଗଲରୁ ଫୁଲଝାଡ଼ୁ ଆଣି ଆସୁଥାନ୍ତି ରାସ୍ତାରେ କଥାବାର୍ତ୍ତା ହେଇ ଚାଲିଥାନ୍ତି ।)*

ରାମ : ବୁଝିଲୁ ଶାମ ଭାଇ, ଆମର ବା ଆଉ କଣ ଅଛି କହୁନୁ । ଏଇ ଜଂଗଲ ଆମର ବାପ ମାଆ ସବୁ । ଏ ଜଂଗଲ ନଥିଲେ ଆମେ କେମିତି ବଞ୍ଚନ୍ତେ କହୁନୁ ।

ଶାମ : ନୁହେଁ ତ ଆଉ କ'ଣ । ଆମେ ଖାଲି ଯାହା ଆମର ଶ୍ରମ ଦେଉଛେ । ନ ହେଲେ ଆଉ କ'ଣ ସବୁ ଜିନିଷ ଆମକୁ ଆମ ଜଂଗଲ ଦେଉଛି ।

ରାମ : ଜଂଗଲ ଯେତିକି ଦେଉଛି ଆମ ସରକାରଙ୍କର ବନ ବିଭାଗ ମଧ୍ୟ ସେତିକି କରୁଛି ।

ଶାମ : ଠିକ୍ କଥାଟିଏ କହିଲୁ । ନ ହେଲେ ଆମେ କଣ ଏମିତି ସହଜରେ ଏ କଂଚାମାଲ ପାଆନ୍ତେ ।

ରାମ : ଜାଣିଛୁ ଆମ ବନ ବିଭାଗ ଆମ ପାଇଁ କେତେଟା ଜିନିଷ ଉପରେ ଶୁଳ୍କ କୋହଳ କରିଛନ୍ତି ।

ଶାମ : ହଁ । ଏ କଥା ମୁଁ ଜାଣିନି । ୬୯ ପ୍ରକାର ଜିନିଷ ଉପରେ ଶୁଳ୍କ କୋହଳ ନୀତି କରିଛନ୍ତି ।

ରାମ : ସେଇଠି ଅଛୁଟି ।

ଶାମ : ମାନେ

ରାମ : ମାନେ ହେଲା ତୋ ଉତ୍ତର ଭୁଲ ।

ଶାମ : ମୋ ଉତ୍ତର ଭୁଲ !

ରାମ : ଏକଦମ ଭୁଲ

ଶାମ : ତା ହେଲେ ଠିକ୍ ଉତ୍ତରଟା କ'ଣ ?

ରାମ : ୭୧ ପ୍ରକାର

ଶାମ : ୭୧ ପ୍ରକାର

ରାମ : ହଁ । ୭୧ଟି ଅଣକାଷ୍ଠ ବନଜାତ ଜିନିଷ ଉପରେ ଆମ ସରକାରଙ୍କର ବନ ବିଭାଗ କୋହଳ ନୀତି ଅବଲମ୍ବନ କରିଛନ୍ତି ।

ଶାମ : ମାନେ

ରାମ : ମାନେ ଆମକୁ ସେଥିପାଇଁ କୌଣସି ଶୁଳ୍କ ରାଜ୍ୟ ସରକାରଙ୍କୁ ଦବାକୁ ପଡ଼ିବ ନାହିଁ ।

ଶାମ : ସେ କଥା ତ ମୁଁ ଜାଣିଛି । ହେଲେ ଆଉ ଗୋଟାଏ କଥା ମଧ୍ୟ ମୁଁ ଜାଣିଛି ।

ରାମ : କ'ଣ ?

ଶାମ : ସରକାରଙ୍କୁ ବିନା କୌଣସି ଶୁଳ୍କ ଦବାକୁ ହେବନି ହେଲେ ଏ ସମସ୍ତ ବିଷୟ ଆମ ପଞ୍ଚାୟତ ଅଫିସ ର ସରପଞ୍ଚଙ୍କ ଗୋଚରରେ ହେବ ।

ରାମ : ଆମକୁ ଆମର ପଞ୍ଚାୟତ ଅଫିସରେ ପଞ୍ଜିକରଣମାନ (Regestration) କରିବାକୁ ପଡ଼ିବ ।

ଶାମ : ବୁଝିଲୁ ରାମ ଭାଇ ତମେ ଯେମିତି କହୁଛ ଜଣେ ଜଣେ ଯିଏ ଚାହିଁବ ସିଏ ପଞ୍ଜିକରଣ କରିବ ।

ରାମ : ନାଇଁ ନାଇଁ ସେ କଥା ମୁଁ କାହିଁକି କହିବି ।

ଶାମ : ତମେ ତ ସେମିତିଆ କହୁଛ

ରାମ : ସେଥିପାଇଁ ଆମକୁ ଆମର ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ିବା ପାଇଁ ପଡ଼ିବ ।

ଶାମ : ସେଇ କଥା କହୁନ ।

ରାମ : ମୁଁ କେମିତି ଜାଣିଲି ତୁ ଏଇ ଛୋଟିଆ କଥାଟା ଜାଣିନୁ ବୋଲି ।

ଶାମ : ମୁଁ ଜାଣିନି ବୋଲି ତମେ କେମିତି ଜାଣିଲ ?

ରାମ : ତୁ ଯେମିତି ଏଭଳେ କହୁଥିଲୁ ଅଣକାଷ୍ଠ ବନଜାତ ଜିନିଷ ୬୯। (ହିଗୁଲେଇ)

ଶାମ : ମଲା ଏଇଟା ସିନା ନୂଆ ହେଉଛି ବୋଲି ଜାଣିନି। ତା ବୋଲି କ'ଣ ମୂଳ କଥାଟା ମାନେ ସ୍ୱୟଂ ସହାୟକ ଗୋଷ୍ଠୀ କଥା ଜାଣିନି।

ରାମ : ହଉ ହେଲା ବାବା ତୁ ସବୁ ଜାଣିଛୁ। ଚାଲ ଚାଲ ସହଜ ସହଜ ପାଦ ପକା। ତତେ କ'ଣ ଏ ଫୁଲଝାଡୁ ଗଛର ଗୋଛା ଓଜନ ଲାଗୁଛି ନା କ'ଣ? ମୋ ମୁଣ୍ଡ ପରା କାଟିଲାଣି।

ଶାମ : ଚାଲ ଚାଲ

ରାମ : ହଉ ଚାଲ

(କହି କହି ଚାଲିଲେ)

୨ୟ ଦୃଶ୍ୟ

*(ଶାମର ଘର। ପତ୍ନୀ ରାଧା ଘର ଭିତରେ ରୋଷେଇ କରୁଥାଏ। ବାହାରୁ ଶାମ ପାଟି କରି ଡାକୁଥାଏ।)*

ଶାମ : (ବୋଝଟାକୁ ତଳକୁ ପକାଇଦେଇ ଧକ୍କା ମାରି ରାଧାକୁ ଡାକୁଥାଏ।
ଓହୋଃ...ଆଜି ସକାଳର ପ୍ରଥମ ପ୍ରହର କାମଟା ସରିଲା।
ରାଧା... ରାଧା... ଆଲୋହେ ରାଧା କୁଆଡ଼େ ଗଲୁମ। ପାଣି ଗିଲାସେ ଆଣିଲୁ। ଶୋଷରେ ହଂସା ଉଡ଼ିଲାଣି।

ରାଧା : ଯାଉଛି ଯାଉଛି...ଟିକେ ରୁହ...ଭାତଟା ଗାଳୁଛି ପରା...

ଶାମ : ହଉ ମୁଁ ଏଇଠି ବସିଛି। ଆଣ ଶୀଘ୍ର ଆଣ।

ରାଧା : ସରିଲାଣି ... ଯାଉଛି ନିଅ ... ପାଣି ନିଅ।

ଶାମ : ଦେ...(ପାଣି ପିଇଲା) ଓହୋଃ...କି ଶାନ୍ତି। ତୋ ହାତରେ କଣ ଅଛି କେଜାଣି ଖାଲି ପାଣି ଗିଲାସେ ବି ଅମୃତ ଭଳି ଲାଗୁଛି।

ରାଧା : ଯା...ତମର ଯେଉଁ ରସିକିଆ କଥାଟା... ମତେ ଭାରି ଲାଜ ଲାଗୁଛି।

ଶାମ : ମଲା ମୋର ...ଆଲୋ ମତେ କି ଲାଜ ବା

ରାଧା : ଥାଉ... ଥାଉ ...ସେ ସରାଗପଣିଆ ଥାଉ। ଯା ଗାଧୋଇ ପାଧୋଇ ଆସ...ଗରମ ଗରମ ଦିଟା ଖାଇଦେଲେ ଧକ୍କା ମରିଯିବ। ପୁଣି ହାଟକୁ ଯିବଟି...

ଶାମ : ହଉ... ହଉ...ଯାଉଛି ଗାଧୋଇ ଆସେ ଦେତ...ତେଲ ଟିକେ ଦେଲୁ।

ରାଧା : ହେଉ ନିଅ...ମୁଁ ପରା ତେଲ ଧରି ଆସିଛି।

ଶାମ : କାହା ପରେ କଣ ଦରକାର ତାହା ତୋ ଠାରୁ ଶିଖିବେ।

ରାଧା : ଆଉ ହେଇକନି ବା! ତଳକୁ ଖସି ପଡ଼ିବି। ଯାଅ ଶୀଘ୍ର ଗାଧୋଇ ଆସ। ମୁଁ ଡାଲିଟା ବଘାରି ଦେଉଛି।

ଶାମ : ହଉ ଭାତ ବାଢ଼ି ରଖିଥା। ମୁଁ ଏଇ ଗଲି ଆଉ ଆସିଲି।
(କହି କହି ଚାଲିଯାଉଥାଏ)

ରାଧା : ଏତେ ଉଚ୍ଛନ କିଆଁ? ମୁଁ କଣ ସବୁ ଖାଇ ଦେବିନା କଣ ? ତଳରେ ଘସି ମାଜି ହେଇ ଆସିବ। ତମ ଭାତ କେହି ଖାଇବେ ନାହିଁ ବା (କହି କହି ଭିତରକୁ ପଶିଗଲା)

୩ୟ ଦୃଶ୍ୟ

*(ରାମ ଆଉ ସ୍ତ୍ରୀ ସୀତା ଖାଇ ସାରି ଟିକେ ବିଶ୍ରାମ କରୁଥାନ୍ତି ଏବଂ କଥା ହେଉଥାନ୍ତି)*

ସୀତା : ଆଜି ଆଉ ହାଟକୁ ଯାଅନି। ଏତେ ପରିଶ୍ରମ କରନି। ଖାଇ ଦେଇ ଟିକେ ବିଶ୍ରାମ କର।

ରାମ : ଆଲୋ ମୁଁ ବୁଢ଼ା ନା ହଢ଼ା ବା ବିଶ୍ରାମ କରିବି ଖାଇ ଦେଇ ଟିକେ ବସି ପଡ଼ି ହାଲିଆ ମାରି ପୁଣି କାମରେ ଲାଗିବାକୁ ପଡ଼ିବ।

ସୀତା : ତମର ତ ସବୁବେଳେ କାମ କଣ ବେଳ ସରିଯାଉଛି ନା ବୟସ ପଳଉଛି କହିଲ। ଦିହ ପା ପ୍ରତି ଟିକେ ନଜର ନଦେଲେ କେମିତି ହେବ କହିଲ।

ରାମ : ଦେଖ୍ ଯଦି ମୁଁ ବିଶ୍ରାମ କରିବି ତେବେ କଣ ତୋ ଚୁଲିର ନିଆଁ ନ ଲିଭି ମତେ ଅପେକ୍ଷା କରିବ।

ସୀତା : ମୋ ଚୁଲିନିଆଁ କାହିଁକି ତମକୁ ଅପେକ୍ଷା କରିବ।

ରାମ : ଅପେକ୍ଷା କରିବ ନାହିଁଟି ତେବେ ମୁଁ ବିଶ୍ରାମ କରିବି କେମିତି ? ମତେ ଏ ଫୁଲଝାଡୁର ଗଛକୁ ଛାଇରେ ସେଇ ଚୁଲିନିଆଁରେ ଶୁଖାଇବାକୁ ପଡ଼ିବ।

ସୀତା : ଆରେ ସତେ ତ। ସେ କଥା ମୁଁ ଭୁଲିଯାଇଥିଲି। ତମେ ଶୁଅ ମୁଁ ଯାଉଛି ସେଗୁଡ଼ା ଚୁଲିପାଖରେ ଶୁଖେଇ ଦିଏ।

ରାମ : ଦେଖେ ...ତୁ କାମ କରିବୁ ଆଉ ମୁଁ ଶୋଇବି ଚାଲ ମିଶିକି ଶୁଖାଇ ଦେବା।

ସୀତା : ହଉ ଚାଲ
(ଶୁଖଉ ଶୁଖଉ ରାମ ପଚାରିଲା)

ରାମ : ଆଲୋ ସୀତା...ଆଜିର ଯେଉଁ ଫୁଲଝାଡୁ ଗଛ ଆଣିଲି ତାକୁ ପୁଣି ସଫା କରିବାକୁ ପଡ଼ିବ। ଏଇ ସବୁ ତ କାମ କରୁ କରୁ ସୁରୁଜ ବୁଡ଼ିଯିବ। ତୁ କହୁଛୁ କଣ ନା ବିଶ୍ରାମ କରିବ।

ସୀତା : ହଉ...ହଉ ...ମୁଁ ଭୁଲ ...ତମେ ଠିକ୍।

ରାମ : ମାନିଲୁ ତ ...ଏବେ ଡାଳ ଆଜିର ଗୋଛାଟାକୁ ଭଲ କରି ସଫା କରି ଖାଲି କାଣ୍ଡ ଟାକୁ ରଖିବା। ଯାହା ଫଳରେ ଶୀଘ୍ର ଶୁଖିଯିବ। ଆଉ ସୁନ୍ଦର ମଧ୍ୟ ଦେଖା ହେବ।

ସୀତା : ଯେତେ ଯତନ କରିବ ସେତେ ରତନ ମିଳିବ। ନା କଣ କହୁଛ।

ରାମ : ନୁହେଁ ଆଉ କଣ ? ଆମେ କଣ ଚାହିଁଲେ ଖରାରେ ଶୁଖାଇପାରନ୍ତେ ନି ? ହେଲେ କଣ ହେବ ଅତି ଶୁଖି ଯାଇ ମଡ଼ ମଡ଼ ହୋଇ ଭାଂଗିଯିବ।

ସୀତା : ଦେଖେ କାଲିର ଗୋଛାରେ ଆଜିର ଗୋଛା ମିଶାନି। ନ ହେଲେ ଅଧା ଶୁଖିଲା ଅଧା କଂଚା ରହି ସବୁ ନଷ୍ଟ ହୋଇଯିବ।

ରାମ : ଆଲୋ ସେଇଥି ପାଇଁତ ମୁଁ ବିଡ଼ାକୁ ଅଲଗା ଅଲଗା କରି ରଖିଛି। ସବୁ ଶୁଖିଗଲେ ମିଶେଇ ଝାଡୁ ବାନ୍ଧିବା। ଆଲୋ କାଲି ଯେଉଁ ଉଇମରା ଔଷଧ ଆଣିଥିଲି ପକେଇଛୁ ନା ନାହିଁ ? ନ ହେଲେ ଏ ଉଇ ଆଉ ପୋକ ସବୁ କାଟି ନଷ୍ଟ କରିଦେବେ।

ସୀତା : ହାଇଁ ନାଇଁ ମୁଁ ଉଇମରା ଔଷଧ ପକେଇ ଦେଇଛି।

ରାମ : ଠିକ୍ କରିଛୁ। ସେତିକି ଯତନ ଆମେ କରୁଛେ ବୋଲି ଆମ ଫୁଲଝାଡୁର ଚାହିଦା ଅଧିକ।

ସୀତା : କାଇଁ ଆମର କେଉଁ ଜିନିଷର ଚାହିଦା କମ୍ କି ?

ରାମ : ଯାହାର ସୀତା ପରି ବୁଝିଲା ଆଉ ପାରିଲା ସ୍ତ୍ରୀ ଅଛି ତାର କେଉଁ ଜିନିଷର ଚାହିଦା କମ୍ ହେବ।

ସୀତା : କାଇଁ ତମେ କୋଉ କମ୍ କି ? ବାଛି ବାଛି ସେଇ ବୁଦାରୁ ଫୁଲଝାଡୁ ତୋଳି ଆଣୁଛ ଯାହା ପାକଳିଆ ହେଇଛି। ଫୁଲ ଅଧିକ ହେଇଛି। ମୋଟା ମୋଟା ହେଇଛି।

ରାମ : ହଁ ହଁ ସେ କଥା ସତ। ପତଳିଆ ମରୁଡ଼ିଆ ବୁଦାରୁ ମୁଁ କମା ଆଣେନି।

ସୀତା : ତା ହେଲେ ମୋତେ ଖାଲି କାହିଁକି ପ୍ରଶଂସା କରୁଛ ?

ରାମ : ହଉ ... ଛାଡ଼... ଅଁଳାଗୁଡ଼ାକ ତୋଳିଲୁ ନା ନାହିଁ ବା।

ସୀତା : ମୁଁ ବି ତମରି ଭଳିଆ ବାଛି ବାଛି ତୋଳିଛି ବା। ଡାଳକୁ ହଲେଇ ନିରୋଳା ପାଚିଲା ଅଁଳାମାନ ତୋଳିଛି। ତାକୁ ଖରାରେ ଶୁଖେଇ ଦେଇଛି।

ରାମ : ତାକୁ ତୋଳିକି ଅଖାରେ ରଖିଦେବୁ। ଶୁଖିଲା ପରେ ହେଇ ମନେରଖିଥା, ସେ ଆଉ ଅଖାରେ ରଖିବୁନି। ନ ହେଲେ ସବୁ ପଚିଯିବ।

ସୀତା : ନା ଆଉ ଅଖାରେ ରଖିବି ନା ସନ୍ତସନ୍ତିଆ ଜାଗାରେ ରଖିବି। ମୁଁ ତାକୁ ଲୁଣ ପାଣିରେ ବୁଡ଼ାଇ ଶୁଖେଇ ଆଚାର କରିବି। ଦେଖିବ ଏଥର ଅଁଳାଆଚାରରେ ମୁଁ କେତେ ଲାଭ କରିବି।

ରାମ : ବାଃ...ତୋର ତ ପଇସା ମୁହଁରେ ଲାଗିଗଲାଣି ମୁଁ ଦେଖୁଛି।

(ଏତିକି ବେଳେ ଶାମ ଡାକି ଡାକି ଆସିଲା।)

ଶାମ : ରାମ ଭାଇ ...ଆଜି ହାଟକୁ ଯିବୁନି କି...

ରାମ : ନାଇଁରେ ଆଜି ହାଟକୁ ନେଲାଭଳିଆ କିଛି ନାହିଁ। ତୁ କଣ ହାଟକୁ ଯାଉଛୁ ?

ଶାମ : କାହିଁ ଆଜି ପରା ଫୁଲଝାଡୁ ଗଛ ଆଣିଲୁ। ତାକୁ କଣ ବିକିବୁନି କି ?

ସୀତା : ଆରେ ଶାମ ତମେ ଆଜିର ଗଛକୁ ଆଜି ବିକିଦେବା। କଣ ଲାଭ ପାଇବ କହିଲ ?

ଶାମ : କାହିଁ ମୁଁ ଏଥିରେ କି ମୂଳଧନ ଲଗେଇଛି କି ?

ସୀତା : ଆରେ ଆମ ବନ ବିଭାଗ ସିନା ଆମଠାରୁ ଶୁଳ୍କ ନେଉନାହାନ୍ତି ଅଣକାଷ୍ଠ ବନଜାତ ଦ୍ରବ୍ୟ ବୋଲି, ହେଲେ ଯାହାକୁ ପ୍ରକ୍ରିୟାକରଣ କରି ତମେ ଅଧିକ ଲାଭ ପାଇବ ତାକୁ କାହିଁକି ହାତଛଡ଼ା କରୁଛ ?

ଶାମ : ମାନେ...

ରାମ : ମୁଁ ଆଜିର ଯେଉଁ ଝାଡୁ ଗଛ ଆଣିଲି ତାକୁ ସଫାସଫି କରି ଶୁଖେଇ ଦେଇଛି।

ଶାମ : ହେ ...ଏତେ କଥା କିଏ କରିବ କହିଲୁ ଯାହା ମିଳୁଛି ମିଳୁ। ବିକି ଦେଇ ସଂଗେ ସଂଗେ ପଇସା ମିଳିଗଲେ ଗଲା।

ସୀତା : ତମେ ବୁଝୁନା ଶାମ। ଏଇ ଗୋଛାଟି ଯାକ ବିକିଦେଲେ ତମକୁ କେତେ ମିଳିବ ?

ଶାମ : କେତେ ଆଉ ମିଳିବ ଟଙ୍କା ୫୦ଟା ମିଳିବ।

ରାମ : ଏତିକିରେ କେତୋଟା ଝାଡୁ ହେବ କହିଲୁ ? ଆଉ ସେଇ ଝାଡୁକୁ ବିକିଲେ ଅତି କମ୍‌ରେ ୨୦୦ ଟଙ୍କା ହେବ।

ଶାମ : (ଆଶ୍ଚର୍ଯ୍ୟ ହେଇ) ହଁ....................୨୦୦ ଟଙ୍କା

ସୀତା : ନୁହେଁ ଆଉ କ'ଣ ?

ଶାମ : ପୁରା ଚାରି ଗୁଣ

ରାମ : ହଁ -ପୁରା ଚାରି ଗୁଣ

ଶାମ : କ୍ୟାନସେଲ

ରାମ : କ୍ୟାନସେଲ...ମାନେ

ଶାମ : ହାଟକୁ ଯିବା କ୍ୟାନସେଲ। ଯାଉଛି ଘରକୁ। ରାଧାକୁ କହି ଶୁଖାଶୁଖି କରି ଖାଇକୁ କହାପରେ ଯାଇ ହାଟକୁ ଯିବି।

ସୀତା : ଏବେ କଥାଟା ମୁଣ୍ଡରେ ପଶିଛି।

ଶାମ : ପଶିଛି ମାନେ ମତେ ତ ଖାଲି ୪ ଗୁଣ ୪ ଗୁଣ ଦେଖାଯାଉଛି।

(କହି ହସି ଉଠିଲେ ସମସ୍ତେ)

### ୪ର୍ଥ ଦୃଶ୍ୟ

*(ବାଙ୍କରେ ଡାକି ଡାକି ଆସେ ଶାମ)*

ଶାମ : ...ଆଲୋ ହେ ରାଧା ଆଲୋ କୁଆଡ଼େ ଗଲୁବା।

ରାଧା : ମଲା... ହାଟକୁ ପରା ଯାଇଥିଲ। ଏଠି କ'ଣ ?

ଶାମ : କ୍ୟାନସେଲ....

ରାଧା : ସେଇଟା କ'ଣ ବା

ଶାମ : ବୁଝିପାରିଲୁ ନାହିଁଟି ମାନେ ବାତିଲ୍।

ରାଧା : ବାତିଲ୍ ମାନେ ?

ଶାମ : ହାଟକୁ ଯିବା ବାତିଲ୍

ରାଧା : କ'ଣ ପାଇଁ ?

ଶାମ : ବାତିଲ୍ ଏଥିପାଇଁ କି ଏବେ ଆଉ ଲଘୁବନଜାତ ଦ୍ରବ୍ୟର ସିଧାସଳଖ ବେପାର ବନ୍ଦ। ଏଣିକି ପ୍ରତ୍ୟେକ ଲଘୁବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପରେ ସୃଷ୍ଟ ପଦାର୍ଥର ବେପାର ହେବ।

ରାଧା : କ'ଣ ଯେ କହୁଛ ମୁଁ କିଛି ବୁଝିପାରୁନି।

ଶାମ : ମୁଁ ବି ବୁଝି ନଥିଲି। ହେଲେ ରାମ ଭାଇ ଆଉ ସୀତା ଭାଉଜ ମୋର ଆଖି ଖୋଲି ଦେଇଛନ୍ତି।

ରାଧା : ମାନେ

ଶାମ : କହତ ମୁଁ ଯେତିକି ପରିଶ୍ରମ କରୁଛି ରାମ ଭାଇ କ'ଣ ତା ଠାରୁ ଅଧିକ ପରିଶ୍ରମ କରୁଛି ?

ରାଧା : ନାହିଁ

ଶାମ : ତା ହେଲେ ତା ପାଖରେ ଏତେ ପଇସା କେଉଁଠୁ ଆସୁଛି।

ରାଧା : ସତେତ... ତା ହେଲେ ସିଏ କ'ଣ ?....

ଶାମ : ନାଇଁ... ନାଇଁ...ସେମିତି କିଛି ନୁହଁ। ସିଏ ଫୁଲଝାଡୁ ଗଛକୁ ସଫାସୁତୁରା କରି ଫୁଲଝାଡୁ ତିଆରି କରି ବିକ୍ରି କରୁଛନ୍ତି। ଅଁଳାରୁ ଅଁଳା ଆଚାର କରି। ଶାଳ, ନିମ୍ବ, କରଞ୍ଜ ଇତ୍ୟାଦି ମଞ୍ଜିରୁ ତେଲ ଆଉ ପିଡ଼ିଆ ବିକ୍ରି କରୁଛନ୍ତି। ହରିଡ଼ା, ବାହାଡ଼ା, ଅଁଳା ସିଧାସଳଖ ବିକ୍ରି ନ କରି ତାର ଗୁଣ୍ଡ କରି ପ୍ୟାକେଟ୍‌ରେ ବିକ୍ରି କରୁଛନ୍ତି। ତେନ୍ତୁଳି ସଫାକରି ମଞ୍ଜି କାଢ଼ି ବିକ୍ରି କରୁଛନ୍ତି।

ରାଧା : ଏତେ ପରିଶ୍ରମ କରୁଛନ୍ତି ?

ଶାମ : ପରିଶ୍ରମ ଏତିକି କରୁଛନ୍ତି ହେଲେ ଫଳ କେତେ ପାଉଛନ୍ତି ଜାଣିଛୁ ?

ରାଧା : କେତେ ?

ଶାମ : ଆମେ ଯେତିକି କମଉଛେ ତାର ୪ଗୁଣ କମଉଛନ୍ତି।

ରାଧା : (ଆଶ୍ଚର୍ଯ୍ୟ ହେଇ) ହାଁ......

ଶାମ : ମୁଁ ବି ସେମିତି ହାଁ କହି ବସି ପଡ଼ିଥିଲି।

ରାଧା : ତା ହେଲେ ଆମେ କଣ କରିବା ?

ଶାମ : ଆମେ ବି ସେମିତି କରିବା। ଆଉ ୪ଗୁଣ ଅଧିକ ରୋଜଗାର କରିବା।

ରାଧା : ଗୋଟାଏ କାମ କରୁନା।

ଶାମ : କ'ଣ ?

ରାଧା : ଚାଲ ରାମ ଭାଇ ଆଉ ଭାଉଜଙ୍କ ସହିତ କଥା ହେବା। ସେମାନେ କେମିତି ଏ ସବୁ କରିଛନ୍ତି ତାଙ୍କ ଠାରୁ ବୁଝିବା।

ଶାମ : ତୁ ଠିକ୍ କହିଛୁ।

ରାଧା : ତମେ ସେ ଗୋଛାଟାକୁ ଖେଳେଇ ଦିଅ। ସିଏ ଶୁଉଥାଉ। ଆମେ ଚାଲ ରାମ ଭାଇ ଘରୁ ଆସିବା।

ଶାମ : ହଉ ଚାଲ......

### ୫ମ ଦୃଶ୍ୟ

*(ରାମ ସୀତା ବସି ଗପସପ ହେଉଥାନ୍ତି । ଆସି ପହଞ୍ଚିଲେ ଶାମ ଆଉ ରାଧା)*

ରାମ : ମୁଁ ଭାବୁଛି ଆମ ସ୍ୱୟଂ ସହାୟକ ଗୋଷ୍ଠୀକୁ ପଞ୍ଚାୟତ ତରଫରୁ ସୁପାରିଶ କରି ବନବିଭାଗ ତରଫରୁ କିଛି ସହାୟତାର ବନ୍ଦୋବସ୍ତ କରିବାକୁ ପଡ଼ିବ ।

ସୀତା : କ'ଣ କଲେ ହେବ ?

ରାମ : କିଛି ସିଲେଇ ମେସିନ୍ ଆଣିବା । ଶାଳପତ୍ର ଖାଲି ବିକ୍ରି ନ କରି ଖଲି ଦନା କରି ବିକ୍ରି କରିବା । ଆଉ କିଛି ଅଧିକ ଲାଭ ମିଳିବ ।

ସୀତା : ଦେଖ ସବୁ ମେମ୍ବରମାନଙ୍କ ସହିତ କଥା ହେଇ ଯାହା କର ।

ରାଧା : (ପ୍ରବେଶ) ଭାଉଜ ଘରେ ଅଛ ?

ସୀତା : ରାଧା ପରି ପରିକା ଶୁଭୁଛି ।

ରାଧା : ହଁ ମୁଁ ରାଧା... ତମେ ଯାଙ୍କୁ କଣ ପଢ଼େଇଲ କି ?

ରାମ : କିଛି ପଢ଼େଇନି ଯାହା ଠିକ୍ ସେଇଆ କହିଛି ।

ଶାମ : ସେଥିପାଇଁ ତ, ରାଧାକୁ ସାଙ୍ଗରେ ଧରି ଆସିଛି । ସିଏ ବି କିଛି ପାଠ ପଢ଼ିଯାଉ ।

ରାମ : ଏଇନେ ତ ଆମେ ସେଇ ବିଷୟରେ କଥା ହେଉଥିଲୁ ।

ଶାମ : କ'ଣ ?

ରାମ : ପଞ୍ଚାୟତ ସହିତ କଥା ହେଇ ବନବିଭାଗକୁ କିଛି ଅଧିକ ସହାୟତା ମାଗିବା । ସେଥିରେ କିଛି ସିଲେଇ ମେସିନ୍ କିଣି ପତ୍ରରୁ ଖଲିପତ୍ର ବନେଇବା ।

ରାଧା : ଖାଲିପତ୍ରରୁ, ଖଲିପତ୍ରରେ ବି ପଇସା ଅଧିକ ଲାଭ ମିଳିବ ।

ସୀତା : ନିଶ୍ଚୟ ଅଧିକ ପଇସା ଲାଭ ମିଳିବ ।

ରାମ : ଆରେ ସରକାର ହୁଅନ୍ତୁ ବା ବନବିଭାଗ ହେଉ ସେମାନେ ସିନା ସହାୟତା ଯୋଗେଇ ଦେବେ ବା ବିନା ଶୁଳ୍କରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆମକୁ ନେବାକୁ ଦେବେ, ହେଲେ ସେଥିରୁ ଯତନ କରି ରତନ କରେଇବା ଆମ କାମ ।

ଶାମ : ନୁହେଁ ଆଉ କ'ଣ ? ସରକାର ଆମ ପାଇଁ ଯାହା କରିଛନ୍ତି ଯଥେଷ୍ଟ କରିଛନ୍ତି ।

ସୀତା : ଆମେ ତାକୁ ସଫାସଫି କରି, କାଇଦା କଟକଣା କରି ପ୍ରକ୍ରିୟାକରଣ ମାଧ୍ୟମରେ ସୁନ୍ଦର, ସୁଷ୍ଠୁ ଉପଯୋଗୀ କଲେ ସିନା ଅଧିକ ବି ପଇସା ପାଇବା । ନା ତାକୁ କ'ଣ ସରକାର ଆସି ଆମ ପାଇଁ କରିବେ ?

ରାଧା : ତମେ ବିଲକୁଲ୍ ଠିକ୍ କହିଛ ।

ରାମ : ଦେଖ ତମକୁ ଗୋଟାଏ କଥା କହୁଛି । ଆମେ ଜଙ୍ଗଲ ତଳି ଲୋକ ମହୁ ସଂଗ୍ରହ କରୁଛେ । ହେଲେ ସଫାସୁତୁରା ବିନା ତାକୁ କିଲୋ ପିଛା ୧୦୦ଟଙ୍କାରେ ବିକୁଛେ । ହେଲେ ସେହି ମହୁକୁ ସଫାସୁତୁରା କରି ସୁନ୍ଦର କରି ବୋତଲରେ ଲେବୁଲ ମାରି ନାମି ଦାମି କମ୍ପାନି କିଲୋ ପିଛା ୫୦୦ରୁ ୬୦୦ରେ ବିକ୍ରି କରୁଛନ୍ତି ।

ଶାମ : ଆମଦାନି କଲେ ଆମେ ଲାଭ ଖାଇଲେ ସେମାନେ ।

ରାଧା : ନା ...ଆମେ ବି ସେମିତି କରି ବିକ୍ରି କରିବା ।

ଶାମ : ଖାଲି କ'ଣ ସେତିକି ଫୁଲଝାଡ଼ୁ ପାଇଁ ବୁଦା କାଟି ଆମେ ସେମିତି ବିକୁଛେ ଶାଗମୁଗ ଦରରେ । ପଡ଼ୋଶୀ ରାଜ୍ୟରେ ସଫାସଫି ହେଇ ପୁଣି ଆମ ରାଜ୍ୟରେ ବିକ୍ରି ହେଉଛି ବଢ଼ା ଦରରେ ।

ସୀତା : କଷ୍ଟ କଲେ ଆମେ ମଜା ମାରିଲେ ସେମାନେ ।

ରାଧା : ଏଥର ଆମେ ସବୁ ପ୍ରକାର ସାହାଯ୍ୟ ସହଯୋଗର ପ୍ରକୃତ ଉପଯୋଗ କରିବା ।

ରାମ : ସାହାଯ୍ୟର ଉପଯୋଗ ନ କରି ଆମେ ଖାଲିଟାରେ ଆମ ସରକାର ଆଉ ବନବିଭାଗକୁ ଦୋଷ ଦେବାଟା ଠିକ୍ ନୁହେଁ ।

ଶାମ : ଏବେ ଦୋଷ କେଉଁଠି ମୁଁ ଠିକ୍ ବୁଝିପାରୁଛି ।

ରାମ : ଖାଲି ଏତିକି କହିଦେଲେ ହେବନି । ଆମକୁ ଅମଳ ସମୟରେ ମଧ୍ୟ ଅନେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଦରକାର ।

ରାଧା : କ'ଣ ?

ସୀତା : ହଁ ସେ ବିଷୟରେ ମଧ୍ୟ ଆମକୁ ବିଭିନ୍ନ କର୍ମଶାଳା ମାଧ୍ୟମରେ ବିଶେଷଜ୍ଞଙ୍କ ଦ୍ୱାରା ଜଣାଇ ଦିଆଯାଏ ।

ଶାମ : ଯେମିତିକି ...

ରାମ : ଯେମିତିକି ... । ଫୁଲଝାଡ଼ୁ ପାଇଁ କେଉଁ ବୁଦା ଉତ୍କୃଷ୍ଟ ତାକୁ କେମିତି ଛାଇରେ ଶୁଖେଇବ, ବଡ଼ ଏବଂ ଅଧିକ ଫୁଲଥିବା ବୁଦା କାଟିବ ଇତ୍ୟାଦି ଇତ୍ୟାଦି ।

ଶାମ : ଓ ଏ କଥା ...ତା ମାନେ କେମିତି ପଇଡ଼ ଏବଂ ପାଚିଲା ତେନ୍ତୁଳି ତୋଳିବ, ସେଥିରୁ କେମିତି ମଞ୍ଜି କାଢ଼ିବ, ବର୍ଷର କେଉଁ ସମୟରେ ତୋଳିବ ତାକୁ କେମିତି ଖରାରେ ଶୁଖାଇ ରଖିବା ଏ ସବୁ ପ୍ରତି ଧ୍ୟାନ ଦେବାକୁ ପଡ଼ିବ ।

ସୀତା : ଅମଳ ସହିତ ପ୍ରକ୍ରିୟାକରଣ ପ୍ରତି ଯତ୍ନ ଆମେ ଯେମିତି ଭୁଲି ନ ଯିବା ।

ଶାମ : ଏଥର ହାଟପାଳିକୁ ମୁଁ ପ୍ରକ୍ରିୟାକୃତ ଦ୍ରବ୍ୟ ନେଇ ଯିବି ।

### ୬ଷ୍ଠ ଦୃଶ୍ୟ

*(ହାଟରୁ ଫେରୁଥାଏ ଶାମ। ରାସ୍ତାରେ ଏକା ଏକା କଥା ହେଉଥାଏ।)*

ଶାମ : (ଟଙ୍କା ଗଣୁଥାଏ) ଦଶ... କୋଡ଼ିଏ... ପଚାଶ... ଶହେ... ଦୁଇଶହ... ତିନିଶହ...

ତିନିଶହ... ଆରେ ମୁଁ ତ ପାଗଳ ହେଇଯିବି। ଗୋଟାଏ ହାଟପାଳିରୁ ଗୋଟାଏ ଜିନିଷରୁ ୩୦୦ଟଙ୍କା ଲାଭ। ତା ମାନେ ସପ୍ତାହକୁ ୩ଟା ହାଟପାଳି ୩୦୦ ଗୁଣନ ୩ ସମାନେ ୯୦୦। ମାସକୁ ୯୦୦ ଗୁଣନ ୪ = ୩୬୦୦। ଏହିପରି ପାଞ୍ଚଟା ଜିନିଷ ହେଲେ ୩୬୦୦ ଗୁଣନ ୫ =୧୮୦୦୦ଟଙ୍କା।

ଅଠର ହଜାର ଟଙ୍କା। (ଆଶ୍ଚର୍ଯ୍ୟ ହସ, ଖୁସି ହସ ମିଶା।) ମୋ ରାଧା ପାଇଁ ଏବେ ମୁଁ କାନକୁ, ନାକକୁ, ପାଦକୁ ବେକକୁ ସବୁ ଗହଣା କରିବି। ତାକୁ ପଲଙ୍କରେ ବସାଇ ଝୁଲାଇବି।... ବାଃ... କେତେ ଖୁସି ହେବ... ସିଏ ଖୁସି ତ ମୁଁ ଖୁସି... ଆମେ ଦୁହେଁ ଖୁସି ତ ଆମ ପରିବାର ...ନା ଆଉ ଭାବି ହେବନି। ମୁଁ ଯାଏ ମୋ ରାଧାକୁ ଆଗ ଏ ଟଙ୍କା ଦିଏ।

ରାମ : କିରେ ଶାମ କ'ଣ ଭାରି ଖୁସି ଜଣା ପଡୁଛୁ।

ଶାମ : ରାମ ଭାଇ ପ୍ରକୃତରେ ତମେ ମୋ ବଞ୍ଚିବା ପୂରାପୁରି ଫର୍ଚ୍ଚା କରିଦେଲ।

ରାମ : ମୁଁ କଲି।

ଶାମ : ନୁହେଁ ତ ଆଉ କ'ଣ ? ମୁଁ ଯାହା କରୁଥିଲି ଖାଲି ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ଦଣ୍ଡେ ଜିଇଁବା ଭଳି କରୁଥିଲି, ହେଲେ ଆଜି ମୋ ପାଖରେ ନିଶ୍ଚିନ୍ତ କିଛି ବଳକା ଟଙ୍କା ରହିବ ମୋ ଭବିଷ୍ୟତ ପାଇଁ...

ରାମ : ଆରେ ସେଥିପାଇଁ ମୁଁ କିଛି କରିନି। ତୁ କଷ୍ଟ କଲୁ ପରିଶ୍ରମ କଲୁ ଯତନ କଲୁ ତତେ ରତନ ମିଳିଲା। ମୁଁ ତତେ ଖାଲି ବାଟ ବତେଇ ଦେଲି।

ଶାମ : ସେଇ ବାଟ ଥିଲା ହେଲେ ମୁଁ ପାଉ ନ ଥିଲି।

ରାମ : ହଉ ଯା... ଯା... ରାଧା ତୋ ବାଟ ଚାହିଁ ବସିଥିବ।

ଶାମ : ହଁ ରାମ ଭାଇ ମୁଁ ଯାଉଛି। ପରିଶ୍ରମର ଫଳ ମୋ ରାଧା ହାତରେ ଦେବି। (ପ୍ରସ୍ଥାନ)

ରାମ : ମୋର ଶ୍ରୋତାମାନେ ଆପଣମାନେ ଶୁଣିଲେ ତ ଆମ ଶାମ କେମିତି ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକୃତ ଉପଯୋଗ କରି ତା ନିଜ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ବାଟଟିଏ ଖୋଜି ପାଇଲା, ତେଣୁ ଆପଣମାନେ ମଧ୍ୟ ଏହି ସୁଯୋଗର ସଦୁପଯୋଗ କରନ୍ତୁ। ନିକଟସ୍ଥ ବନବିଭାଗ ସହିତ ଯୋଗାଯୋଗ କରି ଆପଣଙ୍କ ପଞ୍ଚାୟତ ଅଫିସ୍ ଯାଆନ୍ତୁ ଏବଂ ସରକାର ଏବଂ ବନବିଭାଗ ଦ୍ୱାରା ଦିଆଯାଉଥିବା ସାହାଯ୍ୟର ସଦୁପଯୋଗ କରନ୍ତୁ।

ହେଲେ ମନେରଖନ୍ତୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆମର, ତେଣୁ ତାହାର ରକ୍ଷଣାବେକ୍ଷଣାର ଦାୟିତ୍ୱ ମଧ୍ୟ ଆମର। ତେଣୁ ଏହାର ଅମଳ ସମୟରେ ରକ୍ଷଣାବେକ୍ଷଣା ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। କେବଳ ପାକଳ, ପରିପକ୍ୱ ଯାହା ଅମଳ ଉପଯୋଗୀ କେବଳ ତାହା ହିଁ ଆଣିବା।

ବିଶେଷଜ୍ଞଙ୍କ ଦ୍ୱାରା ଦିଆଯାଉଥିବା ପ୍ରଣାଳୀ ମାଧ୍ୟମରେ ପ୍ରକ୍ରିୟାକରଣ କରି ଉତ୍କୃଷ୍ଟ ମାନର ପ୍ରକ୍ରିୟାକୃତ ଦ୍ରବ୍ୟ ତିଆରି କରି ଅଧିକରୁ ଅଧିକ ଲାଭବାନ୍ ହେବା।

(ତା. ୧୮.୮.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# ପରିବେଶ ପ୍ରଦୂଷଣ

ବନଜ ବିହାରୀ ମହାପାତ୍ର

୧ମ ଦୃଶ୍ୟ

*(ଉତ୍ତାପ ଓ ପବନ କଥାବାର୍ତ୍ତା ହେଉଥାନ୍ତି। ଲୋକମାନଙ୍କ ଉପରେ ତାଙ୍କର ପ୍ରବଳ ରାଗ। ତାଙ୍କ କଥା କେହି ବୁଝୁନାହାନ୍ତି।)*

ଉତ୍ତାପ : ଜାଳିଦେବି। ଜାଳିପୋଡ଼ି ଛାରଖାର କରିଦେବି। ମରନ୍ତୁ ସମସ୍ତେ ମରନ୍ତୁ। କାହାରିକୁ ଛାଡ଼ିବି ନାହିଁ। ସେମାନେ ମୋ ପ୍ରକୋପ ଜାଣିନାହାନ୍ତି। ଖରା, ବର୍ଷା, ଶୀତ ସମସ୍ତିଙ୍କୁ ଓଲଟ ପାଲଟ କରିଦେବି।

ପବନ : ଆଉ ଫୁଟାଣି ମାରନି ବା। ନିଜେ ଜଳି ଜଳି ପାଉଁଶ ହେଇଯିବ ପଛେ ହେଲେ କିଛି କରିପାରିବ ନାହିଁ ମୋ ବିନା। ପବନ ବିନା ଉତ୍ତାପ କିଛି କରିପାରିଲାଣି ନା କରିପାରିବ।

ଉତ୍ତାପ : ଉତ୍ତାପ ବିନା ପବନ ବି କଣ କରିପାରିବ କହୁନ ?

ପବନ : କଣ କରିପାରିବ ? ସେ କଥା କଣ ମତେ ଆଉ କହିବାକୁ ପଡ଼ିବ ? ୧୯୯୯ ମସିହା Super Cyclone କଥା କଣ ଭୁଲିଗଲଣି କି ? ଏମିତି ପାନେ ଦେଇଛି ଯେ ମଣିଷ ଆଜି ପର୍ଯ୍ୟନ୍ତ ଝୁରୁଛି ଆଉ ଭାବୁଛି। ଚାଳ, ଛପର, ଘର, ବାଉଁବାସ ଖାଇ ଗୋଡ଼ୁ ସବୁ ତ ଏକାମୋଡ଼କେ ଚୂରମାର କରିଦେଲି।

ଉତ୍ତାପ : ଅବଶ୍ୟ ସେ କଥା ଠିକ୍। ହେଲେ ମୁଁ ଚାହିଁଲେ କଣ କିଛି କରିପାରିବି ନାହିଁ ?

ପବନ : କରିପାରିବ ନାହିଁ କାହିଁକି ? ନିଶ୍ଚିତ କରିପାରିବ। ହେଲେ ତମ ସହିତ ମୁଁ ମିଶିଲେ କଥାଟା ଜମିଯିବ।

ଉତ୍ତାପ : ତମେ ଯାହା କୁହ ଏ ମଣିଷମାନଙ୍କର ଦୌରାତ୍ମ୍ୟ ଆଉ ସହିହେବନି। ଥରେ ଜାଳିପୋଡ଼ି ଧ୍ୱଂସ କରିଦେଲେ ଯାଇ ସେ ଆମ କଥା ବୁଝିବେ। ଏ ମଣିଷ ବୁଝିବ ଏ ପବନ ଆଉ ଉତ୍ତାପ ତାଙ୍କର କି କ୍ଷତି କରିପାରନ୍ତି। ତା ପରେ ଯାଇ ସେ ଆମ କଥା ବୁଝିବେ।

ପବନ : ଦିନକୁ ଦିନ ଏ ପୃଥିବୀ ପୃଷ୍ଠର ଉତ୍ତାପ ଯେ ଭଳି ଭାବରେ ବଢ଼ିବାକୁ ଲାଗିଛି, ସେଥିରେ କାହା ମୁଣ୍ଡ ଠିକ୍ ରହିବ ଯେ। ଆଗରୁ ଘଞ୍ଚ ଜଙ୍ଗଲ ଥିଲା ଯେ ଉତ୍ତାପ ସେହି ବାଟ ଦେଇ ଆଉ ପଦକୁ ଗଳାଦେଲେ ଥଣ୍ଡା ହୋଇଯାଉଥିଲା।

ଉତ୍ତାପ : ସେହିକଥା ମୁଁ କହୁଛି, ଦୂର ଦୂର ପର୍ଯ୍ୟନ୍ତ ତ ନଙ୍ଗଳାପଡ଼ିଆ, ନ ହେଲେ କଂକ୍ରିଟ ରାସ୍ତା, ନ ହେଲେ ସହରରେ ବିଭିନ୍ନ ଗାଡ଼ିର କୋଳାହଳ ନ ହେଲେ ଫ୍ୟାକ୍ଟ୍ରି।

ପବନ : ତେଣୁ ଉତ୍ତାପ ଆଉ କେମିତି ? ସେଇଥି ପାଇଁ ପରା ମେରୁ ଅଞ୍ଚଳର ବରଫ ଏ ଉତ୍ତାପ ସହି ନ ପାରି ଧୀରେ ଧୀରେ ତରଳିବାକୁ ଲାଗିଲାଣି। ଦିନ ଆସିବ ଯଦି ସବୁ ବରଫ ତରଳିଯିବ ଚିନ୍ତା କର ଏ ସମୁଦ୍ର ପତ୍ତନ କେତେ ଉପରକୁ ଉଠିବ।

ଉତ୍ତାପ : ଉଠୁ। ଉଠିଲେ ତ ଚାରିଆଡ଼େ ଖାଲି ଜଳମୟ ହେଇଯିବ। ଶେଷରେ ଏ ମଣିଷ ତା କଲା କର୍ମର ଫଳ ବୁଝିବା ଆଗରୁ ବୁଡ଼ି ମରିଯିବ ଆଉ ଏ ପୃଥିବୀ ଧ୍ୱଂସ ପାଇବ।

ପବନ : ଆରେ ଭାଇ ଉତ୍ତାପ ତମେ ସିନା ଟିକେ ଅଧିକ ଗରମ ହେଇଯାଉଛ ବୋଲି ରାଗୁଛ ହେଲେ ଚିନ୍ତା କର ମୋ ଅବସ୍ଥା କଣ ହେଉଥିବ ?

ଉତ୍ତାପ : ତମ ଅବସ୍ଥା ପୁଣି କଣ ହେଲା ? ତମେ କଣ କାହାକୁ ଦେଖାଯାଉଛ ଯେ ତମକୁ କିଏ କଣ କରିବ ?

ପବନ : ମୁଁ ପବନ। ମୁଁ ସିନା କାହାକୁ ଦେଖାଯାଏନି ହେଲେ ମୋ ଦେହରେ କେତେ ଯେ ଦୂଷିତ ଗ୍ୟାସ୍ ଆସି ମିଶୁଛି ସେ କଥା କଣ ତମେ ଜାଣୁଛ ? ସୂର୍ଯ୍ୟରଶ୍ମୀ ଯେମିତି ବିକିରଣ ହେଇ ତମେ ଉତ୍ତାପ ବଢୁଛି ଆଉ ସେ ଉତ୍ତାପ ବଢ଼ିବାକୁ କଂକ୍ରିଟ୍, କଳକାରଖାନା, ଗାଡ଼ିମଟରରୁ ବାହାରୁଥିବା ବିଭିନ୍ନ ଗ୍ୟାସ୍ ମିଶି ମତେ ଦୂଷିତ କରିସାରିଲେଣି।

ଉତ୍ତାପ : ତା ମାନେ ମଣିଷମାନେ ତମକୁ ମଧ୍ୟ ଛାଡ଼ିନାହାନ୍ତି।

ପବନ : ବିଭିନ୍ନ ଦୂଷିତ ଗ୍ୟାସ୍ ଯେମିତିକି କ୍ଲୋରୋଫ୍ଲୋରୋ କାର୍ବନ, କ୍ଲୋମୋଫ୍ଲୋରୋ କାର୍ବନ, ମିଥେନ ଏମିତି କେତେ କଣ ଦୂଷିତ ଗ୍ୟାସ୍ ବାହାରି ମୋ ଦେହରେ ମିଶି ମତେ ଦୂଷିତ କରି ସାରିଲେଣି।

ଉତ୍ତାପ : ସେମାନେ ଯେମିତି ଦୂଷିତ କରିବେ ସେମିତି ନିଃଶ୍ୱାସରେ ସେଇ ଦୂଷିତ ଗ୍ୟାସ୍ ଗ୍ରହଣ କରି ବିଭିନ୍ନ ରୋଗରେ ପଡ଼ିବେ।

ପବନ : ଆରେ ଭାଗବତରେ ପରା ଲେଖାଅଛି "ଆପଣା କଲା କର୍ମମାନ, ଆଗୁ ହୋଇବ ସାବଧାନ।"

ଉତ୍ତାପ : ତମେ ଠିକ୍ କହିଛ, ଯେମିତି କର୍ମ କରିବେ ସେମିତି ହଇରାଣ ହେବେ।

ପବନ : ସେମାନେ ଏବେ କିଛି ମାତ୍ରାରେ ଜାଣିଲେଣି, ବୁଝିଲେଣି, ହେଲେ ସମସ୍ତେ ଏ କଥା ବୁଝିନାହାନ୍ତି।

ଉତ୍ତାପ : ସେଇଥି ପାଇଁ କହୁଛି ଆମେ ଆଉ ଟିକେ ଅଧିକ କଡ଼ାଉ ହେବା। ସେମାନେ ମୋ ଉତ୍ତାପରେ ଜଳି ପୋଡ଼ିଗଲେ ଆପଣା ଛାଏଁ ବୁଝିବେ।

ପବନ : ସେ ସମୟ ଏବେ ଧୀରେ ଧୀରେ ଆସୁଛି। ବୈଜ୍ଞାନିକ ବିଶେଷଜ୍ଞମାନେ ଏ କଥା ବୁଝିଲେଣି, ଆଉ ଦିନ କେଇଟାରେ ଆମ ଦୁଃଖ ଯିବ।

ଉତ୍ତାପ : ହଁ ହଁ ସେମାନେ ଏବେ ଧରିତ୍ରୀ ଦିବସ, ବନ ମହୋତ୍ସବ ଏମିତି କେତେ କାର୍ଯ୍ୟକ୍ରମ କଲେଣି।

ପବନ : ହଁ କର୍ମକୁ ଆଦରି ଆମେ ବି ସେଇ ଦିନକୁ ଅପେକ୍ଷା କରିବା।

ଉତ୍ତାପ : ହଉ ପବନ ଭାଇ ମୁଁ ତମରି କଥା ମାନି ଆଉ କିଛି ଦିନ ଅପେକ୍ଷା କରୁଛି। କିନ୍ତୁ କହି ଦେଉଛି ଯଦି ଏ ମଣିଷ ନ ବଦଳେ ତେବେ ମୋ ଉତ୍ତାପ ଦିନେ ତାଙ୍କୁ ଜାଳିପୋଡ଼ି ଛାରଖାର କରିଦେବ। ହଁ......

(କହି କହି ପ୍ରସ୍ଥାନ)

୨ୟ ଦୃଶ୍ୟ

*(ବର୍ଷା ବସି କାନ୍ଦୁଥାଏ। ବନାନୀ ଆସି ପହଞ୍ଚେ। ଦୁହେଁ ଦୁହିଁଙ୍କୁ ଦୁଃଖଭରା କାହାଣୀ ନେଇ କଥା ହୁଅନ୍ତି।)*

ବର୍ଷା : (ସୁଁ ସୁଁ ହୋଇ କାନ୍ଦୁଥାଏ।) ହେ ଭଗବାନ ମୁଁ କି ଦୋଷ କରିଛି। ସିଆଡ଼େ ପୃଥିବୀର ସବୁ ଗଛ ଜଳି ପୋଡ଼ିଗଲାଣି। ପାଣି ଟିକକ ବନ୍ଦ। ବର୍ଷକରେ ୨ ମାସ ମତେ ପୃଥିବୀକୁ ଯିବାର ଅଛି ହେଲେ ତାହା ବି ମୁଁ ଠିକ୍ ସମୟରେ ଯାଇ ପାରୁ ନାହିଁ। ମୁଁ କଣ କରିବି ?

ବନାନୀ: ଆରେ କାହାର କାନ୍ଦ ଶୁଭୁଛି। ...ଏ ଅନ୍ଧାର ରାତିରେ... ଏମିତି କାନ୍ଦିବାର ମାନେ ...ହଁ ବା ଯିଏ ହେଉ ମୋ ଅବସ୍ଥା ବି ତ କହିଲେ ନ ସରେ। ଶୁଖିଲା ଗଛ...ଗୋଟିଏ ହେଲେ ପତ୍ର ନାହିଁ।...ଏ ଉତ୍ତାପରେ ଜଳିପୋଡ଼ି କଙ୍କାଳିଆ ହୋଇଗଲିଣି। ମୁଁ ବା କାହା ଦୁଃଖ ଶୁଣି କଣ କରିବି। ତଥାପି ଦେଖେ କିଏ ସିଏ ?

ବର୍ଷା : ଆଲୋ ହେ ବନାନୀ ତୁ କଣ ମତେ ଚିହ୍ନିପାରୁନୁ ନା କଣ ବା ?

ବନାନୀ: ଆଲୋ ହେ ସାଙ୍ଗ ବର୍ଷା...ତୁ ...କଣ ହେଲା କି ? ଏମିତି କାନ୍ଦୁଛୁ କାହିଁକି ?

ବର୍ଷା : କହ ତ ବନାନୀ ତୋର କଣ ମୋ କଥା ଜମା ମନେ ପଡୁନି ? ତୋ ବିନା ମୁଁ ଏକୁଟିଆ କେମିତି ବଞ୍ଚୁଛି ସେ କଥା ମୁଁ ଜାଣେ।

ବନାନୀ: ହଁ କହିବୁନି କାହିଁକି ? ମୋ ଚେହେରା ଦେଖି ତୁ କଣ କିଛି ଜାଣିପାରୁନୁ ? ତୋ ବିନା ଏ ଉତ୍ତାପ ମୋ ଦେହରେ ପତ୍ରଟିଏ ରଖିବାକୁ ଦେଲାନି। ଶୁଖିଲା ଡାଳ ନେଇ ଆଉ କେତେ ଦିନ ମୁଁ ବଞ୍ଚିବି ?

ବର୍ଷା : ସେଇ କଥା ଭାବି ଭାବି ମୋ ଆଖିରେ ଲୁହ...ଆଉ କଣ୍ଠରେ କୋହ...

ବନାନୀ: ଏଥିପାଇଁ ଆମେ କଣ କରିପାରିବା କହୁନୁ ? ମଣିଷ ତ ଦିନକୁ ଦିନ ଗଛ କାଟିବାରେ ଲାଗିଛି ପୃଥିବୀ ପୃଷ୍ଠର ଉତ୍ତାପ ବଢ଼ିବାକୁ ଲାଗିଛି। ସେଥିପାଇଁ ତମର ତଳକୁ ଆସିବାର ସମୟ ଠିକ୍ ରହୁନି ?

ବର୍ଷା : ଦେଖୁନ, ଲୋକ କହନ୍ତି ଶ୍ରାବଣ ମାସରେ ମୁଷଳ ଧାରାରେ ବର୍ଷା ହେବ। ହେଲେ କାହିଁ ଖରାରେ ଜଳିଗଲା ଭଳି ଲାଗୁଛି।

ବନାନୀ: ମୋ ସବୁଜ ପତ୍ର ମୋ ଦେହକୁ ଏମିତି ଢାଙ୍କି ରଖିଥିଲା ଯେ ଦିନରେ ସୂର୍ଯ୍ୟ, ରାତିରେ ଚନ୍ଦ୍ର କେହି ଭେଦ କରିପାରୁ ନ ଥିଲେ। ହେଲେ ଏବେ ଦେଖ ଖରା ଆସି ସିଧା ପୃଥିବୀରେ ପଡୁଛି।

ବର୍ଷା : ଏ କଥା କ'ଣ ମଣିଷ ବୁଝିପାରୁନି।

ବନାନୀ: ବୁଝିପାରୁନି ଯଦି ନ ବୁଝିପାରୁ ...। ଯେତେବେଳେ ନିଃଶ୍ୱାସ ନେବାରେ କଷ୍ଟ ହେବ ସେତେବେଳେ ଆପେ ଆପେ ବୁଝିବ।

ବର୍ଷା : କେମିତି ?

ବନାନୀ: କେମିତି କ'ଣ ବା... ? ମୋ ଦେହରେ ପତ୍ର ରହିଲେ ଯିନା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସ୍ ଗ୍ରହଣ କରି ଅମ୍ଳଜାନ ଦେବି। ଯଦି ତୁମ ବିନା ମୁଁ ଶୁଖି ହୋଇଯିବି ସେତେବେଳେ ଅମ୍ଳଜାନ କେଉଁଠୁ ଆଣି ଦେବି ?

ବର୍ଷା : ତେଣୁ ନିଜେ ବଞ୍ଚିବାର ବାଟ କାଢ଼ି ତା ପରେ ସିନା ସେମାନେ ଜଙ୍ଗଲ କାଟି କଳକାରଖାନା କରନ୍ତେ।

ବନାନୀ: ଏତିକି କଥା ବୁଝିପାରୁନାହାନ୍ତି। ଏହି ମଣିଷ କହୁଛନ୍ତି ନା କଣ ଆମେ ସଭ୍ୟ, ଶିକ୍ଷିତ, ଆମେ ଚାଲାକ୍, ଆମେ ଆଧୁନିକ।

ବର୍ଷା : କାହିଁ ଏତେ ତ ସଭ୍ୟ ଶିକ୍ଷିତ ହେଉଛନ୍ତି, ଠିକ୍ ସମୟରେ ମତେ ପୃଥିବୀ ପୃଷ୍ଠକୁ ଆଣି ପାରୁନାହାନ୍ତି ? ବର୍ଷା କରେଇ ପାରୁନାହାନ୍ତି ?

ବନାନୀ: ଏଇଥିରୁ ବୁଝୁଥିବୁ ସେମାନେ କେତେ ଶିକ୍ଷିତ ? ହେଲେ ଏ କଥା ଏବେ ସେମାନେ ବୁଝି ସାରିଲେଣି, ଯେଉଁଥିପାଇଁ ଏବେ ସେମାନେ ସ୍ଲୋଗାନ୍ ଦେଲେଣି ?

ଦେଶର ଆଜି ଏହି ଡାକ,
ପିଲା କମ୍ ଗଛ ଅଧିକ।

ବର୍ଷା : ଯାହା ହେଉ ଶୁଣି ଖୁସି ଲାଗିଲା, ଯେ ସେମାନେ ଏବେ ଜଙ୍ଗଲ ଉପରେ ଗୁରୁତ୍ୱ ଦେଲେଣି।

ବନାନୀ: ଆମର ବିନାଶରେ ସେମାନଙ୍କର ବିନାଶ ଏ କଥା ଏ ମଣିଷ ଜାଣିସାରିଲାଣି।

ବର୍ଷା : ତା ହେଲେ ମୋ ଦୁଃଖ ନିଶ୍ଚିତ ଫେରିବ ଆଉ ମୁଁ ଠିକ୍ ସମୟରେ ପୃଥିବୀକୁ ଓହ୍ଲେଇ ପାରିବି। ଆଉ ମୋ ସାଙ୍ଗ ବନାନୀ ସହିତ ମୁଁ ଠିକ୍ ସମୟରେ ଦେଖାକରି ପାରିବି।

ବନାନୀ: ନିଶ୍ଚିତ...।

୩ୟ ଦୃଶ୍ୟ

*(ପଛକୁ ଡାକୁଥାଏ ଉତ୍ତାପ। ବନାନୀ ଅଭିମାନ କରି ଚାଲି ଯାଉଥାଏ।)*

ଉତ୍ତାପ : ଆଲୋ ହେ ବନାନୀ ଶୁଣୁନୁ କଣ ବା ? ମୁଁ ପରା ଡାକୁଛି, ଆଲୋ ଶୁଣୁ, ଆସ।

ବନାନୀ: ଯା ତୋ କଥା ମୁଁ ଶୁଣିବିନି। ତୋ ମୁହଁକୁ ଲାଜ ଥିଲେ ତୁ ଏମିତି ଡାକନ୍ତୁ ନାହିଁ।

ଉତ୍ତାପ : ମୁଁ ତୋର କଣ କଲିକି ତୁ ମୋ ଉପରେ ଏମିତି ଗରଗର ହେଉଛୁ।

ବନାନୀ: ତୋର ଉତ୍ତାପ ମତେ ଜାଳିପୋଡ଼ି ପାଉଁଶ କଲାଣି ତୁ କହୁଛୁ କଣ ନା ମୋର କଣ କଲୁ ?

ଉତ୍ତାପ : ଦେଖ, ମୁଁ କଣ କଲି କହିଲୁ ? ମଣିଷ ତ ତୋ ଜଙ୍ଗଲ ସଫାକଲା। ଗଛ ହାନି ହେଲା। ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମୀ ଓଜୋନ୍ ଗର୍ତ୍ତ ଦେଇ ପୃଥିବୀ ପୃଷ୍ଠକୁ ଆସିଲା। ଉତ୍ତାପ ବଢ଼ିଲା।ତୋ ଦେହରୁ ପତ୍ର ଶୁଖି ପଡ଼ିଲା, ତୁ ରୋଗୀଣା ହେଲୁ ଏଥିପାଇଁ ମୁଁ କେମିତି ଦାୟୀ ହେଲି କହିଲୁ।

ବନାନୀ: ତା ହେଲେ ତୋର କଣ କିଛି କଣ ଦୋଷ ନାହିଁ।

ଉତ୍ତାପ : ମୋର ଦୋଷ ଆସିଲା କେଉଁଠୁ କହିଲୁ ? କ୍ଲୋରୋଫ୍ଲୋରୋ କାର୍ବନ ଗ୍ୟାସ୍ ବାହାରି ଓଜୋନସ୍ତରକୁ ପତଳା କଲା। ସେଥିପାଇଁ କ'ଣ ମୁଁ ଦାୟୀ ନା, ମୁଁ କ୍ଲୋରୋଫ୍ଲୋରୋ କାର୍ବନ ଗ୍ୟାସ୍ ତିଆରି କଲି।

ବନାନୀ: ତା ହେଲେ ଏହା କେଉଁଠୁ ଆସିଲା ?

ଉତ୍ତାପ : ଏହା ମନୁଷ୍ୟକୃତ। ବିଭିନ୍ନ ପ୍ରକାର ରାସାୟନିକ ସାର ପ୍ରୟୋଗ, ରେଫ୍ରିଜେରେଟର ଓ ଏୟାରକଣ୍ଡିସନର୍ ର ବ୍ୟବହାର, ଏହି ଗ୍ୟାସ୍ ନିର୍ଗତ କରେ।

ବନାନୀ: ସେ ତେଣିକି ଯାହା ହେଉ ମୁଁ ତ ବର୍ଷା ଅଭାବରୁ ମଲି ନା ?

ଉତ୍ତାପ : ମୁଁ ଜାଣେ ତୁ ଚାତକ ପରି ବର୍ଷାକୁ ଅନେଇ ରହିଛୁ। ବର୍ଷା ଆସିଲେ ତୋ ଦେହର ସବୁଜିମା ପୁଣି ଭରିଯିବ। ତୁ ଖିଲ ଖିଲ ହେଇ ହସି ଉଠିବୁ। ଏ ଧରାଧାମ ସବୁଜ ସୁନ୍ଦରୀମାରେ ପୂରି ଉଠିବ।

ବନାନୀ: କହିଲୁ ମୋର ଶାଗୁଆ ଗାଲିଚା ଏ ପୃଥିବୀକୁ କେତେ ସୁନ୍ଦର କରି ଗଢ଼ି ତୋଳିବ କହିଲୁ ? ମଣିଷ ତ ସବୁ କରୁଛି। ସେ ଯେ ପର୍ଯ୍ୟନ୍ତ ନ ବୁଝିବ ଆମର ଆଉ କଣ ଚାରା ?

ଉତ୍ତାପ : ହେଲେ ଆମେ କ'ଣ କରିବା କହୁନୁ ? ମଣିଷ ତ ସବୁ କରୁଛି। ସେ ଯେ ପର୍ଯ୍ୟନ୍ତ ନ ବୁଝିବ ଆମର ଆଉ କଣ ଚାରା ? ତୋ ଭଉଣୀ ନଦୀ ମଧ୍ୟ ସେମିତି ଗରଗର ହେଉଛି।

ବନାନୀ: ତାର ପୁଣି କ'ଣ ହେଲା ?

ଉତ୍ତାପ : କ'ଣ ହେଲା ମାନେ ?...ଦୂଷିତ ପଦାର୍ଥ ତା ଦେହ ସାରା ଭର୍ତ୍ତି ହେଇଗଲାଣି।

ବନାନୀ: କେମିତି ?

ଉତ୍ତାପ : କଳକାରଖାନାରୁ ବାହାରୁଥିବା ମଇଳା, ସହରରୁ ବାହାରୁଥିବା ନାଳନର୍ଦ୍ଦମା ପାଣି, ବିଲବାଡ଼ିରୁ ବାହାରୁଥିବା ରାସାୟନିକ ସାରମିଶା ପାଣି ସବୁ ତ ଆସି ତା ପେଟରେ ପଡୁଛି।

ବନାନୀ: ଆରେ ହଁ ତ ସେ କଥା ମୁଁ ଭାବି ନ ଥିଲି।

ଉତାପ : ନା ସେ କଥା କାହିଁକି ଭାବିବୁ ? ଖାଲି ମୋରି ଉପରେ ରାଗରାଗ ହେବୁ। ଯେମିତି ସବୁ ଅସୁବିଧା କାମର ମୁଁ ପୁରୋଧା।

ବନାନୀ: ହଁ ମୁଁ ବି ଏବେ ଶୁଣିଥିଲି। କଳକାରଖାନାରୁ ବାହାରୁଥିବା ପାଉଁଶ କେନାଲରେ ଯାଇ ଚାଷ ଜମିରେ ମାଡ଼ିଯାଇଛି। ସେଥିରେ ଯେଉଁ ଚାଷ ହେଉଥିଲା ସେ ସବୁ ଉଜୁଡ଼ି ଯାଇଛି।

ଉତାପ : କାହିଁ କହୁନୁ ସେ ସବୁ ମୁଁ କଲି ବୋଲି ?

ବନାନୀ: ମଲା ଜାଣି ନ ଥିଲି ବୋଲି କହିଦେଲି। ସେଇ କଥାକୁ ତୁ ଏମିତି ବାରମ୍ବାର ଖୁଣ୍ଟା ଦେଉଛୁ ବା।

ଉତାପ : ଦେଖ ଆଜିକାଲି ତାଜା, ସତେଜ, ସ୍ୱାସ୍ଥ୍ୟକର ପରିବେଶ ମିଳିବା କଷ୍ଟକର ହେଇଗଲାଣି। ଏଇ ମଣିଷ ସବୁ କରୁଛି ହେଲେ ଦୋଷ ଆମର।

ବନାନୀ: ଦୋଷ ଆମର ମାନେ ?

ଉତାପ : ଲୋକେ କହୁଛନ୍ତି ଆଜିକାଲି ମାଟିର ଉର୍ବରତା କମିଗଲାଣି, ପାଣି ଦୂଷିତ ହେଇଗଲାଣି, ପବନରେ ଅମ୍ଳଜାନ କମିଗଲାଣି।

ବନାନୀ: ଗଛ ଗଛ ମୁଁ କହୁଛି। ମଣିଷ ଆହୁରି କହୁଛି ପରିବେଶ ପ୍ରଦୂଷଣ ହେଉଚାଲାଣି।

ଉତାପ : ଆଉ ତୁ ବୁଝୁନୁ କଣ ? ତୁ ତ ଏବେ ସବୁ ବୁଝିପାରିଲୁଣି।

ବନାନୀ: ତା ହେଲେ ଆମେ ଏବେ କରିବା କଣ ?

ଉତାପ : ମୁଁ ଏବେ ଶୁଣିବାକୁ ପାଇଲି ଏ ମଣିଷମାନେ କୁଆଡ଼େ ଏ କଥା ବୁଝିପାରିଲେଣି। ପରିବେଶର କ୍ଷତିରେ ତାଙ୍କର ସିଧାସଳଖ କ୍ଷତି ହେଉଛି ବୋଲି।

ବନାନୀ: ଆରେ ସେଇଥି ପାଇଁ ଏବେ ଅନେକ ଲୋକ ଆସି ଖାଲିଥିବା ପଡ଼ିଆ ପାଖରେ ଗଛ ଲଗାଇବା କଥା କହୁଥିଲେ ମୁଁ ନିଜେ ଶୁଣିଛି।

ଉତାପ : ହଁ ସେମାନେ ଏବେ ଚିନ୍ତା କଲେଣି, ଯଦି ସେମାନେ ନ ବୁଝନ୍ତି ଆମେ ଗୋଟାଏ କିଛି କରିବା। ନ ହେଲେ ତାଙ୍କ ସହିତ ଆମ ଅବସ୍ଥା ମଧ ଖରାପ ହେବ।

ବନାନୀ: ଠିକ୍ ଅଛି ଆମେ ଗୋଟାଏ କଣ କରିବା.....

## ୪ର୍ଥ ଦୃଶ୍ୟ

*(ବର୍ଷା ଆଉ ପବନ କଥାବାର୍ତ୍ତା ହେଉଥାନ୍ତି।)*

ବର୍ଷା : ଦେଖ ପବନ। କେତେ ଆଉ ପର ଉପରେ ନିର୍ଭର କରି ଚଳିବି କହୁନୁ ?

ପବନ : ପର ଉପରେ... ମାନେ ...

ବର୍ଷା : ଦେଖ ମୁଁ ତ ଆଉ ମୋ ନିଜ ନିୟମ ଅନୁସାରେ ପୃଥିବୀକୁ ଓହ୍ଲେଇ ପାରୁନି। କେତେବେଳେ ଉତ୍ତାପ ହେବ ମୁଁ ବର୍ଷିବି।

ପବନ : ଓଃ ...ଏ କଥା କହୁଛ ...

ବର୍ଷା : ତୁହେଁ ତ ଆଉ କଣ ? ଦେଖୁନ ଏବେ ବର୍ଷା ଦିନେ ବର୍ଷା ନା ଶୀତ ଦିନେ ଶୀତ ହେଉଛି। ଯଦି ହେଉଛି ଖାଲି ଖରା।

ପବନ : ଏ ସବୁ କେବଳ ମଣିଷମାନଙ୍କ ଦ୍ୱାରା ହେଉଛି। ହେଲେ ଯାହାକୁ ଦେଖିବ ସିଏ କହୁଛି କଣ ନା ଏ ଯୁଗ ବଦଳି ଗଲାଣି କଳିଯୁଗ ଆସିଲାଣି। ଏ ପୃଥିବୀ ଧ୍ୱଂସ ପାଇବ। ଏମିତି କେତେ କଣ ?

ବର୍ଷା : କୁହନ୍ତୁ। ସିଏ ଯାହାକୁ ପାଉଛି ଦୋଷ ଦେଉ। ହେଲେ ଫଳ କଣ ହେବ ? ପରିବେଶର ବିବର୍ତ୍ତନ ହେଲେ ଏ ଜୀବ ନୀଡ ଧ୍ୱଂସ ପାଇବ।

ପବନ : ତୁହେଁ ଆଉ କଣ ? ହେଲେ ବର୍ଷା ଭଉଣୀ କୁହ ତ ମୁଁ ତମକୁ ଯେମିତି ଉଡ଼େଇ ଉଡ଼େଇ ନେବା କଥା ନେଉଛି। ହେଲେ ମେଘ ଯଦି ଘନିଭୂତ ହେଇ ବର୍ଷା ନ ହେବ ସେଥିପାଇଁ ମୁଁ ବା ଆଉ କଣ କରିପାରିବି।

ବର୍ଷା : ହଁ...ସେଇ କଥା ...ନା ତୁ କିଛି କରିପାରିବୁ ନା ମୁଁ କିଛି କରିପାରିବି।

ପବନ : ନା ...ସେମିତି କହନା। ଆମେ ପ୍ରଥମେ ଏ ମଣିଷଙ୍କର ଆଚରଣ ଦେଖିବା। ଯଦି ସେମାନେ ପରିବେଶର ବା ପରିବେଶ ହାନୀଜନିତ ପ୍ରଦୂଷଣର କିଛି ପ୍ରତିକାର ନ କରନ୍ତି ତେବେ ଆମେ ସମସ୍ତେ ମାନେ ଉତାପ, ବନାନୀ, ତୁ ବର୍ଷା ଆଉ ମୁଁ ପବନ ମିଶିକି କିଛି ଗୋଟାଏ କରିବା।

ବର୍ଷା : ଦେଖ ଆଉ ଗାନ୍ଧୀବାଦୀ ଏ ଯୁଗରେ ଚଳୁନି। ତେଣୁ ଆମକୁ କିଛି ଗୋଟାଏ କଠୋର ନୀତି ଗ୍ରହଣ କରିବାକୁ ପଡ଼ିବ।

ପବନ : ତା ମାନେ ତୁ କହୁଛୁ ଯେସାକୁ ତେସା ନୀତି ଅବଲମ୍ବନ କରିବା।

ବର୍ଷା : ତା ନ ହେଲେ କଣ ଆମେ ଜିତିପାରିବା।

ପବନ : ଅବଶ୍ୟ ଆମର ଏ କଠୋର ନୀତି କାହାକୁ ସୁଧାରିବା ପାଇଁ, ତେଣୁ ଏଥିରେ ପାପ ଲାଗିବ ନାହିଁ।

ବର୍ଷା : ପାପ...ଆରେ କାହିଁକି ଲାଗିବ... ଆମେ ତ କାହାରି ଅନିଷ୍ଟ କଥା ଚିନ୍ତା କରିନେ। ଏ ଦୁନିଆକୁ ମଣିଷମାନଙ୍କ ଦାଉରୁ ବଞ୍ଚେଇବା ପାଇଁ।

ପବନ : ଆରେ ମଣିଷମାନଙ୍କ ଦାଉରୁ କଣ ବଞ୍ଚେଇବା ? ଏଇ ମଣିଷମାନଙ୍କର ହିତ ପାଇଁ ଆମେ ତାଙ୍କୁ ଅବାଟରୁ ବା ଅନୀତି କାର୍ଯ୍ୟରୁ ଦୂରେଇ ଦେବା।

ବର୍ଷା : ହଁ...କିଛି ଗୋଟାଏ କରିବା।

ପବନ : ନ ହେଲେ ଆଜି ଜଳ ଦୂଷିତ, ପବନ ଦୂଷିତ। ଏତେ ଦୂଷିତ ପରିବେଶରେ ନା ଜୀବ ନା ମଣିଷ କେହି ବଞ୍ଚିପାରିବେ।

ବର୍ଷା : ତା ହେଲେ ପବନ ତୁ ଗୋଟାଏ କାମ କର। ସମସ୍ତଙ୍କ ସହିତ କଥା ହେଇ ଗୋଟାଏ ସଭାର ଆୟୋଜନ କର। ସେଇଠି ବସି ଆମେ କିଛି ଗୋଟାଏ ବାଟ କାଢ଼ିବା।

ପବନ : ଠିକ୍ ଅଛି।

### ୫ମ ଦୃଶ୍ୟ

*(ସମସ୍ତେ ବସି ଭବିଷ୍ୟତ ବିଷୟରେ ଯୋଜନା କରୁଥାନ୍ତି।)*

ବନାନୀ: ସମସ୍ତେ ଶୁଣ, ଏହା ଏକ ଖୁସି ଖବର ଯେ ଆଜିର ଆଧୁନିକ ମଣିଷ ତାର ଭୁଲ୍ ବୁଝି ସାରିଲାଣି। ଯୋଉଁଥିପାଇଁ ଏବେ ସରକାରୀ ଏବଂ ବେସରକାରୀ ସ୍ତରରେ ସେମାନେ ପରିବେଶର ରକ୍ଷା କରିବା ପାଇଁ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି।

ବର୍ଷା : ଯେମିତିକି ଓଜୋନ୍ ସ୍ତରରେ ହ୍ରାସ ହେବାରୁ ବର୍ତ୍ତମାନ ବିଭିନ୍ନ ନିୟମ ମାନିକରି ଯେଉଁ ଗ୍ୟାସ୍ ଓଜୋନ୍ ସ୍ତରର ଅବକ୍ଷୟ ପାଇଁ ଦାୟୀ ସେ ଗ୍ୟାସ୍ ବର୍ଜନ ପାଇଁ ଚେଷ୍ଟିତ।

ଉତ୍ତାପ : ପୃଥିବୀର ଉଷ୍ଣତା କମାଇବା ପାଇଁ ଏବେ ପ୍ରଚୁର ପରିମାଣର ବୃକ୍ଷରୋପଣର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଯେଉଁଠି ଶିଳ୍ପମାନଙ୍କରୁ ନିର୍ଗତ ଦୂଷିତ ଗ୍ୟାସ୍‌କୁ ପ୍ରକ୍ରିୟାକରଣ କରି ବିଶୁଦ୍ଧ ଗ୍ୟାସ୍‌ରେ ପରିଣତ କରାଯାଉଛି ଯାହାକି ପରିବେଶ ପ୍ରଦୂଷଣକୁ ରକ୍ଷା କରିବ।

ବନାନୀ: ଶିଳ୍ପ ପ୍ରତିଷ୍ଠାନ ଏବଂ ସହରର ଆବର୍ଜନାମୟ ଦୂଷିତ ଜଳକୁ ମଧ୍ୟ ବିଶୁଦ୍ଧ କରିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ବର୍ଷା : ଏବେ ଏବେ ଖବର ମିଳିଛି ବିଭିନ୍ନ ପ୍ରକ୍ରିୟାକୃତ ଖାଦ୍ୟ ଯାହା ପଲିଥିନ୍ କଭରରେ ପ୍ୟାକେଟ୍ ହେଇ ଆସୁଥିଲା ତା ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି ।

ଉତ୍ତାପ : ତମେ ଯାହା କୁହ ଗୁଟଖା କରି ପରିବେଶ ବିପର୍ଯ୍ୟୟର କାରଣ। ହେଲେ ସରକାର କଟକଣା ଲଗାଇ ସେଇଟା ବନ୍ଦ କରିଛନ୍ତି।

ପବନ : ଖାଲିକଣ ସେତିକି ଦୋକାନବଜାର ହାଟ ଯୋଉଠି ଦେଖୁଛ ପଲିଥିନ୍ କରି ସମସ୍ତଙ୍କ ପାଖରେ ମହଜୁଦ୍ ଥିଲା ହେଲେ ଏବେ।

ବନାନୀ: ଠିକି କହ। ଆଜି ସେ ପଲିଥିନ୍ ଜରି ମିଳୁନି। ସରକାର ସେଥିପ୍ରତି ମଧ୍ୟ କଟକଣା ଜାରି କରିଛନ୍ତି।

ବର୍ଷା : ମେଡ଼ିକାଲର ବର୍ଜ୍ୟବସ୍ତୁ ଯାହାକି ପାଣିରେ ମିଶି ଅନେକ ରୋଗର କାରଣ ସହିତ ପରିବେଶ ନଷ୍ଟ କରୁଥିଲା। ତାହା ବି ଆଜିକାଲି ମେସିନ୍‌ରେ ଜଳିପୋଡ଼ି ପାଉଁଶ ହେଇଯାଉଛି।

ଉତ୍ତାପ : ଯାହା ହେଉ ସେ ବାଟରେ ହେଲେ କିଛି ଫାଇଦା ମିଳୁଛି।

ପବନ : ଦେଖ ସରକାର ନିୟମ କରୁଛନ୍ତି। ହେଲେ ସମସ୍ତେ କଣ ଏହା ମାନୁଛନ୍ତି ? ଲୁଚାଇପାରେ ବି କିଛି କିଛି ଚାଲୁଛି।

ବନାନୀ: ଯେ ପର୍ଯ୍ୟନ୍ତ ସାଧାରଣ ମଣିଷଟିଏ ଏହାର ଉପକାରିତା ଆଉ ଅପକାରିତା ବିଷୟରେ ହୃଦୟଙ୍ଗମ ନ କରିବ ସେ ପର୍ଯ୍ୟନ୍ତ ଏ ପରିବେଶର ଉନ୍ନତି ସମ୍ଭବ ହେବନି।

ବର୍ଷା : ସେଇଥିପାଇଁ ମୁଁ ଆଉ ପବନ ଚିନ୍ତା କରିଛୁ, ଯଦି ମଣିଷ ତାର ପ୍ରକୃତି ନ ବଦଳାଏ, ପରିବେଶ ପ୍ରତି ଯତ୍ନବାନ ନ ହୁଏ, ଆମେ ନିଜେ ଆମ ସୁରକ୍ଷା ପାଇଁ କିଛି ଗୋଟାଏ କରିବା।

ବନାନୀ: ହଁ ହଁ ଆମେ ଗୋଟାଏ କଣ କରିବା ?

ଉତ୍ତାପ : ମୁଁ ମୋର ଉତ୍ତାପ ଆହୁରି ବଢ଼ାଇବି। ଏତେ ବଢ଼େଇଦେବି ଯେ, ମଣିଷ ଆଉ ବଞ୍ଚିବା କଷ୍ଟକର ହୋଇଯିବ। ନିଃଶ୍ୱାସ ନେବା ବି କଷ୍ଟକର ହୋଇଯିବ।

ପବନ : ମୁଁ ପ୍ରତି ମାସରେ ଥରେ ୧୨୦ ରୁ ୧୩୦ ବେଗରେ ବହିବି। ମୋ ଆଗରେ ଯିଏ ଆସିବ ମୁଁ ତାକୁ ଏମିତି ଉଡ଼େଇ ନେଇ କଚାଡ଼ି ଦେବି ଯେ ପୁଅ ମନ ଏକାଥରେ ଘର ଧରିବ।

ବର୍ଷା : ଏମିତିରେ ତ ମୁଁ ନିଜ ଇଚ୍ଛାରେ ଆଉ ଆସିପାରୁନି, ତେଣୁ ମୁଁ ଭାବୁଛି ଆଉ ମୁଁ ବର୍ଷିବି ନାହିଁ। ସେମିତି ଆକାଶରେ ବସିରହିବି। ଦେଖିବ ଏ ମଣିଷ ପାଣି ବିନା କେମିତି ବଞ୍ଚିବ ?

ବନାନୀ: ପବନ ତୁ ଗୋଟାଏ କାମ କରିବୁ ଯେତେବେଳେ ବହିବୁ ଅଧିକ ବେଗରେ ନ ହେଲେ ଆଦୌ ବହିବୁ ନାହିଁ। ବର୍ଷା ପରି ତୁ ବି ଚୁପଚାପ୍ ରହିଯିବୁ। ତମେମାନେ ସମସ୍ତେ ନୀରବ ହୋଇଗଲେ ମୁଁ ବନାନୀ ଆଉ ବଞ୍ଚିବି କେମିତି ? ମୁଁ ବି ଆପଣାଛାଏଁ ମରିଯିବି।

ଉତ୍ତାପ : ତୁ ଯଦି ବନାନୀ ମରିଯିବୁ ତେବେ ମଣିଷ ଆଉ ଖାଇବ କଣ ନା ବଞ୍ଚିବ। ତେଣୁ ମଣିଷ ମଧ୍ୟ ଆପଣାଛାଏଁ ମରିଯିବ।

ବର୍ଷା : ତେଣୁ ଆମକୁ ଯିଏ ହତାଦର କରିବ ତେବେ ସେ ନିଶ୍ଚିତ ନିଃଶେଷ ହେବ।

ତେଣୁ ହେ ବନ୍ଧୁମାନେ, ହେ ମୋର ଶ୍ରୋତାମାନେ ଆପଣମାନେ ଏବେ ନିଶ୍ଚିତ ହୃଦୟଙ୍ଗମ କରିସାରିଥିବେ ଯେ ପରିବେଶର ପ୍ରଦୂଷଣ ଆମ ପାଇଁ ଯେ କେତେ ବିପଦପୂର୍ଣ୍ଣ। ଏହା ଏକ କପୋଳକଳ୍ପିତ କାଳ୍ପନିକ କାହାଣୀ ହୋଇପାରେ ହେଲେ ଏ ଦିନ ବି ଦୂର ନୁହେଁ ଯେଉଁଦିନ ଆମେ ପରିବେଶର ପ୍ରଦୂଷଣରେ ଜର୍ଜରିତ ହୋଇ ଅନେକ ପ୍ରକାର ବ୍ୟାଧିର ବଶବର୍ତ୍ତୀ ନ ହେବା। ତେଣୁ ମୋର ସମସ୍ତ ଶ୍ରୋତା ଏବଂ ସାଧାରଣ ନାଗରିକଙ୍କୁ ଅନୁରୋଧ କାହାରି ଉପରେ ଦୋଷ ନ ଲଦି କାହାକୁ ଆକ୍ଷେପ ନ କରି ଆମ ଦ୍ୱାରା ଯେତେ ସମ୍ଭବ ଆମେ ପରିବେଶର ରକ୍ଷା କରିବା। ପରିବେଶ ରକ୍ଷକର୍ତ୍ତାର ଯେ ଅବିଚ୍ଛେଦ୍ୟ ଅଙ୍ଗ ମାନେ ବୃକ୍ଷ ତାହାକୁ ରୋପଣ କରିବା। ଆସନ୍ତୁ ଏହି ସ୍ଲୋଗାନକୁ ଚରିତାର୍ଥ କରିବା,

*ଦେଶର ଆଜି ଏହି ଡାକ ,*

*ପିଲା କମ୍ ଗଛ ଅଧିକ।*

(ତା. ୨୨.୯.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

❖

# ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେଇ ଆମେ ହେବା ସୁରକ୍ଷିତ

ବନଜ ବିହାରୀ ମହାପାତ୍ର

୧ମ ଦୃଶ୍ୟ

*(ଗାଁ ଦାଣ୍ଡରେ "ବଡମା" ଡାକ ପକାଉଥାଏ, କିଏ କୁଆଡେ଼ ଅଛ ଦୌଡ଼ି ଆସ। ମୋ ଛେଳି ଛୁଆଟାକୁ ହେଟା ବାଘ ନେଇଗଲା।)*

ବଡମା : ଆରେ କିଏ କୁଆଡେ଼ ଅଛ ଦୌଡ଼ି ଆସ। ସେ ଡବାଖିଆ ହେଟା ବାଘଟା ମୋ ଛେଳି ଛୁଆଟାକୁ ଟାଣି ନେଲା। କେଡ଼େ ଗୁଲୁଗୁଲିଆ ହୋଇଥିଲା। ଡହକ ଚିକନ ଦେହ ଚିଲେଇ ଥିଲା।

ଶାନ୍ତି : (ଗାଁର ଝିଅ) ବଡମା......ସତରେ ସେ କଣ ସେ ହେଟା ବାଘ......।

ବଡମା : ଆଲୋ ହଁ ଲୋ.....ମୁଁ ପରା ମୋ ନିଜ ଆଖିରେ ଦେଖିଛି। ସେଇ ଗୁହାଳ କଡ଼ରୁ ଛପି ଛପି ଆସି ଖପ୍ କରି ମାଡ଼ି ବସିଲା।

ଶାନ୍ତି : ଦେଖ ବଡମା ଥରେ ତା ପାଟିରେ ଏ ଛେଳି ମାଂସ ଲାଗିଲେ ସେ ଏବେ ବାରମ୍ବାର ଆସିବ। ଆମକୁ ତ ସତର୍କ ହେବାକୁ ପଡ଼ିବ।

ବଡମା : ଆରେ ସତର୍କ କଣ ହେବା ? ତା ବୋଲି କଣ ଆମ ସବୁ କାମଧନ୍ଦା ଛାଡ଼ି ଦିନରାତି ଜଗିବସିବ ନା କଣ ?

ଶାନ୍ତି : ନାହିଁ ବଡମା ସେ କଥା ନୁହେଁ। ହେଲେ ଆମକୁ ତ କିଛି ଗୋଟାଏ କରିବାକୁ ପଡ଼ିବ।

ବଡମା : କଣ ଆଉ କରିବୁ, ଦିନ ରାତି ଏଇ ଶୋଇବା ଘରେ ପଶୁଜନ୍ତୁ ସମସ୍ତଙ୍କୁ ରଖିବାକୁ ପଡ଼ିବ। ଆଉ କିଛି ଉପାୟ ନାହିଁ।

ଶାନ୍ତି : ତା ପରେ ରୋଗ ବଇରାଗ କିଣିବ...

ବଡମା : ରୋଗ ବଇରାଗ କାହିଁକି ?

ଶାନ୍ତି : ଗୋଟିଏ ଘର ଭିତରେ ମଣିଷ ପଶୁ ଯେତେବେଳେ ରହିବେ ରୋଗ ହବନି।

ବଡମା : ହଁ ସେ କଥା ସତ, ହେଲେ କରିବ କଣ ? ଏତେ କଷ୍ଟ କରି ଛେଳି ଗୋରୁଙ୍କୁ ପାଳି ପୋଷି ବଡ଼ କରି ଆଉ ଶେଷରେ ଏଇ ହେଟାବାଘ ମୁହଁକୁ ଯିବ। ଆମେ ପାଇବା କଣ ?

ଶାନ୍ତି : ଆରେ ବଡ଼ମା ଥରେ ଚିନ୍ତା କଲ ଏ ହେଟା ବାଘ ତା ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଲା କାହିଁକି ?

ବଡମା : ଏଇ ମଣିଷ ପାଇଁ।

ଶାନ୍ତି : ବାସ୍...କଥା ହେଲା ହେଇଆ। ତମ ଘର ଭିତରକୁ ଯଦି ଗୋଟାଏ କିଏ ମାଡ଼ି ବସୁଛି ତମେ ହାତଛାଡ଼ି ହେଇ ଯାଉଛ। ରକ୍ତ ନଦୀ ବୋହାଇ ଦଉଛ। ଆଉ ଜଙ୍ଗଲ ଜନ୍ତୁଙ୍କ ଘର ଭାଙ୍ଗି ତମେ କଳକାରଖାନା, ପକ୍କାରାସ୍ତା କରିଲ। ଗଛ କାଟି ପଦା କରିଲ। ବିଚରା ଜଙ୍ଗଲ ଜନ୍ତୁ ଖାଇବାକୁ ପାଉନି, ରହିବାକୁ ଜାଗା ପାଉନି, ପିଇବାକୁ ପାଣି ପାଉନି, କିଏ ଗାଁ ଆଡ଼କୁ ଆସିବ ନାହିଁ ଆଉ କଣ କରିବ ?

ବଡମା : ତୁ ଯିନା କଥା ଠିକ୍ କହୁଛୁ, ହେଲେ ମୋର ସବୁ ଗଲାନା...ମୁଁ ଏବେ କଣ କରିବି ?

ଶାନ୍ତି : ତମେ ଆଉ କଣ କରିବ ? କର୍ମକୁ ଆଦରି ପଡ଼ି ରହିବ ଆଉ କଣ ?

ବଡମା : ଆଜି ଗୋଟାଏ ନେଲା କାଲିକୁ ଯେ ଆଉ ନ ନେବ କିଏ କହିବ ?

ଶାନ୍ତି : ଥରେ ମଜା ବାହୁଡ଼ିଲାଣି ମାନେ ସିଏ ନିଶ୍ଚିତ ଆସିବ।

ବଡମା : ଜଗି ବସିଥିବି ଦେଖି ପାରେ।

ଶାନ୍ତି : ଏମିତି କେତେ ହେଟାବାଘ ତମେ ମାରିପାରିବ। ଆଜି ହେଟାବାଘ ଆସିଲା କାଲି ବାଘ ଆସିବ। ତା ପରଦିନ ସିଂହ ଆସିବ......ବାସ୍ ....... ଏମିତି ଆଉ ଲାଗିବ......

ବଡମା : କହୁନୁ ତା ହେଲେ ମୁଁ କଣ କରିବି ?

ଶାନ୍ତି : ଆମକୁ ବଦଳିବାକୁ ପଡ଼ିବ।

ବଡମା : ମାନେ ...

ଶାନ୍ତି : ଯଦି ଏ ମଣିଷ ସମାଜ ନ ବଦଳେ ଆଜି ଛେଳି ଯାଉଛି। କାଲି ଛେଳି ଯିବ, ତା ପରଦିନ ଗାଈଗୋରୁ ଯିବ, ତା ପରେ ମଣିଷ ଛୁଆ ବି ଯିବ।

ବଡମା : ଇଲୋ ...ମା ଲୋ ...ସେ କଥା ମୁଁ ଚିନ୍ତା କରି ନ ଥିଲି। ହଁ ତ ଆଜି ଯଦି ଛେଳି ଗଲା, କାଲିକୁ କାହିଁକି ମଣିଷ ଛୁଆ ନ ଯିବ। ମୋ ନାତି ଟୋକାଟା ତ ଭାରି ଚଗଲା। ଟିକେ ବି ରହୁନି ଘରେ। ହେ ଭଗବାନ ...ତାକୁ ରକ୍ଷା ଯୋଗେଇ ରଖ। ଯଦି ତାର କିଛି ହେଇଯାଏ ମୁଁ ତ ଠକ୍ କିନା ମରିଯିବି।

ଶାନ୍ତି : ଚିନ୍ତା କରିପାରୁଛୁଟି ଆମ ଭବିଷ୍ୟତ କ'ଣ ହବାକୁ ଯାଉଛି ?

ବଡମା : ହଁ ଲୋ ... ସେ କଥା ଚିନ୍ତା କଲା ବେଳକୁ ଛାତି ଭିତରଟା କେମିତି କୋରି ବିଦାରି ହେଇ ଯାଉଛି ।

ଶାନ୍ତି : ସେଇଥି ପାଇଁ କହୁଛି, ଏ ମଣିଷକୁ ବଦଳିବାକୁ ତା ନିଜ ପାଇଁ ଯେତିକି ବିହାତି ଆବଶ୍ୟକ ସେତିକି ନୂତନ ଜଙ୍ଗଲ ଗଢ଼ିବାର ଆବଶ୍ୟକତାକୁ ଅନୁଭବ କରିବା ଦରକାର ।

ବଡମା : ତୁ ଆଉ ମୁଁ ତ ବାହିଁଲେ ହେବନି ।

ଶାନ୍ତି : ସେଇଥି ପାଇଁ କହୁଛି, ସମସ୍ତ ମଣିଷକୁ ବଦଳିବାକୁ ପଡ଼ିବ ।

ବଡମା : ଆଜି ସନ୍ଧ୍ୟାରେ ଏହାର ଗୋଟିଏ ଫଇସଲା କରିବାକୁ ପଡିବ ।

ଶାନ୍ତି : ମୁଁ ଆମ ଗାଁ ସାରା ସମସ୍ତିଙ୍କୁ କହି ଦେଉଛି, ଆଜି ସନ୍ଧ୍ୟାରେ କିଛି ଗୋଟାଏ ଉପାୟ କାଢ଼ିବା ।

୨ୟ ଦୃଶ୍ୟ

*(ଗାଁ ମୁଣ୍ଡ ବିଲ । ପାଟିତୁଣ୍ଡ କୋଉରେ ଶୁଭୁଥାଏ । ପାଟିତୁଣ୍ଡ ଶୁଭୁଥାଏ । ହାତୀ ପଲ ଧାନବିଲ ନଷ୍ଟ କରୁଥାଏ । ପାଚିଲା ଧାନ ସବୁ ଖାଇ ଯାଉଥାଆନ୍ତି ।)*

କାକା : ଆରେ ବଳିଆ...ପାଖକୁ ଯାଆନ୍ତି । ଏ ହାତୀପଲକୁ ବିଶ୍ୱାସ ନାହିଁ । ଟିକେ ଗଡ଼ବଡ଼ ହେଇଗଲେ ଶୁଣ୍ଢରେ ଟେକି କଚାଡ଼ିଦେବେ ।

ବଳିଆ : ନାହିଁ କକା ...ଆଉ ନୁହେଁ ...। ଯେମିତି ହେଲେ ଏ ହାତୀ ପଲକୁ ଘଉଡ଼େଇବାକୁ ପଡ଼ିବ । ଦେଖୁଥିଲ ସୁନା ଭଳି ଧାନ ଫଳିଥିଲାଟି । କେମିତି ଚାହିଁ ଚାହିଁ ଦଳି ଚକଟି ନଷ୍ଟ କରିଦେଲେ ।

କାକା : ଆରେ ଧାନ ତ ଗଲାଣି, କଣ ଜୀବନ ଦେବୁ । ମୁଣ୍ଡ ଖଟେଇ କାମ କର ।

ବଳିଆ : ମୋ ଛାତି ଭିତରଟା କଣ ହେଇଯାଉଛି କାକା ହାଡ଼ଭଙ୍ଗା ପରିଶ୍ରମର ଫଳ ମିଳିବା ବେଳକୁ ଏହି ପଲ କେଉଁଠି ଥିଲେ ଆସି ସବୁ ଫସଲ ଉଜାଡ଼ି ଦେଲେ । ମୋର ବର୍ଷକର ଫଳ ଆଖି ଆଗରେ ଉଜୁଡ଼ି ଯାଉଛି ମୁଁ ସହିବି କେମିତି କହିଲ ?

କାକା : ତୁ କଣ ଭାବୁଛୁ ମତେ ଏ ସବୁ ଦେଖିବାକୁ ଖୁସି ଲାଗୁଛି, ହେଲେ ସବୁ ଆଡ଼କୁ ନ ଜଗିଲେ ଏ ଜୀବନଟା ବି ଚାଲିଯିବ ଯେ ।

ବଳିଆ : କାକା କୁହ କ'ଣ କରିବା ?

କାକା : ଯା ଗାଁ ଭିତରକୁ ଯା । ନିଆଁ ହୁଳାଟାଏ ଆଣ । ଭଙ୍ଗା ବଡ଼ ଟିଣ ଆଣ । ଆଉ କିଛି ଲୋକଙ୍କୁ ଡାକ । ନିଆଁ ଦେଖେଇ ଟିଣ ବାଡ଼େଇ ପାଟିତୁଣ୍ଡ କଲେ ଯାଇ ଏ ହାତୀ ପଲ ଏଠୁ ହଟିବେ ।

ବଳିଆ : ହଉ କାକା ମୁଁ ଏଇ ସଙ୍ଗେ ସଙ୍ଗେ ଚାଲି ଆସିଲି ।

କାକା : ଶୁଣ ...ମୁଁ ଏଇଠି ସେ ହାତୀ ପଲ ଉପରେ ନଜର ରଖୁଛି... ତୁ ବେଶି ଡେରି କରିବୁ ନାହିଁ, ଯିଏ ଯିଏ ମିଳିବେ ଡାକି ଆଣିବୁ ...

ବଳିଆ : ହଁ କାକା ... ମୁଁ ଏଇ ସଙ୍ଗେ ସଙ୍ଗେ ଆସିଲି । (ଦୂରରୁ ଶୁଭୁଥାଏ) ।

କାକା : (ମନକୁ ମନ)ଏଥିରେ ଏ ହାତୀ ପଲଙ୍କର ଦୋଷ ବା କଣ ? ତାଙ୍କ ଖାଇବା ତ ଆଉ ଜଙ୍ଗଲରେ ମିଳୁନି । ଏତେ ବଡ଼ ଜନ୍ତୁଟାଏ ଖାଇବା ବିନା ବଞ୍ଚିବ କେମିତି ? ଆଜି ଆମ କ୍ଷେତରେ ପଶିଲା ବୋଲି ଆମକୁ ବାଧୁଛି ହେଲେ ଆମେ ତା କ୍ଷେତ୍ର ନଷ୍ଟ କରିବା ପୂର୍ବରୁ ଯଦି ଏହି କଥା ଚିନ୍ତା କରିଥାନ୍ତେ ତା ହେଲେ ଆଜି ଏ ଦିନ ଦେଖିବାକୁ ପଡ଼ି ନ ଥାନ୍ତା ।

(ଦୂରରୁ ଶୁଭିଲା କୋଳାହଳ, ଭଙ୍ଗାଟିଣ କାହିଁ ? କାହିଁ କାହିଁ ...ସେ ହାତୀ ପଲ । ଗୋଟାଏ ଟିଣ ବାଡ଼ା ...ନିଆଁ ଲଗା ... ଗୋଟାଏ ପଟୁ ଘେରି ଚାଲ । ଦେଖ ଦେଖ ହାତୀ ପଲ ଚାଲିବା ଆରମ୍ଭ କଲେଣି । ଏବେ ପଳେଇବେ......)

କାକା : ହଁ ...ହଁ ... ଠିକ୍ ଅଛି । ଗୋଟାଏ ପଟୁ ଗୋଡ଼ାଅ...ବାସ୍ ...ବାସ୍ ...ସେମିତି ।

ବଡମା : ଆରେ... ଆରେ ...ଗାଁରେ ହେଟାବାଘ, କ୍ଷେତରେ ହାତୀ...ସବୁ ଧ୍ୱଂସ ହେଇଯିବ । ଆଉ କିଛି କରି ହେବନି ।

ବଳିଆ : ନାଇଁଲୋ ବଡମା...ଆଉ ବଞ୍ଚି ହେବନି । ଏ ଜଙ୍ଗଲ ଜନ୍ତୁଙ୍କ ଦାଉରୁ ଆଉ ନିଜକୁ ବଞ୍ଚେଇ ହେବନି ।

କାକା : ଯାହା ହେଉ ହାତୀ ପଲ ଚାଲିଗଲେ ହେଲେ କଣ ହେବ ? ପୁଣି ଯେ ନ ଫେରିବ ତାର କଣ ମାନେ ଅଛି । (ଗାଁ ବାଲାଙ୍କ ଉଦ୍ଦେଶ୍ୟରେ) ତମେମାନେ ଏବେ ଯାଅ । ହାତୀ ପଲ ଯଦି ଆଉ ଆସନ୍ତି ଜମାକୁ ଜଗିବି ।

ବଳିଆ : କାକା ଆଜି ରାତିରୁ ମଞ୍ଚା କରି ଏଠି ଜଗିବାକୁ ପଡ଼ିବ ।

ବଡମା : ଆରେ ଜାଣିଛ ଆଜି ଦିନ ଦିପହରଟାରେ ହେଟାବାଘ ମୋ ଛେଳିଛୁଆଟାକୁ ନେଇଗଲା । ଏ ପଟେ ହାତୀ ଆସି ଫସଲ ଖାଇଲାଣି । ଏମିତି ଯଦି ଚାଲିବ କେତେ ଜଗିବା । କିଏ ଜଗିବ କୋଉଠି ଜଗିବ କହନ୍ତୁ ।

କାକା : ନା ଆଉ ହବନି । ଚାଲ ବନାଞ୍ଚଳ ଅଧିକାରୀଙ୍କୁ ଦେଖାକରି ଆମ ଦୁଃଖ ଜଣାଇବା । ସିଏ ସରକାରଙ୍କ ସୁପାରିଶ କରି କିଛି କ୍ଷତିପୂରଣ ବ୍ୟବସ୍ଥା କରନ୍ତୁ ।

ବଳିଆ : ବୁଝିଲ କାକା... । ଏମିତି କ୍ଷତିତ ଏଣିକି ହେବ । ଏହାର କିଛି ଗୋଟାଏ ସ୍ଥାୟୀ ପ୍ରତିକାର ନ କରି ଖାଲି ସରକାରଙ୍କ ହାତଟେକାକୁ ଅନେଇ କେମିତି ବଞ୍ଚିବା କହିଲ ।

ବଡମା : ବଳିଆ ଠିକ୍ କଥା କହିଛି, ଆମ ନିଜ ସୁରକ୍ଷା ବ୍ୟବସ୍ଥା ଆମକୁ କରିବାକୁ ପଡ଼ିବ ।

କାକା : ସରକାରଙ୍କ ଠାରୁ କ୍ଷତିପୂରଣ ମିଳିବ ଯେ ହେଲେ ସେ କେତେ... ମିଳୁ ମିଳୁ ପୁଣି କେତେ ଦିନ ତାର ଠିକଣା ନାହିଁ ।

ବଡମା : ନୁହେଁ ଆଉ କଣ ? ସରକାରୀ କଜର ନିୟମ କାନୁନ୍ ହିସାବରେ ସମୟ ତ ଲାଗିବ ।

ବଳିଆ : ହଁ ବଡମା ତମେ ଯାହା କହିଲ ମତେ ସେୟା ଠିକ୍ ଲାଗୁଛି । ଆମ ନିଜ ସୁରକ୍ଷା ଏବେ ଆମେ ଚିନ୍ତା କରିବା ।

କାକା : ହଉ ତମେ ଯାହା ଠିକ୍ ଭାବୁଛ ତାହା କର ।

୩ୟ ଦୃଶ୍ୟ

(ବଡମା ଦାଣ୍ଡ ପିଣ୍ଡାରେ ବସିଥାନ୍ତି । ଶାନ୍ତି ଆସି ପହଞ୍ଚିଲା ।)

ବଡମା : ଆଲୋ ଶାନ୍ତି ଗାଁ ଲୋକଙ୍କ ସହିତ କଥା ହେଲୁ ?

ଶାନ୍ତି : ହଁ କଥା ହେଲି । ଆଲୋ ବଡମା ବଳିଆ ଧାନବିଲରେ ଆଜି ହାତୀ ପଶିଥିଲା । କେତେ ଧାନ ନଷ୍ଟ କରିଛି ।

ବଡମା : ହଁ ତାର ସେ ବଡ଼ପୋଖରୀ ତଳ ୧ ୨ମାଣ ଜମି ପୁରା ନଷ୍ଟ କରି ଦେଇଛି ।

ଶାନ୍ତି : ଗଲା ...ନିହାତି ୨୦ବସ୍ତା ଧାନ ନଷ୍ଟ ହେଇଛି ।

ବଡମା : ଦୁଃଖିଟା ନା କଣ ?ଆହୁରି ଅଧିକ ହେଇଛି ।

ଶାନ୍ତି : ଆଉ ଗୋଟାଏ କଥା ଜାଣିଛ ବଡମା ସେ ହାତୀ ପଲ ଆସିବା ବେଳେ ଆମ ଉପର ସାହିର ବନ କେନା, ଧୀର ମଳିକଙ୍କ ଚାଳିଆକୁ ଶୁଣ୍ଢରେ ଭାଙ୍ଗି ଦେଇଛି ।

ବଡମା : ଦେଖିଲୁ ଗୋଟାଏ ଦିନରେ ତ ଏମିତି ହେଲାଣି କହିଲୁ ଯଦି ଏମିତି ଲାଗି ରହିବ, ଆଉ କଣ ଘରଦ୍ୱାର କରି ରହି ହେବ ।

ଶାନ୍ତି : ଖାଲି କଣ ସେତିକି କାହାରି ବାଡ଼ିରେ ଆଉ କୋଉ ଗଛ ନାହିଁ।ସବୁ ଭାଙ୍ଗି ତଳେ ପଡ଼ିଛନ୍ତି ।

ବଡମା : ଆହା...ଚୁ...ଚୁ ...ଚୁ ...ବିଚରା ଗରିବ ଲୋକଙ୍କ ଉପରେ ଭଗବାନ କାହିଁ ଏତେ ଦାଉ ସାଧନ୍ତି କେଜାଣି ?

ଶାନ୍ତି : ତଥାପି କଣ ଏ ଲୋକ ବୁଝୁଛନ୍ତି ? ଖାଲି ସରକାରଙ୍କୁ ଦୋଷ ଦେଉଛନ୍ତି କହିଲ ବଡମା ସରକାର କାହିଁକି ଆମ ଗାଁ ପାଖ ଜଙ୍ଗଲ କାଟି ନେଇଗଲେ ?

ବଡମା : ନାହିଁବା ସରକାର କାହିଁକି ଜଙ୍ଗଲ କାଟିବେ ? ସରକାର ତ କେତେ କଣ କରୁଛନ୍ତି କେମିତି ଜଙ୍ଗଲ ବଢ଼ିବ ।

ଶାନ୍ତି : ତା ହେଲେ ଲୋକଙ୍କର କ୍ଷତି ହେଲେ ସରକାର କାହିଁକି ସଂପୂର୍ଣ୍ଣ ଦାୟୀ ହେବେ ।

ବଡମା : ମୋ ପିଲାବେଳେ ଏତେ ଜଙ୍ଗଲ ଥିଲା ଯେ ବାଘ, ଭାଲୁ, ହାତୀ, ହେଟାବାଘ କାହାରିକୁ ପଦାକୁ ବାହାରିବାର କିଛି ଦରକାର ନ ଥିଲା । ଖାଇବା ପାଇଁ ଖାଦ୍ୟ, ରହିବା ପାଇଁ ଘଞ୍ଚ ଜଙ୍ଗଲ ଆଉ ପିଇବା ପାଇଁ ଝରଣା ପାଣି ଥିଲା ।

ଶାନ୍ତି : ବାସ୍ ତାଙ୍କର ଆଉ କଣ ଦରକାର ? ରହିବା, ଖାଇବା, ପିଇବା ହେଲେ ସେ ତାଙ୍କର ଜଙ୍ଗଲରେ ଖୁସି, ଆଉ ଆମେ ଗାଁରେ ଖୁସି ।

ବଡମା : କଥା ରହିଲା ସେଇଠି । ପେଟ ପାଇଁ ସବୁ ନାଟ ମଣିଷ ପାଇଁ ପେଟ ଭୋକ ଯେମିତି, ଏ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପେଟ ଭୋକ ସେମିତି ।

ଶାନ୍ତି : ମିଛଟାରେ ଆମେ ପଶୁପକ୍ଷୀଙ୍କୁ ଦୋଷ ଦେଉ, ହେଲେ ଦୋଷୀ ଆମେ ।

ବଡମା : ଦୋଷ କରିଛେ ମାନେ ଦଣ୍ଡ ପାଇବା, ଆଉ ଯିବ କୁଆଡ଼େ ?

ଶାନ୍ତି : ସେଇଥି ପାଇଁ ତ ମୁଁ କହୁଛି ଏ ମଣିଷକୁ ବଦଳିବା ନିହାତି ଜରୁରୀ । ନିଜେ ସବୁ କରୁଛି, ହଇରାଣରେ ପଡ଼ିଲେ ଦୋଷ ଯାଉଛି ସରକାରଙ୍କୁ, ବନବିଭାଗଙ୍କୁ, ନ ହେଲେ ବିଚରା ବଣ ପଶୁପକ୍ଷୀଙ୍କୁ ।

ବଡମା : ଆଲୋ ଶାନ୍ତି ତୁ ପରା ଗାଁ ଲୋକଙ୍କୁ ଡାକିଛୁ ?

ଶାନ୍ତି : ଡାକିନି ସମସ୍ତିଙ୍କ ସହିତ କଥା ହେଇ ତାଙ୍କ ମତାମତ ଆଣିଛି। କାକା ଆଉ ବଳିଆ ଭାଇ ଆସିଲେ ଆମେ କଥା ହେବା।

ବଡ଼ମା : ମୁଁ ଯାଉଛି ସଂଜବତୀ ଜାଳିଦିଏ।

ଶାନ୍ତି : ନାହିଁମ ବଡମା ତମେ ବସିଥାଅ, ମୁଁ ସଂଜବତୀ ଦେଇ ଦେଉଛି।

ବଡମା : ହଉ ଯା ...ମା...

୪ର୍ଥ ଦୃଶ୍ୟ

*(ବଳିଆ କାକାଙ୍କୁ ଡାକି ଡାକି ଆସେ)*

ବଳିଆ : କାକା... କାକା କଣ ବାହାରିଲଣି ନା ନାହିଁ ବା। ସାଢ଼େ ପରା ବଡମା ଅପେକ୍ଷା କରିଥିବେ।

କାକା : ଆରେ ତୁ ଆଉ ସମସ୍ତିଙ୍କୁ ଡାକିଲୁ ନା ନାହିଁ।

ବଳିଆ : ସେ କଥା ଶାନ୍ତି କରିଛି। ମୁଁ ସେ ବିଷୟରେ ଜାଣିନି।

କାକା : ହଉ ଟିକେ ରହ ମୁଁ ଟିକେ ଚା' ପିଇ ଦେଇ ବାହାରୁଛି।

ବଳିଆ : କାକା ଟିକେ ଶୀଘ୍ର କର। ମୋ ମନ ଜମା ଭଲ ଲାଗୁନି। ମୋ ଆଖି ଆଗରେ ଖାଲି ସେ ହାତୀପଲ ଆଉ ଆମ ବାଉମୋଣିଆ ଚକର ଭୁଷୁଡ଼ା ଧାନ ଦେଖାଯାଉଛି।

କାକା : ଆରେ ମୁଁ ବୁଝୁଛି, କଥାରେ ଅଛି ପରା "ଚାଷୀ ବୁଡ଼ିଲେ ବରଷେ", ଥରେ ଫସଲ ଉବୁଡ଼ି ଗଲେ ଆଉ କିଛି ଚାରା ନାହିଁ। ପୁଣି ଯାହା ହେବ ବରଷକ ପରେ।

ବଳିଆ : କହିଲ କାକା ଏଇ ବରଷକ ମୁଁ କେମିତି ଚଳିବି ? ଧାନ ତ ଗଲା ସେଥିରେ ଯେଉଁ ମୂଳ ମଞ୍ଜୁରୀ, ବିହନ ଗଲା ସେ ବି ବୋଝ ଉପରେ ନଳିତା ବିଡ଼ା ପରି ହେଲା।ଏ ବରଷ ମୁଁ କରଜରେ ବୁଡ଼ିଯିବି।

କାକା : ସେଇ କଥା ତ ମତେ ଘାରୁଛି କହୁନୁ ତୋର ଆଜି ହେଲା, ମୋର କାଲି ହେବ। ତା ପରେ ରାମା, ଦାମା, ଶାମା ସମସ୍ତଙ୍କର ହେବ।

ବଳିଆ : ସେ କଥା ତମେ ଠିକ୍ କହୁଛ। ହେଲେ ଆମକୁ ଏହାର ପ୍ରତିକାର କାଢ଼ିବାକୁ ପଡ଼ିବ।

କାକା : ହଉ ଚାଲ...ଯିବା ଚାଲ...ସେମାନେ ଆମକୁ ଅପେକ୍ଷା କରିଥିବେ।

ବଳିଆ : ହଉ ଚାଲ...

୫ମ ଦୃଶ୍ୟ

*(ବଡ଼ମା ଓ ଶାନ୍ତି ବସିଥାନ୍ତି।ଅପେକ୍ଷା କରିଥାନ୍ତି କାକା ଓ ବଳିଆଙ୍କୁ।ବସି କଥା ହେଉଥାନ୍ତି।)*

ବଡ଼ମା : ଆଲୋ ହେ ଶାନ୍ତି, ସଞ୍ଜଦିଆ ସରିଲା ନା ନାହିଁ।

ଶାନ୍ତି : ହଁ ବଡ଼ମା ସରିଲା।

ବଡ଼ମା : ଠାକୁରଙ୍କୁ କହିବୁ। ଆଉ ଜଙ୍ଗଲ ଜନ୍ତୁ ଏ ଗାଁ ଭିତରକୁ ନ ଆସନ୍ତୁ।

ଶାନ୍ତି : ତମର ଯୋଉ କଥା ନା ବଡ଼ମା। ଆମେ ଜଙ୍ଗଲ ନଷ୍ଟ କରିବା ଶେଷରେ ଠାକୁର ଜଗିବେ ନା କଣ ?

ବଡ଼ମା : ଆଲୋ ତୁଣ୍ଡିବା, ତତେ ବେଳରେ ସେମିତି କହୁଛି ନା।

ଶାନ୍ତି : ମୁଁ ଜାଣିଛି ବା। ହେଲେ ମୁଁ ଯାହା କହିଲି ତାହା କିଛୁ ଭୋଲ ନୁହେଁ। ଆଜି ଆମକୁ ଦୃଢ଼ ନିଷ୍ପତ୍ତି ନେବାକୁ ପଡ଼ିବ କେମିତି ଜଙ୍ଗଲ ସୁରକ୍ଷା ପାଇଁ।

ବଡ଼ମା : ଆଲୋ ହେ ଶାନ୍ତି ସେ ବଳିଆ ଆଉ ତା କାକା କୁଆଡ଼େ ଗଲେ କିଲୋ ?

ଶାନ୍ତି : ଆସିବେ ଆସିବେ।

ବଳିଆ : ଆସିବେ କଣ କିଲୋ ? ଆମେ ପରା ଆସିଗଲୁଣି।

ଶାନ୍ତି : ବଳିଆ ଭାଇ, କାକା ଆସ ଏଇଠି ବସ।

ବଡ଼ମା : ଏତେ ଡେରି କଣ କଲ କିରେ ?

କାକା : ନାହିଁ ବା ...ଡେରି କଣ ? ...ହେଇ ତ ଆସିଲୁ।

ବଳିଆ : ସେ କଥା ଛାଡ଼। ଆରେ ଆଉ କିଏ ନାହାନ୍ତି।

ଶାନ୍ତି : ଆଉ କେହି ଆସିବେନି। ସମସ୍ତେ ଗାଁ ମୁଣ୍ଡ ପାଖରେ ଜଗିଛନ୍ତି କାଳେ ପୁଣି ହାତୀ କି ବାଘ ପଶି ଆସିବ।

କାକା : ତା ହେଲେ କେମିତି କଣ ହେବ ?

ଶାନ୍ତି : ସମସ୍ତେ କହିଲେ କାକା ଅଛନ୍ତି ଆଉ ବଡ଼ମା ଅଛନ୍ତି, ସେମାନେ ଯାହା ଠିକ୍ ଭାବିବେ ସେଥିରେ ସମସ୍ତେ ରାଜି।

ବଳିଆ : ତା ହେଲେ ଠିକ୍ ଅଛି କଣ କରିବା କୁହ ?

ବଡ଼ମା : ମୁଁ ଯାହା ଭାବିଛି ଆଗେ ଆମେ ନିଜ ସୁରକ୍ଷା କଥା ଚିନ୍ତା କରିବା। ତା ପରେ ଯଦି କିଛି ଅସୁବିଧା ହୁଏ ତା ହେଲେ ଯାଇ ଆମେ ସରକାରଙ୍କୁ ଜଣାଇ କିଛି ପ୍ରତିକାର ବ୍ୟବସ୍ଥା ପାଇଁ କହିବା।

କାକା : ତମେ ଠିକ୍ କହୁଛ ଭାଉଜ, ତା ହେଲେ ଆମେ କି ପ୍ରକାର ବ୍ୟବସ୍ଥା ଗ୍ରହଣ କରିପାରିବା।

ବଡ଼ମା : ଦେଖ ଆମେ ଏମିତି କିଛି କରିବା ଯାହା ଦ୍ୱାରା ଜଙ୍ଗଲ ଜନ୍ତୁ ଆଉ ଗାଁ ଭିତରକୁ ପଶିପାରିବେ ନାହିଁ।

ବଳିଆ : କେମିତି ?

ବଡ଼ମା : ଆମେ ପ୍ରଥମେ ଆମ ନିଜ ଘର ଚାରିପଟେ ବା ଗୁହାଳ ଚାରିପଟେ ମଜବୁତ ବାଡ଼ ଦେବା ବା ପାଚେରୀ କରିବା ଯାହା ଫଳରେ ଜଙ୍ଗଲ ଜନ୍ତୁ ଆଉ ଭିତରକୁ ପଶିପାରିବେ ନାହିଁ।

ଶାନ୍ତି : ତମେ ଠିକ୍ କହିଛ ବଡ଼ମା, ଆମେ ଏଇଟା କରି ପାରିବା।

ବଡ଼ମା : ତା ଛଡ଼ା ଯଦି ଆମେ ସମସ୍ତେ ଗାଁ ବାଲା ଏକାଠି ହେବା ତା ହେଲେ ଆଉ ଗୋଟାଏ କାମ ମଧ୍ୟ ସମ୍ଭବ।

ବଳିଆ : କଣ ବଡ଼ମା ?

ବଡ଼ମା : ଆମେ ସମସ୍ତେ ଚାହିଁଲେ ଆମ ଗାଁର ଚାରିପଟେ ଗଡ଼ଖାଇ ଖୋଳିପାରିବା। ଯାହା ଦ୍ୱାରା ସେଇ ଗଡ଼ଖାଇ ଡେଇଁ ଜନ୍ତୁଜୀବ ଆସିବା କଷ୍ଟ ହୋଇ ପଡ଼ିବ।

କାକା : ପରିସ୍ଥିତି ଯାହା ହେଲାଣି ଆମକୁ ଏହା କରିବାକୁ କିଛି ଉପାୟ ନାହିଁ।

ଶାନ୍ତି : ହଁ ଯାହା କଷ୍ଟ ହେବ ଥରେ ହେବ। ହେଲେ ମଣିଷ ଟିକେ ଶାନ୍ତିରେ ଶୋଇପାରିବ।

ବଳିଆ : (ରାଗିକି) ବଡ଼ମା ତମର ଛେଳିଛୁଆ ନେଇଗଲା ବୋଲି ତମେ ଏ କଥା ଚିନ୍ତା କଲ ହେଲେ ମୋର ଯେ ଧାନ ସେ କଥା ମୁଁ କଣ କରିବି ?

ବଡ଼ମା : ଆରେ ବଳିଆ ତୁ ଏମିତି ରାଗିଯାଉଛୁ କଣ ପାଇଁ ?

ବଳିଆ : ରାଗିବିନି, ମୋର ଯାହା ହୋଇଛି ସେ କଥା ମୁଁ ଜାଣେ।

କାକା : ଶୁଣ ...ସବୁ ଶୁଣିବା ପରେ ସିନା ଯାହା କହିବୁ।

ଶାନ୍ତି : (ହିସୁଲେଇ) ଟୋକା ରକ୍ତ ତ ଖାଲି ଟକମକ ହୋଇ ଫୁଟୁଚି। ରାଗିବନି ତ ଆଉ କଣ କରିବ ?

ବଳିଆ : ଯେମିତି କହିବୁନି ଶାନ୍ତି କହୁଛି।ତୋ ମୁଣ୍ଡ ଛେଚିଦେବି।

ବଡ଼ମା : ଆରେ ରାଗରୁସାରେ କାମ ହେବନି ଯାହା କହୁଛି ଶୁଣ।

ବଳିଆ : ହୁଁ... କଣ କରିବା...।

ବଡ଼ମା : ଜଙ୍ଗଲ ଜନ୍ତୁ ଜଙ୍ଗଲ ଛାଡ଼ି ଗାଁକୁ କାହିଁକି ଆସିଲେ ?

ଶାନ୍ତି : ଯେହେତୁ ତାଙ୍କ ଘରକୁ ଆମେ ଭାଙ୍ଗିଲେ, ତାଙ୍କ ଜଙ୍ଗଲ ଆମେ ହାନୀ କଲେ।

କାକା : କଥା ପଦେ ତୁ କହିଲୁ, ଶାନ୍ତି ଆମେ ତାଙ୍କ ଘର ଭାଙ୍ଗିଲେ, ଏବେ ସେମାନେ ଆସି ଆମ ଘର ଭାଙ୍ଗୁଛନ୍ତି।

ବଡ଼ମା : ସେଇଥି ପାଇଁ କହୁଛି ଆମେ ତାଙ୍କ ଘରମାନ ଜଙ୍ଗଲରେ ପୁନଃରୁଦ୍ଧାର କରିବା। ତାଙ୍କ ଘର ଠିକ୍ ହୋଇଗଲେ ସେ କାହିଁକି ଆମ ଘରକୁ ଆସିବେ ?

ଶାନ୍ତି : ଆମେ ସମସ୍ତେ ଗାଁ ବାଲା ମିଶି ନୂଆ ଜଙ୍ଗଲ ତିଆରି କରିବା।

କାକା : ଯେଉଁଠି ଜଙ୍ଗଲ ପତଳା ହୋଇଛି ସେଠି ନୂଆ ଗଛ ଲଗାଇବା ନଣ୍ଡା ପାହାଡ଼କୁ ପୁଣି ସବୁଜିମାରେ ଭରିଦେବା। ପ୍ରତ୍ୟେକ ଖାଲି ଥିବା ସ୍ଥାନରେ ଗଛ ଲଗାଇ ଘଞ୍ଚ କରିଦେବା ଯାହା ଫଳରେ ଜଙ୍ଗଲ ଜନ୍ତୁ ଜଙ୍ଗଲ ଛାଡ଼ି ଗାଁକୁ ଆସିବେ ନାହିଁ।

ବଳିଆ : ଦେଖ କାକା ଏ କଥା ଆମ ଦ୍ୱାରା ସମ୍ଭବ ନୁହେଁ।

ବଡ଼ମା : କାହିଁକି ନୁହେଁ ? ଏଥିପାଇଁ ସରକାରଙ୍କ ବନବିଭାଗ ବିଶେଷ ସୁବିଧା ସୁଯୋଗ ଯୋଗେଇ ଦେଉଛି। ଏମିତିକି ଚାରା, ଆର୍ଥିକ ସହାୟତା ସବୁ ଦଉଛି। ଖାଲି ଆମର ମନୋବଳ ଆଉ ପାରିଶ୍ରମିକ ଦେବାର ଅଛି।

କାକା : ହଁ ...ହଁ ଆମେ କଣ ଏତିକି କରିପାରିବା ନାହିଁ।

ବଳିଆ : ହଁ ...ହଁ ଏତିକି ଆମେ କରିପାରିବା।

ଶାନ୍ତି : ମୁଣ୍ଡରେ ତ ବୁଦ୍ଧି ନାହିଁ। ଖାଲି ରାଗିଯାଉଛି କହୁଛି ନା କଣ ମୁଁ ଲେଖିଆ...।

ବଳିଆ : ତୁ ମୋତେ ରଗାନି କହୁଛି ଶାନ୍ତି।...

ବଡ଼ମା : ଠିକ୍ ତ କହୁଛି...

ବଳିଆ : ବଡ଼ମା ...ଶେଷରେ ତମେ ବି ...(ଅଭିମାନ କରି)

କାକା : ତା ହେଲେ ଯିବା।

ବଡ଼ମା : ଯିବା କୁଆଡ଼େ...କଣ ସରିଲାଣି କଥା।

କାକା : ଆଉ କଣ ରହିଲା ?

ବଡ଼ମା : ଅସଲ କଥା ପରା ଏବେ ବାକି ଅଛି।

କାକା : ଆହୁରି କଥା ବାକି ଅଛି ?

ବଡ଼ମା : ହଁ ତା ହେଲେ ଆମେ ବର୍ତ୍ତମାନ ଏହି ନିଷ୍ପତ୍ତି ନେଲେ ଯେ ଘର ଏବଂ ଗୁହାଳ ଚାରିପାଖରେ ପାଚେରୀ ନ ହେଲେ ବାଡ଼ ଦେବା ଏବଂ ଗାଁ ଚାରିପାଖରେ ଗଡ଼ଖାଇ କରିବାର ବ୍ୟବସ୍ଥା କରିବା। ଜଙ୍ଗଲର ପୁନଃରୁଦ୍ଧାର କରିବା। ହେଲେ ବଳିଆର ଯେଉଁ କ୍ଷତି ହେଲା ତା ପାଇଁ କଣ କରିବା ?

କଳିଆ : ହଁ...ହଁ... ବଡ଼ମା ସେ କଥା ଟିକେ ବୁଝ।

ବଡ଼ମା : ଆମେ ତୋର ହୋଇଥିବା କ୍ଷତି ବିଷୟରେ ବନବିଭାଗ ପାଖରେ ଅଭିଯୋଗ କରିବା। ସେଥି ପାଇଁ ଆମକୁ କ୍ଷତିପୂରଣ ମିଳିବ।

କାକା : କେତେ ସ୍ୱାର୍ଥପରଟାଏ କିରେ ? ତୋର ଯେମିତି ଧାନ ଯାଇଛି ବଡ଼ମାର ସେମିତି ଛେଳିଛୁଆ ଯାଇଛି। ଉପର ସାହିରେ ଘର ଆଉ କଦଳୀ ବଗିଚା ଚୋରି ହୋଇଛି। ତେଣୁ ସମସ୍ତେ ଏହାର କ୍ଷତିପୂରଣ ପାଇବେ।

ବଡ଼ମା : ଏବେ ବୁଝିଲୁ ତ କାଳିଆ।

କଳିଆ : ହଁ ବଡ଼ମା ... ବୁଝିଲି।

ଖାଲି ମୁଁ ବୁଝିଲେ କି ଆମର ଏ ଅସୁବିଧା ହେଉଛି ବୋଲି ଆଜି ଆଗଭର ହେଉଛେ କାଲି ଯେ ଅନ୍ୟ ଜଙ୍ଗଲ ତଳି ଗାଁରେ ଏ ଘଟଣା ନ ଘଟିବ କିଏ ଜାଣିଛି।

ତେଣୁ ହେ ମୋର ଶ୍ରୋତା ବନ୍ଧୁ, ମୋର ସମସ୍ତଙ୍କୁ ବିନୀତ ଅନୁରୋଧ ଆପଣଙ୍କ ଦ୍ୱାରା ଯେତେ ସମ୍ଭବ ଜଙ୍ଗଲକୁ ସୁରକ୍ଷା ଦିଅନ୍ତୁ । ଜୀବନରେ ଗୋଟାଏ ବ୍ରତ ଗ୍ରହଣ କରନ୍ତୁ ବୃକ୍ଷର ଉନ୍ନତି, ଜଙ୍ଗଲର ଉନ୍ନତି ଏବଂ ନିଜର ସୁରକ୍ଷା।

ଶାନ୍ତି : କିଏ କେଉଁଠି ଅଛ ଧାଇଁ ଆସ ଧାଇଁ ଆସ । ଏଠି ଗୋଟାଏ ମହାବଳ ବାଘ ଉଡ଼ି ଛାଡ଼ି ମାଡ଼ି ଆସୁଛି। ସମସ୍ତଙ୍କୁ ଖାଇଯିବ। ଦାଣ୍ଡରେ ଖେଳୁଥିବା ପିଲାମାନେ ଦୌଡ଼ି ଘରକୁ ପଳେଇ ଆସ।ତାଟି କବାଟ ବନ୍ଦ କରିଦିଅ।...

କଳିଆ : କାହିଁ କେଉଁଠି ?

ବଡ଼ମା : ବାଘ... କାହିଁବା ? ...

କାକା : କାହିଁ ମୁଁ ତ କେଉଁଠି ଦେଖିପାରୁନି।

ଶାନ୍ତି : (ହସି) ନାହିଁ ...ବାଘ ନାହିଁ ...ମୁଁ ମିଛରେ କହୁଥିଲି ହେଲେ କିଏ ଜାଣେ ଏ କଥା ଯେ ଦିନେ ସତ ହେବ। ଆପଣମାନେ ହସଖୁସିରେ ବସିଥିବେ, ମଜଲିସ୍ ମଜଲିସ୍ କରୁଥିବେ ଆଉ ଏକ ମହାବଳ ବାଘ ଆସି ଆପଣଙ୍କ ଭିତରୁ ଜଣେ ସାଥୀକୁ ଆପଣଙ୍କ ଆଖି ସାମ୍ନାରେ ଟାଣି ନ ନେବ। ସେ ଦିନ ଦେଖିବା ଆଗରୁ ଆସନ୍ତୁ ସଂକଳ୍ପ ନେବା ଜଙ୍ଗଲକୁ ସୁରକ୍ଷା ଦେଇ, ନିଜ ଜୀବନକୁ ରକ୍ଷା କରିବା।

ସମସ୍ତେ: ଜଙ୍ଗଲ ଜନ୍ତୁଙ୍କୁ ରକ୍ଷା, ହେଉ ଜୀବନର ଦିକ୍ଷା।

ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେଇ, ଆମେ ହେବା ସୁରକ୍ଷିତ।

(ତା. ୧୩.୧୦.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ବାଉଁଶ

କନକ ବିହାରୀ ମହାପାତ୍ର

୧ମ ଦୃଶ୍ୟ

*(ଘରେ ବସି କଥା ହେଉଥାନ୍ତି "ସନା ଆଉ ବନା" ଚାଷବାସର ଲାଭ କ୍ଷତି ଉପରେ କଥା ହେଉଥାନ୍ତି।)*

ସନା : ବୁଝିଲୁ ବନା ...। ଆଉ ବଞ୍ଚି ହେବନି। ଚାଷବାସରୁ ବଞ୍ଚିବା ବଡ଼ କଷ୍ଟ ହେଲାଣି। ସବୁ ଦର ତ ବଢ଼ିଗଲାଣି। ମୂଲିଆ ମଜୁରୀ ବଢ଼ିଗଲାଣି। ସାର ଖତ କଥା କହନି। ଗାଈଗୋରୁଙ୍କ ଖାଇବା ପାଇଁ ନଡ଼ା ବି ଖାଉ ସପନ ହେଲାଣି। ଗୋ – ଖାଦ୍ୟ କଥା ପାଟିରେ ନ ଧରିବା ଭଲ।

ବନା : ସବୁ ସତ। ହେଲେ ଆମେ ଆଉ କଣ କରିବା କହୁନୁ? ଚାଷକୁ ଛାଡ଼ିଲେ ଆମର ଆଉ କଣ ରାହା ଅଛି କହୁନୁ?

ସନା : ସେ କଥା ଠିକ୍। ହେଲେ କହୁନୁ ଏତେ ଟଙ୍କା ଦେଇ ଯଦି ଚାଷ କରିବା ତେବେ ଆମେ ପାଇବା କଣ? ଭାଗ ଚାଷ କରି ଯାହା କରିବା ଅଧାତ ଜମି ମାଲିକ ନେବ। ଖତ ସାର ମୂଲିଆ ମଜୁରୀରେ ସବୁ ଯିବ ଆଉ ଚାଷ ବାହିଁକି କରିବ। ତା ଠାରୁ ବରଂ ଭଲ ସହର ଯାଇ ଦାଦନ ଖଟିବା।

ବନା : ତୋ ମୁଣ୍ଡ ପୂରା ଖରାପ ହେଇଗଲାଣି ଦେଖୁଛି। ଆରେ ସହରଟା ଦୂରରୁ ସୁନ୍ଦର ଦେଖାଯାଉଛି। ଥରେ ଭାବିଲୁ ସେଠି ପାଣି ସହିତେ କିଣା ତୁ ଏମିତି କେତେ ଟଙ୍କା ରୋଜଗାର କରିବୁ ଯେ ସବୁ କିଣି ଖାଇଲା ପରେ ଆଉ କେତେ ବଞ୍ଚିବ ତୋ ପରିବାର ପାଇଁ ଘରକୁ ପଠେଇବୁ।

ସନା : ତୁ ଯାହା କହ, ଅନ୍ତତଃ ଘଣ୍ଟେ ଖାଇପିଇ ଆରାମରେ ତ ରହିବ।

ବନା : ଥରେ ଚିନ୍ତା କର। ସମସ୍ତେ ଯଦି ଗାଁ ଛାଡ଼ି ସହର ଚାଲିଯିବେ ତେବେ ଚାଷ କରିବ କିଏ? ଆଉ ଚାଷ ନ ହେଲେ ଲୋକେ ଖାଇବେ କଣ? ଖାଇବା ପାଇଁ ତ ନିହାତି ଧାନ ଗହମ ଦରକାର ନା ନାହିଁ।

ସନା : ଆରେ ଯଦି ଏ କଥା ସତ ତା ହେଲେ ଆମେ କଣ ଏମିତି କ୍ଷତିରେ ପଡ଼ି ଚାଷ କରୁଥିବା ଆଉ ସହରୀ ବାବୁମାନେ ଆରାମରେ ଖାଇବେ ନା କଣ?

ବନା : ନା ... ଯୁଗ ସହିତ ଆମକୁ ବି ଖାପ ଖୁଆଇ ଚଳିବାକୁ ପଡ଼ିବ। ଆମେ ବି ଆଧୁନିକ ପ୍ରଣାଳୀ ସବୁ ଆପଣେଇବା। ଅଧିକ ଅମଳକ୍ଷମ ହେବାର ସହଜ ଉପାୟମାନ ବାଛିବା। ତା ହେଲେ ଯାଇ ଆମେ ଏ ଦୁନିଆରେ ତିଷ୍ଠି ରହିବା।

ସନା : କହୁନୁ ତା ହେଲେ ଆମେ କଣ କରିବା?

ବନା : ଶୁଣୁ ...ଆମକୁ ବି ଏ ହଳ ଲଙ୍ଗଳ ଛାଡ଼ି ଟ୍ରାକ୍ଟର, ପାୱାର ଟିଲର, ଧାନ ବାଡ଼ିଆ ଯନ୍ତ୍ର, ଅଧିକ ଅମଳକ୍ଷମ ବିହନ - ଏମିତି କେତେ କଣ ଜିନିଷ ପ୍ରତି ଚିନ୍ତା କରିବା ପାଇଁ ପଡ଼ିବ।

ସନା : ତା ହେଲେ ତୁ କହୁଛୁ ଖାଲି ଚାଷ କରି ଆମେ ବି ଲାଭବାନ୍ ହେଇପାରିବା।

ବନା : ସେଥିପାଇଁ ଆମକୁ ଆଉ କିଛି ମୁଣ୍ଡ ଖଟେଇବାକୁ ପଡ଼ିବ।

ସନା : ମାନେ?

ବନା : ଦେଖ ଚାଷ ସହିତ ଆମକୁ ଏମିତି ଆହୁରି କିଛି କରିବା ପାଇଁ ପଡ଼ିବ। ଯାହା ଆମକୁ ଅଧିକ ଫାଇଦା ଦବ।

ସନା : ସେଇଟା ପୁଣି କଣ?

ବନା : ତତେ ଗୋଟାଏ କଥା କହୁଛି ଶୁଣ। ଆମେ ଯାହା ଚାଷ କରୁଛେ କରୁଛେ। ସେଥି ସହିତ ଯଦି ଆମେ ବାଉଁଶ ଚାଷ କରିବା ସେଥିରୁ ମଧ୍ୟ ଆଉ ଦି ପଇସା ମିଳିବ।

ସନା : ସିଏ କିଡ ସେଇ ଚାଷ ନା।

ବନା : ମୁଁ କଣ ମନା କଲି ସେଇଟା ଚାଷ ନୁହେଁ? ତାହିଁଲେ ତ ଆମେ ଅନେକ କିଛି କରିପାରିବା ଯେମିତିକି ଛେଳି ଚାଷ, ମାଛ ଚାଷ, କୁକୁଡ଼ା ପାଳନ, ଘୁଷୁରୀ ପାଳନ କେତେ କଣ। ହେଲେ ସେଥିରେ ଖର୍ଚ୍ଚ ଅଧିକ ଦରକାର।

ସନା : ବାଉଁଶ ଚାଷରେ କଣ ପଇସା ଦରକାର ନାହିଁ।

ବନା : ଦରକାର। ହେଲେ ଆଶାତୀତ କମ୍। କହୁନୁ କଣ ଦରକାର।

ସନା : ଚାରା କିଣା। ଗାତ ଖୋଳା, ସାର ଦିଆ, ଔଷଧ ଏମିତି କେତେ କଣ?

ବନା : ଦେଖ ଚାରା କଥା ଯାହା କହୁଛୁ ସେ ତ ଆମ ବନବିଭାଗ ତରଫରୁ ମାଗଣାରେ ମିଳିବ। ଆଉ ରହିଲା ଗାତ ଖୋଳା

କଥା ଯେ କାମଟା କଣ ଆମକୁ ବନେଇ ଯିବ। ଖାଉ ଭିଷଧ ଆରେ ବାଉଁଶ ପାଇଁ କଣ ଏ ସବୁ ଦରକାର।

ବନା : ତା ହେଲେ ଆମ ଖାଲି ପଡ଼ିଆ ଗୁଡ଼ାକରେ ଆମେ ବାଉଁଶ ଲଗେଇ ପାରିବା।

ବନା : ସେଇ କଥା ମୁଁ କହୁଛି। ଗଲା ସନ ମୁଁ ବି ଏମିତି ଚୋରି ଭଳିଆ ହତୋତ୍ସାହ ହେଇ ଦାଦନ ଖଟିବା ପାଇଁ ସହର ଯାଇଥିଲି। ହେଲେ ସେଠୁ ଗୋଟାଏ ଜିନିଷ ମୋ ମୁଣ୍ଡରେ ପଶିଲା। ସହରରେ ଯେତେ ଘର ତିଆରି ହେଉଛି ସେଥିରେ ବାଉଁଶ ପ୍ରବଳ ମାତ୍ରାରେ ଦରକାର ହେଉଛି।

ସନା : ସେ ଏତେ ବାଉଁଶ ସବୁ କୁଆଡୁ ଆଣୁଛନ୍ତି।

ବନା : କୁଆଡୁ ଆଉ ଆଣିବେ ଏଇ ଗାଁ ଗହଳି, ଜଙ୍ଗଲରୁ ଟ୍ରକ ଟ୍ରକ ବାଉଁଶ ସହରକୁ ଯାଉଛି।

ସନା : ସତେ ନା କଣ ?

ବନା : ସତ ମାନେ ଜାଣିଛୁ ଗୋଟାଏ ଗୋଟାଏ ବାଉଁଶ ଦର କେତେ ?

ସନା : କେତେ ?

ବନା : ୨୦୦ ରୁ ୨୫୦ ଟଙ୍କା।

ସନା : ହୁଁ...... ଏତେ ଟଙ୍କା ... ଜଣେ ଲୋକର ଦିନକର ମଜୁରୀ ଖଣ୍ଡେ ବାଉଁଶ।

ବନା : ହୁଁ...... ଚିନ୍ତା କରୁ ଯଦି ଆମେ ସେଇ ବାଉଁଶ କରି ସହରକୁ ଚାଲାଣ କରିବା। ଆମ ପାଖରେ କେତେ ଟଙ୍କା ହେବ।

ସନା : ସତେ ତ

ବନା : ତା ହେଲେ ଆମେ କାହିଁକି ଦାଦନ ଖଟିବା କହୁନୁ।

ସନା : ତୁ ଠିକ୍ କହିଛୁ। ହେଲେ ସହରରେ କଣ ଏତେ ବାଉଁଶର ଚାହିଦା ଅଛି ?

ବନା : ଶୁଣ ଘରର ଛାତ ପଡ଼ିବା ବେଳେ ଫଲସ ତିଆରିରେ ଶହ ଶହ ବାଉଁଶ ଦରକାର ହୁଏ। ଛାତୁ ପଲସ୍ତରା ହେଲାବେଳେ ଭାରା ବନ୍ଧା ଯିବା ପାଇଁ ବାଉଁଶ ଦରକାର। ଘର ଯେତେ ଉଚ୍ଚା ସେତେ ଅଧିକ ବାଉଁଶ ଦରକାର।

ସନା : ସତେ ତ, ଆମର କିନା ଗାଁରେ ବାଉଁଶ ଅଛି ଯେ ଆମେ ବୁଦାରୁ ହାଣି ଆଣି କାମ ଚଳେଇ ଦେଉଛୁ। ହେଲେ ସହରରେ ତ ତାଙ୍କୁ ସବୁ କିଣିବାକୁ ପଡ଼ିବ।

ବନା : କହିଲି ପରା ପାଣି ସହିତେ କିଣିବାକୁ ପଡ଼େ। ବାଉଁଶ କୋଉଠୁ ମାଗଣାରେ ମିଳିବ ?

ସନା : ତା ହେଲେ ତୁ ଗୋଟାଏ ବଢ଼ିଆ କଥା କହିଲୁ।

ବନା : ଏଇଟା ତ ଗୋଟାଏ ଉଦାହରଣ। ବାଉଁଶର କେତେ ଉପଯୋଗିତା ଅଛି। ତୁ ଶୁଣିଲେ ବାଇଆ ହେଇଯିବୁ।

ସନା : କଣ କହୁଛୁ ତୁ।

ବନା : ଶୁଣ ଆଜି ତ ଅନେକ ବେଳ ହେଲାଣି। ଚାଲ ଯିବା। କାଲି ଆମେ ସେ ବିଷୟରେ ଆହୁରି ଅନେକ କଥା ହେବା।

ସନା : ହଉ ତୁ ଯା ...। କାଲି ଆମେ କଥା ହେବା।

ବନା : ହେଲେ ଗୋଟାଏ କଥା ତୁ ମନେ ରଖିଥିବୁ। ଆଉ ସହର ଯାଇ ଦାଦନ ଖଟିବା କଥା ଉଠେଇବୁନି।

ସନା : ନାଇଁ ମ ...। ତୁ ଯାହା କହିଲୁଣି ମତେ ଲାଗୁଛି ମୁଁ ବି ଦି ପଇସା ଭଲ କମେଇବି। ଆଉ ଏଇ ଟଙ୍କା କେଇଟା ପାଇଁ ଦାଦନ ଖଟିବାକୁ ସହର ଯିବି। ଜମା ନୁହେଁ।

ବନା : ହଉ ମୁଁ ଚାଲିଲି।

ସନା : ଯା ... ଯା ...

୨ୟ ଦୃଶ୍ୟ

*(ଶୋଇବା ଆଗରୁ କଥା ହେଉଥାନ୍ତି ସନା ଆଉ ସ୍ତ୍ରୀ ବାସନ୍ତୀ।)*

ବାସନ୍ତୀ: କାଲି ରାତି ଦି ଘଡ଼ି ଯାଏ ବନା ସହିତ କଣ କଥା ହେଉଥିଲକି ?

ସନା : କଥାରେ କଥାରେ ମୁଁ ବନାକୁ କହିଲି ଏ ଚାଷବାସରୁ ଆଉ ପେଟ ପୁରୁନି ହେଲେ ବନା କଣ କହିଲା ଜାଣିଛୁ ?

ବାସନ୍ତୀ: କଣ ?

ସନା : ସେ ମତେ ବାଉଁଶ ଚାଷ କରିବା କଥା କହିଲା, ଆଉ ସେଥିରୁ କେମିତି ଲାଭ ମିଳିବ ସେଇ କଥା କହୁଥିଲା।

ବାସନ୍ତୀ: ମଲା ଏଇ କଥା। ... ମତେ ପଚାରୁନ ମୁଁ ପରା ତମକୁ କହିଦେବି ବାଉଁଶ ଚାଷରୁ କେମିତି ଲାଭ ମିଳିବ।

ସନା : ମଲା...। ତୁ ଯଦି ଏଇ କଥା ଜାଣିଛୁ ମତେ ଆଗରୁ କହିଲୁନି। ମୁଁ କାହିଁକି ଦରିଦ୍ର ହେଇ ଘାଣ୍ଟି ହେଉଛି କହିଲୁ।

ବାସନ୍ତୀ: ଶୁଣ ବାଉଁଶରୁ କୁଲା, ଟୋକେଇ, ଡାଲା, ଚାଙ୍ଗୁଡ଼ିଆ, କୁକୁଡ଼ା ଘୋଡ଼ା ଝାମ, ଶଗଡ଼ ଚୋଦର ତିଆରି କରି ବିକିଲେ ଭଲ ଦି ପଇସା ମିଳିବ।

ସନା : ତୋର ଯୋଉ କଥା ...। ଶଗଡ଼ ରୋଦଇ, କୁରୁଡ଼ା ଝାମ୍ପ - ଏଗୁଡ଼ାକ କୋଉ ସହରରେ ବିକ୍ରି ହେବ କହିଲୁ। ଏଗୁଡ଼ାକ ଏଇ ଗାଁ ଗହଳିରେ ବିକ୍ରି ହେବ। ସେଥିରୁ କେତେ ମିଳିବ କହିଲୁ।

ବାସନ୍ତୀ: କୁଲା, ଟୋକେଇ, ଡାଲା, ବାଉଁସିଆ ତ ବିକ୍ରି ହେବ।

ସନା : ସେଗୁଡ଼ାକ ବିକ୍ରି ହେବ ଯେ, ହେଲେ ତା ଦିହରୁ କେତେ ଲାଭ ମିଳିବ କହିଲୁ।

ବାସନ୍ତୀ: ଗୋଟାଏ କଥା ମନେ ପଡ଼ିଲା, ଆମ ଗାଁ ପାଖ ହାଟରେ ଏ ବର୍ଷ ଯେଉଁ ଠାକୁର ମେଢ଼ ହେଇଥିଲା ଦେଖିଛ, ସେଥିରେ କେମିତି ବାଉଁଶ ପାତିଆରେ ମେଢ଼ ସଜା ହେଇଥିଲା।

ସନା : ହଁ .. ହଁ .. ସେହିଭଳି ଯଦି ସହରରେ ସଜା ହେବ ତେବେ ନିହାତି ଅଧିକ ପଇସା ମିଳିବ।

ବାସନ୍ତୀ: ସେଥିପାଇଁ କାରିଗର ଦରକାର। ଯିଏ ଏଇ ବାଉଁଶ ପାତିଆ କାଢ଼ି ବିଭିନ୍ନ ପ୍ରକାର ମେଢ଼ ବନେଇ ଶିଖିଥିବ।

ସନା : ଆମ ଗାଁର କିଛି ଲୋକଙ୍କୁ କହିବା ସେମାନେ ଏମିତି ନୂଆ ନୂଆ ପ୍ରଣାଳୀରେ କାରୁକାର୍ଯ୍ୟମାନ ତିଆରି କରି ଶିଖିବେ।

ବାସନ୍ତୀ: ଟୋକେଇ, ବାଉଁସିଆ, କୁଲା ଏଇଟା ବି କୋଉ ଯିଏ ନାହିଁ ସିଏ କରିଦେବକି ? ଯିଏ ଶିଖିଛି ସେଇ କେବଳ କରିପାରିବ। ସେମିତି ସେ କାମ ମଧ୍ୟ ଶିଖିବାକୁ ପଡ଼ିବ।

ସନା : ହଁ ତୁ ଯାହା କହିଲୁ ସେଇଟା ଠିକ୍। ହେଲେ ଆହୁରିବି କଣ ସବୁ ଅଛି, ଯାହା ବନା କହୁଥିଲା ଆସିଲେ କହିବ।

ବାସନ୍ତୀ: ଠିକ୍ ଅଛି, ଆମେ ଯାହା ଯାହା କଥା ହେଲେ ତାହା ତମେ ବନାଙ୍କୁ କହିବ। ବନା ତା ଠାରୁ ଆହୁରି ଯାହା ଜାଣିଥିବେ ତମକୁ କହିବେ, ମିଳି ମିଶି ଚିନ୍ତା କଲେ ଅଧିକ କଥା ଆମେ ଜାଣିବା, ଆଉ ଯାହା ଅଧିକ ଲାଭଯୁକ୍ତ ହେବ ତାହା କରିବା।

ସନା : ହଉ ଠିକ୍ ଅଛି, ବନା ଆସୁ ତା ସହିତ ଆଲୋଚନା କଲେ ଆପେ ଜଣା ଯିବନି।

ବାସନ୍ତୀ: ହଉ ଠିକ୍ ଅଛି, ମୁଁ ଯାଏ ମୋର ସାଢ଼େ ଘରଟା ଯାଙ୍କର କାମ ପଡ଼ିଛି।

ସନା : ହଉ ... ହଉ...।

## ୩ୟ ଦୃଶ୍ୟ

*(ବନା ଆଉ ତା ସ୍ତ୍ରୀ ବର୍ଣ୍ଣାଳୀ ବସି କଥା ହେଉଥାନ୍ତି)*

ବନା : ଆରେ କୁଆଡ଼େ ଗଲୁ ପରା। ଟିକେ ଚା ଦେଲୁ ମୁଁ ଯିବି।

ବର୍ଣ୍ଣାଳୀ: କାହିଁ ଆଜି କଣ ଏତେ ତରତର। କୁଆଡ଼େ ଯିବ କି ?

ବନା : ଯାଉଛି ଟିକେ ସନା ପାଖକୁ, ଗୋଟାଏ ବଡ଼ ଆଲୋଚନା କରିବାର ଅଛି।

ବର୍ଣ୍ଣାଳୀ: କି ଆଲୋଚନା ମୁଁ ତ ଟିକେ ଶୁଣେ ?

ବନା : ସନା ଆଉ ମୁଁ ମିଶି ବାଉଁଶ ଚାଷ ବିଷୟରେ ଆଲୋଚନା କରିବୁ।

ବର୍ଣ୍ଣାଳୀ: ବାଉଁଶ ଚାଷ ...। ମାନେ ବାଉଁଶରୁ କେମିତି ଲାଭ ହେବ ସେଇ କଥା ତ। ହଁ ଶୁଣ ମୁଁ ଗୋଟାଏ କଥା କହୁଛି, ବାଉଁଶରୁ ଯାହା କରୁଛ କର, ହେଲେ ବାଉଁଶ କରଡ଼ି କଥା ଯେମିତି ଭୁଲି ନ ଯାଅ।

ବନା : ବାଉଁଶ କରଡ, ହଁ ହଁ ଠିକ୍ କଥାଟିଏ ମନେ ପକେଇଲୁ।

ବର୍ଣ୍ଣାଳୀ: ଦେଖ ବାଉଁଶ କରଡି ତରକାରୀ, ଭଜା ତମେ ତ ଜାଣିଛ କେମିତିକା ସୁଆଦିଆ। ତାକୁ ବି ଯେମିତି ଏ ଲାଭକାରୀ ଯୋଜନା ଭିତରେ ରଖିବ।

ବନା : ଆଉ ତୋ କରଡି ଆଚାର, ସେ କଥା ତ କହିଲୁନି।

ବର୍ଣ୍ଣାଳୀ: ମଲା ମତେ ଟିକେ ସମୟ ଦିଅ, ସେ କଥା କହିବା ପାଇଁ। ବାଉଁଶ କରଡିକୁ କାଟି ସଫା କରି, ଶୁଖେଇ ଯେମିତି ବରଷକ ପାଇଁ ରଖିହେବ ସେମିତି ଆଚାର କଲେ ମଧ୍ୟ ବରଷ ସାରା ରହିପାରିବ।

ବନା : ତା ଛଡ଼ା ବାଉଁଶ ଅପେକ୍ଷା ମଧ୍ୟ ଏହା ଅତ୍ୟଧିକ ଦାମରେ ବିକ୍ରି ହୋଇପାରିବ, ତେଣୁ ଲାଭ ମଧ୍ୟ ଅଧିକ ଦି ପଇସା ହେବ।

ବର୍ଣ୍ଣାଳୀ: ଖାଲି ଦି ପଇସା ଅଧିକ ହେବ ସେ କଥା ନୁହେଁ, ଏହାର ଆହୁରି ମଧ୍ୟ ଫାଇଦା ଅଛି।

ବନା : ଡାକ୍ତରମାନେ କହନ୍ତି ଏଥିରେ ତନ୍ତୁ ସାର ଅଧିକ ଅଛି ଯେଉଁଥି ପାଇଁ ଖୋଲା ଝାଡ଼ା ହେବାରେ ଏହା ଅଧିକ ସାହାଯ୍ୟ କରିଥାଏ। ଏହାଛଡ଼ା ଏଥିରେ ତେଲ ଜାତୀୟ ବା ଚର୍ବି ଜାତୀୟ ଅଂଶ ବି ବହୁତ କମ୍ ଥାଏ। ମାନେ ୦.୫ ଗ୍ରାମ ପ୍ରତି କପ କରଡ଼ିରେ। ଆଉ ଗୋଟାଏ କଥା ଜାଣିଛ ?

ବନା : କଣ ବା ?

ବର୍ଣ୍ଣାଳୀ: ପ୍ରତି କପ କରଡ଼ିରେ ୬୪୦ ମିଲିଗ୍ରାମ ପୋଟାସିୟମ ଅଛି । ଯାହା ହାର୍ଟ ରୋଗ ପ୍ରତିରୋଧକ ଅଟେ ।

ବନା : ଆଲୋ ହେ ... ତୁ ତ ବାଉଁଶ ଉପରେ ଏତେ କଥା ଜାଣିଛୁ ।

ବର୍ଣ୍ଣାଳୀ: ମଲା ମୁଁ ଯେତେବେଳେ ଆମ କୁନା ବେଳେ ଡାକ୍ତରଖାନା ଯାଇ ନ ଥିଲି ସେତିକିବେଳେ ଡାକ୍ତରବାବୁ ଏ କଥା କହୁଥିଲେ, ମୁଁ ଯାହା ଶୁଣି ମନେ ରଖିଛି ତା ......।

ବନା : ତା ହେଲେ ଏ କଥା ମଧ୍ୟ ଆମେ ବାଉଁଶର ଅବଦାନ ବୋଲି ଚର୍ଚ୍ଚା କରିପାରିବା ।

ବର୍ଣ୍ଣାଳୀ: ଆଉ ଗୋଟାଏ କଥା କହୁଛି ଶୁଣ, ସେ ଦିନ ମାଂସ ଖାଇ ମୋର ବାହା ବାହା ତାରିଫ୍ କରୁଥିଲ, ଜାଣିଛ ତାକୁ ମୁଁ କେମିତି ତିଆରି କରିଥିଲି ?

ବନା : କେମିତି ?

ବର୍ଣ୍ଣାଳୀ: ଶୁଣ ..., ମାଂସରେ ତେଲ, ମସଲା, ଲୁଣ, ହଳଦୀ ସବୁ ଗୋଳେଇ ପୋଲା ବାଉଁଶ ଭିତରେ ପୂରାଇ ତାର ବୁଜିପଟ ମୁହଁକୁ ବନ୍ଦ କରି ଉହ୍ମ ନିଆଁରେ ପକେଇ ଦେଲି । ୧୦-୨୦ ମିନିଟ୍ ସେହି ଉହ୍ମ ନିଆଁରେ ରହିବା ପରେ ବାଉଁଶଟା ପୋଡ଼ି ପୂରା ଲାଲ ହୋଇଗଲା । ତା ପରେ ମୁଁ ତାକୁ କାଢ଼ି ଆଣି ତମକୁ ପୋଡ଼ା ମାଂସ କରି ଖାଇବାକୁ ଦେଇଥିଲି ।

ବନା : ଆଲୋ ବର୍ଣ୍ଣାଳୀ ତତେ ଏତେ ଖଣ୍ଡ ଜଣାଟି । ହେଲେ କାହିଁ କମା ତ ଜଣା ପଡୁନୁ ।

ବର୍ଣ୍ଣାଳୀ: ତମକୁ ସବୁ କଥା କିଏଁଷି ଦେଲେ ତମଠୁ ବାହା ବାହା କେମିତି ପାଇବି କହିଲ ? ତମେ ଜାଣିଥିଲେ କହିଥାନ୍ତ ବାଉଁଶ ଏ ପୋଡ଼ା ମାଂସ କଲା ନା ତୁ କଣ କଲୁ ?

ବନା : ନାରୀ ମାୟା ତ ନାରାୟଣଙ୍କୁ ଅଜଣା, ମୁଁ ବା କେମିତି ଜାଣିବି ?

ବର୍ଣ୍ଣାଳୀ: କଣ କହିଲ ... କଣ କହିଲ ... ?

ବନା : ମୁଁ କହିଲି ମୋ ବର୍ଣ୍ଣାଳୀ ପରି କିଏ ହେବ ... ହଉ ତୁ ଥା ମୁଁ ଯାଏଁ । ତୋର ଏ କଥା ମଧ୍ୟ ସବୁ ବନାକୁ କହିବି ।

## ୪ର୍ଥ ଦୃଶ୍ୟ

*(ବନା ଓ ସନା ବସି କଥା ହେଉଥାନ୍ତି)*

ସନା : ଆରେ ସତେ ତ, ତୁ ଯେତିକି ଜାଣିଛୁ ତୋ ସ୍ତ୍ରୀ ତ ତା ଠାରୁ ଅଧିକ ଜାଣିଛି । ସେ ଯାହା ଯାହା କହିଲା ଆମେ ସେ କଥା ସମସ୍ତିଙ୍କୁ ଜଣାଇବା ଆଉ ସେ କଥାର ଫାଇଦା ମଧ୍ୟ ଉଠାଇବା ।

ବନା : ତୋ ସ୍ତ୍ରୀ ବି କୋଉ କମ୍ କହୁନ୍ତି, କୁଲା ବାଉଁସିଆ ଠାରୁ ଆରମ୍ଭ କରି କୁକୁଡ଼ା ଝାମ୍ପ, ଶଗଡ଼ ରୋଦର, ପାଡିଆର ମେଢ଼ ଭଳା କେତେ କଣ କଥା ଆମକୁ କହିଲାଣି ।

ସନା : ସେ କଥା ତ ଆମେ ଜାଣିଲେ ତାକୁ ଛାଡ଼ି ଆଉ କଣ ତୁ କହିବୁ ବୋଲି କହୁଥିଲୁ ?

ବନା : ଦେଖ୍ ତତେ ମୁଁ ପ୍ରଥମେ ଚାଷ କଥା କହୁଛି । ଆମେ ତ ଜାଗା କଥା ଚିନ୍ତା କରିବାର ନାହିଁ । ଆମର ସେ ପଡ଼ିଆ ଜମିଟାକୁ ଆମେ ବାଉଁଶ ଚାଷ କରିବା ।

ସନା : ହଁ ...

ବନା : ଚାରା ତ ଆମକୁ ବନ ବିଭାଗ ତରଫରୁ ମିଳିବ; ତେଣୁ ଆମେ ଗାତ ଖୋଳି ଚାରା ଲଗେଇବା । ଆମକୁ ମାତ୍ର ୩ ବର୍ଷ ଦରକାର ।

ସନା : ୩ ବର୍ଷ କାହିଁକି ?

ବନା : ପାକଳ ହେବା ପାଇଁ ବାଉଁଶକୁ ୩ ବର୍ଷ ଲାଗେ । ଏହି ୩ ବର୍ଷରେ ବାଉଁଶ ଠିକ୍ କାମପଯୋଗୀ ହୋଇଯିବ, ତା ପରେ ଆମକୁ ଗଛ ଲଗାଇବା ଦରକାର ନାହିଁ । ସେହି ଗଛରୁ କୁଆଁ ବାହାରି ନୂଆ ଗଛ ସୃଷ୍ଟି ହେବ । ଯେଉଁଠି ଅଧିକ କୁଆଁ ହେବ ସେଥିରୁ କିଛି କୁଆଁକୁ କରଡ଼ି କରିଦେବା ।

ସନା : ଠିକ୍ ... ଠିକ୍ ... ୩ଟା ବର୍ଷ ଚାହୁଁ ଚାହୁଁ ଗଡ଼ିଯିବ । ତା ପରେ ତ ଖାଲି ବାଉଁଶ ଅମଳ ହିଁ ଅମଳ ।

ବନା : ବାଉଁଶ ଟିକେ ଘଞ୍ଚ ହୋଇଗଲେ ଆମଠେଇଁ କାଗଜ କାରଖାନାମାନ ଅଛି, ସେମାନେ ପରା ଝପଟି ପଡ଼ିବେ ବାଉଁଶ ନେବାକୁ ।

ସନା : କାହିଁକି ?

ବନା : ଆରେ କାଗଜ ତିଆରି ହେବା ପାଇଁ ଏକ ପ୍ରମୁଖ କଞ୍ଚାମାଲ ହେଲା ବାଉଁଶ । ନ ହେଲେ ନ ଚଳେ ।

ସନା : କାରଖାନା ବାଲା ମଧ୍ୟ ଆମ ପାଖକୁ ଆସିବେ ବାଉଁଶ ନେବାକୁ ।

ବନା : ଖାଲି କାଗଜ କାରଖାନା ନୁହେଁ ତା ଛଡ଼ା ମଧ୍ୟ ଅନ୍ୟ କାରଖାନାମାନେ ଯେଉଁମାନେ ବାଉଁଶରୁ ସିଟ୍ ବନଉଛନ୍ତି ସେମାନେ ମଧ୍ୟ ଆସିବେ।

ସନା : ସିଟ୍ ...

ବନା : ଯେମିତି ଲୁହାପଥରରୁ ଲୁହାଚଦର ସବୁ ବନୁଛି ସେମିତି ବାଉଁଶ ଲାମିନେସନ କରି ସେଥିରୁ ବୋର୍ଡ୍, ଆଜବେଷ୍ଟସମାନ ତିଆରି ହେଉଛି। ଯେଉଁଥିରୁ ଘରର ଛାତ, ଝରକା, କବାଟ, ଦୁଆର ମୁହଁ ଇତ୍ୟାଦି ତିଆରି ହେଲାଣି।

ସନା : ବାଉଁଶ କି କାଠ ଭଳିଆ ବ୍ୟବହାର ହେଲାଣି। ସହରରେ ତାହାର ଚାହିଦା ବହୁତ ଅଧିକ।

ବନା : ଖାଲି କଣ ସେତିକି ? ସେଥିରୁ ପରା ସୋଫା, ଖଟ, ତିଆରି ହେଲାଣି। ସହରରେ ତାହାର ଚାହିଦା ବହୁତ ଅଧିକ।

ସନା : ତୁ ଏତେ କଥା ଜାଣିଥିଲୁଟି ହେଲେ କହୁ ନ ଥିଲୁ କାହିଁକି ?

ବନା : ସେଇ ସବୁ କଥା ସହର ଯାଇ ଜାଣିଲି, ତା ପରେ ଭାବିଲି ଆଉ ଦାଦନ ନ ଖଟି ମୁଣ୍ଡ ଖଟେଇ କିଛି ଗୋଟାଏ କରିବି, ସେଇ କଥା ଭାବି ତ ସହରରୁ ପଳେଇ ଆସିଲି ଗାଁ କୁ।

ସନା : ଭଲ କଲୁ ଆମେ ଏବେ ଗାଁରେ ରହି ଆମର ଉନ୍ନତି କଥା ଚିନ୍ତା କରିବା।

ବନା : ଭଲ ସାଜସିଆ ପାକୁଳିଆ ବାଉଁଶର ସୋଫା କେତେ ଦାମ କହିଲୁ ?

ସନା : କେତେ ହେବ ... ମୋର ଯାହା ଅନୁମାନ ପାଉଛି ହଜାରେ କି ଦି ହଜାର ହେବ।

ବନା : (ହସି) କେତେ ୧୦୦୦ କି ୨୦୦୦ ହେବ। ଆରେ ୧୦୦୦୦ ରୁ ୨୦୦୦୦ ହେବ।

ସନା : କଣ କହୁଛୁ ତୁ ?

ବନା : ସତ କହୁଛି। ଆଚ୍ଛା ତୁ ଏବେ ଚିନ୍ତା କର ତ ଗୋଟାଏ ଟକୁଲି ବାଡ଼ି କି ଛତା ବେଣ୍ଟ କେତେ ଟଙ୍କା ?

ସନା : ହଁ ୧୦୦ ଟଙ୍କାରୁ କଣ କମ୍ ?

ବନା : ବାସ୍। ଖଣ୍ଡେ ୪ ପୁଟିଆ ବାଉଁଶ ଯଦି ୧୦୦ ଟଙ୍କା ହୁଏ, ତେବେ ଗୋଟାଏ ସୋଫା ୧୦୦୦୦ ଟଙ୍କା ହେଲା ବଡ଼ କଥା କଣ ହେଲା।

ସନା : ହଁ ଚିନ୍ତା କରିବା ବେଳକୁ ଠିକ୍ ଲାଗୁଛି।

ବନା : ଲାଗୁଛିଟି ?

ସନା : ହଁ

ବନା : ସେଇ ସବୁ କଥା ଚିନ୍ତା କରି ବୋଲି ମୁଁ ସହର ଛାଡ଼ି ଗାଁକୁ ପଳେଇ ଆସିଲି।

ସନା : ଯାହା ହେଉ ତୁ ଠିକ୍ ସମୟରେ ଗାଁକୁ ପଳେଇ ଆସିଲୁ। ଆଉ ମତେ ମଧ୍ୟ ଠିକ୍ ବାଟ ବତେଇଲୁ। ଏଥର ଆମେ ମିଶି ନିଶ୍ଚିନ୍ତ ବାଉଁଶ ଚାଷ କରିବା।

ବନା : କଥା ଅଧା ହେଉନି ତୁ କେମିତି ବାଉଁଶ ଚାଷ ପାଇଁ ବାଉଳା ହେଲୁଣି। ସବୁ ଠିକ୍ ଠିକ୍ ଚାଲିଲେ ଆମର ଅବସ୍ଥା କଣ ହେବ ଟିକେ ଚିନ୍ତା କର।

### ୫ମ ଦୃଶ୍ୟ

*(କଥା ହେଉଥାନ୍ତି ବର୍ଣ୍ଣାଳୀ ଏବଂ ବାସନ୍ତୀ)*

ବାସନ୍ତୀ: ବର୍ଣ୍ଣାଳୀ ଅପା। ଜାଣିଛ ଆମ ବାବୁ ଆଉ ତମ ବାବୁ ମିଶି କଣ ବାଉଁଶ ଚାଷ କରିବା ପାଇଁ ବାହାରିଲେଣି।

ବର୍ଣ୍ଣାଳୀ: ହଁ ... ମତେ ସିଏ କହୁଥିଲେ। ଆମର ଯେମିତି ଚାଷବାସ ଚାଲିଛି ସେଥିରୁ ଆମର ବରଷକର ଖାଇବା ହେଇ ଯାଉଛି। ହେଲେ ହାତକୁ ଦି ପଇସା ଗଚ୍ଛିତ ଧନ ଆସିବା କଥା। ଯୁଗ ସହିତ ଖାପଖୁଆଇ କିଛି ଗୋଟାଏ ନ'କଲେ କେମିତି ହେବ କହୁନୁ।

ବାସନ୍ତୀ: ମୁଁ ବି ଠିକ୍ ସେଇ କଥା ଭାବିଛି। ଆମ ଗାଁର ଯେଉଁ ସ୍ତ୍ରୀ ଲୋକମାନେ ଆମେ ଅଛେ ଖାଲି ସମୟରେ ବସି କିଛି ଗୋଟାଏ କରିବା।

ବର୍ଣ୍ଣାଳୀ: ଆଲୋ କିଛି ଗୋଟାଏ କଣ କରିବା, ଏଇ ବାଉଁଶରୁ ଯଦି ଆମେ ବିଭିନ୍ନ ଜିନିଷ ତିଆରି କରି ଶିଖିବା ସେଥିରୁ ପରା ଆମେ ଦି ପଇସା ଆମ ଘର ପାଣ୍ଠି ସହିତ ମିଶାଇ ପାରିବା।

ବାସନ୍ତୀ: ହେଲେ ଆମେ କଣ କରିପାରିବା ?

ବର୍ଣ୍ଣାଳୀ: ଆମର ସେ ମହାରଣା ଘର ଅଣ୍ଣାବଚା, ମାଇପେ, ମିଶିପେ, ମିଶି କେମିତି ସୁନ୍ଦର ସୁନ୍ଦର ଫଟୋ ଷ୍ଟାଣ୍ଡ, ଅଇନା ଫ୍ରେମ୍, ଘରକୁ ସଜାଇବା ପାଇଁ ବିଭିନ୍ନ ପ୍ରକାର ଜିନିଷ ତିଆରି କରୁଛନ୍ତି।

ବାସନ୍ତୀ: ହଁ ହଁ ... ଫୁଲଦାନୀ, କଲମ ପେନସିଲ୍ ଷ୍ଟାଣ୍ଡ, ଏମିତି କେତେ କଣ କରୁଛନ୍ତି।

ବର୍ଣ୍ଣାଳୀ: ଆମେ ବି ତାଙ୍କ ଠାରୁ ଶିକ୍ଷା କରିବା। ସମସ୍ତେ ମିଶି ଯେଉଁ କାମ କରିବା ତାକୁ ମେଳା ମଉଚ୍ଛବରେ ବିକ୍ରି କରିବା।

ବାସନ୍ତୀ: ସେଥିପାଇଁ ଆମକୁ ପ୍ରଥମେ କିଛି ପାଣ୍ଠି ଯୋଗାଡ଼ କରିବାକୁ ପଡ଼ିବ।

ବର୍ଣ୍ଣାଳୀ: ପାଣ୍ଠି ପାଇଁ ଜମାରୁ ବ୍ୟସ୍ତ ହେନା। ଦରକାର ହେଲେ ଆମକୁ ବନବିଭାଗ ପାଣ୍ଠି ସହିତ ତାଲିମ୍‌ର ଯୋଗାଡ଼ କରାଇ ଦେବେ।

ବାସନ୍ତୀ: ତା ହେଲେ ଆଉ ଅସୁବିଧା ରହିଲା କେଉଁଠି?

ବର୍ଣ୍ଣାଳୀ: ଏବେ କାମ ଆରମ୍ଭ କଲେ ହେଲା। ସବୁ କାମ କରିବା ପାଇଁ ଆମକୁ ବାଉଁଶ ଦରକାର। ତାର କଣି ଆମର ବାଡ଼ି ବଗିଚାର ବାଡ଼ କାମ ଦେବ। ଶୃଙ୍ଖଳା ବାଉଁଶ ଚଷ କଲେ ଆମ ଜାଳେଣି କାମ ତୁଲେଇବ। ସେଥିପାଇଁ ଆଉ ଆମକୁ ଜଙ୍ଗଲ ଉପରେ ନିର୍ଭର କରିବା ପାଇଁ ପଡ଼ିବ ନାହିଁ।

ବାସନ୍ତୀ: ଜଙ୍ଗଲ ନ କାଟିଲେ ଜଙ୍ଗଲ ବି ଘଞ୍ଚ, ଗହଳିଆ ହେବ, ଜୀବଜନ୍ତୁ ମଧ୍ୟ ଆରାମରେ ରହିବେ।

ବର୍ଣ୍ଣାଳୀ: ତା ହେଲେ ଚାଲ ଆମେ ଗାଁର ସମସ୍ତ ସ୍ତ୍ରୀ ଲୋକମାନଙ୍କୁ ଡାକି ଏ ବିଷୟରେ ଆଲୋଚନା କରିବା।

ବାସନ୍ତୀ: ଚାଲ .........

(ପ୍ରସ୍ଥାନ)

୬ଷ୍ଠ ଦୃଶ୍ୟ

*(କଥା ହେଉଛନ୍ତି ବନା ଓ ସନା)*

ବନା : ଶୁଣିଲୁଣି ସନା, ଆମ ଆଲୋଚନା ଶୁଣି ଏବେ ଆମ ଗାଁର ସମସ୍ତ ସ୍ତ୍ରୀ ଲୋକମାନେ ମିଶି କେମିତି ବାଉଁଶରୁ ବିଭିନ୍ନ ସାମଗ୍ରୀ ତିଆରି କରି ସେଥିରୁ ବି ପଇସା ବାହାର କରିବେ ସେ ବିଷୟରେ ଚିନ୍ତା କଲେଣି।

ସନା : ହଁ ଆମ ବାସନ୍ତୀ ତ ପୁରା ଆଗଭର ହେଇ ଲାଗିଗଲାଣି।

ବନା : ହଉ ... ହଉ ... ସମସ୍ତେ ମିଶିକି କଲେ ଆମ ଆଶା ନିଶ୍ଚିତ ପୂରଣ ହେବ।

ସନା : ତୁ କଣ କହୁଥିଲୁ ଉନ୍ନତମାନର ଗଛ ଲଗାଇବା ସେଇଟା ପୁଣି କଣ?

ବନା : ଦେଖ ଆମ ଭାରତ ବର୍ଷରେ ୧୩୬ ପ୍ରଜାତିର ବାଉଁଶ ଅଛି, ସେଥିମଧ୍ୟରୁ ଆମ ଓଡ଼ିଶାର ଯେଉଁ ଭଲ କିସମର ବାଉଁଶ ଅଛି, ସେଗୁଡ଼ାକ ଆମେ ଲଗାଇବା।

ସନା : ବାଉଁଶ ତ ବାଉଁଶ ଏଥିରେ ପୁଣି ପ୍ରଜାତି ଅଛି?

ବନା : ହଁ ...। ଆମ ଓଡ଼ିଶାରେ ଯେମିତି ଶଳୁଆ ବାଉଁଶ, କଣ୍ଟା ବାଉଁଶ, ସୁନ୍ଦର କଣୀ ବାଉଁଶ, ବାଡ଼ିଆ ବାଉଁଶ, ଢେଣା ବାଉଁଶ, ନଳ ବାଉଁଶ, ଲାଠି ବାଉଁଶ, ଚମା ବାଉଁଶ ମାନ ସବୁ ଅଛି।

ସନା : ଆରେ ଏତେ ପ୍ରକାର ବାଉଁଶ ଅଛି, କାହିଁ ମୁଁ ତ ଏତେ କଥା ଜାଣି ନ ଥିଲି।

ବନା : ଦେଖ ଆଗରୁ ଶବରମାନେ ବାଉଁଶ ନଳୀ ପରେ ବାଉଁଶ ନଳୀ ଯୋଖି କାହିଁ କୋଉ ଅଗରେ ବସିଥିବା ଚଢ଼େଇକୁ ଶିକାର କରୁଥିଲେ। ସେ ବାଉଁଶ ଲମ୍ବା, ହାଲକା, ସରୁ ଏବଂ ଶକ୍ତ। ଏଇ ମୋଟା ବାଉଁଶରେ କଣ ସେଗୁଡ଼ିକ ତିଆରି କରି ହେବ? ନା କଲେ ତାକୁ କିଏ ଟେକି ଧରିପାରିବ।

ସନା : ଠିକ୍ ଠିକ୍ ... ଯେମିତି କଣ୍ଟା ବାଉଁଶ ପତଳା ଆଉ ଶକ୍ତ ଠେଙ୍ଗା ତିଆରି କରିବାରେ ଠିକ୍। ଏକ ପାହାର ଯାହା ଦେହରେ ବାଜିବ ସେ ଜାଣିବ, ସେ ବାଉଁଶର କରାମତି।

ବନା : ହଁ ଟୋକେଇ, କୁଲା, ଚାଙ୍ଗୁଡ଼ିଆ ପାଇଁ ପୋଲା ବାଉଁଶ ଠିକ୍। ବଙ୍କୁଲି ବାଡ଼ି, ଛତା ବେଣ୍ଟ ଏ ସବୁ କଣ ମୋଟା ବାଉଁଶରେ ହେଇପାରିବ। କେବେ ନୁହେଁ।

ସନା : ଘର ସଜା ଉପକରଣ ତିଆରି, ସୁନ୍ଦର ହାଲକା ବାଉଁଶରେ ଭଲ ହେବ, ନା କଣ କହୁଛୁ ବନା।

ବନା : ଏବେ ତୁ ଠିକ୍ ବୁଝିପାରିଲୁ। ବିଭିନ୍ନ ବାଉଁଶର ବିଭିନ୍ନ କାମ ବିଷୟରେ। ତୁ ତ ସୁନ୍ଦର ବଇଁଶୀ ବଜାଉ, କହୁନୁ ଏବେ୍ ଉଣେ ବାଉଁଶରୁ ତିଆରି ବଇଁଶୀ ତୁ କେତେ ଟଙ୍କା ଦେଇ କିଣୁଛୁ।

(ଏତିକି ବେଳେ ପ୍ରବେଶ କଲେ ବାସନ୍ତୀ ଏବଂ ବର୍ଣ୍ଣାଳୀ)

ବର୍ଣ୍ଣାଳୀ: ତମ ଆଲୋଚନା କେତେ ବାଟ ଗଲା। ଆମର କିନ୍ତୁ ସବୁ ଠିକ୍ ଠାକ୍ ହେଇଗଲା। ଆମେ ଗାଁର ସମସ୍ତ ସ୍ତ୍ରୀଲୋକମାନେ ଏବେ ସିଦ୍ଧାନ୍ତ ନେଲୁ କି ଯାହାକୁ ଯେଉଁ କାମ ଠିକ୍ ଭାବରେ ଆସିବ ସେ ଏବେଠାରୁ ସେଇ ବିଷୟରେ ତାଲିମ୍ ନେବେ।

ବାସନ୍ତୀ: ଆମର ବାଉଁଶ ଲଗାଯାଇ ଅମଳ ହେବା ବେଳକୁ ଦୁଇ ବର୍ଷ ଲାଗିବ ଅତି କମ୍‌ରେ। ତେଣୁ ଏହି ଦୁଇ ବର୍ଷରେ ଆମେ କୁଶଳୀ କାରିଗର ହୋଇଯାଇଥିବୁ। ନା କଣ କହୁଛ।

ବନା : ଯାକୁ ହିଁ କହନ୍ତି ପ୍ରକୃତ ଯୋଜନା।

ସନା : ଯାହା ହେଉ ଏବେ ସବୁ ସ୍ୱପ୍ନ ମୋର ହାତ ମୁଠାରେ ଧରା ଦେବା ପରି ଲାଗିଲାଣି।

ବର୍ଣ୍ଣାଳୀ: ଦଶର ବଳ ପଢ଼ିଛଟି।

ବାସନ୍ତୀ: ଆଉ କଣ ସେ ପାଠ ମନେଥିବ। ଛୁଆ ବେଳେ ଯାହା ପଢ଼ିଥିଲୁ।

ସନା : ମଲା ସେଇ ଚଢ଼େଇ ଗପ ତ। କେମିତି ଜାଲକୁ ଏକା ବେଳକେ ମିଶି ଉଡ଼େଇ ନେଲେ। ମୋର ଠିକ୍ ମନେ ଅଛି।

ବନା : ଏବେ ସେଇ କଥା ଆମେ ମିଳିମିଶି କରିବା, ଆଉ ନିଶ୍ଚିତ ଉପକୃତ ହେବା।

ବର୍ଣ୍ଣାଳୀ: କେମିତି ନ ହେବ କହୁନ, ବାଉଁଶ ଏମିତି ଗୋଟାଏ ଜିନିଷ ଯାହାର ଗଣ୍ଠାଠାରୁ ଆରମ୍ଭ କରି କଣି, ପତ୍ର ସବୁ ପରା କାମରେ ଲାଗୁଛି।

ବାସନ୍ତୀ: କିଛି ନା କିଛି ଉପାୟରେ ଆମେ ବାଉଁଶ ପ୍ରକ୍ରିୟାକରଣ କରି ସେଥିରୁ ଅଧିକରୁ ଅଧିକ ଲାଭ ଉଠେଇବା।

ସମସ୍ତେ: ଆଉ ଯିବା ନାହିଁ ଆମେ ସହର ,
ଗାଁରେ ହୋଇବ ଆମ ରୋଜଗାର ,
ବାଉଁଶ କରିଲେ ଚାଷ ,
ହାତରେ ରହିବ ଦି ପଇସା ,
ଦୁଃଖ ହେବ ଆମ ନାଶ।

(ତା. ୧୭.୧୧.୨୦୧୨ରେ ଆକାଶବାଣୀରେ ପ୍ରସାରିତ)

# ଜୀବନ ଜୀବିକାରେ କେନ୍ଦୁପତ୍ର

ବନଜ ବିହାରୀ ମହାପାତ୍ର

(ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟିର ଶବ୍ଦ। ଲୋକମାନେ କୋଳାହଳ କରୁଥାନ୍ତି। ମାଟି ମାଙ୍କୁ ନିବେଦନ କରୁଥାନ୍ତି ଅଧିକରୁ ଅଧିକ ଫସଲ ଦେବା ପାଇଁ।)

୧ମ ଦୃଶ୍ୟ

ମୁନସୀ : ମାଲୋ ମା (ମାଟି ମା କୁ) ତତେ କୋଟି ଜୁହାର। କୋଉ ଯୁଗରୁ ତୁ ଆମମାନଙ୍କ ପାଇଁ ତୋ କୋଳରେ ଖାଦ୍ୟ, ପାନୀୟ, ବାସ ସଜେଇ ରଖୁଛୁ। ତତେ କୋଟି ଜୁହାର ଲୋ ମା ତୁ ଏମିତି ଦଉ ଥା। ରୋଷ କରନା। ଆଜି ଶ୍ରୀପଞ୍ଚମୀ। ଏହି ଶ୍ରୀପଞ୍ଚମୀରେ ଆମ ବାପ, ଅଜା ତରଦ ପୁରୁଷରୁ ତତେ ନିବେଦନ କରି ଆସିଛନ୍ତି। ଆଜି ଆମେ କରୁଛୁ। କାଲି ଆମ ପୁଅ ନାତିମାନେ କରିବେ। ହେଲେ ତୋର କରୁଣା ବିନା କିଛି ସମ୍ଭବ ନୁହେଁଲୋ "ମା"। ତୁ ଏମିତି ଆମ ଉପରେ ଦୟା ରଖିଥାଲୋ "ମା"। ଜୟ ମାଟି ମା କି।

ସମସ୍ତେ: ଜୟ

ମୁନସୀ : ଜୟ ମାଟି ମା କି।

ସମସ୍ତେ: ଜୟ

ମୁନସୀ : ସମସ୍ତେ ମୁଣ୍ଡିଆ ମାରି ମାଟି ମାଙ୍କୁ ନିବେଦନ କର। ତାର ଆଶୀର୍ବାଦ ଆମ ଉପରେ ଏମିତି ଥାଉ।

ସମସ୍ତେ: ମା ଲୋ ମା ତତେ କୋଟି ଜୁହାର।

ମୁନସୀ : ଆମର ପୂର୍ବପୁରୁଷରୁ ଆଜିର ଦିନରେ ମାଟି ମାର ପୂଜା କରି ଆମ କେନ୍ଦୁପତ୍ର ଚାଷର ଆରମ୍ଭ କରାଯାଏ। ଏହି ଦିନରେ ଆମେ ବୁଦାକଟା ଅନୁକୂଳ କରିବା। ହେଲେ ଭାଇମାନେ ମନେରଖ ଯେଉଁ ହତିଆରରେ ବୁଦା କଟାଯିବ ତାହା ଧାରୁଆ, ତୀକ୍ଷ୍ଣ ହେବା ଆବଶ୍ୟକ। ନ ହେଲେ ବୁଦା ଠିକରେ ନ କଟି କାଣ୍ଡ ଫାଟିଯିବାର ସମ୍ଭାବନା ଅଛି। ଯେଉଁଥିରୁ ନୂଆ ଭଲ ଶାଖା ବାହାରିବା ସମ୍ଭବ ନୁହେଁ। ତେଣୁ ଭଲ ଅମଳ ପାଇବା ପାଇଁ ଆମକୁ ମଧ୍ୟ ସାବଧାନ ହେବାକୁ ପଡ଼ିବ।

ଶୁକୁରୀ : ହଁ ବା ଏ କଥା କଣ ଆମେ ଜାଣିନୁ ?

ମୁନସୀ : ଆରେ ତମେମାନେ ହେଲ ପୁରୁଣା ଲୋକ, ହେଲେ ପ୍ରତି ବର୍ଷ ତ ଆମ ନୂଆ ପିଲାମାନେ କାମ କରୁଛନ୍ତି ନା। ସେମାନେ ତ ଜାଣିବା କଥା। ହଉ ତମେମାନେ ଯାଅ, କାମରେ ଲାଗିଯାଅ।

ଶୁକୁରୀ : ଠିକ୍ .... ଠିକ୍ ....। ଆସନ୍ତୁ ମୁନସୀ ବାବୁ ଆମେ ଯିବା।

ମୁନସୀ : ଆଉ ଗୋଟାଏ କଥା ମାଟିର ୧-୨ ଇଞ୍ଚ ତଳୁ ବୁଦା କାଟିଲେ ଫସଲ ଭଲ ଅମଳ ହେବାର ସମ୍ଭାବନା ଥାଏ। ହଉ ମୁଁ ଆସୁଛି।

ଶୁକୁରୀ : ଆଛା ମୁନସୀ ବାବୁ, ଯଦି ଆମେ ବୁଦା ନ କାଟି ଏମିତି ଛାଡ଼ି ଦିଅନ୍ତେ ତା ହେଲେ ତ ଗଛ ବଡ଼ ହେଲେ ପତ୍ର ବି ଅଧିକ ମିଳନ୍ତା।

ମୁନସୀ : ଏ କଥା ତୁ ଜାଣିନୁଟି ଆରେ ବୁଢ଼ା ଗଛର ପତ୍ର କଣ ଆମ କାମରେ ଆସିବ ? ଆମକୁ କଅଁଳିଆ ବଡ଼ ପତ୍ର ଦରକାର, ଯାହା ଆମକୁ ନୂଆ ବୁଦାରୁ ମିଳିଥାଏ ପୁରୁଣା ବୁଢ଼ାଗଛରୁ ନୁହେଁ।

ଶୁକୁରୀ : ସେଇଥି ପାଇଁ ପ୍ରତ୍ୟେକ ବର୍ଷ ଆମକୁ ଏ ବୁଦା କାଟିବାକୁ ପଡ଼ିଥାଏ।

ମୁନସୀ : ବାସ୍। କହତ ଶୁକୁରୀ ଯଦି ଆମକୁ ପ୍ରତ୍ୟେକ ବର୍ଷ ବୁଦା କାଟିବା ପାଇଁ ନ ଥାନ୍ତା ନାହିଁ। ତେବେ ଆମ ଗୁରୁବାର, ଦରିଆ, ଅରକ୍ଷିତ, ଭିକାରୀ କେମିତି ବଞ୍ଚନ୍ତେ।

ଶୁକୁରୀ : ମଲା ସେମାନେ କେମିତି ବଞ୍ଚିବେ ମାନେ ?

ମୁନସୀ : ତତେ କଣ ଜଣା ? ସବୁ ପଇସା ପତ୍ର ହିସାବ ମୋ ପାଖରେ। ସମସ୍ତଙ୍କର କାମର ତାଲିକା ମୋ ପାଖରେ। ସେମାନେ ଏହି କାମ କରି ଯେଉଁ ମଜୁରୀ ପାଆନ୍ତି ସେଥିରେ ତାଙ୍କ ପୁତୁରାଣ ବେଶ୍ ଆରାମରେ ମେଣ୍ଟିଯାଏ।

ଶୁକୁରୀ : ମଲା ସେ କଥା କହୁଛ, ମୋ ମରଦ ପରା ସେଇ କାମ କରି ମଜୁରୀ ପାଉଛି, ମୁଁ କଣ ସେ କଥା ଜାଣିନି।

ମୁନସୀ : ଜାଣିଛୁ ଟି ତେବେ କହିପାରିଲୁ ନାହିଁ କାହିଁକି ?

ଶୁକୁରୀ : ମୁଁ ଭାବିଲି ତମେ ଆଉ କଣ କହୁଛ ନା ? ଫି ବରଷ ତ ସିଏ ବୁଢା କାଟି ଢେର ପଇସା କମାଉଛି।

ମୁନସୀ : କହୁନୁ ଶୁକୁରୀ, ଏଇ ମାଟି ମା ଯେମିତି ଥିଲା ସେମିତି ଅଛି। ଏ କେନ୍ଦୁଗଛ ଯେମିତି ଥିଲା ସେମିତି ଅଛି ଆମେ ଖାଲି ଯାହା ପରିଶ୍ରମ କରି ବର୍ଷ ପରେ ବର୍ଷ ଟଙ୍କା ରୋଜଗାର କରି ଚାଲିଛେ।

ଶୁକୁରୀ : ନୁହେଁ ଆଉ କଣ ? ଏଇ କେନ୍ଦୁଗଛ ପାଇଁ ବୁଢା କଟା ଠାରୁ ଆରମ୍ଭ କରି ଅମଳ ଯାଏ ଆମରି ଭଳି କେତେ ଲୋକ ବଞ୍ଚୁଛନ୍ତି କହିଲ ?

ମୁନସୀ : ଆଲୋ ତାର ପରା ଟିକି ନିଖି ହିସାବ ମୋ ପାଖରେ ଅଛି ମତେ କଣ କହୁଛୁ ? ମୁଁ ଯଦି ମୋ ପୋଥି ଖୋଲିଦିବି ଦେଖିବୁ ହିସାବ କିଏ କେତେ ଟଙ୍କା କେତେ ପଇସା ପାଇଛି ?

ଶୁକୁରୀ : ହଁ ହଁ ଠିକ୍ କଥା ମୁଁ ତମକୁ କଣ କହୁଛି ? ହଉ ମୁନସୀ ବାବୁ ମୁଁ ଏଇଠୁ ଭାଙ୍ଗିଯାଉଛି ଗାଁ ଆଡ଼କୁ। ତମେ ଛକ ଆଡ଼େ ଯିବଟି।

୨ୟ ଦୃଶ୍ୟ

(ମକୁରୁ ବୁଢା ଆଉ ସାବନୀ ବୁଢୀ କଥା ହେଉଥାନ୍ତି। ଆଉ ବରଷ କଥା ମନେ ପକେଇ)

ମକୁରୁ : ଆଲୋ ହେ ସାବନୀ, ତୁ ଏସନ ଯିବୁଟି କେନ୍ଦୁପତ୍ର ତୋଳିବା ପାଇଁ।

ସାବନି : ବୟସ ହେଇଗଲାଣି, ଆଉ କଣ ପରିଶ୍ରମ କାମ କିଛି କରିପାରିବି ? ଜାଉଛି, ଯେତିକି ପାରିବି ପତ୍ର ତୋଳିବି।

ମକୁରୁ : ଆଲୋ ପତ୍ର ତୋଳିବାରେ ବା କି କଷ୍ଟ କହୁନୁ।

ସାବନି : ସେ କଥା ସତ ଯେ, ହେଲେ ସକାଳୁ ଉଠିତ ଯିବାକୁ ପଡ଼ିବ।

ମକୁରୁ : ଆଲୋ ଏ କଥାକୁ କଣ ଡରୁଛୁ କି। ଆମ ବନବିଭାଗର ଯେଉଁ ହେଲଥ ଚେକ୍ ଅପ୍ କ୍ୟାମ୍ପ ହେଇଥିଲା ତୁ କଣ ସେଠିକି ଯାଇ ନଥିଲୁ ନା କଣ କି ?

ସାବନି : ଯାଇଥିଲି, ଡାକ୍ତର ବାବୁଙ୍କୁ ଦେଖେଇଲି, ମାଗଣା ଔଷଧ ମଧ୍ୟ ମିଳିଥିଲା, ସେଇ ଔଷଧ ଖାଇଟି ବୋଲି ତ ଚାଲୁଛି। ନ ହେଲେ ମୁଁ କେବେଠାରୁ ବିଛଣା ଧରି ସାରନ୍ତିଣି।

ମକୁରୁ : ସତେ ଲୋ, ଆମ ପାଇଁ ଏ ବନବିଭାଗ କେତେ ନ କରୁଛି କହିଲୁ ?

ସାବନି : ନୁହେଁ ଆଉ କଣ ? ଗତବର୍ଷ ମୋର ଆଣ୍ଠୁଗଣ୍ଠି ଧରି ପକେଇଥିଲା, ସେଇ ଯୋଉ ଔଷଧ ଦେଇଥିଲେ ସେଇଥିରୁ ରକ୍ଷା ମିଳିଲା।

ମକୁରୁ : ମୋର ବି ସେଇ ଏକା ଅବସ୍ଥା, ଗୋଟିଏଥର ଗୋଡ଼ ବିନ୍ଧୁଥିଲା ଯେ ମୋର ଅବି କବି ବାହାରି ପଡୁଥିଲା।

ସାବନି : ହଁ ବୁଢା ବୁଢୀ ହେଲେ ସବୁ ରୋଗ ମାଡ଼ି ବସୁଛି।

ମକୁରୁ : ଆମେ କିଏ ଡାକ୍ତର କିଏ ନା ଡାକ୍ତରଖାନା ଯିବା ଆମ ପାଇଁ ସମ୍ଭବ।

ସାବନି : ଖାଲି କଣ ଡାକ୍ତର ଔଷଧ ଦେଖୁନ ପାଣି ମୁନ୍ଦିଏ ପାଇଁ ଆମେ କେତେ ହନ୍ତସନ୍ତ ହେଉଥିଲେ ଯାହା ହେଉ ମଣିଷ ଟିକିଏ ଶାନ୍ତିରେ ମୁନ୍ଦିଏ ପାଣି ପାଇଲା।

ମକୁରୁ : ଆମ ଗାଁରେ ସିନା ୨ଟି ନଳକୂଅ ଗତବର୍ଷ ହେଇଥିଲା। ଏ ବର୍ଷ ମୁନସୀ କହୁଥିଲା ଆଉ ୨ଟି ନଳକୂଅ ହେବ।

ସାବନି : ସତେ ନା କଣ ?

ମକୁରୁ : ହଁ ପରା ... ଦେଖୁନୁ ଏ ଦୁଇଟା ନଳକୂଅକୁ କଣ ଫୁରସତ ମିଳୁଛି ? ଯେତେବେଳେ ଦେଖିବୁ କିଏ ଗୋଟାଏ ନଳକୂଅର ଡିଙ୍ଗିଆକୁ ମାରୁଥିବ।

ସାବନି : ହଁ ପରା ...ଏତେ ବଡ଼ ଗାଁଟାକୁ କଣ ୨ଟା ନଳକୂଅ ହେବ ?

ମକୁରୁ : ସେଇଥି ପାଇଁ ଆଉ ଦୁଇଟି ନଳକୂଅ ଏ ବର୍ଷ ହେବ।

ସାବନି : ଯାହା ହେଉ ବନବିଭାଗ ପାଇଁ ଏ ସବୁ ସମ୍ଭବ ହେଉଛି।

ମକୁରୁ : ବନବିଭାଗ ନୁହେଁ ଲୋ ଏଇ ମାଟି ମା ପାଇଁ ଏ ସବୁ ହେଉଛି।

ସାବନି : ମାଟି ମା ପାଇଁ କେମିତି ?

ମକୁରୁ : ଆଲୋ ମାଟି ମା କେନ୍ଦୁଗଛ ବଢ଼ାଉଛି। କେନ୍ଦୁଗଛରୁ କେନ୍ଦୁପତ୍ର ବାହାରୁଛି। ସେଇ କେନ୍ଦୁପତ୍ର କୋଟି କୋଟି ଟଙ୍କାରେ ବିକ୍ରି ହେଉଛି।

ସାବନି : କୋଟି କୋଟି ଟଙ୍କା !

ମକୁରୁ : ହଁ ଲୋ କୋଟି କୋଟି ଟଙ୍କା। ସେଇ ଯେଉଁ ଲାଭ ସରକାର ପାଉଛନ୍ତି ସେଇ ଟଙ୍କା ଆମ ପାଇଁ ବନବିଭାଗ ଦ୍ୱାରା ଖର୍ଚ୍ଚ କରଉଛନ୍ତି।

ସାବନି : ସେ ଯାହା ହେଉ ଆମର ତ ସୁବିଧା ସୁଯୋଗ ବନବିଭାଗ କଲା ।

ମଙ୍ଗୁରୁ : ଏଇ କେନ୍ଦୁପତ୍ର ପାଇଁ ଆମେ କେତେ ଲାଭ ପାଉଛେ ?

ସାବନି : ନୁହେଁ ଆଉ କଣ ? ମାଟି ମା ଦେଲା କେନ୍ଦୁପତ୍ର ଆମେ ତୋଳି ଆଣି ଦେଲେ ଫଡ଼ିଘରେ । ଆଉ ସେଥିପାଇଁ ମଧ୍ୟ ପଇସା ପାଇଲେ ।

ମଙ୍ଗୁରୁ : ଗଲା ସନ ଭଲ ଟଙ୍କା ମତେ ମିଳିଥିଲା ନା

ସାବନି : ଯିଏ ଯେତେ ମେହନତ କରିବ ତାକୁ ସେତିକି ଟଙ୍କା ମିଳିବ । ଏଠିତ ଆଉ ଦିନ ମଜୁରୀ ନାହିଁ ଯେ ଦିନ ହିସାବରେ ପଇସା ମିଳିବ ।

ମଙ୍ଗୁରୁ : ଠିକ୍ କଥାଟିଏ କହିଲୁ ଯିଏ ଯେତେ ପରିଶ୍ରମ କରି ତୋଳିବ ସିଏ ସେତିକି ବିଡ଼ା ପ୍ରତି ପଇସା ପାଇବ ।

ସାବନି : ପ୍ରକୃତି ମାଆର ଖେଳ । ତାକୁ ଯେମିତି ରଖିବା ସିଏ ଆମକୁ ସେମିତି ଦେଉଥିବ । ନା କଣ କହୁଛୁ ?

ମଙ୍ଗୁରୁ : ହଁ ... ହଁ ... ଆମେ ତାକୁ ରକ୍ଷା କଲେ ସେ ଆମକୁ ରକ୍ଷା ଦେବ ।

ସାବନି : ନୁହେଁ ଆଉ କଣ ?

୩ୟ ଦୃଶ୍ୟ

(ଶୁକୁରୀ ବୁଦ୍ଧିଆ ଗାଁ ମୁଣ୍ଡରେ କଥା ହେଉଥାନ୍ତି)

ଶୁକୁରୀ : ଆରେ ବୁଦ୍ଧିଆ ତୁ କଣ କେନ୍ଦୁ ଗଛ ବୁଦା କାଟିବା ପାଇଁ ଯାଉନୁ କି ?

ବୁଦ୍ଧିଆ : ମୁଁ କଣ ଶିଖିଛିଣି କି ? ବା କହିଲା ତୁ ଆସି ଦେଖ୍ କେମିତି କଟା ଯାଉଛି । ଆର ବର୍ଷକୁ ତୁ କାଟିବୁ ।

ଶୁକୁରୀ : ତୋ ବା ଠିକ୍ କହିଛି । ପ୍ରଥମେ ନ ଶିଖିଲେ କଣ ହେବ ?

ବୁଦ୍ଧିଆ : ମୁଁ ଯିବି କେନ୍ଦୁପତ୍ର ତୋଳିବା ପାଇଁ ?

ଶୁକୁରୀ : ସେ କାମ ତ ଡେରି ଅଛି । ୪୫-୫୦ ଦିନ ପରେ ଯାଇ ପତ୍ର କାମ ଉପଯୋଗୀ ହେବ । ସେତିକି ବେଳକୁ କେନ୍ଦୁପତ୍ର ତୋଳା ହେବ ।

ବୁଦ୍ଧିଆ : ଆମର ତ ଏଇ ଫେବୃଆରୀରେ ବୁଦାକଟା କାମ ଆରମ୍ଭ ହେଲା ତା ମାନେ ମାର୍ଚ୍ଚ ମାସ ଶେଷ ବେଳକୁ କେନ୍ଦୁପତ୍ର ହୋଇଯାଇଥିବ ତୋଳିବା ପାଇଁ ।

ଶୁକୁରୀ : ସବୁ ଜାଗାରେ ତ ଆଉ ଗୋଟାଏ ଦିନରେ ବୁଦାକଟା ଯାଉନି । କି ଗୋଟାଏ ଗଛରୁ ତ ଏକାଥରକେ ସବୁ ପତ୍ର ତୋଳା ଯାଉନି । ତେଣୁ ମାର୍ଚ୍ଚମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଏହି ପତ୍ରତୋଳା ଲାଗିରହିବ । ସମସ୍ତିଙ୍କ ସହିତ ମିଶି କାମ କଲେ ତୁ ଧିରେ ଧିରେ ସବୁ ଶିଖି ଯିବୁ । ହଉ ମୁଁ ଆସୁଛି ।

ବୁଦ୍ଧିଆ : ଖୁଡ଼ି ତମେ କୁଆଡ଼େ ଯିବ କି ?

ଶୁକୁରୀ : କାହିଁ ମୋ ପାଖରେ କଣ କାମ ଥିଲା କି ?

ବୁଦ୍ଧିଆ : ନାହିଁ ମୁଁ କଣ କହୁଥିଲି କି ମୋର ତ କିଛି ଅଭିଜ୍ଞତା ନାହିଁ, ପତ୍ର କେମିତି ଆସିବ କେଉଁଠି ଦିଆ ହେବ ସେ କଥା ଟିକେ ମତେ କହିଥିଲେ .......

ଶୁକୁରୀ : ହଉ ଏଇ କଥା ... ତେବେ ଶୁଣ । ବାସ..., ଆଗ ଏଇଠି ବସ ମୁଁ କହୁଛି ।

ବୁଦ୍ଧିଆ : ହଉ ଖୁଡ଼ୀ ମୁଁ ଏଇଠି ବସିଲି କୁହ ।

ଶୁକୁରୀ : ପ୍ରଥମେ ଭଲ କଅଁଳ ପାକୁଳିଆ ପତ୍ରକୁ ତୋଳିବୁ । ପ୍ରତି ୨୦ଟି ପତ୍ରକୁ ଏକ ବିଡ଼ା କରିବୁ, କାରଣ ଏଠି ପ୍ରତି ବିଡ଼ା ହିସାବରେ ପଇସା ମିଳେ ।

ବୁଦ୍ଧିଆ : ଅଧିକ ପତ୍ର ରଖିଲେ ...

ଶୁକୁରୀ : ଆରେ ଏଠି ବିଡ଼ା ହିସାବରେ ପଇସା ମିଳିବ । ତୁ ଯଦି ଗୋଟିଏ ବିଡ଼ାରେ ୫୦ ଟା ପତ୍ର ରଖିବୁ ତଥାପି ତତେ ସେଇ ୨୦ଟି ପତ୍ର ବିଡ଼ା ହିସାବରେ ପଇସା ମିଳିବ ।

ବୁଦ୍ଧିଆ : ତା ହେଲେ ତ ମୋର କ୍ଷତି ହେବ ।

ଶୁକୁରୀ : ସେଇଥି ପାଇଁ କହୁଛି ୨୦ଟି ପତ୍ରର ଗୋଟିଏ ବିଡ଼ା କରିବୁ ।

ବୁଦ୍ଧିଆ : ତା ପରେ

ଶୁକୁରୀ : ସେଇ ପତ୍ରବିଡ଼ା ସବୁ ନେଇ ଫଡ଼ି ଘରେ ମୁନସୀ ବାବୁଙ୍କୁ ଗଣିକି ଦେବୁ ଆଉ ମନେ ରଖିଥା ତୋ କାର୍ଡ଼ରେ କେତେ ବିଡ଼ା ଦେଲୁ କେତେ ପଇସା ହେଲା ସବୁ ଲେଖି ଆଣିବୁ ।

ବୁଦ୍ଧିଆ : ନ ଲେଖିଲେ କଣ ହେବ ?

ଶୁକୁରୀ : ନ ଲେଖିଲେ ତୋର କେତେ ପଇସା ହେବ ତାର ହିସାବ କେମିତି ରହିବ ? କିଏ ରଖିବ କହୁନୁ ?

ବୁଦ୍ଧିଆ : ଠିକ୍ କଥା । ମୋ ନିଜ ହିସାବ ମୁଁ ନିଜେ ରଖିବି ।

ଶୁକୁରୀ : ଥରେ ମୁନସୀ ବାବୁଙ୍କର ସନ୍ତକ ସେଥିରେ ରହିଲେ ତୋ ପଇସା କୁଆଡ଼େ ଯିବନି ?

ବୁଦ୍ଧିଆ : ସେମାନେ କଣ ସେଇ ୨୦ ପତ୍ର ଥିବା ବିଡ଼ାକୁ ସରକାରଙ୍କୁ ଦେବେ।

ଶୁକୁରୀ : ନାହିଁ ନାହିଁ ......ପ୍ରଥମେ ସେଇ ପତ୍ରଗୁଡ଼ାକୁ ଖରାରେ ଶୁଖାଯାଏ। ୪ ଦିନ ଏକ ପାଖ ଶୁଖିଗଲା ପରେ ଆଉ ୪ ଦିନ ଅନ୍ୟ ପାଖ ଖରାରେ ଶୁଖାଯାଏ।

ବୁଦ୍ଧିଆ : ତା ହେଲେ ଶୁଖିଗଲେ କାମ ସରିଲା ?

ଶୁକୁରୀ : ନା ... ନା ... ପତ୍ରକୁ ଶୁଖାଇବା ବେଳେ ସେଥିରେ ଭଇ କିମ୍ବା ପୋକ ଲାଗିବାର ସମ୍ଭାବନା ଥାଏ। ତେଣୁ ପତ୍ର ଓଲଟାଇବା ବେଳେ ତାକୁ ସତର୍କତାର ସହିତ ଦେଖିବାକୁ ପଡ଼େ, ଦରକାର ହେଲେ ପତ୍ରକୁ ଭଇ ପୋକ ଝାଡ଼ି ଶୁଖାଯାଏ।

ବୁଦ୍ଧିଆ : ସେ କାମ କିଏ କରିବ ?

ଶୁକୁରୀ : ସେ କାମ କରିବା ପାଇଁ ମଧ୍ୟ ଲୋକ ଆବଶ୍ୟକ। ଆମରି ଗାଁର ଲୋକମାନେ ଏଇ କାମ କରିବେ। ଆଉ ସେଥିପାଇଁ ସେମାନେ ପାରିଶ୍ରମିକ ମଧ୍ୟ ପାଇବେ।

ବୁଦ୍ଧିଆ : ତା ହେଲେ କେନ୍ଦୁପତ୍ର ବିଭିନ୍ନ ରୂପରେ ଆମକୁ ରୋଜଗାରକ୍ଷମ କରୁଛି।

ଶୁକୁରୀ : ଦେଖୁନୁ ଆମ ମକୁରୁ ଆଉ ସବନି କେମିତି ସେଇ କାମ କରି ତାଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି।

ବୁଦ୍ଧିଆ : ନୁହେଁ ଆଉ କଣ ? ନ ହେଲେ ତାଙ୍କୁ ବି ପଇସା କିଏ ଦିଅନ୍ତା ?

ଶୁକୁରୀ : ଏଇ କେନ୍ଦୁପତ୍ର ହିଁ ତାଙ୍କୁ ରୋଜଗାରକ୍ଷମ କରିଛି।

ବୁଦ୍ଧିଆ : ଏଇ ପତ୍ର ତ ଶୁଖି ଭାଙ୍ଗି ଯିବା କଥା ହେଲେ କାହିଁ ଭାଙ୍ଗି ତ ନ ଥାଏ ?

ଶୁକୁରୀ : ତୁ ହୁଣ୍ଡାଟା ... କିଛି ଜାଣିନୁ। ଶୁଣ ଏଇ ପତ୍ର ଶୁଖିଗଲା ପରେ ତାକୁ ଘରିଘରେ ରଖେଇକି ରଖାଯାଏ (ମାନେ ଗଦାମାରି ରଖାଯାଏ)। ରଖିବା ପରେ ମଣ୍ଡିଘରକୁ କାନ୍ଥଆ ନେସି ଏମିତି କରିଦିଆଯାଏ ଯେମିତିକି ତା ମଧ୍ୟକୁ ପବନ କି ଆର୍ଦ୍ରତା ଛୁଇଁପାରିବ ନାହିଁ।

ବୁଦ୍ଧିଆ : ଅନ୍ଧାର ଘରେ ରହି ନଷ୍ଟ ହେଇଯିବନି।

ଶୁକୁରୀ : ନାହିଁ, କିଛିଦିନ ରହିବା ପରେ ଏହି ପତ୍ରକୁ ବାହାରକୁ କଢ଼ାଯାଏ। ଯୋଉ ଲୋକମାନେ ଏଇ କାମ ଜାଣିଛନ୍ତି ବା ସ୍ୱତନ୍ତ୍ର ତାଲିମପ୍ରାପ୍ତ ସେଇମାନେ ଏଇ ପତ୍ର ବିଡ଼ାକୁ ବାହାରକୁ ଆଣି ସେଥିରେ ପାଣି ଛିଞ୍ଚି ପାଗ କରନ୍ତି। ନ ହେଲେ ପତ୍ର ସବୁ ଭାଙ୍ଗି ଗୁଣ୍ଡ ହେଇ ଅଦରକାରୀ ହେଇ ଯିବ।

ବୁଦ୍ଧିଆ : ହଁ ହଁ ଭାଙ୍ଗିଗଲେ ତ ଆଉ କିଛି କାମରେ ଆସିବ ନାହିଁ।

ଶୁକୁରୀ : ପାଣି ଛିଞ୍ଚିଲେ ପତ୍ର ପୁଣି ନରମ ହେଇଯାଏ। ତା ପରେ ସେଇ ଉତ୍କୃଷ୍ଟ, ଅତି ଉତ୍କୃଷ୍ଟ ଏବଂ ନିମ୍ନମାନର ପତ୍ରକୁ ଅଲଗା ଅଲଗା କରି ୫ କିଲୋର ବିଡ଼ାମାନ କରାଯାଏ।

ବୁଦ୍ଧିଆ : ୫ କିଲୋରୁ ଅଧିକ କି କମ୍।

ଶୁକୁରୀ : ନା ..., ଠିକ୍ ୫ କିଲୋର ବିଡ଼ା କରାଯାଏ। ଏହି ତାଲିମପ୍ରାପ୍ତ ଲୋକମାନେ ବିଡ଼ାକୁ ଏମିତି ବାନ୍ଧରେ ବାନ୍ଧନ୍ତି ଯେ ବିଡ଼ାକୁ ଯେତେ ଛଟାପଟା କଲେ ମଧ୍ୟ ଏହା ଆଉ ଭାଙ୍ଗି ଗୁଣ୍ଡ ହେବାର ସମ୍ଭାବନା ନ ଥାଏ।

ବୁଦ୍ଧିଆ : ତାଲିମପ୍ରାପ୍ତ ନ ହେଲେ ଏ କାମ ତା ହେଲେ କରିବାକୁ କଷ୍ଟକର ହେବ।

ଶୁକୁରୀ : କାମ ତ କଷ୍ଟ ହେବ ତା ସାଙ୍ଗକୁ ପତ୍ର ଭାଙ୍ଗିଗଲେ ବନବିଭାଗର କ୍ଷତି ହେବ।

ବୁଦ୍ଧିଆ : ତା ହେଲେ ତାଲିମପ୍ରାପ୍ତ ବନ୍ଧାଳୀର ତ ଚାହିଦା ଅଧିକ।

ଶୁକୁରୀ : ଅଧିକ ମାନେ ସରକାର ତାଙ୍କୁ ଅଗ୍ରୀମ ଟଙ୍କା ଦେଇ ଚୁକ୍ତିବଦ୍ଧ କରି ରଖିଥାନ୍ତି। ପତ୍ର ପାଗ ହେଲେ ସେମାନେ ବିଡ଼ା ବାନ୍ଧିବା କାମ କରିବେ।

ବୁଦ୍ଧିଆ : ସେମାନଙ୍କର ପାରିଶ୍ରମିକ ତା ହେଲେ ଅଧିକ ଥିବ।

ଶୁକୁରୀ : ସରକାର ସେମାନଙ୍କୁ କୁଶଳୀ କାରିଗର ହିସାବରେ ପାରିଶ୍ରମିକ ଦିଅନ୍ତି। ତା ଛଡ଼ା ପ୍ରତ୍ୟେକ କୁଶଳୀ ବନ୍ଧାଳୀମାନଙ୍କୁ ସରକାର ୫ଲକ୍ଷ ଟଙ୍କାର ବୀମା ପ୍ରଦାନ କରନ୍ତି।

ବୁଦ୍ଧିଆ : ପାରିଶ୍ରମିକ ... ତା ସାଙ୍ଗରେ ପୁଣି ବୀମା।

ଶୁକୁରୀ : ଖାଲି ସେତିକି ନୁହେଁ ତା ଛଡ଼ା ପ୍ରତି ବର୍ଷ ଗୋଟାଏ ମଶାରୀ, ଗୋଟାଏ କମ୍ବଳ ଆଉ ଗୋଟାଏ ଲଣ୍ଠନ ମିଳେ।

ବୁଦ୍ଧିଆ : ସରକାର ତା ହେଲେ ସେମାନଙ୍କ ପାଇଁ ଅନେକ ସାହାଯ୍ୟ ରଖିଛନ୍ତି।

ଶୁକୁରୀ : ସରକାର ନୁହନ୍ତି ବରଂ କେନ୍ଦୁପତ୍ର ବୋଲି କୁହ।

ବୁଦ୍ଧିଆ : କେନ୍ଦୁପତ୍ର ?

ଶୁକୁରୀ : କେନ୍ଦୁପତ୍ର ନ ଥିଲେ ଏତେ ଟଙ୍କା ରାଜକୋଷକୁ ଆସିଥାଆନ୍ତା ନା ସରକାର ଆମ ମଙ୍ଗଳ ପାଇଁ ଏତେ ଟଙ୍କା ଖର୍ଚ୍ଚକରିଥାନ୍ତେ। ସେଇଥି ପାଇଁ କହୁଛି ଏ କେନ୍ଦୁପତ୍ର ହିଁ ଆମକୁ ଅନେକ ବାଟରେ ବି ପଇସା ରୋଜଗାର କରାଉଛି। ଯେଉଥି ପାଇଁ ଆମ ସଂସାର ଆରାମରେ ଚଳୁଛି। ହଉରେ ପୁଅ ବୁଦ୍ଧିଆ ମୁଁ ଏବେ ଆସୁଛି ପରେ ଆଉ ଅନ୍ୟ କଥା ହେବା। (ପ୍ରସ୍ଥାନ)

## ୪ର୍ଥ ଦୃଶ୍ୟ

(ମୁନସୀ ବସିଥାନ୍ତି ଆସି ପହଞ୍ଚିଥାନ୍ତି ସାବନୀ ଆଉ ମକୁରୁ)

ମୁନସୀ : କଣ ମକୁରୁ ଆଉ ସାବନୀ। ସବୁ ଭଲ ତ, ଏ ବର୍ଷର ପ୍ରଥମ ପତ୍ର ଆଜି ଆରମ୍ଭ ହେଲା।

ସାବନୀ : ହଁ ମୁନସୀ ବାବୁ, ଆଜି ଆରମ୍ଭ କଲୁ।

ମକୁରୁ : ଆଉ ଦିନେ ୨ ଦିନରେ ପତ୍ର ଅଧିକ ପାକଳ ହେଇଯିବ। ସେତେବେଳକୁ ଅଧିକ ଅଧିକ ଆସିବ।

ମୁନସୀ : ହଉ ଦିଅ ତମ କାର୍ଡ଼ ଦିଅ, କେତେ କେତେ ବିଡ଼ା ହେଇଛି କୁହ ଲେଖିଦେବା।

ମକୁରୁ : ନିଅ ଆଜ୍ଞା ଏଇ କାର୍ଡ଼ ନିଅ ଆମ ଦୁଇଜଣଙ୍କର।

ମୁନସୀ : ପତ୍ରବିଡ଼ାତା ସେ ପାଖକୁ ରଖି ଦିଅ।

ସାବନୀ : ଏ ବର୍ଷ ଆଉ ଅଧିକ ପତ୍ର ଆଣିପାରିବି ନାହିଁ। ଅଣ୍ଟା ପିଠି ଗୋଡ଼ ବଥା କରୁଛି। ତେଣୁ ଯେତିକି ପାରିବି ଆଣିବି ନ ହେଲେ ପତ୍ର ଶୁଖା କାମରେ ଲାଗିବି।

ମକୁରୁ : ହଁ ଯେତିକି ପାରିବା କରିବା। ପରିଶ୍ରମ କାମ ନ କରିପାରିଲେ ହାଲୁକା କାମ କରିବା। ଯେମିତି ହେଲେ ଦି ପଇସା ଆସିଲେ ଗଲେ।

ସାବନୀ : ଏ କେନ୍ଦୁପତ୍ର ଗୋଟାଏ ଏମିତି ଜିନିଷ ଏଥିରେ ବଳୁଆ ଠାରୁ ଦୁର୍ବଳ ସମସ୍ତେ ବି ପଇସା ରୋଜଗାର କରିପାରିବେ। ଆରେ ଭଲ କଥାଟିଏ ମନେ ପଡ଼ିଲା। ତମେମାନେ ୧୦ଟଙ୍କା ଦେଇ ଏ ବର୍ଷ ପାଇଁ ନାଁ ପଞ୍ଜିକରଣ କରିଛ ନା ନାହିଁ।

ମକୁରୁ : ନାହିଁ ମ ଆଉ କେତେବେଳେ କଲୁ।

ସାବନୀ : ଆମର ଏଇ ପ୍ରଥମ ଯୋଉ ଟଙ୍କା ମିଳିବ ସେଥିରୁ ୧୦ ଟଙ୍କା କାଟି କରିଦେବ।

ମୁନସୀ : ସେ ୧୦ଟି ଟଙ୍କା ଦେଇଥିଲା ବୋଲି ଆର ଗାଁର ଶୁକ୍ରବାରୀ, ଦେଖିଲଟି କେତେ ଫାଇଦାରେ ରହିଲା।

ମକୁରୁ : ସେଇ ଯୋଉ ଶୁକ୍ରବାରୀ ମରିଗଲା ତ।

ମୁନସୀ : ହଁ ... ସରକାରଙ୍କ ବନବିଭାଗ ପୁରା ବ୍ୟବସ୍ଥା ଆମମାନଙ୍କ ପାଇଁ କରିଛନ୍ତି। ନ ହେଲେ ଏଇ ୧୦ ଟଙ୍କା ଦେଲେ କିଛି ଦୁର୍ଘଟଣା ପାଇଁ କିଏ ୫୦ ହଜାର ଟଙ୍କା ଦେବ କହିଲ।

ମକୁରୁ : ଆମ ଇଲାକାରେ ଏଇଟା ପ୍ରଥମ। ଶୁକ୍ରବାରୀ ପାଇଲା।

ମୁନସୀ : ଆମ ଇଲାକାରେ ସିନା ଏଇଟା ପ୍ରଥମ ହେଲେ ରେଞ୍ଜର ବାବୁ କହୁଥିଲେ ଆମ ଓଡ଼ିଶାରେ ୫୨୦ ଜଣ ଏହି ସୁବିଧାରେ ଟଙ୍କା ପାଇଲେଣି। ପାଖାପାଖି କେତେ ଗୋଟାଏ କହୁଥିଲେ ତ ହଁ ୨ କୋଟି ୬୦ଲକ୍ଷ ଟଙ୍କା ଏଇ ବାବଦରେ ଲୋକମାନେ ପାଇଲେଣି।

ସାବନୀ : ଯାହା ହେଉ ଆମ ଗରିବ ଗୁରୁବାଙ୍କୁ ଏଇ କେନ୍ଦୁପତ୍ର ହିଁ ସାହା।

ମକୁରୁ : ନୁହେଁ ଆଉ କଣ ?

ମୁନସୀ : ଖାଲି କଣ ସେତିକି ? ୪ ଜଣ ଲୋକ ମଧ୍ୟ ଦୁର୍ଘଟଣାରେ ଅକର୍ମଣ୍ୟ ହେଇଗଲେ ସେମାନଙ୍କୁ ମଧ୍ୟ ୨୫ ହଜାରେ ଲେଖାଏଁ ଦିଆଗଲା ଆଉ ଔଷଧ ଖର୍ଚ୍ଚ ବାବଦକୁ ମଧ୍ୟ ଟଙ୍କା ୭୦୦୦ ପାଖପାଖି ଖର୍ଚ୍ଚ କରାଯାଇଛି।

ମକୁରୁ : ଯାହା ହେଉ ଏଇ କେନ୍ଦୁପତ୍ର ପାଇଁ ଆମେ କେତେ ସୁବିଧା ସୁଯୋଗ ପାଉଛେ।

ସାବନୀ : ଆରେ କେତେ ସୁବିଧା କଣ କହୁଛୁ। କହୁନୁ ଡାରି ପାଇଁ ଆମେ କଷ୍ଟୁଛେ ଫେବୃଆରୀ ରୁ କାମ ଆରମ୍ଭ ହେଉଛି ଯେ ବୁଦାକଟା ପାଖରୁ ପତ୍ର ବନ୍ଧା ହେଇ ବିକ୍ରି ପର୍ଯ୍ୟନ୍ତ ପାଖାପାଖି ଡିସେମ୍ବର ମାସ ହେଇଯାଉଛି। ଆଉ ଯୋଉ ମାସେ ଦି ମାସ ରହିଲା ସେଥିରେ ଫଡ଼ିହର ମରାମତି କାମ ହେଉଛି।

ମୁନସୀ : ଠିକ୍ କଥା କହିଲୁ। ଏଇ ସମୟ ଭିତରେ ପାଖାପାଖି ୮ଲକ୍ଷ ଲୋକ କର୍ମ ପାଉଛନ୍ତି। ୮ଲକ୍ଷ ଲୋକ।

ମକୁରୁ : ୮ଲକ୍ଷ ଲୋକ। ହଁ ହଉଥିବ। ଆମେ କେଉଁଠୁ ସେ କଥା ଜାଣିବା।

ମୁନସୀ : ଦେଖ ପାଖାପାଖି ୭ ଲକ୍ଷରୁ ଅଧିକ ଲୋକ ପତ୍ର ତୋଳି ରୋଜଗାର କ୍ଷମ ହେଉଛନ୍ତି। ବୁଦା କାଟିବା ପାଇଁ ୧୮ ରୁ ୨୦ ହଜାର ଲୋକ ଡିଏ ବି ପତ୍ର ବିଡ଼ା ବନ୍ଧେଇ କାମ କରନ୍ତି। ସେମାନେ ହେଲେ କୁଶଳୀ କାରିଗର। ହେଲାନା ପାଖାପାଖି ୮ଲକ୍ଷ ଲୋକ।

ସାବନୀ : ଦେଖ ତ ଏଇ ପୃଥିବୀ ମା ର ବିଚିତ୍ର। ଗୋଟାଏ କେନ୍ଦୁପତ୍ର କେତେ ଲୋକଙ୍କୁ ରୋଜଗାର ଦେଉଛି।

ମୁନସୀ : ଜଣା ସିନା ପଡୁନି ହେଲେ ପୃଥିବୀ ମା ଆମ ପାଇଁ ତା ବକ୍ଷରେ ସବୁ ଜିନିଷ ସାଇତି ରଖିଛି। ଖାଲି ଆମେ ବୁଝି ତାକୁ ସାଇତି ରଖିଲେ ହେଲା।

ସାବନୀ : ହଉ ମୁନସୀ ବାବୁ ଆମେ ଆସୁଛୁ। ହେଲେ ଆମ ପାଉଣାରୁ ୧୦ ଟଙ୍କା କାଟି ଏ ବର୍ଷ ପାଇଁ ଆମର ନାଁ ଟା ପଞ୍ଜୀକୃତ କରିଦେବ।

ମକୁରୁ : ମୋର ବି କରିଦେବ। କିଏ ଜାଣେ କେତେବେଳେ କଣ ହେବ? ଆମେ ତ ପାକେଲା ବେଳ ହେଲୁଣି କେତେ ବେଳେ ଖସି ପଡ଼ିବୁ, କିଏ ଜାଣେ ?

ମୁନସୀ : ହଁ ନୁହେଁ ଆଉ କଣ ? ଠିକ ଅଛି ମୁଁ କରିଦେବି।
(ପ୍ରସ୍ଥାନ)

## ୫ମ ଦୃଶ୍ୟ

(ଫଡ଼ିଘର ପାଖରେ ଭିଡ଼ ହୋଇଥାନ୍ତି)

ମୁନସୀ : କାର୍ଡ଼ ଧରି ସମସ୍ତେ ଆସି କାହାର କେତେ ହେଉଛି ହିସାବ କରି ପଇସା ନିଅ।

ସାବନୀ: ମୋର ନିଅ ମୁନସୀ ବାବୁ ଦେଖ କେତେ ହେଉଛି ସେଥିରୁ ୧୦ଟଙ୍କା କାଟି ମୋ ନାଁଟା ପଞ୍ଜୀକରଣ କରିଦେବ।

ମୁନସୀ : ଏଇଠି ଟିପ। ବାସ ବାସ ...। ହଁ ହଁ ସେଇଠି। ଧର ତୋ ପଇସା ଧର। ମକୁରୁ ତୋର ଆଣ .....

ମକୁରୁ : ନିଅ .......

ମୁନସୀ : ଧର ତୋ ପଇସା ...

ବୁଦ୍ଧିଆ : ତୋର ଆଣ .......

ମୁନସୀ : ଧର ତୋ ପଇସା ...। ଆରେ ବୁଦ୍ଧିଆ ତୁ ସେ ବିଡ଼ାଗୁଡ଼ାକୁ ସବୁ ବୁରାରେ ରଖିଲୁ ତ

ବୁଦ୍ଧିଆ : ହଁ ଆଜ୍ଞା

ମୁନସୀ : ଗୋଟାଏ ବସ୍ତାରେ କେତେ ରଖୁଛୁ ?

ବୁଦ୍ଧିଆ : ଗୋଟିଏ ବସ୍ତାରେ ୧୨ଟି ୫ କିଲିଆ ବିଡ଼ା ରହୁଛି। ମାନେ ୧୨ ପଞ୍ଚା ୬୦ କିଲୋ।

ମୁନସୀ : ଠିକ୍ ଠିକ୍ ଦେଖୁକି ସବୁ ବୁରାରେ ୧୨ ବିଡ଼ା ରଖିବୁ ନା ଅଧିକ ନା କମ। କାରଣ ୧୦୦ ବସ୍ତାରେ ଏକ ଲଟ ବା ୬୦ କ୍ୱିଣ୍ଟାଲ। କମ୍ ବେଶୀ ହେଲେ ଭୁଲ ହେବ।

ବୁଦ୍ଧିଆ : ହଁ ଆଜ୍ଞା ସବୁ ଠିକ୍ ଠିକ୍ ସାଇଜ କରି ରଖୁଛି।

ମୁନସୀ : ତୁ ତ ଏବେ ସବୁ କାମ ଜାଣିଲୁଣି ବୁଦ୍ଧିଆ ଖାଲି ଏହି ବିଡ଼ା ବନ୍ଧା କାମଟା ଶିଖିଯା। ଶିଖିଗଲେ ତୁ ହେବୁ କୁଶଳୀ କାରିଗର। ତୋର ପାଉଣା ମଧ୍ୟ ବଢ଼ିଯିବ। ତୁ ଆଉ ଦିନ ମଜୁରିଆ ହିସାବରେ ନ ପାଇ ବିଡ଼ା ପିଛା ଧାର୍ଯ୍ୟ ଟଙ୍କା ପାଇବୁ।

ବୁଦ୍ଧିଆ : ହଁ ମୁନସୀ ବାବୁ ମୁଁ ବି ସେଇ କଥା ଭାବୁଥିଲି।

ମୁନସୀ : ତୁ ସେ କାମ ଠିକ୍ ଠିକ୍ ଶିଖିଥିଲେ ସରକାର ତରଫରୁ ଅଗ୍ରୀମ ଟଙ୍କା ଦେବେ। ତୋର ପିଲାପିଲି ଚଳିବା ପାଇଁ ମଧ୍ୟ ଆଉ କିଛି ଅସୁବିଧା ହେବନି।

ବୁଦ୍ଧିଆ : ମୁଁ ନିଶ୍ଚୟ ବିଡ଼ାବନ୍ଧା କାମଟା ଶିଖିଯିବି।

ମୁନସୀ : ଖାଲି ସେତିକି ନୁହେଁ। ତତେ କେତେ କଣ ସୁବିଧା ମିଳିବ। ସେମିତିକି ୫ ଲକ୍ଷ ଟଙ୍କାର ବୀମା ସରକାରଙ୍କ ତରଫରୁ ତତେ ମିଳିବ। ବର୍ଷକୁ ଥରେ ଲଣ୍ଠନ, ମଶାରୀ, କମ୍ବଳ, ହେଲଥ ଚେକଅପ କ୍ୟାମ୍ପରେ ମାଗଣା ସ୍ୱାସ୍ଥ୍ୟ ସେବା ସହିତ ଔଷଧ ମିଳିବ। ଚପଲ ମଧ୍ୟ ମିଳିବ।

ବୁଦ୍ଧିଆ : ହାଇଁ ମୁନସୀ ବାବୁ ମୁଁ ନିଶ୍ଚିତ ପତ୍ରବନ୍ଧା କାମଟା ଶିଖିଯିବି।

(ଏତିକିବେଳେ ଶୁକୁରୀ କାନ୍ଦି କାନ୍ଦି ଆସିଲା)

ଶୁକୁରୀ : ମୋ ସଂସାର ବୁଡ଼ିଗଲାଲୋ... ମୁଁ କାହା ସାହା ଭରସାରେ ବଞ୍ଚିବି ? ମୋ ସୁବିଧା ଅସୁବିଧାରେ କିଏ ସାହା ହେବଲୋ। କା ହାତ ଧରି ଆଉ ବାଟ ଚାଲିବି ? ମତେ ତ ଚାରିଆଡ଼ ଖାଲି ଅନ୍ଧାର ଦେଖାଯାଉଛି।

(ଏମିତି କହି କହି ଶୁକୁରୀ କାନ୍ଦୁଥାଏ)

ମୁନସୀ : ଆରେ ଶୁକୁରୀ ତୋର କଣ ହେଲା ? ତୁ ଏମିତି କାନ୍ଦୁଛୁ କାହିଁକି ?

ଶୁକୁରୀ : ମୋ ମରଦର କଣ ହେଲା ? ଗାଡ଼ିବାଲା ତାକୁ ଚାପି ଦେଲା।

ମକୁରୁ : ଆରେ ଆରେ ... କୋଉଠି ... କେମିତି ... ?

ସାବନୀ: ଆମ ପରିକା ବୁଢ଼ାଝାଡ଼ିଙ୍କୁ ନ ନେଇ ଏ ଟୋକଣ୍ଡିଆଟାକୁ କାହିଁକି ନେଇଗଲ ଭଗବାନ ?

ବୁଦ୍ଧିଆ : ଖୁଡ଼ୀ ତୁ ଆଉ କାନ୍ଦନା। ଯାହାତ ହେବାର ଥିଲା ହୋଇଗଲାଣି। ଆଉ କଣ ଦାଦା ଫେରିବ ?

ମୁନସୀ : ତୁ ଟିକେ ଧୈର୍ଯ୍ୟ ଧର ଶୁକୁରୀ। ତତେ ଏଇ କେନ୍ଦୁପତ୍ର ସାହା ହେବ। ତୁ କଣ ଜାଣିନୁ ତୋ ମରଦକୁ ସରକାର ସାହା ହେବ ବୋଲି ? ସେ ପରା ତାଲିମ ପ୍ରାପ୍ତ କୁଶଳୀ କେନ୍ଦୁପତ୍ର ବିଡ଼ା ବନ୍ଧାଳୀ ? ତୋର କିଛି ଅସୁବିଧା ହେବନି ? ମୁଁ ତୋ ବିଷୟରେ ନିଶ୍ଚିନ୍ତ। ରେଞ୍ଜର ବାବୁଙ୍କ ସହିତ କଥା ହେବି। ନିଶ୍ଚେ କିଛି ବ୍ୟବସ୍ଥା କରିବି।

ଶୁକୁରୀ : ମୋ ସଂସାର ଭାସିଗଲା ... ମୁଁ କେମିତି ବଞ୍ଚିବି ... ?

ମୁନସୀ : ଏ ମକୁରୁ, ସାବନୀ ଯା ଶୁକୁରୀକୁ ନେଇ ଗାଁକୁ ଚାଲ ମୁଁ ତା ପାଇଁ କିଛି ଗୋଟାଏ ବ୍ୟବସ୍ଥା କରି ଯାଉଛି ?

ମକୁରୁ : ଶୁକୁରୀ ଚାଲ ... ଆଉ ଅଧୈର୍ଯ୍ୟ ହୋନା ଚାଲ ଗାଁକୁ ଚାଲ।

ସାବନୀ: ଚାଲ ଲୋ ଶୁକୁରୀ ଚାଲ ...
(କହି କହି ପ୍ରସ୍ଥାନ)

ବୁଦ୍ଧିଆ : ମୁନସୀ ବାବୁ ଆପଣ ପରା କହୁଥିଲେ ସରକାର ବୀମା କରିଛନ୍ତି ବୋଲି ତେବେ ଖୁଡ଼ୀ କଣ ସେ ବୀମା ପାଇବ ?

ମୁନସୀ : ଯେହେତୁ ଦୁର୍ଘଟଣାଜନିତ ମୃତ୍ୟୁ ହେଲା ତେଣୁ ନୋମିନୀକୁ ୭୫ହଜାର ଟଙ୍କା ମିଳିବ ଆଉ ତାର ଦୁଇ ପିଲା ଯିଏକି ୯ ରୁ ୧୨ କ୍ଲାସ ଭିତରେ ପଢୁଥିବ ତାକୁ ୧୨୦୦ଟଙ୍କା ଦୁଇଟି କିସ୍ତିରେ ମିଳିବ। ମୁଁ ଆମ ରେଂଜର ବାବୁଙ୍କ ସହିତ କଥା ହେଇ ସେ ବ୍ୟବସ୍ଥା କରିବି।

ବୁଦ୍ଧିଆ : ମୁଁ ତା ହେଲେ ଗାଁକୁ ଯାଉଛି।

ମୁନସୀ : ଚାଲ ଚାଲ ମୁଁ ବି ତୋ ସାଙ୍ଗରେ ଯିବି।

୬ଷ୍ଠ ଦୃଶ୍ୟ

(ଗାଁରେ ସମସ୍ତେ ଅଛନ୍ତି। ସମସ୍ତେ ବସି ଭାବୁଥାନ୍ତି। ଶୁକୁରୀର କଣ ହେବ। ଏତିକି ବେଳେ ପହଞ୍ଚନ୍ତି ମୁନସୀ ଆଉ ବୁଦ୍ଧିଆ)

ମକୁରୁ : ହେଇ ତ ମୁନସୀ ବାବୁ ଆସିଲେଣି।

ସାବନୀ: ଆସନ୍ତୁ ମୁନସୀ ବାବୁ ଏଇଠି ବସନ୍ତୁ।

ମୁନସୀ : ହଁ ... ହଁ ... ମୁଁ ଏଇଠି ବସୁଛି।

ମକୁରୁ : ଆମେ ତ ହେଲେ ଗରିବ ଗୁରୁବା ଲୋକ। ଏମିତିକା ଅଘଟଣ ଘଟିଲେ ଆମ ସଂସାର ଚାଲିବ କେମିତି ?

ମୁନସୀ : ତମେମାନେ ବ୍ୟସ୍ତ ହୁଅନି। ମୁଁ ଭୂମି ପୂଜା ଦିନ କହିଥିଲି ଆଜି ବି କହୁଛି ମାଟି ମା ଆମର ସାହା ଭରସା। ସିଏ ସମସ୍ତଙ୍କ ପାଇଁ ତା ହୃଦୟରେ ସବୁ ସଜେଇ ରଖିଛି। ଏହି କେନ୍ଦୁପତ୍ର ପାଇଁ ଆଜି ଶୁକୁରୀର କିଛି ବି ଅସୁବିଧା ହେବନି।

ମକୁରୁ : କେମିତି ?

ବୁଦ୍ଧିଆ : ଦାଦାଙ୍କ ପାଇଁ ସରକାର କରିଥିବା ଜୀବନ ବୀମାରୁ ଖୁଡ଼ିକୁ ମିଳିବ ୭୫୦୦୦ଟଙ୍କା। ଆଉ ତାଙ୍କର ଦୁଇ ଛୁଆ ଯେହେତୁ ୯-୧୨ କ୍ଲାସ ଭିତରେ ଅଟନ୍ତି ତେଣୁ ତାଙ୍କୁ ୨ଟି କିସ୍ତିରେ ୧୨୦୦ଟଙ୍କା ମିଳିବ। ତାକୁ ଛାଡ଼ିଲେ ଖୁଡ଼ୀ ତ ଏମିତି କେନ୍ଦୁପତ୍ର ତୋଳି ଯାହା ଟଙ୍କା ପାଉଥିଲେ ପାଇବେ।

ମୁନସୀ : ବୁଦ୍ଧିଆ ଠିକ୍ କଥା କହିଛି। ତେଣୁ ଆମେମାନେ ଆଜି ସମସ୍ତେ କେନ୍ଦୁପତ୍ର ପାଇଁ ଗର୍ବ ଅନୁଭବ କରିବା କଥା। କାରଣ ଆମର ଜୀବନ ଜୀବିକା ବିତେଇବାରେ କେନ୍ଦୁପତ୍ର ଆମକୁ ଅନେକ ସାହାଯ୍ୟ କରିଛି ପ୍ରତ୍ୟକ୍ଷ ଭାବରେ ଏବଂ ପରୋକ୍ଷ ଭାବରେ।

ମକୁରୁ : ତା ଛଡ଼ା କେନ୍ଦୁପତ୍ରରୁ ହେଉଥିବା ଲାଭ ପାଇଁ ସରକାର ଆମମାନଙ୍କ ପରି ଲୋକ ଯେଉଁମାନେ କେନ୍ଦୁପତ୍ର ଉପରେ ନିର୍ଭରଶୀଳ ତାଙ୍କ ପାଇଁ ଅନେକ ଯୋଜନା ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟମାନ କରନ୍ତି।

ସାବନୀ: ଯେମିତିକି ହେଲଥ ଚେକଅପ୍ କ୍ୟାମ୍ପ, ମାଗଣା ଔଷଧୀ ବଣ୍ଟନ ପାଣି ପାଇଁ ନଳକୂପ ଖନନ, ଚପଲ, ମସାରୀ, ଲଣ୍ଠନ, କମ୍ବଳ ଇତ୍ୟାଦି ଆମକୁ ଦିଅନ୍ତି।

ବୁଦ୍ଧିଆ : ତା ଛଡ଼ା ଫାଙ୍କା ସମୟରେ ମାନେ ଯେତେବେଳେ କେନ୍ଦୁପତ୍ର କାମ ସରିଯାଏ, ସେତେବେଳେ ଫଡ଼ି ଘର ମରାମତିରେ ମଧ୍ୟ ଆମେ କାମ କରି ମଜୁରୀ ପାଉଥାଉ।

ମୁନସୀ : ତେଣୁ ବର୍ଷକ ବାରମାସ ଯେମିତି ହେଲେ ଆମେ କେନ୍ଦୁପତ୍ର ଉପରେ ନିର୍ଭର କରି ଦି ପଇସା ପେଟପାଟଣା ପାଇଁ ପାଇ ପାରୁଛୁ। ନା କଣ ଶୁକୁରୀ ?

ଶୁକୁରୀ : ଯାହା ହେଉ, ଆଜି କେନ୍ଦୁପତ୍ର ପାଇଁ ମୋର ଉଜୁଡ଼ା ସଂସାରଟା ପୁଣି ହସି ଖେଳି ଉଠିବା ପରି ଜଣାପଡୁଛି।

ମୁନସୀ : ଆଲୋ ଜଣା କଣ ପଡୁଛି। ଦେଖିବୁ କରଣ୍ଡ କେଇଟାରେ ତୋ ସଂସାର ପୁଣି ହସି ଖେଳି ଉଠିବ।

ସମସ୍ତେ: କେନ୍ଦୁପତ୍ର ହେଉଛି ପ୍ରକୃତିର ସବୁଜ ହୀରା। ଆମ ଜୀବନ ଜୀବିକାରେ ସାହାରା।

(ତା. ୧୬.୨.୨୦୧୩ରେ ଆକାଶବାଣୀରେ ପ୍ରସାରିତ)

❖

# ଆସ ନିଆଁ ଲିଭେଇବା

କନକ ବିହାରୀ ମହାପାତ୍ର

୧ମ ଦୃଶ୍ୟ

*(ଗ୍ରାମ ସଭାର ଆୟୋଜନ। ଶ୍ରୀ ମୁଖିଆଙ୍କ ସହିତ ଗ୍ରାମବାସୀ ବସି ଆଲୋଚନା କରୁଥାନ୍ତି। ନିଆଁଠାରୁ କିପରି ଜଙ୍ଗଲକୁ ସୁରକ୍ଷା ଦିଆଯାଇପାରିବ। କିଛି ଲୋକ ରାଜି ହେଉଥାନ୍ତି, କିଛି ଲୋକ ବିରୋଧ କରୁଥାନ୍ତି।)*

ମୁଖିଆ : ଭାଇ ଓ ଭଉଣୀମାନେ, ତମେମାନେ ସମସ୍ତେ ଜାଣିଛ ଏଇ ଜଙ୍ଗଲ ଆମର ଜୀବନ। ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାର କରି ବିକ୍ରିକରି ଆମେ ଆମର ଗୁଜୁରାଣ ମେଣ୍ଟାଉଛେ। ତେଣୁ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଲା ଜଙ୍ଗଲକୁ ସୁରକ୍ଷା ଦେବା।

ରାଧୁଆ : ଠିକ୍ କଥା କହିଛ ମୁଖିଆ ଆଜ୍ଞା।

ସୀତା : ଠିକ୍ କଥାକଣ କହୁଛ ? ଆମେ କୋଉ ନ କରୁଛୁ କି ?

ମୁଖିଆ : ତମେମାନେ ତ ନ କରୁଛ ବୋଲି ମୁଁ କହୁନି। ତଥାପି ଆମର କର୍ତ୍ତବ୍ୟ ବିଷୟରେ ଆମେ ସଜାଗ ରହିବା ନିହାତି ଜରୁରୀ।

ରାଧୁଆ : ଯେତେ ଜାଣିଲେ ବି ଯୋଜନାବଦ୍ଧ ଭାବରେ କାମ ନ କଲେ ସଫଳତା ମିଳିବା କଷ୍ଟ ହେବ।

ସବିତା : ସେ କଥା ଜହିର ମାନିଲି, ଏତେ ବଡ଼ ଜଙ୍ଗଲକୁ ମିଳିତ ଭାବେ ନ ଜଗିଲେ ଜଣେ କଣ ସୁରକ୍ଷା ଦେଇପାରିବ ?

ମୁଖିଆ : ସେଇଥିପାଇଁ ତ ଏ ଗ୍ରାମ ସଭା ଡକାଯାଇଛି। ଆମେ କଣ କଣ ଯୋଜନା କରିବା, କେମିତି ସବୁ ଶୃଙ୍ଖଳିତ ଭାବେ ଯୋଜନାବଦ୍ଧ କାମକୁ ଫଳପ୍ରଦ କରିବା ସେଇ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା।

ବଇଁଶୀ : ମଲା ଏଇଟା କୋଉ ନୂଆ କଥା କହିଲୁ ? ଆଜି କଣ ଆମେ ଏ ନୂଆ କାମ କରିବା ନା କଣ ? କରି କରି ପରା ଦରବୁଢ଼ା ହେଲେଣି।

ମୁଖିଆ : ତୋର ଯୋଉ କଥା ବଇଁଶୀ। ଡାଳ ଗଛକୁ ଫୋପଡ଼ ମାରିବା ପରି। ଆରେ ଆଲୋଚନା ମାଧ୍ୟମରେ କେମିତି କାମଟା ସୁରୁଖୁରୁରେ କରିବା ଯୋଜନା କରିବାଟା କଣ ଭୁଲ ?

ସବିତା : ଦେଖ ବଇଁଶୀ ତୋର ଏମିତି କହିବାଟା ଠିକ୍ ହେଉନି।

ରାଧୁଆ : ହଁ ... ହଁ ... ବଇଁଶୀ। ତୋର ଏପରି ବ୍ୟବହାର ଗ୍ରାମ ସଭା ପାଇଁ ବେଇଜତ୍।

ମୁଖିଆ : ବଇଁଶୀ ତମେ କଥଟା ବୁଝ। ଉତ୍ତେଜିତ ହୁଅନି।

ବଇଁଶୀ : ମୁଁ କଣ ଏମିତି ଭୁଲ କଥାଟିଏ କହିଲି ଯେ ମୋ ଉପରେ ସମସ୍ତେ ଚଢ଼ିଯାଉଛ ?

ମୁଖିଆ : ଏଇଟା ସମ୍ମିଳିତ କାମ। ସମସ୍ତେ ଯାହା ଠିକ୍ ଭାବିବେ, ସେଇଟା ଆମକୁ କରିବାକୁ ପଡ଼ିବ।

ବଇଁଶୀ : ଯଦି ମୋ କଥା ଏତେ ଖରାପ ତେବେ ମୁଁ ଚାଲିଯାଉଛି। ସମସ୍ତେ ମିଶି ଯାହା କରିବା କଥା କର।

(ପାଟିତୁଣ୍ଡ ଗଣ୍ଡଗୋଳର ଶବ୍ଦ। ଏମିତି ହେବନି। ବଇଁଶୀ କାହିଁକି ଏମିତି କହିଲା ? ସିଏ କଣ ବଡ଼ ବାହାଦୁରିଆ। ଏମିତି ଅନେକ କଥା କହି ପାଟିତୁଣ୍ଡ ଶୁଭୁଥାଏ।)

ମୁଖିଆ : ଭାଇ ଓ ଭଉଣୀମାନେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ସମସ୍ତେ ଟିକେ ଚୁପ ହେଇଯାଆନ୍ତୁ।

(ଧୀରେ ଧୀରେ ପାଟିତୁଣ୍ଡ କମି କମି ଶେଷରେ ନିଃଶବ୍ଦ ହେଇଗଲା।)

ଦେଖନ୍ତୁ ଆମେ ଆମ ଭିତରେ ଏମିତି ପାଟିତୁଣ୍ଡ କଲେ କଣ କିଛି ସୁଫଳ ମିଳିବ। ବରଂ ଆମ ସମସ୍ତଙ୍କର କ୍ଷତି ହେବ। ତେଣୁ ମୁଁ ଯାହା କହୁଛି ସମସ୍ତେ ଶୁଣନ୍ତୁ। ଯଦି କାହାକୁ ନାପସନ୍ଦ ହୁଏ ତେବେ ସେ ଛିଡ଼ା ହୋଇ ତାର ମତ ପ୍ରକାଶ କରିବ। ସେ ବିଷୟରେ ପୁଣି ଆମେ ଆଲୋଚନା କରିବା।

ସବିତା : ହଁ ମୁଖିଆ ଆଜ୍ଞା ଆପଣ କୁହନ୍ତୁ।

ମୁଖିଆ : ଦେଖ ବଇଁଶୀ ତମର ବି କହିବାର ଅଧିକାର ଅଛି। କିନ୍ତୁ ପରିମାର୍ଜିତ ଭାବରେ କହିଲେ ତାହାକୁ ସମସ୍ତେ ଗ୍ରହଣ କରିବେ।

ବଇଁଶୀ : ହଁ ଆପଣ ଯାହା କହିବା କଥା କୁହନ୍ତୁ।

ମୁଖିଆ : ଦେଖ ଖରାର ପ୍ରକୋପ ବଢ଼ିବାକୁ ଲାଗିଲାଣି। ବରଷା ଏବେ ହେବାର ସମ୍ଭାବନା ନାହିଁ। ତେଣୁ ଜଙ୍ଗଲର ଗଛପତ୍ର ଶୁଖି ପତ୍ରଝଡ଼ା ହେବ।

ରାଧୁଆ : ହଁ... ହଁ... ଜଙ୍ଗଲରେ ଏବେ ଯେତେ ପତ୍ର ପଡ଼ି ଗଦା ହୋଇଯିବ।

ସବିତା : ଏତିକିବେଳେ ପତ୍ର ଯେତେ ପାରି ଗଦେଇ ରଖିଲେ ବରଷା ଦିନରେ ଜାଳେଣୀ ହେବ। ନା କଣ କହୁଛ ?

ମୁଖିଆ : ସେ କଥା ତ ଠିକ୍, ହେଲେ ଜଙ୍ଗଲଯାକର ପତ୍ର କଣ ଆମେ ଆଣିପାରିବା।

ରାଧୁଆ : ଯେତିକି ପାରିବା ସେତିକି ଆଣିବା।

ସବିତା : ଯାହା ରହିଯିବ ରହିଯାଉ।

ମୁଖିଆ : କଥା ତ ସେଇଠି। ଯାହା ରହିଯିବ ସିଏ ଜଙ୍ଗଲ ପାଇଁ ଯେତିକି ଦରକାରି ସେତିକି ମଧ୍ୟ କ୍ଷତିକାରକ।

ସବିତା : ମାନେ ଯେତିକି ଲାଭ ସେତିକି କ୍ଷତି।

ରାଧୁଆ : ଏଇଟା କେମିତିକା କଥା କି ?

ମୁଖିଆ : ଆରେ ବଇଁଶୀ ତମେ ଏମିତି ଏକବାରେ କଣ ଚୁପ୍ ହୋଇଗଲଣି।

ବଇଁଶୀ : ମଲା ମୋ କଥା ତ ସମସ୍ତିଙ୍କୁ ଗନ୍ଧଉଛି। ମୁଁ ପଦେ କହିଲେ ଦଶପଦ ଶୁଣିବାକୁ ପଡ଼ୁଛି। ତା ଠାରୁ ଭଲ ଚୁପ୍ ରହିବା।

ମୁଖିଆ : ଆରେ ଏମିତି ଅଭିମାନ କଲେ କଣ ଚଳିବ ? ତମେ ଯଦି ଏମିତି ଚୁପ୍ ରହିବ ଆମେ କଣ ଜଙ୍ଗଲ ରକ୍ଷା କରିପାରିବୁ ? ଏଥିପାଇଁ ସମସ୍ତଙ୍କର ସହଯୋଗ ନିହାତି ଦରକାର।

ସବିତା : ନୁହେଁ ଆଉ କଣ ? ଏ ଜଙ୍ଗଲ କଣ ଆମ ବାଡ଼ି ହୋଇଛି ଯେ ଆମେ ବାଡ଼ ଘେରେଇ ତାର ରକ୍ଷାକରିବା ?

ରାଧୁଆ : ଯୋଜନ ଯୋଜନ କୋଶ ଦୂର। ସମସ୍ତେ ଚାହିଁଲେ ଯାଇ ତାର ସୁରକ୍ଷା ସମ୍ଭବ ହେବ।

ମୁଖିଆ : ସେଇଥିପାଇଁ ପରା ଆମେ ଏଠି ବସି ଦଳଗତ ଆଲୋଚନା କରୁଛେ। ନ ହେଲେ ତ ମୁଁ ଏକୁଟିଆ ସବୁ କରି ପକେଇଥାନ୍ତି।

ବଇଁଶୀ : (ଅଭିମାନ ଭରା କଣ୍ଠରେ) ହଉ କୁହନ୍ତୁ। ଯାହା କହିବେ ମୁଁ କରିବି।

ସବିତା : ହଁ ମୁଖିଆ ଆଜ୍ଞା ଯୋଉ କହୁଥିଲେ ଲାଭ ଯେତିକି କ୍ଷତି ସେତିକି। ସେଇଟା କେମିତି ?

ମୁଖିଆ : ହଁ ଶୁଣ, ଲାଭ ହେଲା ଆମେ ଜାଳ ପାଇଲେ, ବର୍ଷାଜଳ ସୂର୍ଯ୍ୟତାପରୁ ଶୀଘ୍ର ବାଷ୍ପୀଭୂତ ହେବ ନାହିଁ। ଛୋଟ ଛୋଟ ଜୀବ ଯେମିତିକି ସାପ, ପୋକଜୋକ ଇତ୍ୟାଦି ପତ୍ର ତଳେ ଖରାତାପରୁ ରକ୍ଷା ପାଇବେ। ସବୁଠାରୁ ବଡ଼ କଥା ହେଲା ଏଇ ପତ୍ର ବର୍ଷାଜଳରେ ପଚିଗଲେ ଭଲ ଖତସାର ହେବ ଜଙ୍ଗଲ ପାଇଁ।

ରାଧୁଆ : ଏ ସବୁ ଲାଭ ବିଷୟରେ ତ ମୁଁ ଜାଣିଥିଲି, ହେଲେ କ୍ଷତି, କ୍ଷତି କଣ ?

ମୁଖିଆ : ଥରେ ଚିନ୍ତା କର ଯଦି ଏହି ଶୁଖିଲା ପତ୍ରରେ ନିଆଁ ଲାଗେ ତେବେ ଅବସ୍ଥା କଣ ହେବ ?

ସବିତା : ସତେ ତ ..., ସବୁ ଜଳିପୋଡ଼ି ପାଉଁଶ ହୋଇଯିବ।

ମୁଖିଆ : ଏବେ ବୁଝିଲ ତ ରହିବ ଯେତିକି କ୍ଷତି ସେତିକି ଲାଭ।

ବଇଁଶୀ : ସେଇ କ୍ଷତିକୁ ଲାଭରେ ପରିଣତ କରିବା ପାଇଁ ତ ଆମର ଏ ଆଲୋଚନା ?

ମୁଖିଆ : ବୁଝିଲ ବଇଁଶୀ ତମର ଏ କଥା ପଦକ କେତେ ସୁନ୍ଦରିଆ ଲାଗିଲା ଶୁଣିବାକୁ କହିଲ ? ତମେ ଚୁପ୍ ବସିଲେ କଣ ଆମକୁ ଭଲ ଲାଗୁଛି ?

ସବିତା : ହଉ ବଇଁଶୀ ତୁ ତା ହେଲେ କହ ତୋର ଏହି କଥା କହିବାର ଉଦ୍ଦେଶ୍ୟ କଣ ଥିଲା ?

ବଇଁଶୀ : ମୋର କହିବାର କଥା ଥିଲା ଏଇଆ ଯେ ସେଇ ପତ୍ର ଯେମିତି ଜଙ୍ଗଲରେ ପଡ଼ି ରହିବ। ସବୁ ଉପକାର ଆମେ ପାଇବା ହେଲେ ନିଆଁ ପରିବା କ୍ଷତିକୁ ଆମେ ତା ପାଖରେ ପହଞ୍ଚିବାକୁ ଦେବା ନାହିଁ।

ମୁଖିଆ : ଆଜି ଆମର ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହେଲା ସେଇଆ।

ସବିତା : ତା ମାନେ ଆମେ ଆମ ଜଙ୍ଗଲକୁ କେମିତି ନିଆଁ ହାତରୁ ରକ୍ଷା କରିବା।

ରାଧୁଆ : ନିଆଁକୁ ଯଦି ଆମେ ଆମ ଆୟତ୍ତରେ ନ ରଖିବା ତା ହେଲେ ଜଙ୍ଗଲରୁ ଆମକୁ ଯେଉଁ ଜଙ୍ଗଲଜାତ ଦ୍ରବ୍ୟ ମିଳୁଛି ସେ ସବୁ ଯିବ।

ମୁଖିଆ : ଯିବ ମାନେ ଜଳିପୋଡ଼ି ପାଉଁଶ ହୋଇଯିବ। କାହାରି କାମରେ ଆସିବ ନାହିଁ।

ରାଧୁଆ : ମୁଖିଆ ଆଜ୍ଞା ଆପଣ ଯୋଜନା ମୁତାବକ ଖସଡ଼ାଟିଏ ପ୍ରସ୍ତୁତ କରନ୍ତୁ। ଆମେ ସମସ୍ତେ ସେହି ହିସାବରେ କାମ କରିବା।

ମୁଖିଆ : ତା ହେଲେ ଠିକ୍ ଅଛି, ମୁଁ ତିଆରି କରି ଦେଉଛି। ଆଉଦିନେ ବସି ଆମେ କାମର ଖସଡ଼ା ବିଷୟରେ ଆଲୋଚନା କରିବା।

ସମସ୍ତେ: ଠିକ୍ ଅଛି।

ମୁଖିଆ : ଏଥର ଚାଲ ଯିବା ...(ସମସ୍ତେ ପ୍ରସ୍ଥାନ)

## ୨ୟ ଦୃଶ୍ୟ

*(ବଇଁଶୀ ଯାଉଥାଏ। ଆସି ପହଞ୍ଚେ ସୀତା)*

ସୀତା : ଆରେ ହେ ବଇଁଶୀ କାଲି ଯୋଉ ସଭା ହେଉଥିଲା ସେଠିକୁ ଯାଉଥିଲୁ ନା ନାହିଁ ବା ?

ବଇଁଶୀ : କାହିଁ ତୁ ଯାଇ ନ ଥିଲୁ କି ?

ସୀତା : ମଲା ... ମୁଁ ଯାଇଥିଲେ କଣ ତୁ ମତେ ଦେଖିନଥାନ୍ତୁ। ତୋର ଯୋଉ କଥା ...।

ବଇଁଶୀ : ତୁ ବି ମତେ ସେଇ କଥା କହୁଛୁ, ମୋର ଯୋଉ କଥା, ମୁଁ କଣ କହିଲି ଯେ ତତେ ?

ସୀତା : ମଲା ମୋର ଏମିତି କାହିଁକି ରାଗି ଯାଉଛୁ ବା।

ବଇଁଶୀ : ରାଗିବନି। ସଭାରେ ବି ସେମିତି ମୋ ଉପରେ ସମସ୍ତେ ଝପଟି ପଡ଼ିଲେ, କହିଲେ କଣ ନା ମୁଁ ଯାହୁ ସିଆହୁ କହି କୁଆଡ଼େ ସଭାର ସମ୍ମାନହାନୀ କରୁଛି।

ସୀତା : ଓଃ ... ତା ହେଲେ ସେ ରାଗ ମୋ ଉପରେ ଝାଡ଼ୁଛୁ। ନାହିଁ ...।

ବଇଁଶୀ : କହୁନୁ ... ଏଇ ଆମ ଜଙ୍ଗଲ ସୁରକ୍ଷା କରିବା କଥା। ଏଇଟା କଣ ଆମ ପାଇଁ ନୂଆ। ମୁଖିଆ ସେଇ କଥା କହି ବକର ବକର ହେଉଥିଲା ମୁଁ କହିଲି ସେ କଥା ମୁଁ ଜାଣିଛି। କଣ ନୂଆ କଥା ଜାଣିଛ କୁହ। ଏତିକିରେ ମୋ ଉପରେ ସମସ୍ତେ ମାଡ଼ି ବସିଲେ।

ସୀତା : ଆରେ ତୁ ଥରେ ଥଣ୍ଡା ମୁଣ୍ଡରେ ଚିନ୍ତା କର। ଏମିତି ସଭାସମିତିରେ କଣ କୁହାଯାଏ। ତୁ ସିନା ଜାଣିଛୁ ହେଲେ ନୂଆ ଲୋକ ବି କିଛି ଥିବେ ଯିଏ ସେ କଥା ଜାଣି ନ ଥିବେ। ସେମାନେ ପୁଣି କେମିତି ଶିଖିବେ ?

ବଇଁଶୀ : ତା ମାନେ ତୁ କହୁଛୁ ମୁଁ ଭୁଲ୍ ଆଉ ସମସ୍ତେ ଠିକ୍।

ସୀତା : ସେ କଥା ମୁଁ କେତେବେଳେ କହିଲି ?

ବଇଁଶୀ : ନାହିଁ ଆଉ କଣ ? ତୋ କହିବାର ମାନେ ତ ସେଇଆ।

ସୀତା : ହଉ ସେ କଥା ଛାଡ଼ କହ ତ କଣ ହେଲା ସେଠି ?

ବଇଁଶୀ : ମୁଖିଆ ଜଙ୍ଗଲ ସୁରକ୍ଷା ପାଇଁ ଯୋଜନା ମୁତାବକ ଖସଡ଼ା ତିଆରି କରିବେ। ଆଉ ସମସ୍ତେ ମିଶି ଏକ ସମୟରେ କାମ କରିବା ଆରମ୍ଭ କରିବେ।

ସୀତା : ତା ହେଲେ ଯୋଜନା ପ୍ରସ୍ତୁତ ହେଇନି ?

ବଇଁଶୀ : ନା ...ଦିନେ ଦୁଇଦିନରେ ହେଇଯିବ।

ସୀତା : ଯା ହଉ ତୋ ଠାରୁ ବୁଝିନେଲି। ନ ହେଲେ ମୁଁ କିଛି ଜାଣି ପାରି ନ ଥାନ୍ତି।

ବଇଁଶୀ : ପଅରିଦିନ ସଭାକୁ ଆସିବୁ ସବୁ ବୁଝିଯିବୁ।

ସୀତା : ହଁ .. ହଁ ..ମୁଁ ନିଶ୍ଚିତ ଆସିବି।

ବଇଁଶୀ : ମୁଁ ତା ହେଲେ ଆସୁଛି ... (ପ୍ରସ୍ଥାନ )

(ଏତିକି ବେଳକୁ ପ୍ରବେଶ କରେ ସବିତା।)

ସବିତା : ଆଲୋ ସୀତା କୁଆଡ଼େ ଯାଉଥିଲୁ କି ? କାହିଁ ସେ ଦିନ ସଭାକୁ ଆସି ନ ଥିଲୁ ତ ?

ସୀତା : ହଁ ପରା ଟିକେ ଅସୁବିଧା ହେଇଗଲା ଯାଇ ପାରିଲି ନାହିଁ। ସେଇଥି ପାଇଁ ବଇଁଶୀକୁ ପଚାରୁଥିଲି। ଆଲୋ ସବିତା ସେ ବଇଁଶୀର କଣ ହେଉଛି କି ? ସେ ଏମିତି ଗାରୁ ଗାରୁ ହେଉଛି ?

ସବିତା : ଅଣଚିହ୍ନାଟାଏ ମ ..? କଥାରୁ କଥା କାଢୁଛି।

ସୀତା : ହଁ ମ ସେମିତି ଜଣା ପଡୁଥିଲା। ଛାଡ଼ ଯିଏ କଣ ହେଲା ଆମର ସେଥିରେ କଣ ଅଛି ? ଜଙ୍ଗଲ ରକ୍ଷା ହେଲେ ଆମର କଥା ସରିଲା।

ସବିତା : ହଁ ନୁହେଁ ଆଉ କଣ ? ହଉ ଯା ଯୁଆଡ଼େ ଯାଉଥିଲୁ। ମୁଁ ବି ଯାଉଛି। (କହି ପ୍ରସ୍ଥାନ)

## ୩ୟ ଦୃଶ୍ୟ

*(ସଭାକାର୍ଯ୍ୟ ଆରମ୍ଭ ହୁଏ। ସମସ୍ତ ଗ୍ରାମବାସୀ ଏବଂ ମୁଖିଆ ଉପସ୍ଥିତ ଥାଆନ୍ତି।)*

ମୁଖିଆ : (କୋଳାହଳ ମଧ୍ୟରୁ ହଠାତ୍ ଶୁଭିଲା) ସମସ୍ତେ ଶୁଣନ୍ତୁ, ମୁଁ ଯାହା ଯୋଜନା କରିଛି ଆପଣମାନଙ୍କ ଅନୁମତି ପାଇଁ ପଢୁଛି। ଯଦି କାହାର କିଛି କହିବାର ଅଛି ସେମାନେ ଆରାମରେ କହିବା ପାଇଁ ଅନୁରୋଧ।

ସବିତା : ଆପଣ କୁହନ୍ତୁ ମୁଖିଆ ଆଜ୍ଞା।

ଗାଧୁଆ : ଆମେ ବା ଆଉ କଣ କହିବୁ ?

ମୁଖିଆ : ନା ଯେଉଁଠି ଆପଣମାନଙ୍କୁ ଲାଗିବ ଏଇଟା ଭୁଲ୍ ଆପଣମାନେ ନିଶ୍ଚିତ କହିବେ ଏବଂ ଆମେ ସମସ୍ତେ ମିଶି ଏହାକୁ ସଂଶୋଧନ କରିନେବା।

ବଇଁଶୀ : ଠିକ୍ ଅଛି, ଭୁଲ୍ ଥିଲେ ଆମେ କହିବୁ।

ମୁଖିଆ : ଜଙ୍ଗଲ ପାଇଁ ନିଆଁ ନିଶ୍ଚିତ ମାରାତ୍ମକ। ତେଣୁ ଆମେ ପ୍ରତ୍ୟେକ ପରିଦର୍ଶକମାନଙ୍କୁ ବିନମ୍ର ସହିତ କହିବା ସେମାନେ ଯେପରି କୌଣସି ପ୍ରକାରର ନିଆଁ ଜଙ୍ଗଲରେ ଛାଡ଼ି ଆସିବେ ନାହିଁ।

ସୀତା : କୌଣସି ପ୍ରକାରର ନିଆଁ ମାନେ ?

ମୁଖିଆ : ଯେମିତି ବଣଭୋଜି କରିବା ପରେ ଜାଗା ଛାଡ଼ିବା ପୂର୍ବରୁ ନିଆଁକୁ ପାଣି ଢାଳି ଲିଭାଇ ଆସିବେ।

ବର୍ଷଣୀ : ବିଡ଼ି ସିଗାରେଟ୍ ପିଇବା ଇତ୍ୟାଦି ଯିଏ ଟାଣୁଥିବ ସେମାନେ ଯେପରି ଅଧାଜଳା ବିଡ଼ି ସିଗାରେଟ୍ ପିକାକୁ ଲିଭାଇ ଜଙ୍ଗଲ ମଧ୍ୟରେ ପକାଇବେ ନାହିଁ।

ମୁଖିଆ : ତମେ ଠିକ୍ କଥା କହିଛ ବର୍ଷଣୀ, ସେଥିପାଇଁ ପରିଦର୍ଶକଙ୍କ ସହିତ ଆମେ ମଧ୍ୟ ସଜାଗ ହେବା ଜରୁରୀ।

ରାଧୁଆ : ଏଇଟା ସିନା ମନୁଷ୍ୟକୃତ ଯେ ଆମେ ଚେଷ୍ଟା କରିବା ବା ନ କରିବା, ହେଲେ ପ୍ରକୃତିକୁ କିଏ କଣ କରିବ।

ସବିତା : ପ୍ରକୃତି ...ସିଏ କଣ କରିବ ?

ରାଧୁଆ : ମଲା ତୁ ଭୁଲିଗଲୁ ନା କଣ ? ଗତ ବରଷ ପରା ପବନରେ ଡାଳକୁ ଡାଳ ଘଷି ହେଇ ସେଥିରୁ ନିଆଁ ବାହାରି ଜଙ୍ଗଲ ଜଳିଥିଲା।

ସୀତା : ନିଆଁ ସିନା ଲାଗିଥିଲା ହେଲେ ଜଙ୍ଗଲ ଜଳିବା ଆଗରୁ ଆମେ ପରା ପାଣି, ବାଲି ପକାଇ ନିଆଁକୁ ଲିଭାଇ ଦେଇଥିଲେ।

ମୁଖିଆ : ସେ କଥା ଠିକ୍। ଆମେ ସିନା ସଜାଗ ଥିବାରୁ ନିଆଁକୁ ରୋକିପାରିଲେ। ଯଦି ସଜାଗ ନ ଥାନ୍ତେ ତା ହେଲେ ସେ ଜଙ୍ଗଲ ଅବସ୍ଥା କଣ ହେଇଥାନ୍ତା କହନ୍ତୁ।

ବର୍ଷଣୀ : ସେ କଥା ଠିକ୍ ହେଲେ ଆମ ଲୋକ କୋଉ ଠିକ୍ କହନ୍ତୁ ?

ରାଧୁଆ : କାହିଁ ଆମ ଲୋକ କଣ ଅସୁବିଧା କଲେ ?

ସବିତା : ଲୋକ ଥିଲେ ବୋଲି ତ ଜଙ୍ଗଲ ନିଆଁ ଲିଭାଇଲେ। ଆଉ ଲୋକ ଅସୁବିଧା କଣ କଲେ ?

ବର୍ଷଣୀ : ମୁଁ ଜାଣିଛି ପରା ମୁଁ ଠିକ୍ କଥା କହିଲେ ତମକୁ ଅଡୁଆ ଲାଗୁଛି।

ମୁଖିଆ : କଥାଟା ସିନା କଥା ହିସାବରେ କହିଲେ ହେବ। ତମେ ତ ...

ବର୍ଷଣୀ : ଆମରି ଲୋକମାନେ ପୋଡୁଚାଷ କରିବା ପାଇଁ କେତେ ସୁନ୍ଦର ଜଙ୍ଗଲକୁ ନିଆଁ ଲଗାଇ ଦେଉଛନ୍ତି ନା ନାହିଁ ?

ମୁଖିଆ : [illegible]

ବର୍ଷଣୀ : ସେଥି ପାଇଁ କଣ ମୁଁ କହେ ...

ସୀତା : ହଉ ବର୍ଷଣୀ ତୁ ଠିକ୍ ଆମେ ଭୁଲ। ତୁ କହିଲୁ କହୁଁକି କହିଲୁ। ଆମେ ଏଥର ଆସ ଲୋକମାନଙ୍କୁ ଅନୁରୋଧ କରି କହିବା ପୋଡୁଚାଷ ନ କରିବା ପାଇଁ।

ସବିତା : ଖାଲି ସେତିକି ନୁହେଁ। ପୋଡୁ ଚାଷ କରିବା ଦ୍ୱାରା ଆମ ସୁନ୍ଦର ଜଙ୍ଗଲ ପୋଡ଼ିଜଳି ପାଉଁଶ ହେଇଯାଉଛି।

ରାଧୁଆ : ଯିଏ ଆମକୁ ସାହାରା ଦେଉଛି, ଖାଦ୍ୟ ଦେଉଛି, ଆମ ଗୁଜୁରାଣ ମେଣ୍ଟେଉଛି, ଆମେ ତାକୁ ଏମିତି କେବେ କଣ ଜଳିଯିବାକୁ ଦେବା ?

ସୀତା : କମାରୁ ନୁହେଁ ? ଯିଏ ଆମକୁ ଏତେ ସାହା ହେଉଛି ଆମେ ତାକୁ କେମିତି ଜାଳି ଦେବା ?

ମୁଖିଆ : ଆରେ ବାଃ ତମେମାନେ ତ ତମମାନଙ୍କ ଭିତରେ ବଢ଼ିଆ ଆଲୋଚନା କରୁଛ, ଦେଖିଲ ସମସ୍ତେ ଏକାଠି ବସିଲେ ବୋଲି କେତେ ନୂଆ କଥା ଆମ ମୁଣ୍ଡରେ ପଶିଲା।

ସବିତା : କଥାରେ ପରା ଅଛି ଦଳର ବଳ।

ରାଧୁଆ : ତୁ ଠିକ୍ କଥା କହିଲୁ ଲୋ ସବିତା, ତେଣୁ ଆମେ ସମସ୍ତେ ମିଶି ୩ଟି ଦଳ କରିବା, ପ୍ରତି ୮ ଘଣ୍ଟାରେ ଗୋଟାଏ ଦଳ ଜଙ୍ଗଲ ଜଗିବେ।

ସୀତା : ଜଙ୍ଗଲ ଜଗିବାକୁ ଜଗିବା ହେବ, ଆଉ କାହାରିକୁ ମଧ୍ୟ କଷ୍ଟ ହେବନି ନା କଣ କହୁଛୁ ?

ମୁଖିଆ : ଠିକ୍ ... ବିଲକୁଲ୍ ଠିକ୍ ... ତା ସାଙ୍ଗରେ ଆଉ ଗୋଟାଏ ଫାଇଦା ବି ହେବ।

ବର୍ଷଣୀ : ଆଉ ଗୋଟାଏ ଫାଇଦା ମାନେ ?

ସୀତା : (ହସି) ତୁ ପରା ସବୁ ଜାଣିଥିଲୁ ...। ଏମିତି ବୋକାଙ୍କ ପରି ହାଁ କରି କଣ ଚାହିଁଛୁ ?

ବର୍ଷଣୀ : ହଁ ବେଳ ପଡ଼ିଛି କହ କହ। ଛାଡ଼ିବୁ କାହିଁକି ?

ମୁଖିଆ : ସେ କଥା ନୁହେଁ, ସମସ୍ତେ କଣ ସବୁ କଥା ଜାଣିଥାନ୍ତି ? ତୁ ଏମିତି ବ୍ୟସ୍ତ କାହିଁକି ହେଉଛୁ ?

ରାଧୁଆ : ସେଇଥି ପାଇଁ ମୁଁ ତତେ କହୁଛି ବର୍ଷଣୀ ଉଡ଼ୁ ଉଡ଼ ନ ହେଇ ଟିକେ ଧୀରେସ୍ଥିରେ ଶୁଣ।

ମୁଖିଆ : ହଇ ଛାଡ଼ ... ମୁଁ କଣ କହୁଥିଲି ତ ... ଆଉ ଗୋଟାଏ ଫାଇଦା ମାନେ ଜଙ୍ଗଲ ସହିତ ଜଙ୍ଗଲ ଜନ୍ତୁ ମଧ୍ୟ ରକ୍ଷା ପାଇଥାନ୍ତି।

ବଂଶୀ : ଓ ହୋଃ ... ଏଇ କଥା ... ମୁଁ ଭାବିପାରି ନ ଥିଲି ।

ସୀତା : ନାଇଁ ତୁ ଭାବିବୁ କାହିଁକି ? ଖାଲି ଫୁଟାଣି ମାରି ଜାଣିବୁ ।

ସବିତା : ଯେମିତି ପଣ୍ଡିତଟାଏ । ସବୁ ଜାଣିଛି ।

ବଂଶୀ : ହଉ ହେଲା ... ମୁଁ ସିନା କଥା କହିବାରୁ ଏତେ ଅସୁବିଧା ହେଉଛି, ଏଥର ମୁଁ ଚୁପ୍ ରହିବି । ନା ମୁଁ କଥା ହେବି ନା ଆଉ ଚାରିପଦ ଶୁଣିବି ।

ସୀତା : ହେଇ ଦେଖ ଦେଖ ବଂଶୀର ମୁହଁ ପୁଣି ଫୁଲିଗଲାଣି ।

ମୁଖିଆ : ସୀତା ... କାହିଁକି ବଂଶୀକୁ ଚିଡ଼ାଉଛ କହିଲ, ଛାଡ଼ ଏଥର ଆଉ କଣ ଉପାୟ କରାଯାଇପାରିବ କୁହ ।

ସବିତା : ଆଉ କଣ, ସବୁ ତ ଆମେ ଆଲୋଚନା କଲେ ।

ବଂଶୀ : ଆଉ ଗୋଟାଏ କଥା ଅଛି ହେଲେ ମୁଁ କହିବିନି ।

ମୁଖିଆ : ଆରେ ବଂଶୀ କହ । ସମଷ୍ଟିଙ୍କ ସ୍ୱାର୍ଥ ରକ୍ଷା କରିବାକୁ ତୁ କଣ ତୋ ନିଜର ମାନ ଅଭିମାନକୁ ଦୂରେଇପାରିବୁନି ।

ବଂଶୀ : ମୁଁ କହିବି ଯେ ହେଲେ ସମଷ୍ଟିଙ୍କୁ କହି ଦିଅ । କେହି ଯେମିତି ମୋ କଥାରେ ଟିପ୍ପଣୀ ନ ଦିଅନ୍ତି ।

ରାଧୁଆ : ହଉ ହେଲା କେହି କିଛି କହିବେ ନାହିଁ କହ ।

ବଂଶୀ : ଆମେ ଯଦି ଜଙ୍ଗଲର ଚାରିପାଖରୁ କିଛି ପତ୍ର ଆଡ଼େଇ ଦେଇ ସଫା ରାସ୍ତାଟିଏ କରି ଦେବା ତେବେ ନିଆଁ ଆଉ ମାଡ଼ି ପାରିବ ନାହିଁ ।

ସବିତା : ଆରେ ବାଃ କି ସୁନ୍ଦର କଥାଟିଏ ମନେରଖିଛୁ ଅଥଚ ... ।

ସୀତା : ଆରେ କି କଥା ତା ମତେ ଟିକେ ବୁଝେଇ ଦେଉନ ।

ମୁଖିଆ : ଶୁଣ ଚାରିଆଡ଼େ ପତ୍ର ଗଦା ହୋଇଛି ତା ମଝିରୁ ଏକ ରାସ୍ତା ଆକାରରେ ଆମେ ପତ୍ର ଦୁଇ ପଟକୁ ଆଡ଼େଇ ଦେବା ।

ରାଧୁଆ : ମଝିରେ ରାସ୍ତା, ଦୁଇ କଡ଼ରେ ପତ୍ର । ଯଦି ବା କଡ଼ରୁ ନିଆଁ ଲାଗେ ତେବେ ନିଆଁ ରାସ୍ତାକୁ ପାରିକରିବ ନାହିଁ କି ଜଙ୍ଗଲ ଆଡ଼କୁ ନିଆଁ ମାଡ଼ି ପାରିବ ନାହିଁ ।

ସୀତା : ଠିକ୍ ... ରାସ୍ତାରେ ତ ପତ୍ର ନ ଥିବ ନିଆଁ ମାଡ଼ିବ କିପରି ?

ମୁଖିଆ : ଏବେ ବୁଝିଲୁ ତ ?

ସୀତା : ଏବେ ବୁଝିଲି ।

ବଂଶୀ : କାହିଁ କଣ ଓଲଟା ସିଧା କହିବାର ଅଛି ମତେ କହୁନ ... ।

ସୀତା : ଏଥର କଥା ତ ତୁ ଯେମିତି କିଛି ଖରାପ କହିନୁ ।

ମୁଖିଆ : ଆମେ ତ ପାଖାପାଖି ସମସ୍ତ ଯୋଜନା ବିଷୟରେ ଆଲୋଚନା କଲେ, ଏବେ କେମିତି ତାହାକୁ କାର୍ଯ୍ୟରେ ପରିଣତ କରିବା ସେଥିପାଇଁ ଚେଷ୍ଟାବାନ ହେବା । ହେଲେ ବଂଶୀ ତମେ ତ ଜଙ୍ଗଲର ଆରପଟରେ ରହୁଛ ତେଣୁ ସେପଟ ଜଙ୍ଗଲ ଦାୟିତ୍ୱ ତୁମର ।

ବଂଶୀ : ହଁ ... ହଁ ... ମୁଁ ନିଶ୍ଚିନ୍ତ କରିବି ।

ମୁଖିଆ : ତେବେ ଏଥର ଚାଲ ସମସ୍ତେ ଯିବା ।

ସମସ୍ତେ: ଚାଲ ... (ପ୍ରସ୍ଥାନ)

### ୪ର୍ଥ ଦୃଶ୍ୟ

*(ଲୋକମାନଙ୍କର କଥାବାର୍ତ୍ତା ସହିତ କାମ କରିବାର ଶବ୍ଦ, ସମସ୍ତେ ହାଲିଆ । ତଥାପି କାର୍ଯ୍ୟ ସରିବା ଖୁସିରେ ସମସ୍ତେ ଖୁସି ।)*

ରାଧୁଆ : ଓ ହୋଃ ... ବଡ଼ ଟିକେ କଷ୍ଟ ହେଉ ହେଲେ କାମଟା ସରିଗଲା ।

ସବିତା : ନେ ରାଧୁଆ ନେ ଏ ପାଣି ମୁନ୍ଦାକ ପିଇ ଦେଲୁ ।

ରାଧୁଆ : ତୁ ଠିକ୍ କହିଛୁ । ଏ କାମ ଗମ ଝାଳ ପରା ଶରୀରରୁ ସବୁ ଜଳୀୟ ଅଂଶ ନିଗାଡ଼ି ଦେଲାଣି । ଟିକେ ରହ ମୁଁ ପୋଛି ହେଇଯାଏ ।

ସୀତା : ଦେଲୁ ଦେଲୁ ମତେ ପାଣି ଦେ । ମୁଁ ଟିକେ ପିଇଦିଏ । (ପାଣି ପିଇଲା) ଓ ହୋଃ କି ଶାନ୍ତି ।

ସବିତା : ଆଲୋ ପାଣି ପିଇବାରେ ଯେତିକି ଶାନ୍ତି ଏ କାମ ସରିଯିବା ପରେ ତା ଠାରୁ ଅଧିକ ଶାନ୍ତି ଆଉ ଆନନ୍ଦ ।

ସୀତା : ତୁହେଁ ଆଉ କଣ ?

ରାଧୁଆ : (ଢକ ଢକ କରି ପାଣି ପିଇ ଦେଇ) ଓ ହୋଃ ... ଏ ବର୍ଷ ଯେମିତି ହେଲେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ।

ସବିତା : ଗାଁ ଟା ଯାକର ଲୋକଙ୍କ ମୁହଁରେ ସେଇ ଗୋଟିଏ କଥା ।

ସୀତା : କେମିତି ନ ହେବ କହୁନ । ଜଙ୍ଗଲରେ ଯଦି ନିଆଁ ଲାଗିଗଲା କହିଲ ଦେଖି ଏ ଯେଉଁ ଜନହନିଆ ବଉଳକୁ ଆୟତଣା ସବୁ ବାହାରିଗଲାଣି ଏ ସବୁ ରହିବଟି ।

ରାଧୁଆ : ଆଲୋ ସେ କଥା କହନି । ଅତି କମରେ ଟଙ୍କା ୧୦,୦୦୦ ଭାଗ ପଡ଼ିବ । ଏ ବରଷ ମତେ ଲାଗୁଛି ଆମ୍ବ ଗଛ ସାରା ଖାଲି ସିନ୍ଦୂର ହେଇଯିବ ।

ସୀତା : ତୋ ତୁଣ୍ଡ ସୁତୁଣ୍ଡ ହେଉରେ ରାଧୁଆ ।

ସବିତା : ଆଲୋ ସୁତୁଣ୍ଡ କଣ ହେବ ? ଦେଖୁବୁ ଏ ବରଷ କେତେ ଆୟ ହେବ ?

ରାଧୁଆ : ହେଲେ ମତେ ଗୋଟାଏ କଥା ଅଡୁଆ ଲାଗୁଛି ।

ସୀତା : କଣ ?

ରାଧୁଆ : ସେଇ ବର୍ଣ୍ଣଶୀ କଥା ... ?

ସବିତା : ମୋ ପାଟିରୁ ତୁ କଥା ଛଡ଼େଇ ନେଲୁ ।

ସୀତା : ମତେ ଲାଗୁଛି ସିଏ ବୋଧେ ଖାମଖିଆଲି ଢଙ୍ଗରେ କାମ କରିବ ।

ରାଧୁଆ : ସିଏ ଖାମଖିଆଲି ହେଉ ଆମେ କଣ ଛାଡ଼ିଦେବା ନା କଣ ? କାଲି ସକାଳୁ ଯାଇ ସେପଟ ଆଡୁ ଟିକେ ବୁଲି ଆସିବି । ଯଦି ସିଏ କାମ ଆରମ୍ଭ କରି ନ ଥାଏ ତା ଉପରେ ଚାପ ପ୍ରୟୋଗ କରି କାମଟା କରାଇବା ନା... ।

ସବିତା : ଦରକାର ହେଲେ ଆମେ ତା ସହିତ ମିଶି କାମ କରିଦେବା ।

ସୀତା : ସବିତା ଠିକ୍ କହିଛି । ଯେମିତି ବି ହେଲେ ଆମକୁ କାମ କରିବାକୁ ହେବ । ପରେ ଜଙ୍ଗଲରେ ନିଆଁ ଲାଗିଗଲେ କାହାକୁ ଦୋଷ ଦେଇ କିଛି ଲାଭ ହେବନି । କ୍ଷତି ସମସ୍ତଙ୍କର ହେବ ।

ରାଧୁଆ : ନୁହେଁ ଆଉ କଣ ? ଆମକୁ ଯେମିତି ବି ହେଲେ କାମ କରିବାକୁ ପଡ଼ିବ ।

ସବିତା : ଚାଲ ଆଜିର କାମ ବିଷୟରେ ମୁଖିଆଙ୍କୁ ଜଣାଇ କାଲିର କାମ ବିଷୟରେ ଯୋଜନା କରିବା ।

ରାଧୁଆ : ହଉ ଚାଲ ଯିବା । (ପ୍ରସ୍ଥାନ)

### ୫ମ ଦୃଶ୍ୟ

*(ଭୋରୁ ରାଧୁଆ ଉଠି ଦେଖେ ଆର ପାଖ ଜଙ୍ଗଲରୁ ଧୂଆଁ ଉଠିବା ପରି ଦେଖାଯାଉଥାଏ ।)*

ରାଧୁଆ : ଆରେ ଆସ ସେପଟ ଜଙ୍ଗଲରୁ କଣ ଧୂଆଁ ଉଠିବା ପରି ଲାଗୁଛି । କଣ ନିଆଁ ଲାଗିଲା କି ? ମୁଁ ଜାଣେ ପରା ଏ ବର୍ଣ୍ଣଶୀ ଦେଇ କିଛି କାମ ହେବନି । ଖାଲି ଯାହା ଫୁଟାଣିଆ ଗପ । ହେଲେ କୌଣସି କାମକୁ ହେଜ ନ ଥାଏ । ସବୁ କଥାରେ ଖାମଖିଆଲି ଢଙ୍ଗ ।

ଯଦି ନିଆଁ ଲାଗିଥିବ ତେବେ ତ ଚାହୁଁ ଚାହୁଁ ନିଆଁ ମାଡ଼ି ଆସିବ । ନା କିଛି ଗୋଟାଏ କାମ କରିବାକୁ ପଡ଼ିବ । ନା ଯାଏ ସମସ୍ତଙ୍କୁ ଡାକ ପକାଏ ।

ଆରେ ସୀତା, ସବିତା, ସାଧୁଆ କିଏ କୁଆଡ଼େ ଅଛ ଧାଇଁ ଆସରେ ଧାଇଁ ଆସ । ଆର ପାଖ ଜଙ୍ଗଲରେ ବୋଧେ ନିଆଁ ଲାଗିଛି ।

ସମସ୍ତେ: କାହିଁ ...କାହିଁ ...କୋଉଠି ... ?

ରାଧୁଆ : ଆର ପଟ ଜଙ୍ଗଲରୁ କେଡ଼େ ଜୋରରେ ଧୂଆଁ ଉଠୁଛି ଦେଖୁନ ।

ସବିତା : ହଁ ତ... ଚାଲ ...ଚାଲ ...

ରାଧୁଆ : ତମେ ସମସ୍ତେ ଗାଁ ବାଲା ଚାଲ ମୁଁ ମୁଖିଆଙ୍କୁ ଖବର ଦେଇ ଧାଇଁ ଯାଇ ପହଞ୍ଚୁଛି ।

ସବିତା : ହଉ ଆମେ ଆଗରୁ ଯାଉଛୁ, ତୁ ଆସି ଶୀଘ୍ର ପହଞ୍ଚ ।

ରାଧୁଆ : ମୁଁ ହେଇ ଗଲି ଆଉ ଆସିଲି ।

ମୁଖିଆ : (ପ୍ରବେଶ) କେହି ଯିବା ଦରକାର ନାହିଁ, ମୁଁ ଆସି ପହଞ୍ଚିଗଲିଣି ଚାଲ ସେ ପାଖ ଜଙ୍ଗଲକୁ ଯିବା ।

(ସମସ୍ତେ ପାଟିତୁଣ୍ଡ କରି ଧାଇଁ ଚାଲିଥାନ୍ତି ।)

ରାଧୁଆ : ଦେଖିଲେ ମୁଖିଆ ବର୍ଣ୍ଣଶୀର ଦେଖା ଦର୍ଶନ ନାହିଁ କି ପତ୍ର ମଧ୍ୟ ଆଡ଼ିଆ ହୋଇନି ।

ମୁଖିଆ : ହଉ ସେ କଥା ପରେ ବୁଝିବା ଆଗ ନିଆଁକୁ ଆୟତ୍ତ କରିବାକୁ ପଡ଼ିବ ।

ସୀତା : ଆରେ ସେ ପତ୍ର ସବୁ ଆଡ଼େଇ ପକାଅ ।

ସବିତା : ବାଲି ପକାଅ ସେ ନିଆଁ ଉପରେ ।

ରାଧୁଆ : ଶୀଘ୍ର ଶୀଘ୍ର କର ... ନିଆଁ ମାଡ଼ିବା ଆଗରୁ ଆମକୁ ଲିଭେଇବାକୁ ପଡ଼ିବ ।

ମୁଖିଆ : ହଁ ... ହଁ... ମୁଁ ଏହି ବାଡ଼ିରେ ନିଆଁକୁ ବାଡ଼େଇ ପକଉଛି । ପତ୍ରକୁ ମଧ୍ୟ ଦୂରକୁ ହଟେଇ ଦେଉଛି ।

ରାଧୁଆ : ବାସ ... ବାସ ... ଠିକ୍ ଅଛି । ଠିକ୍ ଏମିତି କର । ବାସ ... ବାସ ... ନିଆଁ ଟିକେ ଟିକେ ଲିଭି ଆସିଲାଣି ।

ସୀତା : ହଁ ବା ନିଆଁ ଲିଭିବନି, ସମସ୍ତେ ମିଶିଗଲେ ନିଆଁ ଲିଭିବନି ମନା କରିବ ।

ସବିତା : ଓ ହୋଃ ରକ୍ଷା ହେଇଗଲା ... (ଏତିକି ବେଳେ ଆସି ପହଞ୍ଚେ ବର୍ଣ୍ଣଶୀ )

ରାଧୁଆ : ହେଇତ ବର୍ଣ୍ଣଶୀ ଆସିଲାଣି ।

ମୁଖିଆ : ବଇଁଶୀ ତମେ ପରା ବିରୋଧ କରୁଥିଲ, ଆମ ଯୋଜନା ବିରୋଧରେ କହୁ ଥିଲ। ହେଲେ ଏଠିକା କାମ ତ କିଛି ବି କରିନ। ଆମେ ସେପଟରୁ ଆସି ପହଞ୍ଚିଲୁଣି, ତମର ଦେଖାଦର୍ଶନ ନାହିଁ।

ସୀତା : ପହଞ୍ଚିଲୁଣି କଣ ବା ଆମେ ପରା ନିଆଁ ଲିଭେଇ ସାରିଲୁଣି।

ରାଧୁଆ : ନାହିଁ ବଇଁଶୀ ତମେ ଯାହାବି କୁହ କିନ୍ତୁ ତମେ ଆମ କଥାକୁ ଗୁରୁତର ସହିତ ନେଇ ନାହିଁ।

ମୁଖିଆ : ନାହିଁ ତାକୁ ନିଶ୍ଚିତ ଶାସ୍ତି ମିଳିବ।

ବଇଁଶୀ : ମୋର ଭୁଲ ହେଇଗଲା। ଆଉ ଏମିତି ଭୁଲ ମୁଁ କରିବି ନାହିଁ।

ମୁଖିଆ : ଯାହା ହେଲେ ବି ତମକୁ ଦଣ୍ଡ ଭୋଗିବାକୁ ପଡ଼ିବ। ଆଜିଠାରୁ ତମେ ସମ୍ପୂର୍ଣ୍ଣ ଭାବରେ ଜଙ୍ଗଲ ଜଗିବାରେ ନିଜକୁ ନିୟୋଜିତ କରିବ। ଯଦି ସବୁ ଠିକ୍ ଠାକ୍ ଚାଲେ ତେବେ ତମକୁ ତମ ଭାଗର ଅଧା ମିଳିବ। ଯଦି ଆଉ କୌଣସି ଅଘଟଣ ଘଟେ ତମକୁ ତମ ଭାଗରୁ ସମ୍ପୂର୍ଣ୍ଣ ବେଦଖଲ କରାଯିବ। ନା କଣ କହୁଛ ଭାଇ ଭଉଣୀମାନେ।

ସମସ୍ତେ: ଠିକ୍ ଠିକ୍...

ବଇଁଶୀ : ମୋର ଏଇ ଭୁଲ୍ ପାଇଁ ମୁଁ ଦୁଃଖିତ। ହେଲେ ଏଇ ଭୁଲର ନିଶ୍ଚିତ ପ୍ରାୟଶ୍ଚିତ କରିବି। ମୁଁ ପ୍ରତିଜ୍ଞା କରି କହୁଛି ଆଜିଠାରୁ କୌଣସି ବର୍ଷ ବା ଦିନ ମୁଁ ଜଗାରଖା କରୁଥିବା ଜଙ୍ଗଲରେ ନିଆଁ ଲାଗିବାକୁ ଦେବି ନାହିଁ। ଏଥିରେ କାହାର ଲାଭ ହେଉ କି ନ ହେଉ କିନ୍ତୁ ମୋର ନିଜର ଓ ମୋର ପରିବାରର ଗୁଜୁରାଣ ମେଣ୍ଟେଇବାରେ ଏ ଜଙ୍ଗଲ ମତେ ଅନେକ ଉପାୟରେ ଅନେକ କିଛି ଜଙ୍ଗଲ ଜାତ ଦ୍ରବ୍ୟ ଦେଉଛି। ତେଣୁ ତାର ରକ୍ଷଣାବେକ୍ଷଣ ଆଜିଠାରୁ ମୋର ଦାୟିତ୍ୱ। ମୁଁ ନିଶ୍ଚିତ କରିବି ଏବଂ ସମସ୍ତ ଲୋକମାନଙ୍କୁ ବୁଝେଇ ସୁଝେଇ ଏହା କରିବା ପାଇଁ ପ୍ରବର୍ତ୍ତାଇବି।

ମୁଖିଆ : ଯାହା ହେଉ ବଇଁଶୀ ତ ଆଜି ତା ଭୁଲ ବୁଝିପାରିଛି ଏବଂ ନିଜକୁ ସୁଧାରି ନେଇଛି। ତେଣୁ ବଇଁଶୀ ପରି ଏମିତି ସମସ୍ତେ ବଦଳି ଯାଆନ୍ତୁ ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ। ଜଙ୍ଗଲ ତଳି ସମସ୍ତ ଅଧିବାସୀମାନଙ୍କୁ ଆମର ଅନୁରୋଧ ସମସ୍ତେ ସଜାଗ ରହନ୍ତୁ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ।

(ତା. ୧୬.୩.୨୦୧୩ରେ ଆକାଶବାଣୀରେ ପ୍ରସାରିତ)

## ବନାନୀ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଧିକାରୀ ଓ ବ୍ୟକ୍ତି ବିଶେଷ





















Issued by :
**Principal Chief Conservator of Forests & Head of Forest Force, Odisha**
Aranya Bhawan, Bhubaneswar - 751 023, e-mail: pccfodisha@gmail.com

Printed at Jyoti Graphics, 0674 2544709, 9437033771